ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ଜୁଲାଇ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।



କରୋନା ମହାମାରୀ ବର୍ତ୍ତମାନ ଗୋଷ୍ଠୀ ସଂକ୍ରମଣ ସ୍ତରରେ, ନିଜକୁ ରକ୍ଷା କରିବାକୁ ହେଲେ, ସଚେତନ ରହନ୍ତୁ, ନିଜର ଯତ୍ନ ନିଅନ୍ତୁ, ସାମାଜିକ ଦୂରତ୍ୱ ପାଳନ କରନ୍ତୁ, ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରନ୍ତୁ ।

Magazine Downloaded from www.aahwaan.com

ସୂଚୀପତ୍ର

ସମ୍ପାଦକଙ୍କ ପତ୍ର	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୬
କାହାଣୀ ବିଭାଗ		**୨୨**
ସୁନେଲୀ ସିଂହ	ଅଶୋକ ବିଶ୍ୱାଳ	୨୩
ପ୍ରତିଜ୍ଞା	ସୁବଳ ମହାପାତ୍ର	୨୬
ଡାକ୍ତର ଦାଶଙ୍କ ସାବିତ୍ରୀ	ବିଜୟ କୁମାର ପଣ୍ଡା	୩୨
ବିଦ୍ୟାର୍ଥୀ ଜୀବନେ ପିତୃଦୀକ୍ଷା	ଲକ୍ଷ୍ମଣ ମହାନ୍ତି	୩୫
ଜ୍ଞାନ୍ ଙ୍କେ ଟ୍ରାଫିକ୍	ଗଦାଧର ବଳ	୫୦
ବାରାଙ୍ଗନା	ଶୁଚିସ୍ମିତା ଗୌଡ଼	୫୮
ବାଟହୁଡ଼ା ପୁଅ	ସୁଷମା ପରିଜା	୬୦
ସେଦିନ ରାତିରେ	ଅନସୂୟା ପଣ୍ଡା	୭୨
ଜଗବନ୍ଧୁ ହେ ଗୋସାଇଁ	ନିତ୍ୟରଞ୍ଜନ ନନ୍ଦ	୭୭
ସରକାର ମୁଁ	ଦୁଷ୍ମନ୍ତ ବେହେରା	୮୨
ବାପା	ଦେବେନ୍ଦ୍ର ସାମଲ	୮୬
ଭାଉଜ ମାଆ	ଇଂ ବିଦ୍ୟାଧର ପଣ୍ଡା	୮୯
ଏକ ଅଭାବିତ ମୁହୂର୍ତ୍ତ	ସାଇ ପ୍ରସାଦ ସାହୁ	୯୯
ଉଚିତ ନିର୍ଣ୍ଣୟ	ମନୋଜ କୁମାର ବେହେରା	୧୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲାଜ ଲାଗେ କହିବାକୁ	ସୁଧାଂଶୁ ଶେଖର ବଳ	୧୦୫
ଶେଷ ଚିଠି	ପ୍ରେରଣା ଜେନା	୧୦୮
ସବୁ ଅଙ୍କ ଭୁଲ ହୋଇଗଲା	ବିଦ୍ୟାଧର ପଣ୍ଡା	୧୧୯
ମା'ର ମମତା	ପଦ୍ମନାଭ ନାୟକ	୧୩୩
କୂଳାଙ୍ଗାର	ଶାନ୍ତନୁ କୁମାର ରାଉତ	୧୩୬
କରୋନାର କାରୂଣ୍ୟ	ସଂଜୀବ ଦାସ	୧୩୯
ପ୍ରତୀକ୍ଷା	ଅନୁରୂପା ପଣ୍ଡା	୧୪୨
ତପସ୍ୱିନୀର ତିମିର	ରୋଜା ପଣ୍ଡା	୧୪୫
ଚନ୍ଦ୍ର	ସୌଭାଗ୍ୟବତୀ ଗିରି	୧୫୩
କାହାଣୀ ମୋ ଗାଁର	ସରୋଜ ପରିଡ଼ା	୧୫୪
କୁହାଳିଆ	ମହେଶ୍ୱର ସାହୁ	୧୫୯
କରୋନା : ଅଳ୍ପଗଳ୍ପ	ସୁଧାଂଶୁ ଶେଖର ଦ୍ୱିବେଦୀ	୧୬୨
କବିତା ବିଭାଗ		**୧୬୭**
ଚାଇନା ରାକ୍ଷସ	ଅଙ୍କିତା ପାଢ଼ୀ	୧୬୮
କରୋନା ଉଡ଼ାଏ ବାନା	ମହେଶ୍ୱର ସାହୁ	୧୭୦
ଅନ୍ନ ଚିନ୍ତା ଚମତ୍କାର	ଛବିରାଣୀ ପତି	୧୭୨
ରଜ ଗୀତ	ରଞ୍ଜନ କୁମାର ବ୍ରହ୍ମ	୧୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଜ ଗୀତ	ଶିଶୁକବି ରୁଦ୍ରରୂପା ବ୍ରହ୍ମା	୧୭୫
ଆଶାରେ ରଥ	ସେବକ ବସନ୍ତ କୁମାର ମହାପାତ୍ର	୧୭୬
ତୁମ ସ୍ମୃତିରେ	ଡିସମ୍ବର ମେହେର	୧୭୭
କଳାକାର	ଜନ୍ମେଜୟ ପଣ୍ଡା	୧୭୮
ଜାଗତିକ ସତ୍ୟ	ବିଶ୍ୱରଞ୍ଜନ ଦାଶ	୧୮୦
କୃଷ୍ଣରୁ ସର୍ଫରାଜ	ରୋହିତ ପଟ୍ଟନାୟକ	୧୮୧
ଅନାମିକା	ଆୟୁଷ୍ମାନ ତ୍ରିପାଠୀ	୧୮୨
ପ୍ରେମର ମୃତ୍ୟୁ	ପ୍ରଶାନ୍ତ କୁମାର ପଧାନ	୧୮୪
ମାଆ	ଭଜରାମ ସେଠୀ	୧୮୫
ପରିଚୟ	ଅଭୟ କୁଣ୍ଡ	୧୮୭
ଅନୁତାପ	ବାସନ୍ତୀଲତା ଜେନା	୧୮୯
ଛତରଖିଆ	ଜଗଦୀଶ ସାହୁ	୧୯୧
ମୋ ପ୍ରେମ	ଲିଟନ୍ କୁମାର ବେହେରା	୧୯୨
ଜୀବନର ଛନ୍ଦରେ ପର୍ଯ୍ୟାବରଣ	ଭାସ୍କର ଚନ୍ଦ୍ର ଖଣ୍ଡା	୧୯୩
ସଂଗ୍ରାମ	ଦେବାଶିଷ ପଧାନ	୧୯୫
କରୋନା	ଚାରୁବାଳା ନନ୍ଦ	୧୯୮
ଦି ଟୋପା ଲୁହ	ସୁବ୍ରତ ପାତ୍ର	୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାଇଲେ ଜାଣିବୁ	ସୌଭାଗ୍ୟ ରଞ୍ଜନ ମହାପାତ୍ର	୨୦୦
କରୋନା	ପ୍ରତ୍ୟାଶା ମହାପାତ୍ର	୨୦୨
ଯୁଦ୍ଧ ଚାଲିଛି	ଅର୍ଚ୍ଚନା ଦେଓ	୨୦୪
ବାପା	ଜୟଶ୍ରୀ ମହାରଣା	୨୦୫
ବଞ୍ଚିବାକୁ ଦିଅ	ଭୂପେନ୍ଦ୍ର ନାଏକ	୨୦୭
ଅବଶୋଷ	କମଳ ଲୋଚନ ମଲ୍ଲିକ	୨୦୮
ଭୋକ	ଆଶୁତୋଷ ମେହେର	୨୦୯
ମୂକସାକ୍ଷୀ	ଓଜସ୍ୱିନୀ ଶତପଥୀ	୨୧୧
ସୈନିକ ମୁଁ ସୀମାନ୍ତ ଯୋଦ୍ଧା	ରାମଚନ୍ଦ୍ର ପ୍ରଧାନ	୨୧୫
କରୋନା ଖାଇଲା ଚାକିରୀ ମୋର	ଶିଶିର କୁମାର ପଣ୍ଡା	୨୧୬
ବଳଦ	ତପନ କୁମାର ଦାଶ	୨୧୭
ଅଦେଖା ଦହନ	ସିଦ୍ଧେଶ୍ୱର ତ୍ରିପାଠୀ	୨୧୯
କେମିତି ଗଲ ଯେ ଭୁଲି	ସଂଯୁକ୍ତା ମହାପାତ୍ର	୨୨୦
ବିକ୍ଷିପ୍ତ ଭାବନା	ବିନୟ ମହାପାତ୍ର	୨୨୧
ଜାତିଭେଦ ପ୍ରକରଣ	ବେଣୁଧର ସୁରୁଜାଳ	୨୨୩
ବୃକ୍ଷ ହିଁ ଜୀବନ	ଅଲେଖ ମେହେର	୨୨୫
ମୋ ଗାଁ ମଶାଣୀ ମାଟି	ବାଲାଜୀ ସେଠୀ	୨୨୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଚଳିତ	ମନୋଜ କୁମ୍ଭାର	୨୨୮
ସମୟ ବଡ଼ ବଳବାନ	ବୈଦ୍ୟନାଥ ପଣ୍ଡା	୨୨୯
ଅବାଞ୍ଛିତ ଗର୍ଭ	ପ୍ରୀତିସୀମା ସ୍ୱାଇଁ	୨୩୧
ସନ୍ଧ୍ୟା ଅବକାଶ	ସୌମେନ୍ଦ୍ର ମହାନ୍ତି	୨୩୩
ରଣହୁଙ୍କାର	ଜଗବନ୍ଧୁ ସାହୁ	୨୩୪
ପ୍ରିୟ ତୁମେ	ଅଜିତ କୁମାର ମେହେର	୨୩୫
ପୁନଶ୍ଚ ପ୍ରିୟତମା	ସୌମ୍ୟରଞ୍ଜନ ପାଲ	୨୩୭
ଅବଶୋଷ	ରାକେଶ ଷଡ଼ଙ୍ଗୀ	୨୩୮
ଆସ ପ୍ରେମରେ ଭିଜିବା	ପ୍ରଶାନ୍ତ କୁମାର ନାଥ	୨୪୦
କରୋନାର ଆତଙ୍କ	ପବିତ୍ର ଦାସ	୨୪୧
କଣ୍ଢେଇବିକା ଝିଅ	ଶିବଶଙ୍କର ସାହୁ	୨୪୨
ଅମାନିଆ ଲୁହ	ପି. ପୁରବୀ ମହାନ୍ତି	୨୪୩
ଦେଖିବାକୁ ଜଗନ୍ନାଥ	ଶରତ ଚନ୍ଦ୍ର ଜାଲି	୨୪୫
ହିମବୀର	ରିପୁନ୍ ଜୟ ମହାପାତ୍ର	୨୪୭
ଚିରନ୍ତନ ସତ୍ୟ	ଲୀଳାମୟ ଶତପଥୀ	୨୪୮
ଆଲିଙ୍ଗନ	ରାଜଲକ୍ଷ୍ମୀ ସାହୁ	୨୫୦
ନିବେଦନ	ମନସ୍ୱିନୀ ପାଣିଗ୍ରାହୀ	୨୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଣ୍ଠିଲି	ଦୁଷ୍ମନ୍ତ ବେହେରା	୨୫୨
ବୋହୂ ବି ଘରର ଝିଅପରି	ନୂତନ କୁମାର ବେହେରା	୨୫୩
ମହାନତା	ହାସ୍ୟମୟୀ ରାଜ	୨୫୫
ବାପଘରେ ରହୁଥିବା ଝିଅ	ସୌଭାଗ୍ୟବତୀ ଗିରି	୨୫୭
ସ୍ୱପ୍ନ	ପୂର୍ଣ୍ଣିମା ଲେଙ୍କା	୨୬୦
ଭଲପାଏ ମୁଁ କେତେ	ଦମୟନ୍ତୀ ଜେନା	୨୬୨
କରୋନାରୁ ଶିକ୍ଷା	କ୍ଷମାନିଧି ସାହୁ	୨୬୪
କୁତ୍ସିତ ହେଲାଣି ସମାଜସ୍ଥିତି	ସନ୍ତୋଷ ପଟ୍ଟନାୟକ	୨୬୬
ଅଶ୍ରୁ ଅନଳ	ପଙ୍କଜିନୀ ଭୋଇ	୨୬୭
ପଲ୍ଲୀ ପ୍ରଭାତ	ଚିତ୍ତରଞ୍ଜନ ବାରିକ	୨୬୮
ଦେଶପ୍ରେମୀ ବନାମ ଦେଶଦ୍ରୋହୀ	ପ୍ରଶାନ୍ତ କୁମାର ମହାନ୍ତି	୨୬୯
କୃପାନିର୍ମାଲ୍ୟ	ସରୋଜିନୀ ମିଶ୍ର	୨୭୧
ଶରଧାବାଲିରେ ତିନିଠାକୁର	ସୌମ୍ୟରଞ୍ଜନ ସାହୁ	୨୭୨
ଜନ୍ମଦାତ୍ରୀ ମାତା	ଦୀପକ ଷଡ଼ଙ୍ଗୀ	୨୭୩
ଶିକ୍ଷକତା	ଚୈତନ୍ୟ ପ୍ରସାଦ ମେହେର	୨୭୪
କାଳିଆ ପ୍ରୀତି	ପ୍ରମିଳା ଦାସ	୨୭୫
ନିଃଶବ୍ଦ ମୂର୍ଚ୍ଛନା	ନିବେଦିତା ଜେନା	୨୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଜ ଗୀତ	ତପନ କୁମାର ଦାସ	୨୭୭
ମାତୃତ୍ୱର ଅନ୍ତଃସ୍ୱର	ମୃତ୍ୟୁଞ୍ଜୟ ପାତ୍ର	୨୭୯
ରାଜ୍ୟ ସରକାର	ଅଜିତ ପଧାନ	୨୮୨
ସନ୍ଥକବି ଭୀମଭୋଇ	ରାଧାମୋହନ ପୂଜାହାରୀ	୨୮୩
ପ୍ରାର୍ଥନା	ଜ୍ୟୋତ୍ସ୍ନାମୟୀ ପଲେଇ	୨୮୪
ବିଦ୍ରୋହର ରଙ୍ଗ	ସୁଚିସ୍ମିତା ଦାସ	୨୮୫
ମନେପଡ଼େ ଆଜି ସେହି ପିଲାଦିନ	ପ୍ରଭାତ ମିଶ୍ର	୨୮୭
ଜୀବନ ଠିକଣା	ଜାନକୀ ନାୟକ	୨୮୯
ଆହେ ଚକାଡ଼ୋଳା	ରାଜେନ୍ଦ୍ର ସାମଲ	୨୯୧
ହଁ ତୁମେ ମୋର ବନ୍ଧୁ	କ୍ଷୀରସିନ୍ଧୁ ନାୟକ	୨୯୩
ହସ ଆଉ ଲୁହା	ନାଟ୍ୟମହର୍ଷୀ ଭରତ ଧରୁଆ	୨୯୫
କ୍ରୀତଦାସ	ନାରାୟଣ ଚନ୍ଦ୍ର ସେନାପତି	୨୯୬
ସ୍ତବ୍ଧ ଉଦ୍ୟାନ	ସଂଜୀବ ଦାସ	୨୯୮
ଭିଜା ମାଟିର ବାସ୍ନା	ସତ୍ୟବ୍ରତ ସାହୁ	୩୦୦
ଅଫେରା ନଈ	ବିରେନ୍ଦ୍ର ନାୟକ	୩୦୧
କିଏ ତୁମେ ?	ନବୀନ କୁମାର ପଧାନ	୩୦୨
ଅଧୀନ	ଅନାମ ଚରଣ ସାହୁ	୩୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହା ହୁଅ ଜଗନ୍ନାଥ	ରୋହିତ ସେଠୀ	୩୦୪
ଚିହ୍ନା ଅଚିହ୍ନା	ଡଃ ମନୋରଞ୍ଜନ ବିଷୋୟୀ	୩୦୫
ବାପା ତମେ...	ଅଭିମନ୍ୟୁ ବେହେରା	୩୦୬
ଏ ସୃଷ୍ଟିକୁ ରକ୍ଷାକର	ଭାରତୀ ସାହୁ	୩୦୭
ଗଛ ଆମର ବନ୍ଧୁ	ରବୀନ୍ଦ୍ରନାଥ ବାହିନୀପତି	୩୦୮
ଆହ୍ୱାନ	ମୃତ୍ୟୁଞ୍ଜୟ ପଣ୍ଡା	୩୦୯
ସୀମାନ୍ତ ପ୍ରହରୀ	ପ୍ରକାଶ ଚନ୍ଦ୍ର ପଣ୍ଡା	୩୧୦
କବିତାର ଠିକଣା	ଡଃ ମମତା ପ୍ରିୟଦର୍ଶିନୀ ସାହୁ	୩୧୧
ହଟିଆ ଜଗା	ଶୁଭଶ୍ରୀ ସୁଆର	୩୧୨
ରଙ୍ଗୀନ ସ୍ୱପ୍ନ	ସୁନିଲ୍ ଦାସ	୩୧୩
କୃଷକ	ନିରଞ୍ଜନ ସାହୁ	୩୧୪
ବର୍ଷା	ମଞ୍ଜୁରାଣୀ ମିଶ୍ର	୩୧୫
ଅଭିଶପ୍ତା	ପ୍ରଣତୀ ସାହୁ	୩୧୬
ନୀଳ ଆକାଶ	ଅମରନାଥ ବାରିକ	୩୧୭
ସମ୍ପର୍କର ପୂର୍ଣ୍ଣଚ୍ଛେଦ	ସୁଶାନ୍ତ କୁମାର ଧଳ	୩୧୮
ରଥେ ବିଜେ ଜଗନ୍ନାଥ	ଚନ୍ଦ୍ରକାନ୍ତ ଜେନା	୩୧୯
ଶ୍ରମିକ ମୁଁ	ପୁଷ୍ପଲତା ସାହୁ	୩୨୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାହାଡ଼	ରୋଜା ପଣ୍ଡା	୩୨୧
ସ୍ୱପ୍ନର ନାୟିକା	ଯାଦବ ପ୍ରଦୀପ ପରୁଆ	୩୨୨
ମାଟି	ଚିତ୍ତରଞ୍ଜନ ପାତ୍ର	୩୨୩
ଅଦେଖା ଲୁହ	ଅଲିଭା ସାହୁ	୩୨୫
ଧ୍ରୁବସତ୍ୟ	ଗୁପ୍ତେଶ୍ୱର ଚାନ୍ଦ	୩୨୬
କରୋନା	ମାନସ ରଞ୍ଜନ ବେହେରା	୩୨୮
ଫୁଲଟିଏ	କିଶୋର ଚନ୍ଦ୍ର ନାୟକ	୩୨୯
ଶିକ୍ଷାବିହୁନେ ଜୀବନ ଶୂନ୍ୟ	ସମ୍ୟଜିତ ପାତ୍ର	୩୩୦
ବର୍ଷା	ମୀନକେତନ ବୋଡ଼କିଆ	୩୩୧
ସୂର୍ଯ୍ୟ ଚନ୍ଦ୍ର ପ୍ରେମିକ	ଭକ୍ତବନ୍ଧୁ ବିଶ୍ୱାଳ	୩୩୨
ପକ୍ଷୀ କୁହେ	ଦେବେନ୍ଦ୍ର ଭୁଏ	୩୩୩
ଚାଲିଯାଅ ତୁମେ ସାଥୀ	ଦେବାଶିଷ ଦିକ୍ଷୀତ	୩୩୫
ପ୍ରଥମ ଅନୁଭୂତି	ସରୋଜିନୀ ଦାସ୍	୩୩୭
ଭକତର ବନ୍ଧୁ ମୋ ଜଗନ୍ନାଥ	ଅଲୋକ କୁମାର ସାହୁ	୩୩୮
ବାପା	ଡଃ ଆଭାଞ୍ଜଳୀ ଶତପଥୀ	୩୪୦
ଇଏ କି ଦୁନିଆଁ	ଡଃ ପ୍ରସନ୍ନ କୁମାର ବଳ	୩୪୩
କରୋନା ପ୍ରଭାବ	ଡା ସୌମ୍ୟରଞ୍ଜନ ମିଶ୍ର	୩୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ତୁମ୍ଭଙ୍କୁ ପ୍ରଣିପାତ କଲି	ଚିତ୍ତରଞ୍ଜନ ସାହୁ	୩୪୮
ମୋ ପ୍ରିୟତମା	ବାଦଲ ମହାରଣା	୩୫୦
ଜଗନ୍ନାଥ ମହିମା	ସହଦେବ ପ୍ରଧାନ	୩୫୨
ନାରୀ ନୁହେଁ ତୁମେ ନଈ	ସେବକାନ୍ତ ନନ୍ଦ	୩୫୪
ଅଭିମାନୀ ପ୍ରିୟା	ସୌମ୍ୟରଞ୍ଜନ ପାତ୍ର	୩୫୬
ଜୀବନ କୁସୁମ	ଶ୍ରୀରାଜଶେଖର ସି ଚିମା	୩୫୭
ସ୍ୱଗତୋକ୍ତି	ଡା ନୀଳମାଧବ କର	୩୫୮
ସ୍ମୃତି ରୋମନ୍ଥନ	ସହଦେବ ପ୍ରସାଦ ଦାଶ	୩୫୯
ରଥଯାତ୍ରା ଏକ ଦୀର୍ଘନିଶ୍ୱାସ	ଦଣ୍ଡାସି ପ୍ରଧାନ	୩୬୦
ଚକା ଆଖି	ସୁଦିପ୍ତା ବେହେରା	୩୬୪
ଆୟୁଷ୍ମାନ ଭବ	ଶ୍ରୀମନ୍ ନାରାୟଣ ପାତ୍ର	୩୬୫
ମୋ ମାଟି କହେ	ଜୟନ୍ତ କୁମାର ସାହୁ	୩୬୯
ଫେରିବ ଦିନେ ନା ଦିନେ	ସୂର୍ଯ୍ୟ ପ୍ରକାଶ ନାୟକ	୩୭୧
କାହିଁ ଏତେ ଅନାଦର	ଆଶିଷ କୁମାର ବାରିକ	୩୭୨
କହି ହୁଏ ନାହିଁ	ବିଦ୍ୟାଧର ପଣ୍ଡା	୩୭୩
ମୃତ୍ୟୁ	ଲିପ୍ସା ଆଚାର୍ଯ୍ୟ	୩୭୪
ଅମର ଜ୍ୟୋତି, କାବ୍ୟ ସ୍ୱୟମ୍ବର	ଦେବଦତ୍ତ ସୁନା	୩୭୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଗାମୀ ପୃଥିବୀ ପାଇଁ	ସନାତନ ମହାକୁଡ଼	୩୭୮
ସମ୍ବଲପୁରୀ ବିଭାଗ		**୩୮୦**
ଅନ୍ଧାର୍	ପ୍ରସନ୍ନ ପ୍ରୟାସ ଭୁଏ	୩୮୧
ପତର	ମନୋରଞ୍ଜନ ସୁରୁଜାଳ	୩୮୨
ସହରର୍ ଝି	ସତ୍ୟନାରାୟଣ ମିଶ୍ର	୩୮୩
ମୁଇଁ ମଲେ କେନ୍ତା କରବୁ ?	ଦେବେନ୍ଦ୍ର ଭୁଏ	୩୮୪
କାହାର୍ ଲାଗି ମରୁଛ ?	ଦେବେନ୍ଦ୍ର ଭୁଏ	୩୮୬
ସମିଆ	ରମଣୀକାନ୍ତ ସାହୁ	୩୮୭
ସହଯୋଗ୍	ଯୁବରାଜ କୁଦେଇ	୩୮୮
ମା ମୋର୍ ପନତ୍ କାନି	ଆଶିଷ ଜ୍ୟୋତିଷ	୩୮୯
ଗରିବର୍ ମାଏପୋ ଶାଲି ହୁରିଆ	ସହଦେବ ଧରୁଆ	୩୯୧
ହରଚଣ୍ଡୀ ମନ୍ଦିର୍ ଆଶ୍ରମ୍	ବିଶ୍ୱନାଥ ଭୁଏ	୩୯୨
ଆଷାଢ଼ ମାସର୍ କହଁର୍	ଅରୁଣ କୁମାର ଭୋଇ	୩୯୩
ଦାଦନର୍ ଦୁଃଖ୍	ସାଇ ପ୍ରସାଦ ସାହୁ	୩୯୫
ହଲେ ବଲଦ୍	ପ୍ରସନ୍ନ ପ୍ରୟାସ ଭୁଏ	୩୯୮
ସାବିତ୍ରୀ କିଏ ?	ସତ୍ୟନାରାୟଣ ମିଶ୍ର	୪୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରବନ୍ଧ ବିଭାଗ ୪୦୩

ଜଗନ୍ନାଥ ସଂସ୍କୃତି ଓ ଉତ୍କଳ	ସନ୍ତୋଷ ପଟ୍ଟନାୟକ	୪୦୪
ବିଜ୍ଞାନର ଉନ୍ମାଦନା	ପଙ୍କଜ ପାଣିଗ୍ରାହୀ	୪୧୧
ସ୍ୱଜନତୋଷଣ (ନେପୋଟିଜ୍‌ମ)	ନିଗମ କୁମାର ବେହେରା	୪୨୩
ବୋଧହୁଏ ଏହା ହିଁ ସତ୍ୟଯୁଗର ପ୍ରାରମ୍ଭ	ପ୍ରହ୍ଲାଦ ସାହୁ	୪୨୯
ଭକ୍ତକବି ଜୟଦେବ	ପ୍ରଜ୍ଞା ପାରମିତା ମହାନ୍ତି	୪୩୩
ଗୋପବନ୍ଧୁ ଦାସ	ସୁଚିସ୍ମିତା ପାତ୍ର	୪୩୭
ନନ୍ଦିନୀ ଶତପଥୀ	ଦେବେନ୍ଦ୍ର ସାମଲ	୪୪୧
ଜୀବନ ଓ ଯୋଗ	ନୂତନ କୁମାର ବେହେରା	୪୪୫
ବୁହାନ୍ ବେଶି ଦୂର ନଥିଲା	ବିନୟ ମହାପାତ୍ର	୪୫୧
ବନସ୍ତ୍ରେ ଡାକୁଛି ଗଜ	ଇଂ ବିଦ୍ୟାଧର ପଣ୍ଡା	୪୬୬
ଭାବନାମୂଳେ ଏ ଜଗତ	ପ୍ରଜ୍ଞାଭାରତୀ ପାଣି	୪୭୦
କରୋନାର ତିନିଭୟ	ମହେଶ୍ୱର ସାହୁ	୪୭୩
ମୃତ୍ୟୁଭୋଜ ଦେବା ଅପରାଧ	ବାଲ୍ମୀକି ନାୟକ	୪୭୮
ବିଶେଷ ସୂଚନା		୪୮୨

ଭାରତୀୟ ସ୍ୱାଧୀନତା ଦିବସ (ଅଗଷ୍ଟ ପନ୍ଦର) ଉପଲକ୍ଷେ ଆହ୍ୱାନ ଇ-ପତ୍ରିକା ଦ୍ୱାରା ଏକ କବିତା ପ୍ରତିଯୋଗୀତା ଆୟୋଜନ କରାଯାଉଛି । ଏହି ବିଷୟରେ ବିଶେଷ ବିବରଣୀ ଆପଣଙ୍କୁ ଆମ ୱେବ୍‌ସାଇଟ୍‌ରେ ଆଗାମୀ ଦିନରେ ଦେଖିବାକୁ ମିଳିବ । ଇଚ୍ଛୁକ ବନ୍ଧୁମାନେ ଆମ ୱେବ୍‌ସାଇଟକୁ ଜୁଲାଇ ୨୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ପରିଦର୍ଶନ କରିବେ ।

Magazine Downloaded from www.aahwaan.com

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁଲାଇ ୨୦୨୦ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣକମଳରେ ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକପାଠିକା, ସାହିତ୍ୟିକ, ଶୁଭେଚ୍ଛୁ ଓ ସହାୟକଙ୍କ ସୁଖ, ସମୃଦ୍ଧି ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରୁଛି । ଜଗତର ନାଥ ଆମକୁ ସର୍ବଦା ସହାୟକ ହୁଅନ୍ତୁ, ଆମର ସମସ୍ତ ଦୁଃଖ କଷ୍ଟରୁ ଆମକୁ ମୁକ୍ତି ଦିଅନ୍ତୁ । କରୋନା ମହାମାରୀ ଏବଂ ଅବଚେତନ ମନରେ ଜାଗ୍ରତ ହେଉଥିବା ନିରାଶା ଓ ଅବସାଦରୁ ମୁକ୍ତି ଦିଅନ୍ତୁ । ଶୀଘ୍ର ଆମକୁ ଏକ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ଜଗତ ପ୍ରଦାନ କରନ୍ତୁ ।

ବର୍ଷ ୨୦୨୦ ଅର୍ଦ୍ଧାଧିକ ସମୟ ବିତିଗଲାଣି । ଇତିହାସରେ ଏହି ବର୍ଷ ଉଲ୍ଲେଖନୀୟ ହୋଇ ରହିବ । କେବଳ ଏଥିପାଇଁ ନୁହେଁ ଯେ ଏହି ବର୍ଷ ବିଶ୍ୱରେ କରୋନା ଭଳି ମହାମାରୀ ବ୍ୟାପିଥିଲା ଏବଂ ଏହାଫଳରେ ବିଶ୍ୱ ଜନସଂଖ୍ୟାର ଏକ ବିପୁଳ ଅଂଶ ପ୍ରଭାବିତ ହୋଇଥିଲା, ଆହୁରି ଏଥିପାଇଁ ଯେ ଏତେ ନୈରାଶଜନକ ପରିସ୍ଥିତିରେ ଥିବା ସତ୍ତ୍ୱେ ବିଶ୍ୱବାସୀ ଆଦୌ ଧୈର୍ଯ୍ୟହରା ହୋଇନଥିଲେ, ବରଂ କରୋନାକୁ ସଫଳତାର ସହ ସମ୍ମୁଖୀନ ହୋଇଥିଲେ । ଏହି ବର୍ଷ ଆହୁରି ମଧ୍ୟ ଅନେକ ଖବରପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରମୁଖ ରହିବ, ଯେଉଁଥିରେ ଅବସାଦ ହେତୁ ଆତ୍ମହତ୍ୟା ଏବଂ ପରୋକ୍ଷରେ ଆତ୍ମହତ୍ୟା ପାଇଁ ପ୍ରେରିତ କରାଯାଉଥିବା ଶକ୍ତିମାନଙ୍କର ସମ୍ପର୍କ ବିଷୟରେ ବି ଜନମାନସରେ ଜାଗ୍ରତ ସଚେତନତା ପ୍ରମୁଖ ରହିବ ।

ବିଶ୍ୱନିୟନ୍ତା, ବ୍ରହ୍ମାଣ୍ଡ ଗୋସାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଯେଉଁଭଳି ଭାବରେ ନିରାଡ଼ମ୍ବରରେ ପାଳିତ ହେଲା ଏବଂ ଜଗନ୍ନାଥ ଭକ୍ତ ଯେଉଁଭଳି ଭାବରେ ଅନୁଶାସନ ଏବଂ ବିଶ୍ୱ ପରିବେଶ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟପାଇଁ ନିଜର ସଂଯମତା ଦେଖାଇଲେ ତାହା ଉତ୍କଳୀୟ ଇତିହାସରେ ବିରଳତମ ଉଦାହରଣ ସୃଷ୍ଟି କରିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ରଥଯାତ୍ରା ବନ୍ଦ କରିବା ନେଇ ନିର୍ଦ୍ଦେଶ ଜାରୀ ହେବା ଏବଂ ଏହାପରେ ଭକ୍ତଙ୍କ ମଧ୍ୟରେ ଜାଗ୍ରତ ନୈରାଶ୍ୟକୁ ପୁଣିଥରେ ଜଣେ ଇସ୍‌ଲାମ ଧର୍ମାବଲମ୍ବୀ ଜଗନ୍ନାଥ ଭକ୍ତ ଆଫତାବ୍ ମହମ୍ମଦଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିବାପରେ ରଥଯାତ୍ରା ପାଇଁ ଅନୁମତି ମିଳିବା, ସବୁ ଜଗନ୍ନାଥଙ୍କ ଅନନ୍ୟ ଲୀଳା କହିଲେ ଅତ୍ୟୁକ୍ତି ହେବନାହିଁ । ଭକ୍ତ ସାଲବେଗଙ୍କ ପରେ ଯଦି ଆମେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେହିଭଳି ସମ୍ମାନ ଦେବା ତା ହେଲେ ସେ ଆଫତାବ୍ ମହମ୍ମଦ୍ ହେବେ ଏଥିରେ ଦ୍ୱିମତ ନାହିଁ ।

ପୁରୀ ବଡ଼ଦାଣ୍ଡରେ ହାତମୁଠା ସେବକ ଓ ସେବାୟତଙ୍କ ସହାୟତାରେ ଅତ୍ୟନ୍ତ ନିଷ୍ଠାର ସହ ବିନା କୌଣସି ଆଡ଼ମ୍ବରରେ ରଥଯାତ୍ରାର ଆୟୋଜନ ଦେଖିବାକୁ ବିରଳ ଲାଗୁଥିଲା । ଦଶ ଦିନର ଏହି ପର୍ବପରେ ବି ପୁରୀରେ କରୋନା ସଂକ୍ରମଣ ନ ହୋଇଥିବା ଆମ ପ୍ରଶାସନର ସଫଳତାକୁ ଦର୍ଶାଉଛି ।

ବିଗତ ଦିନରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଏବଂ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଇଦିନ ତଳେ ଓଡ଼ିଶାର ଜଣେ ଅତି ପରିଚିତ ମାନବପ୍ରେମୀ ଆଦିତ୍ୟ ଦାସଙ୍କ ଆତ୍ମହତ୍ୟାପରେ ଆମ ସମସ୍ତଙ୍କୁ ଆତ୍ମ ଅନୁଶୀଳନ କରିବାକୁ ବାଧ୍ୟ କରୁଛି । ସମାଜରେ ନୈରାଶ୍ୟ ଓ ଅବସାଦ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ଜଣାପଡୁଛି । ଏହା କଣପାଇଁ ହେଉଛି ତାହା ବିଷୟରେ ଆମେ ଚର୍ଚ୍ଚା କରିବା ହୁଏତ ଏହି ସଠିକ୍ ସମୟ ନୁହେଁ । କିନ୍ତୁ ଆମେ ହୁଏତ ଜାଣିନାହୁଁ ଯେ ବିଶ୍ୱରେ ପ୍ରତି ୪୦ ସେକଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି ଏହାଠାରୁ ଢେର୍ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିବା ବିଷୟରେ ଚିନ୍ତା କରୁଥିବେ ନିଶ୍ଚୟ । ଏହା କୌଣସି ମହାମାରୀଠାରୁ ଭିନ୍ନ ଅବସ୍ଥା ନ ହୋଇପାରେ । ଏଥିପାଇଁ ଆମ ସମସ୍ତଙ୍କୁ ସଚେତନ ହେବାକୁ ହେବ ।

ଅବସାଦ ହିଁ ଆତ୍ମହତ୍ୟାର ପ୍ରମୁଖ କାରଣ ବୋଲି ଭେଷଜ ବିଜ୍ଞାନ ଓ ମନୋବିଜ୍ଞାନ କୁହେ । ହେଲେ ଅବସାଦ କଣ ? ମାତ୍ରାଧିକ ନୈରାଶ୍ୟକୁ ଅବସାଦ ବୋଲି କହିପାରିବା । ନୈରାଶ୍ୟ କାହିଁକି ଜାତ ହୁଏ, ଯଦି ଆମେ ଆଶାନୁରୂପ ଫଳ ନ ପାଉ, କିମ୍ବା ଆମକୁ କେହି ସମ୍ମାନ ଦିଅନ୍ତି ନାହିଁ, କୌଣସି ଦ୍ରବ୍ୟ ବା ଘଟଣା ଆମକୁ ଉତ୍ସାହିତ ନ କରେ, ଅନ୍ୟମାନେ ଆମକୁ ସାହାଯ୍ୟ କରୁନାହାନ୍ତି ବୋଲି ମନେ ହୁଏ ଏମିତି ଅନେକ କାରଣ ଥାଏ । ସର୍ବାଧିକ ବ୍ୟକ୍ତି ଯେଉଁମାନେ ଆତ୍ମହତ୍ୟା କରନ୍ତି ସେମାନେ ନିଜ ମୃତ୍ୟୁର କାରଣ ଜୀବନରେ ବିଫଳତା ବୋଲି ଦର୍ଶାଇଥାନ୍ତି । ତା ହେଲେ ଆମେ ଜାଣିବାକୁ ହେବ ଯେ ସଫଳତା କଣ ? ସଫଳତାର ଅର୍ଥ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ । ଖାଇବାକୁ ପାଉନଥିବା ବ୍ୟକ୍ତି, ପାଇଁ ଘରଟିଏ ନ କରିପାରିବା, ପରିବାରକୁ ପୋଷି ନ ପାରିବାକୁ ବିଫଳତା ବୋଲି ମନେ କରେ, ସେତେବେଳେ ସାଇକେଲ୍ ଚଳାଉଥିବା ବ୍ୟକ୍ତି ଗାଡ଼ି ପାଉନାହିଁ ବୋଲି ଅସଫଳ ମନେ କରେ । ମାନବ ଜୀବନରେ ଆଶା ଅସୀମ । ଆଶା ହିଁ ମନୁଷ୍ୟକୁ ଅଗ୍ରସର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେବାକୁ ଉତ୍ସାହ ଦିଏ, କିନ୍ତୁ କିଛି ବ୍ୟକ୍ତି ଉନ୍ନତିକୁ ତୁରନ୍ତ ଦେଖିବାକୁ ଆଶା କରନ୍ତି ଏବଂ ଯେତେବେଳେ ସେମାନେ ବିଫଳ ହୁଅନ୍ତି ସେମାନେ ଆତ୍ମହତ୍ୟା ଭଳି ପଦକ୍ଷେପ ନେବାକୁ ପଛାନ୍ତି ନାହିଁ । ସେହିଭଳି ବ୍ୟକ୍ତି ଆମ ସମାଜରେ ଆମ ପରିବାରରେ ନିଶ୍ଚୟ ଭାବରେ ଥିବେ । ସେହିଭଳି ବ୍ୟକ୍ତିଙ୍କୁ ସହାନୁଭୂତି ଏବଂ ପ୍ରେରଣାର ବହୁତ ଆବଶ୍ୟକତା ରହିଛି ।

ପିଲାଦିନରୁ ଆମେ ସନ୍ତାନସନ୍ତତିଙ୍କୁ କେବଳ ପୁସ୍ତକକୀଟ କରିବାକୁ ଚାହୁଁ, ଚାହୁଁ ସେମାନେ କେବଳ ପଢ଼ନ୍ତୁ ଏବଂ ଅଧିକରୁ ଅଧିକ ଅଙ୍କ ରଖି ପରୀକ୍ଷାରେ ଉନ୍ନୀତ ହୁଅନ୍ତୁ, ଏହି ପ୍ରତିଯୋଗିତାମୂଳକ ମନୋଭାବ ଭିତରେ ଆମେ ସେମାନଙ୍କୁ ଜୀବନକୁ ବଞ୍ଚିବା ଏବଂ ପ୍ରତିକୂଳ ପରିସ୍ଥିତିରେ କେଉଁଭଳି ପଦକ୍ଷେପ ନେବା ସେ ବିଷୟରେ ବୁଝାଇବାକୁ ଭୁଲିଯାଉ । ଅନେକ ଅଭିଭାବକ ନିଜ ସନ୍ତାନମାନଙ୍କ ପାଖରେ ଅନେକ ଆଶା ବାନ୍ଧି ରଖନ୍ତି ଯାହା ଫଳରେ କୋମଳମତି ଶିଶୁମାନେ ମାନସିକ ଚାପର ବଶବର୍ତ୍ତୀ ହୋଇପଡ଼ନ୍ତି । ଏ ସବୁ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ । ଏବଂ ଏହିଭଳି ଛାତ୍ରଛାତ୍ରୀ ସାଧାରଣତଃ ଏକାକୀତ୍ୱକୁ ହିଁ ଶ୍ରେଷ୍ଠ ବୋଲି ଧରିନିଅନ୍ତି, ଏବଂ ସାମାନ୍ୟତମ ବିଫଳତାରେ ଅଧିକ ମାତ୍ରାରେ ଅବସାଦଗ୍ରସ୍ତ ହୋଇ ପଡ଼ନ୍ତି ।

ଆମ ସଭ୍ୟତାରେ ସବୁଠାରୁ ବଡ଼ ଶକ୍ତି ହେଉଛି ଆମ ପରିବାର । ପରିବାରରେ ଯଦି ପରସ୍ପର ପ୍ରତି ସ୍ନେହ ଓ ବିଶ୍ୱାସ ଥାଏ ତା ହେଲେ ସକାରାତ୍ମକ ଶକ୍ତିର ପ୍ରବାହ ହୁଏ ଏବଂ ଏହା ପରିବାର ପାଇଁ ଉଚିତ ମଧ୍ୟ । ସାମ୍ପ୍ରତିକ ସମୟରେ ଯୁଗ ପ୍ରତିଯୋଗିତାମୂଳକ ହୋଇଗଲାଣି । ଏଠି ପରିବାର ମଧ୍ୟ ଛୋଟ ହେବାକୁ ଲାଗିଲାଣି । ପରିବାରରେ ପରସ୍ପର ପାଇଁ ସମୟରେ ଘୋର ଅଭାବ ରହୁଛି । ଏହା ସବୁ ପରୋକ୍ଷରେ ଶିଶୁଙ୍କ ମାନସିକ ଅବସ୍ଥା ଉପରେ ପ୍ରଭାବ ପକାଉଛି । ଅନ୍ତତଃ କିଛି ସମୟ ସପରିବାର ଏକତ୍ରିତ ହୋଇ ବସିବା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହସିବା, ଖାଇବା, ଗାଇବା ଦ୍ୱାରା ମାନସିକ ଅବସାଦକୁ ଦୂରେଇ ହେବ । ବୋଧହୁଏ ଏଇଥିପାଇଁ ଅତୀତରେ ଆମ ଓଡ଼ିଶାରେ ବିଶେଷତଃ ପ୍ରତ୍ୟେକ ମାସରେ କିଛି ନା କିଛି ପର୍ବପର୍ବାଣୀ ପାଳିତ ହେଉଥିଲା, ଯେଉଁ ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ଫଳରେ ନିଜକୁ ଏକୁଟିଆ ବୋଲି ଅନୁଭବ କରିବାକୁ ସମୟ ମିଳୁନଥିଲା ।

ସେ ଯା ହେଉ, ଆତ୍ମହତ୍ୟାପ୍ରବଣତା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗୁଛି, ଯାହା ଆମ ମାନବ ସମାଜପାଇଁ ଅହିତକର । ଆମେ ସମସ୍ତେ ଏ ବିଷୟରେ ସଚେତନ ହେବା ଏବଂ ଚେଷ୍ଟା କରିବା ଆମ ପରିବାର, ବନ୍ଧୁବର୍ଗ, ସମାଜରେ ଯଦି କୌଣସି ବ୍ୟକ୍ତି ମାତ୍ରାଧିକ ନୈରାଶର ଶୀକାର ହେଉଛନ୍ତି ତାଙ୍କୁ ସକାରାତ୍ମକ କଥା କହିବା, କିମ୍ବା ମନୋଚିକିତ୍ସକଙ୍କ ସହାୟତା ନେବାପାଇଁ ପ୍ରୋତ୍ସାହନ କରିବା ।

ବିଗତ ମାସରେ ଭାରତ ଓ ଚୀନ ମଧ୍ୟରେ ଲଦାଖ ଅଞ୍ଚଳରେ ଝଗଡ଼ା ହୋଇଥିଲା ଯାହା ଜୁନ୍ ପନ୍ଦର ତାରିଖରେ ଉଗ୍ରରୂପ ନେବାପରେ ଭାରତର କୋଡ଼ିଏ ଜଣ ବୀର ସୈନିକ ମୃତ୍ୟୁବରଣ କରିଥିଲେ । ଯଦିଓ ଏଥିରେ ଚୀନର ମଧ୍ୟ ସୈନ୍ୟ ମୃତ୍ୟୁବରଣ କରିଥିଲେ କିନ୍ତୁ ଚୀନ ସେହି ସଂଖ୍ୟା ଘୋଷଣା କରିନାହିଁ । ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଏହି ସଂଖ୍ୟା ଚାଳିଶିରୁ ଶହେ ପର୍ଯ୍ୟନ୍ତ ହୋଇପାରେ । ଅନେକ ବର୍ଷରୁ ଚୀନ ବାରମ୍ବାର ଭାରତୀୟ ଭୌଗଳିକ କ୍ଷେତ୍ର ଭିତରକୁ ଅନଧିକୃତ ପ୍ରବେଶ କରି ଅସନ୍ତୁଳନତା ସୃଷ୍ଟି କରୁଥିଲା, କିନ୍ତୁ ଚଳିତ ସଂସ୍କରଣରେ ଭାରତୀୟ ସୈନ୍ୟବାହିନୀର ତ୍ୱରିତ ପଦକ୍ଷେପ ଏବଂ ବୈଶ୍ୱିକ ସ୍ତରରେ ଭାରତୀୟ କୂଟନୀତି ଏବଂ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଜର୍ମାନୀ ଓ ଜାପାନ୍ ଭଳି ମହାଶକ୍ତିମାନଙ୍କ ଅକୁଣ୍ଠିତ ସହାୟତାର ପ୍ରସ୍ତାବ ସମ୍ମୁଖରେ ଚୀନ ପଶ୍ଚାଦଗମନ କରିବା ଉଚିତ ମନେ କଲା । ତଥାପି ଭାରତର ଉତ୍ତର ସୀମାରେ ଉତ୍ତାପ କମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇନାହିଁ । କିନ୍ତୁ ଚୀନକୁ ପଛକୁ ଘୁଞ୍ଚାଇବା ଭଳି ସାହାସ ଓ ଅଦମ୍ୟ ବୀରତ୍ୱ ଦର୍ଶନ କରି, ଭାରତୀୟ ସୈନ୍ୟବାହିନୀ ଆମ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି ।

ବର୍ଷ ଆରମ୍ଭରୁ ଆମେ କରୋନା ରୂପୀ ମହାମାରୀ ସହ ଯୁଦ୍ଧ କରି ଚାଲିଛେ । ଏବେ ଯଦିଓ ଭାରତରେ କରୋନାଜନିତ ମୃତ୍ୟୁହାର କମ ରହିଛି, ତଥାପି ଦିନକୁ ଦିନ ନୂଆ ନୂଆ ପରିସଂଖ୍ୟାନ ସହ କରୋନାର ସଂକ୍ରମଣହାର ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶା ମଧ୍ୟ ଏଥିରେ ପଛରେ ନାହିଁ । ବର୍ତ୍ତମାନ ପ୍ରତ୍ୟକ୍ଷ ସଂକ୍ରମଣ ଓ ପରୋକ୍ଷ ସଂକ୍ରମଣ ସ୍ତର ପାର କରି କରୋନା ଗୋଷ୍ଠୀ ସଂକ୍ରମଣ ସ୍ତରରେ ପହଞ୍ଚିଲାଣି । ଏଥିପାଇଁ ଆମକୁ ଆଗ ଅପେକ୍ଷା ଅଧିକ ସକ୍ରିୟ ଭାବରେ ସଚେତନ ରହିବାକୁ ହେବ । ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ କରିବା ପାଇଁ ଯଥା ସମ୍ଭବ ଘରେ ରହିବା, ବାହାରକୁ ବାହାରିଲେ, ମାସ୍କ ଓ ଗ୍ଲୋଭ୍ ବ୍ୟବହାର କରିବା, ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବାନାହିଁ, ଘରକୁ ଫେରିଲେ ହାତକୁ ସାବୁନ ଦ୍ୱାରା ଭଲଭାବରେ ଧୋଇବା ଭଳି କିଛି କିଛି ପଦକ୍ଷେପ ନେବାକୁ ହେବ ।

ଆଶା କରୁଛି, ଆହ୍ୱାନ ପଢୁଥିବା ସମସ୍ତ ଓଡ଼ିଆ ବନ୍ଧୁ ଏବଂ ଏଥିରେ ପ୍ରକାଶିତ ସମସ୍ତ ସାହିତ୍ୟିକ ସୁରକ୍ଷିତ ରହିବେ । ଯଦି ଆପଣଙ୍କୁ କରୋନା ବିଷୟରେ ଜାଣିବାକୁ ଇଚ୍ଛା ତାହେଲେ ଇମେଲ୍ କରିଲେ ମୁଁ ନିଶ୍ଚୟ ଭାବରେ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିବି ।

ଆହ୍ୱାନର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ବୋଲି ଆଶା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁନେଲୀ ସିଂହ

ଅଶୋକ ବିଶ୍ୱାଳ

ହରିଣ, ମୟୂର ପକ୍ଷୀ ଆଉ ହନୁ ମାଙ୍କଡ ମଧ୍ୟରେ ସମ୍ବନ୍ଧ

ମୟୂର ପକ୍ଷୀହରିଣ ଆଉ ହନୁମାଙ୍କଡକୁ ସବୁବେଳେ ଲକ୍ଷ୍ୟ କରେ । ମୟୂର ବର୍ଷାର ଆଗମନରେ ମନ ଖୁସିରେ ପୁଚ୍ଛ ମେଲେଇ ମୟୂରୀ ଆଗରେ ନୃତ୍ୟ କରେ । ଏହି ନାଚ ଖୁବ୍ ଅଧିକ ଲମ୍ବା ହୋଇଥାଏ । ମୟୁର ମୟୂରୀ ଆଗରେ ନିଜର ବଡିମାକୁ ଦେଖାଇବାକୁ ଚାହେଁ । କିନ୍ତୁ ଏହି ସମୟ ତା ପାଇଁ ସବୁଠାରୁ ବିପଦ ଜନକ ହୋଇଥାଏ । ଯେହେତୁ ପୁଚ୍ଛ ଲମ୍ବା, ଆଉ ଥରେ ଖୋଲି ହୋଇଗଲେ ବନ୍ଦ କରିବାକୁ ସମୟ ଲାଗେ ସେହି ସମୟରେ ଉଡିବା ସହଜ ନ ହୋଇପାରେ । ସାଧାରଣତଃ ସେହି ସମୟରେ ମୟୂରମାନେ ଶିକାର ହୋଇ ଯାଇପାରନ୍ତି । ତେଣୁ ଶିକାରୀ ବିଷୟରେ ଜାଣିବା ପାଇଁ ମୟୂରମାନେ ହନୁମାଙ୍କଡ଼ ଆଉ ହରିଣମାନଙ୍କ ଉପରେ ନିର୍ଭର କରନ୍ତି । ହନୁମାଙ୍କଡ ଉପରୁ ଆଉ ହରିଣ ଦୂରରୁ ଶିକାରୀକୁ ଦେଖି ଦିଅନ୍ତି ଆଉ ବିପଦର ଡାକ ଦିଅନ୍ତି । ଏହି ବିପଦର ଡାକ ମୟୂର ଶୁଣିପାରେ ଆଉ ନିଜକୁ ବଂଚାଇବା ପାଇଁ ପ୍ରସ୍ତୁତ କରେ । ଯଦି ଜଙ୍ଗଲରେ ମୟୂର ନୃତ୍ୟ କରୁଛି ଏଥିରୁ ଜାଣିହେବ ଆଖ ପାଖରେ ହନୁମାଙ୍କଡ଼ ବା ହରିଣମାନେ ନିଶ୍ଚିତ ଭାବରେ ଅଛନ୍ତି ।

ସେମାନଙ୍କର ଜଣେ ଜଣକୁ ସାହାଯ୍ୟ କରିବା ମନୋବୃତ୍ତି ଜୀବନ ବଂଚାଇବାରେ ସାହାଯ୍ୟ କରେ । ଅବଶ୍ୟ ସେମାନେ ଅନ୍ୟକୁ ଜଣାଇବା ପାଇଁ ଡାକ ଦିଅନ୍ତି ନାହିଁ । ସେମାନଙ୍କର ଡାକର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଜ ଦଳର ଅନ୍ୟମାନଙ୍କ ସାବଧାନ କରାଇଦେବା । ଏହି ସାବଧାନ ଧ୍ୱନୀ କିନ୍ତୁ ଅନ୍ୟମାନଙ୍କ କାମରେ ଆସେ ।

ଏକ କାହାଣୀ ଏମିତି ଥିଲା । ଏକ ସିଂହ ଆକ୍ରମଣ କାରଣରୁ ଥରେ ଗୋଟିଏ ହରିଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛୁଆଟିଏ ନିଜ ଦଳ ଠାରୁ ଅଲଗା ହୋଇଗଲା । ଏକୁଟିଆ ହରିଣ ଜଙ୍ଗଲରେ ବଂଚିବା ବହୁତ କଷ୍ଟ, ପ୍ରାୟ ଅସମ୍ଭବ । କିନ୍ତୁ ଛୁଆଟି ନିଜର ଆଖ ପାଖରେ ରହୁଥିବା ଅନ୍ୟପ୍ରାଣୀ ମାନଙ୍କ ବିଷୟରେ ଯଥା ହନୁମାଙ୍କଡ ବିଷୟରେ ଆଉ ମୟୂର ବିଷୟରେ ଜାଣିଥିଲା । ତେଣୁ ଏମାନଙ୍କୁ ଦେଖିବା ଆଉ ଏମାନଙ୍କଠାରୁ ବିପଦର ଶବ୍ଦ ଶୁଣିବା ତା ପାଇଁ ଅନେକ ସାହାଯ୍ୟକାରୀ ହୋଇଥିଲା । ହରିଣ ଛୁଆଟି ତୃଷାର୍ତ୍ତ । ସେ ଆସି ଜଳସ୍ରୋତ ପାଖରେ ପହଞ୍ଚିଲା । ସେଠି କେବଳ ବାରହାମାନେ ଥିଲେ । ବାରହା ମାନେ ଖୁସିରେ ମାଟିତାଡି ଖାଉଥିଲେ ଆଉ ପଙ୍କରେ ଗଡେଇ ପଡେଇ ହୋଉଥିଲେ । ସେଇଠୁ ସେ ଖୁବ୍ ଶୀଘ୍ର ପାଣି ପିଇ ନେଲା । ପାଣି ପିଇ ଏକ ଗଡାଣିଆ ଘାସୁଆ ଯାଗାକୁ ଚାଲିଗଲା । ତାକୁ ଜଣାଥିଲା ଗଡାଣିଆ ଘାସୁଆ ଯାଗାରେ ଶିକାରୀ ପଶୁମାନେ ହଠାତ୍ ଆକ୍ରମଣ କରିବେ ନାହିଁ । ରାସ୍ତାରେ ଗୋଟିଏ ଶୃଗାଳକୁ ଦେଖିଲା । ବିଲୁଆଟି ତାକୁ ଆଖି ତାଡି ଅନାଇ ରହିଥିଲା । ବିଲୁଆମାନେ ସାଧାରଣତଃ ନିଜେ ଶିକାର କରନ୍ତି ନାହିଁ । ପଡିଥିବା ମାଂସକୁ ଖାଇ ବଞ୍ଚନ୍ତି । ହରିଣ ଛୁଆଟି ଟିକେ ଆଶ୍ୱସ୍ତ ହେଲା । ବିଲୁଆ ତାକୁ ନିଜେ ଶିକାର କରିବାକୁ ଆଗେଇ ଆସିବ ନାହିଁ । ଛୁଆଟି ତଥାପି ଡରିଯାଇଥାଏ । ସେ ଜାଣିଥିଲା ସେ ସହଜରେ ବିଲୁଆଠୁ ଜୋରରେ ଦୌଡି ଯାଇପାରିବ । ବିଲୁଆଟି ମଧ୍ୟ ଜାଣିଥିଲା ହରିଣ ଛୁଆକୁ ଗୋଡାଇ ଧରିପାରିବ ନାହିଁ । ତେଣୁ ବିଲୁଆ ତା ପଛରେ ଆଉ ଦୌଡିଲା ନାହିଁ ।

ହରିଣ ଛୁଆଟି ଏମିତି ଆଗେଇ ଯାଉଥିଲା । ସବୁବେଳେ କିଛି ଗୋଟାଏ ହରିଣ ଦଳ ଖୋଜୁଥିଲା । ସେଇଠି ସେ ନିରାପଦରେ ବଂଚି ପାରନ୍ତା । ଏମିତି ଖୋଜୁ ଖୋଜୁ ଦଳେ ମୟୂର ପକ୍ଷୀଙ୍କୁ ଦେଖିଲା । ମୟୂର ପକ୍ଷୀ ମାଟିରୁ ଚାରା ଖୋଜୁଥିଲେ । ନିଜର ଅନୁଭୂତିରୁ ସେ ଜାଣିଥିଲା ଯଦି ସେ ମୟୂର ପକ୍ଷୀମାନଙ୍କ ପାଖରେ ରହେ ତାହାହେଲେ ସେ ନିରାପଦ । ଏହି ପକ୍ଷୀମାନେ ନିଶ୍ଚିତ ଭାବରେ ବିପଦର କିଛି ସଂକେତ ଦେବେ । ତେଣୁ ଯେହେତୁ ସେ ଏକୁଟିଆ ଥିଲା ସେ ମୟୂର ପକ୍ଷୀମାନଙ୍କ ପଛରେ ଚାଲିବାକୁ ଆରମ୍ଭ କଲା । ଯେତେବେଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପକ୍ଷୀମାନେ ମାଟି ଆଡେଇ କିଛି ଖାଆନ୍ତି ସେତେବେଳେ ସେ ଖାଇବାକୁ ଆରମ୍ଭ କରେ । ଯେତେବେଳେ ପକ୍ଷୀମାନେ ଏପଟ ସେପଟ ଦେଖନ୍ତି ସେ ମଧ୍ୟ ମୁଣ୍ଡ ଉଠାଇ ଏପଟ ସେପଟ ଦେଖେ । ସେ ସେମିତି ମୟୂର ପକ୍ଷୀମାନଙ୍କ ସହିତ ଚାଲିଥାଏ । ଯଦି ପକ୍ଷୀମାନେ ଅଳ୍ପ ଟିକେ ଉଡିଯାନ୍ତି ତାହାହେଲେ ତା ସହିତ ହରିଣ ଛୁଆଟି ଦୌଡେ ।

ଏମିତି ଦୁଇ ଘଂଟା ବିତିଗଲା । ହରିଣ ଛୁଆଟି ମୟୂର ପକ୍ଷୀମାନଙ୍କ ସହିତ ଚାଲୁଥାଏ ବେଳେବେଳେ ଖାଉଥାଏ ଆଉ ବେଳେବେଳ ଦୌଡୁଥାଏ । ଛୁଆଟି କେବେବି କେଉଁ ବୁଦା ଗହଳି ପାଖକୁ ଯାଉ ନଥାଏ । ତାକୁ ଜଣାଥିଲା ବୁଦା ଗହଳି ପାଖରେ ହୁଏତ ଶିକାରୀ ପଶୁ ଛପି ରହିଥାନ୍ତି । ମୟୂର ପକ୍ଷୀମାନେ ମଧ୍ୟ ବୁଦାଳିଆ ଅଂଚଳକୁ ପସନ୍ଦ କରନ୍ତି ନାହିଁ । ସେମାନେ ପ୍ରାୟେ ଖୋଲା ଅଂଚଳରେ ରହିବାକୁ ପସନ୍ଦ କରନ୍ତି । ତେଣୁ ସେମାନଙ୍କୁ ଦେଖା ଦେଖି ମଧ୍ୟ ହରିଣ ମଧ୍ୟ ଖୋଲା ଅଂଚଳରେ ରହୁଥିଲା ।

ହଠାତ୍ କିଛି ଛୋଟ ଡାଳ ଭାଙ୍ଗିଯିବାର ଶବ୍ଦ ଆସିଲା । ମଡ ମଡ ଶବ୍ଦ । କାହା ପାଦ ତଳେ କିଛି ଡାଳ ଭାଙ୍ଗିଯାଉଛି । ସାଙ୍ଗେ ସାଙ୍ଗେ ମୟୂର ପକ୍ଷୀଗୁଡା ଉଡ଼ିଗଲେ ଆଉ ଡରରେ ହରିଣ ଛୁଆଟି ଅନ୍ୟ ଦିଗରେ ଦୌଡି ଚାଲିଗଲା । ମନରେ ଅସୁମାରୀ ଭୟ । ସେ ହଠାତ୍ ବୁଝିପାରିନଥିଲା । କିନ୍ତୁ ତା ଗୋଡରେ ଅସମ୍ଭବ ସ୍ଫୁର୍ତ୍ତୀ ଆସିଲା ସେ ଖୁବ୍ ଜୋରରେ ଦୌଡିଲା । ଭାଗ୍ୟକୁ କିଛି ନ ଥିଲା । ଗୋଟିଏ ବାରହା ପାଣି ପିଇବା ପାଇଁ ଚାଲି ଆସୁଥିଲା । ଶେଷରେ ଯାହାହେଉ ହରିଣ ଛୁଆଟି ନିଜ ଦଳକୁ ଖୋଜି ପାଇଲା । ନିଜ ଦଳ ପାଖକୁ ଖୁବ୍ ଜୋରରେ ଦୌଡିଗଲା । ସେଇଠି ତା ମା' ଥିଲା ଆଉ ଖୁସିରେ ମା'କୁ ମା' ପେଟରେ ମୁଣ୍ଡ ଭୁସିଦେଲା ଆଉ ମୁଣ୍ଡ ଭୂଷି ସ୍ତନ୍ୟପାନ କରିବାକୁ ଲାଗିଲା । ଏହି ଅସ୍ୱାଭାବିକ ବନ୍ଧୁତା ହେତୁ ହରିଣ ଛୁଆଟି ଏକାକୀ ହୋଇଗଲେ ମଧ୍ୟ ନିଜର ଜୀବନକୁ ବଂଚାଇ ପାରିଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତିଜ୍ଞା

ସୁବଳ ମହାପାତ୍ର

"ଆଲୋ ହେ ରାଣ୍ଡ, ହେ ପୁକୁରା, ହେ ବଡ ରୋଗିଆ, ହେ କୁଷ୍ଠ ରୋଗିଆ, ସକାଳୁ ସକାଳୁ କିଏ ସେ ମଲା ମୋ ପିଜୁଳି ଗଛରେ ? ଏ କଷି ପିଜୁଳିକୁ ବି ରଖେଇ ଦେଉନାହାନ୍ତି । ଯ୍ୟାଙ୍କ ପେଟ ତ ପୋଡି ଯାଉଛି । ଯାହାତ ଖାଉଛନ୍ତି ଖାଉଛନ୍ତି, ଡାଳ ସବୁ ଭାଙ୍ଗି ପକାଉଛନ୍ତି । ତମକୁ ମରଣ ହେଉନି ଯାହା" ସକାଳୁ ସକାଳୁ ପାଟି କରୁଥିଲା ଟିମା ସ୍ତ୍ରୀ ।

ସେପଟୁ ଭାସି ଆସିଲା ଆଉ ଗୁଡିଏ ଗାଳି... ଆଲୋ ହେ ବାଞ୍ଝ, ନିଜର ଛୁଆ ବକଟେ ନାହିଁ ବୋଲି ସବୁବେଳେ ମୋ ଛୁଆ ଉପରେ କିଆଁ ଆଖି ପକଉଛୁ ? ତୋର କିଏ କଣ ଖାଇଲା, ମୋ ଘର ଆଡ଼େ ଚାହିଁ କିଆଁ ଶୋଧୁଛୁ । କହି ଉଠିଲା ନରି ମା ।

ତା ପରେ ଭାଷା, ଅଭାଷା, କୁଭାଷାକୁ ନେଇ ଭାରି ଗୁଡିଏ ଗାଳି ଫଜିତ । ସକାଳୁ ସକାଳୁ ଏମାନଙ୍କ ଗାଳି ନ ଶୁଣିଲେ ସକାଳ ହୁଏନି ସେ ବସ୍ତିରେ ।

ସହର ତଳି ଅଞ୍ଚଳରେ କିଏ କୁଆଡୁ ଆସି ବସି ଯାଆନ୍ତି, କେହି ଖବର ରଖନ୍ତିନି । ସେମିତି ଆସିଥିଲେ ଏମାନେ ଦୁଇ ଘର । ସରକାରର ଅନାବାଦୀ ଜମି ଉପରେ କବଜା କରି ତିଆରି କରିଥିଲେ ନିଜ ନିଜର ନୀଡ଼ । ସାଙ୍ଗସାଥୀ, ଭାଇବନ୍ଧୁ କାହାର କିଏ ଅଛନ୍ତି, ନାହାନ୍ତି କେହି ଖବର ରଖନ୍ତିନି ।

ଟିମାର ପିଲାପିଲି ନାହାନ୍ତି, କେବଳ ସ୍ୱାମୀ ସ୍ତ୍ରୀ ଦୁଇଜଣ । ଚିରୁ, ତା ସ୍ତ୍ରୀ ଓ ପୁଅ ନରି । ଦୁଇଟି ଘର କୁଆଡୁ ଆସି ବସା ବାନ୍ଧିଲେ ଏ ଅଂଚଳରେ । କିଛି କିଛି ଅନାବାଦୀ ଜମି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୋର ଜବରଦସ୍ତ କବଜା କରି ତିଆରି କଲେ ଘର ।

ଚିରୁର ପୁଅକୁ ଦେଖି ଟିମା ସ୍ତ୍ରୀ ମନ ଦୁଃଖ କରେ । କେତେ କରି ଡାକେ ଭଗବାନଙ୍କୁ । କିନ୍ତୁ ସେ କଣ ଶୁଣନ୍ତି ? ଯାହାର ଥାଏ ତାକୁ ଦିଅନ୍ତି, ଯାହାର ନଥାଏ ? ସେ ଯେତେ ବାଡେଇ ପିଟି ହେଲେ ବି ତାକୁ ମିଳେନି । ଚିରୁର ସ୍ତ୍ରୀ ପୁଣି ଥରେ ଗର୍ଭବତୀ ହୁଏ । ଟିମା ସ୍ତ୍ରୀ ଖୁସି ହୁଏ । ଭଗବାନଙ୍କୁ ଡାକେ । କିନ୍ତୁ ସାହିଭାଇ ପାଖପଡୋଶୀ ପରା ସଜ ମାଛରେ ପୋକ ପକେଇ ଦେବେ । କୌଣସି କାରଣରୁ ଚିରୁ ସ୍ତ୍ରୀର ଗର୍ଭନଷ୍ଟ ହୋଇଯାଏ ଆଉ ଲୋକଙ୍କୁ ମଉକା ମିଳିଯାଏ ...

କଂସା ପାଖରେ କଂସା ରହିଲେ ବାଜିବ ହିଁ ବାଜିବ । ତେଣୁ ସବୁଦିନ ସକାଳୁ ସକାଳୁ କିଛି ନା କିଛି କାରଣକୁ ନେଇ ଏମାନଙ୍କ ଭିତରେ ଟୁଙ୍ଗ ଟାଙ୍ଗ ଶୁଭେ । ପୁଣି ଚାଲିଯାଆନ୍ତି ସମସ୍ତେ ନିଜ ନିଜ କାମରେ । ଏଇତ ଜୀବନ ।

ସେଦିନର ଗାଳି କିନ୍ତୁ ଥିଲା ଏ ଦୁଇଘରର ଶେଷ ଗାଳି । ପରଦିନ ସକାଳୁ ଉଠୁ ଉଠୁ ସବୁକିଛି ଶାନ୍ତ ଲାଗୁଥିଲା । ଟିମା ସ୍ତ୍ରୀ ଯେତେ ଗାଳି କଲେବି ଅପର ପଟରୁ କିଛି ଶୁଭୁ ନଥିଲା । କିଛି ସମୟ ପରେ ଶୁଣାଗଲା ନରିର କାନ୍ଦ । ଆଠ ବର୍ଷର ଛୁଆଟି ରାହା ଧରି କାନ୍ଦି କାନ୍ଦି ଉଠାଉଥିଲା ତା ମାବାପାଙ୍କୁ । କିନ୍ତୁ ସେମାନେ ଶୋଇ ଯାଇଥିଲେ ସବୁଦିନ ପାଇଁ । ଗତ ରାତିରେ ଶୋଇଥିଲା ବେଳେ ସାପ କାମୁଡିବା ଯୋଗୁଁ ସେମାନେ ତାଙ୍କ ଜୀବନ ହରେଇ ସାରିଥିଲେ । ସାଇ ଭାଇଙ୍କ ଆହାଃ, ଚୁ...ଚୁ... ଭିତରେ ବସ୍ତିର କିଛି ସହୃଦୟ ବ୍ୟକ୍ତିଙ୍କ ବଦାନ୍ୟତା ଯୋଗୁଁ ଶେଷକୃତ୍ୟ ହୋଇ ପାରିଥିଲା ଏ ଦୁଇଜଣଙ୍କର ।

କିନ୍ତୁ ନରି ଯିବ କୁଆଡେ ? ନା କେହି ବନ୍ଧୁ ବାନ୍ଧବ ଅଛନ୍ତି ନା ମାମୁଁ ମାଉସୀ କି କକା ପିଉସୀ । ବସ୍ତିର ଲୋକମାନେ କିଏ କେତେ ମନ୍ତବ୍ୟ ଦେଲେ, "ଅନାଥ ଆଶ୍ରମରେ ଛାଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିଅ, ସରକାରକୁ କହି କିଛି ବ୍ୟବସ୍ଥା କର" କିନ୍ତୁ ସହି ପାରିନଥିଲା ଟିମା ସ୍ତ୍ରୀ । ସବୁଦିନ ସକାଳୁ ସକାଳୁ ଗାଳି କରୁଥିବା ପାଟିଟା ଆଜି କିନ୍ତୁ ଚୁପ ହୋଇ ଯାଇଥିଲା । ଜଣେ ମା'ର ହୃଦୟ ବିଗଳିତ ହୋଇ ଉଠୁଥିଲା । ନରମ ଚାହାଣିରେ ସେ ପ୍ରଶ୍ନ କଲା ଟିମାକୁ । ଟିମା ବି ଆଖି ଆଖିରେ ଇସାରା ଦେଲା । ପୁରୁଷପ୍ରଧାନ ଘରେ ପୁରୁଷର ବିନା ଅନୁମତିରେ କିଛି ହୁଏ କି ? ଟିମା ବି ତ ସେଇୟା ଚାହୁଁଥିଲା । ଟିମାର ଇଚ୍ଛାକୁ ଯେମିତି ଭଗବାନ ଟିମା ସ୍ତ୍ରୀର ମୁଣ୍ଡରେ ନେଇ ଥୋଇ ଦେଇଥିଲେ ।

"ସେ ମୋ ପାଖରେ ରହିବ" ଏ କଥାଟି ଟିମା ସ୍ତ୍ରୀ, ଏତେ ଜୋର ଦେଇ କହିଲା ଯେ ବସ୍ତିରେ ଥିବା ସବୁ ଲୋକଙ୍କ କଥାବାର୍ତ୍ତା ବନ୍ଦ ହୋଇ ଯାଇଥିଲା । ସେଦିନୁ ସମସ୍ତେ ଜାଣନ୍ତି ନରି, ଟିମାର ପୁଅ । ଆଉ ସେ ନରିର ମା... ପ୍ରଥମେ ପ୍ରଥମେ ନରି, ଟିମା ସ୍ତ୍ରୀକୁ ଭରସି ପାରୁନଥିଲା । ଏତେ ଦିନ ଗାଳି ଶୁଣି ଶୁଣି ହଠାତ କି କେମିତି ଭରସିଥାନ୍ତା ? କିନ୍ତୁ ପରେ ମା'ର ମମତା ଟିକକ ପାଇ, ମା ବୋଲି ଡାକି ଭରସି ଗଲା ।

ସେଦିନୁ ଆଜି ଯାଏଁ ବର୍ଷ ପରେ ବର୍ଷ ବିତି ଯାଇଛି । ଆଠ ବର୍ଷର ଛୁଆଟି ଆଜି ଅଠର ବର୍ଷରେ ପହଞ୍ଚି ଗଲାଣି । ଦିନେ ହେଲେବି କୌଣସି ଜିନିଷରେ କମି ରଖିନାହାନ୍ତି ତା'ର । ଓଳିଏ ଖାଇ ଆର ଓଳି ପେଟରେ ଓଦା କନା ଦେଇ ଶୋଇଛନ୍ତି । କିନ୍ତୁ ଯେତେ ପରିଶ୍ରମ ପଡୁ ପଛେ ତାକୁ ପାଠ ପଢେଇବାକୁ ନେଇଥିବା ନିଷ୍ପତ୍ତି ଆଜି ସଫଳ ହୋଇଛି । ବାପା ମା'ଙ୍କର ଏକୋଇରବଳା ପାଠ ପଢି ଆଜି ସେମାନଙ୍କ ନାଁ ରଖିଛି ।

ପେଟରେ ନଅମାସ ଧରି ତାକୁ ଜନ୍ମସିନା ଦେଇନି, କିନ୍ତୁ ମମତା ଦେବାରେ କେବେ ଉଣା କରିନି । ଟିମା ବି କେଉଁ କମ କି ? ପୁଅ ଆସିଲା ପରେ କେବେବି କୌଣସି କଥାକୁ ତଳେ ପକେଇ ଦେଇନି ସେ । ମା, ସିନା ଖାଇବା ପିଇବା ଦେଇ ବଡ କରେ, ବାପା ତାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂସ୍କାର ଶିଖାଏ, ପାଞ୍ଚ ଜଣରେ ଜଣେ କରି ଠିଆ କରେ । ପିଲା ଗର୍ଭସ୍ଥ ହେଲା ପରେ ମା ପେଟରେ ରହେ କିନ୍ତୁ ଗର୍ଭସ୍ଥ ହେବାର ବହୁତ ପୂର୍ବରୁ ବାପା ମୁଣ୍ଡରେ ଥାଏ । କଣ ପିନ୍ଧିବ, କଣ ଖାଇବ, କଣ କରିବ, କେମିତି ପାଠ ପଢିବ, କେମିତି ଜଣେ ହୋଇ ଠିଆ ହେବ ଏସବୁ ଭବିଷ୍ୟତର ଆଶଙ୍କା ବାପା ମୁଣ୍ଡରେ ଚାଲୁଥାଏ ହରଦମ । ଏ ପିଲାକୁ ସିନା ସେମାନେ ଜନ୍ମ ଦେଇନାହାନ୍ତି କିନ୍ତୁ କର୍ମ ଦେଇପାରିବେ ବୋଲି ଆଶା, ଆଶଙ୍କାରେ ସେମାନେ ଖଟି ଚାଲିଛନ୍ତି ଦିନ ରାତି ।

ମାଉସୀ, ମାଉସୀ... ଏଇଠି ଓହ୍ଲେଇବ ପା ? ଆସ ଆସ । କଣ୍ଡକ୍ଟରର ଡାକରେ ଭାବନା ରାଇଜରୁ ଫେରିଲା ଟିମା ସ୍ତ୍ରୀ । ସେ ଆଉ ଟିମା ଯାଉଥିଲେ ଭୋଂସର । ନରି ପାଠ ପଢି କଲେଜରେ ଫାଷ୍ଟ ହେଇଛି । ସରକାର ତାକୁ ଡାକିଛନ୍ତି କଣ ଗୋଟେ ପ୍ରାଇଜ ଦେବାକୁ । ଖୁସିରେ ଗଦ ଗଦ ହୋଇ ଯାଉଥିଲା ସେ । ଟିମା ନିଜ ଖୁସିକୁ ଜାହିର ନକଲେ ବି ସେ ଜାଣି ପାରୁଥିଲା ଟିମାର ଖୁସିକୁ । ଏ ପୁରୁଷ ଗୁଡ଼ା ଏମିତି ହିଁ । ଦୁଃଖରେ ନା ବିଚଳିତ ହେବେ, ନା ସୁଖରେ ଖୁସି ଜାହିର କରିବେ । ଦୁଃଖରେ ଭିତରୁ ଭିତରୁ କୋରି ହୋଇ ଯାଉଥିବେ ଆଉ ସୁଖରେ ଫାଟି ପଡୁଥିବେ, କିନ୍ତୁ ବାହାରକୁ ଏମିତି ରହିବେ ଯେମିତି କିଛି ବି ହୋଇନି ।

ଯେନ ତେନ କରି ଟିମା ଓ ତା ସ୍ତ୍ରୀ ପହଞ୍ଚି ଯାଇଥିଲେ ସଭାରେ । ଏତେ ଲୋକ, ଷ୍ଟେଜ ବନ୍ଧା ଯାଇଛି, ଭଳିକି ଭଳି ଲୋକ ଫୋଟୋ ଉଠାଉଥାନ୍ତି । ନରି ଆସି ସେମାନଙ୍କୁ ନେଇଗଲା ସଭାର ପ୍ରଥମ ଲାଇନକୁ । ଯୁକ୍ତ ଦୁଇ କଳାରେ ସମଗ୍ର ରାଜ୍ୟରେ ପ୍ରଥମ ହୋଇ ଥିବାରୁ ସରକାର ତାକୁ ଡାକିଛନ୍ତି ସମ୍ବର୍ଦ୍ଧିତ କରିବାକୁ । ସମୟ ଆସିଲା, ନରି ଓରଫ ନରେନ୍ଦ୍ର ଗୋଛାୟତ ଗଲା ଷ୍ଟେଜ ଉପରକୁ ଆଉ ମାଇକ ଧରି କିଛି କହିଲା ପରେ ତଳୁ ତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମା, ବାପାଙ୍କୁ ଡାକିଲା ଷ୍ଟେଜ ଉପରକୁ ।

କହିଚାଲିଥାଏ ସେ, ଆଜି ଯଦି ମୁଁ ଏ ଜାଗାରେ ପହଞ୍ଚିଛି ତେବେ କେବଳ ମା, ବାପାଙ୍କ ପାଇଁ । ମୋ ନିଜର ମା, ବାପା ମରିଗଲା ପରେ ଯଦି ସେଦିନ ସେମାନେ ମୋତେ ଆପଣେଇ ନଥାନ୍ତେ ତେବେ ଆଜି ବୋଧହୁଏ ମୁଁ କେଉଁଠି ମୂଲ ଲାଗୁଥାନ୍ତି ଅଥବା କେଉଁ ଟ୍ରକରେ ହେଲପର ଥାଆନ୍ତି । ଏମାନଙ୍କ ପାଇଁ ମୁଁ ଆଜି ଏ ଜାଗାରେ ପହଞ୍ଚି ପାରିଛି, ତେଣୁ ଏ ସମ୍ବର୍ଦ୍ଧନା ମୋତେ ନୁହେଁ ମୋ ମା, ବାପାଙ୍କୁ ଦିଆଯାଉ । ମୂଲ ଲାଗି, ପରଘରେ ପାଇଟି କରି ମୋ ବାପା ମା ମୋ ପାଇଁ ଖାଇବା, ବହିପତ୍ର ଯୋଗାଡ କରନ୍ତି । ସେତକ ବି ନିଅଣ୍ଟ ହୁଏ ବୋଲି ବାପା ବେଳେ ବେଳେ ରାତିରେ ରିକ୍ସା ଧରି ବାହାରନ୍ତି । ଦିନ ସାରା ମୂଲ ଲାଗିବେ, ରାତିରେ ରିକ୍ସା ଟାଣିବେ । କେତେବେଳେ ଆସନ୍ତି, କେତେବେଳେ ଶୁଅନ୍ତି ମୁଁ ଜାଣିନି, ତଥାପି ଦିନ ସାରା ଫୁର୍ତ୍ତି ଥାଆନ୍ତି । ମା, ପରଘରେ ପାଇଟି କରିବା ସହ ବାଡ଼ିରୁ କିଛି କିଛି ଅମଳ କରି ମୋ ଖର୍ଚ୍ଚ ବଢ଼ାଏ । ମୋତେ ପଢିବାରେ ଅସୁବିଧା ହେବ ବୋଲି ଖରା, ବର୍ଷା, ଶୀତ କାକରରେ ସେମାନେ ବାହାରେ ଶୁଅନ୍ତି । ଆଜି ଏ ସମ୍ବର୍ଦ୍ଧନା ର ହକଦାର ମୋ ବାପା ମା, ମୁଁ ନୁହେଁ ।

ଲୋକଙ୍କ କରତାଳିରେ ପୁରା ସଭା ପୁରି ଉଠୁଥାଏ । ସମସ୍ତେ ବାଃ ବାଃ କରୁଥାନ୍ତି । ଷ୍ଟେଜ ଉପରକୁ ଉଠିଲେ ଟିମା ଓ ତା ସ୍ତ୍ରୀ । ସମ୍ବର୍ଦ୍ଧନା ଦିଆଯିବା ବେଳେ ଦୁହିଁଙ୍କ ଆଖିରେ ଲୁହ ଟଳ ଟଳ କରୁଥାଏ । ଶହେ ଆଶୀର୍ବାଦ ସହ ନରି, ପାଦଧୂଳି ନେଲା ଟିମା ଓ ତା ସ୍ତ୍ରୀର । ସରକାର, ଯ୍ୟା ପରଠୁ ନରିର ପଢ଼ାଖର୍ଚ୍ଚ ଭରଣା କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଆହୁରି ବି କିଛି ବଦାନ୍ୟ ବ୍ୟକ୍ତିଙ୍କ ତରଫରୁ ନରିକୁ ସାହାଯ୍ୟ ସହଯୋଗର ହାତ ଲମ୍ବି ଆସିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଷ୍ଟେଜ ଉପରେ ଟିମା ଉପରକୁ ଚାହିଁ ତାରା ମେଳରୁ ଚିରୁକୁ ଖୋଜୁଥିବା ବେଳେ, ଟିମା ସ୍ତ୍ରୀ ଲୁଗା କାନିରେ ଲୁହ ପୋଛୁ ପୋଛୁ ଉପରକୁ ଚାହିଁ ଗୁଣୁ ଗୁଣୁ ହୋଇ କହି ଚାଲିଥାଏ, "ହେ ରାଣ୍ଡ, ତୁ ମୋତେ ଆଉ ବାଞ୍ଝ ବୋଲି ଡାକି ପାରିବୁନି । ତୋ ଜୁଇକୁ ଚାହିଁ କରିଥିବା ପ୍ରତିଜ୍ଞା ଆଜି ପୂରଣ କଲି । ହେଲା.... ଦେଖ ଦେଖ 'ମୋ ପୁଅ' ...ନା ନା... 'ତୋ ପୁଅ' ...ଉଁ ..ହୁଁ... 'ଆମ ପୁଅ', ଆଜି ବଡ ମଣିଷ ହୋଇଗଲା...

ଖଲାରୀ, ଅନୁଗୁଳ, ଓଡିଶା

୯୩୭୬୦୧୨୫୦୦

subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡାକ୍ତର ଦାଶଙ୍କ ସାବିତ୍ରୀ

ବିଜୟ କୁମାର ପଣ୍ଡା

ଡାକ୍ତରାଣୀ ଶ୍ରୀମତୀ ଦାଶଙ୍କ ଜୀବନର ପ୍ରଥମ ସାବିତ୍ରୀ ବ୍ରତ ପାଳନକୁ ଦଶ ବର୍ଷ ପୁରିଗଲାଣି । ଜୀବନର ପ୍ରଥମ ସାବିତ୍ରୀ ବ୍ରତ ହେତୁ ସ୍ୱାମୀଙ୍କୁ ହୁକୁମ ଥିଲା କି ଏଥର ଛୁଟି ନେଇ ଘରେ ରହିବାକୁ ପଡ଼ିବ । 'ରୋଗୀ ସେବା ହିଁ ଜୀବନ' ଭଳି ଆଦର୍ଶରେ ଅନୁପ୍ରାଣିତ ଡାକ୍ତର ଦାଶ କିନ୍ତୁ ସେଥର ପୁରା ଦିନ ଘରେ ରହିଥିଲେ । ସେଦିନ କେତେ ରୋଗୀଙ୍କୁ ମଧ୍ୟ ନିଜ ବାସଭବନରେ ମାଗଣା ଡ଼ାକ୍ତରୀ ପରାମର୍ଶ ଦେଇଥିଲେ ।

ନିଷ୍ଠାପର ରୋଗୀ ସେବା, ଗରିବଙ୍କ ପ୍ରତି ସମବେଦନା, ବଦାନ୍ୟତା ଏମିତି ଅନେକ ଗୁଣରେ ପରିପୂର୍ଣ୍ଣ ସ୍ୱାମୀ ସ୍ତ୍ରୀ ଦୁଇଜଣ ନିଜ ସାଙ୍ଗଦ୍ୱାରା ପରିଚାଳିତ ଏକ ପ୍ରାଇଭେଟ ହସ୍ପିଟାଲରେ ଚାକିରୀ କରନ୍ତି । ଡାକ୍ତର ଦମ୍ପତିଙ୍କ ଏମିତି ନିଷ୍ଠାପର ରୋଗୀସେବା ବଳରେ ଏଇ ହସ୍ପିଟାଲକୁ ଏକ ଆଦର୍ଶ ହସ୍ପିଟାଲରେ ପରିଣତ କରିଦେଇଥିଲେ । ଗରିବ ଗୁରୁବାଙ୍କ ପାଇଁ ସ୍ୱଳ୍ପ ଖର୍ଚ୍ଚରେ ସବୁ ପ୍ରକାର ଚିକିତ୍ସା ଏବଂ ସୁବିଧା ଯୋଗାଇ ଦିଆଯାଉଥିଲା ।

ଗୋଟିଏ ମେଡ଼ିକାଲ କଲେଜରୁ ଡ଼ାକ୍ତରୀ ବିଦ୍ୟା ଲାଭ କରିଥିଲେ ଦୁହେଁ । ଡାକ୍ତରାଣୀ ଶ୍ରୀମତୀ ଦାଶ ଦୁଇବର୍ଷ ଜୁନିୟର ଥିଲେ ମିଷ୍ଟର ଦାଶଙ୍କ ଠାରୁ । କଲେଜ ଶେଷ ଆଡ଼କୁ ଦୁଇଜଣ ପରସ୍ପରକୁ ଭଲପାଇ ବସିଥିଲେ । ପାଠପଢ଼ା ସରିବାପରେ ଡ଼ାକ୍ତର ଦାଶଙ୍କୁ ବିବାହ କରି ସେଇ ପ୍ରାଇଭେଟ ହସ୍ପିଟାଲରେ ଚାକିରୀ ଆରମ୍ଭ କରିଥିଲେ ଶ୍ରୀମତୀ ଦାଶ ।

ପୁରୁଣା ସ୍ମୃତିକୁ ମନେ ପକାଉଥିଲେ ଡାକ୍ତର ଦାଶ । ବୈବାହିକ ଜୀବନର ବିଗତ ଦଶ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷ ଭିତରେ ସାବିତ୍ରୀ ବ୍ରତ ଦିନ ପୁରାଦିନ ଘରେ ରହିବାର ମୁହୂର୍ତ୍ତ କେବେ ଆସିନଥିଲା । ସେଥର ସାବିତ୍ରୀ ବ୍ରତରେ ନୂଆ ଶାଢ଼ୀ, ଚୁଡ଼ି, ଅଳତା ପିନ୍ଧି ମଥାରେ ଓଢଣା ଦେଇ ନବବଧୁ ଭଳି ଚମକୁଥିଲେ ଡାକ୍ତରାଣୀ ଶ୍ରୀମତୀ ଦାଶ । ପୂଜାରୀ ଆସି ଯଥାବିଧି ପୂଜା କରି ଦେଇଥିଲେ । କେତେ ଶୁଭେଚ୍ଛୁ ଆସି ଫୁଲତୋଡ଼ା, ଫଳମୂଳ ଭେଟି ଦେଇ ଯାଇଥିଲେ । ଡାକ୍ତର ଦାଶଙ୍କ ସେବା ପାଇ ଆରୋଗ୍ୟଲାଭ କରିଥିବା କିଛି ରୋଗୀମଧ୍ୟ ଆସି ଦମ୍ପତିଙ୍କ ସୁଖ ଦାମ୍ପତ୍ୟଜୀବନ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ସ୍ତ୍ରୀଙ୍କ ପ୍ରଥମ ସାବିତ୍ରୀ ବ୍ରତରେ ଶଶୁର ଘର ତରଫରୁ ସବୁ ପୂଜାସରଞ୍ଜାମ ପହଞ୍ଚାଇ ଦିଆଯାଇଥିଲା । ସହରରେ ସେସବୁ ମିଳିବ ନମିଳିବ ! ପୁଣି, ସ୍ୱାମୀ ସ୍ତ୍ରୀ ଦୁଇଜଣ ଡାକ୍ତର, ରୋଗୀସେବାରୁ ଫୁରୁସତ ମିଳିଲେ ସିନା ଏସବୁ ଠିକ୍ ସମୟରେ କିଣି ପାରିବେ ! ସେଥିପାଇଁ ଝିଅପାଖକୁ ପଠାଇବାର ସବୁବ୍ୟବସ୍ଥା କରିଦେଇଥିଲେ ଡାକ୍ତର ଦାଶଙ୍କ ଶାଶୁ । ସ୍ନେହ ରଙ୍ଗୁଣୀ ମା'ଟିଏ ସେ, ସବୁଦିନ ଝିଅର ସୁଖ ପଚାରି ବୁଝିବାର ହେଳା କରୁନଥିଲେ । ବିଚାରି ଏବେ ଆରପାରିରେ ।

ଦଶ ବର୍ଷ ପରର ସାବିତ୍ରୀ ବ୍ରତ ଭଳି ଏକ ଦିନରେ ଆଜି ପୁରାଦିନ ଘରେ ଅଛନ୍ତି । ଏଥର ବି ସାବିତ୍ରୀ ବ୍ରତ ପାଳିଥିଲେ ଡାକ୍ତରାଣୀ ଶ୍ରୀମତୀ ଦାଶ । ସପ୍ତାହ ପୂର୍ବରୁ ନିଜେ ଯାଇ ନୂଆ ଶାଢ଼ୀ, ଚୁଡ଼ି, ପୂଜା ସାମଗ୍ରୀ ସବୁ କିଛି ଆଣି ଘରେ ରଖିସାରିଥିଲେ । କାଳେ ସମୟର ଅଭାବ ହେବ ବୋଲି ଫଳମୂଳ ଆଣି ଫ୍ରିଜରେ ରଖିଦେଇଥିଲେ ।

କୋହଭରା ଛାତିରେ ଝରି ଆସୁଥିବା ଲୁହକୁ ଆଖିରେ ଚାପିରଖି ନିଜେ ଡାକ୍ତରାଣୀ ଶ୍ରୀମତୀ ଦାଶ ମୋବାଇଲରୁ ପୂଜାମନ୍ତ୍ର ଲଗେଇ ପୂଜା ଆରାଧନା କରିଥିଲେ । ଏଥର ପ୍ରଭୁଙ୍କୁ କେବଳ ଏତିକି ମାଗିଥିଲେ ଯେ ଶେଷଥର ପାଇଁ ଆଖିବୁଜିବା ଯାଏଁ ତାଙ୍କ ସୁହାଗ ସିନ୍ଦୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏମିତି ଚମକୁ ଥାଉ ।

ଏଥର ପୂଜା ସରିଲା ପରେ ଆଉ ଡାକ୍ତରାଣୀ ଶ୍ରୀମତୀ ଦାଶ ସ୍ୱାମୀଙ୍କ ପାଦ ଛୁଇଁବାର ସୁଯୋଗ ପାଇପାରିନଥିଲେ ।

ସ୍ୱାମୀ ଡାକ୍ତର ଦାଶ୍ କରୋନା ରୋଗରେ ଆକ୍ରାନ୍ତ ଥିଲେ ।

ଶ୍ରୀମତୀ ଦାଶଙ୍କୁ ବି ହସ୍ପିଟାଲ ଯିବା ମନାଥିଲା ।

ଏଥର ପୂଜା କରିବା ପାଇଁ ତାଙ୍କ ଘରେ ନା ପୂଜାରୀ ଥିଲେ ନା କେହି ଶୁଭେଚ୍ଛୁ । ଖାଁ ଖାଁ ଥିଲା ଘର ଅଗଣା । ନା ଥିଲା କେହି ଚାକରାଣୀ, ଚାକର ନା ଡ୍ରାଇଭର ।

ନିଷ୍ଠାପର ରୋଗୀସେବାରେ ଜୀବନ ଉତ୍ସର୍ଗ କରୁଥିବା ଏହି ଦମ୍ପତ୍ତିଙ୍କ ଘରଟା ଛୁଟି ଦିନରେ ମାଗଣା ରୋଗୀ ଚିକିତ୍ସା କେନ୍ଦ୍ର ପାଲଟି ଯାଉଥିଲା ବେଳେ ଏଇ କେତେଦିନ ହେଲା ପରିଚୟ ହରାଇବସିଥିଲା । ଘରେଥିବା ଲାଣ୍ଡଲାଇନ ଆଉ ମୋବାଇଲ ଯେମିତି ମୁକ ବଧିର ହୋଇଯାଇଥିଲେ ।

କିଛି ଅତିରଞ୍ଜିତ ମଧୁର ସ୍ୱରମାନେ ଆଉ ଶୁଭୁନଥିଲେ । ମିଛ ପ୍ରତିଶ୍ରୁତିର ଆଢୁଆଳେ ଲୁଚକାଳି ଖେଳୁଥିବା ସମ୍ପର୍କ ମାନେ କେବେଠୁଁ ଅଦୃଶ୍ୟ ଥିଲେ ।

ସମ୍ପାଦକ "ଓଡ଼ିଶା ବିଜୟଧ୍ୱଜା" ଇ-ପତ୍ରିକା

ସବଙ୍ଗ,ସିମୁଳିଆ, ବାଲେଶ୍ୱର

ଭ୍ରାମ୍ୟଭାଷ : ୯୭ ୩୯ ୫୯ ୧୮ ୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଦ୍ୟାର୍ଥୀ ଜୀବନେ ପିତୃଦୀକ୍ଷା

ଲକ୍ଷ୍ମଣ ମହାନ୍ତି

ଖଦଡା ଖାଲଢ଼ିପ୍ ମାଟିରାସ୍ତାରେ ଧଇଁ ସଇଁ ହୋଇ ସାଇକେଲରେ ଯାଉଥାଏ ମାନସ । ଝାଳରେ ତା' ପୋଷାକ ଓଦା ସରସର ହୋଇ ଗଲାଣି । କିନ୍ତୁ ତା' ନିଜ ଉପରେ ଧ୍ୟାନ ନଥାଏ । ମସ୍ତିଷ୍କରେ କେବଳ ଗୋଟିଏ ଚିନ୍ତା, ଶୀଘ୍ର ନଗଲେ ବସ ଚାଲିଯିବ । କିଛି ସମୟପରେ ପହଞ୍ଚିଲା ବସ ଷ୍ଟପ୍‌ରେ । ଜାଗାର ନାଁ ସରେଇହାଣ୍ଡି ଛକ । ବସଷ୍ଟପରେ ଗୋଟେ ହୋଟେଲ ଅଛି । କଲେଜରୁ ଫେରିଲେ ମାନସ ଏଇଠି ଖାଇ ଘରକୁ ଯାଏ । ହୋଟେଲ ପାଖରେ ସାଇକେଲ ରଖି ବସକୁ ଅପେକ୍ଷା କରିଛି ମାନସ । ତା' ଅନ୍ୟଜଣେ ସାଙ୍ଗ ସାରଙ୍ଗ ମଧ୍ୟ ଆସି ପହଞ୍ଚିଲା । ମାନସ କହିଲା, କିରେ ଶାଗୁଣା, ଏତେ ଲେଟ୍ ହେଲା କେମିତି ?ସାରଙ୍ଗ ତା' ପଛ ପକେଟରୁ ରୁମାଲ କାଢି ମୁହଁ ପୋଛି ପୋଛି ଆସିଲା ମାନସ ପାଖକୁ ଏବଂ କହିଲା, ନା'ରେ, ପ୍ରେମିକା ସହ ଟିକେ ଝଗଡା ହୋଇଥିଲା ସେଥିପାଇଁ ରାସ୍ତାସାରା ପ୍ରେମିକାକୁ ମନେଇ ମନେଇ ଆସିବାକୁ ପଡିଲା । ସେଇ ଦେଖୁନୁ ବରଗଛ ତଳେ ଛିଡା ହୋଇଛି ମୋ' ପ୍ରେମିକା । ମାନସ ତା'ମୁଣ୍ଡରେ ହାତ ବାଡେଇ କହିଲା, ତୁ ଆଉ ତୋ ପ୍ରେମିକା... ସବୁବେଳେ ଝଗଡା । ଗୋଟିଏ ଥିଲେ ସିନା, ଦଶଦଶଟା ପ୍ରେମିକା ରଖିଲେ ଏମିତି ଦଶା ହେବ । ସାରଙ୍ଗ ମୁଣ୍ଡ ଟୁଙ୍ଗାରୀ କହିଲା, କ'ଣ କରିବି, ମନ ବୁଝୁନି । କିନ୍ତୁ ତୋର କ'ଣ ହୋଇଛି ବେ, ଓଦା ସରସର ହୋଇ ଠିଆ ହୋଇଛୁ । ନେ, ରୁମାଲ ନେ ମୁହଁକୁ ଟିକିଏ ପୋଛି ପକା । ମୋ ପ୍ରେମିକାର ସାନ ଭଉଣୀ ଆଜି ଆମ ସହ ବସରେ ଯିବ ବୋଲି ଶୁଣିଛି, ତା'ସହ ତୋର ସେଟିଂ କରିଦେବି । ମାନସ ମୁହଁ ପୋଛି କହିଲା, ନା, ମୁଁ କୋଉ ଝିଅ ଚକ୍କରରେ ପଡିବାକୁ ଚାହୁଁନି । ବସ୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଲା ଚାଲ ଯିବା ।

ମାନସ ଓଦା ସରସର ହୋଇ ବସ ଭିତରକୁ ଗଲା । ସାରଙ୍ଗ ତା' ପ୍ରେମିକା ସହ ବସ ଭିତରକୁ ଗଲା । ଦୁହେଁ ଗୋଟିଏ ସିଟରେ ବସି କ'ଣ କଥା ହେଉଥାନ୍ତି । ମାନସ ବସ ଭିତରେ ଛିଡା ହୋଇଥାଏ । ବସ ଦୁଇ କିଲୋମିଟର ଗଲାପରେ ଅଟକିଗଲା ହାଣ୍ଡିଆପଦା ଛକରେ । କଲେଜ ପଢୁଆ ସୁନ୍ଦର ଝିଅଟିଏ ବସ ଭିତରକୁ ଚଢିଲା । ଝିଅକୁ ଦେଖି ମାନସ ତା'ରୁମାଲ କାଢି ମୁହଁକୁ ଭଲଭାବରେ ପୋଛି, ସାର୍ଟ ସାଇଜ କରି ସ୍ମାର୍ଟ ପିଲା ପରି ଷ୍ଟାଇଲରେ ଛିଡା ହେଲା । ଭାଗ୍ୟକୁ ଝିଅଟି ଆସି ମାନସ ପାଖରେ ଛିଡା ହେଲା । ତା'ବ୍ୟାଗରୁ ମୋବାଇଲ କାଢି ସାଙ୍ଗ ସହ କଥା ହେଲା । ମାନସ କେବଳ ସେଇ ଝିଅକୁ ଦେଖୁଥାଏ । ଝିଅଟି ଏତେ ସୁନ୍ଦର ଥିଲା ଯେ ବସର ସମସ୍ତେ ଗୋଟିଏ ନଜରରେ ଝିଅକୁ ଦେଖୁଥାନ୍ତି । ଏମିତି ଦେଖିବା ଭିତରେ ବସ କଲେଜ ପାଖରେ ଅଟକିଲା ।

ଝିଅଟି ବସରୁ ଓହ୍ଲେଇ କଲେଜ ଭିତରକୁ ଗଲା । ସାରଙ୍ଗର ଖୁସି କହିଲେ ନ ସରେ । ଭାବିଲା ଏଇ ଝିଅଟି ତା' ପ୍ରେମିକାଠାରୁ ଅଧିକ ସୁନ୍ଦର ଅଛି, ଝିଅଟି ପଟିଗଲେ ତା' ଲାଇଫ୍ ବନି ଯିବ । କିନ୍ତୁ ମାନସର କଥା ଶୁଣି ଶାଗୁଣାର ମୁହଁ ଶୁଖିଗଲା । ମାନସ କହିଲା, ଝିଅଟି କ'ଣ ହେଇଚି ବେ ! ତା' ଆଖିରେ ପ୍ରେମର ନିଶା, ତା' ଓଠ ଗୋଲାପର କୋମଳ ପାଖୁଡା, ପଦ୍ମ ପାଖୁଡା ପରି ଦେହ, ହରୀଣ ପରି ତା' ସରୁ ଅଣ୍ଟା । ମୁଁ ତା' ପ୍ରେମରେ ପଡିଗଲି । ବେ ଶାଗୁଣା, ତୁ ସବୁବେଳେ କହୁଥିଲୁ ପରା ସେଟିଙ୍ଗ କରିଦେବୁ ବୋଲି, ମୋତେ ସେଇ ଝିଅ ବହୁତ ପସନ୍ଦ । ଆଉ ସିଏ ଆମ କଲେଜରେ ପଢୁଛି, ମୋ ପାଇଁ ସେଟିଙ୍ଗ୍ କରିବୁ ଚାଲ । ମାନସ ପାଟିରୁ ସେଇ ଝିଅର ଅପୂର୍ବ ରୂପ ବର୍ଣ୍ଣନା ଶୁଣି ସାରଙ୍ଗ ବାବୁଙ୍କ ରଙ୍ଗ ଫିକା ପଡିଗଲା । ସାରଙ୍ଗ ପୁଣି ସେଇ ଝିଅର କଦର୍ଯ୍ୟ ରୂପବର୍ଣ୍ଣନା କରିବାକୁ ଆରମ୍ଭ କଲା । କହିଲା, ଝିଅର ଆଖିରେ ପ୍ରେମର ନିଶା ନାହିଁ ବେ, ହ୍ୱିସ୍କି ଓ ଭୋଡକାର ନିଶା ଅଛି । ତା'

Magazine Downloaded from www.aahwaan.com

ଓଠ ଗୋଲାପର ପାଖୁଡା ପରି ନୁହଁ, ପଚାସଢା ଟମାଟୋ ପରି । ତା' ଦେହ ପଦ୍ମପାଖୁଡା ନୁହଁ, ମରୁଭୂମିର କଣ୍ଟାଗଛ ପରି । ତା' ଅଣ୍ଟା ହରୀଣ ପରି ନୁହେଁ, ଅପପୃଷ୍ଟୀ ଯୋଗୁଁ ତା'ଅଣ୍ଟା ସରୂ । ମାନସ କିନ୍ତୁ ସାରଙ୍ଗକୁ ଧ୍ୟାନ ନଦେଇ ଚାଲିଗଲା କଲେଜକୁ ଝିଅ ପଛେ ପଛେ ।

କ୍ଲାସ ଆରମ୍ଭ ହେଲା□ ଇଂରାଜୀ ସାର୍ ସାହିତ୍ୟ ମ୍ୟାଡାମଙ୍କ ପଛେ ପଛେ ଆସିଲେ କ୍ଲାସରୁମ୍‌କୁ । ମ୍ୟାଡାମ କହିଲେ, କଣ ହେଲା ସାର୍? ଇଂରାଜୀ ସାର୍ କହିଲେ, ମୁଁ ଆପଣନଙ୍କୁ ପସନ୍ଦ କରୁଛି । ଏତିକି କହି ହସିହସି ସେଇଠୁ ଚାଲିଗଲେ । ମାନସ ସେଇ ଝିଅର ପଛ ସିଟରେ ବସି ଝିଅକୁ ଅନେଇଥାଏ । ଝିଅଟି ତା'ସାଙ୍ଗକୁ ପଚାରିଲା, ରିନା ଶୁଣିଲୁ, ଇଂରାଜୀ ସାର୍ ଲୋଫରଙ୍କ ପରି କ'ଣ ପାଇଁ ହେଉଛନ୍ତି? ରିନା କହିବା ଆଗରୁ ମାନସ କହିଲା, ସାହିତ୍ୟ ମ୍ୟାଡାମ ଓ ଇଂରାଜୀ ସାର୍ ଦୁହେଁ ସ୍ୱାମୀ-ସ୍ତ୍ରୀ । ବାହାଘରକୁ ଦଶବର୍ଷ ହେଲାଣି, କିନ୍ତୁ ଆଜି ମଧ୍ୟ ସେମାନେ ପ୍ରେମୀଯୁଗଳ ପରି ବ୍ୟବହାର କରନ୍ତି । ଝିଅଟି କିନ୍ତୁ ମାନସକୁ ଅଣଦେଖା କଲା ।

କଲେଜ ଆଗରେ ସମସ୍ତେ ବସକୁ ଅପେକ୍ଷା କରିଥାନ୍ତି । ମାନସ କିନ୍ତୁ ଝିଅକୁ ଦେଖିବାରେ ବ୍ୟସ୍ତ । ବସ୍ ଆସିଲା, ସମସ୍ତେ ବସରେ ଯାଇ ବସିଲେ । ମାନସ ଦେଖିଲା ସବୁ ସିଟରେ ଲୋକେ ବସିଛନ୍ତି କିନ୍ତୁ ସେଇ ଝିଅ ଏକୁଟିଆ ବସିଛି । ମାନସ ଖୁସି ହୋଇ ଝିଅ ପାଖକୁଗଲା, କିନ୍ତୁ ଡରରେ ସେଠୁ ପଳେଇ ଆସିଲା ବେଳେ ଝିଅଟି ତା' ମଧୂର ସ୍ୱରରେ କହିଲା, ମାନସ, ଏ ମାନସ... । ମାନସର ପାଦ ଅଟକି ଗଲା । ଝିଅଟି ଅଳ୍ପ ହସି କହିଲା, ଆଉ ସିଟ୍ ଖାଲିନାହିଁ । ଆସ ଏଇଠି ବସ । ମାନସ ଡରି ଡରି ବସିଲା ଝିଅ ପାଖରେ । ଦୁହେଁ ଦୁହିଁଙ୍କ ଆଖିରେ ହଜି ଯାଇଥାନ୍ତି । ହଠାତ୍ କଣ୍ଡକ୍ଟରର ସ୍ୱର ଶୁଭିଲା, ହାଣ୍ଡିଆପଦା ଛକ, ମୋ ଛାତି ହେଲାଣି ଧକ ଧକ.... ଶୀଘ୍ର ଓହ୍ଲାଅ, ନହେଲେ ବସ ଚାଲିଯିବ ସକ ସକ । ଝିଅଟି

Magazine Downloaded from www.aahwaan.com

କହିଲା, ମୋ ବସଷ୍ଟପ୍ ଆସିଲା, ଏବେ ମୋତେ ଯିବାକୁ ହେବ । ମାନସ କହିଲା, ତୁମେ କିଏ ମୁଁ ଜାଣିନି, କିନ୍ତୁ ଆଶା କରୁଛି କାଲି ଆଉ ଥରେ ଆମ ଦେଖାହବ ଏଇ ଛକରେ, ସେହି ସମୟରେ । ଝିଅଟି ଅଳ୍ପ ହସି ବସରୁ ଓହ୍ଲେଇ ଚାଲିଗଲା । ଦୁଇ କିଲୋମିଟର ପରେ ବସ୍ ଅଟକିଲା ସରେଇହାଣ୍ଡିଛକ ନିକଟରେ । ମାନସ ବସରୁ ଓହ୍ଲେଇ ହୋଟେଲରେ ଯାଇ ବସିଲା ।

ମାନସ ଆସିବା ଦେଖି ହୋଟେଲ ମାଲିକ ସନିଆଁ ସାହୁ ମାନସ ପାଖକୁ ପଠାଇଲେ ଦି'ଟା ସିଙ୍ଗଡା, ପକୁଡି ଗୋଟେ ପ୍ଲେଟ୍, ତେଲରେ ଛଣା ହୋଇଥିବା ଗୋଟେ ନାଲିଲଙ୍କା ଏବଂ ଗୋଟେ ସ୍ଟ୍ରାଇଟ୍ । ସାରଙ୍ଗ ରାଗରେ ଯାଇ ମାନସ ପାଖରେ ଛିଡା ହେଲା । ମାନସ ସିଙ୍ଗଡା ଖାଇଖାଇ କହିଲା, କି'ରେ ଶାଗୁଣା, ନାଲିଲଙ୍କା ପରି ଦିଶୁଛୁ ଯେ ! କଥା କ'ଣ, ତୋ ପ୍ରେମିକାସହ ପୁଣି ଝଗଡା କଲୁକି ?ସାରଙ୍ଗ ରାଗରେ ଚୌକିରେ ବସିପଡି ହୋଟେଲ ମାଲିକକୁ କହିଲା, ସାହୁକାରେ, ମୋ' ପାଇଁ ଦି'ପ୍ଲେଟ୍ ପଠାଅ । ଆଉ ହଁ, ତା' ସହ ଗୋଟେ କୋକାକୋଲା ଓ ଦି'ଟା ନାଲିଲଙ୍କା ପଠେଇବ । ସାରଙ୍ଗ କହିବା ଅନୁଯାୟୀ ହୋଟେଲ ମାଲିକ ସବୁ ପଠେଇଲେ । ସାରଙ୍ଗ ରାଗରେ ଖାଇବା ଆରମ୍ଭ କଲା । ମାନସ କହିଲା, ବେ ଶାଗୁଣା, ଏମିତି କ'ଣ ହେଉଛୁ ? ସାରଙ୍ଗ କହିଲା, ମୁଁ ଯଦି ସତରେ ଶାଗୁଣା ହୋଇଥାନ୍ତି, ତତେ ଏଇଠି ଖେଳେଇ-ଖେଳେଇ, ଗୋଡେଇ-ଗୋଡେଇ, ଚୋବେଇ-ଚୋବେଇ କଞ୍ଚା ଖାଇ ଦେଇଥାନ୍ତି । ହଉ ଛାଡ୍, ସେ ଝିଅର ନାଁ କ'ଣ କହିଲୁ... ଶୀଘ୍ର କହ । ମାନସ ସ୍ଟ୍ରାଇଟ୍ ଢୋକେ ପିଇ କହିଲା, କୋଉ ଝିଅ ବେ ? ସାରଙ୍ଗ ରାଗରେ ଲଙ୍କା ଚୋବେଇ ପକେଇଲା, କହିଲା, ହଁ, ତୁ ଯାହା ଅଜଣା ବେସନର ପକୁଡି ଖାଉଛୁ, କିଛି ଜାଣିପାରୁନୁ । ତୁ ବସରେ ଯାହା ପାଖରେ ବସି ଆସିଲୁ ମୁଁ ସେଇ ଝିଅକଥା କହୁଛି । ମାନସ କହିଲା, ଓଃ, ସେଇ ଝିଅ... ମୁଁ ଭାବଲି ତୋ ପ୍ରେମିକାର ସାନଭଉଣୀ କଥା କହୁଛୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାରଙ୍ଗ ଟିକିଏ ଚୁପ ରହି ପୁଣି ପଚାରିଲା । ମାନସ କହିଲା କାଲି କହିବ, କାରଣ ସିଏ ଝିଅକୁ ଦେଖିବା ପରେ ତା' ନାଁ ପଚାରିବାକୁ ଭୁଲିଗଲା । ଦୁହେଁ ଖାଇସାରି ଯିଏ ଯା' ଘରକୁ ଗଲେ । ଘରକୁ ଫେରିବା ବାଟରେ ସେଇ ଝିଅ କଥା ଭାବି ଅନ୍ୟମନସ୍କରେ ଯାଉଯାଉ ରାସ୍ତାର ଗୋଟେ ଖାଲରେ ସାଇକେଲ ଚକ ଫସିଗଲା ଓ ମାନସ ତଳେ ପଡିଗଲା । ଶୀଘ୍ର ଉଠି ଝାଡିଝୁଡି ହୋଇ ସାଇକେଲକୁ ଖାଲରୁ ବାହାର କଲା ବେଳେ ଆସିଲେ ସରପଞ୍ଚ ମହାଶୟ । କହିଲେ, ବାବୁରେ, କ'ଣ ପଡିଗଲୁ କି !ରାସ୍ତାରେ ଖାଲ ଅଛି ବୋଲି ଭୁଲିଗଲୁ ବୋଧେ । ନା, କାହା କଥା ଭାବି ଅନ୍ୟମନସ୍କ ଥିଲୁ ବା.... ? ମାନସ ରାଗରେ କହିଲା, ନା, ରାସ୍ତାର ଖାଲ ମୁଁ ଭୁଲିନାହିଁ । ନିର୍ବାଚନ ସମୟରେ ଆପଣ ଦେଇଥିବା ପ୍ରତିଶୃତି ମଧ୍ୟ ମୁଁ ଭୁଲିନାହିଁ । ଏତିକିରେ ସରପଞ୍ଚ ବାବୁଙ୍କ ମୁଣ୍ଡ ତଳକୁ ହୋଇଗଲା । ନିର୍ବାଚନ ସମୟରେ ସିଏ ଦେଇଥିବା ବଡବଡ ପ୍ରତିଶୃତି ଆଜି ତାଙ୍କ ମନେ ପଡିଗଲା ଓ ସିଏ ପୁଣିଥରେ ପ୍ରତିଶୃତି ଦେଲେ ଯେ ଖୁବ କମ ଦିନରେ ରାସ୍ତା ନିର୍ମାଣକାର୍ଯ୍ୟ ଆରମ୍ଭ ହେବ । ମାନସ ସେଦିନ ଠିକ ଭାବରେ ପଢି ନଥିଲା କି ଖାଇନଥିଲା । କେବଳ ସେଇ ଝିଅ ଭାବନାରେ ଅନ୍ୟମନସ୍କ ରହି ରାତି ମଧ୍ୟ ପାହିଗଲା । ଭୋର ସକାଳୁ ଉଠି ନିତ୍ୟକର୍ମ ସାରି ସକାଳ ଜଳଖିଆ ଖାଇ ପଢିବାକୁ ଗଲା । କିନ୍ତୁ ସିଏ ପଢିବ କ'ଣ, ସେ ଝିଅର ନାଁ କେମିତି ପଚାରିବ ସେହି ଚିନ୍ତାରେ ବ୍ୟସ୍ତ ରହିଲା । କଲେଜକୁ ଯିବାପାଇଁ ବାହାରିବା ବେଳକୁ ଭଲ ଭାବରେ ଦେହରେ ପର୍ଫ୍ୟୁମ୍ ଲଗେଇ ପୁଣି ମୁଣ୍ଡରେ ସେଟଙ୍ଗେଟ୍ ଜେଲ୍ ଲଗେଇ ସାହାରୁଖ ଷ୍ଟାଇଲରେ ବାହାରିଲା ବସଷ୍ଟପ୍‌କୁ ।

ସମୟଠୁ ଟିକିଏ ଆଗରୁ ମାନସ ପହଞ୍ଚି ଯାଇଥାଏ ବସ ଷ୍ଟପରେ । ସାରଙ୍ଗ ମଧ୍ୟ ତା' ପ୍ରେମିକା ସହ ଆସିଲା । ମାନସକୁ ଦେଖି ସାରଙ୍ଗ ଆଶ୍ଚର୍ଯ୍ୟ ହୋଇ କହିଲା, କ'ଣ କଲୁ ବେ ନାରାଣ, ଯେଉଁ ପିଲା ଝାଳରେ ଓଦା ହୋଇ ବସକୁ ଅପେକ୍ଷା କରିଥାଏ, ଆଜି ଗୋଟେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଝିଅପାଇଁ ସେ ଷ୍ଟାଇଲରେ ଛିଡା ହୋଇଛି । ବାଃ ବାଃରେ ନାରୀ, ମୁଁ ରହିପାରୁନି ତୋ' ପ୍ରଶଂସା ନ କରି । କିଛି ସମୟପରେ ବସ୍ ଆସିଲା । ଦୁଇ କିଲୋମିଟର ଗଲାପରେ ବସ୍ ଅଟକିଲା ହାଣ୍ଡିଆପଦା ଛକ ଠାରେ । ଝିଅଟି ଆସି ମାନସ ପାଖରେ ଛିଡା ହୋଇ ମୋବାଇଲ ବାହାରକଲା ବେଳେ ମାନସ ପଚାରିଲା, ତୁମେ ମୋ ନାଁ କେମିତି ଜାଣିଲ ? ଝିଅଟି ଟିକିଏ ହସି କହିଲା-ଗତକାଲି ଇଂରାଜୀ ସାରଙ୍କ ବିଷୟରେ ଯାହାକୁ ପଚାରୁଥିଲି ସିଏ ତୁମ ନାଁ କହିଲା । ମାନସ ଟିକିଏ ଖୁସି ହୋଇ କହିଲା, ତୁମ ନାଁ କହିଲନି ଯେ । ଝିଅଟି ଟିକିଏ ଲାଜେଇ କହିଲା, ମୁଁ ମିନାକ୍ଷୀ । ମାନସ ଖୁସିହୋଇ ମିନାକ୍ଷୀକୁ ତା' ମନକଥା କହିବ ଭାବିଲା । କିନ୍ତୁ ସେହି ସମୟରେ ବସ କଲେଜ ନିକଟକୁ ପହଞ୍ଚିଗଲା ।

ମାନସ ଓ ମିନାକ୍ଷୀ ସାଙ୍ଗ ହୋଇ କ୍ଲାସକୁ ଗଲେ । କ୍ଲାସରେ ପାଖାପାଖି ବସି ପରସ୍ପରକୁ ଚାହିଁବାରେ ବ୍ୟସ୍ତ ରହିଲେ । ମାନସ ଓ ମିନାକ୍ଷୀ ପରସ୍ପରକୁ ଭଲପାଇ ବସିଥିଲେ । ମାନସ ମିନାକ୍ଷୀକୁ ମନକଥା କହିବ କହିବ ଭାବି କହିପାରୁ ନଥାଏ । ବସରେ ଘରକୁ ଫେରିବା ବାଟରେ ମାନସ ବହୁତ କଷ୍ଟରେ ସାହସ ଜୁଟେଇ ମିନାକ୍ଷୀକୁ ତା' ମନକଥା କହିବାକୁ ଗଲାବେଳେ ମିନାକ୍ଷୀର ବସଷ୍ଟପ ଆସିଗଲା । ମିନାକ୍ଷୀ ଧିରସ୍ୱରରେ କହିଲା, ମାନସ, କାଲି ମୁଁ ତୁମକୁ କିଛି କହିବି । ଯେମିତି ହେଲେ ଆସିବ... । କିଛି ସମୟପରେ ଆସିଲା ସରେଇହାଣ୍ଡି ବସଷ୍ଟପ୍ । ମାନସ ସେଦିନ ଆଉ ହୋଟେଲରେ ନଖାଇ ସିଧା ଚାଲିଲା ଘରକୁ । ଘରକୁ ଫେରିବାବାଟରେ ମାନସ ଦେଖିଲା ସରପଞ୍ଚବାବୁ ଦୁଇ ଜଣ ଇଂଜିନିୟରଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କରୁଥାନ୍ତି ରାସ୍ତା ନିର୍ମାଣପାଇଁ । ଟିକିଏ ଖୁସି ହୋଇ ତରତର ହୋଇ ଘରକୁ ଚାଲିଗଲା । ଘରକୁ ଫେରି ଖୁସିରେ ପାଗଳ ଭଳି ନାଚି ଉଠିଲା ମାନସ ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖୁଥାନ୍ତି ମାନସକୁ । ଶ୍ୟାମବାବୁ ମାନସକୁ ନେଇ ତାଙ୍କ ବିଲକୁ ଗଲେ ବୁଲିବା ପାଇଁ । ବାଟରେ ଦେଖିଲେ ସରପଞ୍ଚକୁ । ମାନସକୁ କହିଲେ, ଏ ଦୃଶ୍ୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖୁଛୁ, ଦି'ଥର ସରପଞ୍ଚ ହେବାପରେ ଆଜି ତାଙ୍କ ପ୍ରତିଶୃତି ମନେ ପଡିଛି । ମାନସ ଚୁପ୍ ହୋଇ ଦେଖୁଥାଏ । ବିଲରେ ପହଞ୍ଚି ଗୋଟେ ଅଷ୍ୱତଥ ବୃକ୍ଷତଳେ ବସି ଶ୍ୟାମବାବୁ ମାନସକୁ କହିଲେ, ଗୋଟେ କଥା ପଚାରିବି ସତ କହିବୁ ?ମାନସ ସମସ୍ତଙ୍କୁ ସବୁ କଥା ଲୁଚେଇପାରେ କିନ୍ତୁ ତା'ବାପାଙ୍କ ସମ୍ମୁଖରେ କେବେ ଲୁଚେଇ ପାରେ ନାହିଁ । ମାନସ କହିଲା, ହଁ ବାପା, ପଚାରନ୍ତୁ । ବାପା କହିଲେ, କଥା କ'ଣ ବାବା, ତୁ ଆଜିକାଲି ଟିକିଏ ଅନ୍ୟମନସ୍କ ରହୁଛୁ । ନା' ଠିକରେ ଖାଉଛୁ, ନା' ଠିକରେ ପାଠ ପଢୁଛୁ । ଏମିତି ହେଲେ ତୋ ଦେହ ଖରାପ ହେବା ସଙ୍ଗେ ଭବିଷ୍ୟତ ମଧ୍ୟ ନଷ୍ଟ ହୋଇଯିବ । ମାନସ କ'ଣ କହିବ କିଛି ଭାବିପାରିଲା ନାହିଁ । କିଛି ସମୟପରେ ମାନସ କହିଲା, ବାପା, ଦି'ଦିନ ତଳେ ମୁଁ କଲେଜକୁ ଗଲାବେଳେ ମୋର ଦେଖାହେଲା ଗୋଟେ ଝିଅ ସହିତ । ଝିଅଟି ଏତେ ସୁନ୍ଦର ଯେ, ପ୍ରଥମ ଦେଖାରେ ତାକୁ ଭଲପାଇ ବସିଲି । କିନ୍ତୁ, ମୋ ମନକଥା ତାକୁ କହି ପାରୁନି । ତା' ବ୍ୟବହାର ଦେଖି ବୋଧହୁଏ ସିଏ ମଧ୍ୟ ମୋତେ ଭଲପାଉଛି । ଖାଇଲା ବେଳେ, ଶୋଇଲା ବେଳେ, ପାଠ ପଢିବା ବେଳେ ସବୁ ସମୟରେ ସିଏ ମୋର ମନେ ପଡୁଛି । ବାପା, ମୁଁ ଆପଣଙ୍କୁ କିଛି ଲୁଚେଇ ପାରେନି, ମୋ ମନକଥା ମୁଁ ଆପଣଙ୍କୁ କହିଲି । ଏବେ ଆପଣ କୁହନ୍ତୁ ମୁଁ କ'ଣ କରିବି ?

ବାପା ଟିକିଏ ଚିନ୍ତାକରି କହିଲେ, ଦେଖ୍ ବାବା, ତତେ ମୁଁ ଛୋଟବେଳୁ କହି ଆସୁଛି ଯେ, ସମୟ ବଡ ମୂଲ୍ୟବାନ । ସମୟର ସଦୁପଯୋଗ କରିବା ଉଚିତ । କାରଣ ବୟସ ଓ ସମୟ ଥରେ ଚାଲିଗଲେ ଆଉ ଫେରିଆସେ ନାହିଁ । ଏହି ସମୟଟି ତୋ'ପାଇଁ ଏବଂ ତୋ' ଭବିଷ୍ୟତ ପାଇଁ ଅତ୍ୟନ୍ତ ମୂଲ୍ୟବାନ । କାରଣ ତୋର ଆଜିର ପରିଶ୍ରମ ହିଁ ନିର୍ଣ୍ଣୟ କରିବ ତୋର ଭବିଷ୍ୟତ ଅନ୍ଧକାରମୟ ହେବନା ଆଲୋକିତ । ବିଦ୍ୟାର୍ଥୀର କର୍ମ ହେଉଛି ସମୟର ମୂଲ୍ୟ ବୁଝି ସଦୁପଯୋଗ କରିବା । ମୋର ଗୋଟିଏ କଥା ସବୁବେଳେ ମନେ ରଖିଥା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଫଳତା ହାସଲ କରିବା ପାଇଁ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ପାଇଁ ସମୟର ତିନୋଟି ସ୍ତରକୁ ଭଲଭାବରେ ଉପଯୋଗ କରିବା ଉଚିତ । ସମୟର ସେହି ତିନୋଟି ସ୍ତର ହେଉଛି: (୧) ପାଠ ପଢିବା ସମୟ । (୨) ସ୍ୱପ୍ନକୁ ସାକାର କରିବା ସମୟ । (ଚାକିରି) (୩) ଗାର୍ଲଫ୍ରେଣ୍ଡ (ପ୍ରେମବିବାହ ପାଇଁ) / ବିବାହ କରିବା ସମୟ । ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସମୟର ଏହି ତିନୋଟି ସ୍ତର ସହାୟକ ହୋଇଥାଏ ।

ଆଜିର ଆଧୁନିକ ଯୁଗର ବିକଶିତ ଦେଶରେ ଅନେକ ବିଦ୍ୟାର୍ଥୀ ବେକାର ବୁଲୁଛନ୍ତି । କାରଣ ସେମାନେ ସମୟର ଏହି ତିନୋଟି ସ୍ତରକୁ ସଠିକ ଭାବରେ ଉପଯୋଗ କରିନାହାନ୍ତି । ଅନେକ ବିଦ୍ୟାର୍ଥୀ ସମୟର ପ୍ରଥମ ସ୍ତର ଅର୍ଥାତ ପାଠ ପଢିବା ସମୟରେ ଅନ୍ତିମ ସ୍ତରକୁ ବିଦ୍ୟାର୍ଥୀ ଜୀବନର ଏକ ଅଙ୍ଗଭାବରେ ଗ୍ରହଣ କରି ପାଠପଢାଠାରୁ ଅଧିକ ଗୁରୁତ୍ୱ ତାଙ୍କ ପ୍ରେମକୁ ଦେଇଥାନ୍ତି । ଯାହା ଫଳରେ ସେମାନେ ପ୍ରଥମ ସ୍ତରକୁ ସଠିକ ଭାବରେ ଉପଯୋଗ କରନ୍ତି ନାହିଁ । ତେଣୁ ଦ୍ୱିତୀୟ ସ୍ତର ଅର୍ଥାତ ସ୍ୱପ୍ନକୁ ସାକାର କରିବା ସମୟ ଆପେ ଆପେ ନଷ୍ଟ ହୋଇଯାଏ । ଜୀବନ ଅନ୍ଧକାରରେ ଭରିଯାଏ । ତେଣୁ ବିଦ୍ୟାର୍ଥୀ ବେକାର ବସି ରହେ । ସବୁଦିନ ଭଳି ସେଦିନ ମଧ୍ୟ ବାପାଙ୍କ ଉପଦେଶକୁ ମାନସ ମନଦେଇ ଶୁଣୁଥାଏ । ମାନସ କହିଲା, ବାପା, ଆପଣ ଯାହା କହିଲେ ମୁଁ ବୁଝିପାରିଛି । କିନ୍ତୁ ମୋତେ ଟିକିଏ ସମୟ ଦରକାର । ଶ୍ୟାମବାବୁ ବୁଝିଗଲେ ମାନସ ତା' ଜୀବନର ପଥ ନିଜେ ନିର୍ଣ୍ଣୟ କରିପାରିବ । ସିଏ ହସିହସି ମାନସର ପିଠି ଥାପୁଡେଇ କହିଲେ, ଚାଲ୍ ବାବା, ଭୋକ କଲାଣି କିଛି ଗୋଟେ ଖାଇବା । ସେମାନେ ପ୍ରଥମେ ଆଖୁପଣା ପିଇଲେ । ପୁଣି ଗଲେ ସରେଇହାଣ୍ଡି ଛକରେ ଥିବା ସେହି ହୋଟେଲକୁ ଯେଉଁଠି ମାନସ କଲେଜରୁ ଘରକୁ ଫେରିବା ବାଟରେ ଜଳଖିଆ ଖାଏ । ବାପପୁଅ ଦୁହେଁ ବସିପଡିଲେ ହୋଟେଲରେ । ହୋଟେଲ ମାଲିକ ମାନସ ଓ ତା' ବାପାଙ୍କୁ ଦେଖି ତାଙ୍କ ମନ ମୁତାବକ ଖାଦ୍ୟ ପଠେଇଲେ । ବାପପୁଅ ଦୁହେଁ ଖୁସିରେ ଖାଇପିଇ ଘରକୁ

Magazine Downloaded from www.aahwaan.com

ଫେରିଲେ ।

ମିନାକ୍ଷୀକୁ ମନକଥା କହି ନପାରିବାରୁ ମାନସର ହୃଦୟରେ ଯେଉଁ କଷ୍ଟଥିଲା ବାପାଙ୍କ ଉପଦେଶ ଶୁଣିବାପରେ ତାହା ଧିରେଧିରେ କମିବାକୁ ଲାଗିଲା । ରାତିପାହି ସକାଳ ହେଲା । ସେଦିନ ଥିଲା ଅଗଷ୍ଟ ୧ ତାରିଖ ଗୁରୁବାର । ସବୁଦିନ ଭଳି ମାନସ ବାହାରିଲା କଲେଜକୁ । ଯିବା ବାଟରେ ସରପଞ୍ଚଙ୍କ ମାନସକୁ ଅଟକେଇ କହିଲେ, ମାନସ ବାବା, କିଛିଦିନ ପରେ ଏହି ରାସ୍ତାରେ ଆଉ ଖାଲଢିପ ନଥିବ, ଆଜିଠୁ ରାସ୍ତାକାମ ଆରମ୍ଭ କରୁଛି । ମାନସ ଟିକିଏ ହସି ଧନ୍ୟବାଦ ଜଣେଇ ଚାଲିଲା ବସଷ୍ଟପକୁ । ସାରଙ୍ଗ ତା' ପ୍ରେମିକା ସହ ଆସିଲା ମାନସ ପାଖକୁ । ସାରଙ୍ଗ ସମସ୍ତ ଭାଷାକୁ ବହୁତ ଭଲପାଏ କିନ୍ତୁ ସମ୍ବଲପୁରୀ ଭାଷାରେ ତା' ଟିକିଏ ଅଧିକ ରୁଚିଥିଲା । ସାରଙ୍ଗ କହିଲା, ଆଏଜ୍ ହେଉଛେ ଅଗଷ୍ଟ୍ ୧ ତାରିଖ୍, ସମ୍ବଲପୁରୀ ଦିବସ୍ । ମୁଇଁ ଆଜି ସମ୍ବଲପୁରୀ ଭାଷାଥି କଥା ହେମି । ବୁଝବ ବଏଲେ ଭଲ୍, ଆର୍ ନାଇଁ ବୁଝିଲେ ବି ଭଲ୍ । ମାନସକୁ କହିଲା -ଆର୍ ମାନସ୍ ବାବୁ, ସେ ଟୁକେଲକେ କେବେ ପ୍ରପୋଜ୍ ମାରବୁରେ ବେଡ଼ା ? ମାନସ କହିଲା, ଆଜି ନିଶ୍ଚୟ କହିବି । ବସ୍ ଆସିଲା, ମାନସ ବସରେ ବସି ଅପେକ୍ଷା କରିଛି ମିନାକ୍ଷୀକୁ । କିଛି ସମୟପରେ ହାଣ୍ଡିଆପଦା ଛକଠାରେ ବସ୍ ଅଟକିଲା । କିନ୍ତୁ, ସେଦିନ ମିନାକ୍ଷୀ ଆସି ନଥିଲା । ମାନସ ଭାବିଲା ହୁଏତ କୌଣସି ଅସୁବିଧା ଯୋଗୁଁ ମିନାକ୍ଷୀ ଆସିଲା ନାହିଁ । ଏହାପରେ ବସଟି ଯାଇ କଲେଜ ଛକରେ ପହଞ୍ଚିଲା ।

ବସରୁ ଓହ୍ଲେଇ ଦେଖିଲା ମିନାକ୍ଷୀ ସ୍କୁଟିରେ କଲେଜ ଭିତରକୁ ଯାଉଛି । ସାରଙ୍ଗ କହିଲା, ଚାଲ୍ ତୋର୍ ପ୍ରେମିକାକେ ସବୁ କହିଦେମା । କଲେଜ ଲାଇବ୍ରେରୀରେ ମାନସ ଓ ସାରଙ୍ଗର ଭେଟ ହୁଏ ମିନାକ୍ଷୀ ସହିତ । ସେଇଠି ପଡିଥିବା ଚେୟାରରେ ବସି ତିନିଜଣଙ୍କ ମଧ୍ୟରେ ବାର୍ତ୍ତାଳାପ ଚାଲିଲା । ମାନସ କହିଲା, ମିନାକ୍ଷୀ, ତୁମେ କିଛି କହିବ କହୁଥିଲ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏବେ କହିବକି ? ସାରଙ୍ଗ କହିଲା, ହବୋ ବେଡା, ପିଲାଟେ ହେଇକରି ଟୁକେଲକେ ଆଘ କହିବାର୍ କେ କହୁଚୁ, ତୁଇ କହ ନାହାଲେ ମୁଇଁ କହିଦେମି । ମିନାକ୍ଷୀ କହିଲା, ସାରଙ୍ଗ, ତୁମେ ସମ୍ବଲପୁରୀ ଭାଷା କେଉଁଠୁ ଶିଖିଲ ? ମୋତେ ଟିକିଏ ଶିଖାଇ ଦେବ ପ୍ଲିଜ୍ । ସାରଙ୍ଗ କହିଲା, କାଣା କହିଲୁରେ ନାରାଣ, ଗେରେଣ୍ଟି ଶିଖାମି । ସମ୍ବଲପୁରୀ ମୋର୍ ବୁନ୍ଦାବୁନ୍ଦା ରକତ୍ ଥି ଅଛେହୋ । ମିନାକ୍ଷୀ କହିଲା, ଥାଙ୍କ୍ୟୁ । ଆଉ ହଁ ମାନସ, ମୁଁ ଏହା କହିବାକୁ ଚାହୁଁଥିଲି କି, ମୁଁ... ସାରଙ୍ଗକୁ... (ମାନସ ସାରଙ୍ଗକୁ ଅନେଇ ଟିକିଏ ହସିଲା) ସାରଙ୍ଗ କହିଲା ଜଲଦି କହ ହୋ... ଆର୍ ଟାକି ନାଇଁ ହେବାର୍ । ମାନସ କହିଲା, ହଁ ମିନାକ୍ଷୀ କୁହ । ତୁମେ ସାରଙ୍ଗକୁ...କ'ଣ ? ମିନାକ୍ଷୀ କହିଲା, ମୁଁ... ସାରଙ୍ଗକୁ (ମାନସକୁ ଦେଖି ଟିକିଏ ଅଟକି ଯାଇ)...ମୁଁ ସାରଙ୍ଗକୁ ବହୁତ ଭଲପାଏ ।

ମିନାକ୍ଷୀ ପାଟିରୁ ଏସବୁ ଶୁଣି ସାରଙ୍ଗ ବେହୋସ ହୋଇଗଲା । ମିନାକ୍ଷୀ ଓ ମାନସ ପାଣିଛିଞ୍ଚି ସାରଙ୍ଗକୁ ହୋସକୁ ଆଣିଲେ । ସାରଙ୍ଗ ଆଶ୍ଚର୍ଯ୍ୟ ହୋଇ ଦେଖିଲା ମାନସକୁ ଓ ହସିହସି କହିଲା, ହା... ହା... ଶାଗୁଣା ବସିଚେ ଡେନା ମେଲେଇ, ଚାଲ୍ ଯିମା ମିନାକ୍ଷୀ ଆମେ ପଲେଇ... । ମିନାକ୍ଷୀର କଥାଶୁଣି ମାନସ ଆଉ କିଛି ନକହି ଘରକୁ ଯାଇ ବାପାଙ୍କୁ କହିଲା, ବାପା, ମୁଁ ଏବେ ବୟସର ମାୟାଜାଲରେ ଛନ୍ଦି ହୋଇ ଅବାଟକୁ ଯାଉଥିଲି । କିନ୍ତୁ ଆପଣ ମୋତେ ସମୟର ମୂଲ୍ୟ ବୁଝାଇଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ । ମୁଁ କଥା ଦେଉଛି ଆପଣ ମୋ ପାଇଁ ଦେଖିଥିବା ସ୍ୱପ୍ନକୁ ମୁଁ ନିଶ୍ଚୟ ସାକାର କରିବି । ଏତିକି କହି ପଢିବାକୁ ଚାଲିଗଲା ମାନସ । ଯୁକ୍ତୀ ସରିବା ପରେ ମାନସ ବାହାରକୁ ଗଲା ପାଠପଢିବା ପାଇଁ । ଆଠବର୍ଷ ଧରି ମନଲଗେଇ ପାଠ ପଢିଲା ।

(ଆଠ ବର୍ଷପରେ) ସକାଳର ପହିଲି କିରଣ ଧରାବତରଣ କଲା । ଘର ଚଟିଆ ଗାଁର ଛପର ଘରେ କିଚିରି-ମିଚିରି ଶବ୍ଦ କରୁଥାନ୍ତି । କୁକୁଡା ଡାକୁଥାଏ । କାଉର କାକା ସ୍ୱରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାଁଲୋକେ ନିଦରୁ ଉଠି ଯିଏ ଯା' କାମରେ ବାହାରିଗଲେ । ଏତିକି ବେଳେ ଶ୍ୟାମସୁନ୍ଦର ବାବୁଙ୍କ ସ୍ୱର ଶୁଭିଲା, କିଏ କୁଆଡେ ଗଲ ? ଗୋଟେ ଖୁସିଖବର ଆସିଛି । ଆମ ମାନସ ଆଜି ଘରକୁ ଫେରୁଛି । ତାହା ପୁଣି ଆମ ଜିଲ୍ଲାର କଲେକ୍ଟର ହୋଇ । ଆରେ କିଏ କୁଆଡେ ଅଛ ? ମୋ କଥା ଶୁଣିଲ ନା ନାଇଁ ? ଶ୍ୟାମବାବୁଙ୍କ କଥାଶୁଣି ଘରର ସମସ୍ତେ ଖୁସିରେ ନାଚି ଉଠିଲେ । ଗାଆଁଟା ସାରା ମିଠାବଣ୍ଟା ହେଲା । ଗାଁ ଲୋକେ କହିଲେ, ଶ୍ୟାମବାବୁ, ମାନସ ଆପଣଙ୍କ ନାଁ ରଖିଲା । ଏବେ ଆମ ମାନସ ଆମ ଗାଁ କଥା ବୁଝିବ, ଆମ ଜିଲ୍ଲାକଥା ବୁଝିବ । ନାଲିବତି କାର ଗାଡିରେ ବସି ଘରକୁ ଆସୁଥାଏ ମାନସ । ବାଟରେ ତା' କଲେଜ ପଡିଲା । କଲେଜକୁ ଯାଇ ଅଧ୍ୟାପକ / ଅଧ୍ୟାପିକା ମାନଙ୍କଠାରୁ ଆଶୀ୍ୱାଦ ନେଇ ଘରକୁ ଫେରୁଥାଏ । ବାଟରେ ପଡିଲା ହାଣ୍ଡିଆପଦା ଛକ । ଗାଡିରୁ ଓହ୍ଲାଇ ରାସ୍ତାକଡରେ ଟିକିଏ ଛିଡା ହେଲା ମାନସ । ତା' ଇଚ୍ଛାହେଲା ମିନାକ୍ଷୀର ଗାଆଁକୁ ଯାଇ ତାକୁ ଧନ୍ୟବାଦ ଜଣେଇବ, କିନ୍ତୁ ତା'ପାଦ ପଛକୁ ଫେରିଆସିଲା । ପୁଣି ଘରକୁ ଫେରିବା ବାଟରେ ପଡିଲା ସରେଇହାଣ୍ଡି ଛକ । ମାନସ କାରରୁ ଓହ୍ଲେଇ ଦେଖିଲା ଆଜି ମଧ୍ୟ ସେଇଠି ଛୋଟ ହୋଟେଲଟିଏ ଅଛି । ହୋଟେଲ ପାଖରେ ସେହି ବରଗଛ । କିନ୍ତୁ ବରଗଛଟି ଏବେ ଟିକିଏ ବୁଢା ହୋଇଯାଇଛି ।

ମାନସ ତା' ଡ୍ରାଇଭର ସହିତ ହୋଟେଲରେ ଯାଇ ବସିଲା । ହୋଟେଲ ଚାରିପଟକୁ ଅନେଇ ଦେଖିଲା କିଛି ପରିବର୍ତ୍ତନ ହୋଇନାହିଁ । ପରିବର୍ତ୍ତନ ହୋଇଛି କେବଳ (ହୋଟେଲ ମାଲିକ)ସନିଆଁ ସାହୁର ଦାଢିର ରଙ୍ଗ । ସନିଆଁ ମାନସକୁ କହିଲେ, ଆଜ୍ଞା କ'ଣ ଖାଇବେ ? ସବୁ ଗରମ ଅଛି । ମାନସ କହିଲା, ଦି'ଟା ସିଙ୍ଗଡା, ଗୋଟେ ପ୍ଲେଟ୍ ପକୁଡି, ତେଲରେ ଛଣା ହୋଇଥିବା ଗୋଟିଏ ନାଲି ଲଙ୍କା ଏବଂ ଗୋଟିଏ ସ୍ପ୍ରାଇଟ୍ ବୋତଲ ପଠାନ୍ତୁ । ସନିଆଁ ଆଖିରେ ଲୁହ ଭରି ଆସିଲା । ସିଏ କହିଲା, ଆରେ, ତୁ କ'ଣ ଆମ ମାନସ ? ସେଇ ମାନସ,

Magazine Downloaded from www.aahwaan.com

ଯିଏ କଲେଜରୁ ଫେରିବା ପରେ ଏଇଠି ଜଳଖିଆ ଖାଇ ଘରକୁ ଯାଉଥିଲା । ମାନସ କହିଲା, ହଁ ଦାଦା, ଆଜି ମୁଁ ଆମ ଜିଲ୍ଲାର କଲେକ୍ଟର ହୋଇ ଫେରିଛି । ଏବେ ଆମ ଜିଲ୍ଲାର ସବୁ ଦୁଃଖକୁ ମୁଁ ଦୂର କରିବି । କେବଳ ଆପଣଙ୍କ ଆଶୀର୍ବାଦ ଦରକାର ।

ସନିଆଁ କାନ୍ଦି ପକେଇଲା । ଏବଂ ଖୁସିରେ ଜଳଖିଆ ନିଜେ ଆଣି ମାନସ ପାଖରେ ରଖିଲା ଏବଂ କହିଲା, ମୋ ଆଶୀର୍ବାଦ ସର୍ବଦା ତୋ ଉପରେ ଅଛି ବାବା । ଖାଇସାରି ହୋଟେଲରୁ ବାହାରିବା ବେଳେ ମାନସର ଦେଖାହୁଏ ସାରଙ୍ଗ ସହିତ । ଗୋଟିଏ ଠେଲାରେ ଗୁପଚୁପ୍ ରଖି ବିକ୍ରି କରୁଛି ସିଏ । ମାନସ ତା' ପାଖକୁ ଯାଇ କହିଲା, କି'ରେ ଶାଗୁଣା, ମୁହଁ କ'ଣ ପାଇଁ ସୁଖିଛି ବେ ? ପ୍ରେମିକା ସହିତ ପୁଣି ଝଗଡା କରିଛୁନା... ଲାଗୁଛି ତୁ ଆଉ ସୁଧୁରିବୁନି । ହଉଚାଲ୍ ଗୁପଚୁପ୍ ଦେ ଖାଇବି । ବହୁତ ଜୋରରେ ଭୋକକଲାଣି । ସାରଙ୍ଗ କାନ୍ଦି ପକେଇଲା ଓ ମାନସକୁ ଜାବୁଡି ଧରିଲା ଓ କହିଲା, ସାଙ୍ଗ, ବହୁତ ଦିନପରେ ଆଜି ତତେ ଦେଖୁଛି, ବହୁତ ଖୁସି ଲାଗିଲା । ତୁ ତୋ ବାପାଙ୍କ କଥାମାନି ସମୟର ମୂଲ୍ୟକୁ ବୁଝିଲୁ ଓ ଏବେ ତୋ ସ୍ୱପ୍ନକୁ ସାକାର କରି ପାରିଛୁ । କିନ୍ତୁ ଏଇ ଶାଗୁଣା, ବୟସର ମାୟାଜାଲରେ ଛନ୍ଦି ହୋଇ ଆଜି ଡେଣାମେଲେଇ ବସିଛି ଓ ଗୁପଚୁପ୍ ବିକୁଛି । ମୋ ଭୁଲପାଇଁ ସମୟ ଆଜି ମୋତେ ଉଚିତ ଦଣ୍ଡ ଦେଇଛି, ଆଜି ମୁଁ ଅନୁତପ୍ତ ।

ମାନସ ଆଖିରେ ଲୁହଭରି ଆସିଲା । କିଛି ନକହି କାରରେ ବସି ଘରକୁ ଚାଲିଗଲା । ଯିବା ବାଟରେ ଦେଖିଲା ରାସ୍ତାରେ ଆଉ ଖାଲନାହିଁ । କଂକ୍ରୀଟ୍ ରାସ୍ତା ହୋଇଛି । ମାନସକୁ ସ୍ୱାଗତ କରିବା ପାଇଁ ଶ୍ୟାମସୁନ୍ଦର ବାବୁଙ୍କ ପରିବାର ସହିତ ସରପଞ୍ଚ ଏବଂ ଗାଁ ଲୋକେ ଛିଡା ହୋଇଥାନ୍ତି ଗାଁ' ମୁଣ୍ଡରେ । ମାନସକୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଗଲା । ଘରକୁ ଯିବାପରେ ମାନସ ଶ୍ୟାମବାବୁଙ୍କୁ କହିଲା, ବାପା, ଆଶା କରୁଛି ଆପଣ କହିଥିବା ସମୟର ତିନୋଟି ସ୍ତରକୁ ମୁଁ ସଠିକ ଭାବରେ ଉପଯୋଗ କରିପାରିଛି । ଏବଂ ଆଜି ମୁଁ ବୁଝିଛି ସମୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବହୁତ ମୂଲ୍ୟବାନ । ସଫଳତା ପାଇବା ପାଇଁ ସମୟର ସଦୁପଯୋଗ କରିବା ଏକାନ୍ତ ଆବଶ୍ୟକ । ଶ୍ୟାମବାବୁ କହିଲେ, ନା ବାବା, ତୁ କେବଳ ଦୁଇଟି ସ୍ତରକୁ ଅତିକ୍ରମ କରିଛୁ । ଏବେ ସମୟର ଅନ୍ତିମ ସ୍ତର ତୋର ଅପେକ୍ଷା କରି ରହିଛି, ଚାଲ ମୋ ସହ । ଶ୍ୟାମବାବୁ ମାନସକୁ ନେଇ ତାଙ୍କ ଛାତ ଉପରକୁ ଗଲେ । ମାନସ ଦେଖିଲା ମିନାକ୍ଷୀ ସରପଞ୍ଚ ବାବୁଙ୍କ ସହିତ ବସିଛି । ମାନସ ଧିରେଧିରେ ମିନାକ୍ଷୀ ପାଖକୁ ଯାଇ କେବଳ ଚାହିଁରହିଲା । ଶ୍ୟାମବାବୁ ଏବଂ ସରପଞ୍ଚ ବାବୁ ସେଇଠୁ ଚାଲିଗଲେ ତଳକୁ । ମାନସ ଯାଇ ବସିଲା ମିନାକ୍ଷୀ ପାଖରେ । ଦେଖିଲା ହାତରେ ଶଙ୍ଖା ନାହିଁ, ମଥାରେ ସିନ୍ଦୂର ନାହିଁ । ଏହାର ଅର୍ଥ ମିନାକ୍ଷୀ ଏ ପର୍ଯ୍ୟନ୍ତ ବିବାହ କରିନାହିଁ । ମାନସ କଥା ହେବାକୁ ଚେଷ୍ଟାକଲା ମିନାକ୍ଷୀ ସହିତ ।

ମାନସ: ହାଏ... କେମିତି ଅଛ ମିନାକ୍ଷୀ ?

ମିନାକ୍ଷୀ: ମୁଁ ଭଲ ଅଛି... ଆଉ ତୁମେ ?

ମାନସ: ହଁ ମୁଁ ମଧ୍ୟ ଭଲ ଅଛି, ଗୋଟେ କଥା ପଚାରିବି ?

ମିନାକ୍ଷୀ: ହଁ, କୁହ କ'ଣ କହିବ ।

ମାନସ: ତୁମେ ଏଯାଏଁ ବାହା ହେଇ ନ କ'ଣ ପାଇଁ ?

ମିନାକ୍ଷୀ: ତୁମେ ତ ନ ଥିଲ, ମୁଁ କାହାକୁ ବାହା ହୋଇଥାନ୍ତି ? ବାସ୍ତବରେ...ମୁଁ, ତୁମକୁ ବହୁତ ଭଲପାଏ ।

ମାନସ: ଥଟ୍ଟା କରୁଛ ମୋ ସହ ? ଯଦି ଭଲପାଉଛ ସେଦିନ କଲେଜ ଲାଇବ୍ରେରୀରେ କ'ଣ ପାଇଁ ସାରଙ୍ଗ ସହ ଚାଲିଗଲ ?

ମିନାକ୍ଷୀ: କେବଳ ତୁମ ବାପାଙ୍କ ପାଇଁ । (ମାନସ ଆଶ୍ଚର୍ଯ୍ୟ ହୋଇ ଦେଖିଲା ମିନାକ୍ଷୀକୁ) କେବଳ ତୁମ ବାପଙ୍କ ଅନୁରୋଧ ରକ୍ଷାକରି ମୁଁ ସେଦିନ ସାରଙ୍ଗକୁ ଭଲପାଏ କହିଲି ଏବଂ ତା' ସହିତ ଆସିବା ପରେ ସବୁ ସତକଥା କହି ସାରଙ୍ଗଠୁ ଦୂରେଇ ଗଲି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାନସ: ବାପାଙ୍କ ଅନୁରୋଧ ?

ମିନାକ୍ଷୀ: ହଁ ମାନସ । ହାଣ୍ଡିଆପଦା ଛକଠୁ ଦୁଇ କିଲୋମିଟର ଭିତରକୁ ଗଲେ ସାମନ୍ତପୁର ଗାଁ ଅଛି । ସେଇଠି ମୋ ମାମୁଁଘର । ମୁଁ କେବଳ ସେହି ଦୁଇଦିନ ମାମୁଁଘରୁ ବସରେ କଲେଜ ଯାଇଥିଲି ଓ ତୁମକୁ ଭଲପାଇ ବସିଲି । ଦ୍ୱିତୀୟ ଦିନ କଲେଜରୁ ଫେରି ମାମୁଙ୍କ ସହ ମୁଁ ପୁଣି ଗାଁକୁ ଆସିଲି । ଘରକୁ ଫେରିବାପରେ ବାପାଙ୍କୁ ସବୁକଥା କହିଲି । ମୋ ବାପା ଏ ଗାଁର ସରପଞ୍ଚ । ସେଦିନ ତୁମେ ଶ୍ୟାମମଉସାଙ୍କ ସହିତ ବିଲକୁ ଯାଇଥିଲ । ସେଇଠୁ ଫେରିବା ପରେ ମୋ ବାପାଙ୍କ ସହିତ ଶ୍ୟାମ ମଉସା ଆମ ଘରକୁ ଆସି ମୋତେ ବୁଝେଇ କଥାଦେଲେ ଯେ ସମୟ ଆସିବାପରେ ମୋତେ ତୁମ ସହ ବାହାକରି ତାଙ୍କ ଘରର ବୋହୂ କରିବେ । ତେଣୁ ମୁଁ...

ମାନସ: ତୁମେ ଯାହା କହିଲ ତାହା ସତନା ମିଛ ମୁଁ ଜାଣିନାହିଁ, କିନ୍ତୁ ମୋ ବାପା ଆଜି ପର୍ଯ୍ୟନ୍ତ ଏମିତି କିଛି କରିନାହାନ୍ତି ଯେଉଁଥିରେ ମୋର ଅମଙ୍ଗଳ ହେବ । ଆଜି ମୋ ସ୍ୱପ୍ନକୁ ମୁଁ ସାକାର କରିପାରିଛି କେବଳ ମୋ ବାପା ଏବଂ ମୋ ମିନାକ୍ଷୀପାଇଁ, ଆଇ ଲଭ୍ ୟୁ... ଏହାଶୁଣି ମିନାକ୍ଷୀ କୁଣ୍ଢେଇ ପକାଇଲା ମାନସକୁ, କହିଲା, ଲଭ୍ ୟୁ ଠୁ ମାନସ । ଦୁହେଁ ଖୁସିରେ ବାପାଙ୍କୁ ଧନ୍ୟବାଦ ଜଣେଇ ଗୋଟିଏ ବର୍ଷପରେ ବିବାହ ବନ୍ଧନରେ ବାନ୍ଧି ହୋଇଖୁସିରେ ଅଛନ୍ତି ।

ଆଜିର ଉନ୍ନତ ଆଧୁନିକ ଯୁଗରେ ଅନେକ ଯୁବକ ବେକାର ବୁଲୁଛନ୍ତି । କାରଣ ସେମାନେ ସମୟର ମୂଲ୍ୟ ବୁଝିନାହାନ୍ତି, ବୟସର ମାୟାଜାଲରେ ଛନ୍ଦି ହୋଇ ଯୁବଗୋଷ୍ଠି ପଥଭ୍ରଷ୍ଟ ହୋଇ ତାଙ୍କ ଭବିଷ୍ୟତକୁ ନଷ୍ଟ କରୁଛନ୍ତି । ଏହି କାହାଣୀରେ ମୁଁ ଯୁବଗୋଷ୍ଠିଙ୍କୁ ଦୋଷ ଦେଇନାହିଁ, ମୁଁ କେବଳ ସମୟର ବିଷେଷତ୍ୱକୁ ବଖାଣିବା ପାଇଁ ଚେଷ୍ଟା କରିଛି । ଆଶା କରୁଛି ଏହି କାହାଣିଟି ଯୁବଗୋଷ୍ଠିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗଦର୍ଶକ ହୋଇପାରିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(**ବିଦ୍ୟାର୍ଥୀ ଜୀବନେ ପିତୃଦୀକ୍ଷା** ନାମକରଣର ଅର୍ଥ :- (ବିଦ୍ୟାର୍ଥୀ ମାନଙ୍କ ଜୀବନରେ ପିତାଙ୍କ ଉପଦେଶ)ବିଦ୍ୟାର୍ଥୀମାନେ ତାଙ୍କ ଭବିଷ୍ୟତ ପଥରେ ଅଗ୍ରସର ନହୋଇ ପଥଭ୍ରଷ୍ଟ ହୋଇ ଅବାଟକୁ ଚାଲି ଯାଉଥିବା ସମୟରେ ପିତାଙ୍କ ଉପଦେଶ ହିଁ ବିଦ୍ୟାର୍ଥୀଙ୍କୁ ଉଚିତ ମାର୍ଗଦର୍ଶନରେ ସହାୟକ ହୋଇଥାଏ ଏବଂ ନିଜ କର୍ତ୍ତବ୍ୟ ପାଇଁ ଦୃଢ଼ ସଂକଳ୍ପ ନେବାରେ ସାହାଯ୍ୟ କରିଥାଏ । କରଣ ପିତା ଦେଖାଇଥିବା ପଥରେ କଣ୍ଟା ନଥାଏ, ଥାଏ କେବଳ ସୁବାସିତ ପୁଷ୍ପ ଏବଂ ଲକ୍ଷ୍ୟସ୍ଥଳରେ ଅପେକ୍ଷା କରିଥାଏ ଉଜ୍ଜ୍ୱଳ ଭବିଷ୍ୟତ ।)

ସ୍ନାତକୋତ୍ତରଦ୍ୱିତୀୟବର୍ଷ (ଓଡ଼ିଆବିଭାଗ)
ସୌରିପାଲୀ, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ: ୬୩୭୧୪୫୦୮୩୪

Magazine Downloaded from www.aahwaan.com

ଜ୍ଞାନ୍ ଙ୍କେ ଟ୍ରାଫିକ୍

ଗଦାଧର ବଳ

ପେଟ ପାଇଁ ନାଟ । ମଣିଷ ପେଟ ପାଇଁ କେବେ କେବେ ଦାଦନ ଖଟେ ତ କେବେ କେବେ ଶ୍ମଶାନରେ ଶବଦାହ କରିଥାଏ, କେବେ ବି ମେହେନ୍ତର କାମ କରି ନିଜର ଜୀବିକା ନିର୍ବାହ କରିଥାଏ । ସେମିତି କାମକୁ ସମାଜ ଖୁବ ନିମ୍ନ ଦୃଷ୍ଟିରେ ଦେଖିଥାଏ । କେବେ କେବେ ଜୀବନ ପଥରେ କିଛି ରୋଜଗାର କରିବାର ମାନସିକତାରେ ଜୀବିକା ଅନ୍ୱେଷଣରେ ନିଜର ଅଜଣାତରେ ହେଉ କି ଜାଣି ଶୁଣି ହେଉ ବହୁ ରାସ୍ତା ଅତିକ୍ରମ କରି ବାଟ ଚାଲି ଯାଇଥାଏ । ଜୀବନ ଆଉ ଜୀବିକା ଉଭୟ ପରିପୂରକ ହେଲେବି ଯେ କୌଣସି ଜୀବିକାକୁ ଯେ ସମାଜ ଗ୍ରହଣ କରିବ ତାର କିଛି ଗ୍ୟାରେଣ୍ଟି ହିଁ ନାହିଁ । କେବେ କେବେ ମଣିଷ ତାର ଅଜାଣତରେ ଜ୍ଞାନ ଙ୍କେ ଟ୍ରାଫିକରେ ପାଦ ରଖିଥାଏ, ସେ କେବେ ବି କଳ୍ପନା ବି କରି ନଥାଏ କି ଜାଣିପାରେନା ଯେ ସେ ରାସ୍ତା ତା ପାଇଁ କଣ୍ଟକିତ ନା ପୁଷ୍ପିତ ।

କାରୋନାର ଭୟାବହତାରେ ବିଶ୍ୱ ଆତଙ୍କିତ । ବିଶ୍ୱବାସୀଙ୍କ ମନରେ ଅଜଣା ଆତଙ୍କ ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି । କୋଭିଦ ୧୯ ଭୂତାଣୁ ଅନେକ ଜୀବନ ନେଇ ସାରିଲାଣି । ବିଶ୍ୱର ଅନେକ ଦେଶ ତା ଆତଙ୍କରେ ଭୟଭୀତ ହୋଇ ନିଜ ଦେଶକୁ ଲକ ଡାଉନ ଘୋଷଣା କରିସାରିଛନ୍ତି । ଭାରତରେ ମଧ୍ୟ ଏହାର ପ୍ରଭାବ ଦେଶବ୍ୟାପୀ ଲକଡାଉନ ଘୋଷଣା ସରିଥାଏ । ଦେଶବ୍ୟାପୀ ଲକଡାଉନର ଦ୍ୱିତୀୟ ପର୍ଯ୍ୟାୟ ଚାଲିଥାଏ । ପୋଲିସ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଭୂରି ଭୂରି ପ୍ରସଂଶା ବିଶ୍ୱବ୍ୟାପୀ ଚାଲିଛି । ସେମାନଙ୍କୁ ଯୋଦ୍ଧାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପାଧି ଦିଆଯାଇଥାଏ । ମାତ୍ର ଦିନରାତି ଏକକରି ଜନମାନସକୁ ଦେଶର କୋଣ ଅନୁକୋଣରୁ କରୋନାର ଭୟାବହତା ତଥା ସଚେତନତା ସୃଷ୍ଟି କରୁଥିବା ସାମ୍ବାଦିକମାନଙ୍କୁ କିଛି ସରକାରୀ ସହାୟତା ତ ଦୂରର କଥା ସହଯୋଗିତା ମଧ୍ୟ ମିଳୁ ନଥାଏ । ତଥାପି ନିଜର କର୍ତ୍ତବ୍ୟ ସମ୍ପାଦନରେ ସାମ୍ବାଦିକଟିଏ କେବେ ବି ଅବହେଳା କରିନି ବା କରୋନା ମହାମାରୀର ଭୟାବହତାକୁ ଡରି ଘରେ ଲୁଚି ରହି ଯାଇନି । ଜଣେ ଦାୟିତ୍ୱବାନ ଗଣମାଧ୍ୟମ ପ୍ରତିନିଧି ଭାବେ ମୁଁ ବି ଦିନ ରାତି ଏକ କରି ନିଜକୁ ନିୟୋଜିତ କରିଛି ତୃଣମୂଳ ସ୍ତରରୁ କାରୋନା ସମ୍ବନ୍ଧୀୟ ଖବର ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ । ସାମ୍ବାଦିକ ହିସାବରେ ଗାଁ ଗହଳିରେ ସାମ୍ବାଦିକତା କରିବା ଭିନ୍ନ କଥା । ମାତ୍ର ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ନିଜର ଦାୟିତ୍ୱ ସମ୍ପାଦନ କରିବା ଏକ ଭିନ୍ନ ଚ୍ୟାଲେଞ୍ଜ । କାରଣ ରାଜ୍ୟର ରାଜଧାନୀ ବିଳମ୍ବିତ ରାତିରେ ଅଧିକ ସଜାଗ ଥାଏ ଓ ଏଠାକାର ରାଜନୀତି ଖବର ରାଜ୍ୟର ଭାଗ୍ୟ ବଦଳାଇ ଦେଇ ଥାଏ । ତା ପରେ ରାତ୍ରିର ଅନ୍ଧକାରରେ ରାଜଧାନୀର ଛାତିରେ ଅନେକ ଅକୁହା ତଥା ଅବର୍ଣ୍ଣନୀୟ ଅପରାଧ ଘଟି ଚାଲେ । ସେଥିପାଇଁ ରାଜଧାନୀରେ ସାମ୍ବାଦିକତା କରିବାକୁ ହେଲେ ଦିବାରାତ୍ର ସଜାଗ ରହିବା ପାଇଁ ପଡିଥାଏ । ଜଣେ ଆଗଧାଡିର ସାମ୍ବାଦିକ ଭାବେ ମୋ ଖବକାଗଜ ପାଇଁ ସେଦିନ ଲକ ଡାଉନ ଭିତରେ ବି ମୋଟର ସାଇକେଲ ନେଇ ବାଣୀବିହାର ଛକରୁ ସଚିବାଳୟ ଆଡକୁ ରାତି ପ୍ରାୟ ଆଠଟା ହେବ ବାହାରିଲି । ଲକ ଡାଉନ ପାଇଁ ରାସ୍ତା ଶୁନସାନ ଥାଏ । ସରକାରଙ୍କ ଘୋଷଣା ପରେ ଦେଶ ତମାମ ରେଳ ସେବା ବିମାନ ସେବା ବନ୍ଦ ଥାଏ । ରାତ୍ରି କର୍ଫୁ ବି ଲାଗିଥିବାରୁ ରାସ୍ତା ଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ଥାଏ । ମାଷ୍ଟର କେଣ୍ଟିନ ଦେଇ ସଚିବାଳୟ ଆଡକୁ ଯିବା ବେଳେ ମନ ହେଲା ରେଳ ଷ୍ଟେସନ ଦେଇ ବୁଲି ଯିବାକୁ । ଅଳ୍ପ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଟ ଯାଇଛି । ରାସ୍ତା କଡରେ ଜଣେ ସ୍ୱଳ୍ପ ବୟସ୍କା ସୁନ୍ଦରୀ ତରୁଣୀ ରାସ୍ତା କଡରେ ଠିଆ ହୋଇଥିବାର ଦୃଶ୍ୟ ମୋ ନଜରକୁ ଆସିଲା । ସରକାରଙ୍କ ଦ୍ୱାରା ଦ୍ୱିତୀୟ ପର୍ଯ୍ୟାୟ ଲକ ଡାଉନ ଘୋଷଣା ବେଳେ ଦେଶର ଅତ୍ୟାବଶ୍ୟକୀୟ ସାମାଗ୍ରୀ ପରିବହନ ପାଇଁ କେବଳ ମାଲ ଗାଡି ଗୁଡିକୁ ଚଳାଚଳ ପାଇଁ ଅନୁମତି ଦିଆ ଯାଇଥିବାରୁ ରେଳ ଲାଇନରେ କାଁ ଭାଁ କେବେ କେବେ ମାଲ ଗାଡି ଗୁଡିକ ଯିବା ଆସିବା କରୁଥାଏ । ପାଣି କିମ୍ବା ଡ୍ରାଇଭରର କିଛି ଜରୁରୀ କାମ ପାଇଁ କେବେ କେବେ ଭୁବନେଶ୍ୱର ଷ୍ଟେସନରେ କିଛି ସମୟ ପାଇଁ ଗାଡି ଗୁଡିକ ରହେ । କିଛି ଦାଦନ ଆନ୍ଧ୍ର କିମ୍ବା ଅନ୍ୟ ରାଜ୍ୟରୁ ସରକାରୀ ନିର୍ଦ୍ଦେଶନାମାକୁ ନ ମାନି ଏହି ମାଲ ଗାଡି ଗୁଡିକରେ ବାହାର ରାଜ୍ୟରୁ ଲୁଚି ଛପି ଚାଲି ଆସନ୍ତି ନିଜ ରାଜ୍ୟକୁ । ମାତ୍ର ଗାଡି ଚାଲୁ ନ ଥିବାରୁ ଏଠାରୁ ନିଜ ଘରକୁ ଚାଲି ଚାଲି ଯାଉଥିବାର ଦୃଶ୍ୟ କିଛି ଦିନ ହେବ ନଜରକୁ ଆସୁଛି । ଏମିତି ଅମାନିଆ ପ୍ରବାସୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ଚିନ୍ତା ବି ବଢିଛି ।

କେଉଁ ଏକ ମାଲ ଗାଡିରେ ତରୁଣୀ ଜଣଙ୍କ ବାହାର ରାଜ୍ୟରୁ ଚାଲି ଆସି ଘରକୁ ଯାଇ ନପାରି ଅସୁବିଧାରେ ପଡିଛି ବୋଲି ମୋ ମନକୁ ଏକ ଧାରଣା ଆସିଲା ଓ ତାକୁ ସହାୟତା କରିବା ପାଇଁ ମୋ ବିବେକ ତା ପାଖରେ ମଟର ସାଇକେଲଟିକୁ ଅଟକାଇବା ପାଇଁ ବାଧ୍ୟ କଲା । ତା ନିକଟରେ ଅଟକି ଯିବା ପରେ ରାସ୍ତାର ଆଲୋକରେ ଦେଖିଲି ବେଶ ସମ୍ଭ୍ରାନ୍ତ ଦେଖା ଯାଉଥିବା ଝିଅଟି ପ୍ରସାଧନ ସାମଗ୍ରୀରେ ତାର ମୁଖ ମଣ୍ଡଳକୁ ବେସ ସଜାଇ ଦେଇଥାଏ । ଆଣ୍ଠୁ ଉପରକୁ ଡ୍ରେସ୍ ଟିଏ ପିନ୍ଧି ଛିଡା ହୋଇ ଥାଏ ଯେମିତି କାହାରି ଅପେକ୍ଷାରେ । ମନରେ ସନ୍ଦେହ ହେଲା । ଆଟକି ଗଲି ତା ପାଖରେ । ପଚାରିଲି-

ମାମ କଣ ଗାଡିକୁ ଅପେକ୍ଷା କରିଛନ୍ତି । କେଉଠିକି ଯିବେ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଝିଅ ଜଣଙ୍କ ମୋତେ କିଛି ଉତ୍ତର ଦେବା ପରିବର୍ତ୍ତେ ତାର ସନ୍ଦେହ ଆଖିରେ ମୋତେ କିଛି ସାମୟ ଚାହିଁ ଥିଲା ଓ କହିଥିଲା-

ଆପଣ କିଏ କୁହନ୍ତୁ ?

ଭାବିଲି ଭୟ ଓ ଲକ ଡାଉନ ଘୋଷିତ ଜନଶୂନ୍ୟ ରାତ୍ରିର ରାସ୍ତାରେ ମୋତେ ଦେଖି ସେ ପ୍ରାୟ ଡରିଗଲା ବୋଧେ ।

ପୁଣି ପଚାରିଲା -ଆପଣ ?

ସ୍ଥାନୀୟ ଓଡିଆ ଖବର କାଗଜର ମୁଁ ସାମ୍ବାଦିକତା କରେ । ଘରକୁ ଯିବା ପାଇଁ ଅସୁବିଧାରେ ପଡି ନାହାନ୍ତି ତ ?

ସ୍ମିତ ହସ ଦେଇ କହିଲା- ନା ମୋର କିଛି ଅସୁବିଧା ନାହିଁ । ମୋର କାମ ହିଁ ଏୟା । ମୁଁ ପ୍ରତ୍ୟେକ ଦିନ ଏଠାରେ ଠିଆ ହୁଏ । ମୋର ଗରାଖକୁ ଅପେକ୍ଷା କରେ ।

ତାର ଇସାରା ଆଉ ଦମ୍ଭୋକ୍ତିରେ ବୁଝିଗଲି ସେ ଜଣେ ଦେହାଜୀବୀ ବୋଲି ।

ପଚାରିଲି ଏଠାରେ କେତେବେଳୁ ଛିଡା ହେଲଣି ?

ସନ୍ଧ୍ୟା ଆସିବା ମାତ୍ରେ ସବୁଦିନ ମୁଁ ଏଠାକୁ ଆସି ଠିଆ ହୁଏ । ରାତି ବେଶି ହେଲେ ପଳାଇ ଯାଏ ।

ଏବେ ତ ରାତ୍ରି କାଳୀନ କରଫ୍ୟୁ ଚାଲିଛି । ଜାଣିଛ ଟି ?

ହଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱତନ୍ତ୍ର ପୃଷ୍ଠା ପାଇଁ କାହାଣୀଟିଏ ସଂଯୋଜନା କରିବା ପାଇଁ । ଇଚ୍ଛା ହେଲା ତାର ବ୍ୟକ୍ତିଗତ ଜୀବନ ବିଷୟରେ କିଛି ପଚାରିବା ପାଇଁ । ଯାହା ମୋର କାହାଣୀର ଗମ୍ଭୀରତାକୁ ସ୍ପର୍ଶ କରିବ ଓ ପାଠକ ହୃଦୟକୁ ଛୁଇଁ ପାରିବ ।

ଆଚ୍ଛା, ତମ ଘର କେଉଁଠି ? ତମେ ଏ ବୟସରେ ଏପରି ଘୃଣ୍ୟ ଲାଇନକୁ କେମିତି କଣ ପାଇଁ ଆସିଲ ଇତ୍ୟାଦି ଇତ୍ୟାଦି ଅନେକ କଥା...

ତରୁଣୀ ଜଣଙ୍କ କିଛି ସମୟ ନୀରବ ରହିଗଲେ । ଲାଗିଲା ସେ ବିଶେଷ ଭାବେ ଭାବ ବିହ୍ୱଳ ହୋଇଗଲେ ବୋଧେ । ନିଜର ଇଚ୍ଛା ବିରୁଦ୍ଧରେ କହିବା ଆରମ୍ଭ କାଲେ ।

ମୋ ଘର ଦେବଗଡ ଜିଲ୍ଲାର ଛେଣ୍ଡିପଡା ଥାନା ଅଧୀନ ରାମପୁର ଗାଁ ରେ ।

ଏ ଲାଇନକୁ କେବେ ଠାରୁ ଆସିଲଣି । ପ୍ରାୟ ଦୁଇ ବର୍ଷ ହେବ ।

ପାଠ ପଢିଛ ?

ହଁ, ସପ୍ତମ ପାସ କରିଛି ।

ତମ ଘରେ ଆଉ କିଏ କିଏ ଅଛନ୍ତି ?

ବାବୁ ! ପିଲା ଥିଲି ମୋ ମାଆ ଆରପାରିକୁ ଚାଲି ଯାଇଛି । ମା ବଞ୍ଚିଥିବା ବେଳେ ବାପଙ୍କୁ କଣ ଗୋଟେ ଅଜଣା ରୋଗ ହୋଇଥିଲା ଯେ ସେ ଏ ପର୍ଯ୍ୟନ୍ତ ଶଯ୍ୟାଶାୟୀ । ତାଙ୍କର ଚିକିତ୍ସା ପାଇଁ ମାସକୁ ମାସ ଅନେକ ଟଙ୍କା ଦରକାର ହୁଏ । ଘର ଡିହ ବାଦେ ଆମର ଆଉ ଜମି ବାଡି କିଛି ନାହିଁ । ମାମୁଁ ଘର ଗାଁ ପାଖରେ । ଭଲ ପାଠ ନ ହେବାରୁ ସାତ ଆଠ ବର୍ଷ ହେବ ଘରେ ରହି ଘର କାମ କରୁଥିଲି । ମାତ୍ର ଆର୍ଥିକ ଅନାଟନ ପାଇଁ ଗାଁର କିଛି ଝିଅ ପିଲା ଗାଁ ପାଖ ଜଣେ ଦଲାଲ ସହାୟତାରେ ଆନ୍ଧ୍ରପ୍ରଦେଶର ଏକ ଚିଙ୍ଗୁଡି ଫାର୍ମରେ କାମ ଦେବ କହି ନେଇ ଯାଇଥିଲା । ସେଠାରେ ଆମକୁ ଛାଡି ଦେଇ ତାର ପାଉଣା ନେଇ ସେ ଫେରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଥିଲା । ଆମେ କିଛି ଦିନ କାମ କରିବା ପରେ ଓଡିଶାରୁ ସେଠାରେ କାମ କରୁଥିବା ଜଣେ ପୁଅ ସହ ମୋର ପ୍ରେମ ସମ୍ପର୍କ ହୋଇ ଯାଇଥିଲା । ଆମେ ଦୁହେଁ ସେଠାରେ ଏକାଠି ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ରହିଥିଲୁ ସ୍ୱାମୀ ସ୍ତ୍ରୀ ପରି । ମାସକୁ ମାସ ଯାହା ରୋଜଗାର କରେ ମାମୁଁ ପାଖକୁ ଟଙ୍କା ପଠାଇ ଦିଏ ବାପାର ଡାକ୍ତରୀ ଚିକିତ୍ସା ସେ କରନ୍ତି । ମୁଁ ସେ ପିଲାଟିକୁ ବିବାହ କରିବା ପାଇଁ ଜିଦ ଧରିବାରୁ ସେ ମୋତେ ସେଠାରୁ ତା ସାଥିରେ ଓଡିଶା ନେଇ ଆସି ଖୋର୍ଦ୍ଧା ଷ୍ଟେସନରୁ ଓହ୍ଲାଇ ଲୁଚି କେଉଁ ଆଡେ ପଳାଇଗଲା । ନା ମୁଁ ତାର ଠିକଣା ଜାଣିଛି ନା ତା ଘର ପରିବାର ବିଷୟରେ । ଖୋର୍ଦ୍ଧାରେ ଷ୍ଟେସନରେ ଅଟକିବା ପରେ ବହୁ ଲୋକଙ୍କୁ ଅନେକ ନେହୁରା ହୋଇଛି ସହାୟତା ପାଇଁ । ଦୁଇ ତିନି ଦିନ ପର୍ଯ୍ୟନ୍ତ ଷ୍ଟେସନରେ ରହି ଭୋକ ଉପାସରରେ ଭୁବନେଶ୍ୱର ପର୍ଯ୍ୟନ୍ତ ଖୋଜି ଖୋଜି ଆସି ଜଣେ ଭଦ୍ର ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇଥିଲା । ସେ ସହାୟତାର ହାତ ବଢାଇବା ବାହାନାରେ ମୋ ସହ ପାଶବିକ ଅତ୍ୟାଚାର କରି ବିଳମ୍ବିତ ରାତିରେ ମୋତେ ଷ୍ଟେସନରେ ଛାଡି କେଉଁ ଆଡେ ପଳାଇ ଯାଇଥିଲେ । ମୁଁ ନିରାସରେ କାନ୍ଦି କାନ୍ଦି ଷ୍ଟେସନରେ ବୁଲୁଥିବା ବେଳେ ମୋର ସାବିତ୍ରୀ ମାଉସୀ ସହ ଭେଟ ହୋଇ ଥିଲା । ସେ ତାଙ୍କ ଘରକୁ ନେଇ ଯାଇଥିଲେ, ଯାହା ଷ୍ଟେସନ ଠାରୁ କିଛି ଦୂର ଏକ ଝୁମ୍ପୁଡି ବସ୍ତିରେ ଅବସ୍ଥିତ । ପରେ ଜାଣିଲି ସେଇଟା ମାଳୀ ସାହି ବୋଲି । ସାବିତ୍ରୀ ମାଉସୀ ତାଙ୍କର ନିଜ ଧନ୍ଦାରେ ମୋତେ ଭିଡେଇ ଦେଲେ । ତାଙ୍କ ପାଖରେ ମୋ ପରି ଅନେକ ଝିଅ ଏ ଲାଇନରେ କାମ କରନ୍ତି । ଆଉ ସେଇ ଦିନ ଠାରୁ ମୁଁ ଏ ଲାଇନରେ ଅଛି । ବାବୁ ସତ କହୁଛି, ମାସକୁ ମାସ ମୋର ରୋଜଗାର ଟଙ୍କାକୁ ମୋ ମାମୁଁ ପାଖକୁ ପଠାଇ ଦିଏ । ସେ ମୋର ବାପାଙ୍କ ପାଇଁ ଡାକ୍ତରୀ ଚିକିତ୍ସାରେ ସେ ଟଙ୍କାକୁ ଖର୍ଚ୍ଚ କରନ୍ତି । ଏ ପର୍ଯ୍ୟନ୍ତ ମାମୁଁ ମୋର ଜାଣନ୍ତି ମୁଁ ଚାକିରି କରି ତାଙ୍କ ପାଖକୁ ଟଙ୍କା ପଠାଉଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ ଆଉ କରିଥାନ୍ତି ବାବୁ ?

ମୁଁ କହିଲି- ତମେ ଏ ଲାଇନରୁ ପଳାଇ ଯାଉନ କାହିଁକି ?

ବାବୁ ଏ ଲାଇନତା ଜ୍ଞାନ ଙ୍କେ ଟ୍ରାଫିକ ପରି । ଏ ବାଟ ଦେଇ କେବଳ ଆଗକୁ ଯିବା ପାଇଁ ପଡେ । ପଛକୁ ନୁହଁ....

ସେହି ସମୟରେ ହଠାତ ପୋଲିସ ଗାଡିର ସାଇରନ ଶୁଣି ତରୁଣୀ ଜଣଙ୍କ ସେଠାରୁ ଦୌଡି ପଳାଇ ଯାଇଥିଲା । ସେ ଦୃଶ୍ୟମାନ ହେଉ ନଥିଲା ଗଳି ରାସ୍ତାରେ ଅମା ଅନ୍ଧାରରେ.... ମୁଁ ଏକା ରାସ୍ତା କଡରେ ଜଡ ପରି ତରୁଣିଟିର କାହାଣୀ ମନେ ପକାଇ ଚାଲିଥିଲି । ତରୁଣିର ଆତ୍ମ କାହାଣୀ ମୋ ମନରେ ଗଭୀର ଦାଗଟିଏ ସୃଷ୍ଟି କରି ସାରିଥିଲା । ଭାବୁଥିଲି ସମାଜ ଯାହାଙ୍କୁ ଘୃଣା କରେ, ଟା ପଛରେ ବି ଗୋଟିଏ କାହାଣୀ ରହିଛି । ସାମାଜିକ ବାଛନ୍ଦ ଭିତରେ ତଥା ଜୀବନର ସ୍ରୋତର ପ୍ରତିକୂଳରେ ଜୀବନ ଜି ବାର ମାନେ କଣ ? ସରକାର କେବଳ ଅନେକ ନିୟମ ପ୍ରଣୟନ କରି ଡିମଡିମ ପିଟୁଛନ୍ତି ଯୌନ କର୍ମୀ ବା ଦେହାଜୀବୀମାନଙ୍କୁ ସହାୟତା କରୁଥିବାର । ସବୁ କେବଳ ସରକାରୀ ଫାଇଲରେ ସୀମିତ... କିନ୍ତୁ ଦେହଜୀବୀମାନଙ୍କ ଜୀବନ ଜୀଇଁବାର ରାସ୍ତା କେବଳ ଜ୍ଞାନ ଙ୍କେ ଟ୍ରାଫିକ ପରି... ଯେଉଁଥିରେ ଚାଲିଲେ କେବଳ ଆଗକୁ ଆଗକୁ ହିଁ ଯିବା ପାଇଁ ପଡେ । ପଛକୁ ନୁହଁ ....

ଆଇନଜୀବୀ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାରାଙ୍ଗନା

ଶୁଚିସ୍ମିତା ଗୌଡ଼

କୁସୁମିତ ଯୌବନର ଭାର ବହନ କରୁ କରୁ ବର୍ଣାଳୀ କ୍ଳାନ୍ତ ହୋଇଗଲାଣି । ସତରଟି ଫଗୁଣ ଛୁଇଁ ଅଠରତମ ଶ୍ରାବଣ ଝରିଲାବେଳକୁ ବର୍ଣାଳୀ ଯାଇ ତାର ସ୍ୱାମୀ ବିଶ୍ୱାସ ଘରେ । ଗୋବର ଗଦାରେ କଇଁ ପରି ସଦ୍ୟ ପ୍ରସ୍ଫୁଟିତ ସାତ ରଙ୍ଗର ସୌନ୍ଦର୍ଯ୍ୟକୁ ତନୁମନରେ ସଜାଇ ବର୍ଣାଳୀ ଆଜି କ୍ଷତାକ୍ତ । ଗୋଟିଏ ଚାଉଳେ ଗଢା ଶରୀରଟା ଆଜି କେତେ ଗଡି ଖୁଦରେ ପରିଣତ । ସେଥିରେ ଟିକେ ବିରି ଦେଇ ଚକୁଳି, ଚିତାଉ କରି କାହା କାହା ତୁଣ୍ଡରେ ଯେ ବିଶ୍ୱାସ ଦେଇସାରିଲାଣି ତାହା ଗଣନାର ବାହାରେ ।

ଭଲ ଘର, ସହରିଆ ବର ଦେଖି ବାପା ସିନା ହାତକୁ ଦି ହାତ କରିଦେଇ ଚିନ୍ତାଶୂନ୍ୟ ହୋଇଗଲେ । ହେଲେ ବିରାଡି ମୁଣ୍ଡରେ ଶିକା ଛିଣ୍ଡିବା ପରି ସହରି ବାବୁ ବିଶ୍ୱାସ ମୁଣ୍ଡରେ ହାତୀ ସୁନା କଳସ ଢାଳିଦେଲା । ସହରର କୃତ୍ରିମ ପୁଙ୍ଖୁଳା ଚାକଚକ୍ୟ ର ବଜାରରେ ସମ୍ପର୍କ ଯେମିତି ଦେହର ଭୋକ । ଜୀବନ୍ତ ଖେଳଣାର ସ୍ୱାଦ ଟିକେ ପାଇବାକୁ ସମସ୍ତେ ଏଠି ବ୍ୟଗ୍ର । ଆଧୁନିକ ସମାଜରେ ଏଥିପାଇଁ ଅନ୍ଧଗଳିର କୌଣସି ଆବଶ୍ୟକତା ପଡ଼େନାହିଁ । ଖାଲି ଯାହା ଆବଶ୍ୟକ ତାହା ହେଲା ପ୍ରଚୁର ଅର୍ଥ । ଏଥିପାଇଁ ଶିକ୍ଷକ, ଡାକ୍ତର, ନେତା, ମନ୍ତ୍ରୀ ପରି ଯେତେ ସବୁ ବଡବଡିଆଙ୍କ ଲମ୍ବା ଧାଡ଼ି ଲାଗେ ବିଶ୍ୱାସ ବାବୁଙ୍କ ଆଗରେ, ସର୍ତ୍ତ ମାତ୍ର ଗୋଟାଏ ବର୍ଣାଳି ବିନିମୟେ ସବୁ କିଛି ଦାନ, ହଁ ସେ ସବୁ କିଛି ମଧ୍ୟ ସମ୍ମାନିତ ଖୋଳପା ପିନ୍ଧା ମିଛ ଭଦ୍ରଲୋକ ଗୁଡାକ ପାଖରେ ମୂଲ୍ୟ ହୀନ ଯେ ଏହା କହିବା ବାହୁଲ୍ୟ । ବିଶ୍ୱାସର କାଜଳି ପାତିଆ ଭଦ୍ରଲୋକ ସ୍ୱଭାବ ଏହି ବାବୁ ମାନଙ୍କୁ ଉପହାର ସ୍ୱରୂପ ବର୍ଣାଳି ଦେହରୁ ଟିକେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିକେ ରଙ୍ଗ ଆଣି ଲେସି ଦିଏ ଆଉ ସେମାନେ ତ ପ୍ରତିବଦଳରେ ପାହୁଣ୍ଡ ହୋଇ ବିଶ୍ୱାସ ବାବୁଙ୍କ ଅର୍ଥରେ ଶୂନ ଯୋଡ଼ି ଚାଲନ୍ତି । ରାତି ପାହି ସକାଳ ହେଲେ ଏହି ସବୁ ବାବୁ ମାନେ ନିଜ ନିଜ ସୁନାର ସଂସାର ତଥା ମୁଖ କଥିତ ଘର, ଗୃହସ୍ଥି ରେ ଜଣେ ଜଣେ ଆଦର୍ଶ ପତି ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ଏଥିରେ ସନ୍ଦେହ ନାହିଁ । ଏଣେ ବିଶ୍ୱାସ ବାବୁଙ୍କ ଆଭିଜାତ୍ୟର ବିସ୍ତାର ହେଉଥିବା ବେଳେ ବର୍ଣାଳୀ ରଙ୍ଗ ଶୂନ୍ୟ ହେବାକୁ ଲାଗିଥାଏ । ହେଲେ ମରିବାକୁ ସୁଧା ସୁଯୋଗ ପାଇନି କେବେ ମଧ୍ୟ । ଏକ ନିସହାୟ ଜୀବନ ର ଚକା ଭଉଁରୀ ମଧ୍ୟରେ ଗାଁ ର ସେହି ଅବଳା ଦେହଟି କ୍ଷୀଣ ହେବାରେ ଲାଗିଛି । ପ୍ରତିବାଦ ସୁଧା କରିବାର କ୍ଷମତା ଛଡାଇ ନିଆଯାଇଛି ତାଠାରୁ କାରଣ ସେ ଜାଣିଚି ବାପା ଝିଅ ଦେଇନାହାନ୍ତି ସେ ନିଜ ଡିହବାଡ଼ି ମୁକୁଳେଇବା ପାଇଁ ତାକୁ ବିକ୍ରି କରିଛନ୍ତି କେବଳ ନିଜର ଲଗାମ ଛଡ଼ା ପୁଅର ଘର ସଙ୍କୁଳି ପୁତ୍ ନର୍କରୁ ଉଦ୍ଧାର ପାଇବା ପାଇଁ ।

ସତରେ ସମୟ କେତେ ବିଚିତ୍ର । ଏହାରି ମଧ୍ୟରେ କେତେ ବର୍ଷ ଯେ ବିତିଗଲାଣି ସେ ବି ଜାଣେନା । ସମୁଦ୍ର କୂଳରେ ଅଳିଆ ସଫା କରୁ କରୁ ହଠାତ୍ ବସିପଡ଼ିଲା ବର୍ଣାଳୀ, ଏକ ଲୟରେ ଚାହିଁ ରହିଛି ଅଗଣିତ ଢେଉକୁ ଆଉ ପ୍ରଶାନ୍ତ ସାଗରକୁ ।ଅନେକ ପ୍ରଶ୍ନ ଉତ୍ତର ମଧ୍ୟରେ କେବଳ ଗୋଟିଏ କଥା ତାକୁ କ୍ଷତାକ୍ତ କରିପକାଉଥିଲା ଯେ ଯେଉଁ ବାବୁ ମାନେ ତାର ଯୌବନକୁ ଉପଭୋଗ କରୁଥିଲେ ସେମାନେ ଆଜି ବଡ଼ବାବୁ ଆଉ ସେ ଆଜି ଅନାବଶ୍ୟକ ବୃଦ୍ଧା । କହୁ କହୁ କହିପକାଇଲା ଢେଉ ଜୀବନ ହେଲେ ଶାନ୍ତ ସମୁଦ୍ର ର ଜଳ ରାଶି ମୃତ୍ୟୁ । ଧୀରେ ଧୀରେ ତା ପାଦ ବଢିଚାଲିଲା ସମୁଦ୍ର ଆଡ଼କୁ , ସକାଳେ ଖବର କାଗଜ ରେ ପୃଷ୍ଠା ମଣ୍ଡିତ କରିଥିଲା ସତୀ ସ୍ତ୍ରୀ ଙ୍କ ସ୍ୱାମୀଙ୍କୁ କଳଙ୍କିତ କରିଥିବା ବାରାଙ୍ଗନା ପାଣିରେ ବୁଡି ମୃତ ।

ଶିକ୍ଷୟିତ୍ରୀ, ସ. ନୂ. ଉ.ପ୍ରା . ବିଦ୍ୟାଳୟ, ଲୁଚକିବାହାଲ, ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଟହୁଡ଼ା ପୁଅ

ସୁଷମା ପରିଡା

ଗଞ୍ଜାମ ଜିଲ୍ଲାର ଛୋଟିଆ ଗାଆଁ ଟିଏ ପୁରୁଷୋତ୍ତମପୁର । ଗାଁ'ର ତିନିପା' ଲୋକ ଦାରିଦ୍ର୍ୟ ସୀମାରେଖା ତଳେ । ନିତି ମୂଲ ମଜୁରି କଲେ ହାଣ୍ଡି ଚୁଲ୍ଲୀ ଉପରକୁ ଯିବ, ନହେଲେ ନାହିଁ । ଶିକ୍ଷାଦୀକ୍ଷାର ଅଭାବ ଯୋଗୁଁ ଝିଅମାନେ ତେର ବର୍ଷର ହେଲା ବେଳକୁ ଶାଶୁଘରକୁ ଯାଆନ୍ତି ଆଉ ପୁଅମାନେ ମୂଲମଜୁରି ଲାଗିବାକୁ । ସଚେତନତା ଅଭାବରୁ ସେମାନଙ୍କ ମଧ୍ୟରୁ ଅନେକ ଦରିଦ୍ର ବୋଲି ସରକାରୀ କାଗଜପତ୍ର ଲେଖା ଯାଇନାହିଁ କି ସେଥିପ୍ରତି ସେମାନଙ୍କର ନିଶା ମଧ୍ୟ ନାହିଁ । କେମିତି ପିଲାମାନେ ଖାଇପିଇ ଟିକିଏ ଠେକ ହୋଇଗଲେ କାମକୁ ଯିବେ, ଦି'ପଇସା ଆଣି ପେଟ ପୋଷିବେ, ସେତିକି ସେମାନଙ୍କ ଜୀବନର ମୂଳମନ୍ତ୍ର । ବାହାର ଦୁନିଆଁ କୁଆଡେ ଯାଉଛି, କ'ଣ ହେଉଛି ସେଥିପାଇଁ କିଛି ଯାଏ ଆସେ ନାହିଁ ସେମାନଙ୍କର । ବାକି ଯେଉଁ ମାନେ ଟିକିଏ ଚାଲାଖ ଚତୁର, ସେମାନେ ସବୁ ସରକାରୀ ସୁବିଧା ସୁଯୋଗ ହାତେଇ ଆରାମରେ ଦିନକୁଦିନ ବଢି ଚାଲନ୍ତି । "ଯେତେଦିନ ଯାଏଁ ଏଇ ଖଟିଖିଆ ଲୋକଯାକ ଏମିତି ମୂର୍ଖ, ଏମିତି ବୋକା ହୋଇ ରହିଥିବେ, ସେତେଦିନ ଯାଏଁ ଆମେ ରାଜ୍ କରୁଥିବା" ବୋଲି ସେମାନେ ଭାବନ୍ତି । ପାଖଆଖ ଗାଆଁର ଯେତେ ଶ୍ରମିକଙ୍କ ଦଲାଲମାନଙ୍କର ଆଖିଥାଏ ଏଇ ପୁରୁଷୋତ୍ତମପୁରର ବଢନ୍ତା ଟୋକାମାନଙ୍କ ଉପରେ । ଗାଆଁରେ ମାଇନର ସ୍କୁଲ୍, ହାଇସ୍କୁଲ ସବୁ ଖୋଲିଛନ୍ତି ସରକାର, ହେଲେ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ୍ ଫାଙ୍କା । କିଏ ସପ୍ତମ ତ କିଏ ଅଷ୍ଟମ ଶ୍ରେଣୀରେ ଫେଲ୍ ହୋଇ ସେଇଠି ଆଣ୍ଠେଇ ପଡିଥାନ୍ତି । ଆଠ ଦଶ ବର୍ଷ ହେଲାଣି ସ୍କୁଲ୍ ଖୋଲିବା ଭିତରେ ଦଶ ଜଣ ମଧ୍ୟ ମାଟ୍ରିକ୍ ପାଶ୍ କରି ନାହାଁନ୍ତି ଏଇ ଗାଆଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍କୁଲ୍ ରୁ ।

ପାଖ ଗାଆଁର ଶଙ୍କର ପ୍ରଧାନ ଚାକିରୀ କରେ ଗୁଜୁରାଟର ସୁରଟ ସହରରେ କୋଉ ଗୋଟାଏ ସୂତା ମିଲରେ । ଚାକିରୀ କରିବା ପରେ ପ୍ରଥମ ଥର ଯେବେ ସେ ଗାଆଁକୁ ଆସିଥିଲା, ଲୋକେ ତା'କୁ ଦେଖି କାଠ ହୋଇ ଯାଇଥିଲେ । ଏଠି ବିଲରେ ମୂଲ ଲାଗୁଥିବା ମଳିମୁଣ୍ଡିଆ ଶଙ୍କରା ସୁରତ ଯାଇ ପୁରା ବାବୁ ପାଲଟି ଯାଇଥିଲା । ସାର୍ଟ୍ ପ୍ୟାଣ୍ଟ ସହିତ ଜୋତା ଚଷମା ଲଗେଇ ସାହାବ ଭଳିଆ ଦିଶୁଥିଲା । ବଡ ବୁଢାମାନେ ତା'କୁ ପାଲେଇବାକୁ ଲାଗିଗଲେ ନିଜ ନିଜର ଅକର୍ମା ପୁଅମାନଙ୍କୁ କେମିତି ଟିକିଏ ଯୋଗାଡଯନ୍ତ୍ର କରି ତା' ସାଥିରେ ନେଇ ସୁରଟ ସହରରେ କାମରେ ଲଗାଇ ଦେବାପାଇଁ । ବାଟ ଖର୍ଚ୍ଚ ବାବଦକୁ ମଧ୍ୟ କିଛିକିଛି ଟଙ୍କା ପଇସା ଦେବାକୁ ରାଜି ହେଲେ । ସେଇଠୁ ଆରମ୍ଭ ହେଲା ପୁରୁଷୋତ୍ତମପୁର ଗାଆଁର ଜୟ ଯାତ୍ରା ।

ଦଶବର୍ଷ ହେଲାଣି ସେଇ ଏ ପୁରୁଷୋତ୍ତମପୁର ଗାଆଁରୁ ବୋଧହୁଏ ଦଶ ହଜାର ଖଣ୍ଡେ ଲୋକ ନେଇ ସାରିଲଣି । ଯିଏ ଥରେ ଗଲା ସେଠିକି, ସିଏ ତ ଆଉ ଗାଆଁକୁ ଫେରିଲା ନାହିଁ ବରଂ ଆଉ ଦଶ ଜଣଙ୍କ ପାଇଁ ଯିବାର ବନ୍ଦୋବସ୍ତ କରିଦେଲା । କାହିଁ ଏଠିକାର ଦିନକୁ ପଚାଶ କି ଶହେ ଟଙ୍କା ମଜୁରି, କାହିଁ ସୁରଟ ସହରରେ ମାସିକ ହଜାର ହଜାର ଟଙ୍କାର ରୋଜଗାର ସହିତ ସହରୀ ଚାକଚକ୍ୟର ଜୀବନ ? ପିମ୍ପୁଡି ଧାର ପରି ଧାର ଧାର ଛୁଟିବାକୁ ଆରମ୍ଭ କରିଥିଲେ ସମସ୍ତେ । ଗାଆଁରେ ଏବେ ଅର୍ଥନୈତିକ ଅବସ୍ଥା ବଦଳି ଯାଇଥିଲା ପ୍ରାୟ ଅଧିକାଂଶ ଘରର । ପଲା କିମ୍ବା ଚାଳ ଘର ସବୁ ପକ୍କା ଘର ପାଲଟିଥିଲା, ଝିଅମାନେ ଏବେ ଆଗଭଳି ବାଲ୍ୟବିବାହ କରୁନଥିଲେ, ପାଠଶାଠ ପଢି ଉପଯୁକ୍ତ ଘରର ଦେଖି ବିବାହ ଦେଉଥିଲେ ପରିବାର ଲୋକେ । ଆଖପାଖ ଗାଆଁରୁ ଶିକ୍ଷିତ ବୋହୂମାନେ ମଧ୍ୟ ଆସିଥିଲେ ଗାଆଁକୁ । ଗାଆଁ ଚଳଣିର ପରିବର୍ତ୍ତନ ହୋଇଥିଲା । ସମସ୍ତେ ଶିକ୍ଷିତ ଆଉ ସଚେତନ

Magazine Downloaded from www.aahwaan.com

ହେବାକୁ ଲାଗିଥିଲେ । ମଝିରେ ମଝିରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ପୁନର୍ବାର ମୁଣ୍ଡ ଟେକି ଠିଆ ହେଉଥିଲେ ଲୋକମାନେ । ହେଲେ ଗାଆଁରେ ଯୁବକ ଆଉ କାର୍ଯ୍ୟକ୍ଷମ ପୁରୁଷ ଲୋକ କେହି ନଥିଲେ ଗାଆଁରେ । କେବଳ ବୁଢାବୁଢୀ ଆଉ କିଛି ନୂଆବୋହୂମାନଙ୍କୁ ଦେଖିବାକୁ ମିଳୁଥିବା ଗାଆଁରେ ।

ସେଇ ମାନଙ୍କ ଭିତରେ ଜଣେ ନରିଆ ମା' । ନରିଆ ତିନି ବର୍ଷର ହେଲା ବେଳକୁ ତା' ଗେରସ୍ତ ବନମାଳୀ ବିଲରେ କାମ କରୁଛନ୍ତି କରୁ ଘଡଘଡି ପଡି ମଲା । ଘରଡିହଟି ଛଡା ବାଡି ଗୋବରେ ଗୋବେ ହେଲେ ଜମି ନଥିଲା ତାଙ୍କର । ସେଇ ତିନିବର୍ଷର କ୍ଷୀରଖିଆ ଛୁଆଟାକୁ କେମିତି ବଞ୍ଚେଇ ରଖିବ ବୋଲି ଅଣ୍ଟାରେ ଲୁଗା ଭିଡି ପଦାକୁ ଗୋଡ କାଢିଥିଲା ରାଧା । ଏକୋଇଶି ବର୍ଷର ଯୁବତୀ ବିଧବା ରାଧା ପାଲଟି ଯାଇଥିଲା ନରିଆ ମା' । ସମାଜର ସବୁ ବାଧାବିଘ୍ନ ସତ୍ତ୍ୱେ ସେ ଲଢିଥିଲା ତା'ର ଜୀବନ ସଂଗ୍ରାମ, ଏକା ଏକା, ନିଜର ଝାଳ ନୁହେଁ ରକ୍ତ ବୁହାଇ ଦିନରାତି ଏକାକାର କରି ଖଟିଥିଲା ପର ବିଲରେ, ପର ଘର ଦୁଆରେ । ନିଜର ହାତରେ ଗଢିଥିଲା ନରିଆକୁ ନରେନ୍ଦ୍ର ସ୍ୱାଇଁ କରି । ମନେମନେ ଭାବୁଥିଲା ନରିଆ ସ୍କୁଲ୍ ରେ ପଢିବା, କଲେଜ୍ ରେ ପଢିବ, ବଡ ଚାକିରୀ କରିବ, ତା' ଦୁଃଖ ଯିବ । ହେଲେ ନରିଆ ମଣିଷ ହେଲା ନାହିଁ । ତିନି ଥର ଲାଗି ଲାଗି ମାଟ୍ରିକ୍ ଖଣ୍ଡକ ପାଶ୍ କରି ପାରିଲାନି । ଛୋଟବେଳେ ଶାନ୍ତ ସୁଧାର ଥିବା ନରିଆ ବଡ ହୋଇ କୁସଙ୍ଗତିରେ ପଡିଲା । ସାଙ୍ଗସାଥୀଙ୍କ ମେଳରେ ଗାଆଁ ଦାଣ୍ଡରେ ବୁଲି ତାସ୍ ଖେଳିଲା, ଭୋଜି ହାତ କରି ଦିନ ରାତି କଟେଇଲା । ପୁଅକୁ ନିଜ ଆୟତ୍ତରୁ ଖସି ଯାଉଥିବାରୁ ଦେଖି ଶେଷରେ ଗାଆଁର ଦିଅ ଲେଖା ହେବେ ସନାତନ, ତାଙ୍କୁ ବହୁତ କାକୁଡି ମିନତି ହୋଇ ନରେନ୍ଦ୍ରକୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ କରି ତାଙ୍କ ପୁଅ ସହିତ ସୁରଟ ଯିବାର ବନ୍ଦୋବସ୍ତଟି କରିବା ପାଇଁ କହିଥିଲା ।

ସନାତନଙ୍କ ପୁଅ ନିଳାମ୍ବର ସହିତ ଦୁଇବର୍ଷ ତଳେ ସୁରଟ ଯାଇଥିଲା ନରିଆ ।

Magazine Downloaded from www.aahwaan.com

ସେଇଠି ତା'କୁ ସୂତାକଳରେ ଠିକା ମଜୁରିଆ ଭାବରେ କାମରେ ଲଗାଇ ଦେଇଥିଲା ନିଳାମ୍ବର । ଯିବାର ଛଅଟା ମାସ ପରେ ନରିଆ ପାଞ୍ଚ ହଜାର ଟଙ୍କା ମନିଅର୍ଡର କରି ପଠାଇଲା । ଜୀବନରେ ଏକକାଳୀନ ଏତେ ଗୁଡିଏ ଟଙ୍କା ଦେଖି ନଥିବା ନରିଆ ମା' ଭାବିଲା ତା' ଦୁଃଖର ଦିନ ସରି ସୁଖର ଦିନ ଆସୁଛି । ମା ମଙ୍ଗଳାଙ୍କୁ ମୁଣ୍ଡିଆ ମାରି ଏଣିକି ଘରଟିଏ ତୋଳି ନରିଆକୁ ହାତକୁ ଦି'ହାତ କରିବାର ଯୋଗାଡରେ ଲାଗିଲା ପଡିଲା ସେ । ଗାଆଁ ପଞ୍ଚାୟତ ଅଫିସ୍ ତରଫରୁ ଯା ଭିତରେ "ମୋ' କୁଡିଆ" ଯୋଜନାରେ ଘର ଖଣ୍ଡିଏ କରି ସାରିଥିଲା, ତେଣୁ ଗତବର୍ଷ ନି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାବୁନରେ ହାତ ଧୁଅ, କାହାରିକୁ ଛୁଅଁ ନାହିଁ, ଅତି କମ୍ ରେ ତିନି ହାତ ଦୂରେଇ ରୁହ, ବାହାରକୁ ବାହାରିଲେ ମରିବ । ସମସ୍ତେ ଏବେ ଡରିମରି ଘର ଭିତରେ ବନ୍ଦ ହୋଇ ବସିଛନ୍ତି । କଳ କାରଖାନା, ଦୋକାନ ବଜାର, ଗାଡି ମଟର, ରେଳଗାଡି ଏମତି କି ଉଡା ଜାହାଜକୁ ମଧ୍ୟ ଚାଲିବା ମନା । କେହି କୁଆଡେ ଯିବେ ନାହିଁ କି କେହି କୁଆଡକୁ ଆସିବେ ନାହିଁ । ସରକାରଙ୍କର କଡା ନିୟମ । କ'ଣ କହୁଛନ୍ତି ତ ତା'କୁ "ଲକ୍ ଡାଉନ୍" ଆଉ "ଶଟ୍ ଡାଉନ୍" । ସେଇଟା ଚାଲିଛି ଏବେ । ଚାରିଆଡେ ହାହାକାର । ଲକ୍ଷ ଲକ୍ଷ ନୂଆ ଡାକ୍ତରଖାନା ଖୋଲିଛି । ଲକ୍ଷ ଲକ୍ଷ ଡାକ୍ତର, ନର୍ସ, ସହାୟକ, ସଫେଇ କର୍ମଚାରୀ, ପୋଲିସ୍ କର୍ମଚାରୀ ମାନେ ନିଯୁକ୍ତ ହୋଇଛନ୍ତି ମହାମାରୀର ମୁକାବିଲା କରିବା ଲାଗି । ସେମାନଙ୍କୁ ସରକାର ଆଖ୍ୟା ଦେଇଛନ୍ତି "କରୋନା ଯୋଦ୍ଧା" । ସେଇମାନେ ଲଢୁଛନ୍ତି ସମସ୍ତଙ୍କ ପାଇଁ ଢାଲ ହୋଇ । ଘର ଘର ବୁଲି ବୁଝାଉଛନ୍ତି, ଅମାନିଆ ହେଲେ ଶାସନ କରୁଛନ୍ତି ।

ଗାଆଁରେ ଏବେ ଘରେ ଘରେ ଟିଭି । ସବୁଦିନେ ଘଣ୍ଟାକୁ ଘଣ୍ଟା ପ୍ରଚାରିତ ହେଉଛି ବର୍ତ୍ତମାନର କଠିନ ପରିସ୍ଥିତି । ପରଦେଶରେ ଥିବା ଲୋକେ କି ହୀନସ୍ତା ହେଉଛନ୍ତି, କାମଦାମ ନଥିବାରୁ, ପଇସା ପତ୍ର ନାହିଁ, ଦୋକାନ ବଜାର ବନ୍ଦ ହେତୁ ମୁଠାଏ ଖାଇବାକୁ ନାହିଁ, ଘରକୁ ଫେରିବାର ସୁବିଧା ନାହିଁ କି ପ୍ରବାସରେ ରହିବାର ସୁବିଧା ନାହିଁ । ଜୀବନ ବିକଳରେ ପ୍ରବାସୀମାନେ ହାତଯୋଡି ପ୍ରାର୍ଥନା କରୁଛନ୍ତି ରାଜ୍ୟ ସରକାରଙ୍କୁ, "ଦୟାକରି ଆମକୁ ଏଠାରୁ ଉଦ୍ଧାର କରି ଆମ ଘରକୁ ପଠାଇବାର ବ୍ୟବସ୍ଥା କରିଦିଅନ୍ତୁ ଆଜ୍ଞା, ନହେଲେ ଆମେ ଭୋକ ଉପାସରେ ପଡ଼ି ପଡ଼ି ମରିଯିବୁ । ଆମକୁ ଦୟା କରନ୍ତୁ, ଦୟାକରି ଆମର ଜୀବନ ବଞ୍ଚାନ୍ତୁ ।" ଧାରଧାର ହୋଇ ଲୁହ ଗଡି ପଡୁଛି ସେମାନଙ୍କ ଆଖିରୁ । ଦେଖିବା ଲୋକର ଛାତି ଫାଟି ଯାଉଛି ସେ ବିକଳ ପ୍ରାର୍ଥନା ଶୁଣି । ନରିଆ ମା ଭାବୁଥିଲା ମୋ ପୁଅ ତ ଏଇମାନଙ୍କ ଭଳି ବିକଳ ଆକୁଳ ହୋଇ ପ୍ରାର୍ଥନା କରୁଥିବ ନିଶ୍ଚୟ, ତା' ପେଟକୁ

Magazine Downloaded from www.aahwaan.com

ଆଉ ଭାତ ଗଲା ନାହିଁ ସେଦିନ । ସଂଯୁକ୍ତା ମଧ୍ୟ ଲୁଚେଇ ଲୁଚେଇ କାନ୍ଦୁଥିଲା, ସେ ମଧ୍ୟ ଉପାସରେ ଶୋଇଲା ।

ନରିଆ ମା କପାଳକୁ ନିନ୍ଦୁଥିଲା । ଦଇବ ଯେମିତି ଦାଉସାଧୁଛି ତା' ଉପରେ । ଟିକିଏ ଖୁସି ଆସିଲା ବେଳକୁ ପୁଣି ଗୋଟାଏ ଧକ୍କା । ନୂଆ ବୋହୂଟା । କେଇଟା ଦିନ ଅବା ସ୍ୱାମୀ ସୋହାଗ କରିଛି ସେ ? ନରିଆ ଘରୁ ଯିବା ଦିନୁଁ ତା' ସଜଫୁଲ ଭଳି ମୁହଁଟା ଶୁଖିଲା ଦିଶୁଛି । ନରିଆ ଯିବା ବେଳକୁ ତା'କୁ ଗୋଟାଏ ମୋବାଇଲ୍ ଫୋନ୍ ଦେଇଯାଇଛି ଯେ ସବୁଦିନେ ବେଳ ପାଇଲେ ସେହି ଫୋନ୍ ରେ ତା' ସାଥିରେ ଟିକିଏ କଥାବାର୍ତ୍ତା କରୁଛି ବୋହୂ । ନୂଆ ବାହାଘର, ସେଇଥିରେ କ'ଣ ମନ ବୁଝିବ ? ସଂଯୁର ଦିନ କଟେନା, ସେ ମହିଳା ସମିତିରେ ନାଆଁ ଲେଖାଇଛି, ସେଇଠି ସବୁ ସିଲେଇ କାମ, ଧୂପବତୀ ତିଆରି କରିବା ଶିଖାଉଛନ୍ତି ସେମାନେ । ଗାଆଁ ଏବେ ଆଉ ଆଗ ଭଳି ନାହିଁ, କେତେ ବଦଳି ଗଲାଣି । ଏବେ ଅଙ୍ଗନବାଡି, ଡାକ୍ତରଖାନା ଇତ୍ୟାଦି ସବୁ ସୁବିଧା ମିଳୁଛି, ସହର ଭଳି ସେଠିକାର କର୍ମଚାରୀ ମାନେ ଆସି ଘରକୁ ଘର ବୁଲି ସମସ୍ତଙ୍କୁ ମହାମାରୀ ବିଷୟରେ ସତର୍କ ସୂଚନାଦେଇ ଯାଉଛନ୍ତି । କେତେ କେତେ ପ୍ରବାସୀ ଲୁଚି ଛପି ପାଦରେ ଚାଲି ଚାଲି, କିଏ ଅବା ସାଇକେଲ୍ ଧରି ଫେରିଆସୁଛନ୍ତି ନିଜ ଘରକୁ । ମହାମାରୀର ଭୂତାଣୁ ସେଇମାନଙ୍କ ସହିତ ଆସୁଛି, ପରିବାର ଲୋକ ମାନଙ୍କ ସହିତ ସାହି ପଡିଶା, ଗାଆଁ ଗଣ୍ଡା, ସମସ୍ତଙ୍କୁ ଆକ୍ରାନ୍ତ କରୁଛି, ବଡ ସାଂଘାତିକ ଅବସ୍ଥା । ସେଇ ଅନୁପ୍ରବେଶକାରୀମାନଙ୍କୁ ରୋକାଯିବା ନିହାତି ଜରୁରୀ । ସଙ୍ଗରୋଧରେ ନ ରହିଲେ ରୋଗରେ ପୋକମାଛି ଭଳି ସମସ୍ତଙ୍କୁ ମରିବାକୁ ପଡିବ ।

ସରକାର କୁଆଡେ ବ୍ୟବସ୍ଥା କରୁଛନ୍ତି ବିଭିନ୍ନ ଯାଗାରେ ଲକ୍ ଡାଉନ୍ ସମୟରେ ବିପଦରେ ଥିବା ଆମ ପ୍ରବାସୀ ଓଡିଆଙ୍କୁ ନିଜ ବ୍ୟବସ୍ଥାରେ ବସ୍ ଯୋଗେ ଆଣି ଗାଆଁ ଗାଆଁରେ ସଙ୍ଗରୋଧ କେନ୍ଦ୍ର ମାନଙ୍କରେ ରଖିବେ, ଖାଇବା ପିଇବା ରହିବାର ଖର୍ଚ୍ଚ ସବୁ

Magazine Downloaded from www.aahwaan.com

ବହନ କରିବେ ସରକାର । ସେଇ ସଙ୍ଗରୋଧ କେନ୍ଦ୍ରରେ ଚଉଦ ଦିନର ଚିକିତ୍ସା ପରେ ସୁସ୍ଥ ହେଲେ ସେମାନଙ୍କୁ ନିଜ ଘରକୁ ପଠାଇବେ । ସେଇ ଯୋଜନାରେ ପ୍ରଥମେ ସୁରଟରୁ ଅଣାଯିବ ପ୍ରବାସୀ ଓଡିଆଙ୍କୁ । ସଂଜୁ ପାଖରୁ ଖବରଟା ଶୁଣି ଖୁବ୍ ଖୁସି ହୋଇଗଲା ନରିଆ ମା । ମା ମଙ୍ଗଳାଙ୍କୁ ମୁଣ୍ଡରେ ହାତଯୋଡ଼ି ପ୍ରଣାମ ଜଣାଇ କହିଲା, "ମାଆଲୋ ! ମୋ' ଧନକୁ ଶୁଭରେ ଶୁଭରେ ଆଣି ମୋ ପାଖରେ ପହଞ୍ଚାଇ ଦେଏଲୋ ମା ।"

ସୁରଟରୁ ସରକାରୀ ବସ୍ ଆସି ଲାଗିଲା ଗାଆଁ ମୁଣ୍ଡରେ ସ୍କୁଲ୍ ଭିତରେ ନୂଆକରି ହୋଇଥିବା "ଅସ୍ଥାୟୀ କୋଭିଡ୍ ହସପିଟାଲ୍ ବା ସଙ୍ଗରୋଧ କେନ୍ଦ୍ର" ପାଖରେ । ଜିଲ୍ଲା ହାକିମ ହୁକୁମାଙ୍କ ସହିତ ପୋଲିସ୍ କର୍ମଚାରୀମାନଙ୍କ ଭିଡ । ସରକାରଙ୍କ କଡା ହୁକୁମ "କେବଳ ବସ୍ ରେ ଥିବା ଯାତ୍ରୀଙ୍କୁ ଛାଡି ଆଉ କେହି ଜଣେ ହେଲେ କେନ୍ଦ୍ରରେ ଲଗା ଯାଇଥିବା ବାରିକେଡ ଭିତରକୁ ଆସି ପାରିବେ ନାହିଁ, ଆସିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।" ଭୟରେ ଗ୍ରାମବାସୀମାନେ ଯଥେଷ୍ଟ ଦୂରତାରେ ଥାଇ କେବଳ ଦେଖୁଥିଲେ ନିଜ ନିଜର ଆତ୍ମୀୟସ୍ୱଜନଙ୍କୁ, ମନକୁ ବୁଝାଉଥିଲେ, "ପ୍ରଭୁଙ୍କ କୃପାରୁ ସେମାନେ ଜୀବନ ନେଇ ଫେରି ଆସିଛନ୍ତି, ଆଉ ମାତ୍ର ଚଉଦଟା ଦିନ ଏଇ କେନ୍ଦ୍ରରେ ରହି ସୁସ୍ଥ ହୋଇ ଘରକୁ ଫେରିବେନି କି ?" ନରିଆ ମା ଦୂରରେ ଥାଇ ପୁଅକୁ ଦେଖିଲା, ପୁଅର ଶୁଖିଲା ମୁହଁ, ମଇଳା ପୋଷାକ ଦେଖି ଛାତି ରୁନ୍ଧି ହୋଇଗଲା ଭଳି ଲାଗୁଥିଲେ ମଧ୍ୟ ପୁଅ ଚଉଦ ଦିନ ପରେ ସୁସ୍ଥ ହୋଇ ଫେରିବାର ଭରସା ରଖି ଘରକୁ ଫେରିଗଲା । ରାତିସାରା ନିଦ ହେଉନଥାଏ, କେମିତି ସକାଳ ହେବ ପୁଣି ଯାଇ ପୁଅର ଖବର ଟିକିଏ ଗାଆଁରୁ ବୁଝି ଆସିବ, ସେଇ ଚିନ୍ତାରେ ଆଖିରେ ଆଖିରେ ରାତି ପାହିଲା । ସକାଳୁ ଚାଲ ଚାଲ ହୋଇ ଗାଆଁ ଭିତରକୁ ଗଲାବେଳକୁ ସେଠି ଭାଗବତ ଘର ପାଖରେ ଚାଲିଛି ଜୋରଦାର ଆଲୋଚନା ।

ଗାଆଁ ବାଲା ଏକାଠି ହୋଇଛନ୍ତି, କୁହାକୁହି ହେଉଛନ୍ତି ଯେ "ଏଇ ପ୍ରବାସୀ ଫେରନ୍ତାଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୋଗୁଁ ଆମେ ସମସ୍ତେ ମରିବା, ଏମାନଙ୍କୁ ସରକାର ଦୟାକରି ନିଜ ଖର୍ଚ୍ଚରେ ଏତେବାଟ ଏଠିକି ଆଣିଲେ, ମାଗଣାରେ ରହିବା, ଖାଇବା, ଚିକିତ୍ସା ସବୁ କଥାର ବନ୍ଦୋବସ୍ତ କରିଦେଲେ, ହେଲେ ଦେଖ ସେମାନଙ୍କ କଥା, ସକାଳ ଚାହା ଟିକେ ଡେରି ହୋଇଯାଇଛି ବୋଲି କି ହଲ୍ଲା କରୁଛନ୍ତି, ବିଚରା ସରପଞ୍ଚଟି ସ୍ତ୍ରୀ ଲୋକଟି ବୋଲି ଯା ଇଚ୍ଛା ତାହା ଗାଳିଗୁଲଜ କରୁଛନ୍ତି ତା'କୁ । କିହୋ ! ତୁମେମାନେ ଏଠିକି ଭଲ ହେବାପାଇଁ ଆସିଛ ନା ସଉକି କରିବା ପାଇଁ ? ଅମଣିଷ ଗୁଡାକ, ୟାଙ୍କୁ ଭଲ ଦଶା ନାହିଁ ।" ଲୋକଙ୍କ କଥା ଠିକ୍ ମନେହେଲା ନରିଆ ମା'କୁ । ସତରେ ତ ସରକାର କେତେ ଚିନ୍ତା କରୁଛନ୍ତି ଆମମାନଙ୍କ ପାଇଁ, ଏଇ ମହାମାରୀରେ କେହି ଦରିଦ୍ର ଲୋକ ହଇରାଣ ହରକତ ନହୁଅନ୍ତୁ ବୋଲି ଆଗୁଆ ତିନିମାସର ଭତ୍ତା, ଚାଉଳ, ଡାଲି, କିରୋସିନି, ଗ୍ୟାସ୍ ସହିତ ସଉଦାଖର୍ଚ୍ଚ ପାଇଁ ମଧ୍ୟ ଟଙ୍କା ଆଗୁଆ ବ୍ୟାଙ୍କ୍ ଖାତାରେ ଜମା କରି ଦେଇଛନ୍ତି । କେମିତି ସୁବିଧାରେ ପ୍ରବାସରେ ଥିବା ଲୋକେ ଘରକୁ ଫେରିବେ ସେଥିପାଇଁ ଏତେ ସବୁ ବ୍ୟବସ୍ଥା କରିଛନ୍ତି, ତଥାପି ଏମାନେ ବୁଝି ପାରୁନାହାଁନ୍ତି, ଆହୁରି ଉତ୍ପାତ ହେଉଛନ୍ତି ? ନିଜ ପୁଅ ମଧ୍ୟ ସେମାନଙ୍କ ଭିତରେ ଅଛି ଭାବି ଲାଜରେ ମୁଣ୍ଡ ନଇଁ ଯାଉଥିଲା ନରିଆ ମାଆର । ସେ ମୁହଁପୋତି ଚୁପ୍ ଚାପ୍ ଘରକୁ ଫେରିଗଲା । ଖରାବେଳେ ଖାଇପିଇ ସାରି ଶୋଇବା ବେଳକୁ ସଂଯୁକ୍ତା କହିଲା "ବୋଉ ! ମୁଁ ଟିକିଏ ଆମ ମହିଳା ସମିତି ଆଡକୁ ଯାଉଛି, ସେଠାରେ ଆମେ ସମସ୍ତେ ମିଳିମିଶି ମୁହଁରେ ବାନ୍ଧିବା କପଡା ତିଆରି କରିବୁ ।"

ପ୍ରାୟ ସଞ୍ଜବତୀ ଲାଗିବା ବେଳକୁ ଫେରିଲା ସଂଯୁ । ତା' ମୁହଁଟା ଧାନ ଉଷୁଆଁ ହାଣ୍ଡି ପରି ହୋଇଥିବାର ଦେଖି ନରିଆ ମା' ପଚାରିଲା "କ'ଣ ହେଇଛି କି ଲୋ ବୋହୂ, କିଏ କ'ଣ କହିଛି କି ?" ଶାଶୁର ସମବେଦନାଭରା କଥା ଶୁଣି ସଂଯୁକ୍ତା ଆଖିରୁ ବରକୋଳି ଭଳି ଲୁହ ଝରି ପଡିଲା । ବୁଢୀର ହାତଧରି ବାରଣ୍ଡାରେ ବସେଇ ଦେଇ ସଂଯୁ କହିଲା, "ଜାଣିଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୋଉ ! ଆମ ମହିଳା ସମିତିରୁ ଯାହା ଶୁଣି ଆସିଲି ନା ତମେ ଶୁଣିଲେ ବି ତମ ଛାତି ଫାଟିଯିବ । ଜାଣିଲ ନା, ଆମ ଗାଆଁର ଏଇ ଯୋଉ ମରଦମାନେ ସୁରଟରୁ ବୁହାହୋଇ ଆସିଛନ୍ତି ବସ୍ ରେ, ସେଇମାନେ ନାକେ ଦମ୍ କଲେଣି ଆମ ସରପଞ୍ଚଙ୍କୁ । କାଲି ରାତିରେ ସଙ୍ଗରୋଧ କେନ୍ଦ୍ରରେ ଗରମ ହେଉଛି କହି ବାହାରେ ଆସି ପାଟିତୁଣ୍ଡ କରି, ବାଜାବଜେଇ ନାଚଗାନା କରି କମ୍ପେଇଲେ, ସକାଳେ ଚାହା କାହିଁକି ଆଠଟା ବେଳକୁ ମିଳିଲା ବୋଲି ହୋ ହଲ୍ଲା କଲେ, ଏବେ ମଧ୍ୟାହ୍ନ ଭୋଜନରେ ଡାଲମା କାହିଁକି ପାଣିଚିଆ ହୋଇଛି, ଆଳୁରୁ କାହିଁକି ଚୋପା ଛାଡିନି, ଏଗୁଡାକ ମଣିଷ ଖାଆନ୍ତି ନାହିଁ କହି ଭାତଥାଳି ସବୁ ଫିଙ୍ଗି ଦେଇଛନ୍ତି, ସରପଞ୍ଚ ଯେତେ କାକୁତିମିନତି ହୋଇ ବୁଝେଇଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି, ଏକା ଜିଦ୍ ଧରି ବସିଛନ୍ତି ଆମେ ଏଠି ରହିବୁନି, ଆମ ଘରକୁ ଯିବୁ ।" କଥା ବହୁତ ବଢିଲାଣି, ସରକାରଙ୍କ କାନ ଯାଏଁ ଗଲାଣି, ସବୁଆଡେ ଛି'ଛାକର କରୁଛନ୍ତି । ମୋତେ ତ ସବୁଠାରୁ ବେଶୀ ଖରାପ ଲାଗୁଛି ତୁମ ପୁଅ ପାଇଁ । କିହୋ, ଆମେ ତ ଦୁଃଖୀ ଲୋକ, ଭାତ ଡାଲମା ଗଣ୍ଡାଏ ଭଲରେ ଖାଇବାକୁ ମିଳିଲାନି ବୋଲି ତମେ ପରଦେଶକୁ ଖଟିବାକୁ ଗଲ, ସେଠାରେ କରୋନା ମହାମାରୀ ଯୋଗୁଁ ଏମିତି ଦୁର୍ଦ୍ଦଶାରେ ପଡିଥିଲ ଯେ ଭୋକ ଉପାସରେ ରହି ସରକାରଙ୍କୁ ହାତଯୋଡ଼ି ନେହୁରା ହୋଇ କହିବାରୁ ସେ ଦୟାକରି ତୁମ ମାନଙ୍କୁ ନିଜ ବ୍ୟବସ୍ଥାରେ ଆଣି ତୁମରି ହିତ ଲାଗି ତୁମକୁ ସବୁ ସୁବିଧା ଦେଇ ସଙ୍ଗରୋଧ କେନ୍ଦ୍ରରେ ରଖିଛନ୍ତି, ତୁମେ ସେଥିପାଇଁ ସରକାରଙ୍କୁ କୃତଜ୍ଞତା ଜଣାଇବ କ'ଣ ଓଲଟା ଏମିତି ବେଇମାନୀ କରୁଛ ? ତୁମକୁ ଧର୍ମ ସହିବ ଟି ? କଇଁ କଇଁ ହୋଇ କାନ୍ଦି ପକାଉଥିଲା ସଂଯୁକ୍ତା । ଲଜ୍ଜା ଅପମାନରେ ଝୁଙ୍କି ପଡୁଥିଲା ନରିଆ ମା' । ତା' ଆଖିରେ ନାଚି ଯାଉଥିଲା ତା'ର କଷ୍ଟକର ଦିନ ସବୁ ।

କେଇଟା ଦିନରେ ନରିଆ ପାଶୋରୀ ଦେଲା ତା' ର ଅତୀତ ? ସିଏ କ'ଣ ଏଇଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିଖେଇଥିଲା ନରିଆକୁ ? ଛିଃ, ସବୁ ସଂସ୍କାର ପୋଡି ଖାଇଦେଲା ଦିନ ହେଇପାରେ ନରିଆ ? ନିଜ କପାଳକୁ ନିନ୍ଦୁଥିଲା ନରିଆ ମା', ଦି' ଆଖିରୁ ଲୁହ ଝରି ପଡୁଥିଲା, ବୋହୁର ମୁଣ୍ଡକୁ ଆଉଁସି ଦେଇ ସେ କୋଳେଇ ନେଲା ଆଉ କହିଲା "ହଉ ! କାଲି ସକାଳ ହେଉ ମୁଁ ନରିଆ କଥା ବୁଝିବି, ତୁ ଯା' ଖାଇ ପିଇ ଶୋଇପଡ । ରାତି ଦି' ଘଡି ସରିକି ହେବ ବୋହୁ ଘର ଝରକାରେ ଠକ୍ ଠକ୍ ଶବ୍ଦ ଶୁଣି ନିଦ ଭାଙ୍ଗିଲା ନରିଆ ମା'ର । କାନ ଡେରିଲା, ବାଡି ପଛପାଖରୁ ଆସୁଛି ପୁଣି ସେଇ ଶବ୍ଦ । ଏଥର କବାଟ କଣରେ ଥିବା ଠେଙ୍ଗାକୁ ହାତରେ ଧରି ସେ ପାଦ ଚିପି ଚିପି ବାଡି ପଛପାଖ କବାଟ ଖୋଲି ଧୀରେ ଧୀରେ ବାହାରିଗଲା ବାହାରକୁ । ଝାପସା ଜହ୍ନ ଆଲୁଅରେ ଦେଖିଲା ବ୍ୟାଗ୍ ପତ୍ର ହାତରେ ଧରି ଠିଆ ହୋଇଛି ନରିଆ । ମାଆକୁ ଦେଖି ପାଖକୁ ଦୌଡି ଆସିଲା ସେ । କହିଲା, "ଘର ଭିତରକୁ ଚାଲ୍ ଲୋ ବୋଉ ! ସେ ନର୍କରୁ ଲୁଚିକି ପଳେଇ ଆଇଚି, ଶଃ.. କୁକୁର ଭାବିଛନ୍ତି ଆମକୁ, ହାରାମୀ ।" ହାତରେ ଧରିଥିବା ଠେଙ୍ଗାକୁ ନରିଆ ଆଗକୁ ଥୋଇ ବାଟ ଆଗୁଳିଲା ନରିଆ ମା' । ଗମ୍ଭୀର ସ୍ୱରରେ କହିଲା, "ସେଇଠି ଠିଆ ହ' ନରିଆ ! ଭଲରେ କହୁଛି ଆଉ ପାଦେ ହେଲେ ଆଗକୁ ଆ'ନା । ଘର ଚୌକାଠକୁ ଛୁଇଁଲେ ଏଇ ଠେଙ୍ଗାରେ ପିଟି ପିଟି ମାରି ଦେବି ତତେ ଜାଣିଥା ।" ମାଆର ଏମିତି ରଣଚଣ୍ଡୀ ରୂପ ଦେଖି ଛାନିଆଁ ହୋଇ ଦି' ପାଦ ପଛକୁ ଫେରି ଯାଉଯାଉ ନରିଆ କହିଲା, "ବୋଉଲୋ ! ତୁ କ'ଣ ପାଗଳୀ ହେଇଗଲୁ କି ? ଆଲୋ ମୁଁ ପରା ତୋ' ପୁଅ ନରିଆ, ଘରକୁ ଯିବି ବାଟ ଛାଡ ।" ନରିଆ ମା' ଗର୍ଜନ କଲା "ହଁ ରେ, ସେଇ କଥା ଜାଣିଛି ବୋଲି ତ ତତେ ଶାସନ କରୁଛି, ତୁ ଅମଣିଷ ହୋଇ ଯାହା କରୁଛୁ ସେଇଟା ତୋ'ନିଜର, ଆମ ପରିବାରର, ଆମ ଗାଆଁ, ସାଇପଡିଶା ସମସ୍ତଙ୍କ ବିପଦର କାରଣ ହେବ, ତାହା ତୁ ବୁଝି ପାରୁନୁ, ତେଣୁ ଏଇ ଠେଙ୍ଗାରେ ବୁଝେଇବି ଆଜି ତତେ । ଆରେ ଆମ ସରକାର ତାଙ୍କ କଳ, ବଳ, କୌଶଳ ସବୁ ଲଗାଇ ଲାଗି ପଡିଛନ୍ତି ଆମ ରାଜ୍ୟକୁ ଆମ ଦେଶକୁ ଏଇ

Magazine Downloaded from www.aahwaan.com

ମହାମାରୀରୁ ରକ୍ଷା କରିବା ଲାଗି, କେତେ କେତେ ଡାକ୍ତର, ନର୍ସ ପୋଲିସ୍ ସଫେଇ କର୍ମଚାରୀ, ସରକାରଙ୍କ ବଡବଡିଆ ବାବୁମାନେ ଦିନରାତି ଅନିଦ୍ରା ହୋଇ, ତାଙ୍କର ପିଲାଛୁଆ, ଘର ସଂସାର, ସୁଖକୁ ପଛରେ ପକାଇ ଆମର ସୁରକ୍ଷା ପାଇଁ ଲଢୁଛନ୍ତି ଆଉ ତମେ ଦଳେ ବେଇମାନ୍ ମଣିଷ ଲାଗିପଡିଛ ମହାମାରୀକୁ ବଢାଇବା ଲାଗି ? ହଇରେ, ତମ ମାନଙ୍କର ନିଜର ଯଦି ଏତେ ସୁବିଧା ଥିଲା, ତମେମାନେ ତାଙ୍କୁ ହାତଯୋଡ଼ି "ଆମକୁ ଏଠାରୁ ନିଅ, ଆମକୁ ଉଦ୍ଧାର କର" ବୋଲି ବାରମ୍ବାର ଗୁହାରି ଜଣଉଥିଲ କିଆଁ ? ବିପଦ ବେଳେ ସିଏ ସାହାଯ୍ୟ କଲେ, ଯଦି ବା କିଛି ଅସୁବିଧା ହେଲା, ତମେ ଏମିତି ହୋହାଲ୍ଲା କରି ଉତ୍ପାତ ହେଉଥିଲ କିଆଁ ? କୋଉ ରଜା ମହାରଜାଙ୍କର ପୁଅମାନେ ତମେ ? କୋଉ ତୂଳିତଳ୍ପରେ ଶୋଉଥିଲ ମ' ? କୋଉ କ୍ଷୀରୀପୁରି ଖାଇ, ସରଲବଣୀରେ ଭାସୁଥିଲ ଏଠି ? ଆରେ, ମୁଠାଏ ପେଟପୁରା ଖାଇବାକୁ ପାଇଲନି ବୋଲି, ଦେଶାନ୍ତରୀ ହୋଇ ଦାଦନ ଖଟିବାକୁ ଯାଇଥିଲା ପରା, ଆଜି ଏମିତି ଜ୍ୱାଇଁ କୁଣିଆ ସାଜି ଆସିଛ କାହିଁକି ? ଆମ ସମସ୍ତଙ୍କୁ ରୋଗ ବାଣ୍ଟିବା ପାଇଁ ? ସରକାରଙ୍କର ସବୁ ଯୋଜନା ଭଣ୍ଡୁର କରିବାକୁ ? ଯା, ଯା, ଚୁପ୍ ଚାପ୍ ଏଠାରୁ ଶୀଘ୍ର ଫେରିଯା' ସରକାରଙ୍କ ସେଇ "ସଙ୍ଗରୋଧ କେନ୍ଦ୍ର"କୁ, ସେଇଠି ରହି ତାଙ୍କର ନିୟମ କାନୁନ ମାନି ଚିକିତ୍ସାରେ ରହିବୁ, ସୁସ୍ଥ ହେଲା ପରେ ସେମାନେ ଅନୁମତି ଦେଲେ ଆସିବୁ, ଯାଃ, ଯାଃ, ଶୀଘ୍ର ବାହାରି ଯାଆ । ନହେଲେ ତୁ ଆମ ସମସ୍ତଙ୍କୁ ରୋଗରେ ମାରିବା ଆଗରୁ ମୁଁ ତତେ ଶେଷ କରିଦେବି । ଲୋଡା ନାହିଁ ମୋର ଏମିତି ଦେଶଦ୍ରୋହୀ ପୁଅ । ଯାଃ ଯାଃ ଯାଃ ମୋ ଆଖି ଆଗରୁ ଶୀଘ୍ର ପଳା । ଯାଉଛୁ ନା' ଦେଖିବୁ ଏଇନା .... ।

ନିଆଁ ବର୍ଷୁଥିଲା ବୁଢୀ ଆଖିରୁ । ନରିଆ ତା' ବୋଉର ଏମିତି ଭୟଙ୍କର ରୂପ ଜୀବନରେ କେବେ ଦେଖି ନଥିଲା । ବୋଉର କଥା ଗୁଡିକ ତା'ର ମର୍ମରେ ଭେଦୁଥିଲା । ସିଏ ଅନୁଭବ କଲା ବୋଉଟା ମୂର୍ଖ ହେଲେ କ'ଣ ହେବ ଠିକ୍ କଥା କହୁଛି । ସେ ସଙ୍ଗରୋଧ

Magazine Downloaded from www.aahwaan.com

କେନ୍ଦ୍ରରେ ରହିଥିଲେ ହିଁ ତା'ର ମଙ୍ଗଳ ହୋଇଥାନ୍ତା । ସାଙ୍ଗସାଥୀଙ୍କ ସହିତ ପଡି କ୍ଷଣିକ ଆବେଶରେ ସେ କେତେ ବଡ ଭୁଲ୍ କାମ କରିଛି ? ଯେଉଁମାନେ ତା'ର ମଙ୍ଗଳ କରିବାକୁ ଯାଉଥିଲେ ସେମାନଙ୍କୁ ଅସୁବିଧାରେ ପକାଇବାକୁ ଯାଇ ପ୍ରକାରାନ୍ତରେ ନିଜର ତଥା ନିଜ ପରିବାରର, ନିଜ ଗାଆଁ, ନିଜ ରାଜ୍ୟ, ନିଜ ଦେଶର ଅମଙ୍ଗଳ କରିବାକୁ ଯାଉଛି ସେ । ଧିକ୍ ତା' ମଣିଷ ପଣିଆକୁ । ପଶ୍ଚାତାପର ନିଆଁରେ ଜଳି ଜଳି ପଛକୁ ପାଦ ଫେରାଇଲା ନରିଆ । ମନରେ ସ୍ଥିର କଲା ସେ ପୁଣି ସେଇ ସଙ୍ଗରୋଧ କେନ୍ଦ୍ରକୁ ଫେରିବ, ତା' ସାଥିରେ ଲୁଚି ପଳାଇଥିବା ଆସିଥିବା ଗାଆଁର ଅନ୍ୟମାନଙ୍କୁ ମଧ୍ୟ ବୁଝେଇବ ସଙ୍ଗରୋଧ କେନ୍ଦ୍ରକୁ ଫେରି ଯିବା ଲାଗି । ସେଇଥିରେ ହିଁ ସମସ୍ତଙ୍କର ମଙ୍ଗଳ ।।

ଶାରଳା ଭବନ ପୋତାପୋଖରୀ ନୂଆବଜାର କଟକ

ଭ୍ରାମ୍ୟଭାଷ : ୯୩୩୭୨୭୭୬୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଦିନ ରାତିରେ

ଅନସୂୟା ପଣ୍ଡା

ଅଫିସରେ କାମ ସରୁ ସରୁ ବହୁତ ଡେରି ହୋଇଯାଇଥିଲା 'ଅକ୍ଷତା'ର । ତା ଫ୍ଲୋରରେ ଲାଇଟ ସବୁ ପ୍ରାୟତଃ ବନ୍ଦ ହୋଇଯାଇଥିଲା । ତର ତର ହୋଇ ହ୍ୟାଣ୍ଡବ୍ୟାଗଟାକୁ କନ୍ଧରେ ପକାଇ ସେ ଅଫିସରୁ ବାହାରି ଆସିଲା ।

ତା ଘରକୁ ଅଫିସଠାରୁ ଶେଷ ବସ ସାଢେ ନଟାରେ । ଏବେ ପ୍ରାୟ ନ'ଟା ପନ୍ଦର ହେଲାଣି । ଅଫିସଠାରୁ ବସଷ୍ଟାଣ୍ଡ ପାଞ୍ଚ ସାତ ମିନିଟ୍‌ର ବାଟ । ଭୟ ମିଶ୍ରିତ ମନରେ ସେ ଶୀଘ୍ର ଶୀଘ୍ର ପାଦ ପକାଇବା ଆରମ୍ଭ କରି ଦେଇଥାଏ । ମୋବାଇଲଟାକୁ ଅଫିସରୁ ବାହାରିବା ବେଳକୁ ବ୍ୟାଗ ଭିତରେ ରଖିଦିଏ । ଗତ ସପ୍ତାହରେ ତା ଅଫିସର ଗୋଟେ ଝିଅ ରାସ୍ତା ପାର କରିବାକୁ ରୋଡ଼ ଡିଭାଇଡରରେ ଠିଆ ହୋଇ ଫୋନରେ କଥା ହେଉଥିଲା, ମଟର ସାଇକେଲରେ ଦୁଇଟା ପିଲା ଆସି ତା'ଠାରୁ ଏମିତି ମୋବଇଲ ଛଡାଇ ନେଇଗଲେ ଯେ ଝିଅଟା ତଳେ ପଡିଗଲା । ଭାଗ୍ୟ ଭଲ ଗାଡି ମଟର କିଛି ମାଡିନି ତା ଉପରେ । ଖାଲି ଯାହା ଟିକେ ଆଣ୍ଠୁ, କହୁଣୀ ଖଣ୍ଡିଆ ହୋଇ ଯାଇଥିଲା । ନ ହେଲେ ମୋବଇଲ ତ ଗଲା, ଜୀବନ ବି ଯାଇଥାନ୍ତା ।

ଡ୍ରେସର ଓଢଣୀଟାକୁ ଟିକେ ବାଗେଇକି ପକାଇ ଦେଲା 'ଅକ୍ଷତା' । ଏମିତିରେ ସେ କିଛି ସୁନା ଚେନ ବା କାନ ଫୁଲ ପିନ୍ଧି ନଥିଲା । ତଥାପି ପିନ୍ଧିଥିବା ଇମିଟେସନ କୁ ଯଦି ସୁନା ଭାବି କିଏ ଟାଣିନେଲା ତେବେ ନିଜର ହିଁ କ୍ଷତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବସଷ୍ଟପରେ ପହଞ୍ଚିଲା ବେଳକୁ ସବୁ ପ୍ରାୟ ଶୂନଶାନ । ଛୋଟ ବସଷ୍ଟପଟା, ପୁଣି ଶୀତଦିନ ରାତି । ଚାରିଅଡକୁ ଆଖି ବୁଲାଇଲା ସେ । ବସଷ୍ଟାଣ୍ଡର ସବାକଣରେ ପଡ଼ିଥିବା ଷ୍ଟିଲ ଚେୟାରରେ ବସି ସିଗାରେଟ ଖାଇଖାଇ ଜଣେ ତା ମୋବାଇଲରେ ବିଲକୁଲ ହଜି ଯାଇଛି । ତାର ମୁହଁ ସିନା ଉପରକୁ ଉଠୁନି ହେଲେ ସେ ମନେ ମନେ ହସୁଥାଏ, କଣ ସବୁଦେଖି । କେହି ସ୍ତ୍ରୀ ଲୋକ କି ଝିଅପିଲା ନଥିଲେ ଷ୍ଟପରେ । ପାଖ ଷ୍ଟ୍ରୀଟଲାଇଟ ଟା ବି ଆଜି ଠିକରେ ଜଳୁ ନଥିଲା । ଦପ ଦପ ଦେଉଥିଲା । ତାକୁ ଅଧିକରୁ ଅଧିକ ଡର ମାଡି ବସୁଥାଏ ।

ଗୋଟେ ଦୁଇଟା ବୁଲା କୁକୁର ଶୀତ ଯୋଗୁଁ ମୁହଁ ଜାକି ଶୋଇଥାନ୍ତି । ବୁଲା ଗାଈ ଓ ଷଣ୍ଢ ଶୋଇ ଶୋଇ ପାକୁଳି କରୁଥାନ୍ତି । କେହି ଗୋଟେ ସେ ବାରଣ୍ଡା ଉପରେ ଯାକିହୋଇ ମୁହଁ ଘୋଡେଇ ହୋଇ ଶୋଇଛି, ଭିକାରି କି ପାଗଳାଟିଏ ହୋଇଥିବ ଆଉଗୋଟେ ପାଚିଲା ମୁଣ୍ଡିଆ ବୁଢ଼ା ଆଶାବାଡି ଧରି ଛୋଟେଇ ଛୋଟେଇ ଆସୁଥାଏ । ଶୋଇବ ବୋଧେ । ତାକୁ ଦେଖି ପଇସା ପାଇଁ ହାତ ବଢ଼ାଇ ଦେଲା । ସେମାନଙ୍କ ପ୍ରକୃତି ସେମିତି, ଖାଲି ଯାହାକୁ ଦେଖିଲେ ହାତ ବଢ଼ାଇ ଦେବେ । ନଦେଲେ ଶୋଧିବେ । ଯେମିତି ଏମାନଙ୍କ ଛଡା ଆଉ କାହାର କିଛି ଅସୁବିଧା ନାହିଁ ।

ସେ ପ୍ରାୟତଃ ସାଢେ ଆଠଟା ପୂର୍ବରୁ ପଳାଇଯାଏ ତେଣୁ ତାକୁ ଏପରି ପରିସ୍ଥିତିର ସାମ୍ନା କରିବାକୁ ପଡିନି କେବେ । ଭୟରେ ତା ତଣ୍ଟି ଶୁଖି ଯାଉଥାଏ ।

କେହିଜଣେ ସ୍ତ୍ରୀ ଲୋକ ଆସିଯାଆନ୍ତାକି । ସେ ବିକଳ ହୋଇ ଏପଟ ସେପଟକୁ ଚାହୁଁଥାଏ । ଥରକୁ ଥର ଘଣ୍ଟାକୁ ଅନାଉଥାଏ । ତାର ସବୁ ବ୍ୟଗ୍ରତାକୁ ବିରାମ ଦେଇ ବସଟି ଆସି ପହଞ୍ଚିଗଲା । ସେ ତରତର ହୋଇ ଆଗପଟ ଗେଟ ପଟେ ବସରେ ଚଢିଲା । ବସଟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏତେ ଭିଡ଼ ନଥିଲା । ଖୁବ ସହଜରେ ସିଟ୍‌ଟିଏ ସେ ପାଇଗଲା । ସିଟ୍‌ରେ ବସିବା ପୂର୍ବରୁ ଥରେ ସେ ଦେଖିନେଲା କିଏ ଝିଅପିଲା କି ସ୍ତ୍ରୀ ଲୋକ ଅଛନ୍ତି କି ନାହିଁ ।

ନା ! କେହି ନଥିଲେ । ବସରେ ଥିବା ଲୋକମାନେ ମଧ୍ୟ ତାକୁ ଚିଡିଆଖାନାରେ ନୂଆ ଜୀବଜନ୍ତୁ ଦେଖିଲା ପରି ଅନାଉଥିଲେ । ତାକୁ ଆହୁରି ଡର ଲାଗଲା । ଦିଲ୍ଲୀର ନିର୍ଭୟା ଘଟଣା ତାର ମନେ ପଡିଗଲା । ଆଜି ଯଦି ତାହା ସହ ସେମିତି କିଛି ହୁଏ ? ବାପାବୋଉ ଛ'ମାସ ପୂର୍ବରୁ ଡକା ଡକି ହୋଇ ଆରପାରିକୁ ଗଲାପରେ ସେ ଓ ତା ସାନଭଉଣୀ ଦାଦା ଖୁଡିଙ୍କ ପାଖରେ ରୁହନ୍ତି । କିଏ ବା ବୁଝିବ ତାର ଆଜିର ପରିସ୍ଥିତି । ଖୁଡୀ ଆହୁରି ବଜାଇ ବଜାଇ କହିବେ, "ଅଫିସ ବାହାନାରେ କାହା ସହ ଲୀଳା କରୁଥିଲା, ଏବେ ଜଣା ପଡିଲା ।"

ବସରେ ବେଶୀ ଯାତ୍ରୀ ନଥିଲେ ଓ ରାସ୍ତା ଫାଙ୍କା ଥିବାରୁ ବସଟି କୋଡିଏ ମିନିଟ ଭିତରେ ତା ଘର ପାଖ ଷ୍ଟପେଜରେ ପହଞ୍ଚି ଯାଇଥିଲା । ଯାହାହେଉ ସେ ସୁରକ୍ଷିତରେ ବସରୁ ଓହ୍ଲାଇ ଗଲା । କେବଳ ମା ବନଦୁର୍ଗାଙ୍କୁ ସେ ସ୍ମରଣ କରୁଥିଲା ।

ବସଷ୍ଟପରୁ ତାଙ୍କ ଘର ଅଧ କିଲୋମିଟର, ଚାଲିକି ଯିବାକୁ ହେବ । ଦଶଟା ବାଜିବ । ସେ ଏକ ରକମର ଦଉଡ଼ୁଥିଲା । ତା ଛାତି ଖୁବ ଧଡ଼ ଧଡ଼ ହେଉଥାଏ । ବୁଲାକୁକୁର ଗୁଡା ଖୁବ ଜୋରରେ ଭୁକିବାରେ ଲାଗିଥାନ୍ତି । ରାସ୍ତାରେ କାଁ ଭାଁ ମୋଟର ସାଇକଲ କି ସାଇକେଲଟିଏ ଯାଉଥାଏ ।

ଗାଡି ଗୁଡାକ ତା ପାଖରେ ଦେଇ ଗଲାବେଳେ ତା ହୃଦସ୍ପନ୍ଦନ ଆହୁରି ବଢ଼ିବାରେ ଲାଗିଥାଏ । କେଉଁଠି ବି ଝିଅଟି ଆଜି ସୁରକ୍ଷିତ ନୁହେଁ । ଆଠ ମାସର ଶିଶୁଠାରୁ ଅଶି ବର୍ଷର ବୃଦ୍ଧା ଯାଏଁ ସମସ୍ତେ କୌଣସି ନା କୌଣସି ଉପାୟରେ, କେଉଁଠି ନା କେଉଁଠି ନିର୍ଯାତିତ । କାହିଁକି କେଜାଣି ବିଶେଷ କରି ନାରୀ ଉପରେ ଏମିତି ହୁଏ ? ନିଜର ସାବଳତାର ପରିଚୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେବାକୁ ନା ନିଜର ଦୁର୍ବଳତାର ପରୀକ୍ଷା କରିବାକୁ ପୁରୁଷଟି ଏମିତି କରିଥାଏ 'ଅକ୍ଷତା' ଏଯାଏ ବୁଝିନି ।

ରାସ୍ତା କଡରେ ଥିବା ପୋଲ ଉପରେ ଚାରି ଜଣ ପିଲା ମଟରସାଇକେଲ ଓ ସାଇକେଲ ରଖି ସିଗାରେଟ ପିଉଥିଲେ । ଜଣେ ପାନ ଛେପ ପକେଇ ଟିପଣୀ ବାଢ଼ିବା ଆରମ୍ଭ କଲା, "କଣ ଆଜି ତାଙ୍କ ସହ ସେକେଣ୍ଡ ସୋ ସିନେମା ଦେଖି ଯାଇଥିଲ କି ? କହିଲନି ଟିକେ ଛାଡି ଦେଇ ଯାଇଥାନ୍ତେ ! କାଇଁ ଏମିତି ଦଉଡୁଛ ଯେ ? ରୁହ ବାଇକିରେ ଛାଡି ଆସିବି ।"

ତାସହ ଅନ୍ୟମାନେ ବି ତାଳ ଦେଉଥାନ୍ତି । ହସିହସି ଗଡୁଥାନ୍ତି । ଜଣେ ଉଠି ତା ପଛରେ ଆସିବା ପରି ତାକୁ ଲାଗିଲା । 'ଅକ୍ଷତା' ଭାବିଲା ଦଉଡିବ । ହେଲେ ବୁଲାକୁକୁର ଯଦି କାମୁଡି ଦିଅନ୍ତି ?

ଗୋଟେ ଦୀର୍ଘ ନିଶ୍ୱାସ ନେଲା 'ଅକ୍ଷତା' । ଯାହା ହେଉ ସେ ସାମ୍ନା କରିବ । ନାରୀ ସର୍ବ ଶକ୍ତିର ଆଧାର । ଏ ସମାଜ ନୁହେଁ ସେ ନିଜେ ନିଜକୁ ଦୁର୍ବଳ ଅବଳା ବୋଲି ଭାବୁଛି ବୋଲି ଅତ୍ୟାଚାରିତ ହେଉଛି ।

ସେ ଶକ୍ତି ସଂଚୟ କଲା । କେଜାଣି ତା ଭିତରେ ହଠାତ କେଉଁଠୁ ଏତେ ଶକ୍ତି ଅସିଗଲା ସେତେବେଳେ । ସେ ବୁଲିପଡ଼ି ସେ ପିଲାଙ୍କୁ ସିଧା ଅନାଇଲା । କିଛି ଅଶ୍ଳୀଳ ମନ୍ତବ୍ୟ ଦେଇ ସେମାନେ ପୋଲ ଆଡକୁ ପଳାଇଲେ । ଲଗାତାର ସେ ସମୟରେ ଦୁଇଟା ମଟର ସାଇକେଲରେ ଲୋକ ବି ସେ ପଟେ ଗଲେ । 'ଅକ୍ଷତା' ସାହସ ଧରିଲା । ଏ ସମୟରେ ତା ଫୋନଟା ବ୍ୟାଗ ଭିତରୁ ବାଜି ଉଠିଲା । ଫୋନରେ କାହାକୁ ଜଣାଇବ କି ? ହେଲେ କିଏ କଣ କରିପାରିବେ !

ସେ ସେଥିପାଇଁ ନିଘା ନଦେଇ ଚାଲିବାରେ ଲାଗିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୟ ଓ ଅସ୍ଥିରତା ଭିତରେ ସେ କେତେବେଳେ ଆସି ତାଙ୍କ ଘର ପାଖ ଗଳିରେ ପହଞ୍ଚି ଯାଇଥିଲା । ଆଉ ଶେଷରେ ଘର ପାଖରେ ପହଞ୍ଚି ଟିକେ ଦୀର୍ଘ ନିଶ୍ୱାସ ନେଲା ।

କବାଟ ଖୋଲୁ ଖୋଲୁ ତା ସାନ ଭଉଣୀ ଦୀପା କହୁଥିଲା, "ତୁ ଆଜି ବହୁତ ଡେରି କଲୁ ଫେରିବାକୁ ? ବ୍ୟସ୍ତ ହୋଇ ତୋତେ ଫୋନ କରିଥିଲି । କିଛି ଅସୁବିଧା ହୋଇନିତ ? "

"ନା ନା କିଛି ଅସୁବିଧା ନାହିଁ ।" କହି ଘର ଭିତରକୁ ଗଲାବେଳେ 'ଅକ୍ଷତା' ଭାବୁଥିଲା ନିଜ ସୁରକ୍ଷା ପାଇଁ ଅନ୍ତତଃ ସେ ଆଉ ଡେରିରେ ଅଫିସରୁ ବାହାରିବନି ।

ସୃଷ୍ଟି ସ୍ତ୍ରୀବିନା ଅଚଳ ହେଲେ ତାର ଅସ୍ତିତ୍ୱକୁ ନେଇ ଅନେକ ଆଲୋଚନା, ସମାଲୋଚନା ଓ ପ୍ରତାରଣା । ସେଇ ସୃଷ୍ଟି କରୁଥିବା ନାରୀଟି ଯଦି ନିଜର ସୁରକ୍ଷା ପାଇଁ ନିଜେ ସଜାଗ ନହୁଏ, ଏ ସୃଷ୍ଟି ଦିନେ ଅଚିରେ ବିନାଶ ହେବ ।

କାର୍ଡଗୁଡି, ବାଙ୍ଗାଲୋର,
୯୮୪୦୭୦୬୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଗବନ୍ଧୁ ହେ... ଗୋସାଇଁ

ନିତ୍ୟରଞ୍ଜନ ନନ୍ଦ

ଝିଅ ବାହାଘର ବ୍ୟସ୍ତତା ଭିତରେ ହାତରେ ନିମନ୍ତ୍ରଣ ପତ୍ର, ଗୁଆ, ନଡ଼ିଆ, ଜୋଡ, ଆଉ ଭୋଗ ରାଗ ନେଇ ପହଞ୍ଚିଲେ ଦେଉଳ ଦୁଆରେ । ଦିଅଁଙ୍କ ଅଣସର, ଦୁଆର ବନ୍ଦ । ମନ୍ଦିର ପାହାଚ ଉପରେ ବସି ପଡିଲେ ସେ, ମଥା ନୁଆଇଁ ପ୍ରଣାମ କଲେ । ଜୀବନର ତମାମ ସୁଖ ଦୁଃଖ ସମର୍ପି ଦେଇଛନ୍ତି ସେଇ କଳା ଗୋସେଇଁଙ୍କ ପାଖରେ । କେବେ କିଛି ମାଗିନାହାନ୍ତି । ମାଗିବାକୁ ଭୁଲି ଯାଇଛନ୍ତି । ଜଗନ୍ନାଥଙ୍କୁ ନିଜ ପ୍ରଥମ ବନ୍ଧୁ ମାନି ଆଜି ଆସିଛନ୍ତି, ନିମନ୍ତ୍ରଣ କରିବାକୁ ।

ଚାହିଁଲେ ଦିଶୁଛି ମନ୍ଦିରର ନେତ, ତା ଉପରେ ଚନ୍ଦ୍ର ବିନ୍ଦୁ ଟି ଦିଶୁଛି ଠିକ ସେ ଜଗାର ହସ ପରି । ବନ୍ଦ ଦୁଆରକୁ ଦେଖି କାନ୍ଦକାନ୍ଦ ହୋଇଗଲେ ସେ । କହିଲେ ଜଗାରେ !ଅଭାବୀ ସଂସାର ଭିତରେ କେବେ କିଛି ତ ଦେଇ ପାରିନି ତୋତେ । ସେଥିପାଇଁ ଆଜି ଦୁଆର ବନ୍ଦ କରିଦେଇଛୁ ନା ? କହ , ତୋତେ କଣ ମୁଁ ଖୋଜିନି ମୋ ଭଲମନ୍ଦରେ । ମୋ ସଂସାର କଥା ତୋତେ କଣ ବା ଅଛପା ? ଝିଅ ବାହାଘର କରିବି ବୋଲି ଯାହା ପଇସା ପତ୍ର ରଖିଥିଲି, ସେ ସବୁ ସ୍ତ୍ରୀ ଦେହ ଖରାପରେ ଗଲା । ଭଲା, ତାକୁ କୋଉ ବଞ୍ଚେଇପାରିଲି ଯେ । ଅଭାଗିନୀ ଟା ଚାଲିଗଲା, ଏକା କରି । ଏଇ ରିଟାଏର୍ମେଣ୍ଟ ପଇସା କିଛି ବାହାଘର କରିଦେଲେ ଯାଏ । ସ୍ତ୍ରୀ ଗଲା ପରେ ଝିଅ ବୁଝେ ଘର କଥା । ତୁ କହୁନୁ, କେତେ ଦିନ ଆଉ ବାହା ନ କରି ରଖିଥାନ୍ତି । ଗଲା ମଗୁସୁରକୁ ତାକୁ ଛବିଶି ପୁରିଲା । ରଥଯାତ୍ରା ଭିତରେ ବାହାଘର, ମୁଁ ମନା କରୁଥିଲି । ଏକୁଟିଆ ଲୋକ, ଆଷାଢ଼ ମାସ ମେଘ ପାଣି କଥା । ପୁଅଘର ବାଲାଙ୍କ ଜିଦ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଗକୁ ଆଉ କୁଆଡେ ତିଥି ନାହିଁ । ଅନେକ କଥା, କହିଲେ ସରିବନି । ତୋ ଛଡା ଆଉ କିଏ ବନ୍ଧୁ ଅଛି କହିଲୁ, ତୁ ପରା ଜଗବନ୍ଧୁ, ସାରା ଜଗତର ବନ୍ଧୁ । ବନ୍ଧୁପଣରେ ଟେକି ଦେଇଥିଲୁ ରତ୍ନଥାଳି, ବନ୍ଧୁ ମହାନ୍ତିଙ୍କୁ । ମୋ ଜ୍ଞାତି ପରିଜନ ସିନା ମଶାଣି ଯାଏ ଯିବେ, ମୁଁ ତ ତୋ ପାଖେ ରହିବି ଜୁଇ ମୋର ଜଳିଲା ପରେ ବି । ହେଇ ଦେଖ, ମୁଁ କେଡେ ମୁର୍ଖଟାଏ । ଯୋଉ କାମ ପାଇଁ ଆସିଛି , ସେକଥା ନ କହି ଇଆଡୁ ସିଆଡୁ ଗପୁଛି । ତୋ ଦେହରେ ଏବେ ଖଇ ଫୁଟା ତାତି, ଶୋଇଥିବୁ । ମୁଁ ଆସି ତୋତେ ହଇରାଣ କରୁଛି । ଜଲଦି ଭଲ ହେଇ ରଥରେ ଚଢ଼ । ନିମନ୍ତ୍ରଣ ରହିଲା ତୋତେ, ଯିବୁ ନିଶ୍ଚୟ, ତୋ ପାଇଁ ଅପେକ୍ଷାରେ ରହିଲି । ତୁ ନ ଆସିଲେ ମୁଁ ଖାଇବିନି କହୁଛି । ଯଦି ସତରେ ମୋ କଥା ଶୁଣୁଥିବୁ ଆସିବୁ ତୁ । ଜୀବନ ଥରେ ତ ଆସେ ମୋ ଗରିବ କୁଡ଼ିଆକୁ । ତୋ ପାଇଁ ଦୁନିଆରେ କୋଉ ଦରବ ଅପୂର୍ବ ଯେ । ମାଉସୀମା ର ସ୍ନେହ ପାଇ ମୋତେ ଭୁଲିଯିବୁନି । ମୋ ରାଣ ରହିଲା ତୋତେ । " ଚଷମା ଖୋଲି ଲୁହ ପୋଛିଲେ ପ୍ରକାଶ ବାବୁ । ଇଚ୍ଛା ହେଉ ଥିଲା, ଭିତରକୁ ଯାଇ ତାକୁ କୁଣ୍ଢେଇ ଧରି କାନ୍ଦିବାକୁ ମନ ଭରି । ନିମନ୍ତ୍ରଣ ଥାଳି ରଖି ମଥା ଲଗେଇ ପ୍ରଣାମ କଲା ବେଳେ ଦୁଇ ଟୋପା ଲୁହ ପଡିଗଲା ପାହାଚ ଉପରେ । ବତୁରା ମନ ଆଉ କୋହ ନେଇ ଚାଲିଆସିଲେ ଘରକୁ ।

ବାହାଘରର ପ୍ରସ୍ତୁତି ଭିତରେ ଆଉ ସମୟ ପାଇ ନାହାନ୍ତି ଦେଉଳ ଆଡେ ଯିବାକୁ । ମନରେ କିନ୍ତୁ ପ୍ରଶ୍ନଟିଏ ଥାଏ । ସତରେ କଣ ଶୁଣୁଛି ସେ ମୋ କଥା । କାହିଁ ଉତ୍ତରଟେ ଦେଲା ନାହିଁ । ହଁ ,ସେ କଣ ଉତ୍ତର ଦିଏ ? ତା କଳା ମୁହଁ ଦେଖିଲେ ବୁଝି ହେଇଯାଏ ସବୁ କିଛି । ହେଲେ ସେତିକି ବି ହୋଇ ପାରିଲା ନାହିଁ । ଆସିଲା ବାହାଘର ଦିନ, ଅତିଥି କୁଣିଆ ରେ ଘର ଭର୍ତ୍ତି । ସବୁ କିଛି କେମିତି ସୁରୁଖୁରୁରେ ହୋଇ ଯାଉଛି । ଗାଁ ଲୋକ,ବରଯାତ୍ରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବନ୍ଧୁବାନ୍ଧବ ଖୁସିରେ ଖାଇଲେ । ଝିଅ ବିଦା ହେଲା, କାନ୍ଦି କାନ୍ଦି ପ୍ରକାଶ ବାବୁଙ୍କ ମୁହଁ ଫୁଲି ଯାଇଛି । ଲୁହର ଦାଗ ଆଖି ତଳେ ସ୍ପଷ୍ଟ ଦେଖା ଯାଉଛି । ଝିଅ ଗଲା ପରେ ଘର ଟି କେମିତି ଖାଁ ଖାଁ ଲାଗୁଛି । ବାହାରେ ଚେୟାର ଖଣ୍ଡେ ପକେଇ ବସିଛନ୍ତି ପ୍ରକାଶ ବାବୁ ଅନ୍ୟମନସ୍କ ହୋଇ । ଭଣଜା ରହିଯାଇଛି ଖାଲି ବାକି ସମସ୍ତେ ଗଲେଣି । ଝିଅ କଥା ଭାବି ଗୁମସୁମ ମନ ମାରି ଭାବୁଛନ୍ତି ସବୁ କଥା । ଏତେ ଆଦର ଗେଲ୍‌ହା ରେ ଝିଅ ଏମିତି ଚାଲିଗଲା ଶାଶୁଘରକୁ । ଦୁନିଆର ଇଏ କି ନିଷ୍ଠୁର ନିୟମ । ଗଲା ବେଳେ ତା କାନ୍ଦ କାନ୍ଦ ମୁହଁଟା ଭାରି ମନେ ପଡୁଥିଲା । ପାଗେଳି ଟା, ଭାରି ଅଳି କରେ ଛୋଟ କଥାରେ, ସେଠି କିଏ ବୁଝିବ ତା କଥା । ମା ଗଲା ପର ଠୁ ବାପା ମା ସ୍ନେହ ଦେଇ ପାଳିଛନ୍ତି ତାକୁ । ଖୁବ ମନେ ପଡୁଥିଲା ସ୍ୱର୍ଗବାସୀ କଲ୍ୟାଣୀ ଙ୍କ କଥା । ସବୁ ତ ସରିଲା ଜୀବନରେ , ଆଉ କେତେଟା ଦିନ କାଟିଦେଲେ ସେ ଚାଲି ଯାଆନ୍ତେ ତାଙ୍କ ପାଖକୁ । ଆଣ୍ଠୁ ରେ ମୁହଁ ଜାକି କଇଁ କଇଁ କାନ୍ଦିବାକୁ ଲାଗିଲେ ପ୍ରକାଶ ବାବୁ ।

ଏଇ ସମୟରେ ଗେଟ ପାଖେ କେହି ଜଣେ ଡାକିଲା । ସେ ଡାକଟି ଭେଦିଗଲା ଆତ୍ମା ଯାଏ । ସେ ଚମକି ଉଠି ଦେଖିଲେ । ଗେଟ ଆର ପଟେ ଠିଆ ହେଇଛନ୍ତି ଜଣେ ଲୋକ । ତାଙ୍କରି ବୟସ ହେବ ବୋଧେ, କୁଂଚୁକୁଞ୍ଚିଆ ଚୁଟି, ଆଉ ମଥାରେ ଚନ୍ଦନ ତିଳକ ।ଅଧା ପାଚିଲା ଦାଢ଼ି ନିଶ ଭିତରେ ଦୁଇଟା ଗୋଲ ଗୋଲ ଆଖି । ମାଧ୍ୟମ ସ୍ୱାସ୍ଥ୍ୟ । ରଙ୍ଗ କଳା । ପିନ୍ଧିଛନ୍ତି ଖଣ୍ଡେ ଧୋତି । ଦେହରେ ଚାଦର ଖଣ୍ଡେ ।ପାଦରେ ଚପଲ ନାହିଁ । ଭଣଜା ଯାଇ ପଚାରିଲା, " କାହାକୁ ଖୋଜୁଥିଲେ ?" ଲୁହ ପୋଛି ପଛେପଛେ ଆସିଲେ ପ୍ରକାଶ ବାବୁ । ତାଙ୍କ ବେଶ ଦେଖି ପ୍ରକାଶ ବାବୁ କାନ୍ଦିବା ଭୁଲିଗଲେ । ଅସ୍ତଗାମୀ ସୂର୍ଯ୍ୟର କିରଣରେ ସେ ଦିଶୁଥିଲେ ଖୁବ ତେଜିୟାନ । ଅପୂର୍ବ ଜ୍ୟୋତି ଟିଏ ତାଙ୍କ ମୁହଁରେ । ଆଗନ୍ତୁକ ଜଣକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହିଲେ, "ଆଜ୍ଞା, କିଛି ଖାଇବାକୁ ମିଳିବ । ଦିନ ସାରା କିଛି ଖାଇନି । ତାଙ୍କ କଥାରେ ଥିଲା ମୋହିନୀ ଶକ୍ତି । ପ୍ରକାଶ ବାବୁ ଗେଟ ଖୋଲି ତାଙ୍କୁ ପାଛୋଟି ଆଣିଲେ ଭିତରକୁ । ଧୀରେ ଧୀରେ ପାଦ ଥାପି ସେ ଆସି ବସିଲେ ପିଣ୍ଡା ଉପରେ । ପାଣି ଢାଳଟେ ଦେଇ ସେ ବସିଲେ ତାଙ୍କ ପାଖେ, ପଚାରିଲେ କୋଉଠି "ଆପଣଙ୍କ ଘର, ଏପଟେ କୁଆଡେ ଯାଉଥିଲେ ?" ସେ ହସି କହିଲେ, "ମୋ ଘର ସେମିତି କିଛି ନାହିଁ । ମୁଁ ବାଟଭୁଲା ବାଟୋଇ ଟିଏ । ଯେତେବେଳେ ଭୋକ ଲାଗେ ମାଗି ଦିଏ ।" ଏତିକି ବେଳେ ରୋଷେଇ ଶାଳା ରୁ ଭଣଜାର ପାଟି ଶୁଭିଲା । ପ୍ରକାଶ ବାବୁ ଯାଇ ଦେଖିଲେ, ବଳକା ଖାଇବା ସବୁ ଢାଳି ଟେଣ୍ଟ ବାଲା ମଜ୍ଜାମଜ୍ଜି କଲାଣି । ସେଥିପାଇଁ ଭଣଜା ତାଙ୍କୁ ପାଟି କରୁଛି । ଭାରି କଷ୍ଟରେ, ଡିସ ପୋଛା ପୋଛି କରି ଗୋଟିଏ ଥାଳିରେ ଆଣି ଆସିଲେ କିଛି ଅନ୍ନ,ଡାଲି, ତରକାରୀ ଆଉ ଚୌପତିରେ ଖୀରି । ଥାଳିଟି ଆଗନ୍ତୁକଙ୍କ ଆଗରେ ରଖି କହିଲେ, "ଆଜ୍ଞା, ସଞ୍ଜ ହେଇ ଗଲାଣି, ସମସ୍ତେ ଖାଇ ସାରିଲେଣି ଏତିକି ହୋଇପାରିଲା ।" ନିଜର ଚିରାଚରିତ ହସହସ ଭଙ୍ଗୀରେ କହିଲେ, "ଏତିକି ଯଥେଷ୍ଟ ମୋ ପାଇଁ । ଖାଇ ବସିଲେ ସେ । ଅନ୍ନରେ ଡାଲି ଗୋଳେଇ ପଚାରିଲେ, ତମେ ଖାଇଛ ?" ଆରେ ! ସତେ ତ, ବାହାଘର ଭିତରେ ଖାଇବା ଭୁଲିଯାଇଛନ୍ତି ପ୍ରକାଶ ବାବୁ । ଟିକେ ଚୁପ ରହି କହିଲେ, "ଆପଣ ଖାଆନ୍ତୁ, ମୁଁ ପରେ ଖାଇବି ।" ଆଗନ୍ତୁକ କହିଲେ, ଆସ ସାଙ୍ଗ ହୋଇ ଖାଇବା, ଦୁଇ ଜଣଙ୍କ ପାଇଁ ହୋଇ ଯିବ ।ପ୍ରକାଶ ବାବୁ ମନା କଲେ । ସେ କହିଲେ, "ତମେ ନ ଖାଇଲେ ମୁଁ ଖାଇବିନି ।" ଚମକି ପଡିଲେ ପ୍ରକାଶ ବାବୁ । ମନେ ପଡିଗଲା ମନ୍ଦିରରେ ସେଦିନର କଥା । ଜାଣିଗଲେ ଜଗା ଆସିଛି , ଆଖି ଲୁହରେ ଭର୍ତ୍ତି ହୋଇଗଲା । ପଚାରିଲେ, କଣ ଆପଣଙ୍କ ନାଁ ? ଆଖିରେ ଆଖି ମିଶେଇ ସେ କହିଲେ, "ଜଗବନ୍ଧୁ, ଲୋକେ ମୋତେ ଜଗା ବୋଲି ଡାକନ୍ତି ।" ପାଦ ତଳେ ପଡି ଭୋ ଭୋ କାନ୍ଦି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଠିଲେ । କେହି ତ ନଥିଲେ ସେଠି । ଭଣଜା ଯାଇଥିଲା, ବାହାରକୁ କାମରେ ।ପିଠି ଆଉଁସି ଉଠେଇ ଦେଲେ, ଲୁହ ପୋଛି ଖୋଇ ଦେଲେ ଖୀରି ରୁ ଟିକେ । ଆଉ କହିଲେ , "ବଢିଆ ହେଇଛି ସବୁ ଖାଇବା ।" ତାଙ୍କ ଛୁଆଁ ରେ ସବୁ ଦୁଃଖ ଯନ୍ତ୍ରଣା ଉଭେଇ ଯାଉଥିଲା କୁଆଡେ ।ଆହୁରି ଜୋରରେ କାନ୍ଦି ଉଠିଲେ, ପ୍ରକାଶ ବାବୁ । ଅନେକ ଦିନର ସାଇତା କୋହକୁ ଆଜି ଲୁହ ହୋଇ ଝରୁଥିଲା ଆଖିରୁ । ସେ କହିଲେ, " ସତରେ ତମେ ଆସିଛ ମୋ କଥା ରଖି, ମୋ ଘରକୁ । ମୁଁ ତୁମକୁ ଚିହ୍ନି ପାରୁନି । କଣ ବା ଦେଇ ପାରିବି ତମକୁ ମୁଁ । ତମେ କରୁଣାର ସାଗର,କୃପାସିନ୍ଧୁ । ନିଜ ନାଁ ରଖିଛ ତୁମେ ଜଗବନ୍ଧୁ । ମୋ ଜଗା ।" ସବୁ ବୁଝି ସେ ଖାଲି ହସୁଥିଲେ, ପ୍ରକାଶବାବୁ ତାଙ୍କ ଭିତରେ ଦେଖୁଥିଲେ ମନ୍ଦିରର ସେଇ ଦାରୁ ବିଗ୍ରହ, ଯେ ବାହୁ ମେଲେଇ ବସିଥାନ୍ତି ପ୍ରସନ୍ନ ମୁଦ୍ରାରେ । ଖୁବ ଜୋରରେ ଛାତିରେ ଚାପି ଧରିଲେ ତାଙ୍କ ଜଗାକୁ । ଆଉ ଛାତିରେ ମୁହଁ ଗୁଞ୍ଜି କଇଁକଇଁ ହୋଇ କାନ୍ଦିଲେ ଛୋଟ ପିଲା ପରି । କେହି କିଛି ବୁଝିବା ଆଗରୁ ସେମାନେ ଚାଲିଗଲେ ଦୂରକୁ ବହୁ ଦୂରକୁ ।

ଡିଏଲ୍ଏ - ୧୨, ବୀରସୁରେନ୍ଦ୍ରସାଏ ନଗର, ଭୁବନେଶ୍ୱର, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୧୭୮୪୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସରକାର ମୁଁ

ଦୁଷ୍ମନ୍ତ ବେହେରା

ଗାଁ-ରାମଗଡ

ବାପା-ମେହେନ୍ ମହାନ୍ତ

ମା-ପୁଲି ମହାନ୍ତ

ପୁଅ-ଜଲାଦ୍ ମହାନ୍ତ

ଗାଁ ଲୋକ-୧-ଖରିଆ ବାଘ

୨-ମୟିଆ ବାଘ

ରାମଗଡ ଗାଁରେ ଦୁଇଶହରୁ ଦୁଇଶହ ଦଶ ପରିବାର ବାସ କରନ୍ତି । ରାମଗଡ ଗାଁରେ ମହେନ୍ ମହାନ୍ତ ବାସ କରନ୍ତି । ଓ ତାଙ୍କ ସ୍ତ୍ରୀ ପୁଲି ମହାନ୍ତ ଏବଂ ତାଙ୍କ ପୁଅ ଜଲାଦ୍ ମହାନ୍ତକୁ ଚଉଦ ବର୍ଷ ହୋଇଥାଏ । ପାହାଡ଼ ଦୁର୍ଗମ ଅଞ୍ଚଳରେ ଦି ଓଳି ଖାଇବାର ଅଭାବ ପଡୁଥାଏ । ମେହେନ୍ ମହାନ୍ତଙ୍କ ପରିବାର ବଣ ଜଙ୍ଗଲରୁ ଯାହା ମିଳେ କଷ୍ଟେମଷ୍ଟେ ଚଳି ଯାଆନ୍ତି ।

ଏଇ ଅସୁବିଧା ଭିତରେ ଖାଦ୍ୟର ଅଭାବ୍ ପେଟର ଜ୍ୱାଳା ଓ ଭୋକ ସହିନପାରି ମେହେନ୍ ମହାନ୍ତ ରାମଗଡ ଗାଁ ଛାଡ଼ି ସହରକୁ ପଳେଇ ଆସିଲେ ।

ବ୍ୟସ୍ତ ସହର ଭିତରେ ନିଜକୁ ଖାପ ଖୁଆଇ ଭଲ ରୋଜଗାର୍ ଏବଂ ଟଙ୍କା ବେସ୍ ରୋଜଗାର୍ ହେଲା । ମେହେନ୍ ଙ୍କ ପାଖରେ ଅନେକ ଟଙ୍କା ଓ ସାତବର୍ଷ ଭିତରେ ମେହେନ୍ ମହାନ୍ତ ସହରରେ ଜଣେ ଧନୀଲୋକ ପାଲଟିଗଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେସ୍ ହସ ଖୁସିରେ ସହରରେ ଦିନଗୁଡାକ ଯେମିତି ଚାଲି ଯାଉଥିଲା । ଦିନରୁ ରାତି ପର୍ଯ୍ୟନ୍ତ ବିତି ଯାଉଥିଲା ।

ଦିନେ ସହରରେ ଏପରି ଏକ ଅଜଣା ରୋଗ ବ୍ୟାପିଲା ଜଲାଦ୍ ର ବାପା ମା ସେହି ରୋଗରେ ମୃତ୍ୟୁବରଣ କଲେ । ଜଲାଦ୍ କୁ ଏକୋଇଶି ବର୍ଷ ହୋଇଥାଏ । ଜଲାଦ୍ ଏକୁଟିଆ ହୋଇଗଲା । ତେବେ ଧନ ସଂମ୍ପତ୍ତି କିପରି ଦେଖାଶୁଣା କରିବ ଚିନ୍ତା ହେଲା । କିଛି ଉପାୟ ନ ପାଇ ଗାଁକୁ ଫେରିବ ବୋଲି ଭାବିଲା । ଗାଁ କଥା ତାର ମନେ ପଡିଲା । କାଳବିଳମ୍ବ ନକରି ରାମଗଡ ଗାଁ କୁ ବାହାରିଲା ।

ରାମଗଡ ଗାଁରେ ସହରି ମଟର କାର୍ ଦେଖି ଡରିଗଲେ । ଲୋକେ ସାଇକେଲ୍ ଖଣ୍ଡିଏ ଦେଖିନଥିଲେ । ଗାଁ ଦାଣ୍ଡରେ ମଟର କାରଟିଏ ଯାଉଥିବାରୁ କାର୍ ପଛରେ ଦୌଡ଼ିବାକୁ ଲାଗିଲେ । ମେହେନ୍ ମହାନ୍ତଙ୍କ ଭଙ୍ଗା କୁଡିଆ ଆଗରେ କାରଟି ଛିଡା ହେଲା । କାର୍ ଭିତରୁ ଜଲାଦ୍ ମହାନ୍ତ ଓହ୍ଲାଇଲେ । ରାମଗଡ ଗାଁ ରେ ଲୋକେ ଓ ପିଲେ ଦେଖି ସରକାର ଜୁହାର, ଜୁହାର ସରକାର । କାର୍ ଟଙ୍କା ବେଶପୋଷାକ ଦେଖି ଗାଁ ଲୋକେ ସରକାର କହି ଆମ ସରକାର ଆମ ଦୁଃଖ ସୁଃଖର ସରକାର ଜୁହାର ସରକାର ।

ମୁଣ୍ଡ ହଲାଇ ଜଲାଦ୍ କହିଲେ ହଁ ହଁ ମୁଁ ସରକାର । ସେହି ଦିନଠାରୁ ସରକାର ପାଲଟି ଗଲେ ଜଲାଦ୍ ।

ସରକାର କହିଲେ ରାମଗଡ ଗାଁରେ ନଅଟି ଟିଏ ତୁଳାଯିବ କିଛି ଜମି ଦରକାର୍ । ସେଥିପାଇଁ ମୁଁ ଟଙ୍କା ଦେବି । ଗାଁ ଲୋକେ କହିଲେ ଆମର୍ ଟଙ୍କା କଣ ହେବ ଆମକୁ ଖାଇବାକୁ ଦେବେ ସରକାର । ଆଙ୍କା ଆମେ ତା ବଦଳରେ ଜାଗା ଦେଇଦବୁ ।

ଖରିଆ ବାଘ ଓ ମୟିଆ ବାଘ କହିଲେ ସରକାର ଆମକୁ ପେଟକୁ ଗଣ୍ଡିଏ ଖାଇବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଲେ ଜମି ଆମେ ଦେଇଦବୁ ସରକାର । ହସିକି କହିଲେ ସରକାର ହାଃ ହାଃ ହାଃ ହାଃ ଖାଇବା ଦେବି ନିଶ୍ଚୟ ଦେବି ।

ଚାହୁଁ ଚାହୁଁ ଜଙ୍ଗଲରୁ ଗଛ କଟା ହେଲା । ନଅଁର ତୋଳାଗଲା ।

ଟଙ୍କାରେ ଅନ୍ଧ ହୋଇଥିବା ସରକାରଟି ଲୋକଙ୍କ ବିଶ୍ୱାସରେ ବିଷ ଭରିଦେଲା । ଖାଇବା ଦେଇ ଜମି ନିଜ ନାଁରେ କରିନେଲା ।

ସରକାର ନଅଁରକୁ ସମସ୍ତଙ୍କୁ ଡାକି କହିଲେ ତୁମ ଘରବାରିରେ ଯେଉଁ ଗଛ ଅଛି ଯାହା ଫଳଫୁଲ ହେଉଛି ତିନିଭାଗ ମୋର ତୁମର ଗୋଟିଏ ଭାଗ । ସଭା ମଧ୍ୟରୁ ଜଣେ ଲୋକ କହିଲା ଏ କି ପ୍ରକାର ଜୁଲୁମ୍ ସରକାର । ତୁମେ ପାଟି ଚୁପ୍ କର ନହେଲେ ତୁମର ଖାଇବା ବନ୍ଦ କରିଦେବି ।

ଏ ସରକାର ବେଠି ଉପରେ ବେଠି ଲଦି ଦେଲେ ଆମ ଉପରେ । ଭୋକ ଏପରି ଦାଉ ସାଜୁଥିଲା ଉଠେ କହିବାକୁ କଥା ଆସୁଥିଲେ ମଧ୍ୟ ଚୁପ୍ ରହିବାକୁ ପଡୁଥିଲା ।

କିଏ ବୁଝିବ ଏ ଦୁଃଖ । ପେଟ ଚାଖଣ୍ଡ ପାଇଁ ମଣିଷ ଗୁଲାମ କରେ । ଟଙ୍କାର ଅହଙ୍କାର ସରକାରକୁ କରିଥିଲା ଯେ ଲୋକଙ୍କର ଦୁଃଖ ଦେଖା ଯାଉନଥିଲା ।

ଦିନେ ରାମଗଡ ଗାଁକୁ ହଇଜା ମହାମାରୀ ରୋଗ ବ୍ୟାପିଲା ଗୋଟିଏ ପରେ ଗୋଟିଏ ଲୋକ ମୃତ୍ୟୁରେ ପଡିଲେ । ଚାହୁଁ ଚାହୁଁ ଅନେକ ଲୋକଙ୍କର ମୃତ୍ୟୁ ହେଲା । ରାମଗଡ ଗାଁର ଲୋକେ ସରକାର ଙ୍କ ନଅଁର ପାଖକୁ ଦୌଡ଼ିଲେ । ଆମକୁ ବଞ୍ଚାଅ ସରକାର ।

ରୋଗ ଏପରି ବ୍ୟାପି ଯାଇଥିଲା ଯେ ଚାହୁଁ ଚାହୁଁ ସମସ୍ତ ଲୋକଙ୍କର ମୃତ୍ୟୁ ହୋଇଗଲା । ଗାଁ ଏବେ ଶୂନସାନ ।

ସରକାର ନଅଁର ଭିତରେ ଥାଇ ଏ ସବୁ ଦୃଶ୍ୟ ଦେଖି ଗାଁ ଲୋକ ଆଉ ନାହାଁନ୍ତି କିଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋତେ ସରକାର ଡାକିବ କାହା ଉପରେ ମୁଁ ଶାସନ୍ କରିବି । ଧିକ୍ ଏ ଟଙ୍କା ଧିକ୍ ଏ ଗର୍ବକୁ ଯେଉଁ ଗାଁ ମାଟିରେ ଲୋକ ନାହାନ୍ତି । ଯେଉଁଠି ଭଲ ପାଇବା ନାହିଁ ସେଠି ଏ ଟଙ୍କାର ମୂଲ୍ୟ କଣ ?

ନଅଁର ଚାରିକାନ୍ଥ ଭିତରେ ଚିତ୍କାର କରି ମୋ ଗାଁ ମୋ ମାଟି ମୋ ଲୋକ କୁଆଡେ ଗଲ ମୁଁ ସରକାର ଡାକୁଛି ଉଠ ମୋ ଗାଁ ର ଲୋକମାନେ ।

ଏ କଣ ହୋଇଗଲା ସରକାର ମୁଁ ଟଙ୍କା ଥାଇ ବଞ୍ଚେଇ ପାରିଲିନି । ମୁଁ ସରକାର ମୁଁ ସରକାର ଚାରିକାନ୍ଥ ଭିତରେ ଗୁଞ୍ଜରିତ ହେଉଥିଲା ସରକାର ମୁଁ ସରକାର ମୁଁ । କିଛି ସମୟ ପରେ ଶବ୍ଦ ଶୁବିଲା ନାହିଁ । ନଅଁର ଶୂନସାନ୍ ।।।।

ରାସୋଳ, ମୁଣ୍ଡିଆପଷି

ଢେଙ୍କାନାଳ

ପିନ୍-୭୫୯୦୨୧

ମୋ ନଂ-୯୯୩୭୬୫୭୫୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପା

ଦେବେନ୍ଦ୍ର ସାମଲ

ମୁଁ ମୋ ଘରକୁ ଦେଖା କରିବାକୁ ଆସନ୍ତା ଶନିବାର କେନ୍ଦ୍ରାପଡା ଯିବା ଉଚିତ୍, ଅଧିକ ନିର୍ଦ୍ଦିଷ୍ଟ ଭାବରେ ମୋ ବାପା ସହିତ କିଛି ସମୟ ବିତାଇବା, ମୁଁ ମୋ ଘର ଛାଡିବାର ପ୍ରାୟ ତେର ବର୍ଷ, କିନ୍ତୁ ବର୍ଷକୁ ଅତି କମରେ ଥରେ ଘରକୁ ନିୟମିତ ପରିଦର୍ଶନ କରିବାକୁ ମୁଁ ନିଶ୍ଚିତ ଯାଏ, ମୋ ମା'ଙ୍କ ଦେହାନ୍ତ ପରେ, ମୁଁ ମୋର ଗାଁ ସମ୍ଭବ ହେଲେ ଅଧିକ ନିୟମିତ ପରିଦର୍ଶନ କରିବାକୁ ଭଲ ଲାଗେ ।

ପ୍ରତ୍ୟେକ ଥର ମୁଁ ମୋ ଘରକୁ ଯିବାବେଳେ ସମସ୍ତଙ୍କ ପାଇଁ କିଛି ନା କିଛି ଉପହାର ନେଇକି ଯାଏ । ସବୁଥର ପରି, ମୁଁ ପଚାରିବି, "ବାପା ପାଇଁ କିଛି ଅଛି କି ?" ଏବଂ ସାଧାରଣ ଉତ୍ତର, "ମୁଁ ମୋର ଦାୟିତ୍ୱ କଣ ଜାଣେ", ଏଥର ସେ ସମସ୍ତଙ୍କ ପାଇଁ ଆଇଟମ୍ କିଛି କିଣି ବା ବେଳେ ଏବଂ କେବଳ ବାପ ପାଇଁ ଏକ ଜୋତା କିଣିବାକୁ ଇଚ୍ଛା ହେଲା, ମୋ ସାଙ୍ଗ ମାନେ କହନ୍ତି ମୋ ପସନ୍ଦ ଜିନିଷ ସମସ୍ତଙ୍କର ପସନ୍ଦ ଆସିଥାଏ ବିଶେଷକରି ଜୋତା । ସପ୍ତାହ ଶେଷ ହୋଇ ମୁଁ ଏହାକୁ କିଣିବାକୁ ସ୍ଥିର କଲି ଯେ କୌଣସି ଭାରତୀୟ ପୁଅ ପରି, ମୁଁ ସଠିକ୍ ଜୋତା ବାଛିବା କ୍ଷେତ୍ରରେ ମୋର ପାରଦର୍ଶିତା ଦେଖାଇବାକୁ ପସନ୍ଦ କରେ, କିନ୍ତୁ ପୁଅର ଅହଂକାର ମୋତେ ମୂଲ୍ୟର ଯତ୍ନ ନ ଦେଇ ସର୍ବୋତ୍ତମ ଜୋତା କିଣିବାକୁ ନିର୍ଦ୍ଦେଶ ଦେଉଥିଲା, ଏବଂ ସେହି ଅନୁଯାୟୀ, ମୁଁ ଏକ ଭଲ ଜୋତା ଉଠାଇଲି । ମୋ ମା'ଙ୍କ ମୃତ୍ୟୁ ପରେ ମୁଁ ମୋର ବାପାଙ୍କ ପାଇଁ ସ୍ପଷ୍ଟ କରି ଦେଇଛି ଯେ ତାଙ୍କ ଉପରେ କୋଣସି ପ୍ରତିବନ୍ଧକ ରହିବା ଉଚିତ୍ ନୁହେଁ । ତାଙ୍କୁ ନିଜ ଜୀବନକୁ ନିଜ ଶୈଳୀରେ ବଞ୍ଚାଇବାକୁ ଛାଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଇଥିଲେ ।

ମଧ୍ୟାହ୍ନ ଭୋଜନ ପୂର୍ବରୁ ମୁଁ ଘରେ ପହଞ୍ଚିଲି ଏବଂ ସମସ୍ତ ସାମଲ ମୋତେ ସ୍ୱାଗତ କରିବାକୁ ସେଠାରେ ଉପସ୍ଥିତ ଥିଲେ ସବୁଥର ପରି ଲକି ଉପହାରଗୁଡ଼ିକୁ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ଦେଇଥିଲେ । ମୁଁ ମୋ ବାପାଙ୍କ ପ୍ରତିକ୍ରିୟା ଖୋଜୁଥିଲି,ମୁଁ ଆଶା କରୁଥିଲି ସେ ମୂଲ୍ୟ ବିଷୟରେ ପଚାରିବେ ଏବଂ ଏକ ମହଙ୍ଗା ଜୋତା କିଣିବା ପାଇଁ ମୁଁ ତାଙ୍କଠାରୁ ତାଗିଦ୍ ଶୁଣିବି,ଏବଂ ତାହା ଦେଖାଇବା ମୋର ସନ୍ତୋଷଜନକ ହେବ ଯେ ଯେତେବେଳେ ମୁଁ ମୋ ବାପାଙ୍କ ପାଇଁ କିଛି ପାଇବି ସେତେବେଳେ ମୂଲ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ,କିନ୍ତୁ ତାଙ୍କର ନୀରବତା ପୁଅର ଭାବନାକୁ ଆଘାତ କଲା, ସେ ଜୋତାକୁ ନେଇ ନିଜ ଆଲମାରୀରେ ରଖିବାକୁ ଗଲେ, ମୁଁ ମୋ ’କୋଠରୀକୁ ଅନୁସରଣ କଲି ।ସେ ନିଜ ଜିନିଷକୁ ଆଲମାରୀରେ କିପରି ରଖନ୍ତି, ସଫା ଏବଂ ବ୍ୟବସ୍ଥିତ ଭାବରେ ଦେଖିବା ଏହା ଏକ ଚିକିତ୍ସା, ଏବଂ ଭଦୋଦାରେ ଆମ ଘରେ ଅନେକ ଟର୍ମର୍ ସୃଷ୍ଟି ହେବାର ଏହା ହେଉଛି କାରଣ ମୁଁ ସବୁବେଳେ ମୋ ସାଙ୍ଗମାନଙ୍କୁ କହେ ମୋ ବାପା ଭାରି ସଫାସୁତୁରା ।

ବାପାଙ୍କ ନିଜ ଆଲମିରାରେ ଆବଶ୍ୟକ ସ୍ଥାନରେ ଜୋତା ରଖି ଏକ କପଡା ବାହାର କଲେ,ମୁଁ ଭାବିଲି ସେ ଆଲମାରୀକୁ ଠିକ୍ କରିବାକୁ ଚାହୁଁଛନ୍ତି, କିନ୍ତୁ ସେ ସେଥିରୁ ଏକ କପଡା ବାହାର କରି ମୋତେ ଦେଖାଇଲେ,ମୁଁ ଏହାକୁ ମନେ ପକାଇ ପାରିଲି ନାହିଁ,ମୁଁ ଏକ ସରଳ ପୁରୁଣା ସୂତା କପଡା ବିଶେଷ ଗୁରୁତ୍ୱ ଜାଣିପାରିଲି ନାହିଁ,ମୋର ସାନ ଭଉଣୀ ହସୁଥିଲେ ତୁ ଯେତେବେଳେ ଛାତ୍ର ଥିଲୁ ସେତେବେଳେ ତୋର ପ୍ରଥମ ଆୟରୁ ଏହା ମୋର ପ୍ରଥମ ଉପହାର ଥିଲା ।

ବର୍ତ୍ତମାନ ଏହା ଏକ ଫ୍ଲାସବ୍ୟାକ୍ ଥିଲା ୨୦୧୮ ରେ ଯେତେବେଳେ ମୁଁ ବାରିପଦା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଲେଜରେ ମୋର ସ୍ନାତକୋତ୍ତର କାର୍ଯ୍ୟ କରୁଥିଲି, ସେତେବେଳେ କଲେଜରେ ଆୟୋଜିତ ଏକ କ୍ରୀଡା କୁଇଜରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲି ଏବଂ ଏଥିରେ ଅଂଶଗ୍ରହଣ ପାଇଁ ମୋତେ ୩୯୯ ଟଙ୍କା ପ୍ରଦାନ କରାଯାଇଥିଲା । ତାହା ମୋର ପ୍ରଥମ ଆୟ ଥିଲା, ଏବଂ ଏଥିରୁ ମୁଁ ମୋ ବାପାଙ୍କ ପାଇଁ ୩୦୦ ଟଙ୍କା ପାଇଁ ଏକ ସୂତା କପଡା କିଣିଲି ଏବଂ ଘର ପାଇଁ କିଛି ସ୍ନାକ୍ସ ପାଠାବା ପାଇଁ ବାଲାନ୍ସ ରାଶି,ସେ ଏହାକୁ ତାଙ୍କ ପାଇଁ ସ୍ମରଣିକା ଭାବରେ ରଖିଛନ୍ତି,ମୁଁ ମୋ ବାପାଙ୍କର ଭାବନାକୁ ତାଙ୍କ ଲୁହ ଆଖିରେ ପ୍ରକାଶ କରିଥିଲି, ତଥାକଥିତ ସଫଳତା ଅହଂକାର ଭାଙ୍ଗିଗଲା ଏବଂ ଜଣେ ଅସହାୟ ପୁଅ ତଥାପି ତାଙ୍କ ବାପାଙ୍କ ଠାରୁ ଜୀବନର ମୌଳିକ ଶିକ୍ଷା କରୁଥିଲି,ଏହା ମୂଲ୍ୟ ନୁହେଁ ବରଂ ପୁଅର ଭାବନା ଏକ ବାପା ପାଇଁ ଅଧିକ ମୂଲ୍ୟବାନ ।

୯୪୩୯୯୦୯୪୨୨,

ନୂତନ ସରକାରୀ କଲୋନୀ ଭୁବନେଶ୍ୱର.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଉଜ ମାଆ

ଇଂ ବିଦ୍ୟାଧର ପଣ୍ଡା

ସନାର ଚଉଦଟି ସନ୍ତାନ । କିନ୍ତୁ ପୁଅ ମାତ୍ର ଦୁଇଟି । ପ୍ରଥମ ସନ୍ତାନ ବଡପୁଅ ମାଗୁଣି ଏବଂ ଶେଷ କୋଡପୋଛା ଭିକାରି । ଏ'ଦୁହିଁଙ୍କ ମଝିରେ ବାର ଝିଅ । ଚତୁର୍ଥ ଝିଅହେଲା ପରେ ସନା କହୁଥିଲା ପରିବାର ନିୟୋଜନ ଅପରେସନ୍ ହୋଇଯିବାକୁ । ହେଲେ ସନାର ବାପା କହିଲେ, 'ଏକ ଆଖି ଆଖିନୁହେଁ କି ଏକ ସାକ୍ଷୀ ସାକ୍ଷୀ ନୁହେଁ । ସବୁ ଭଗବାନଙ୍କ ହାତର କଥା । ଯିଏ ଜନ୍ମ ଦେଉଛି ସିଏ କର୍ମ ଦେବ । ତା'ଙ୍କ ପାଇଁ ସିଏ ଆହାର ଖଞ୍ଜିଥିବ । ତୁ କାହିଁକି ଅଯଥା ଚିନ୍ତା କରୁଛୁ, ଆଉ ଦି ତିନିଟା ପିଲା ହେଉ । ତା'ପରେ ଦେଖିବା । ଦୁଧ ଖାଇବାକୁ ଇଚ୍ଛାକଲେ ଘରେଥିବ ଗାଈ, ଯୁଦ୍ଧ କରିବାକୁ ଇଚ୍ଛାକଲେ ସଙ୍ଗେଥିବ ଭାଇ ।' ବାପା କହିବାକଥା ମାନି ଦ୍ୱିତୀୟ ପୁତ୍ରସନ୍ତାନକୁ ଅନିଷା କରିକରି ସନା ଗୋଟିଏ ପରେ ଗୋଟିଏ ବାରୋଟି କନ୍ୟାର ଜନକ ହୋଇଗଲା । ସେତେବେଳକୁ ସନାର ବୟସ ପଚାଶ ଏବଂ ସ୍ତ୍ରୀ ସାବିର ବୟସ ଅଠଚାଳିଶ୍ । ବାଇଶିବର୍ଷ ପୂର୍ବେ ଦୁହିଁଙ୍କର ବାହାଘର ହୋଇଥିଲା । ବଡପୁଅ ମାଗୁଣିକୁ ଏବେ ଏକୋଇଶି । ମାଗୁଣିକୁ ଜୋଇଁ କରିବାକୁ ଝିଅଘର ମାନଙ୍କରୁ ପସ୍ତାବ ଆସିବା ଆରମ୍ଭ ହୋଇଗଲାଣି । ସବାସାନ ଝିଅ ଦୁଃଖୀର ଜନ୍ମ ପରେ ସାବିଦେହ ବହୁତ ଖରାପ ହୋଇଗଲା । ଘରେ ଝିଅ ମାଳମାଳ, ହେଲେ କେହି ଗୋଟାଏ ରୋଷେଇବାସ କାମକୁ ନୁହଁ । ସେଥିପାଇଁ ମାଗୁଣିର ବାହାଘର କରି ସନା ତା'ଘରକୁ ନୂଆବୋହୂଟିଏ ଘେନିଆଣିଲା । ବୋହୂଟି ଗୁଣର, ପାଖ ଗାଁ ଝିଅ । ନାଁ ରେବ । ମାଛିକୁ ମ' ବୋଲି କହିବନି । ଘରକରଣା ସବୁକାମକୁ ପ୍ରବୀଣ ଏବଂ ଲେଉଟେଇକି କେବେ କାହାକୁ କିଛି କହିବା ଶିଖିନି । ବୋହୂକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମସ୍ତଙ୍କର ପ୍ରଶଂସା । ବୋହୂଟିର ସେବାଶୁଶ୍ରୁସାରେ ଶାଶୁ ସାବି ମାସ ଗୋଟାକରେ ଚେଙ୍ଗାହୋଇ ଚଲାବୁଲା କଲା ।

ମାସକପରେ ମାଗୁଣି ବାପା ହେବାକୁ ଯାଉଛି ବୋଲି ବୋହୂ ଶୁଭଖବର ଘରେ ଜଣେଇଲା । ତାଙ୍କର ପ୍ରଥମ ମିଳନ ଚଉଠିଦିନ ହିଁ ବୋହୂର ଗର୍ଭ ରହିଛି । ଖୁସିରେ ସନା ଓ ମାଗୁଣି ଉଭୟେ ସାହିରେ ରସଗୋଲା ବାଂଟିଲେ । ଦୁଇମାସ ପରେ ଶାଶୁ ସାବିର ମାସିକଧର୍ମ ବନ୍ଦ ହେବାରୁ ସିଏ ଭାବିଲା ଆଉ ବୋଧେ ତା'ର ହେବନି । ବୟସ ପଚାଶ ହେଲାଣି । ସବୁଦିନ ପାଇଁ ତା'କୁ ମାସିକ ଧର୍ମରୁ ଛୁଟି ମିଳିଗଲା । କିନ୍ତୁ ଚାରିମାସପରେ ପେଟ କାଟିବାରୁ ଡାକ୍ତରଙ୍କ ପାଖକୁ ଯାଇ ଜାଣିଲେ ଯେ ସାବିପେଟରେ ଛୁଆଟିଏ ବଢୁଛି । ଏତେଦିନ ଗଡିଗଲା ପରେ ଆଉ ଏବେ କିଛି କରିହେବନି । ଡାକ୍ତର କହିଲେ ଗର୍ଭପାତ କରାଇଲେ ସାବିର ଜୀବନପ୍ରତି ବିପଦ ଅଛି । ସନାର ପିଲେହି ପାଣି । ତେଣୁ ଗର୍ଭପାତ ନକରି ଛୁଆଟିକୁ ଜନ୍ମ ଦେବାପାଇଁ ଦୁହେଁ ସ୍ଥିର କଲେ । ସେପ୍ଟେମ୍ବର ମାସରେ ଜୁଜୁ ବର୍ଷା ହେଉଥିବା ବେଳେ ବୋହୂର ଗର୍ଭକଷ୍ଟ ଆରମ୍ଭ ହେଲା । କିଛି କୁଆଡେ ଉପାୟ ନପାଇ ମଝିଘରେ ମାଗୁଣି ଖଳାରୁ ଉପାଡିଆଣି ମେଢିଖୁଂଟ ପୋତିଲା । ଲଙ୍ଗଳଦଉଡି ମଝିକୁ ଫାଶପକେଇ ରେବର ଦୁଇ ହାତରେ ଦୁଇମୁଣ୍ଡ ଧରେଇଲା । ଶୂଳକଷ୍ଟରେ ରେବ ଛଟପଟ ହେଉଥିଲା ବେଳେ ସାବି କହୁଥାଏ, 'କିଛି ହେବନି । ଆଉ ମାତ୍ର ଦଶମିନଟ୍ । ଛୁଆ ମୁଣ୍ଡର ଚୁଟି ଦେଖା ଗଲାଣି । ମୁଁ ପରା ତେରଟା ଜନ୍ମ କରିଛି । ମୋ'ଠାରୁ କଣ ଧାଇ ବେଶି ଜାଣିଛି । ଡାକ୍ତର କ'ଣ କାହାର କଷ୍ଟ ନେଇଯିବ ! ଦୁଇ ହାତରେ ଦଉଡି କଷିକି ଟାଣିଧର, ଗୋଡ ଫର୍ଚ୍ଚା କର । ଛଅଟା ନଣଦ ସେ'ଘର ଭିତରେ ଭାଉଜପାଖରେ ଥାଆନ୍ତି । କିଏ ପିଠି ଆଉଁସୁଥାଏ ତ କିଏ ମୁଣ୍ଡରେ ହାତ ମାରି ଦେଉଥାଏ । ବଡନଣଦ ଦୁଇଟା କାନ୍ଥରେ ପିଠି ଢିରାଦେଇ ରେବ ଭାଉଜ ଅଂଟାରେ ନିଜନିଜର ପାଦକୁ ଠେସି ରଖିଥାନ୍ତି । ରେବର 'ବୋଉଲୋ ବାପାଲୋ ମରିଗଲି'

Magazine Downloaded from www.aahwaan.com

ଚିତ୍କାର ଦାଣ୍ଡପିଣ୍ଡାକୁ ଶୁଭୁଥାଏ । ପଡୋଶୀଲୋକ ଜମାହେବାରୁ ସନା ବୋହୂର କ'ଣ ପିଲାପିଲି ହେବାକଥା କହି ଘଉଡେଇ ଦେଉଥାଏ । ଅଗଣା ଭିତରେ ମାଗୁଣି ସେହି ଘରବାହାରେ ଏପଟସେପଟ ହେଉଥାଏ ।

ଶାଶୁ ସାବିର ବି ଆଠମାସ ଚାଲିଛି । ତେଣୁ ସିଏ ବୋହୂକୁ ବିଶେଷ କିଛି ସାହାଯ୍ୟ କରିପାରୁନଥାଏ । ଯାହା ସେହି କୁଆଁରୀ ନଣଦମାନେ ଭାଉଜ ପାଖରେ ରହି ଧରାଧରି କରୁଥାଆନ୍ତି । ସେମାନଙ୍କ ଭିତରୁ ଚାରିଜଣ ଏଥିରେ ଅଭିଜ୍ଞ । ତା'ଙ୍କ ମାଆକୁ ଜନ୍ମକଲା ବେଳେ ପାଖରୁ ଦେଖିଛନ୍ତି । ହଠାତ୍ ଚିତ୍କାର ବନ୍ଦ ହୋଇଗଲା ଏବଂ କଅଁଳା ଛୁଆର କୁଆଁକୁଆଁ ରଡି ଶୁଭିଲା । ଏ ରଡି ଶୁଣି ମାଗୁଣି ଘରଭିତରକୁ ଧସେଇ ପଶି ଦେଖିଲା ରେବ ଲଙ୍ଗଳାମୂକୁଳା ହୋଇ ପଡି ଜଳଜଳ ହୋଇ ତା ଆଡକୁ ଚାହୁଁଛି । ରେବର ଦୁଇଗୋଡ ମଝିରେ ଝିଅ ଛୁଆଟିଏ ତଳେ ମାଟି କାଦୁଅରେ ସାଲୁବାଲୁ ହୋଇ ଉପରମୁହାଁ ହୋଇ ପଡିଛି । ତା ଭଉଣୀରୁ ଗୋଟାଏ ତାକୁ ପାଟିକରି ସେଘରୁ ତାକୁ ଖେଦିଦେଲା । ଶାଶୁ ନାହିକଟା, ଫୁଲ ପଡିସାରିବା ପରେ ଛୁଆକୁ ସଫାକରି ବୋହୂକୋଳରେ ଦେବା କାର୍ଯ୍ୟ ଝିଅମାନଙ୍କୁ କହିକହି ଭଲରେ ତୁଲେଇଦେଲେ । ସେଇଘରେ ଶାଳକାଠ ଗଣ୍ଡିଟିଏ ଆଣି ସନା ଏନ୍ତୁଡି ନିଆଁର ବନ୍ଦୋବସ୍ତ କଲା । ସେ ମେଢିଖୁଂଟ ସେମିତି ସେହି ଘର ମଝିରେ ପୋତା ହୋଇ ରହିଲା । କାରଣ ଶାଶୁ ଏଇମାସ କି ଆରମାସରେ ଛୁଆ ବେଇଲାବେଳେ କାମରେ ଆସିବ । କିଏ ବାରମ୍ବାର ଘରଭିତରେ ଶୂଳଖୁଂଟ ପୋତିବ ! ବୋହୂର ପ୍ରଥମ ଗର୍ଭରୁ ଝିଅଟିଏ ହେଲା ବୋଲି ସନା ଓ ମାଗୁଣିର ମନ ଟିକେ ଉଣା । କାରଣ ଘରେ ସମୁଦାୟ ଝିଅସଂଖ୍ୟା ଏବେ ତେର ହୋଇଗଲା । କିନ୍ତୁ ଦେଢମାସ ପରେ ଶାଶୁ ପୁଅଟିଏ ଜନ୍ମ ଦେଲା । ମାଗୁଣି ସାଙ୍ଗକୁ ଯୁଦ୍ଧ କରିବାକୁ ଶେଷରେ ଭାଇ ଭିକାରି ଭୂମିଷ୍ଠ ହେବାରୁ ସନା ପ୍ରସନ୍ନହେଲା । ଏବେ ଘରେ ଶାଶୁର ଚଉଦ ଏବଂ ବୋହୂର ଏକ, ଏମିତି ଶାଶୁ ବୋହୂର ମିଶି ସମୁଦାୟ ପନ୍ଦରଟି

Magazine Downloaded from www.aahwaan.com

ଛୁଆ । ଶାଶୁର ବାସି ରୁଟିପରି ଚମ ଧୁଡୁଧୁଡୁ ଶୁଖିଲାସ୍ତନରୁ କ୍ଷୀର ବାହାରୁନି । ଅଧିକାଂଶ ସମୟରେ ଛୁଆଟା ଭୋକ ସହିନପାରି ରଡିରଡି ନାକେଦମ୍ କରିଦେଉଛି । ଭାଉଜ ରେବ ଛୁଆର ବିକଳ କାନ୍ଦ ସହିପାରୁନି । ଏବେ ଭିକାରି କାନ୍ଦିଲେ ରେବ ତା'କୋଳକୁ ଟାଣିନେଇ ତା'ସ୍ତନବୃନ୍ତକୁ ପାଟିରେ ପୁରେଇଦେଲେ ସିଏ ସଙ୍ଗେସଙ୍ଗେ ଚୁପ୍ ହୋଇଯାଏ । ରେବ ସମ୍ପର୍କରେ ସିନା ନାଁକୁ ଖାଲି ଭାଉଜ, କିନ୍ତୁ ମାଆପରି ଭିକାରିର ଗୁହମୂତ ଠାରୁ ଆରମ୍ଭକରି କ୍ଷୀରଖୁଆ ଆଦି ସବୁକାମ କରୁଛି । ବଡ ହେଲା ପରେ ଭିକାରି ସାବିକୁ ବଡମା ଏବଂ ରେବକୁ ସାନମା ବୋଲି ଡାକିବାକୁ ଲାଗିଲା । ସାଇପଡିଶା ଲୋକେ ରେବକୁ ଭିକାରିର ଭାଉଜମା ବୋଲି କୁହାକୁହି ହୁଅନ୍ତି ।

ଭିକାରିକୁ ବାରବର୍ଷ ହେଲା ବେଳକୁ ଧିରେଧିରେ ବୁଦ୍ଧି ହେଲା । ଇତି ମଧ୍ୟରେ ମାଗୁଣିର ଆଉ ଦୁଇଟି ଝିଅଛୁଆ ବି ଜନ୍ମ ହୋଇ ସାରିଥାନ୍ତି । ଭିକାରିର ଉପରେ ବାରୋଟି ଭଉଣୀ ଏବଂ ଭାଉଜଙ୍କର ଦୁଇଝିଅକୁ ମିଶେଇ ଚଉଦଜଣ । କାହାର ବାହାଘର ହୋଇନି । ଘରେ ସମସ୍ତଙ୍କୁ ଦୁଇଓଳି ପେଟପୁରା ଖାଇବାକୁ ବି ମିଳୁନି । ସନା ଓ ମାଗୁଣି ମୂଳପାତି ଲାଗି ଯେତିକି ପାଆନ୍ତି ସେଥିରେ ସମସ୍ତଙ୍କ ଖାଇବାପାଇଁ କୁଳାଏନି । ଭିକାରି ପାଇସା ରୋଜଗାର କରିବାକୁ ଯାଇ ସବୁକାମ କରିଛି । ଭଲ ପଢୁଛି ବୋଲି ଦିନରେ ସ୍କୁଲ୍ ଯାଏ । ସାରାରାତି ରଦି ଖବରକାଗଜ ଆଣି ମଇଦାରେ ଅଠାରାନ୍ଧି ଅନିଦ୍ରା ରହି ଠୁଙ୍ଗା ତିଆରିକରି ବିକିଛି । ପ୍ରଥମ ଦ୍ୱିତୀୟ ଶ୍ରେଣୀଛୁଆଙ୍କୁ ଟ୍ୟୁସନ୍ କରି ଟଙ୍କା ରୋଜଗାର କରି ଭାଉଜଙ୍କ ହାତରେ ଦେଇଛି । ଗତ ଚାରିବର୍ଷରେ ଭିକାରି ଏମିତି କିଛି ଟଙ୍କା ଭାଉଜଙ୍କ ପାଖରେ ସଂଚିସଂଚି ଉପରଆଡୁ ତିନି ଭଉଣୀଙ୍କର ବିଭାଘର କାମ ସାରିଲାଣି । ଦୁଇବର୍ଷରେ ଗୋଟିଏ ଭଉଣୀପାଇଁ ଯୋଗାଡ ହୋଇଯାଉଛି । ଭଉଣୀ ଓ ଝିଆରିଙ୍କୁ ମିଶେଇ ଆହୁରି ଏଗାର ଜଣ ଘରେ ବସିଛନ୍ତି । ଏବେ ଭିକାରିର ଦଶମ ସରି କଲେଜ ପାଠପଢା ଦୁଇବର୍ଷ ସରିଲାଣି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହରରୁ ଘରକୁ ଗଲେ ଭାଉଜ ନିଜ ପଣତକାନିରେ ଭିକାରିର ମୁହଁଝାଳ ପୋଛି ଘଡିଏ ନିଜ ଛାତିରେ ଲଗେଇ ଆଖିରୁ ଲୁହ ଗଡାଏ । ବାତ୍ସଲ୍ୟମମତାରେ ଭରା ଭାଉଜର ହୃଦୟ ଭିକାରିକୁ ଦେଖିଲେ ତରଳିଯାଏ । ଘରପାଇଁ ଭିକାରି କେତେ ପରିଶ୍ରମ କରୁଛି ଦେଖି ତା ଭବିଷ୍ୟତ ବିଷୟରେ ଭାଉଜ ଚିନ୍ତା କରି ବସେ । ଦିନେ ରେବ ଭିକାରିକୁ ଗୋଟିଏ ଝିଅର ପ୍ରସ୍ତାବ ଆସିଥିଲା ବୋଲି କହି ବିବାହ ବିଷୟରେ କଥା ଉଠାଏ । ଭିକାରି କୁହେ ମୁଁ ନିଜ ପସନ୍ଦରେ ବିବାହ କରିବି, ତୁମ ପସନ୍ଦରେ ନୁହେଁ । ରେବ କୁହେ ଠିକ୍ ଅଛି । ତୁମେ ଯାଇ ସେ ଝିଅକୁ ଦେଖି ଆସ । ଭିକାରି ତାଙ୍କ ଘରକୁ ଯାଇ ସେ ଝିଅସହ କଥାବାର୍ତ୍ତା ହୋଇ ଘରକୁ ଫେରି ଭାଉଜକୁ ଝିଅଟି ଭଲ ବୋଲି କୁହେ । କିନ୍ତୁ ସନ୍ଧ୍ୟାରେ ଭିକାରିକୁ ବିବାହ କରିବାକୁ ସେ ଝିଅ ଚାହୁଁନାହିଁ ବୋଲି ଝିଅଘରୁ ଖବର ଆସିଲା । ଭାଉଜକୁ ଆଶ୍ଚର୍ଯ୍ୟ ଲାଗିଲା । ତା'ପରେ ଗୋଟିଏ ପରେ ଗୋଟିଏ, ଏମିତି ପନ୍ଦର କୋଡିଏ ଜାଗାରୁ ପ୍ରସ୍ତାବ ଆସିଥିଲା । କିନ୍ତୁ ସବୁଥର ସେଇ ଏକା କଥା । ନିଜେ ଭିକାରି ଝିଅସହ ସାକ୍ଷାତ କରି ଫେରିଲାପରେ ଝିଅଘର ତରଫରୁ ବିବାହ ଭାଙ୍ଗି ଦେଉଥିଲେ ।

ଏମିତି ଚାରିବର୍ଷ ବିତିଗଲା । ଏବେ ଭିକାରି ଚେଷ୍ଟା କରୁଛି ଦୁଇଦୁଇ ଭଉଣୀଙ୍କର ଏକାବେଳେ ବିବାହ କରିବାକୁ । ଏଥିରେ ସଫଳତା ବି ମିଳୁଛି । ଏବେ ଏଇ ଗତ ଦୁଇବର୍ଷରେ ଚାରିଜଣଙ୍କର ସବାରି ଉଠିଲାଣି । ଆଉ ରହିଲେ ସାତଜଣ । ଭିକାରିକୁ ଭଲ ଚାକିରୀଟିଏ ବି ମିଳିଗଲା । ଏବେ ଘର ଚଳିବାପାଇଁ କିଛି ଅସୁବିଧା ନାହିଁ । ଭିକାରିକୁ ଲାଗେ ସନା ଏବଂ ସାବି ତାର ବାପା ମା ନୁହଁନ୍ତି । ସେମାନେ ତାର ବୁଢାବାପା ଓ ବୁଢୀମା । ବଡଭାଇ ମାଗୁଣି ହେଉଛି ତାର ବାପା ଓ ଭାଉଜ ରେବ ତାର ମାଆ । ଦୂର ପରିଚୟ ବନ୍ଧୁବାନ୍ଧବ କିଏ ଘରକୁ ଆସିଲେ ସେମାନେ ବି ଏହିପରି ଅନୁମାନ କରନ୍ତି । ଏବେ ବି ଦରମା ପାଇଲା ଦିନ ସନ୍ଧ୍ୟାବେଳକୁ ଆସି ପ୍ରଥମେ ଭିକାରି ଭାଉଜଙ୍କ ହାତରେ ସବୁ ଟଙ୍କା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧରାଇଲା ପରେ ପୋଷାକ ବଦଳେ । ଭିକାରିର ହାତରୁ ଟଙ୍କା ନେଇ ରେବ ଗଣିଲାବେଳକୁ ଆଖି ଛଳଛଳ ହୋଇଯାଏ । ଦିନେ ନେହୁରା ହୋଇ କହିଲା ଯେମିତି ହେଲେ ଏଇ ଅଷାଢମାସ ତିଥିରେ ତୁମର ବାହାଘର କରିବି । ତୁମେ କୋଉଠି ଦେଖିଛ ଯଦି କୁହ, ନହେଲେ ମୁଁ ଯୋଗାଡ କରିବି । ତୁମର ଦେଖିବା ଦରକାର ନାହିଁ । ବାହାଘର ପରେ ଚଉଠିରେ ତା ସାଙ୍ଗରେ ତୁମର ଦେଖାହେବ । ଭାଉଜର ଏଭଳି ସ୍ନେହମିଶା ଦରଦିଆ ତାଗିଦ୍‌କୁ ବୁଝି ଶେଷରେ ନିଜେ ଭିକାରି ଗୋଟିଏ ଝିଅକୁ ଠିକକରି ଭାଉଜଙ୍କୁ ଜଣେଇଲା । ଭାଉଜ ଆସନ୍ତାତିଥିକୁ ଯୋଗାଡକରି ଭିକାରିକୁ ହାତକୁ ଦୁଇହାତ କରିଦେଲେ । ଭିକାରି ତା ସ୍ତ୍ରୀ ପ୍ରିୟାକୁ ବାହାଘର ଆଗରୁ ତାଙ୍କ ଘରପରିବାର ଏବଂ ତାର ସବୁ ଗୁରୁଦାୟିତ୍ୱ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝେଇ ଦେଇଥାଏ । ଆସୁଆସୁ ସମସ୍ତଙ୍କର ସେବା ଯତ୍ନ, ଘରକାମ ଏମିତି କଲା ଯେ ସମସ୍ତେ ଯାଉଣୁ ଆସୁଣି ଖାଲି ପ୍ରିୟା ପ୍ରିୟା ହେଲେ । ପ୍ରିୟା ଗରିବ ଘରର ଝିଅ, ମା ଛେଉଣ୍ଡ । ବିବାହ ବୟସ ଅଳ୍ପ ଗଡି ଯାଇଥାଏ । ବିଶ୍ୱାସ ନଥିଲା ତାକୁ ଆଉ କେହି ପସନ୍ଦ କରିବ ବୋଲି । ତଥାପି ଯାହା ହାଣ୍ଡିରେ ଯିଏ ଚାଉଳ ପକେଇଛି, ସିଏ ତା ପାଖକୁ ନିଶ୍ଚିତ ଯିବ । ଦେଖିବାକୁ ସୁନ୍ଦର, ଗୁଣ ତ ଆହୁରି ସୁନ୍ଦର । ଘରର ସମସ୍ତ ସଦସ୍ୟ ତା ଉପରେ ବହୁତ ଖୁସି । ଶାଶୁ ଶ୍ୱଶୁର ଯାଆ ଦେଢଶୁର ସମସ୍ତେ ଗାଁଗଣ୍ଡାରେ ପଡୋଶୀଙ୍କ ସାମ୍ନାରେ ତା'ର ଭୁରିଭୁରି ପ୍ରଶଂସା କରନ୍ତି । ଆମବୋହୂ ଗୋଟେ ହୀରା । ସଜନାଛୁଇଁ ବଡିବେସର ରାନ୍ଧିଲେ ଆଙ୍ଗୁଠି ଚାଟିଚାଟି ଖାଇବ, ଟମାଟୋ ଖଟା କଲେ ତ ଜିଭ କାମୁଡିଦେବ । ତା ହାତରେ ଲକ୍ଷ୍ମୀ ସାଆନ୍ତାଣୀ ଅଛନ୍ତି । ସିଏ ଆସିଲା ଦିନରୁ ଆମଘରେ କିଛି ଅସୁବିଧା ନାହିଁ । ବାପଘର ସିନା ଗରିବ, କିନ୍ତୁ ଆମ ଘରପାଇଁ ସିଏ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ ।

ରେବ ବହୁତଥର ଭାବିଲାଣି ପ୍ରିୟାକୁ ପିଲାପିଲି କରିବା ବିଷୟରେ ପଚାରିବ ବୋଲି । କିନ୍ତୁ ପାରେନି । ଆଜିକାଲିକା ବୋହୂମାନେ କୁଆଡେ ଜଲ୍‌ଦି ପିଲା ଜନ୍ମକଲେ ତାଙ୍କର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫିଗର୍ ଖରାପ ହୋଇଯାଉଛି । ତେଣୁ ଦି ତିନି ବର୍ଷ ଉଦାଖିଆ ଗୋରୁପରି ବୁଲିଲା ପରେ ପେଟରେ ହେଉଛନ୍ତି । କିନ୍ତୁ ଛଅବର୍ଷ ପୁରି ସାତବର୍ଷ ଚାଲିଲାଣି । ସନା ଓ ସାବି ଆଉ ପ୍ରିୟାର ପ୍ରଶଂସା କରିବାକୁ ଭଲ ପାଉନାହାନ୍ତି । ଗାଁରେ କିଏ ଯଦି କେବେ ବୋହୂ ବିଷୟରେ ପରେ ସାବି ମୁହଁ ମୋଡିଦେଇ କୁହେ, 'ଝିଅ ଗୁଣର, ଦେଖିବାକୁ ଭଲ ହେଲେ କଣ ହେବ ବାଂଝଟା । ଆମ ଭାଗ୍ୟ ଖରାପ । ସକାଳୁସକାଳୁ ବାଂଝମୁହଁ ଚାହିଁଚାହିଁ ଯାହା ପାପ ହେଉଛି ଆମକୁ ଶେଷବେଳକୁ ସବୁ ଭୋଗିବାକୁ ହେବ । ରୋଜଗାରିଆ ପୁଅର ସ୍ତ୍ରୀ ଯେତେବେଳେ ତା'କୁ ଆମେ ଘରେ ରଖିବାକୁ ବାଧ୍ୟ । ତା'ମୁହଁ ଚାହିଁବାକୁ ବାଧ୍ୟ । ଆମହାତରୁ ଠାକୁର ପାଣି ଛୁଅନ୍ତୁ କି ନ ଛୁଅନ୍ତୁ ଆମେ ଆଉ କଣ କରିପାରିବୁ !' ରେବର ଚିନ୍ତା ବଢିଲାଣି । ଛୁଆ କାହିଁକି ହେଉନି । ପ୍ରିୟା କଣ ଏମିତି ଖୋଉଛି ଯେ ସାତବର୍ଷରେ ବି ଭିକାରିର ମନ ଭରୁନି ! ଆହୁରି କେତେ ବର୍ଷ ଏମିତି ଉପଭୋଗ କରି ଚାଲୁଥିବେ ! ବୁଲେଇ ବାଙ୍କେଇ ଯାହା କହିଲେ ଭିକାରି ଏ'କାନରେ ପୁରେଇ ସେ'କାନରେ ବାହାର କରେ । ଏ'ପ୍ରିୟାକୁ ବି ଛୁଆପିଲା ବିଷୟରେ ପରିଲେ ମୁରୁକି ହସାଦେଇ ଅନ୍ୟ କାମରେ ଧ୍ୟାନ ଦେଉଛି । ସେ ଦୁହିଁଙ୍କ ଭିତରେ କ'ଣ ଚାଲିଛି, ରେବକୁ କିଛି ଜଣାପଡୁନି । ରେବ ଦିନେ ସାହସ ବାନ୍ଧି ପ୍ରିୟାକୁ ପଚାରିଲା, 'ତୁ କ'ଣ ଗୋଟେ ବନ୍ଧ୍ୟା ସ୍ତ୍ରୀ ? ତୋ'ର ମାସିକିଆ ଲୁଗା ତ ଠିକ୍ ସମୟରେ ପଡୁଛି, ଛୁଆପିଲା କାହିଁକି ହେଉନି ? ତୁ ଜାଣିଛୁ ତ ବାଂଝମୁହଁ ଚାହିଁଲେ ଅଶୁଭ ବୋଲି ! ଏତେ ଝିଅଙ୍କୁ ଦେଖେଇଲି, ଟୋକାର କାହାକୁ ମନ ପାଇଲାନି । ସେମାନେ ସବୁ ବାହାସାହା ହୋଇ ଗଣ୍ଡାଏ ଛୁଆର ମାଆ ହେଲେଣି, ଯା'କୁ କୋଉଠୁ ପାଇଲା କେଜାଣି ! ସାତବର୍ଷ ହେଲାଣି ଘଇତା ସୁଆଗି ହୋଇ ଗୋଟାଏ ଖଟରେ ଶୋଉଛି ଯେ ପିଲାପିଚିକା କିଛି ବୋଲେ କିଛି ନାହିଁ ।' ରେବ ପ୍ରିୟାକୁ ଏମିତି ନିଷ୍ଠୁର ଭାବରେ ଗାଳି କରୁକରୁ ନିଜର ଓକ୍ଲାର ଆସିଲା । ବେସିନ୍ ପାଖକୁ ଯାଇ ଅଳ୍ପ ବାନ୍ତିକରି କୁଳୁକୁଂଚା ପକେଇଲା ବେଳକୁ ପ୍ରିୟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହୁଛି, 'ନାନୀ ତୁମର କ'ଣ ଦେହ ଖରାପ ?' ତୁରନ୍ତ ରକ୍ଷଗଳାରେ ରେବ ପ୍ରିୟାକୁ କୋଷିଲା, 'ବାଂଝ କି ଜାଣେ ପ୍ରସବ ବେଦନା । ପିଲାପିଲି ହେବାର ଥିଲେ ଏମିତି ବାନ୍ତି ହୁଏ, ମୁଣ୍ଡ ବୁଲାଏ । କଲେ ସିନା ଜାଣନ୍ତୁ । ତୋ ପରି ବାଂଝକୁ କହିବା ଯାହା ମଇଁସି ଆଗରେ ବୀଣା ବଜେଇବା ସେଇଆ ।' କିନ୍ତୁ ଭିକାରି ବଂଶ ମୁଁ କଦାପି ବୁଡିଯିବାକୁ ଦେବିନି । ମୁଁ ତାକୁ ଏଇ ଥନରୁ ମୋ କ୍ଷୀର ପିଆଇ ବଢେଇଛି । ତା' ଭାଉଜ ନୁହେଁ ମୁଁ ତା'ର ଭାଉଜ ମାଆ । ସଅଳ ଆଉ ଗୋଟେ କାହାକୁ ଦେଖି ତାକୁ ଛନ୍ଦିଦେଲେ ଦଶମାସରେ ଛୁଆ । ତୋ'କଥା ତୁ ବୁଝୁ, ମୁଁ ଅନ୍ୟଝିଅ ଯୋଗାଡ କରୁଛି । ତୁ ଅଫଳନ୍ତି ଲଟି, ଦେଖା ସୁନ୍ଦର ବଉଳା ଗାଈ । ବାଂଝ ହେଲୁ ମାନେ ସଉତୁଣୀ ଖଡୁମୁଷା ଖାଇବା ତୋ'ଭାଗ୍ୟରେ ଅଛି, ମୁଁ କ'ଣ କରିବି !

ଦାଣ୍ଡପଟରୁ ଭିକାରିର ଗାଡିଶବ୍ଦ ଶୁଣି ଉଭୟେ ଚୁପ୍ ହୋଇଗଲେ । ପ୍ରିୟାଆଖିରୁ ଲୁହ ବନ୍ଦ ହେବାର ନାଁ ନେଉ ନଥାଏ । ସମସ୍ତଙ୍କ ଅଗୋଚରରେ ନିଜ ମୁହଁ ସଫାକରି ନିଜର ଶୋଇବା ଘରଭିତରକୁ ଯାଇ ଭିତରର କୁଣ୍ଡି ଲଗେଇଲା । ରେବ ଭାବିଲା ବୋଧହୁଏ ମୋ ନାଁରେ ମିଛଖଚ କିଛି ଯୋଡି ସ୍ୱାମୀଆଗରେ ଏବେ କହିବ । ଭାଉଜ ଦିଅର ଭିତରେ କଳି ଲଗେଇବ । ପଛପଟ ଝରକାପାଖରେ ଲୁଚିକି ଛିଡାହୋଇ ଦୁଇପ୍ରାଣୀଙ୍କର କଥାକୁ ଶୁଣିବା ସହିତ ଭଅଁର କଣାରେ ଆଖିଲଗାଇ ଘରଭିତରର ଦୃଶ୍ୟକୁ ମଝିରେ ମଝିରେ ଦେଖିବାକୁ ଲାଗିଲା । ପ୍ରିୟା ଭିକାରିର ଗୋଡତଳେ ମୁଣ୍ଡିଆମାରି ମାଆ ହେବାକୁ ଅନୁରୋଧ କଲାପରେ ଭିକାରି କହୁଛି,

- ବିବାହ ପୂର୍ବରୁ ମୋତେ ଦେଇଥିବା କଥାସବୁ ତୁମେ କ'ଣ ଭୁଲିଗଲ ?

- କିଛି ମୁଁ ଭୁଲିନି । ହେଲେ ମୁଁ ଆଉ ସହି ପାରୁନି । ବାପା ବୋଉ ମୋ ମୁହଁ ଚାହିଁ ପୂଜାକଲେ ଠାକୁର ପାଣି ଛୁଉଁନାହାନ୍ତି । ତାଙ୍କର ପାପ ହେଉଛି । ସକାଳୁସକାଳୁ ମୋ ମୁହଁ ଚାହିଁଲେ ନାନୀଙ୍କର ଅଶୁଭ ହେଉଛି । ଯେଉଁଘରେ ଏତେ ଛୁଆ ଅଛନ୍ତି, ଆମ ଦୁହିଁଙ୍କର

 Magazine Downloaded from www.aahwaan.com

ଗୋଟିଏ ଛୁଆ କ'ଣ ବେଶି ହୋଇଯିବ ! ମୋତେ ବନ୍ଧ୍ୟାସ୍ତ୍ରୀ ଶବ୍ଦ ଶୁଣିବାକୁ ଆଦୌ ଭଲ ଲାଗୁନାହିଁ । ଆତ୍ମହତ୍ୟା କରିବାକୁ ଇଚ୍ଛା ହେଉଛି, ମୁଁ ଆଉ ପାରୁନି । ପୁଅହେଉ କି ଝିଅହେଉ ଆମର ଗୋଟିଏ ଛୁଆ ହେଲା ପରେ ହିଁ ମୋତେ ଏ ଲୋକହସାରୁ ମୁକ୍ତି ମିଳିପାରେ ।

- ପ୍ରିୟା ! ଏବେ ବି ମୋର ତିନିଭଉଣୀ ଓ ଦୁଇଝିଆରୀ ବାହାହେବାକୁ ଘରେ ବସିଛନ୍ତି । ବାପା ଓ ଭାଇଙ୍କର ରୋଜଗାର ତ ତୁମେ ଜାଣ । ତୁମର ଯଦି ପୁଅ ନ ହୋଇ ଝିଅଟିଏ ହେଲା ?

- ମୁଁ ନିଜେ ରାକ୍ଷସୀମାଆ ହୋଇ ଏନ୍ତୁଡିନିଆଁରେ ସେ ଝିଅକୁ ପୋଡି ମାରିଦେବି । କିନ୍ତୁ ତା'ପରେ ମୋତେ ବାଂଝ କି ବନ୍ଧ୍ୟାସ୍ତ୍ରୀ କେହି କହିବେନି । ମୋର ଛୋଟପ୍ରାର୍ଥନା ରଖିବନି ?

- ପ୍ରିୟା ! ତୁମପାଇଁ ଏଭଳି କିଛି ଅପବାଦ ଆସିବ ବୋଲି ମୁଁ ଆଗରୁ ଭାବି ପାରିନଥିଲି । ତୁମେ ଯେଉଁଦିନ ମୋର ସର୍ତ୍ତରେ ରାଜିହୋଇ ମୋତେ ବିବାହ କରିବାକୁ କଥାଦେଲ, ସେହିଦିନ ମୁଁ ଡାକ୍ତରଖାନା ଯାଇ ନିଜର ପରିବାର ନିୟୋଜନ ଅସ୍ତ୍ରୋପଚାର କରିଦେଲି । ତେଣୁ ମୁଁ କେବଳ ସମ୍ଭୋଗ କରିବାକୁ ସକ୍ଷମ, କିନ୍ତୁ ପିତା ହେବାକୁ ଅକ୍ଷମ । ମୋତେ କ୍ଷମା କରିଦେବ ପ୍ରିୟା, ମୁଁ ତୁମ ଅନୁରୋଧ ଆଜି ରକ୍ଷା କରିବାକୁ ସମର୍ଥ ନୁହେଁ ।

ଏତିକି ଶୁଣି ରେବ ଆଗପଟକୁ ବୁଲିଆସି ଭିକାରି ଶୋଇବାଘର କବାଟ ବାଡେଇବାରୁ ଭିକାରି ଖୋଲିଲା । ଘର ଚଟାଣରେ ପ୍ରିୟା ଲୋଟିପଡି ଲୁହ ବୁହାଉଥାଏ । ରେବ ପ୍ରିୟା ସାମ୍ନାକୁ ଯାଇ ହାତଯୋଡି ତାର ଦୁଇଗୋଡରେ ନିଜ ମୁଣ୍ଡକୁ ରଖି କହିଲା, 'ମୋତେ କ୍ଷମା କରିଦେ ପ୍ରିୟା । ଆଜିଠାରୁ ତୁ ମୋ'ଝିଅ, ଭିକାରି ମୋ'ପୁଅ । ମୋ'ପାଟିରେ ପୋକପଡୁ ତୋ'ଭଳି ଦେବୀକୁ ମୁଁ ବନ୍ଧ୍ୟା କହିଲି ! ତୁମେ ଦୁଇଜଣଯାକ ମଣିଷ ନୁହେଁ ଦେବୀ ଦେବତା । ମୋତେ କ୍ଷମା କରିଦେବୁ, ଆଉ ଏ'ଜୀବନରେ ତୋତେ କେବେ ବି ଦୁଃଖ ଦେଲାଭଳି

Magazine Downloaded from www.aahwaan.com

କୌଣସି କଥା କହିବିନି । ବାପାବୋଉଙ୍କୁ ମୁଁ ସବୁ ସତକଥା କହିଦେବି । ସେ ତୋତେ ଆଗରୁ ଯେମିତି ଭଲ ପାଉଥିଲେ, ସେମିତି ଦେଖିବେ । ଏତେ ବଡ ତ୍ୟାଗ ! ସତରେ ଭିକାରି ତୁ ମୋ'କ୍ଷୀରର ପୁରା ପାଉଣା ଶୁଝେଇଦେଲୁ । ଆମେ ପ୍ରିୟାକୁ ଦୋଷୀବୋଲି ଭାବି ଏଣୁତେଣୁ କେତେକେତେ କଥା ନିତିଦିନ କହୁଛୁ ! ଛାତିକୁ ପଥର କରି ସିଏ ଚୁପ୍ସ ସବୁ ସହିଯାଉଛି, ହେଲେ ପଦେହେଲେ ଲେଉଟାଇ କହୁନି । ଚଣ୍ଡାଳ ! ଅପରେସନ୍ ହୋଇଗଲୁ ! ଆମପାଇଁ ନିଜେନିଜର ବଂଶବୁଡେଇ ଦେଲୁ ?' ଏତେ ବଡକଥା ମୋତେ ଲୁଚେଇଲୁ କାହିଁକି ? ମୁଁ ପରା ତୋ'ର ମାଆ । ମାଆଆଗରେ ପୁଅ କ'ଣ ଲୁଚାଏ ? ସମ୍ପର୍କରେ ପୁଣି ନିଜର ଭାଉଜ । ଭାଉଜକୁ କିଏ କ'ଣ ଲାଜ କରେ ! ଆଉ ପ୍ରିୟା ! ତୁ ନାନୀନାନୀ ହୋଇ ଏତେବର୍ଷ ମୋ ଭଉଣୀ ସାଜି ମଧ୍ୟ ମୋତେ ଅନ୍ଧାରରେ ରଖିଲୁ କାହିଁକି ? ତୁ ଏ ଘରେ ଜଣେ ବନ୍ଧ୍ୟା ସ୍ତ୍ରୀ ନୁହେଁ, ବରଂ ସାକ୍ଷାତ୍ ମା' ଲକ୍ଷ୍ମୀ । ଭିକାରି ମୋତେ ମୁଖାଗ୍ନୀ ଦେବ । କାରଣ ମୁଁ ତାର ମାଆ, ଭାଉଜ ମାଆ ।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକ ଅଭାବିତ ମୁହୂର୍ତ୍ତ

ସାଇ ପ୍ରସାଦ ସାହୁ

ସେତେବେଳକୁ ମୁଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବାଣିଜ୍ୟ ଶେଷ ବର୍ଷରେ ଅଧ୍ୟୟନ କରୁଥାଏ । ଦିନେ ବିଭାଗୀୟ ମୁଖ୍ୟଶ୍ରେଣୀରେ ପାଠ ପଢଉଥିବା ବେଳେ କହିଲେ ଆସନ୍ତା ମାସ ୨୦ ତାରିଖ ଦିନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବାଣିଜ୍ୟବିଭାଗ ପକ୍ଷରୁ ଜାତୀୟସ୍ତରୀୟ ଅଲୋଚନା ଚକ୍ର ଅନୁଷ୍ଠିତ ହେବ । ମୁଁ ଓ ମୋର ଦୁଇ ସାଙ୍ଗ ରିଷଭ ଓ ବ୍ରଜ ସ୍ଥିର କଲୁ ଆମେ ତିନି ଜଣ ମିଶି ଅଲୋଚନା ଚକ୍ରରେ ଆମର ସନ୍ଦର୍ଭ ଉପସ୍ଥାପନା କରିବା । ଖୁବ୍ କମ୍ ଦିନ ମଧ୍ୟରେ ସମ୍ପୁର୍ଣ୍ଣ ସନ୍ଦର୍ଭଟି ଲେଖିଲୁ । କଟକ ଯିବାର ସାତ ଦିନ ପୂର୍ବରୁ ତିନୋଟି ଅଣସଂରକ୍ଷିତ ଟିକେଟ୍ କାଟିଲୁ । ଦେଖୁ ଦେଖୁ ଦିନ ଆସିଗଲା କଟକ ଅଭିମୁଖେ ଯାତ୍ରା ପାଇଁ । ସେତେବେଳକୁ ପୁରୀ ଦୁର୍ଗ ଏକ୍ସପ୍ରେସ୍ ସମ୍ବଲପୁର ମୁଖ୍ୟ ରେଳ ଷ୍ଟେସନରେ ପହଞ୍ଚି ସାରିଥାଏ । ଆମେ ତିନି ଜଣ ସାଙ୍ଗ ସେକେଣ୍ଡ କ୍ଲାସ ସ୍ଲୀପର ବଗିରେ ଚଢିଲୁ । ଆମ ଗନ୍ତବ୍ୟ ପଥ ଥିଲା ସମ୍ବଲପୁର ରୁ କଟକ । ଆମ ସମ୍ମୁଖରେ ତିନୋଟି ବର୍ଥ ଖାଲି ଥାଏ । ଠିକ୍ କିଛି ଦୂର ଗଲା ପରେ ଅନୁଗୁଳ ରେଳଷ୍ଟେସନରେ ଜଣେ ଭଦ୍ରବ୍ୟକ୍ତି ଆମ ବଗିକୁ ଚଢିଲେ ଓ ଆମ ସମ୍ମୁଖସ୍ଥ ଝରକା ପାଖ ସିଟ୍ ଟି ଅକ୍ତିଆର କରିନେଲେ । ଭଦ୍ରଲୋକଙ୍କର ବେଶଭୂଷା ଥିଲା ଖୁବ୍ ଆଧୁନିକ ଓ ବର୍ଣ୍ଣାଢ୍ୟ । ବୟସ ପାଖାପାଖି ଷାଠିଏ ହେବ । ସେ ଏକଳୟରେ ଝରକା ଆଡେ ନିରୁଖୁ ଥାଆନ୍ତି । ପୁଣି ମଝିରେ ମଝିରେ ଧରିଥିବା ଇଂରାଜୀ ପତ୍ରିକାଟି ଉପରେ ଆଖି ବୁଲେଇ ନଉଥାଆନ୍ତି । ତାଙ୍କ ସହ କିଛି ଆଳାପ ଜମେଇବାକୁ ଆମର ଇଚ୍ଛା ଥିଲେ ବି ; ତେବେ କେଉଁ ବିଷୟବସ୍ତୁ ନେଇ କଥା ଆରମ୍ଭ କରିବୁ କିଛି ଭାବି ପାରୁନଥିଲୁ । ଏମିତି ମୁହଁ ଚାହିଁ ଚାହିଁ ଢେଙ୍କାନାଳ ଷ୍ଟେସନ ଆସିଯାଇଥାଏ । ଭଦ୍ରଲୋକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଣକ ଜଣେ ବାଦାମ ବିକାଳିଠାରୁ କିଛି ବାଦାମ କିଣି ଖାଇବାକୁ ଲାଗିଲେ ଓ ଚୋପାଗୁଡିକୁ ଖୁବ୍ ବେପରୁଆ ଭାବେ ସିଟ୍ ତଳକୁ ଫିଙ୍ଗି ଦେଉଥିଲେ । ଆମେ ସବୁ ଅନୁଧ୍ୟାନ କରୁଥାଉ, କିନ୍ତୁ କିଛି ପ୍ରତିବାଦ କରିପାରୁନଥିଲୁ । କାରଣ ଆମର ସେତିକି ସାହସ ନ ଥିଲା ଯେ ,ଭଦ୍ରଲୋକ ଜଣକୁ ପରିବେଶ ପରିଚ୍ଛନ୍ନତା ବିଷୟରେ ମୁହଁ ଖୋଲି ଚେତେଇଦେବା ପାଇଁ ।

କେବଳ ମନରେ ଭାବୁଥିଲୁ , କି ଧରଣର ଭଦ୍ରଲୋକ ଏ ? ଟ୍ରେନ ଭିତରେ ବାଦାମ ଚୋପା ଫିଙ୍ଗି ପରିବେଶ ଅପରିସ୍କାର କରିବା ଏକ ଧର୍ତ୍ତବ୍ୟ ଅପରାଧ । କିଛି ନ ହେଲେ ବି ନିୟମବିରୋଧୀ ଓ ସାଧାରଣଜ୍ଞାନ ଅଭାବର ସ୍ପଷ୍ଟ ସୂଚନା । ସେତେବେଳକୁ ଟ୍ରେନ ନରାଜ ପାର ହୋଇସାରିଥାଏ । ଆମେ ତିନି ଜଣ ସାଙ୍ଗ ବିଭିନ୍ନ ଗଳ୍ପରେ ମଜ୍ଜିଯାଇଥାଉ । କିଛି ସମୟ ପରେ ଦେଖିବାକୁ ପାଇଲୁ ଭଦ୍ରଲୋକ ଜଣକ ଫିଙ୍ଗିଥିବା ଚୋପାଗୁଡିକୁ ଏକଳୟରେ ଗୋଟାଇବାରେ ଲାଗିଛନ୍ତି । ଏବଂ ସେଗୁଡିକୁ ଏକ ରୁମାଲରେ ବାନ୍ଧି ନିଜ ବ୍ୟାଗରେ ସାଇତି ରଖୁଥାନ୍ତି । ଆମେ ବିସ୍ମିତ ହେଲୁ ଭଦ୍ରଲୋକ ଜଣକର ଏ ପ୍ରକାର ଆଚରଣ ଦେଖି । ଏଇ କିଛି ସମୟ ପୂର୍ବରୁ ବାଦାମ ଖାଇ ଚୋପାଗୁଡିକୁ ଇତସ୍ତତ ଫିଙ୍ଗୁଥିଲେ । କିନ୍ତୁ ଏବେ ସେଗୁଡିକୁ ସେ ଯତ୍ନର ସହ ଗୋଟେଇ ସାଇତି ରଖୁଛନ୍ତି । ଏ ନିଶ୍ଚୟ ଜଣେ ପାଗଳ କିମ୍ବା ଦାର୍ଶନିକ ହୋଇଥିବେ । କ'ଣ ତାଙ୍କର ଉଦ୍ଦେଶ୍ୟ କିଛି ବୁଝି ହେଉନଥାଏ । ଏ ସବୁ ଦେଖିଲା ପରେ ମୁଁ ଆଶ୍ଚର୍ଯ୍ୟ ହୋଇ ଭଦ୍ରଲୋକ ଜଣଙ୍କୁ ସଂଭ୍ରମତାର ସହ ପଚାରିଲି ; ଏ ସବୁ କରିବାର ଉଦ୍ଦେଶ୍ୟ କ'ଣ ? ପ୍ରଥମେ ସ୍ମିତ ହସି ସେ ଅନୁଚ୍ଚ ସ୍ୱରରେ ଉତ୍ତର ଦେଲେ , ମୁଁ ଏପରି କାହିଁକି କଲି ଆପଣମାନେ ଚେଷ୍ଟା କଲେ ନିଶ୍ଚୟ ଜାଣିପାରିବେ । ଆମେ ତିନି ଜଣ ସାଙ୍ଗ ପୁଣି ଥରେ ବିସ୍ମିତ ହେଲୁ । ଅନେକ ଚେଷ୍ଟା ପରେ ବି ସେ ଏମିତି କାହିଁକି କରୁଥିଲେ ତା'ର ଉତ୍ତର ଖୋଜି ପାଇପାରୁନଥିଲୁ । ପରମୁହୂର୍ତ୍ତରେ ସେଥିପ୍ରତି ଧ୍ୟାନ ନ ଦେଇ ପୁଣି ଆମେ ଗପସପରେ ମାତିଗଲୁ । ସେତେବେଳକୁ ଟ୍ରେନ କଟକ ଷ୍ଟେସନରେ ପହଞ୍ଚିବାକୁ ଅଳ୍ପ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମୟ ବାକି ଥାଏ । ଏଥର ଭଦ୍ରଲୋକ ଜଣକ ଖୁବ୍ ଧୀରସ୍ୱରରେ ଆମକୁ କହିଲେ ; ଦେଖନ୍ତୁ , ମୁଁ ଜାଣିବାକୁ ଚାହୁଁଥିଲି ଆପଣମାନେ ସମସ୍ତେ ନିର୍ଭୀକ ନା ନୁହେଁ ? ପ୍ରତିବାଦ କରିବାର ସତସାହସ ଅଛି ନା ନାହିଁ ? ମୁଁ ଦେଖୁଛି ଆପଣମାନେ ସମସ୍ତେ ଭଦ୍ର ଓ ଉଚ୍ଚଶିକ୍ଷିତ । କିନ୍ତୁ ଆପଣମାନଙ୍କ ପାଖରେ ଗୋଟିଏ ଜିନିଷର ଅଭାବ ରହିଛି । ଅନ୍ୟାୟ ଓ ଅନୀତି ବିରୋଧରେ ପ୍ରତିବାଦ କରିବାର ଦୃଢ଼ ଶକ୍ତିର ଅଭାବ । ଏ ତ ହେଉଛି ଏକ ଛୋଟ ମ୍ୟାଟର । ତେବେ ଯେଉଁଠି ଅନ୍ୟାୟ ,ଅନୀତି,ଦୁର୍ନୀତି ଓ ବ୍ୟଭିଚାର ଖୁବ୍ ପ୍ରଚଣ୍ଡ ଭାବେ ମୁଣ୍ଡ ଟେକେଛି ସେଠି ମୁହଁ ଖୋଲି ପଦେ ପ୍ରତିବାଦ କରିବାର କ୍ଷମତା ନିଶ୍ଚୟ ଆପଣମାନଙ୍କ ପାଖରେ ନାହିଁ । ତାହା ଏଠି ସ୍ପଷ୍ଟ ପ୍ରମାଣିତ ହୋଇଛି । ସେ ଯାହା ହେଉ । ମୁଁ ଜାଣିଶୁଣି ଚୋପାଗୁଡିକୁ ସିଟ୍ ତଳକୁ ଫିଙ୍ଗି ଦେଉଥିଲି । ହେଲେ ଆପଣମାନଙ୍କ ମଧ୍ୟରୁ କେହି ଜଣେ ବି ପ୍ରତିବାଦ କଲେ ନାହିଁ । ଏଥର ଆମ ଭିତରୁ ଜଣେ ପଚାରିଲେ ; ଆପଣ ତ ଚୋପାଗୁଡିକୁ ଗୋଟେଇ ଝରକା ସେପଟେ ଫିଙ୍ଗିଦେଇ ପାରିଥାନ୍ତେ । ହେଲେ ସେଗୁଡିକ ରୁମାଲରେ ବାନ୍ଧି ରଖିବାର କାରଣ କ'ଣ ? ଭଦ୍ରଲୋକ ଜଣକ ପୁଣି ହସି ହସି କହିଲେ ;ଦେଖ, ଚୋପାଗୁଡିକୁ ଝରକା ଫାଙ୍କରେ ଫିଙ୍ଗିଥିଲେ ପରିବେଶ ପୁଣି ଥରେ ଦୂଷିତ ହୋଇଥାନ୍ତା । ଚୋପାଗୁଡିକୁ ଏଣେତେଣେ ଉଡି ପୁଣି ଲୋକଙ୍କ ଉପରେ ପଡିଥାନ୍ତା । ତେଣୁ ଏଗୁଡିକୁ ମୁଁ ସାଇତି ରଖିଛି, ଷ୍ଟେସନରେ ଓହ୍ଲେଇଲା ପରେ ଡଷ୍ଟବିନରେ ଫିଙ୍ଗିଦେବି । ଆମେ ଲଜ୍ଜିତ ହୋଇ ପରସ୍ପର ମୁହଁକୁ ଚାହିଁ ରହିଲୁ । ସତରେ, ଆମେ ପ୍ରତିବାଦ କରିବାର ସତ୍ ସାହସ ନଥିବା ମଣିଷ । ବିଷର୍ଣ୍ଣ ଚିତ୍ତରେ ନିଜ ନିଜ ଭିତରେ ଭାବି ହଉଥିଲୁ । ଏହି ସମୟରେ ଭଦ୍ରଲୋକ ଜଣକ ସ୍ମିତ ହସି ବଗିରୁ ଓହ୍ଲେଇ ଯାଉଥାନ୍ତି ।

(ସ୍ନାତକୋତ୍ତର ବାଣିଜ୍ୟ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ସମ୍ବଲପୁର
ମୋ.ନଂ – ୯୯୩୭୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଚିତ୍ ନିର୍ଣ୍ଣୟ

ମନୋଜ କୁମାର ବେହେରା

ରାଜସ୍ଥାନର ଝୁନଝୁନ୍ ଜିଲ୍ଲାର ଚୁରିଲା ନାମକ ଏକ ଛୋଟ ଗାଁରେ ଆଜି ବହୁତ ଖୁସିର ବାତାବରଣ ଥିଲା । କାହିଁକି ନହେବ ଜଣେ ସ୍କୁଲ୍ ମାଷ୍ଟରଙ୍କର ଝିଅ ପ୍ରଶାସନିକ ସେବାରେ ସିଲେକଶନ୍ ହୋଇଥିଲା ।

ବିନୟର ଝିଅ ପ୍ରିୟଙ୍କା ବହୁତ ପରୁଶ୍ରମ କରି ଏହି ସଫଳତାକୁ ହାସିଲ କରିଥିଲା । ଏହି ପରୀକ୍ଷା ପାଶ କରିବା ପାଇଁ ବହୁତ କଷ୍ଟ କରିବାକୁ ପଡିଥାଏ ଆଉ ଏହି ଚାକିରୀ ପାଇବା ଗୋଟିଏ ଗର୍ବର କଥା ।

ସେହିଦିନ ବିନୟ ଭୁଲି ନଥିଲେ ଯେଉଁଦିନ ଛୋଟ ଝିଅଟି ତାଙ୍କର ଆଉ ନିହାରୀକାଙ୍କ ଜୀବନରେ ଆସିଥିଲା । ସମସ୍ତ ବନ୍ଧୁ ବାନ୍ଧଙ୍କର ଗୋଟିଏ କଥା ଥିଲା,ପ୍ରଥମ ସନ୍ତାନ ନିଶ୍ଚେ ପୁଅ ହୋଇଥିଲେ ଭଲ ହୋଇଥାନ୍ତା । ନିହାରୀକାଙ୍କର କିନ୍ତୁ ଭିନ୍ନ ଧାରଣା ଥିଲା ପୁଅ କିମ୍ବା ଝିଅ ସେଥିରେ କିଛି ପାର୍ଥକ୍ୟ ନାହିଁ । ଯାହା ଭଗବାନଙ୍କର ଇଚ୍ଛା ଥିବ ସେଇଆ ହିଁ ହେବ ।

ନିହାରୀକା ଏହି ଭାବନା ବିନୟର ଜୀବନରେ ନୂଆ ଆଶାର କିରଣ ଦେଖାଗଲା । ନିହାରୀକା ମେଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢିଥିଲେ ଆଉ ଜଣେ ବୁଦ୍ଧିମତି ମହିଳା ମଧ୍ୟ ଥିଲେ । ଘରର କାମ ସହିତ ସେ ବାକି ସମୟରେ ବିନୟଙ୍କୁ ମଧ୍ୟ ସାହାଯ୍ୟ କରନ୍ତି ତାଙ୍କ କାମରେ । ଗୋଟିଏ ପୁରୁଷର ସାଧାରଣ ଲକ୍ଷ୍ୟ ହେଲା ସେ ସବୁବେଳେ ନିଜକୁ ତା' ସ୍ତ୍ରୀଠୁ ବଡ ଭାବେ । କିନ୍ତୁ ବିନୟଙ୍କର ସ୍ୱଭାବ ସେମିତି ନଥିଲା । ଦୁହେଁ ମିଶି କରି ଝିଅର ନାଁ ରଖିଲେ ପ୍ରିୟଙ୍କା । ଆଉ ସବୁବେଳେ ଧ୍ୟାନ ଦେଲେ ଭଲ ପରିବେଶ ଏବଂ ଭଲ ସଂସ୍କାର ମଧ୍ୟରେ ସେ ବଢୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ତାକୁ ଭବିଷ୍ୟତରେ କେମିତି ବଡ ହେବାକୁ ହେବ ତା'ର ସୁଯୋଗ କେମିତି ଦେବେ ତାହା ମଧ୍ୟ ଠିକ୍ ସମୟରେ କରାଇଲେ ।

ବିନୟ ଦିନେ ଗୋଟିଏ ନିର୍ଣ୍ଣୟ ନେଲା କି ସେ ଜୀବନରେ ଆଉ ଦ୍ୱିତୀୟ ସନ୍ତାନ ବିଷୟରେ ଭାବିବ ନାହିଁ । ଏକଥା ନିହାରୀକା ଶୁଣି ବହୁତ ପାଟି କଲା ବିନୟଙ୍କୁ । ଆଉ କହିଲା ସମାଜ କ'ଣ କହିବ ? ଆମକୁ ଭବିଷ୍ୟତରେ ମୁଖାଗ୍ନି କିଏ ଦେବ ?

କିନ୍ତୁ ବିନୟ ନିଜ ଜିଦ୍ରେ ଅଟଳ ଥିଲା । ସେ ନିହାରୀକାକୁ କହିଲା ତୁମେ ଆଗ ତୁମର ଭାବନାକୁ ବଦଳେଇବାକୁ ଚେଷ୍ଟା କର । ଯଦି ଆମେ ଆଉ ଗୋଟିଏ ସନ୍ତାନ କରିବା ତେବେ ସେ ପୁଅ ହେବ ବୋଲି କ'ଣ ଗ୍ୟାରେଣ୍ଟି ଅଛି । ଯଦି ପୁଅ ହେଲା ତାହେଲେ ତୁମେ କ'ଣ ସମାନ ସମୟ ଦେଇ ପାରିବ ଝିଅ ପ୍ରିୟଙ୍କା ପାଇଁ । ନା' ମୁଁ ଭାବୁଛୁ ତୁମେ ଏହା କରି ପାରିବ ନାହିଁ । ଆଜିକାଲିର ଯେଉଁ ଖର୍ଚ୍ଚ ତାହାକୁ ଆଗ ଦେଖ..ଯେମିତି ପଢା ଖର୍ଚ୍ଚ,ଝିଅର ବାହାଘର ଖର୍ଚ୍ଚ,ଔଷଧ ଖର୍ଚ୍ଚ,ଆଉ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ।

କିନ୍ତୁ କିଛି ମତାନ୍ତର ପାଇଁ ଦୁହିଙ୍କ ଭିତରେ କିଛିଦିନ ନୀରବତା ଖେଳିଗଲା । ଦିନେ ବିନୟ ଆସି କହିଲା ସମାଜ କ'ଣ କହିବ କହୁ ତୁମେ ଏ 'କାନରେ ଶୁଣି ଆର କାନ ପଟେ' ବାହାର କରିଦେବ । ଲୋକମାନଙ୍କ ମନରେ ଯାହା ଆସିବ ସେମାନେ କହିବେ କୁହନ୍ତୁ,ଆମକୁ ଯାଇ ଠିକ୍ ଲାଗିବ ଆମେ ତାହା କରିବା ।

ତା'ପରେ ନିହାରୀକା ନିଜକୁ ବୁଝେଇ ଦେଲା ଆଉ ଦୁହେଁ ମିଶି ପ୍ରିୟଙ୍କାର ପାଠ ପଢା,ଦେଖା ଶୁଣାରେ ବହୁତ ଭଲ ଭାବରେ ରଖିଲେ । ତାକୁ ଦିନଟେ ପାଇଁ ତୁ ପୁଅ ନୁହେଁ ଝିଏଟେ ବୋଲି ଭାବିବାକୁ ଦେଲେନାହିଁ । କେମିତି ସମାଜ ଆଉ ସଂସ୍କାର ଭିତରେ ସାହସ ଦେଖାଇ ଚଳିବାକୁ ହେବ ତାକୁ ବୁଝୋଉଥିଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରିୟଙ୍କା ତା ନାମ ଅନୁସାରେ ପାଠ ପଢାର ପ୍ରଥମ ଦିନରୁ ହିଁ ତା'ର ଯଶ ବଢିଥିଲା । ସେ ବହୁ ଆଗରେ ପଢାରେ ଥିଲା ଅନ୍ୟ ପିଲାଙ୍କଠୁ । ତଥାପି ଲୋକମାନେ କହୁଥିଲେ,'ଝିଅ ଜନମ ତ ପର ଘରକୁ' । ପ୍ରିୟଙ୍କାକୁ ଏତେ ପାଠ ପଢେଇ ଲାଭ କ'ଣ ?

ଆଜି ଏହି ଖୁସିରେ ସବୁଲୋକ ବିନୟକୁ ପ୍ରଶଂସା କରୁଥିଲେ । ଆଜି ବିନୟ ଏହି ଉଚିତ୍ ନିର୍ଣ୍ଣୟରେ ଅନ୍ୟ ଲୋକମାନଙ୍କ ମନରେ ଗୋଟିଏ ନୂଆ ଆଶା ଖେଳିଗଲା ।

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ଫୋନ-୭୯୭୮୮୩୦୬୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲାଜ ଲାଗେ କହିବାକୁ

ସୁଧାଂଶୁ ଶଖର ବଳ

ସମ୍ମିତ ଆଜିକୁ ୬-୭ ବର୍ଷ ହବ ଅଷ୍ଟ୍ରେଲିଆର ବ୍ରିସବେନରେ ନିଜ ପରିବାର ସହିତ ରହୁଛନ୍ତି । ଏଠି ସେ ଟେକ୍ନୋଲୋଜି ଆନଲିଷ୍ଟ ଭାବେ ଏକ ପ୍ରମୁଖ ଇଁଭେଷ୍ଟମେଣ୍ଟ୍ ବ୍ୟାଙ୍କ୍ ଜେ.ପି ମୋର୍ଗାନ୍ ଆଣ୍ଡ ଚେଜ୍ ରେ କାମ କରନ୍ତି । ତାଙ୍କ ଘର ସମ୍ବଲପୁର ।

ଆଗରୁ ବାଙ୍ଗାଲୋରରେ ଚାକିରି କରୁଥିଲେ, ବାହାଘର ପରେ ଭଲ ସ୍କୋପ ମିଳିଲା ସେଥିପାଇଁ ଫେମିଲି ସହିତ ବ୍ରିସବେନ ସିଫ୍ଟ ହୋଇ ଆସିଛନ୍ତି । ବାହାରେ ରହିଲେ କଣ ହବ ମନଟା ଖାଣ୍ଟି ଓଡ଼ିଆ । ଏମିତି କୋଉ ପର୍ବପର୍ବାଣୀ ନାହିଁ ଯାହା ସେ ଏଠି ପାଳନ କରନ୍ତି ନାହିଁ, ରଜଠୁ ଆରମ୍ଭ କରି ଦୁର୍ଗା ପୂଜା, ଦୀପାବଳୀ, କାର୍ତ୍ତିକ ପୂର୍ଣ୍ଣିମା ଯାଏଁ । ୧୨ ମାସରେ ତାଙ୍କ ଘରେ ୧୩ ପର୍ବପାଳନ ଚାଲିଥାଏ ଯେମିତି ଲାଗେ ସେ ଓଡ଼ିଶାରେ ଅଛନ୍ତି । ସବୁବର୍ଷ ତାଙ୍କର ଓଡ଼ିଶା ଯିବା ଥୁଆ । ଏଇ ୪ବର୍ଷ ତଳେ ତାଙ୍କର ପୁଅଟିଏ ହେଇଛି, ଭାରିଖୁସି ସମ୍ମିତ । ନା ଦେଇଛନ୍ତି ଅନିକେତ୍ ଆଉ ଘରେ ଡୁଗୁ ଡାକନ୍ତି । ଅନ୍ୟମାନଙ୍କ ପରି ନୁହେଁ ସେ, ବହୁତ୍ ଲୋକଙ୍କୁ ସେ ଏଠି ଦେଖୁଛନ୍ତି, ସେମାନେ ଇଣ୍ଡିଆନ୍ କିନ୍ତୁ ଠାଣି ବିଦେଶୀ । ସମ୍ମିତ ପ୍ରାୟେ ଇଣ୍ଡିଆନ୍ ଡିଶ୍ ଖାଇବାକୁ ପସନ୍ଦ କରନ୍ତି, କେବେ କେତେବେଳେ ବାହାରକୁ ଗଲେ ଚାଇନିଜ, ଥାଇ ଖାଇ ଦିଅନ୍ତି । ନହେଲେ ସମ୍ମିତଙ୍କ ପସନ୍ଦ ଆଜି ବି ସେଇ ପଖାଳ କଂସା ଓ ଶୁଖୁଆ ପୋଡ଼ା ଆଉ ମଧୁ ବି ଠିକ୍ ତାଙ୍କ ପସନ୍ଦକୁ ଜାଣିଛନ୍ତି ।

ପୁଅ ଏଇ ଏବେ ଏବେ ପ୍ଲେସ୍କୁଲ୍ ଯାଉଛି । ସେଠି ସେ ତା ସାଙ୍ଗଙ୍କ ସହିତ ଇଂଲିଶରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଥାହୁଏ ହେଲେ ଘରକୁ ଫେରିଲେ ଖାଣ୍ଟି ଓଡ଼ିଆ । ମଧୁତାକୁ ଓଡ଼ିଆ ବର୍ଣ୍ଣବୋଧ ବହି ପଢ଼ିବା ବି ଶିଖେଇଛନ୍ତି । ଡୁଗୁ ସ୍କୁଲରେ ଆନୁଆଲ୍ ଫଙ୍କସନ୍ ପାଳନ ହେବ । ସ୍କୁଲଟା ସାରା ଚଳଚଞ୍ଚଳ । ସବୁପିଲା କିଛି ନା କିଛି ଆକ୍ଟିଭିଟିରେ ଭାଗ ନେଇଛନ୍ତି । ଡୁଗୁର ବି ଭାରି ଇଚ୍ଛା ସେ ଗୀତଗାଇବ ।

ସମ୍ମିତ ଆପାର୍ଟମେଣ୍ଟରେ ଏଇ କିଛିଦିନ ହେବ ଜଣେ ଓଡ଼ିଆ ଫେମିଲି ଆସି ରହୁଛନ୍ତି । ତ୍ରିପାଠୀ ବାବୁ ଓ ତାଙ୍କ ପରିବାର । ତାଙ୍କ ଝିଅ ରୋଜ୍ଜି ଡୁଗୁ ସହିତ ଏକା ପ୍ଲେ ସ୍କୁଲରେ ପଢ଼େ । ସେଦିନ ସମ୍ମିତ ଓ ମଧୁ ଡୁଗୁ ସ୍କୁଲ ଯାଇଥାନ୍ତି, ସେଠି କଥା ହଉହଉ ଜାଣିଲେ ସେ ତ୍ରିପାଠୀବାବୁ ମଧ୍ୟ ଓଡ଼ିଆ । ଭାରି ଖୁସି ହେଇଗଲେ ସମ୍ମିତ, ଏତେଦିନ ପରେ ଜଣେ ଓଡ଼ିଆଭାଇଙ୍କୁ ଭେଟି ଓଡ଼ିଶା ସ୍ମୃତି ତାଜା ହେଇଗଲା । ଏବେ ପ୍ରାୟେ ଦୁଇ ପରିବାର ଖୁବ ଭଲସାଙ୍ଗ । ମଧୁ ଭାବୁଥିଲେ ଯେ ସବୁ ତ ଇଂଲିଶରେ ପର୍ଫୋର୍ମ କରିବେ, ତାଙ୍କ ଇଚ୍ଛା ଡୁଗୁ କିଛି ଅଲଗା କରୁ ନିଜ ମାଟିର ଭାଷାରେ ।

ଏଇ କଥା ସେ ତ୍ରିପାଠୀବାବୁଙ୍କ ମିସେସଙ୍କୁ କହିଲେ ଯେ ଯଦି ଡୁଗୁ ଆଉ ରୋଜ୍ ଏକା ସହିତ ଗୋଟେ ଡୁଏଟ୍ ଗୀତ ଓଡ଼ିଆ କିମ୍ବା ହିନ୍ଦୀରେ ଗାଆନ୍ତି ତାହେଲେ ଖୁବ ଭଲ ହୁଅନ୍ତା । ହେଲେ ଏଇ କଥା ଶୁଣି ତ୍ରିପାଠୀବାବୁଙ୍କ ମିସେସ ମୁହଁ ଆମ୍ବିଳା ହେଇଯାଇଥିଲା । ମନା ତ କରିପାରିଲେନି ହେଲେ ତ୍ରିପାଠୀବାବୁଙ୍କ ମିସେସଙ୍କ ଇଚ୍ଛା ଥିଲା ତାଙ୍କ ଝିଅ ରୋଜ୍ ଇଂଲିଶରେ କିଛି କରୁ । ଶେଷରେ ସେଇଆ ହେଲା, ରୋଜ୍ ସେ ବିଦେଶୀ ଗୋରାଙ୍କ ସହିତ ମିଶି ଇଂଲିଶ ଗୀତରେ ନାଚ ଶିଖିଲା ।

ଆଜି ସ୍କୁଲରେ ଆନୁଆଲ୍ ଫଙ୍କସନ । ଗୋଟେ ପରେ ଗୋଟେ ପିଲା ନିଜ ନିଜ ଗ୍ରୁପରେ ଆସି ଗୀତ, ନାଚ, ଡ୍ରାମା ପ୍ରଦର୍ଶନ କରିଲେ । ଏବେ ଡୁଗୁ ପାଲି ପଡ଼ିଲା, ସମ୍ମିତ ଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଧୁ ଚାତକ ହେଇ ଅନେଇଥାନ୍ତି ଷ୍ଟେଜକୁ । ମଧୁ ଟିକେ ଡରୁଥାନ୍ତି କାଳେ ଡୁଗୁ ଗୀତ ଗାଇପାରିବ ନା ନାହିଁ । ଡୁଗୁ ଷ୍ଟେଜକୁ ଉଠିଲା, ମାଇକ୍ରୋଫୋନ୍‌ଟିଏ ତା ଟିଚର୍ ତା ହାତରେ ଧରେଇ ଦେଲେ ନମସ୍ତେ ଏଭରିବ୍ଦାନ୍ କହି ଡୁଗୁ ଆରମ୍ଭ କରିଲା ଗୀତ ଗାଇବା

"ବନ୍ଦେ ଉତ୍କଳ ଜନନୀ,

ଚାରୁ ହାସମୟୀ, ଚାରୁ ଭାସ୍ୟମୟୀ,

ଜନନୀ, ଜନନୀ, ଜନନୀ ।

ଏତିକି ଶୁଣି ସେଠି ସମସ୍ତ ପିଲା ଓ ତାଙ୍କ ବାପାମା ଠିଆ ହେଇ ପଡ଼ିଲେ ଓ ଜୋର୍ କରତାଳିରେ ପୁରା ଅଡିଟରିୟମ୍ କମ୍ପି ଉଠୁଥିଲା । ମଧୁ ଆଉ ସମ୍ବିତ ଦଉଡ଼ି ଯାଇ ଡୁଗୁକୁ କୁଣ୍ଢେଇ ପକେଇଲେ । ତିନି ଜଣ ମିଶି ପୁଣିଥରେ ଗାଇଲେ । ସେଦିନ ଡୁଗୁକୁ ବେଷ୍ଟ୍ ଆଙ୍କାଡ୍ ମିଳିଲା ।

ସେପଟେ ତ୍ରିପାଠୀବାବୁଙ୍କ ମିସେସ ରାଗରେ ଜଳି ପାଉଁଶ ହେଇ ସାରିଥିଲେ । ଘରକୁ ଫେରିଲା ବେଳେ ହଠାତ୍ ପାର୍କିଂ ଏରିଆରେ ତ୍ରିପାଠୀବାବୁ ଭେଟ ହେଇଗଲେ, ଲାଜରେ ତାଙ୍କ ମୁହଁ ଆପେ ଆପେ ତଳକୁ ହେଇ ଯାଇଥିଲା ।

ସମ୍ବିତ ମନେମନେ ଭାବୁଥିଲେ ଯେ ନିଜ ମାଟିର ଭାଷା କହିବାକୁ ଏତେ ଲାଜ, ସେଥିପାଇଁ ବୋଧେ ଆମେ ଆଜି ପଛରେ ରହିଯାଇଛୁ ।

ଡୁଗୁ ଟ୍ରଫିଟି ଧରି ଯୋର୍ ଯୋରରେ କହୁଥିଲା

"ଆଇ ଆମ୍ ପ୍ରାଉଡ୍ ଟୁ ବି ଏନ୍ ଇଣ୍ଡିଆନ୍"

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶେଷ ଚିଠି

ପ୍ରେରଣା ଜେନା

ସୂର୍ଯ୍ୟ କେତେବେଳେରୁ ଆସି ମୁଣ୍ଡ ଉପରୁ ବୁଲି ଗଲେଣି । ପାଖ ପଡ଼ୋଶୀ ସମସ୍ତେ ଖାଇ ପିଇ କେଉଁ କାଳରୁ ଗଡ଼ିବାକୁ ଯାଇ ସାରିଲେଣି । ହେଲେ ବିଜୁ ବୋଉକୁ ଆଜି ଥୟ ନାହିଁ । ବାଟ ମଙ୍ଗଳା ପାଖରେ ପଣା ଦେଲା ବେଳଠୁ ଏବେ ଯାଏଁ, ସେମିତି ସେଇ ଦାଣ୍ଡଟାକୁ ଅନେଇଛି । ରୋଷେଇ ସାରି, ଭାତ ପରଷି ଦେଇ ଆସି କେତେବେଳେରୁ ପିଣ୍ଡା ଉପରେ ବସିଛି । ବୋଧ ହୁଏ କାହାର ଗୋଟେ ଆସିବା ବାଟକୁ ଚାହିଁଛି । ତା'ର ପରିବାର କହିଲେ ସେ, ତା' ସ୍ୱାମୀ ଆଉ ତାଙ୍କ ଭେଣ୍ଡିଆ ପୁଅ ବିଜୁ । ହେଲେ ବିଜୟ ଓରଫ୍ ବିଜୁ, ୧୩ ବର୍ଷ ହେଲା ଗାଁ ଛାଡସହରକୁ ପଳେଇଛି । ସେଇ ଦିନଠୁ ଘରେ କେବଳ ଏଇ ବୁଢ଼ାବୁଢ଼ୀ ଦୁହେଁ ।

ଖରା ବୁଲିଆସିବାରୁ ଚଉରା ପିଣ୍ଡି ଆଡ଼କୁ ଟିକିଏ ଡେରି ହୋଇ ବସିଲା ବେଳକୁ, ତା' ଆଖି ଆଗରେ ନାଚି ଉଠିଲା ବିଜୁ ଛୁଆ ବେଳର ସେଇ କଥାଟା ।

ପିଲା ବେଳେ ଥରେ ଖେଳ ଖେଳରେ ବିଜୁ ତା' ବାପାଙ୍କ ରେଡ଼ିଓଟିକୁ ଗାଁ ପୋଖରୀରେ ବୁଡାଇ ଦେଇଥିଲା । ରେଡିଓରେ ଗୀତ ଲଗାଇ ଦେଇ, ବର ଓହଳରେ ବାନ୍ଧି ଝୁଲେଇଲା ବେଳକୁ ରେଡ଼ିଓର ଫିତାଟି ଛିଡ଼ି ଗଲା ଆଉ ନୂଆ କରି କିଣା ହୋଇଥିବା ରେଡ଼ିଓଟି ଯାଇ ପଡ଼ିଲାଗଡ଼ିଆ ଭିତରେ । ପିଲା ଲୋକ, ସାଙ୍ଗ ସାଥି ମେଳରେ ପଡ଼ି ଭୁଲ୍ ଟିଏ କରି ଦେଇଥିଲା । ଏତେ ଛୋଟ ବୟସ ଛୁଆର ବା ବୁଦ୍ଧି କେତେ ! ତଥାପି ମାଡ଼ ଭୟରେ ପାଣି ଭିତରୁ ରେଡ଼ିଓ ଆଣିବାକୁ ଚେଷ୍ଟା କଲା ବେଳେ ତା' ମା ତା'କୁ ଦେଖି ବୁଝା ସୁଝା କରି ଘରକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଣିଥିଲେ । ପଇସା ହେଲେ ପୁଣି ଗୋଟେ ନୂଆ ରେଡ଼ିଓ ଆଣିଦେବେ ବୋଲି କଥା ଦେଇଥିଲେ; କିନ୍ତୁ ବାପା ତା'ର ଭାରି ରାଗି ଲୋକ । ତା'ଙ୍କ ପ୍ରିୟ ରେଡ଼ିଓ ପାଣିରେ ବୁଡ଼ି ଯିବା କଥା ଶୁଣି ସେ ଆଉ ନିଜ ପାଟିରେ ବିରାମ ଲଗେଇ ପାରିଲେନି । ମନ ଇଚ୍ଛା ଅଶାଳୀନ ଭାଷାର ଗାଳି ଭରିଦେଇ ଗଲେ ସେଇ କୋମଳ କାନରେ । ଟଙ୍କା ଟଙ୍କା କହି କହି ଅନେକ ଶୁଣାଇଲେ ବିଜୁ ଓ ତା' ମାକୁ । ଟଙ୍କା ଗିଳୁଛ, ମୋ' ଘରେ ବସି ମାଗଣା ଗେଫା ମାରୁଛ, ନୂଆ ଲୁଗା ପିନ୍ଧି ଚଇନି ଚିକଣ ହେଇ ଗାଁ ଯାକ ଟହଲ ମାରୁଛ ଆଉ ଏତେ ପରେ ବି ମୋ'ରି ଜିନିଷ ଉପରେ ଆଖି ! ଏମିତି ଆହୁରି କେତେ କ'ଣ କହିଗଲେ ସେ ସେଦିନ; କିନ୍ତୁ ଏପଟେ ବିଜୁ ଆଉ ତା ମାଆ, ଦୁହେଁ ଚୁପ୍ । ପଥର ଭଳି କେବଳ ସେମିତି ଗୋଟିଏ ଜାଗାରେ ଠିଆ ହେଇଥାଆନ୍ତି । ବିଜୁର ବାପା ଅନେକ ଥର ଏମିତି କହିଛନ୍ତି । ବେଳେ ବେଳେ ମୁଣ୍ଡକୁ ଏତେ ପିତ ଚଢ଼ି ଯାଏ ଯେ ସେ ବିଜୁକୁ ମାରିବା ସହିତ ତା' ବୋଉ ଉପରକୁ ବି ହାତ ଉଠେଇ ଦିଅନ୍ତି । ହେଲେ କ'ଣ ବା କରିପାରିଥା'ନ୍ତେ ସେମାନେ ? ମନରେ ଯେତେ କୋହ ଥିଲେ ବି ଆଖିର ଲୁହକୁ ଚାପି ଆଉ ବିଜୁକୁ ଛାତିରେ ଜାକି ଚୁପ୍ ରହି ସବୁ ସହି ଯାଆନ୍ତି ତା' ମା । କାରଣ ଭଲ ଭାବେ ତାଙ୍କୁ ଜଣା, ସେ ଦୁହେଁ ହିଁ ବାପାଙ୍କ ଉପରେ ନିର୍ଭରଶୀଳ ଆଉ ଯଦି ସେଇ ରୋଜଗାରିଆ ବାପା ତାଙ୍କୁ ଘରୁ ବାହାର କରିଦିଏ, ତା' ହେଲେ ବାର ଘର ସୁଣ୍ଢି ପିଣ୍ଡା ହେବା ଛଡ଼ା ଆଉ କିଛି ଉପାୟ ରହିବନି ତାଙ୍କ ପାଖରେ । ହେଲେ ବିଜୁ ବଡ଼ସ୍ୱାଭିମାନୀ । ବାପାଙ୍କର ଏଥରର ଟାଣ କଥା ତା'କୁ ଭାରି ବାଧିଥିଲା । ତାଙ୍କର ଏହି କଟାକ୍ଷ ପୂର୍ଣ୍ଣ କଥା ଆଉ ଘରର ଏକମାତ୍ର ରୋଜଗାରକ୍ଷମ ବୋଲି ଥିବା ଘମଣ୍ଡ, ଅଜାଣତରେ ବିଜୁର କଅଁଳ ହୃଦୟରେ ଏକ ଗଭୀର କ୍ଷତ ସୃଷ୍ଟି କରିଦେଇଥିଲା । ସେଇ ଦିନ ବିଜୁ ଶପଥ କରିଥିଲା, ଯେତେବେଳ ଯାଏଁ, ନିଜେ ଟଙ୍କା ରୋଜଗାର କରି ଠିକ୍ ସେହି ଭଳି ରେଡ଼ିଓଟିଏ କିଣିବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସକ୍ଷମ ନ ହୋଇଛି, ସେତେ ପର୍ଯ୍ୟନ୍ତ ସେ ଆଉ ସେ ଘରର ଦୁଆର ବି ମାଡ଼ିବନି । ବୋଉ କାଳେ ରାଣ ନିୟମ ପକାଇ ରୋକି ଦେବ ବୋଲି ଭାବି, ଘର କାନ୍ଥରେ ଖପରାରେ ତା' ମନ କଥା ଲେଖିଦେଇ ରାତିକା ରାତି ଘରୁ ବାହାରି ପଳେଇଥିଲା ବିଜୁ । ସେଇ ଦିନଠୁ ବିଜୁ ଯାଇଛି ଯେ ଯାଇଛି ଆଉ କେବେ ହେଲେ ବି ଥରୁଟିଏବୁଲିକି ସେଇ ଗାଁ ଆଡ଼କୁକୁ ଚାହିଁନି ।

ହେଲେ ମୁଣ୍ଡର ରାଗ ସିନା ମଣିଷକୁ ସମସ୍ତଙ୍କ ଠାରୁ ଦୂରକୁ ନେଇ ଯାଇପାରିବ, କିନ୍ତୁ ନିଷ୍ପାପ ମନର ସେଇ ସ୍ନେହ ମମତାର ଭୋକ କ'ଣ ଛୁଆକୁ ତା' ମା ଠୁଁ ବେଶୀ ଦିନ ଅଲଗା ରଖି ପାରିବ ! ବିଜୁର ଗାଁ ଛାଡ଼ି ଯିବାର ପ୍ରାୟ ଚାରି ମାସ ପରେ ବିଜୁ ବୋଉ ପାଖକୁ ଆସିଥିଲା ପ୍ରଥମ କରି ସହରରୁ ଏକ ଚିଠି, ତା' ପୁଅ ବିଜୁର ପ୍ରଥମ ଚିଠି । ଅନେକ କିଛି ଲେଖାଥିଲା ସେଥିରେ । ବିଜୁ ବାପା ଦେଖିଲେ କାଳେ ପୁଣି କ'ଣ କହିବେ ଭାବି, ରାତିରେ ଲଣ୍ଠନ ଜାଳି ସେଦିନ ବିଜୁ ବୋଉ ପଢ଼ିଥିଲା ସେ ଚିଠିକୁ...

"ବୋଉ !

ମୋତେ ଜମାରୁ ଖରାପ ଭାବିବୁ ନାହିଁ ଲୋ । ସେଦିନ ବାପାଙ୍କ କଥା ମୋତେ ଭାରି ବାଧିଥିଲା । ମୁଁ ମନେ ମନେ ଭାବିଥିଲି ତୋତେ ବି ସାଙ୍ଗରେ ଧରି ସହର ନେଇ ଚାଲି ଆସିବି, ହେଲେ ମୋର ବିଶ୍ୱାସ ଥିଲା ତୁ ନିୟମ ପକାଇ ମୋତେ ଅଟକାଇ ଦେଇ ଥାଆନ୍ତୁ । ସେଥି ପାଇଁ ତୋତେ କିଛି ନ କହି ରାତାରାତି ଗାଁ ଛାଡ଼ି ଚାଲି ଆସିଲି । ଘରୁ ଆସିଲା ବେଳେ ମୋ କୁମ୍ଭି ଭାଙ୍ଗି ସେଥିରୁ ଟଙ୍କା କାଢ଼ି ଆଣିଥିଲି । ସହରରେ ପାଦ ଦେଲା ବେଳକୁ ମୋ ପାଖେ ୨୦-୨୫ ଟଙ୍କା ଥିଲା । ସେଥିରୁ ପୁଣି କିଛି ଟଙ୍କା ବସ ବାଲା ନେଇଗଲା । ବାକି ଟଙ୍କାରେ ବରା କିଣି ଖାଇଲି ଯେ କିନ୍ତୁ ପେଟ ପୁରିଲା ନାହିଁ । ତୁ ତ ଜାଣିଛୁ, ତୋ ପୁଅ କେଡ଼େସ୍ୱାଭିମାନୀ । ପେଟ ଜଳି ଯିବ ପଛେ, କାହା ଆଗେ ହାତ ପତେଇବ ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୋକାନୀକୁ ବିନା ପଇସାରେ ବରା ମାଗିବାକୁ ମୋ ବିବେକ ମୋତେ ବାଧା ଦେଲା । ସେ ଦୋକାନୀଟାର କିନ୍ତୁ ଭାରି ବିକ୍ରି ହଉଥାଏ । ହାତକୁ ଘଡ଼ିଏ ବି ବିଶ୍ରାମ ନ ଥାଏ ତା'ର । ତା' ଠେଲା କଡ଼ରେ ଦେଖିଲି ଆଇଁଠାବାସନଗୁଡ଼ା ଗଦା ହୋଇଥାଏ । ମୁଁ ଜାଣି ପାରିଲି, ଭିଡ଼ ଜମିଥିବାରୁ ସେ ତା'କୁ ସଫା କରି ପରୁନଥାନ୍ତି । ସାହସ କରି ମୁଁ ପଚାରିଦେଲି, ବାବୁ ! ବାସନତକ ମାଜି ଦେଲେ, କେତେ ଖଣ୍ଡ ବରା ମୋ ମଜୁରି ବାବଦକୁ ପଡ଼ିବ ? ଲୋକଟା ଭାରି ଭଲ ଲୋକ ଲୋ ବୋଉ ! ତା' ଅଭିଜ୍ଞତା ଭରା ଆଖିରୁ, ମୋ ଭିତରର ସ୍ୱାବଲମ୍ବୀ ଆତ୍ମାଟାକୁ ଗୋଟିଏ ଝଲକରେ ପରଖି ଦେଲେ ସେ । ସେଇ ଦିନଠୁଁ ତାଙ୍କରି ଦୋକାନରେ ରହି ମୁଁ କାମ କରୁଛି । ଅବଶ୍ୟ ଏବେ ଆଉ ସେଦିନ ଭଳି ବାସନ ମାଜୁନି, ବାବୁଙ୍କୁ ଦୋକାନ କାମରେ ସାହାଯ୍ୟ କରୁଛି ଆଉ ରାତି ହେଲେ ସେଇ ଠେଲା କଡ଼ରେ ଜରି ଟାଣି ଶୋଇ ପଡୁଛି । ମଜୁରି ବାବଦକୁ ବାବୁ ସବୁଦିନ ଦି ଓଳି ଖାଇବାକୁ ଦେଉଛନ୍ତି । ବେଳେ ବେଳେ ହାତ ଖର୍ଚ୍ଚ ପାଇଁ କିଛି ଟଙ୍କା ବି ଦେଉଛନ୍ତି, ହେଲେ ତାକୁ ମୁଁ ସାଇତି ରଖିଛି ସେ ରେଡ଼ିଓ କିଣିବା ପାଇଁ । ଦେଖିବୁ ! ବାପାଙ୍କ ଭଳିଆ ମୁଁ ବି ରୋଜଗାରିଆହେଇଗଲେ, ତୋ ପାଖକୁ ନିଶ୍ଚୟ ଯିବି । ମୋର ଚିନ୍ତା କରିବୁନି । ନିଜର ଯତ୍ନ ନେବୁ ।

//ଇତି//

ତୋ ସ୍ୱାଭିମାନୀ ପୁଅ ବିଜୁ"

ଏହାରି ଭିତରେ ଅନେକ ବର୍ଷ ବିତି ଗଲାଣି । ବିଜୁ ଏଇ କିଛି ମାସ ହେବ ତା' ଦୋକାନୀ ବାବୁଙ୍କ ପରାମର୍ଶରେ ଯାଇ ତାଙ୍କ ବଡ଼ ଭାଇଙ୍କ କାରଖାନାରେ କାମ କରୁଛି । ନିଜ ଦରମାରେ ନିଜ ଖର୍ଚ୍ଚ ଉଠାଉଛି ଆଉ ବାକି କିଛି କିଛି ଟଙ୍କାକୁ ରେଡ଼ିଓ କିଣିବା ପାଇଁ

Magazine Downloaded from www.aahwaan.com

ସଞ୍ଚୟ କରି ରଖୁଛି ।

ସବୁ ମଙ୍ଗଳବାର ସକାଳୁ ଆସି ବିଜୁର ଚିଠି ତା' ବୋଉ ପାଖେ ପହଞ୍ଚେ ଆଉ ସବୁ ଥର ପରି ସେ ତା'କୁ କାନିରେ ଲୁଚେଇ ବାନ୍ଧି, ରାତିରେ ଲଣ୍ଠନ ଆଲୁଅରେ ମନ ଭରି ପଢ଼େ । ହେଲେ ଆଜି ଏତେ ବେଳ ହେବ ସେ ଡାକବାଲାର ଦେଖା ନାହିଁ । ମଙ୍ଗଳା ପୂଜା ସରି, ଖରାବେଳ ଖାଇବା ବି ସାରିଲାଣି ହେଲେ ବିଜୁ ଚିଠି ଏବେ ଯାଏଁ ଆସିନି । ବିଜୁ ଯେ ତା' ବୋଉ ପାଇଁ ଚିଠି ଦେବା ଭୁଲି ଯିବ ତାହା ଅସମ୍ଭବ । ପିଣ୍ଡା ଉପରେ ବସି ବସି ମନରେ ଅଜଣା ଡର ବସା ବାନ୍ଧି ଆସିଲା ବେଳକୁ ଦୂରରୁ ଶୁଭିଲା ଡ଼ାକବାଲାର କଣ୍ଠ, "ଚିଠି..." । ପିଣ୍ଡା ଉପରୁ ଦୌଡ଼ି ଯାଇ ତା' ପାଖରୁ ବିଜୁର ଚିଠି ଖୋଜି ଆଣି ଘର ପଛ ତୋଟା ଆଡ଼କୁ ଏକ ମୁହାଁ ହୋଇ ଚାଲିଗଲା ବିଜୁ ବୋଉ । ରାତି ଯାଏଁ ଲୁଚାଇ ରଖିବାର ଧର୍ଯ୍ୟ ଆଉ ତା' ପାଖରେ ନ ଥାଏ ।

ଆଖି ପୁରେଇପଢ଼ି ଚାଲିଲା ଚିଠି ଭିତରୁ ନିଜ ପୁଅର ମୁହଁକୁ...

"ବୋଉ !

ତୋ'ର ମନେ ଅଛି ନା ବାପାଙ୍କର ସେ ରେଡ଼ିଓ କଥା, ଯାହା ପାଇଁ ମୁଁ ଗାଁ ଛାଡ଼ି ଚାଲି ଆସିଥିଲି ! ମୁଁ କହିଥିଲି ନା ବୋଉ, ଯେତେ ପର୍ଯ୍ୟନ୍ତ ସେମିତିକା ଗୋଟେ ରେଡ଼ିଓ କିଣିବାକୁ ସକ୍ଷମ ନ ହୋଇଛି, ସେତେ ଦିନ ଯାଏଁ ଘରକୁ ଫେରିବିନି । ଦେଖ୍ ! ଆଜି ତୋ ପୁଅ ସକ୍ଷମ । ଆଜି ଖୁବ୍ ଭଲ ରୋଜଗାର ହୋଇଛି । ଆଉ ଜାଣିଛୁ ବୋଉ ! ଆଜିର ରୋଜଗାର ଟଙ୍କାରୁ ମୋ ଖର୍ଚ୍ଚ ଟଙ୍କା କାଢ଼ି ଦେଇ ବାକି ଟଙ୍କାକୁ ମୋ ସଞ୍ଚୟ ଟଙ୍କା ସହିତ ମିଶେଇ ଦେଖିଲି ତ, ରେଡ଼ିଓଟିଏ କିଣିବା ପାଇଁ ପୁରା ଟଙ୍କା ହୋଇଗଲା । ପଇସା ସବୁ ହାତରେ ଧରି, ଆମ ଗାଁ ପଦିଆକୁ ଫୋନ୍ କଲି ଆଉ ଏକଦମ୍ ସେମିତିକା ଗୋଟେ ଅବିକଳ ରେଡ଼ିଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ତା'କୁ ବରାଦ ଦେଇ ଦେଇଛି । ଆମ ସାହିର ଧୁରୁବ ! ତା'କୁ ଡକେଇ, ତା' ହାତରେ ରେଡ଼ିଓ ପାଇଁ ଟଙ୍କା ବି ପଠେଇ ସାରିଲିଣି । ରେଡ଼ିଓ ଆସିଗଲେ ସେ ମୋତେ ଖବର ଦେବ ବୋଲି କହିଛି ଆଉ ଦେଖିବୁ ବୋଉ ! ମୁଁ କଥା ଦଉଛି, ଖୁବ୍ କମ୍ ଦିନ ଭିତରେ ତୋ ପୁଅ ସେ ରେଡ଼ିଓ ସହିତ ତୋ ସାମ୍ନାରେ ଥିବ । ସେତେବେଳେ ସହର ରୁ ତୋ ପାଇଁ ଶେଷ ଚିଠି ଯିବ ତୋ ପାଖକୁ । ଡରିଗଲୁ କି ବୋଉ ! ଆଲୋ ! ତୋ ପୁଅ ପରା ତୋ ପାଖକୁ ଫେରିଯିବ, ତାହେଲେ ଆଉ ଚିଠି କାଇଁ ଲେଖିବ ଯେ ! ଆଉ ଜାଣିଛୁ ବୋଉ ! ତୋ ପାଇଁ ଗୋଟେ ଲାଲ୍ ଶାଢ଼ୀଟେ ବି କିଣିଛି । ସେଇଦିନ ତୋ'ତେ ଦେବି । ତୁ ତା'କୁ ହିଁ ପିନ୍ଧି ମୋ ସହିତ ସହରକୁ ପଳେଇ ଆସିବୁ । ତୋ ପୁଅ ଏବେ ନିଜେ ରୋଜଗାର କରୁଛି, ଆମର ଆଉ ବାପାଙ୍କର ସେ ଟଙ୍କା କି ଲୁଗା କି ଦି' ଓଳିର ଖାଇବା ଦରକାର ନାହିଁ । ଆମେ ମା ପୁଅ ଦିହେଁ ଏଇଠି ରହିବା ।"

// ଇତି//

ତୋ ସକ୍ଷମ ପୁଅ ବିଜୁ"

ଚିଠିରୁ ଆଉ ନଜର ଉଠୁ ନ ଥାଏ ବିଜୁ ବୋଉର । ସତେ ଯେମିତି ସେଇ ଚିଠିରୁ ଝରି ଆସୁଥିଲା ଅମୃତ । ଅକ୍ଷର ଗୁଡ଼ିକ ଉପରେ ଢେର୍ ସମୟ ହାତ ବୁଲେଇ ବୁଲେଇ କ'ଣ ସବୁ ଆଶିର୍ବାଦ ଢାଳି ପକାଇଲା ପୁଅ ଉପରେ । ଆଜି ପୁଣି ଚିଠି ପଢୁ ପଢୁ ଆଖି ଜକେଇ ଆସିଥାଏ ତା'ର । କେଇ ଟୋପା ଲୁହ ଆଖି ସନ୍ଧିରୁ ଗଡ଼ି ଆସି ଚିଠି ଉପରେ ପଡ଼ିଲା । ମା'ର ଲୁହ ଟୋପାକରେ ସ୍ପଷ୍ଟ ଦେଖା ଯାଉଥାଏ ବିଜୁର ମୁହଁ । ହେଲେ ଆଜି ଏ ଲୁହରେ କଷ୍ଟ ନଥିଲା, ଥିଲା ଗୌରବ ଓ ଆତ୍ମସନ୍ତୋଷ । ନିଜ ପୁଅର ସଫଳତାକୁ ଅନୁଭବ କରିବାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆତ୍ମତୃପ୍ତି । ଚଢ଼େଇଗୁଡ଼ାକକିଚିରିମିଚିରି ଶବ୍ଦ କରି ଗଛକୁ ଉଡ଼ି ଆସିବାର ଦେଖି, ସନ୍ଧ୍ୟା ହେବାର ଖବର ପାଇଲା ବିଜୁ ବୋଉ । ଆଖି ଲୁହକୁ ଲୁଗାରେ ପୋଛି, ବିଜୁର ଚିଠିକୁ କାନିରେ ଲୁଚାଇ ଘରକୁ ଫେରି ଆସିଲା । ତା ମନକୁ ଆଉ ଥୟ ନାହିଁ । ଗାଁର ସବୁ ପୁଅଙ୍କ କଣ୍ଠ ତା'କୁ ତା' ବିଜୁର କଣ୍ଠ ପରି ଶୁଭୁଥାଏ । ଶୁଭିବନି ବା କିପରି ! ପୁଅ ପରା ୧୩ ବର୍ଷ ପରେ ଗାଁକୁ ଫେରିବ ବୋଲି କଥା ଦେଇଛି ।

ଆଜି ଆସି ଶନିବାର ହେଲାଣି । ଆଉ ଦୁଇ ଦିନରେ ବିଜୁର ଚିଠି ପୁଣି ଆସି ପହଞ୍ଚିବ । ହେଲେ ତା' ବୋଉର ଆଉ ମନ ମାନୁନି । ତା' ଏକୋଇର ବଳା ବିସିକେଶନ ପରା କହିଛି ଘରକୁ ଫେରି ଆସିବ ବୋଲି । ପୁଅ ଆସିଲା ବାଟକୁ ଚାହିଁ ରହି ବିଜୁ ବୋଉ କେଉଁ କାଳରୁ ତା' ମନପସନ୍ଦିଆ ଜିନିଷ ସବୁ ସଜାଡିବାରେ ଲାଗିଲାଣି । ପୁଅ ବଡ଼ି ଖାଇବାକୁ ଭଲ ପାଏ ବୋଲି ଓଳିଏ ହେଲା ପିଣ୍ଡାରେ ବସି ବଡ଼ି ପାରୁଛି । ମନକୁ ମନ କ'ଣ ସବୁ ଗୁଣୁଗୁଣୁ ହୋଇ କହିଯାଉଛି । ତା' କଣ୍ଠରୁ ଭାସି ଆସୁଥିବା ସେଇ ଅସ୍ପଷ୍ଟ ଗୀତ ଯେ ତା' ପରମ ଖୁସିର ବାର୍ତ୍ତା ଦେଉଥାଏ, ସେଥିରେ ଦ୍ୱିମତ ହେବାର ନାହିଁ ।

ହଠାତ୍ ଡାକ ବାଲାଟା ଡ଼ାକି ଉଠିଲା,

- ଆଲୋ ଏ ବିଜୁ ବୋଉ ! ଆଜି କଣ ଧାଇଁ ଆସିବୁନି କି ! ତୋ ଚିଠି ନେବା ପାଇଁ ?

- ନାଇଁ ରେ ପୁଅ ! ଆଜି ପରା ଶନିବାର । ମୋ ବିଜୁର ଚିଠି ମଙ୍ଗଳବାରକୁ ଆସେ ।

- ନା ଲୋ ବିଜୁ ବୋଉ ! ନିଜେ ଆସି ଦେଖୁନୁ । ତୋରି ପାଇଁ ବା ଆଜି ଚିଠି ଆସିଛି । ତୋ ଗେହ୍ଲା ପୁଅ ବିଜୁର ପରା ଆଜି ଚିଠି ଆସିଛି ।

- ବିଜୁର ଚିଠି ! ! ମୋ ବିଜୁର ଚିଠି ! ! !

ସେମିତି ସୋଦୁଅ ହାତ ହୋଇ ପାଗଳ ଭଳି ଧାଇଁ ଗଲା ବିଜୁ ବୋଉ ଡାକବାଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଖକୁ । ବାଁ ହାତରେ ଆଣିଲେ କାଳେ ସେ ଲୋକଟା ପ୍ରତି ଅପମାନ ହେବ ବୋଲି ଭାବି କାନିଟାକୁ ବିଛେଇ ଦେଲା ଚିଠି ପାଇଁ ଆଉ ଚିଠି ଧରି ଏକ ମୁହାଁ ହୋଇ ଦୌଡ଼ିଗଲା ଅଗଣା ଆଡ଼େ । ମନରେ ଗୋଟିଏ କଥା, ଅଦିନିଆ ଚିଠି ଆସିଛି ମାନେ ବିଜୁ ନିଶ୍ଚୟ ଏବେ କେବେ ଆସି ଘରେ ପହଞ୍ଚିବ । ହାତ ଧୋଇ କାନିରେ ଚିଠିଟାକୁ ପୋଛି ଦେଇ ପଢ଼ିବାକୁ ଲାଗିଲା ବିଜୁ ବୋଉ, ଅପଲକ ନୟନରେ...

"ବୋଉ !

ଆଜି କାଇଁ ତୋ କଥା ଭାରି ମନେ ପଡୁଚି ଲୋ ! ୧୩ ବର୍ଷ ହେଲା ତୋ' ମୁହଁ ଦେଖିନି, ତୋ' ସ୍ୱର କି ତୋ' ହସ ମୋ କାନରେ ପଡ଼ିନି,ତୋ' ହାତରୁ ଗଣ୍ଡେ ଭାତ ଖାଇନି, ତୋ' କୋଳରେ ମୁଣ୍ଡ ଗୁଂଜୀ ଟିକିଏ ଶାନ୍ତିରେ ଶୋଇନି । ବୋଉ ଲୋ ! ଜାଣେନି ଆଜି କାହିଁ ତୋ' କଥା ଭାରି ମନେ ପଡୁଚି । ତୁ ସବୁ ବେଳେ ଗାଁରେ କହି ବୁଲୁ ନା ! ତୋ ପୁଅ ତୋତେ କେବେ କିଛି ଲୁଚାଏ ନାହିଁ ବୋଲି, ହେଲେ ବୋଉ ! ମୋତେ ଆଜି କ୍ଷମା କରିଦେବୁ । ଅନେକ ଦିନ ହେବ ମୁଁ ତୋ'ତେ ଦି'ଟା ସତ ଲୁଚେଇଛି । ଏଇ କିଛି ମାସ ତଳେ, କାରଖାନାରେ କାମ କଲା ବେଳେ ଅନ୍ୟ ମନସ୍କରେ ମୋ ଗୋଡ଼ ଦୁଇଟା କଳରେ ଚାପି ହୋଇଗଲା । ଡାକ୍ତର କହିଲେ ଗୋଡ଼ ଦୁଇଟାକୁ ନ କାଟିଲେ, ସେ ପଚିପଚି ବେଶୀ ପୁଜ ହୋଇଯିବ ଆଉ ହୁଏତ ପୁରା ଶରୀରଟାକୁ ନଷ୍ଟ କରିଦେବ । ବଡ଼ ବାବୁ ବହୁତ୍ ଚେଷ୍ଟା କଲେ, ଗୋଡ଼ ନ କାଟି ଠିକ୍ କରେଇଦେବା ପାଇଁ, ହେଲେ ସେଟା ସମ୍ଭବ ହେଲାନି । ଶେଷରେ ଡାକ୍ତର ମୋ ଗୋଡ଼ ଦୁଇଟା କାଟିଦେଲେ । ମୁଁ ଜାଣିଥିଲି, ତୁ ଏ ସବୁ ଜାଣିଲେ ଭାଙ୍ଗି ପଡିବୁ ବୋଲି, ତେଣୁ ଏ କଥା ତୋ' ଠାରୁ ଲୁଚେଇଥିଲି । ଛୋଟା ହୋଇ ଗଲା ପରେ, ଆଉ କଳ କାମ ମୋ ଦ୍ୱାରା ହେଲାନି । ବଡ଼ ବାବୁ ଅନେକ ଥର କହିଲେ, ବିଜୁରେ ! ତୁ

Magazine Downloaded from www.aahwaan.com

ଆମ ପାଇଁ ବହୁତ କରିଛୁ, ତୋ'ର ଆଉ କାମ କରିବା ଦରକାର ନାହିଁ । ଚାଲ୍ ମୋ ସହିତ ମୋ ଘରେ ରହିବୁ । ହେଲେ ବୋଉ ! ତୁ ତ ଜାଣିଛୁ ତୋ ପୁଅ କେଡ଼େସ୍ୱାଭିମାନୀ । ନ ଖଟି ଖାଇବା ମୋ ଦ୍ୱାରା ହୁଏନି, ତେଣୁ ବାବୁଙ୍କ କଳ ମୁଁ ଛାଡ଼ି ଦେଲି । ସେପଟେ ରେଡ଼ିଓ ପାଇଁ ସଞ୍ଚି ସଞ୍ଚି ବେଶ୍ ଭଲ ଆକାର ଟଙ୍କା ଜମା ହୋଇଯାଇଥିଲା ମୋ ପାଖରେ । ଆଉ ମାତ୍ର କେଇ ଟଙ୍କା ଯୋଡ଼ି ଦେଇଥିଲେ ରେଡ଼ିଓ ପାଇଁ ବରାଦ ଦେଇ ଦେଇଥାଆନ୍ତି, ହେଲେ ପେଟ ପୋଷିବାର ଅନ୍ୟ କିଛି ଉପାୟ ନପାଇ ବାଧ୍ୟ ହୋଇ ସେ ସାଇତା ଟଙ୍କା ଦେଇ ଗୋଟେ ଅଟୋ ଭଡ଼ାରେ ଆଣି ସେବେଠୁଁ ଚଳାଉଥିଲି । ଭଲ ଦୁଇ ପଇସା ରୋଜଗାର ହେଉଥିଲା ସେଥିରୁ । ପୁଣି ସେଥିରୁ କିଛି କିଛି ଟଙ୍କା ସଞ୍ଚୟ କରି ଶେଷରେ ପଦିଆକୁ ରେଡ଼ିଓ ବରାଦ ଦେଇଥିଲି । ଗୋଡ଼ ନ ଥାଇ ବି କାହାରି ଉପରେ ନିର୍ଭର କରୁନଥିଲି ଲୋ ବୋଉ ! ଆଉ ସେଇଟା ମୋତେ ଢେର୍ ଶାନ୍ତି ଦଉଥିଲା । ହେଲେ ଏ ସ୍ୱାବଲମ୍ବୀ ସ୍ୱାଧୀନତା ବି ମାତ୍ର କେଇ ଦିନର ସାଥୀ ଥିଲା ମୋ ପାଇଁ । ଆଜି ଡାକ୍ତର ପାଖକୁ ଯାଇଥିଲି, କାନ୍ଧରେ ଗୋଟେ ଗୁଲିଟେ କେତେ ଦିନଠୁଁ ବଢୁଥିଲା ବୋଲି ଦେଖେଇବାକୁ । କାଲି ଗୁଡାଏ ପରୀକ୍ଷା କରିଥିଲେ ସେ ମୋର ଆଉ ଆଜି ମୁଁ ମେଡିକାଲ୍ ଯାଇ ଜାଣିଲି ସେଇଟା କୁଆଡେ କ୍ୟାନସର, ସେ ବି ଶେଷ ଷ୍ଟେଜ । ବେଶୀ କିଛି ଜଣା ନାହିଁ ମୋତେ ତା' ବିଷୟରେ, ହେଲେ ଖାଲି ଏତିକି ଜାଣିଛି ଯେ ବଡ଼ ମାରାତ୍ମକ ରୋଗ ଇଏ । ରୋଗୀକୁ ନ ଖାଇଲା ଯାଏଁ, ପାଖ ଛାଡେନି । ଔଷଧ ଅଛି ତା'ର କିନ୍ତୁ ଭାରି ଦାମୀ ଆଉ ସେଥିରେ ବି ପୁଣି ସମ୍ପୂର୍ଣ୍ଣ ଠିକ୍ ହେବ କି ନାହିଁ, ତା'ର କିଛି ଠିକଣା ନାହିଁ । ହେଲେ ବୋଉ ! ନା ତୋ' ପୁଅ ପାଖରେ ଔଷଧ କିଣିବାକୁ ଏତେ ଟଙ୍କା ଅଛି ଆଉ ନା ଅଛି ଅନ୍ୟକୁ ପଇସା ମାଗିବାର ବିବେକ । ଡ଼ାକ୍ତର କହୁଥିଲେ ଯଦି କେମୋ ନ ନିଏ, ତା ହେଲେ ମୋ ବଂଚିବାର ଆଶା କ୍ଷୀଣ । ହେଲେ ତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜମାରୁ ମନ ଦୁଃଖ କରିବୁନି । ତୋ ପୁଅ ହାରିଗଲା ସିନା, କିନ୍ତୁ ଭାଙ୍ଗି ପଡିନି କି ନିଜ ଇମାନଦାରିକୁ ଭୁଲିନି । ସେ ଅଟୋଟାକୁ ତା' ଅସଲ ମାଲିକ ପାଖରେ ଛାଡି ଆସିଛି । ଆଉ ଦେଖ୍ ! ଏତେ ପରେ ବି ତୋ ପୁଅ କାହାରି ଆଗରେ ହାତ ପତେଇ ନାହିଁ । ଦୁଃଖ ଏଇଟା ପାଇଁ ଲାଗୁନି ଯେ ମୁଁ ଆଉ ବଞ୍ଚିବିନି, ଦୁଃଖ ତ' ଏଥି ପାଇଁ ଲାଗୁଛି ଯେ ମୁଁ ବୋଧେ ମରିବା ଆଗରୁ ଆଉ ତୋ କୋଳରେ ଶୋଇ ପାରିବିନି ଲୋ ବୋଉ ! । ନିଜ ଶପଥ ଆଉ ମୁଁ ବୋଧେ ରଖି ପାରିବିନି । ତୋ'ର ଲାଲ୍ ଶାଢ଼ୀ ସହିତ ପଦିଆକୁବାରଦ୍ ଦେଇଥିବା ସେଇ ରେଡ଼ିଓକୁ ହାତରେ ଧରି ଆଉ ଘରକୁ ବୋଧେ ମୁଁ ଫେରି ପାରିବିନି । ତୋ'ତେ ବାପାଙ୍କ ପାଖରୁ ମୁକୁଳେଇ ଆଉ ସହରକୁ ବୋଧେ ଆଣି ପାରିବିନି । ମୁଁ ଆଉ ମୋ କଥା ବୋଧେ ରଖି ପାରିବିନି, ଲୋ ବୋଉ ! ମୁଁ ଆଉ ମୋ କଥା ବୋଧେ ରଖି ପାରିବିନି । ଏବେ ଠୁଁ, କେଉଁ ଚିଠି ଯେ ତୋ' ପୁଅ ଜୀବନର ଶେଷ ଚିଠି ହୋଇଯିବ ତାହା ବି ମୋତେ ଜଣା ନାହିଁ । ହେଲେ କଥା ଦେ, ତୁ ତୋ' ପୁଅକୁ ଭୁଲ୍ ବୁଝିବୁ ନାହିଁ । ତୁ ଭାଙ୍ଗି ପଡିବୁ ନାହିଁ । ଯେମିତି ତୁ ତୋ ପୁଅକୁ ଛିଡ଼ା ହେବା ଶିଖେଇଛୁ, ସେମିତି ତୁ ବି ଧର୍ଯ୍ୟ ଧରି ଛିଡ଼ା ହେବୁ । ତୁ ମୋ ବୋଉ, ବିଜୁ ବୋଉ ହୋଇ ଠିଆ ହେବୁ ।

//ଇତି//

ଜୀବନ ଯୁଦ୍ଧରେ ହାରି, ମରଣ ମୁହଁରେ ସ୍ୱାଭିମାନର ସହ ଠିଆ ହୋଇଥିବା,

ତୋ ବିକଳାଙ୍ଗ ପୁଅ ବିଜୁ"

ବିଜୁ ବୋଉର ପାଦ ତଳୁ ମାଟି ଖସିଗଲା । ଖମ୍ବରେ ମୁଣ୍ଡ ଡେରି ଦୁମ୍ କରି ବସି ପଡ଼ିଲା ଅଗଣା ପିଣ୍ଡିରେ । କେଜାଣି କେଉଁଠୁ ଯେମିତି ଏକ ବିରାଟ ଚଡ଼କ ଆସି ତା' ମୁଣ୍ଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପରେ ପଡ଼ିଗଲା । ଛାତିର କୋହ ଏପରି ସ୍ତବ୍ଧ ହେଇଗଲା ଯେ ତଣ୍ଟିରୁ ବାହାରି ଆସୁଥିବା ଚିତ୍କାର ବି ବାଟ ଭାଙ୍ଗି ଚାଲିଗଲା । ଆଖିରେ ଭରି ଆସୁଥିବା ଲୁହ ଘରର ପ୍ରତିଟି କୋଣରେ ବିଜୁର ମୁହଁ ଆଙ୍କି ଦେଉଥାଏ । ହେଲେ ନିର୍ମମ ଆତ୍ମାଟା, ପ୍ରାଣକୁ ଜଳାଇ ଜଳାଇ ମାରୁଥାଏ ସିନା କିନ୍ତୁ ଛାଡ଼ି ଯାଉ ନଥାଏ ।

- ଏ ବିଜୁ ବୋଉ ! ଧାଇଁ ଆ' ଲୋ ଜଲଦି !

ଆଲୋ ଏ ବିଜୁ ବୋଉ ! ! ଧାଇଁ ଆ' ଲୋ ! ! ଧାଇଁ ଆ' ! ! !

ବିକଳ ହୋଇ ଡାକ ଛାଡ଼ିଲା ରମା ଜେଜେମା'□ ବିଛାଡ଼ି ହୋଇ ପଡ଼ିଥିବା କୋହ ଗଡ଼ାକୁ ଛାତିକୁ ତୋଳି ନେଇ ପଡ଼ି ଉଠି ଦୁଆର ଆଡ଼କୁ ଧାଇଁଲା ବିଜୁ ବୋଉ । ଘର ଆଗରେ ସେତେବେଳକୁ ଅନେକ ଲୋକ ରୁଣ୍ଡ ହୋଇ ସାରିଥାଆନ୍ତି । ବିଜୁ ବୋଉର ଆଖିରେ ପଡ଼ିଲାପାଦିଆ, ହାତରେ ତା'ର ବିଜୁ ବରାଦ ଦେଇଥିବା ରେଡ଼ିଓ । ଭିଡ଼ ଭାଙ୍ଗି ବିଜୁ ବୋଉ ଅନେଇଲା ଦୁଆର ଉପରକୁ । ଛାତିରୁ ଅତଡ଼ା ଖସିଗଲା ତା'ର । ଆଣ୍ଠୁ ମାଡ଼ିହାମୁଡ଼ିପଡ଼ିଲା ଦୁଆର ବନ୍ଧ ପାଖରେ । ସାମ୍ନା ପିଣ୍ଡାରେ ଚିର ନିଦ୍ରାରେ ଶୋଇଯାଇଥିଲା ତା' ପୁଅ ବିଜୁ । ଛାତିରେ ଜାକି ଧରିଥିଲା ମା ପାଇଁ ଆଣିଥିବା ଲାଲ୍ ଶାଢ଼ୀ ଆଉ ବୋଉ ହାତରେ ରହିଯାଇଥିଲା ବିଜୁର ଶେଷ ଚିଠି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ଅଙ୍କ ଭୁଲ ହୋଇଗଲା

ବିଦ୍ୟାଧର ପଣ୍ଡା

ଅଳକା ସେଦିନ କେମିତି ଟିକେ ଅଳଗା ଲାଗୁଥିଲା । ସବୁଦିନ ଭଳି ସକାଳଟା ତା' ପାଇଁ କିନ୍ତୁ ସମାନ ଲାଗୁଥିଲା । କୌଣସି ଚାକିରିଜୀବୀ ମହିଳା ପରି ପୁରା ରୁଟିନବନ୍ଧା ତା'ର ଜୀବନ । ଅଳକା ଏମିତି ଜଣେ ପ୍ରସିଦ୍ଧ ଝିଅ ନଥିଲା । ହଁ, ଅବଶ୍ୟ ଅଳକା ଉଚ୍ଚଶିକ୍ଷିତା । ହେଲେ କେବଳ ଉଚ୍ଚଶିକ୍ଷିତା କହିଲେ ଭୁଲ୍ ହେବ । ସୁଶିକ୍ଷିତା ବି । ଏକଥା ତା' ସାଥିରେ କଥା ହେବା ପରେ ଯେ'କେହି ସହଜରେ ଜାଣି ନେଇପାରିବ । ଅବଶ୍ୟ ପାଖରେ ରହି ବି ବେଳେବେଳେ ଜଣଜଣଙ୍କୁ ଜାଣିବା ପାଇଁ ବର୍ଷ ବର୍ଷ ଲାଗିଯାଏ । ହେଲେ ଅଳକା ଏମିତିକା ଝିଅଟେ ବୋଲି ତା' ଢଙ୍ଗ କି ବେଶଭୂଷା ନୁହେଁ ଆଚରଣରୁ ଜଣା ପଡିଯାଉଥିଲା । ମଝିମଝିଆ ଶରତର ଶୁଭ୍ର ଆକାଶ ପରି ନିର୍ମଳ ହୃଦୟ । ଶୀତଋତୁର ସ୍ୱଚ୍ଛପ୍ରବାହରେ ସମୃଦ୍ଧ କୁଳୁକୁଳୁନାଦିନୀ ଝରଣା ପରି ଜୀବନଧାରା । ମନ ଖୋଲାମେଲା । ବୟସ୍କ ମଣିଷର ନିଷ୍କାମ ବିଭୂପ୍ରେମ ପରି ନିର୍ମାୟା ଝିଅଟିଏ ।

ଶୁଭ୍ରବର୍ଣ୍ଣା ଅଳକାକୁ ପାରମ୍ପରିକ ଶଙ୍ଖାସିନ୍ଦୁର ବେଶ ମାନେ । ଦେଖିଲେ ଲାଗେ ଯେମିତି ବାହା ହୋଇନାହିଁ ବାହା ହେବାର ଅଭିନୟ ଆରମ୍ଭ କରିଛି । କଅଁଳ ବୟସ । ସୁନ୍ଦର ଚେହେରା । କଥାବାର୍ତ୍ତାରେ ଅନ୍ୟଙ୍କୁ ପ୍ରଚୁର ମାନ୍ୟ । ପାଖପେଡ଼ୋଶୀ ହେଲେ ବି ସେ ସୁଲଗ୍ନାଙ୍କୁ ଖୁବ୍ ମାନେ । ବୟସର ହିସାବ ଖାତାରେ ସୁଲଗ୍ନାଙ୍କୁ ଏଇମାତ୍ର ଚାଳିଶି ଛୁଇଁଛି । ବଡ଼ ଭଉଣୀର ଆସନଟିଏ ଦେଇଥିଲେ ଭଲ ହୋଇଥାନ୍ତା । ହେଲେ ଅଳକା ତାଙ୍କୁ ଆସୁଆସୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଉସୀ ଭଳି ତାଙ୍କୁ ଏକ ଅତି ଆପଣାର ଡାକରେ କିଣିନେଲେ ।

ଯୌବନର ପରିଧି କଡ଼ରେ ଥାଇ ତାରୁଣ୍ୟକୁ ଉପଭୋଗ କରିବାର ବୟସକୁ ତଥାପି ହରାଇ ନଥିବା କୌଣସି ପୁରୁଷଙ୍କୁ 'ମଉସା' ଡ଼ାକିଦେଲେ କେମିତି ଏକ କାନ୍ଦକାନ୍ଦ ଲାଗେ ନା ! ସେମିତି ଅଳକା ଯେଉଁଦିନ ସୁଲଗ୍ନାଙ୍କୁ ପ୍ରଥମ ଥର ମାଉସୀ ବୋଲି ସମ୍ବୋଧନ କରିଥିଲେ ସେଇ କ୍ଷଣକ ସମୟ ହୁଏତ ସୁଲଗ୍ନାଙ୍କୁ ଟିକିଏ ଅସହଜ ଲାଗିଥିବ । ହୁଏତ ସେ ମୃଦୁ ପ୍ରତିବାଦ ବି କରିଥିବେ । ଆଉ କହିଥିବେ, ଆରେ ତୁ ତ ମୋର ସାନ ଭଉଣୀ ଭଳି । ଏତେ ଦୂରକୁ କାହିଁକି ଚାଲି ଯାଉଛୁ ।

ସୁଲଗ୍ନା ବି ହୁଏତ କହିଥିବେ- ମାଉସୀ, ଆପଣ ଠିକ୍ ମୋ' ନିଜ ମାଉସୀ ପରି ଦେଖା ଯାଉଛନ୍ତି । ଯେଉଁଦିନ ଆପଣଙ୍କୁ ପ୍ରଥମ ଥର ଭେଟିଲି ମତେ ଲାଗିଲା ମୁଁ ଯେମିତି ମୋ' ମାଉସୀଙ୍କ ସହ ଅନେକ ଦିନ ପରେ କଥା ହେଉଛି । ଅବିକଳ ସେଇ ନାକ, ପାଟି ଆଉ ସେମିତି ପବନରେ ଉଡ଼ି ଉଡ଼ି ଚାଲିଥିବା ଭସାବାଦଲ ଭଳି ଲୋଭନୀୟ ଦୁଇଟି ଟଣାଟଣା ଆଖି । ପୁଣି ଆପଣଙ୍କ ଓଠରୁ ଅମୃତ ଭଳି ଝରୁଥିବା ବଚନରେ କି ଅପୂର୍ବ ଆକର୍ଷଣ ।

ମଧୁରତାର ଛନ୍ଦମୟ ଗତିରେ ମନ୍ଦମନ୍ଦ ନମ୍ର ନରମ ବାଣୀ । ନିର୍ଜ୍ଜନତାର ଅନ୍ଧକୂପରେ ଅଣନିଶ୍ୱାସୀ ହୋଇ ଯିବାର ଆଶଂକାରେ ଆଉଟୁପାଉଟୁ ହୋଇ ରୀତିମତ ଏକ ଆଶଙ୍କିତ ପରିବେଶରେ ବାସ କରୁଥିବାବେଳେ ମୋ' ପାଇଁ ଆପଣ ଯେମିତି କେଉଁ ସରଗରୁ ପରୀଟିଏ ସାଜି ଚାଲି ଆସିଛନ୍ତି । ଏଥିପାଇଁ ଆପଣଙ୍କୁ ଓ ଭଗବାନଙ୍କୁ ମୋ ତରଫରୁ ଅନେକ ଅନେକ ଧନ୍ୟବାଦ ମାଉସୀ ।

ମଧ୍ୟବୟସ୍କା ହୋଇ ବି ସେପରି ଏବେ ବି ଦିଶୁନଥିବା ସୁଲଗ୍ନା ହୁଏତ ଏଇ ଅପ୍ରତ୍ୟାଶିତ ମାଉସୀ ଡାକକୁ ନେଇ ଟିକିଏ ଅପ୍ରତିଭ ଓ ମନେ ମନେ ଅସନ୍ତୁଷ୍ଟ ହୋଇଥିବେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ହୁଏତ ସେଇ ପ୍ରଥମ ସାକ୍ଷାତରେ ତାଙ୍କ ତୁଣ୍ଡରୁ ବାହାରି ପଡ଼ିଥିବ – ମାଉସୀ !.. ହେଲେ ଆନନ୍ଦର ଆତିଶଯ୍ୟ ଭିତରେ ନିଜେ ନିଜେ ପ୍ରସାରିତ ହୋଇ ଯାଉଥିବାର ଏକ ଅପୂର୍ବ ଅନୁଭବ ଭିତରେ ଭାସୁଥିବା ଅଳକା ହୁଏତ ସେଇ କଥାଟିକୁ ସେତେବେଳେ ସେମିତି ଭାବରେ ବୁଝି ପାରି ନଥିବେ ।

ବାପମାଙ୍କଠାରୁ ଦୂରେଇ ଗାଁ ମାଟିର ଘରକୁ ପର କରି ସ୍ୱାମୀଙ୍କ ସହ ସଂସାର ଗଢିବା ପାଇଁ ସହରକୁ ଆସିବାର କଂଚା ବୟସ । ଆସୁଆସୁ ଏମିତି ଅଚାନକ ପ୍ରଥମ ଦେଖାରେ ନିହାତି ନିଜର ଲାଗିଥିବା ଜଣେ ମାଉସୀଙ୍କୁ ଭେଟିବା, ପୁଣି ସେ ନିଜର ଏକମାତ୍ର ଅତି ଆପଣାର ମାଉସୀ ଭଳି ଲାଗିବା ଏବଂ ଦୁଇଜଣଙ୍କ ରୂପରଙ୍ଗ ବି ମିଶିଯିବା-ଏମିତି ଏକ ଅତୁଳନୀୟ ସଂଯୋଗର ମାହେନ୍ଦ୍ରବେଳାରେ ଅଳକା ଆନମନା ହୋଇ ଯାଇଥିବେ । ସୁଲଗ୍ନାଙ୍କର କୋମର ପ୍ରତିବାଦର ଭିନ୍ନ ଅର୍ଥଟିଏ ଆପେ ଆପେ ତାଙ୍କ ମସ୍ତିଷ୍କରେ ପ୍ରବେଶ କରି ଯାଇଥିବ । କାରଣ ମଣିଷ ଯେତେ ବିଜ୍ଞ ଆଉ ବିଶାରଦ ହେଲେ ବି କୌଣସି ଏକ ବିମୁଗ୍ଧ ବେଳାରେ ମନ ଓ ହୃଦୟ କ'ଣ ଭାବନ୍ତି ଆଉ କ'ଣ କରନ୍ତି ତାହା ଜାଣିବା ସମ୍ଭବ ହୋଇ ନଥାଏ । ଗଭୀର ଅନ୍ତର୍ଭେଦୀ ଚିନ୍ତନର ଏମିତି ଏକ ସନ୍ଧିକ୍ଷଣରେ ଅଳକା ହୁଏତ କଳ୍ପନାର ଇନ୍ଦ୍ରଜାଲ ଭିତରୁ ବାହାରି ପାରିନଥିବେ । ଆଉ ତାଙ୍କ ଓଠରୁ ପରମ ସଂଭ୍ରମତାର ସହ ଝରି ଆସିଥିବ ଏମତି କେଇପଦ କଥା ।

ଅଳକା ହୁଏତ କହିଥିବେ - ନା, ନା ମାଉସୀ । ମୁଁ ଆପଣଙ୍କୁ ଆଜିକାଲିର ଝିଅବୋହୂମାନଙ୍କ ପରି ଆଂଟି ଡାକି ପାରିବି ନାହିଁ । ମୁଁ ଆପଣଙ୍କୁ ମାଉସୀ ହିଁ ଡାକିବି । ଆପଣ ମନା କଲେ ମୋର ମନ କଷ୍ଟ ହେବ । ଆପଣ ଦୟାକରି ସେମିତି କୁହନ୍ତୁ ନାହିଁ । ଆପଣ ମୋ'ର ମାଉସୀ । ଆପଣ ନିଜ ଝିଅ ପରି ମ୍ଭେତ ଯାହା ବି ଆକଟ କରି ପାରିବେ

Magazine Downloaded from www.aahwaan.com

। ହେଲେ ଦୟାକରି ମତେ ମନା କରନ୍ତୁ ନାହିଁ କି ଏଇ ଅଜଣା ସହରରେ ମାଉସୀର ବାତ୍ସଲ୍ୟ ଟିକିଏ ପାଇବାରୁ ମତେ ବଂଚିତ କରନ୍ତୁ ନାହିଁ । ମୋର ମାଟ୍ରିକ୍ ଯାଏଁ ପାଠପଢା ଗାଁରେ, ଆଉ କଲେଜ୍ର ସବୁତକ ପଢାପଢି ତ ଢେଙ୍କାନାଳ ସହରରେ କଟିଲା । ଏଇ ଚାକିରିଆଙ୍କ ଭିଡ଼ର ସହର ଭୁବନେଶ୍ୱରକୁ ମୁଁ ଅବା ଆଗରୁ ଆସିଥାନ୍ତି କାହିଁକି ?

ସୁଲଗ୍ନାଙ୍କ ପାଇଁ ମାଉସୀ ଡାକଟା ଏମିତି ଖାସ୍ ଲୋଭନୀୟ ନଥିଲା । କାରଣ ବାହା ହେବା ପୂର୍ବରୁ ବି ସେ ମାଉସୀ ହୋଇ ସାରିଥିଲେ ତାଙ୍କ ବଡ଼ଭଉଣୀ ସୌଜନ୍ୟରୁ । ବଡ଼ଭଉଣୀର ଦିଟା ଯାକ କୁନିଛୁଆ ତାଙ୍କୁ ମିଠାମିଠା ମାଉସୀ ଡ଼ାକରେ ଭିଜାଇ ସାରିବା ପରେ ତାଙ୍କର ସାଂସାରିକ ଯାତ୍ରା ଆରମ୍ଭ ହୋଇଥିଲା ।

ସୁଲଗ୍ନା ଆଉ ଥରେ ତାଙ୍କୁ କହିଥିଲା- ମାଉସୀ, ଆପଣ ଅଛନ୍ତି ନା ! ମୋର ଆଉ କିଛି ଚିନ୍ତା ନାହିଁ । ସେ ଅଫିସ୍ ଚାଲିଗଲେ ଆମ କୁନାକୁନି ସଂସାରରେ ମୁଁ ପୂରା କୁନୁମୁନିଆ ମାନେ ଏକ୍ଲା ହୋଇ ଯାଉଥାନ୍ତି । ବାପମାଙ୍କୁ, ଗାଁ ଘରକୁ, ସାଙ୍ଗସାଥୀଙ୍କୁ ଛାଡ଼ି ଆସିଥିବାରୁ ମନ ଛଟପଟ ହୋଇ ଯାଉ ଥାଆନ୍ତା । ହେଲେ ମତେ ଆଉ ଏ ଛୋଟ କଲୋନିରେ ଏକ୍ଲା ଲାଗିବନି । କାରଣ ଆପଣ ମୋ ମାଉସୀଙ୍କ ଭଳି ନୁହେଁ, ବରଂ ମୋ ମାଉସୀ ! ଅବିକଳ ସେମିତି । ହଁ ନାଁଟା ଯାହା ଟିକେ ଫରକ !

ଝିଅଟିର ନିର୍ଭେଜାଲ ଆଗ୍ରହ ଓ ରୁଚିପୂର୍ଣ୍ଣ କଥାରେ ପ୍ରଭାବିତ ହୋଇ ସାରିଥିଲେ ସୁଲଗ୍ନା । ସ୍ୱାମୀଙ୍କ ଚାକିରୀ ଜୀବନ ମାଂଜା ସୂତାରେ ନିଜକୁ ଗୁଡ଼ି ପରି ଉଡ଼ାଇ ଉଡ଼ାଇ ଗତ ଅଠର ବର୍ଷ ଭିତରେ ସେ ଓଡ଼ିଶାର ଛୋଡ଼ବଡ଼ ୪ଟି ସହର ବୁଲିଛନ୍ତି । ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ର ଓଡ଼ିଶା ପରିକ୍ରମା ଭିତରେ ସବୁଠି ସରକାରୀ କ୍ୱାର୍ଟର୍ସରେ ରହଣୀ । କଲୋନିବାସ ଭିତରେ ଭିନ୍ନ ଭିନ୍ନ ବୟସର ଅନେକ କିଶୋରୀ, ଯୁବତୀ ଓ ପ୍ରୌଢା ତାଙ୍କ ସଂସ୍ପର୍ଶରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଛନ୍ତି । ହେଲେ ଏଇ ନବାଗତା ଚୁଲବୁଲୀ ଝିଅଟିର କଥାର ଧାରା ତାଙ୍କୁ କେମିତି ନିଆରା ନିଆରା ଲାଗିଲା । ଏଇ କେଇ ପଦ କଥାରେ ତାଙ୍କୁ ବି ଲାଗିଲା ହାଲ୍କାହାଲ୍କା । ଲାଗିଲା ସତେ କି ଛାତିତଳେ କେବେଠାରୁ ଚାପି ହୋଇ ରହିଥିବା କିଛି ଅକୁହା ବେଦନାରୁ ଏଇମାତ୍ର ମିଳିଲା ଆଶ୍ୱସ୍ତି ! ଯେମିତିକି ଅୟୂତ ଯୁଗରୁ ଅବ୍ୟବହୃତ ହୋଇ ରହିଥିବା ଏକ ଆବଦ୍ଧ କୋଠରୀର ସବୁତକ ଅଳନ୍ଧୁ ଝଡ଼ିଗଲା । ଏମିତି ଖୋଲା ଆଳାପ ବୋଧହୁଏ ସେ କାହା ସହ ଗତ ଅଠର ବର୍ଷ ମଧ୍ୟରେ ହୋଇ ପାରିନଥିଲେ । ସେଇ ପୁଲକଭରା ସମୟର ସନ୍ଧିକ୍ଷଣରେ ସୁଲଗ୍ନା ପଡ଼ିଗଲେ ଅଳକାର ମାୟାରେ । ବାସ୍, ସେଇ କେଇ ସେକେଣ୍ଡ ପରଠାରୁ ସେ ପାଲଟିଗଲେ ଅଳକାଙ୍କର ସତସତିକା ମାଉସୀ ।

ଅଳକା । ଅସମ୍ଭବ ଭାବେ ନ ହେଲେ ବି ନିଶ୍ଚିତ ଭାବେ ସୁନ୍ଦରୀ । ପ୍ରଜାପତି ବନ୍ଧନର ଅଳତାଧାରା ପାଦରୁ ଲିଭି ନଥିବାର ସମୟ ବୋଲି କହିହେବ । ଏଇ ତ ବାହାଘର ମାସ କେତେଟା ହେବ ! ଅଳକାର ସ୍ୱାମୀ ଅଶୋକ, ବାହା ହେବାର ଅଳ୍ପଦିନ ଆଗରୁ ଚାକିରି ପାଇଥିଲେ । ଆଉ ଏବେ ଝିଅ ମିଳିବାରେ ଯେମିତି ସମସ୍ୟା କେଉଁ ଚାକିରିଆ ପୁଅର ବାପମା' ବି ଥୟ ଧରି ବସି ରୁହନ୍ତେ । ଏବେ ତ ପୁଅର ଚାକିରି ସୁନିଶ୍ଚିତ ହେବା ଦିନଠାରୁ ଝିଅପକ୍ଷର ଲୋକେ ଡେରା ପକାଉଛନ୍ତି ବରପକ୍ଷର ଘରେ । ସତରେ ଏଇ ବୟସରେ ସବୁ ବାପମା'ଏମିତି ଅନ୍ଧ ହୋଇ ଯାଆନ୍ତି କଳ୍ପନାର ମୀନାର ସବୁ ଗଢିବାରେ । ମସଗୁଲ ହୋଇ ଯାଆନ୍ତି ନିଜର ଜୀବନଧାରାକୁ ପ୍ରଲମ୍ବିତ କରିବାର ଯୋଜନାକୁ ସଫଳ କରିବା ନିଶ । ।ରେ !

ଅଳକା ! ଏଇ ବୟସରେ ତ ଡେଣାରେ ରଙ୍ଗ ଲାଗିବାଟା ନିହାତି ସ୍ୱାଭାବିକ । ଅଳକା ବିବାହ ପରେ ମାତ୍ର ଦୁଇ ସପ୍ତାହ ରହିଲା ଅଶୋକଙ୍କ ପୈତୃକ ଗାଁରେ ଥିବା ଶ୍ୱଶୁରାଳୟରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ସେଇଠି ଜାଣ ସରିଲା ତା'ର ଗ୍ରାମ୍ୟ ଜୀବନ । ବିବାହ ପରେ ଅଶୋକ ଆଉ ଥରଟିଏ ଯାଇ ଫେରିବା ପରେ ପରେ ତ ସିଧା ସହରକୁ ସ୍ଥାନାନ୍ତର ।

କେତେ ଅନିଶ୍ଚିତତାକୁ କାନ୍ଧରେ ବୋହି, କେତେ ଆଶଂକାକୁ ହଜମ କରି ଅଳକା ସହରକୁ ଆସିଥିଲା ଏବେ ଆଉ ସେସବୁ ମନେ ପଡୁନାହିଁ । ତା'ର ସବୁ ଆଶଂକାର ଅଙ୍କ ସୁଲଗ୍ନାଙ୍କ ପାଇଁ ଭୁଲ୍ ହୋଇ ଯାଇଛି । ଭୁଲି ଯାଇଛି ସେ ସମସ୍ତ ଭୟର ଭୂଗୋଳ ! ଯେବେଠୁ ସେ ପାଲଟି ଯାଇଛି ସୁଲଗ୍ନାଙ୍କର ପଡ଼ୋଶୀ, ସେଇ ଅମୃତ ବେଳାରୁ ଜୀବନଧାରାର ପ୍ରବାହ ସାଜିଛି ବେଶ୍ ସାବଳୀଳ । ସବୁଦିନ ସେ ଭୋର୍ରୁ ଉଠେ । ସକାଳେ ଠାକୁରଙ୍କ ପୂଜା କରେ । ପୂଜା ପାଇଁ କାହା ବାଡ଼ିରୁ ଫୁଲଚୋରି କରିବାକୁ ସେ ଭଲ ପାଏ ନାହିଁ । ଅଳ୍ପ ଦିନର ରହଣୀ ଭିତରେ ନିଜ କ୍ୱାର୍ଟର୍ ସାମ୍ନାକୁ ନାନା ଜାତିର ଫୁଲର ରଙ୍ଗରେ ରଙ୍ଗେଇ ସାରିଛି । ଆଉ ତା'ର ଚିନ୍ତା କ'ଣ ?

ଅଳକା ଅତି ସରାଗରେ ନିଜ ହାତରେ ଲଗାଇଥିବା ଫୁଲଗଛ ଗୁଡ଼ିକରେ ଫୁଟିଥିବା ଗଛଗୁଡ଼ିକୁ ପରମ ଶ୍ରଦ୍ଧାରେ ଚାହେଁ । କେତେ ଯତ୍ନରେ ଗୋଟିଏ ଗୋଟିଏ କରି ଫୁଲ ତୋଳେ, ଯେମିତି ଫୁଲ ତୋଳୁ ତୋଳୁ ଗଛ ଉପରେ ଚାପ ପଡ଼ି ତା'ର କାଣ୍ଡ ନଇଁ ନଯାଏ । ତା'ର ଏଭଳି ଫୁଲତୋଳା ସୁଲଗ୍ନାଙ୍କୁ ଖୁବ୍ ଭଲ ଲାଗେ । ସେ ଭାବନ୍ତି ଫୁଲଗଛକୁ ଏମିତି ଗେଲ କରୁଥିବା ଝିଅଟି ଅଶୋକଙ୍କୁ ସତରେ କେତେ ଆଦର କରୁନଥିବ । ମନରେ ତ ଭାବନ୍ତି ହେଲେ କହି ପାରନ୍ତି ନାହିଁ । କେମିତି କହିବେ ଯେ ! ସୁଲଗ୍ନା ତ ତାଙ୍କୁ ମାଉସୀ ଭଳି ଏକ ଗୁରୁଜନସ୍ଥାନୀୟ ସମ୍ବୋଧନରେ ବାନ୍ଧି ଦେଇଛି । ପଚାରିଲେ ଲାଜ ଲାଗନ୍ତା ନାହିଁ !

ଅଳକା ସହ ସୁଲଗ୍ନାଙ୍କର ସଂପର୍କ ବଢି ଚାଲିଲା । କେହି ବିଶ୍ୱାସ କରନ୍ତୁ ବା ନକରନ୍ତୁ ଅଳକା କିନ୍ତୁ ସୁଲଗ୍ନାଙ୍କୁ ନିଜର ମାଉସୀଠାରୁ ବଳି ସମ୍ମାନ ଦେବା ସହ ସେମିତି ବି ମାନୁଥିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

। ସୁଲଗ୍ନା ବି ଛାଡୁନଥିଲେ । ସେ ବି ଦେଖାଉଥିଲେ ଗାର୍ଜନ ସୁଲଭ ଗମ୍ଭୀରତା । ସଂପର୍କ ତ ଏମିତି ଆଗକୁ ବଢେ ନା ! ଜୀବନର ଗୋଟିଏ ସାବଲୀଳ ସମାନ୍ତର ପଥରେ ଚାଲିଥିଲେ ସେମାନେ ।

ଅଶୋକ ଅଫିସ୍ ଯାଉଥିଲେ । ସହରରେ ଅନ୍ୟ ସୁନ୍ଦରୀ ନବବିବାହିତା ପତ୍ନୀମାନେ ଯେମିତି ବାହାରକୁ ଆସି ଗେଟ୍ ପାଖରେ ବିଦାୟ ଜଣାଉଥିଲେ ଅଳକା ବି ଠିକ୍ ସେମିତି କରୁଥିଲା । ସେଇ ଗେଟ୍ ପାଖରେ ମିଠା ମିଠା ହସ ଦିଆନିଆ ସାରି ଲାଜଲାଜ ଭାବ ମେଂଚାଏ ମୁହଁରେ ମାଖି କ୍ୱାର୍ଟର୍ସ ଭିତରକୁ ଫେରି ଯାଉଥିଲା ଅଳକା । କେଇ ଘଂଟାର ଅଫିସ୍ । ହେଲେ ଅଫିସ୍ରୁ ଆସିବାରେ ଅଶୋକର ସାମାନ୍ୟ ବିଳମ୍ବ ହେଲେ ଶୋକମୟ ହୋଇ ପଡୁଥିଲା ଅଳକାର ଏକ୍ଲା ପରିବେଶ । ଉଦ୍ୱିଗ୍ନତା ଭରା ସ୍ୱରରେ ସୁଲଗ୍ନାଙ୍କୁ ଫୋନ୍ରେ ପଚାରୁଥିଲା, ମାଉସୀ ମଉସା ତ କେତେବେଳୁ ଆସିଲେଣି, ଇଏ କ'ଣ ଏଯାଏଁ ଆସିନାହାନ୍ତି ? ଏବେ ଦିନକାଳ ଯାହା ହେଲାଣି ମତେ ଖୁବ୍ ବ୍ୟସ୍ତ ଲାଗୁଛି ।

ସୁଲଗ୍ନା ଗତାନୁଗତିକ ଭାବରେ ସାନ୍ତ୍ୱନାବାଣୀ ଦୁଇ ପଦ ଶୁଣାଇ ଦେଉଥିଲେ । ଅଳକା ଯେମିତି କୁନିଝିଅଟି ପରି ବୁଝି ଯାଉଥିଲେ । କିଛି ସମୟ ପରେ ଅଶୋକ ଅଫିସ୍ରୁ ଆସି ଯାଉଥିଲେ ଆଉ ଅଳକା ଯେମିତି ଅଳକାପୁରୀର ନାୟିକାଟିଏ ଭଳି ଖୁସିରେ ମସ୍‌ଗୁଲ୍ ହୋଇ ଯାଉଥିଲେ ।

ସେଦିନଟା କିନ୍ତୁ ଥିଲା ଏକ ବିଶେଷ ବ୍ୟତିକ୍ରମ । ସବୁଦିନ ଭଳି ଅଶୋକ ବି ଅଫିସ୍ ଯିବା ପାଇଁ ପ୍ରସ୍ତୁତ ହେଲେ । ଗେଟ୍ ପାଖକୁ ଆସିଲେ । ଗାଡ଼ି ବାହାର କଲେ । ଗାଡ଼ି ଷ୍ଟାର୍ଟ କରିବା ପୂର୍ବରୁ ନିଜେ ଫାଟକକୁ ଭିତର ପଟକୁ ଆଉଜାଇ ଦେଲେ । ଅଫିସ୍ ଚାଲିଗଲେ ଅଶୋକ । ହେଲେ ଏମିତି କେମିତି ହେଲା ? ସବୁଦିନ ଏଇ ସମୟରେ ତାଙ୍କ ଫାଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାମ୍ନାରେ ଯେମିତି କୋମଳ କୁଜନ ଶୁଣାଯାଉଥିଲା, ଆଜି ତା'ର ଶୋରଶବ୍ଦ କିଛି ନଥିଲା । ରାଜତ୍ୱ କରୁଥିଲା ଏକ ଅଶ୍ୱସ୍ତିକର ନୀରବତା । ନଥିଲା ଅଳକାର ଉପସ୍ଥିତି । ଫ୍‌ଧଙ୍କଳ ପାଖର ସମଗ୍ର ଅଂଚଳଟା ଲାଗୁଥିଲା ଖାଁ ଖାଁ । ନା ଶୁଭିଥିଲା ଅଳକାର ମନଜିଣା ହସ, ନା ଦିଶିଥିଲା ଅଶୋକର ମରାଳ-ଭଙ୍ଗୀରେ ବେକ ଭାଙ୍ଗି ପଛକୁ ଫେରି ଚାହିଁବାର ସେଇ ଅନନ୍ୟ କୌଶଳ ! ସବୁଦିନ ଭଳି ଜଳଖିଆ-ପାତ୍ରଟିକୁ ବଢାଇ ଦେଇ ନଥିଲା ଅଳକା । ଆଉ ହସିହସି ଚାଲି ଯାଇ ନଥିଲା ଅଶୋକ ।

ସବୁଦିନ ପରି ସେଇ ସମୟରେ ବାଲକୋନି ଉପରେ ଥାଆନ୍ତି ସୁଲଗ୍ନା । ରବିବାର ଓ ଛୁଟିଦିନକୁ ଛାଡ଼ି ସବୁଦିନ ଏଇ ପାଖାପାଖି ଦଶଟା ବେଳକୁ ବାହାରି ଯାହାନ୍ତି ତାଙ୍କ ସ୍ୱାମୀ । ଆଗକାଳିଆ ଲୋକ ନା, ସରକାରୀ ନିୟମକୁ ଅଧିକ ଡ଼ର । ହାତରେ ସମୟ ରଖି ଟିକେ ଆଗୁଆ ଅଫିସ୍ ବାହାରିଯିବା ତାଙ୍କର ଏକ ଅଭଙ୍ଗା ଅଭ୍ୟାସ । ସୁଲଗ୍ନା କାମରୁ ହାଲକା ହୋଇ ଟିକେ ବାଲ୍କୋନିକୁ ଚାଲି ଆସନ୍ତି । ପୁଣି ଅଳକା ଓ ଅଶୋକଙ୍କୁ ଫାଟକ ପାଖରେ ଏକାଠି ହେବାର ଦୃଶ୍ୟଟା ତାଙ୍କ ମନକୁ ଆଉ ଟିକେ ହାଲକା କରିଦିଏ । ବାଲକୋନିରେ ଥାଇ ସେ କେବଳ ଦେଖନ୍ତି । ଗୋଟିଏ ଛାତର ଦୂରରୁ ମନରେ ଆଙ୍କନ୍ତି ମାନଚିତ୍ର ସେ ଦୁଇଜଣଙ୍କ ଜୀବନର ଗତିପଥକୁ ନେଇ ।

ସୁଲଗ୍ନା ଭାବନ୍ତି ସତରେ କେଡ଼େ ଖୁସିବାସିଆ ଏଇ ସ୍ୱାମୀସ୍ତ୍ରୀ ଦୁଇଟା । ତାଙ୍କର ବି ମନେ ପଡ଼ିଯାଏ ସେ କେମିତି ତାଙ୍କ ସ୍ୱାମୀଙ୍କ ସହ ସହରକୁ ଚାଲି ଆସିଥିଲେ । ଅବଶ୍ୟ ହାତ ଧରିବାର ବେଶ୍ କିଛି ବର୍ଷ ପରେ ସେ ଆସିଥିଲେ ସହରକୁ । ତଥାପି ବି ନୂଆ ନୂଆ ସହରକୁ ଆସିଥିବାବେଳେ ସହରଟା ଯେମିତି ତାଙ୍କୁ ପାଉ ନଥିଲା । ଡେଣା ଲଗାଇ ଉଡ଼ି ଯିବାକୁ ଇଚ୍ଛା ହେଉଥିଲା ଆଜିର ବିଶାଳ କିନ୍ତୁ ସେତେବେଳର କ୍ଷୁଦ୍ର ଆୟତନର ଏଇ ପ୍ରିୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହରଟିର ଏମୁଣ୍ଡରୁ ସେମୁଣ୍ଡକୁ ।

ଅଶୋକ ଘରୁ ବାହାରି ତାଙ୍କ ଗାଡ଼ିରେ ବସିବା ପର୍ଯ୍ୟନ୍ତ ସମୁଦାୟ ଦୃଶ୍ୟକୁ ଠିକ୍ ଜଣେ ଅଭିଜ୍ଞ ଭିଡ଼ିଓଗ୍ରାଫର୍ ଭଳି ନିଜ ଆଖିର ଲେନ୍‌ସରେ ତୋଳି ଧରିଥିଲେ ସୁଲଗ୍ନା । ଆଉ ଚର୍ଚ୍ଚିତ ପ୍ରସଙ୍ଗକୁ ନେଇ କୌଣସି ଟିଭି-ବିତର୍କରେ ସାମିଲ ବିଶେଷଜ୍ଞଙ୍କ ଭଳି ତର୍ଜମା ଆରମ୍ଭ କରି ଦେଇଥିଲେ ମନେ ମନେ । ଅଳକାର କ'ଣ ହୋଇଛି ? ଦେହ ଖରାପ ନା କ'ଣ ? କାଲିଠୁ କ'ଣ ଗାଁକୁ ଚାଲି ଯାଇଛି କି କୌଣସି ଜରୁରୀ କାମରେ ? ଯାଇଥିଲେ ତ କହିଥାନ୍ତା ! ଆରେ ମୁଁ ପାଗେଳିଟା ନା କ'ଣ ? ଅଳକା ଯଦି ଗାଁକୁ ଯାଇଥାନ୍ତା ତେବେ ଅଶୋକ ତ ଘରେ ଆଉ ଫାଟକରେ ତାଲା ଲଗାଇ ଯାଇଥାନ୍ତା । ଘର ଆଉ ଫାଟକ ତ ସେମିତି ଖାଲି ଆଉଜା ହୋଇଛି ! ଦ୍ୱନ୍ଦ୍ୱରେ ବୁଡ଼ି ସୁଲଗ୍ନା ଭାବିଲେ ଅଳକା ବାହାରକୁ ବାହାରିଲେ ପଚାରି ବୁଝିନେବେ ।

ମଧ୍ୟାହ୍ନ ବି ଗଲା । ଅପରାହ୍ନ ୩ଟା ବି ଟପିଲା । ଅଳକାର ଦେଖାଦର୍ଶନ ନାଇଁ । ଅଳକାର ମାଉସୀ ଭଳି ଏକ ମଧୁର ସମ୍ବେ । ।ଧନରେ ଗତ କିଛି ମାସ ହେଲା ମଜ୍ଜି ଯାଇଥିବା ସୁଲଗ୍ନା ଛଟପଟ ହୋଇ ଯାଉଥିଲେ ଭିତରେ ଭିତରେ । ଛାତି ଭିତରଟା କେମିତି କୋରି ହୋଇ ଯାଉଥିଲା । ଏମତିତି ବ୍ୟତିକ୍ରମ ତ ସେ କେବେ ବି ଦେଖି ନଥିଲେ । ସୁଲଗ୍ନା ଆଉ ଆଗକୁ ବେଶୀ କିଛି ଭାବି ପାରୁନଥିଲେ । କିଛି ବାଟ ଆଗକୁ ଯାଇ ପୁଣଇ ଫେରି ଆସୁଥିଲା ତାଙ୍କର ଅନାବନା ଭାବନାର କ୍ଷିଅ । ଅନେକ ଦୁର୍ଭାବନାରେ ମନ ଭିତରଟା ସନ୍ତୁଳି ହୋଇ ଯାଉଥିବାବେଳେ ଆଶାର ଚେନାଏ କିରଣ ଯେମିତି ଝଲସି ଉଠିଲା । ଭସାବାଦଲର ଫାଙ୍କ ଭିତରୁ ସୂର୍ଯ୍ୟ ବାହାରି ଆସିବାଭ ଭଳି କ୍ୱାର୍ଟର୍ ସାମ୍ନା ଲନ୍ ଉପରକୁ ଚାଲି ଆସିଥିଲା ସୁଲଗ୍ନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

-ଏଇ ଅଳି ! ଅଳି ! ରୀତିମତ ଚିତ୍କାର କରି ଉଠିଲେ ସୁଲଗ୍ନା । ଅଳକାକୁ ସେ ଏଇ ନାଁରେ ହିଁ ଡାକନ୍ତି ।

ଉପରୁ ଉଚ୍ଚ ସ୍ୱରର ଡ଼ାକ ଶୁଣି ସାମାନ୍ୟ ଅପ୍ରତିଭ ହେଲା ଭଳି ଢଙ୍ଗକୁ ଲୁଚାଇ ନେଇ ଅଳକା କହିଲା- ହଁ, କୁହନ୍ତୁ ମାଉସୀ ।

-ଆରେ, ତତେ ଆଉ କହିବି କ'ଣ ? ସକାଳେ କୁଆଡେ ଚାଲି ଯାଇଥିଲୁ ନା କ'ଣ ? ବାହାରକୁ ଆସିନଥିଲୁ ତ ? କ'ର ହୋଇଛି ତୋର ? ଦେହ ଭଲ ନାଇଁ କି ? ଘର, ଗାଁ କି ସାଙ୍ଗସାଥୀ ମନେ ପଡ଼ି ମନ ଗୋଳେଇ ଘାଂଟି ହେଉଛି କି ?

ଏକକାଳୀନ ଏତେଗୁଡ଼ାଏ ପ୍ରଶ୍ନର ବାଣରେ ଘାଇଲା ହୋଇ ଯାଇଥିଲା ଅଳକା । ନିଜକୁ ସମ୍ଭାଳି ନେଇ କହିଲା- ନାଇଁ ମ ମାଉସୀ । ତମ ପାଖ ଛାଡ଼ି ମୁଁ ଆଉ କୁଆଡ଼େ ଯିବି କହିଲ ? ମୋର କିଛି ହୋଇନି କି ହବନି ମ !

ସଦ୍ୟ ନିଯୁକ୍ତ ଜଣେ ଟେଲିଭିଜନ ସମ୍ବାଦପାଠିକା ଟେଲିପ୍ରମ୍ପଟର୍କୁ ନିରିଖେଇ ଦେଖିବା ଭଳି ସୁଲଗ୍ନାର ଥମ୍‌ଥମ୍ ମୁହଁକୁ ଚାହିଁ ତର୍ଜମା କରୁଥିଲେ ସୁଲଗ୍ନା । ହଠାତ୍ ତାଙ୍କ ନଜରରେ ପଡ଼ିଗଲା ଅଳକାର ସକଳ ପ୍ରଚେଷ୍ଟା ଭିତରେ ବି ତଥାପି ତଥାପି ଲୁଚି ପାରୁ ନଥିବା ଏକ ବିକଳପଣ । ଅପରାଧୀକୁ ଖପ୍ କିନା ମାଡ଼ି ବସୁଥିବା ପୋଲିସ୍ ଭଳି ପୁରା ପେଷାଦାର ଢଙ୍ଗରେ ଏଥର ଖୋଳତାଡ଼ କଲେ ସୁଲଗ୍ନା ।

- ଅଳି, ତୋ ମୁହଁଟା ତ କ'ଣ ଶୁଖି ପୂରା ଯାଇଛି ଝାଉଁଳି । ସତ କହିଲୁ, ଅଶୋକ ଆଉ ତୋ' ଭିତରେ ସକାଳୁ ସକାଳୁ କିଛି ଖିଟ୍‌ଖାଟ୍ ହୋଇଛି କି ନାଇଁ !

ବାସ୍, ସୁଲଗ୍ନାଙ୍କର ଏଇ ଦୁଇ ପଦ କଥାରେ ଯେମିତି ଅଳକାର ସବୁ ଅଭିନୟ ବିଫଳ ହୋଇ ଯାଉଥିଲା । ଭାଙ୍ଗି ଯାଉଥିଲା ମନର ଭାବନାକୁ ଗୋପନୀୟ ରଖିବାର ସକଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରୟାସର ଖୋଳପାଟି ।

ଆଖି କୋଣରେ ଚିକ୍‌ଚିକ୍ କରି ଉଠୁଥିଲା ଦୁଇ ବୁନ୍ଦା ଲୁହ । ସିଲ୍କ ଷ୍ଟଲ୍ରେ ଲୁହ ପୋଛି ନେବାକୁ ଚେଷ୍ଟା କଲାବେଳେ ଗୋଟାପଣେ ଧରା ପଡ଼ିଗଲା ଅଳକା ।

ସୁଲଗ୍ନା କହି ଉଠିଲେ- ସେମିତି ହୁଏ ରେ ମା' । ନୂଆ କ'ଣ ପୁରୁଣା କ'ଣ । ଦାମ୍ପତ୍ୟରେ ଏମିତି ହୁଏ । ଆଚ୍ଛା କହିଲୁ ? ପୁରୁଷ ପିଲାଟିଏ କାହା ଉପରେ ରାଗିବ ? ଜୀବନଠାରୁ ଭଲ ପାଉଥିବା ଜନ୍ମଦାତ୍ରୀ ମା' ଆଉ ଅର୍ଦ୍ଧାଙ୍ଗିନୀ ରୂପେ ଗ୍ରହଣ କରିଥିବା ପତ୍ନୀ ଭିତରେ ସେ ବାଂଟି ଚାଲିଥାଏ ତା'ର ସକଳ ସ୍ନେହଶ୍ରଦ୍ଧା, ରାଗ-ଅନୁରାଗ । ଏକ୍ଲା ମଣିଷ ତ ତୁମେ ଦୁଇଟା । ମା' ତ ଗାଁରେ । ଅଶୋକ ତୋ' ଛଡ଼ା କାହା ଉପରେ ଆଉ ରାଗ ଆଉ ଅଭିମାନ କରନ୍ତା ତୁ କହ ? ଏତିକି କଥାରେ ମନ ମାରି ରହିଲେ କି ଅଶୋକ ଉପରେ ରାଗିଲେ କ'ଣ ଚଳିବ ? ସୁଲଗ୍ନାଙ୍କ ଆଡ଼କୁ ନିଜର ନମ୍ରଭାବନା ସଂକ୍ରମିତ କରି କୋମଳତାରେ ଭ୍ରମିତ କରିବାକୁ ପୁଣି ଏକ ପ୍ରୟାସ କରି ଅଳକା କହି ଉଠିଲେ - ନାଇଁ ମାଉସୀ । ସେମିତି କିଛି ତ ହୋଇନି !

-ଆରେ ମା' । ମତେ ଆଉ ଠକାଇବାକୁ ଚେଷ୍ଟା କରନା । ତମେ କପୋତକପୋତୀ ଦୁଇଟା ଉଡ଼ିବାକୁ ଆରମ୍ଭ ଦିନଠାରୁ ମୁଁ ଦେଖି ଆସୁଛି । ଆଉ ଲୁଚାନାରେ ମା' । କହି ଦେ' । ଦେଖିବୁ କେତେ ହାଲ୍ଲା ଲାଗିବ । ଆଉ ରାଗରୁଷାର ସବୁ ଅଙ୍କ ବି ଭୁଲ୍ ହୋଇଯିବ ।

ଏଥର ସତକୁ ସତ ତରଳି ଗଲା ଅଳକା । ଆଉ ଖୋଲିଦେଲା ମୂଳପ୍ରସଙ୍ଗଟିକୁ ।

-ସେମିତି କିଛି ବଡ଼ କଥା ନୁହଁ ମାଉସୀ । ଏଇ କରୋନାକୁ ନେଇ ହ୍ୱାଟ୍‌ସଆପ୍ରେ ଗୋଟେ ମେସେଜ୍ ଆସିଥିଲା । ମୁଁ ତାଙ୍କୁ କହିଲି ତୁମେ ତ ଅଫିସ୍ ଯାଉଛ । କେତେଆଡୁ କେତେ ଲୋକ ଅଫିସ୍ ଆସୁଥିବେ । ତମେ ତୁରନ୍ତ ଦୁଇଟି ମାସ୍କ କିଣି ଆଣିବ । ଗୋଟିଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାସ୍କ ଲଗାଇ ଅଫିସ୍ ଯିବ । ପରଦିନ ସେଇଟା ସଫା ହେବ ଆଉ ତମେ ଆରଟା ଲଗାଇବ ।

ଏତିକିରେ ତ ସେ ଟିକେ ରାଗିଗଲେ । କହିଲେ ଏତେ ଛାନିଆ ହେବା କ'ଣ ଦରକାର । ସେ ହ୍ୱାଟ୍‌ସଆପ୍ରେ ଅନେକ ଅନାବଶ୍ୟକ ଗୁଜବ ବୁଲୁଛି । ଡାକ୍ତର ଓ ବୈଜ୍ଞାନିକ କହୁଛନ୍ତି ସଂକ୍ରମିତ ଲୋକମାନେ ଏ ମାସ୍କ ଲଗାଇବା କଥା । ସାଧାରଣ ଲୋକେ ନୁହେଁ । ତେଣୁ ଏମିତି ପ୍ୟାନିକ ୍ବା ଛାନିଆ ହେବା ଉଚିତ ନୁହେଁ । ଆମ ଆଖପାଖରେ କେହିଁ ପଜିଟିଭ୍ ଚିହ୍ନଟ ହେଲେ ଆମେ ତୁରନ୍ତ କିଣି ଆଣିବା । ତମେ ପଢାଶୁଣା ଝିଅଟିଏ ହୋଇ ଯଦି ଏମିତି ଛାନିଆ ହେବ ତେବେ ଅନ୍ୟମାନେ କ'ଣ କରିବେ । ତମମାନଙ୍କ ଭଳି ଛାନିଆ ଲୋକଙ୍କ ଯୋଗୁ ମାସ୍କର କଳାବଜାରୀ ଚାଲିଛି । ଦଶ ଟଙ୍କାର ମାସ୍କ ଶହେ ଟଙ୍କାରେ ବିକ୍ରି ହେଉଛି ।

-ଏତିକି କଥାରେ ତମର ମନ ଫଟାଫଟି ହୋଇଗଲା ଯେ ତୁ ଜଳଖିଆ-ପାତ୍ର ଦେବାକୁ ବି ଗେଟ୍ ପାଖୁ ଆସିଲୁନି । ଅଶୋକଟା ଗଲାବେଳେ ଗେଟ୍ ପାଖରେ କେମିତି କାନ୍ଦୁରାକାନ୍ଦୁରା ଦିଶୁଥିଲା ଦେଖିଛୁ ?

ଚମକି ପଡ଼ିଲା ଅଳକା । ମନ ଭିତରେ ଅସଂଖ୍ୟ ଭାବନାର ସଙ୍ଘାତ । ଆରେ ସତେତ ! ମୁଁ ତ ରାଗିଗଲି, ବାହାରକୁ ବି ଗଲିନି । ଟିଫିନ୍ ବକ୍ସଟା ରଖି ଦେଇଥିଲି ଟିପୟ ଉପରେ । ସେ ନେଲେ କି ନାଇଁ କେଜାଣି ?

-ମୁଁ ଟିକେ ଘର ଭିତରୁ ଆସୁଛି ମାଉସୀ । ଆପଣ ଥାଆନ୍ତୁ, ମୁଁ ଏଇ ଗଲି ଆଉ ଏଇ ଆସିଲି ।

-ପାଗେଳୀଟା ! ଆରେ ଅଶୋକ ଟିଫିନ୍ କ୍ୟାରିୟର୍ ନେଇକି ଯାଇଛି । ମୁଁ ପରା ଦେଖିଛି । ହେଲେ ସେ ଗଲାବେଳେ କେମିତି କାନ୍ଦକାନ୍ଦ ଦିଶୁଥିଲା ସେଇଟା ମତେ ବିବ୍ରତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୁଥିଲା ବୋଲି ମୁଁ ତତେ ପଚାରିଲି । ଏତିକି କଥାରେ ତୁ ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲୁ ? ଟିଫିନ୍ କ୍ୟାରିୟର୍ ଦେବାକୁ ଗେଟ୍ ପାଖକୁ ଆସିଲୁନି ? ବିଚରା ଅଶୋକ ! ମନରେ କେତେ କ'ଣ ଭାବି ଅଫିସ୍ ଯାଇଥିବ । ଆରେ କରୋନା ପାଇଁ ଚୀନ୍, ଆମେରିକା, ସ୍ପେନ୍, ଇଟାଲୀ ଭଳି ଦେଶର ମୁଖ୍ୟମାନଙ୍କ ମୁଣ୍ଡ ଗରମ । ଜନଜୀବନ ଅଚଳ । ବାହାରେ ଏତେ ଉଦ୍ୱେଗ, ପୁଣି ତୁ ଏମିତି ଚାପ ପକାଇବୁ ! କେମିତି ହେବ ?

ସେତେବେଳକୁ ଅଳକାର ଘରମୁହାଁ ପାଦଯୋଡ଼ିକ ଦିଗ ବଦଳାଇ ସାରିଥିଲେ । ଲନ୍‌କୁ ଫେରି ଆସିଥିଲା ଅଳକା । ପୂର୍ବର ଉଦାସପଣ ଆଉ ଲାଖିନଥିଲା ତା' ମୁହଁରେ । ଅଳକା କହି ଉଠିଲା- ଆପଣ ଠିକ୍ କହିଛନ୍ତି ମାଉସୀ । ମୁଁ ବୋକିଟା, ହଠାତ୍ କିଛି ବୁଝି ପାରିଲିନି । ସେ ଆସନ୍ତୁ, ମୁଁ ତାଙ୍କୁ ମନାଇଦେବି ଯେ !

ଅଶୋକ ଅଫିସ୍ରୁ ଫେରିବାର ସମୟ ପାଖେଇ ଆସୁଥିଲା । ଅଶୋକ କ'ଣ ଫେରିବାବେଳକୁ ସେମିତି ଉଦାସ ଥିବ ? ନା ଅଫିସ୍ରେ ଲୋକସଂପର୍କ ସବୁକିଛି ବଦଳାଇ ଦେଇଥିବ । ନାନା ଆଶଙ୍କାରେ ପୁରୁଖା ଗୃହିଣୀ ସୁଲଗ୍ନାଙ୍କ ଛାତିଟା ଆକ୍ରାମାକ୍ରା ହୋଇ ଯାଉଥିଲା । ଠିକ୍ ଏଇ ସମୟରେ ସୁଲଗ୍ନା ଘରର ଫାଟକ ଆଗରେ ଅଟକିଲା ଗୋଟିଏ ଗାଡ଼ି । ସ୍ୱାଭାବିକ ଗତିରେ ଆସିଥିଲା ଅଶୋକ । ସୁଲଗ୍ନା ଭାବୁଥିଲେ ଅଳକା କ'ଣ ଦୌଡ଼ିଯିବ ଆଉ ସେଇଠୁ ଅଶୋକର ଅଙ୍ଗଲଗ୍ନା ହୋଇ ଘରକୁ ଫେରି ଆସିବ !

ଅଶୋକର ମୁହଁରେ ଥିଲା ଖୁସି ଖୁସିର ଭାବଟିଏ । ଫାଟକ ଦରଜା ମେଲାଇ ଘର ଭିତରକୁ ପଶିଲା । ଟିଫିନ୍ କ୍ୟାରିୟର୍ ଥିବା ବ୍ୟାଗ୍‌ଟିକୁ ଅଳକା ହାତକୁ ବଢାଇ ଦେଲା । ଏବେ ଅଶୋକ କହିଉଠିଲା- ଜାଣିଛ, ଆମର କରୋନା ପାଇଁ ଏବେ ମାସେ ଛୁଟି । ଦରମାକୁ ଦରମା ମିଳିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଶୋକର ଉଲ୍ଲାସପଣ ଇତିମଧ୍ୟରେ ଅଳକାର ସର୍ବାଙ୍ଗକୁ ସଂକ୍ରମିତ କରି ସାରିଥିଲା । ବାଲ୍କୋନି ଉପରେ ସେତେବେଳୁ ଅଳକାଙ୍କୁ ବୁଝାଉଥିବା ସୁଲୁ ମାଉସୀ ବି ଜାଣୁଥିଲେ ଯେ ତାଙ୍କ ଅମଳର ସୂତ୍ରରେ ସେ କଷିଥିବା ସବୁ ଅଙ୍କ ଭୁଲ୍ ହୋଇ ସାରିଥିଲା । ତଥାପି ବି ଭିନ୍ନ ଏକ ଖୁସିରେ କୁରୁଳି ଉଠି ବାଲ୍କୋନିରୁ କୋଠରୀ ଭିତରକୁ ଚାଲି ଯାଉଥିଲେ ସୁଳଗ୍ନା । ଏଇ ତ ! ପଦେ ପଦେ କଥାକୁ ନେଇ ସକାଳରୁ ଅପରାହ୍ନ ଅନ୍ତର୍ଗତ କାଳଖଣ୍ଡରେ କିଛି କ୍ଷଣ ପାଇଁ ମାନସିକ ସ୍ତରରେ ବିଚ୍ଛିନ୍ନ ହୋଇଯାଇଥିବା ଦୁଇଟି ପ୍ରିୟ ମଣିଷଙ୍କ ନିବିଡ଼ ହସର ସମ୍ମିଳିତ ସମଧ୍ୱନି ତାଙ୍କୁ ଏବେ ଖୁବ୍ ମିଠାମିଠା ଶୁଭୁଥିଲା ! ! !

ଅଢେଇଗୁଣ୍ଡି, କାନପୁର, କଟକ, ପିନ୍-୭୫୪୦୩୭,

ମୋ-୯୩୪୮୦୪୨୦୬୬, bidyapctc@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମା'ର ମମତା



ପଦ୍ମନାଭ ନାୟକ

ଟିକେ ଅଧିକା ସ୍ପିଡରେ ଗାଡି ଚଳେଇବା ମୋର ଗୋଟେ ବଦଭ୍ୟାସ । ସେଦିନ ନାଗପୁରରୁ ପ୍ରତାପଗଡ ଯାଉଥିଲାବେଳେ ଦେଖିଲି ସନ୍ଧ୍ୟା ଆସନ୍ନ ପ୍ରାୟ । ପାହାଡିଆ ରାସ୍ତା ହେଲେ ସୁଦ୍ଧା ଫାଙ୍କା ରାସ୍ତା ଦେଖି ମୋଟର ସାଇକେଲର ଗତି ବଢେଇଦେଲି । ମନା କରିବାକୁ ବି ପାଖେ କେହି ନଥିଲେ । ହଠାତ ରାସ୍ତାର ଗୋଟେ ମୋଡରେ ନୀଳ ଶାଢିପିନ୍ଧା ମହିଳାଜଣେ ହାତ ଦେଖେଇ ଅଟକିବାକୁ ସଂକେତ ଦେବାର ଦେଖିଲି । ମୋଟର ସାଇକେଲର ଗତି କମେଇବାକୁ ଚେଷ୍ଟାକଲି । ଗାଡି ଅଟକି ଗଲା ସେ ମହିଳା ପାଖରେ । ତାଙ୍କ ମୁଣ୍ଡ ଫାଟି ମୁହଁ ସାରା ରକ୍ତ । ହାତଠାରି ଇସାରା କରୁଛନ୍ତି ମୋଡର ତଳ ଆଡକୁ । କଥା କହିପାରୁ ନାହାନ୍ତି । ବୁଝିବାକୁ ଡେରି ହେଲା ନାହିଁ ନିଶ୍ଚିତ ଦୁର୍ଘଟଣା ଘଟିଛି । ଦୌଡିଲି ପାହାଡ ତଳ ଆଡକୁ । ଗୋଟେ କାର ଗଡି ପଡିଛି ପାହାଡ ତଳକୁ । କାରରେ ଗୋଟେ ଚାରି ବର୍ଷିୟା ଝିଅ ଆଉ ଜଣେ ମହିଳା ଅଚେତନ ଅବସ୍ଥାରେ । କିନ୍ତୁ ଏ ମହିଳାଙ୍କ ଚେହେରା ତ ମତେ ଡାକି ଆଣିଥିବା ମହିଳାଙ୍କ ସହ ମିଶିଯାଉଛି । ମୁଁ ପଛକୁ ଚାହିଁଲି । କେହି ନଥିଲେ । କୁଆଡେ ଗଲେ ସେ ମହିଳା । ମୁଁ ବିସ୍ମିତ ହେଲି । ମୁଁ କାଳ ବିଳମ୍ବ ନକରି ଆମ୍ବୁଲାନ୍‌ସକୁ ଡାକିଲି । ଡେରି ହେଲେ ସୁଦ୍ଧା ସାଥିରେ ହସ୍ପିଟାଲକୁ ଗଲି ।

ଡାକ୍ତର ସଙ୍ଗେ ସଙ୍ଗେ ଚିହ୍ନିପାରିଲେ ଏ ତ ମିସେସ ରାଜେଶ ଗୁପ୍ତା । ତାଙ୍କ ସ୍ୱାମୀ ମୋ ସାଙ୍ଗ । ମୁଁ ଧନ୍ୟବାଦ ଦେଇ ସେଇଠୁ ଚାଲି ଆସିଲି ପ୍ରତାପଗଡ ଅଭିମୁଖେ । ଯଦିଓ ମୁଁ ଭୁତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କି ଆତ୍ମା ଉପରେ କିଛିଟା ବିଶ୍ୱାସ କରେ ତଥାପି ସେଦିନର ଘଟଣା କାହାକୁ କହି ନଥିଲି ।

ଏହା ଭିତରେ ବିତିଯାଇଛି ଦୀର୍ଘ ତିନିବର୍ଷ । ମୋ ନବବିବାହିତା ପତ୍ନୀ ସହ ଯାଉଥାଏ ଗୋଟିଏ ବାହାଘରକୁ ସେଇ ରାସ୍ତା ଦେଇ । ସେଦିନ ଅଳ୍ପ ବର୍ଷାର ଆସର ଥାଏ ଟୋପା ଟୋପା ଜଳବିନ୍ଦୁ ବିଛୁରିତ ହେଉଥାଏ ସବୁ ଆଡେ । ଅଗତ୍ୟା ମୁଁ ଗାଡି ଧୀରେ ଚଲାଉଥାଏ ପତ୍ନୀଙ୍କ ଗାଳି ଖାଇବା ଭୟରେ । ହଠାତ ଅନୁଭବ କଲି କେହି ଜଣେ ମହିଳା ହାତ ଠାରି ଅଟକିବାର ସଂକେତ ଦଉଛନ୍ତି । ବର୍ଷା ଯୋଗୁଁ ସେତେଟା ସ୍ପଷ୍ଟ ଦେଖାଯାଉ ନଥାଏ ତାଙ୍କ ଚେହେରା । କାର ରଖି ସେପଟେ ଦେଖିଲି । କିନ୍ତୁ ମୋର ଆଖି ବିଶ୍ୱାସ କରି ପାରୁନଥାଏ ଦେଖୁଥିବା ଦୃଶ୍ୟକୁ । ତିନି ବର୍ଷପୂର୍ବେ ଯେଉଁ ମହିଳାଙ୍କୁ ଏଇ ଅବସ୍ଥାରେ ଦେଖିଥିଲି ଆଜି ସମାନ ଅବସ୍ଥାରେ କିପରି ସମ୍ଭବ । ଦେହ ମୋର ଶୀତେଇ ଉଠିଥିଲା । ପତ୍ନୀଙ୍କୁ ଗାଡି ଭିତରେ ଛାଡିଦେଇ ଚାଲିଲି ସେ ମହିଳା ଇଶାରା କରୁଥିବା ସ୍ଥାନ ଆଡକୁ ।

ବିସ୍ମିତ ହେଲି । ଅକଳ୍ପନୀୟ ଥିଲା ମୋ ପାଇଁ । ଗୋଟିଏ ମୋଟର ସାଇକେଲ ପଥରରେ ପିଟି ହୋଇ ପଡିଛି । ତିନି ଜଣ ମୁମୂର୍ଷୁ ଅବସ୍ଥାରେ ପଡି ରହିଛନ୍ତି । ଜଣେ ଭଦ୍ରଲୋକ ଜଣେ ମହିଳା ଓ ଜଣେ ଦୁଇ ବର୍ଷ ବୟସର ଗୋଟେ ପୁଅ । ଆମ୍ବୁଲାନ୍‌ସକୁ ଅପେକ୍ଷା ନକରି ମୋ କାରରେ ନେଇଗଲି ହସପିଟାଲକୁ । ଚିକିତ୍ସାପରେ କହିଲେ ଡାକ୍ତର କହିଲେ ଆଉ ଟିକିଏ ଡେରି ହେଇଥିଲେ ବଞ୍ଚେଇବା କଷ୍ଟକର ହୋଇଥାନ୍ତା । ଏବେ ସେମାନେ ସୁରକ୍ଷିତ ।

ଦୁଇଦିନ ପରେ ବାହାଘରରୁ ଫେରିବା ବେଳେ ଆଖପାଖ ଗାଁକୁ ବୁଝିବାକୁ ଗଲି । ଅନେକ ଲୋକ କହିଲେ ପାଖପାଖି ତିନି ବର୍ଷପୂର୍ବେ ଏଇ ପାହାଡ ମୋଡରେ ଗୋଟେ କାର ଦୁର୍ଘଟଣା ଘଟିଥିଲା । ସେ କାରରେ ମା ଝିଅ ଦୁହେଁ ଥିଲେ । ଦୁର୍ଘଟଣା ସ୍ଥାନରେ ମା'ର ମୃତ୍ୟୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହୋଇଯାଇଥିଲା ବେଳେ ଝିଅଟି ବଞ୍ଚିଯାଇଥିଲା । ସେଇଦିନ ଠାରୁ ଅନେକ ଦୁର୍ଘଟଣା ଘଟିଛି ଏ ପାହାଡ ରାସ୍ତାରେ । ଆଉ ଅନେକ ଥର ସେଇ ମହିଳା ଅନେକ ପଥିକଙ୍କୁ ହାତ ଠାରି ଅଟକେଇଛି । ଏବଂ ଦୁର୍ଘଟଣାରୁ ଅନେକ ପରିବାରକୁ ବଞ୍ଚେଇଛି ।

ମୋର ଆଉ ଅବିଶ୍ୱାସ କରିବାର କିଛି ନଥିଲା । ମା ଆଗରେ ଅବାସ୍ତବ ଅସମ୍ଭବ କଣ । ନିଜେ ହରେଇଥିବା ସନ୍ତାନ ସୁଖକୁ ଆଉ କୌଣସି ବାପା ମା ଯେମିତି ନ ହରାନ୍ତୁ ସେଥିପାଇଁ ସେ ନିଜେ ଆସିଛି ଅନେକ ଥର ସହାୟତା ପାଇଁ । ଏହାହିଁ ତ ମା'ର ମମତା । ସେ ମମତାର ରୂପ ନାହିଁ ଆଉ ନାହିଁ ତାର ମାପକାଠି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୂଳାଙ୍ଗାର

ଶାନ୍ତନୁ କୁମାର ରାଉତ

ଗୋଟିଏ ଛୋଟିଆ ପରିବାର, ବପା, ମାଆ. ଆଉ ପୁଅଟିଏ, ବାପା ହେଉଛନ୍ତି ଦିନ ମଜୁରିଆ ଖଟିଲେ ଖାଆନ୍ତି, ନ ଖଟିଲେ ଚୂଲିକୁ ଜାଳ ମଧ୍ୟ ଯାଏନି, ଯାହାବି ହେଉ ବହୁତ ଖୁସିରେ ପରିବାରଟି ଚାଲୁଥାଏ, ପୁଅ ଦଶମ ଶ୍ରେଣୀରେ ଉଚ୍ଚ ନମ୍ବରରେ ପାସ କରିଲା ପରେ, ବାପା ପ୍ରଫୁଲ୍ଲିତ ମନରେ ମନସ୍ତ କଲେ ମୋ ପୁଅକୁ ମୁଁ ହାକିମଟିଏ କରିବି, କିନ୍ତୁ ପାଖରେ କୌଣସି ଚାରା ନାହିଁ, ପଡିଶାଘର ରାମବାବୁଙ୍କ ପୁଅ ଭୁବନେଶ୍ୱରରେ ଇଞ୍ଜିନିୟରିଂ କରୁଥାଏ, ବାପା ରାମ ବାବୁଙ୍କ ସାଙ୍ଗରେ କଥା ହେଇ ପୁଅକୁ ଭୁବନେଶ୍ୱର ପଠେଇଲେ, ବହୁତ କଷ୍ଟ ହେଲେବି ମଧ୍ୟ ପୁଅ ଯେତେବେଳେ ଯେତିକି ଟଙ୍କା ମାଗେ ବାପା ଯୋଗାଡ କରିକି ଦିଅନ୍ତି, ଏମିତି କିଛି ଦିନ ପରେ ପୁଅର ଚାକିରି ହେଇଯାଇଛି ବୋଲି ବାପାକୁ ପୁଅ ଚିଠି ଲେଖିଲା, ବାପା ମନରେ ଖୁସିର ଲହରୀ ଖେଳି ଉଠୁଥାଏ । ଚିଠିର ଶେଷରେ ଲେଖାହୋଇଥାଏ, ବାପା ଏଇ ମାସ ଶେଷରେ ମୁଁ ଘରକୁ ଯାଉଛି ଗୋଟେ ମାସ ଘରେ ରହିକି ଆସିବି, ବାପା ମନ ଆହୁରି ଖୁସିରେ ଫାଟି ପଡୁଥାଏ । ବାପା ଦିନ ଗଣୁଥାଏ ମାସ କେବେ ପୁରିବ । ଠିକ ମାସ ଶେଷ ଦିନ ପୁଅ ଆସି ପହଂଚି ଗଲା କିନ୍ତୁ ସାଙ୍ଗରେ ଗୋଟିଏ ରଙ୍ଗୀନ ଶାଢ଼ୀ ଆଉ ମଥାରେ ସିନ୍ଦୁର ହାତରେ ଶଙ୍ଖା ପିନ୍ଧିଥିବା ସ୍ତ୍ରୀ ଲୋକକୁ ଆଣିଥିଲା । ବାପା କିଛି କହିବା ପୂର୍ବରୁ ପୁଅ କହୁଥାଏ ବାପା ଇଏ ଆପଣଙ୍କ ବୋହୂ, ବାପାର ଅନ୍ତରର ଖୁସିର ଆବେଗ ସବୁ ଭାଙ୍ଗି ଚୁନା ହେଇଗଲା, ରାଗରେ ବାପା କହୁଥାଏ ହଇରେ କୁଳାଙ୍ଗାର ତୋର କଣ ମୁରବି କେହି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାହାନ୍ତି । ସେଇଠୁ ପୁଅର ମାଆଟି କହୁଥାଏ ଛାଡ ନା ତମର ବି..... ଯାହା ତ ହେଇଗଲାଣି ତ ଆମେ କଣ ଯ୍ୟା ଠୁ ବେଶି ସୁନ୍ଦର ଝିଅଟିଏ ଖୋଜି ଆଣିପାରିଥାନ୍ତେ । ସବୁ ପରେ ବି ସେ ଆମ ପୁଅ, ରାଗ ଶାନ୍ତ କରି ପୁଅ ବୋହୂକୁ ପ୍ରଶୟ ଦିଅ.... ସମସ୍ତେ ଖାଇ ସାରି ରାତିରେ ଶୋଇବାକୁ ଗଲେ, ପୁଅବୋହୁ ଘରଭିତରେ ନିଘୋଡ଼ ନିଦରେ ଶୋଇଥାନ୍ତି କିନ୍ତୁ ଘରର ବାରଣ୍ଡାରେ ବାପାମାଆ ଦୁଇଜଣଙ୍କ ଆଖିରୁ ଅନାବିଳ ଅଶ୍ରୁ ବାପା... ମାଆକୁ କହୁଥାଏ ଆମ ଅସୁମାରୀ ସ୍ୱପ୍ନ ଆଜି ପାଣିର ଫୋଟକାରେ ପରିଣତ ହେଇଗଲା, ରାତି ପାହିଗଲା ସକାଳ ନଅଟା ବାଜିଲାଣି ବୋହୁ ଉଠି କର୍କଶ ସ୍ୱରରେ କହେ ଚାହା କାହିଁ । ମାଆ ତାର ତରତର ହୋଇ ଯାଇ କହେ ଆରେ ମା ଦିନ ଆସି ଘଡ଼ିଏ ହେଲାଣି ଯାଉନୁ ଗାଧେଇ ଆସି କଅଣ ଦୁଇଟା ଖାଇଦେବୁ । କିନ୍ତୁ ବୋହୁ କଡ କଡ ହୋଇ ଟିଂ ଟିଂ ହେଇ ଗାଧେଇବାକୁ ଚାଲିଗଲା । ମାଆ ପୁଅକୁ କହେ ତୁ ଏ କଣ କଲୁରେ ଧନ । ପରେ କିଛି ଦିନପରେ ପୁଅ ବୋହୁ ପୁଣି ଭୁବନେଶ୍ୱର ଚାଲିଗଲେ । ଗଲାବେଳେ ପୁଅ ବାପାକୁ କହିଲା ବପା ନିଅ ଟଙ୍କା ୫୦୦୦ ରଖ ଭଲ ମନ୍ଦ ଖାଇବ ଆଉ ଖୁସିରେ ରହିବ । ବାପା ଉତ୍ତର ଦେଲା । ଆରେ ମୂର୍ଖ ଖୁସି କଣ ତୁ ଜାଣିଛୁ ?? ଶୁଣ ଚକ ଚକ ଖରାରେ ଗମଗମ ଝାଳ ବୋହୁଥିବା ସମୟରେ ଗୋଟିଏ ବାଟୋଇର 'ବୁଢ଼ା ବରଗଛର ଛାଇ ଟିକକ ହେଉଛି ଆତ୍ମତୃପ୍ତି ଖୁସି' । ପେଟ ପୁରାଥିଲେ ମାଂସ ଭାତ ଅପେକ୍ଷା 'ଭୋକିଲା ବେଳେ ଶାଗ ପଖାଳ ଗଣ୍ଡିକ ହେଉଛି ଆତ୍ମତୃପ୍ତି ଖୁସି' । ବୟସର ଅନ୍ତ ସମୟରେ ପୁଅ ବୋହୂ ପାଖରେ ରହିକି 'ସେବା ଟିକକ ହେଉଛି ଆତ୍ମତୃପ୍ତି ଖୁସି' । କିନ୍ତୁ ପୁଅ ଶେଷରେ ଭୁବନେଶ୍ୱର ଚାଲିଗଲା । କିଛିଦିନ ବିତିଗଲା ବାପା ଆଉ ମାଆ ଦୁହେଁଯାକ ଚିନ୍ତାରେ ରୋଗାକ୍ରାନ୍ତ ହୋଇଗଲେ, ହଠାତ୍ ଦିନେ ମାଆର ଦେହ ବହୁତ ଅସୁସ୍ଥ ହେଇଗଲା କିନ୍ତୁ ବାପା ପୁଅକୁ କିଛି ଜଣେଇଲା ନାହିଁ । ଧୀରେ ଧୀରେ ମାଆର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେହ ଅଧିକରୁ ଅଧିକ ଅସୁସ୍ଥ ହେଇ ମାଆଟି ଆଖି ବୁଜିଦେଲା... ତଥାପି ମଧ୍ୟ ବାପା ପୁଅକୁ କିଛି ବି ଜଣାଉ ନଥାଏ । କିନ୍ତୁ ପଡିଶା ଘର ରାମବାବୁ ବୁଢାର ପୁଅକୁ ଚିଠି ଲେଖିଲେ ବାବାରେ ତୋ ମାଆର ଦେହ ବହୁତ ଅସୁସ୍ଥ ଅଛି ତେଣୁ ଯଥା ସମ୍ଭବ ଆସି ଘରେ ପହଂଚ । ପୁଅ ରାମ ବାବୁଙ୍କ ଚିଠି ପାଇବା ମାତ୍ରେ ତୁରନ୍ତ ଘରକୁ ଆସିଗଲା କିନ୍ତୁ ଆସିବା ପରେ ସେ ସମସ୍ତଙ୍କୁ ପାଇଲା କିନ୍ତୁ ତାର ଜନ୍ମଦାତ୍ରୀ ମାଆକୁ ପାଇଲାନି ବହୁତ ଦୁଃଖ ପ୍ରକାଶ କରି ଦୁଇଦିନ ପରେ ବାପାକୁ ପୁଅ କହୁଛି ବାପା ଆମେ ମାଆର ଦଶାହ କ୍ରିୟା ଏବଂ ଏକାଦଶ କ୍ରିୟାରେ ପାଞ୍ଚ ହଜାର ଲୋକଙ୍କୁ ଭୋଜନ ପାଇଁ ଆମନ୍ତ୍ରିତ କରିବା । ବାପା ତୁରନ୍ତ କାନ୍ଦି କାନ୍ଦି ଉତ୍ତର ଦେଲେ କହିଲେ ବାବୁରେ ତୋ ମାଆର ଆଖିରେ ଅନାବିଳ ଆଶା ଅସରନ୍ତି ସ୍ୱପ୍ନ କେତେ କଅଣ ଥିଲା କିନ୍ତୁ ସିଏ କଣ ପାଇଲା । ଶୁଣରେ ଗୋଟେ ମଣିଷକୁ ବଞ୍ଚିଥିଲା ବେଳେ ଯାହା ଦିଆଯିବ ସେ ପାଇବ କିନ୍ତୁ ମଣିଷ ମରିଗଲା ପରେ ଲକ୍ଷେ ଲୋକଙ୍କୁ ଭୋଜନ ଦେଲେ ସବୁ ମୂଲ୍ୟହୀନ..

ହେ ଯୁବ ପିଢ଼ିର ଅତ୍ୟାଧୁନିକ ମାନେ ନିଜର ଜନ୍ମଦାତା ଜନ୍ମଦାତ୍ରୀ ଜ୍ୱଳନ୍ତ ଭଗବାନଙ୍କୁ ଉପଯୁକ୍ତ ଭକ୍ତି, ସମ୍ମାନ ଏବଂ ଭଲପାଇବା ଦେବା ସହିତ ଯାହା ଦେବାର ଅଛି ବଂଚିଥିବା ଅବସ୍ଥାରେ ଦିଅନ୍ତୁ ଦେହ ତ୍ୟାଗପରେ ଲକ୍ଷେ ଦେଲେ ବି ସବୁ ମୂଲ୍ୟହୀନ ।

ନୂଆସାହି (ପାଟଣାଗଡ଼)

ଭ୍ରାମ୍ୟଭାଷ : ୯୮୬୬୨୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନାର କାରୁଣ୍ୟ

ସଂଜୀବ ଦାସ

ଦେଖୁ ଦେଖୁ ୧୦୦ ଦିନ ଯା ଭିତରେ ଚାଲିଗଲାଣି । ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଲକ୍ ଡାଉନ୍, ସଟ୍ ଡାଉନ୍ ଆଉ ଅନ୍ ଲକ୍ । ମାର୍ଚ୍ଚ ୨୫ରୁ ଜୁଲାଇ ୨ । ପୃଥିବୀ ଲଢୁଛି ଭୟାବହ କରୋନା ସହିତ । କୋଟିଏ ପାଖାପାଖି ସଂକ୍ରମିତ, ନିୟୁତ ମୃତ, ଲକ୍ଷାଧିକ 'ଯୋଦ୍ଧା' ଆହତ ପ୍ରାୟ । ଅଦୃଶ୍ୟ ଆତତାୟୀ ସମଗ୍ର ମାନବ କୁଳକୁ ନିଜର କରାୟତ୍ତ କରିନେଇଛି । ହାହାକାର ଓ ବିଭୀଷିକା ମଧ୍ୟରେ ଆତ୍ମରକ୍ଷା ପାଇଁ ଚାଲିଛି ଅନବରତ କସରତ । ସୁଡ଼ଙ୍ଗ ଶେଷରେ ଆଲୁଅଟିଏ ଦେଖାଯାଉଛି । କିଛି ଜଡ଼ିବୁଟି ଆସିଲାଣି, ଆସୁଛି ଆଉକିଛି । ଚିହ୍ନଟ ପାଇଁ ଚାଲିଛି ସଜବାଜ । ହୁ ହୁ ହେଇ ବଢୁଥିବା ସଂଖ୍ୟା ପାଇଁ କାହାକୁ ଦୋଷ ଦେଇ ହେବନି । ଏବେ ଜୀବନ ଆଉ ଜୀବିକା ମଧ୍ୟରେ ଘମାଘୋଟ ଲଢେଇ । ସୁରକ୍ଷା ମନ୍ତ୍ର କେବଳ ଏତିକି: କରୋନା ସହିତ ରହିବାକୁ ହେବ; ନିଜେ ନିଜର କବଚ; ନିୟମାବଳୀ ମାନିବା; ଘରୁ ନ ବାହାରିଲେ ସେ ଭିତରକୁ ଆସିପାରିବନି !! ଯୁଝିବାକୁ ହେଲେ ବୁଝିବାକୁ ହେବ... ନ ବାହାରିଲେ ନ ହେଉଛି । କେତେ ଯେ ଗରଜ ... ବରିଷ୍ଠ ନାଗରିକଟି ବଡ଼ ନାଚାର, ନା କହିପାରୁଛି, ନା ସହିପାରୁଛି । ତା ଯତ୍ନ ପାଇଁ ଅନ୍ୟମାନେ ବ୍ୟସ୍ତ ହେଉଥିବା ବେଳେ ସେ ବି ଚେଷ୍ଟା କରୁଛି ତା ଦେହି କିଛି ହୁଅନ୍ତାନି !!!

ବାଲକୋନିରେ ବସି ଏମିତି ଛିୟାଡୁ ସିୟାଡୁ ଭାବୁଥିବା ବେଳେ, ସଉଦା ପାଇଁ ଗୃହ ବିଭାଗରୁ ଆଦେଶଟିଏ । ଭାବନା ଉପରେ ଜବର ମାଡ଼ ! ଥଳିଟିଏ ଧରି ପରିବା ଆଉ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାସନ୍ ପାଇଁ ବାହାରିପଡିଲେ +୬୦ କ୍ଲବ୍ ର ଏହି ସଦସ୍ୟ ।

ସପ୍ତାହାନ୍ତ ସଟ୍ ଡାଉନ୍, ଦୁଇଦିନ ପାଇଁ, ଶନିବାର ଆଉ ରବିବାର । ପାରାବାର ଭିଡ଼ ବଜାର ସାରା । ଗାଡ଼ି ମଟର ହାଉଜାଉ । ସୋସାଲ ଡିସ୍‌ଟାନ୍‌ସିଂକୁ ଫୁ, କିନ୍ତୁ ସମସ୍ତଙ୍କ ମୁହଁରେ ତୁଣ୍ଡିଟିଏ, ଶତକଡା ଶହେ ।

ଖୁସି ଲାଗିଲା ।

ଭୁସାମାଲ ଦୋକାନରୁ ଜିନିଷ ନେଉ ନେଉ ଜନୈକ ଅତି ପୁରୁଣା ବନ୍ଧୁଙ୍କୁ ଦୂରରୁ ଚିହ୍ନିଲି । କିନ୍ତୁ, ତୁଣ୍ଡି(ମାସ୍କ) ଯୋଗୁଁ ସେ ଟିକିଏ ଡେରିକଲେ । ବେଶୀ କଥାପାଇଁ ସମୟ ଥିଲେବି ଡର ବେଶୀ ଥିଲା । ଚୁମ୍ବକେ ଚୁମ୍ବକେରେ କେଇପଦ କଥାରେ ବନ୍ଧୁ କହିଲେ: କିଭଳିଆ କଥା ମ ! ମହାମାରୀଟାର ବହପ ଦେଖ । ସମସ୍ତଙ୍କୁ ପର କରିଦେଲାଣି । ନା ମୁଁ ତୋତେ ଡାକିପାରୁଛି, ନା ତୁ ମତେ । ତତେ ସନ୍ଦେହ କରିବାକୁ ବାଧ୍ୟ ହେଉଛି । ଭାବିବୁନି କିଛି ।

ମୁଁ ଭାବୁଥିଲି, ସତରେ ମହାମାରୀଟା ଆପଣାକୁ ଏତେ ପର କରିପାରେ ?

ଝୁଲାରେ ଜିନିଷ ନେଇ ଘରକୁ ଫେରି ହାତ ସାନିଟାଇଜ୍ କଲାବେଳେ, ପଡୋଶୀ କହିଲେ ଆମ ହସ୍ପିଟାଲ ପୁରାପୁରି ସଟ୍ ଡାଉନ୍ ଏବଂ ଆମ ଏରିଆ କନଟେନମେଣ୍ଟ ଜୋନରେ ।

ଜଗାକାଳିଆକୁ ହାତ ଟେକି କହିଲି : ପ୍ରଭୋ ! କରୋନାକୁ ପୁରାପୁରି 'ନା' କେବେ !

ଆପଣ ଭାବୁଛନ୍ତି କିଛି ଜବାବ୍ ଆସିବ ? ? ? ? ?

ମନ ଟିକିଏ ଗୁଡୁ ପୁଡୁ ହେଲା କାହିଁକି । ଘର ଭିତରକୁ ଯାଇ ଆଜି ହାଟରେ ଭେଟିଥିବା ବନ୍ଧୁଙ୍କୁ ଫୋନ୍ କରି କରୋନାର କାରୁଣ୍ୟ ବଖାଣିଲି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେପଟୁ ବନ୍ଧୁ ଉତ୍ତର ଦେଲେ, "ଜଗା ମୁହଁରେ ବି ପଘା, ସେ ବି କମ୍ ହଟହଟା ହେଉଛି , ମଣିଷ ହାତରେ ଥିବା କାଗଜ କଲମରେ ତା ଭାଗ୍ୟ ଝୁଲୁଛି , ତା ସିଂହ ଦୁଆର ବି ସଟ୍ ଡାଉନ୍ । ସେ ଆଉ କି ଉତ୍ତର ଦେବ ?"

ସେ ଆହୁରି କହିଲେ, "ଶୁଣିଲେ କି ଖବରଟିଏ ? ବଡ଼ ଦେଉଳରୁ ଶାଳଗ୍ରାମ ଆଣି ବାହରେ କରାଗଲାଣି । ଶୁଣିବାକୁ ମିଳେ ୧୯୨୦ ମସିହା ମହାମାରୀ ସ୍ପେନିଶ ଫ୍ଲୁ ସମୟରେ ଏହିଭଳି ଶାଳଗ୍ରାମଟିକୁ ପଦାକୁ ଅଣାଯାଇଥିଲା । ବିଶ୍ୱାସ କରାଯାଏ ସେ ସମୟରେ ମହାମାରୀର ପ୍ରକୋପ କୁଆଡେ ଟିକିଏ ଥମିଯାଇଥିଲା ।"

ମୁଁ ଅଗତ୍ୟା ବନ୍ଧୁକୁ କହିଲି, "ତାହା ଯଦି ସତ ତେବେ ଆଜିପରା ଦିନରେ ମହାପ୍ରଭୁ ଯେତେବେଳେ ନବଦିନାତ୍ମକ ଯାତ୍ରା ଶେଷରେ ଭାଇ ଭଉଣୀଙ୍କୁ ଧରି ନୀଳାଚଳ ଧାମ ବିଜେ କରୁଛନ୍ତି, ତାଙ୍କ ଶୁଭାଶିଷ ଆଉ ଏ ଶାଳଗ୍ରାମ ଆମ ସମସ୍ତଙ୍କୁ କରୋନାର କାରୁଣ୍ୟରୁ ଅବଶ୍ୟ ଆଶ୍ୱସ୍ତି ପ୍ରଦାନ କରିବ ।"

ସିଡିଏ, କଟକ,

ଭ୍ରାମ୍ୟମାଣ: ୬୩୭୨୬୧୯୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତୀକ୍ଷା

ଅନୁରୂପା ପଣ୍ଡା

"କୃପା କରି ଧ୍ୟାନ ଦିଅନ୍ତୁ । ଅମୁକ ଟ୍ରେନ ଆଜି ଏକ ଘଣ୍ଟା ବିଳମ୍ବରେ ପହଂଚିବ ।" ଏହି ସୂଚନା ଶୁଣିବା ସାଙ୍ଗେ ସାଙ୍ଗେ ସୌରଭ ବାବୁଙ୍କ ମୁହଁ କ୍ରୋଧରେ ଟମାଟୋ ଭଳି ନାଲି ପଡିଗଲା ।

ସୌରଭ ବାବୁ - ୨୪ ବର୍ଷ ବଂଚିବାର ଅଭିଜ୍ଞତା ଥିବା ଯୁବକ । କଠୋର ବ୍ୟବହାର । ପଥର ହୃଦୟ । ନିର୍ଜନ ନିବାସୀ । ଗ୍ରୀଷ୍ମ ଅବକାଶର ଉପଯୋଗ କରି ନିଜର ଦିନଲିପିର ଆଉ ଗୋଟିଏ ପୃଷ୍ଠାକୁ ସ୍ମୃତିରେ ଭରିଦେବା ଉଦେଶ୍ୟ ନେଇ ବାହାରିଥିଲେ ନୂଆ ସ୍ଥାନକୁ । ତାଙ୍କୁ କେହି ଜଣେ ଲକ୍ଷ୍ୟ କଲେ ଭଲଭାବେ ଜାଣିପାରିବ ଯେ ଭାଗ୍ୟ ତାଙ୍କ ଜୀବନକୁ ପରୀକ୍ଷାରେ ପୂର୍ଣ୍ଣ କରିଦେଇଥିଲା, କିନ୍ତୁ ସଫଳ ହେବାର ବାଟ ବନ୍ଦ କରିଦେଇଥିଲା । ଏହି ସବୁ ପରୀକ୍ଷାରେ ଅନୁତ୍ତୀର୍ଣ ହେବା ପରେ ମନ ଭିତରେ ସ୍ଥିରତାର ବାଡ଼ ଭଙ୍ଗିଯାଇଛି, ଏବଂ ଅସ୍ଥିରତାର ଲହରୀ ଜୀବନ ପ୍ରତି ହେଇଯାଇଥିବା ଘୃଣା ଭାବକୁ ପ୍ରତିଶୋଧରେ ପରିଣତ କରିଦେଇଛି । ଏହି ପ୍ରତିଶୋଧ ଯୋଗୁଁ ଦୁଃଖର ନଦୀରେ ଥାଇ ମଧ୍ୟ ପହଁରିକି ବାହାରକୁ ଆସିବାକୁ ଚେଷ୍ଟା କରିନାହାନ୍ତି । ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ବର୍ତମାନ ହେଉଛି କାହାଣୀକୁ ପ୍ରତ୍ୟାବର୍ତନ କରିବାର ସମୟ ।

ରେଳବିଭାଗର ସୂଚନା ଶୁଣିବା ପରେ କ୍ରୋଧଜର୍ଜରିତ ସୌରଭବାବୁ ଷ୍ଟେସନରୁ ବାହାରି ଆସିଲେ । ସେହି ସମୟରେ ସେ ଅପରିଷ୍କାର ପୋଷାକ ଓ ମଇଳା ଥାଳି ଧରିଥିବା ଗୋଟିଏ କୁନି ଝିଅଟିକୁ ଦେଖିଲେ । ହଠାତ ରହସ୍ୟମୟ ଢ଼ଙ୍ଗରେ ଅନଭିଜ୍ଞଙ୍କ ଭଳି ସେ ଝିଅ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଖକୁ ଯାଇ ସେ ଥାଳିରେ କିଛି ପକେଇଦେଲେ, କିନ୍ତୁ ସେ ଝିଅଟି ତାଙ୍କୁ ଉପେକ୍ଷା କରି ନିଜର ବାମ ଦିଗକୁ କାହାକୁ ପ୍ରତୀକ୍ଷା କରିବାର ଶୈଳୀରେ ଚାହୁଁଥିଲା । ଯେତେବେଳେ ସୌରଭ ବାବୁ କୁନି ଝିଅଟିର ଉପେକ୍ଷା ଏବଂ ପ୍ରତୀକ୍ଷା ବିଷୟରେ ଜିଜ୍ଞାସା କଲେ ସେବେ ଝିଅଟି ନିଜର ମଧୁର ସ୍ୱରରେ ଉପସ୍ଥାପନ କଲା, "ସବୁଦିନ ଭଳି ଆଜି ମଧ୍ୟ ମୋ ଭାଇ ମନ୍ଦିରରେ ଆମ ପାଇଁ ଖାଇବା ଆଣିବାକୁ ଯାଇଛି । ଯେତେବେଳେ ଘଡିର ତିନୋଟି କଣ୍ଟା ଏକାସାଥିରେ ଉପରମୁହାଁ ହୋଇ ରୁହନ୍ତି ସେତେବେଳେ ସେ ଫେରିଆସେ, କିନ୍ତୁ ଆଜି ତିନୋଟି କଣ୍ଟା ଏକାସାଥିରେ ରହି ଅଲଗା ମଧ୍ୟ ହେଇଗଲାଣି । ସେ ଆସିନି ।"

ସୌରଭ ବାବୁ ଷ୍ଟେସନର ବାହାରେ ଲାଗିଥିବା ଘଡିକୁ ଦେଖିଲେ । ସେ ସ୍ପଷ୍ଟଭାବେ ବୁଝିପାରିଲେ ଯେ ଝିଅଟିର ଭାଇ ୧୨ଟା ବେଳେ ଚାଲିଆସେ, କିନ୍ତୁ ଆଜି ୧:୧୫ ବାଜିଗଲାଣି । କିଛି କହିବା ଠିକ ନଭାବି ସେ ସେଠାରୁ ଚାଲିଆସିଲେ । ବାହାରେ ପଦଚାରଣା କରୁଥିବା ସମୟରେ ୪୯ ବର୍ଷର ଗୋଟିଏ ଛୋଟାକୁ ଦେଖିଲେ । ସିଡିର ଉପରକୁ ଚଢ଼ିବାରେ ଅକ୍ଷମଥିଲେ ମଧ୍ୟ ପ୍ରୟାସ କରିବାକୁ ପଛଘୁଞ୍ଚା ଦେଉନଥିଲା । ପ୍ରୟାସ ଜାରି ରଖିଥିବା ସମୟରେ ତାକୁ ଜୋରସେ ଆଘାତ ହେଲା ଆଉ ସେ ଗୋଟିଏ କୋଣରେ ଯାଇ ବସିପଡ଼ିଲା । ସୌରଭ ବାବୁ ସେହି ଦିବ୍ୟାଙ୍ଗକୁ ଦେଖି କିଛି ଅଲଗା ପ୍ରକାର ଅନୁଭବ କଲେ ଏବଂ ସେ ଦିବ୍ୟାଙ୍ଗ ପାଖକୁ ଗଲେ । କିଛି ପଚାରିବା ଆଗରୁ ହିଁ ସେ ଶୁଣିପାରିଲେ ଦିବ୍ୟାଙ୍ଗର କଥା । ସେ ନିଜକୁ ନିଜେ ନିଜର ଅକ୍ଷମତା ପାଇଁ ଗାଳି କରୁଥିଲା । ଦିବ୍ୟାଙ୍ଗର ଶବ୍ଦ ସଂଯୋଜନା ଥିଲା, "ଆଜି ମୋ ଝିଅ ବିଦେଶରୁ ଫେରୁଛି । କିନ୍ତୁ ମୁଁ ତାକୁ ଆଣିବା ପାଇଁ ଟ୍ରେନ ପାଖକୁ ବି ଯାଇପାରୁନି, ମୁଁ ପୁଣି ପ୍ରୟାସ କରିବି କାଳେ ହେଇଯିବ ।" ଦୀର୍ଘବର୍ଷରୁ ଲୁହର ସାଗରକୁ ବକ୍ଷ ପ୍ରଦାନ କରିଥିବା ସୌରଭ ବାବୁଙ୍କ ଆଖିରେ ପାଣି ଆସିଗଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହାଯ୍ୟର ହାତବଢ଼ାଇ ଦିବ୍ୟାଙ୍ଗକୁ ଷ୍ଟେସନ ପର୍ଯ୍ୟନ୍ତ ନେଇଗଲେ । ତା'ସହ କଥାବାର୍ତ୍ତା ହେଉଥିବା ସମୟରେ ଜଣାପଡିଲା ଯେ ଯେଉଁ ଟ୍ରେନ ଆଜି ୧ଘଣ୍ଟା ବିଳମ୍ବ ଅଛି ସେହି ଟ୍ରେନରେ ତାଙ୍କ ଝିଅ ଆସୁଛି । ସେ ତତକ୍ଷଣାତ ସେଠାରୁ ଦୁରେଇ ଆସିଲେ । ଭାବିବାକୁ ଲାଗିଲେ, ଷ୍ଟେସନ ବାହାରେ କୁନି ଝିଅଟି ତା ଭାଇପାଇଁ କେତେ ପ୍ରତୀକ୍ଷା କରିପାରୁଛି କିନ୍ତୁ ଏଠାରେ ଆମ ସୌରଭ ବାବୁ ଟ୍ରେନ ବିଳମ୍ବ ହେବାର ଖବର ଶୁଣି କ୍ରୋଧିତ ହୋଇଗଲେ । ଧୈର୍ଯ୍ୟର ଅଭାବ । ଦିବ୍ୟାଙ୍ଗ ଅଗଣିତ ପ୍ରୟାସ ପରେ ମଧ୍ୟ ହାର ମାନିନଥିଲା, ଭଗବାନ ସୌରଭ ବାବୁଙ୍କୁ ହିଁ ଦିବ୍ୟାଙ୍ଗର ସାହାଯ୍ୟ କରିବାକୁ ପଠେଇଲେ, କିନ୍ତୁ ଏଠାରେ ସୌରଭ ବାବୁ ଥରେ ପ୍ରୟାସ କରି ବିଫଳ ହୋଇଯିବାରୁ ପ୍ରତିଶୋଧର ନିଆଁରେ ଜଳୁଛନ୍ତି ।

ସମସ୍ତ ଘଟଣାକ୍ରମକୁ ଭାବି ଭାବି କାନ୍ଦିବାରେ ଲାଗିଲେ । ସମୟ ହେଲା । ଟ୍ରେନ ଆସିଲା । ଦିବ୍ୟାଙ୍ଗର ଝିଅ ମଧ୍ୟ ଆସିଲା । ନିଜ ବାପାଙ୍କୁ ପ୍ଲାଟଫର୍ମରେ ଦେଖି ଖୁସିର ସୀମା ରହିଲା ନାହିଁ । ସୌରଭ ବାବୁ ଟ୍ରେନର ଯାତ୍ରା କରିବା ସମୟରେ ନିଜକୁ ପୁରା ବଦଳେଇ ଦେଲେ । ଟ୍ରେନରେ ବସିଥିବା ନିଷ୍ଠୁର ହୃଦୟହୀନ ସୌରଭ ବାବୁ ନମ୍ର ସରଳରେ ପରିଣତ ହୋଇଗଲେ । କହିପାରିବା ଯେ ପ୍ରତିଶୋଧର ବହ୍ନି ଭଲପାଇବାର ପୁଷ୍ପରେ ପରିଣତ ହୋଇଗଲା ।

ଅନୁରୂପା ପଣ୍ଡା
ଭ୍ରାମ୍ୟଭାଷ : ୯୭୭୭୩୯୩୪୨୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତପସ୍ୱିନୀର ତିମିର

ରୋଜା ପଣ୍ଡା

ପତି ପତ୍ନୀଙ୍କର ଗଭୀର ପ୍ରେମଭାବନା ମଧ୍ୟରେ ଅୟମାରମ୍ଭ ହୁଏ ଗଳ୍ପଟି । ଯାହାର ମୁଖ୍ୟ ଚରିତ୍ର ଭୂମିକାରେ ନିଜକୁ ଅବିହିତ କରିଥାଏ ନିରୀହ, ଅପାଠୁଆ ସନିଆ ମହାରଣା । ବ୍ରାହ୍ମଣୀ ନଦୀର ତଟଦେଶରୁ ଟିକିଏ ଦୂର ଛାଡି ମହାରଣା ବସ୍ତି । ବସ୍ତିଟି ବିଲକୁଲ ଛୋଟିଆ ପଲ୍ଲୀ ସଦୃଶ୍ୟ । ଚାଳିଆ, ନୁଆଁଣିଆ କୁଡ଼ିଆ ଗୁଡିକ ଛୋଟ ସିନା କିନ୍ତୁ କାନ୍ଥ ଏବଂ କୁଟୀର ଗୁଡିକର ସାଜସଜ୍ଜା ଖୁବ ମନୋମୁଗ୍ଧକର । ସକାଳ ହେଲେ ସେହି ବସ୍ତିରୁ ଛୁଟିଆସେ ଠକ ଠକ, ଠକ ଠକ ଶବ୍ଦ ଏବଂ ତା ସହିତ କାନରେ ଗୁଞ୍ଜରି ଉଠେ ମହାରଣା ମାନଙ୍କର ନିଜ କର୍ମ କୁଶଳୀର ତାଳେ ତାଳେ ଗୁଣୁଗୁଣୁ ସଙ୍ଗୀତ ମୂର୍ଚ୍ଛନା । ଏମିତି ଏକ ପଲ୍ଲୀ ମଧ୍ୟରେ ଆତ୍ମଗୋପନ କରିଥାଏ ସନିଆ ମହାରଣାର କୁଟୀର । ସନିଆ ଖୁବ୍ କମ୍ ବୟସରୁ ମହାରଣା କାର୍ଯ୍ୟରେ ସିଦ୍ଧହସ୍ତ । ନିଜର ଦକ୍ଷତା ବଳରେ ଯେତିକି କାମପାଏ ସେଇଥିରେ ସେ ନିଜର ଅନ୍ନ ସଂସ୍ଥାନ କରେ । ତାର ସେହି ଅର୍ଦ୍ଧଭଗ୍ନ କୁଟୀର ମଧ୍ୟରେ ଆତ୍ମଗୋପନ କରିଥିବା ଅନ୍ୟ ଜଣେ ସୁନ୍ଦରୀ, ସୁଶୀଳା ନାରୀ ହେଉଛି ତାର ଧର୍ମପତ୍ନୀ ସାବିତ୍ରୀ ।

ନବ ବିବାହିତା ସାବିତ୍ରୀ କୁଟୀର ମଧ୍ୟରେ ପ୍ରାୟତଃ ଏକୁଟିଆ ରହେ । ସନିଆ ବେଶୀ ସମୟ ଗୃହରେ ରହିପାରେନାହିଁ । ଜୀବିକା ଅର୍ଜନ ନିମିତ୍ତ ତାକୁ ବହୁତ ସମୟ ବାହାରେ କାଟିବାକୁ ପଡେ । କିନ୍ତୁ ଯେତିକି ସମୟ ସେ ବାହାରେ ଥାଏ ମନ ତାର ଥାଏ ଘରକୁ ବାହୁଡ଼ିବା ଆଶାରେ । ତାର କର୍ମତପ୍ତର ମନ କର୍ମ ପାଇଁ ଯେତିକି ବ୍ୟାକୁଳ ସେତିକି ବ୍ୟାକୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାର ସୁଶୀଳା ପ୍ରେୟସୀ ସାବିତ୍ରୀ ପାଇଁ । ହେଲେ କଣ କରିବ ? ବଞ୍ଚିବାପାଇଁ ତ ଅନ୍ନସଂସ୍ଥାନ ଅପରିହାର୍ଯ୍ୟ । ଏପଟେ ଗୃହରେ ତାର ତରୁଣୀ ପତ୍ନୀ ସନ୍ଧ୍ୟାରେ କ୍ଷୀଣ ଦୀପଟି ଢ଼ାଳିଦେଇ ସ୍ୱାମୀର ଆଗମନକୁ ଅପେକ୍ଷା କରିଥାଏ ଚାତକ ଚଢେଇ ପରି । ମନରେ ତାର ଆଶାର ଆଲୋକ ସଞ୍ଚାରି ଉଠେ ଯେତେବେଳେ ତାର ପ୍ରଦୀପଟି ଉଜ୍ଜ୍ୱଳ ହୋଇ ଜଳିଉଠେ । ସେ ଆତ୍ମସନ୍ତୋଷ ଲାଭ କରେ । ଚିନ୍ତାକରେ ସ୍ୱାମୀ ତାର ଫେରିବା ସମୟରେ ମୋଡ ଆରମ୍ଭରୁ ଦେଖିପାରୁଥିବ ଅବା ! ଏମିତିରେ ବିତିଯାଏ ଆଠମାସ । ସାବିତ୍ରୀ ହୁଏ ଗର୍ଭବତୀ । ଖୁସିରେ ସନିଆ ନାଚିଉଠେ । ଘରକୁ ନୂଆ ଅତିଥି ଆସିବାର ଆଭାସ ତାକୁ ଆହୁରି କର୍ମତତ୍ପର କରାଏ । ନୂଆ ଅତିଥିର ଭବିଷ୍ୟତକୁ ନେଇ ସ୍ୱପ୍ନର ରଙ୍ଗ ମହଲରେ ଘୁରିବୁଲେ ସେ । ସୁନେଲି ସ୍ୱପ୍ନରେ ତାର ଆଖି ଭରିଯାଏ । ବଗଲା ,ବଗୁଲି ଦୁହିଁଙ୍କ ସ୍ୱଜପ୍ନ ଆଉ ଅପେକ୍ଷାରେ ବିତିଯାଏ ଦିନ ଗୁଡିକ ।

ଗ୍ରୀଷ୍ମର ପ୍ରକୋପ ଧରାପୃଷ୍ଠରୁ ଅବତରିଯାଏ ଧୀରେ ଧୀରେ । କଳାମେଘ ତାର ସବାରୀ ଧରି ପସରା ମେଲାଏ ଧରଣୀରେ । ଆଗମନ ହୁଏ ଆଷାଢର । ସନିଆ ମନରେ ଦ୍ୱନ୍ଦ । ଅନ୍ନସଂସ୍ଥାନର ସନ୍ଧାନ ଉଦେଶ୍ୟରେ ସେ ହୋଇଉଠେ ତତ୍ପର । ବର୍ଷାଦିନେ କାମ ମିଳିବା ଟିକିଏ କଷ୍ଟ । ବର୍ଷା ଜଳରେ ଓଦା ହେଇଯାଏ କାଠ ଏବଂ ଅନ୍ୟାନ୍ୟ ଉପକରଣ ।

ସେଦିନ ବର୍ଷା ଟିକେ ଥମିଯାଇଥିଲା । ସନିଆ ମହାରଣା ବାହାରିଲା ନଦୀ ଆରପାରିର ମନ୍ଦିର କାମ ପାଇଁ । ଏପଟେ ତାର ଧର୍ମପତ୍ନୀ ନଅମାସର ଗର୍ଭବତୀ । ସନିଆ କାମକୁ ବାହାରୁଥିବାର ଦେଖି ତାର ସ୍ତ୍ରୀ ସାବିତ୍ରୀ ମହାବ୍ୟସ୍ତ । ଏ ଗର୍ଭକଷ୍ଟକୁ ନେଇ ପୁରା ଦିନଟା ଯେ ଏକା ଏକା କେମିତି କଟାଇବ ? କିନ୍ତୁ ସନିଆ ଆଜି ଯିବାକୁ ବାଧ୍ୟ । ବହୁତ ଦିନ ହେବ ବର୍ଷା ଲାଗିରହିଥିବାରୁ ସେ କାମକୁ ଯାଇପାରିନାହିଁ । କାମକୁ ନଗଲେ ଖାଇବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ ? ସ୍ତ୍ରୀ ଆଉ ଦୁନିଆ ଦେଖିନଥିବା ସନ୍ତାନର ଚିନ୍ତା ତାର ଦରଦୀ ମନକୁ ଆହୁରି ଅସ୍ତବ୍ୟସ୍ତ କରିପକାଉଥିଲା । ସାବିତ୍ରୀର କିନ୍ତୁ ଏକା ଜିଦ । ଆଜି କାମକୁ ଯାଅନାହିଁ । ସାବିତ୍ରୀ ଲାଜର ଓଢ଼ଣା ଟାଣି ହୃଦୟ ଶଙ୍କିତା ତରୁଣୀ ପରି ସନିଆକୁ କହିଲା,"ମୋ କଥା ଶୁଣିବନି ଆଜି " ?

ଉଦର ଏବଂ ହୃଦୟର ଏପରି ଲଢେଇ ଭିଡ଼େଇ ଭିତରେ ବିଚରା ସନିଆ କାହାର ପକ୍ଷ ସମର୍ଥନ କରିବ ସ୍ଥିର କରିପାରିଲାନାହିଁ । ତଥାପି ପ୍ରେମ କରିବା ପାଇଁ ପ୍ରଥମେ ବଞ୍ଚିରହିବା ଅପରିହାର୍ଯ୍ୟ ବୋଲି ମନରେ ଚିନ୍ତାକରି ସନିଆ ଅଣ୍ଟା ଭିଡିଲା କାର୍ଯ୍ୟସ୍ଥଳକୁ ଗମନର ଉଦେଶ୍ୟରେ । ଏଥର କିନ୍ତୁ ଚପଳମତୀ ସାବିତ୍ରୀ ସନିଆକୁ ଅଟକାଇଲା ନାହିଁ । କାରଣ ସେ ବି ଭୋକର ଜ୍ୱାଳା ଅନୁଭବ କରିପାରୁଥିଲା । କେବଳ ସନ୍ଧ୍ୟା ନ ହେଉଣୁ ସଅଳ ଫେରି ଆସିବାପାଇଁ ଅନୁରୋଧଟିଏ ବାଢ଼ିଥିଲା ସନିଆର ଦ୍ୱନ୍ଦଭରା ମୁଖମଣ୍ଡଳକୁ ଚାହିଁ । ସନ୍ଧ୍ୟାବେଳେ ବ୍ରାହ୍ମଣୀ ଆରପାରିର ମାହେଶ୍ୱରୀ ମନ୍ଦିରରେ ପୂଜା ଦେବାପାଇଁ କାହିଁ କେବେଠୁ ସେ ମନେ ମନେ ମାନସିକଟିଏ କରିପକାଇଥିଲା । ଆଉ ସେଇ ପୂଜାର ବିଳମ୍ବ ହେତୁ ଏଇ କିଛିଦିନ ହେବ ସେ ଗୁଡ଼ାଏ ଇଆଡୁ ସିଆଡୁ ସପନ ଦେଖୁଛି । ଆଜି ବରଷା ନାହିଁ । ପାଗ ଟିକିଏ ଶୁଖିଲା । ସେଇଥିପାଇଁ ମନରେ ଠାଣିଛି ସାବିତ୍ରୀ, ଆଜି ହିଁ ଯିବ ମନ୍ଦିର । ସର୍ବ ଦୁଃଖ ହାରିଣୀ ମାତା ମାହେଶ୍ୱରୀଙ୍କ ମନ୍ଦିର ।

ଏଥର କାମକୁ ବାହାରିପଡିଲା ସନିଆ । ସାବିତ୍ରୀ ଦିନ ତମାମ ଏକା ଏକା ଓଳି ମୁଣ୍ଡେ ଅପେକ୍ଷା କରିଥାଏ ତାର ନାଥେଶ୍ୱର ସନିଆକୁ ।

ସନ୍ଧ୍ୟା ଆସନ୍ନ ପ୍ରାୟ । ସନିଆ ପହଞ୍ଚିଗଲା ସ୍ୱକୁଟୀରରେ । ଓଠରେ ଢେରସାରା ସ୍ମିତହାସ୍ୟ । ଅଣ୍ଟିରୁ କାଢିଲା ଦିନ ତମାମର ଝାଳବୁହା ରୋଜଗାର ଟଙ୍କା । ଖୁସିରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଦଗଦ ହେଇ କହିଲା, "ହେଇଟି ସାବି ! ଆଜି ଗୁଡ଼ାଏ ଟଙ୍କା ରୋଜଗାର ହେଲା ମ, ପୁରା ଦୁଇଦିନ ଚଳିଯିବ " । ଅପରପାର୍ଶ୍ୱରୁ ମଧୁର କଣ୍ଠରେ ତରୁଣୀ ସାବି ମୃଦୁ ଗଳାରେ ଉତ୍ତର ଦେଲା ,"ତାହାଲେ ଚାଲ ମନ୍ଦିର ଯିବା । ବେଳ ଉଚ୍ଛୁର ହେଲାଣି । ସନ୍ଧ୍ୟା ଆଳତୀ ସରିଯିବ ଯେ "।

ସନିଆ ଚାହିଁଲା ସାବିତ୍ରୀକୁ । ପୂର୍ଣ୍ଣିମାର ଚାନ୍ଦ ପରି ଦେଖାଯାଉଥିଲା ତାର ଅତିପ୍ରିୟ ସାବିର ମୁଖମଣ୍ଡଳ । ସେତେବେଳକୁ ସାବିତ୍ରୀର ଗଣ୍ଡ କିନ୍ତୁ ଲଜ୍ଜ୍ୟାରେ ଲାଲ ପଡିଯାଇଥିଲା । ବ୍ୟସ୍ତ ବିବ୍ରତ ସାବିତ୍ରୀ ଆସ୍ତେ ଆସ୍ତେ ଅବଗୁଣ୍ଠନ ଟାଣିଦେଇ କହିଲା," ଚାଲ ! ସଅଳ ଚାଲ ।

ଦୁହେଁ ବାହାରି ପଡିଲେ ବ୍ରାହ୍ମଣୀର ତୀରଭୂମିକୁ । ମୁହାଣରେ ପହଞ୍ଚି ଦେଖିଲେ - ନାଉରିଆ ଭାଇ ନିଜ ନୌକା ଉପରେ ବସି ଗୀତ ଗାଉଛି ,

" ଏଇ ମଧୁର ସଞ୍ଜରେ ଆ ...ଆ ...ଆ
କେ ଯିବ ଆରପାରି , ଆହୁଲା ମାରିମାରି
ନଉକା ବାହି କରି , ଢେଉରେ ଖେଳିଖେଳି
ମୋ ସାଥେ ଗୀତ ଗାଇରେ ..ଆ ...ଆ..ଆ
ଏଇ ମଧୁର ସଞ୍ଜରେ....."

ସନିଆ ଡାକିଲା .... ହୋ ନାଉରିଆ ଭାଇ । ଆରପାରି ଯିବ ?

ନାଉରିଆ ଭାଇ ହସିଦେଇ କହିଲା ....ହଁ .....ହଁ....ଆସ .....ଆସ .....ସଅଳ ଆସ । ଦୁଇଜଣଙ୍କୁ ପାଞ୍ଚଅଣା ନେବି ।

ସନିଆ ଉତ୍ତର ଦେଲା , ହୋଉ ହୋଉ ପାଞ୍ଚଅଣା ଦେବି । ଚାଲ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାବି ଆଉ ସନିଆ ଆସି ନୌକା ଉପରେ ବସିଲେ । ସ୍ୱାମୀର ସମ୍ମୁଖରେ ବସିଲା ସ୍ତ୍ରୀ । ସନିଆ ମନେ ମନେ ହସୁଥାଏ । ମଝି ନଈରେ ନୌକାଟି ପାଣି କାଟି ଚାଲିଥାଏ । ଆହୁଲାର ଝପ ଝପ ଶବ୍ଦର ତାଳେ ତାଳେ ଦୂର ବିଲରୁ ପହରିକିଆର ରାବ ଗୁଞ୍ଜରି ଉଠେ । ସନିଆ ମଝିରେ ମଝିରେ ସାବିକୁ ନିଜ ଛାତି ଆଡକୁ ଟାଣିନିଏ । ସାବି କିନ୍ତୁ ଛାଟି ଅଲଗା କରିଦିଏ ସନିଆକୁ । ସନିଆ ଭୂତ ,ପ୍ରେତର ଭୟ ଦେଖାଏ ସାବିକୁ । ପାଷାଣୀ ସାବିତ୍ରୀ କିନ୍ତୁ ସେଇଭଳି ବସିଥାଏ । ସନିଆ ବୁଝିପାରେନି ସାବିତ୍ରୀର ଅଭିମାନର କାରଣ । ସେ ପଚାରିଚାଲେ ସାବିକୁ ।ସାବି ମୁରୁକି ହସିଦିଏ ଓ ପୁଣି ମୁହଁ ଫେରାଇନିଏ ସନିଆ ପାଖରୁ । ସେତେବେଳକୁ ଆକାଶର ଗୋଟିଏ କୋଣରୁ ମେଘଖଣ୍ଡ ଉଠାଇ ସମଗ୍ର ଆକାଶ ବ୍ୟାପିବାକୁ ବସିଲାଣି ସେ ଆଡକୁ କାହାର ଲକ୍ଷ ନାହିଁ । ହଠାତ ବିଦ୍ୟୁତର ଆଲୋକ ଝଲସି ଉଠିବା ପରି ବିଜୁଳି ସାଙ୍ଗକୁ ଘଡ଼ଘଡ଼ି ଶବ୍ଦର କମାଣ ଫୁଟିଲା । ଚମକି ପଡି ଭୟତ୍ରସ୍ତା ରମଣୀ ସନିଆର ବକ୍ଷସ୍ଥଳରେ ମିଶିଯିବାକୁ ଚେଷ୍ଟା କଲା । ସନିଆ ଫିର କରି ହସିଦେଇ ସ୍ତ୍ରୀକୁ ନିଜର କୋଳରେ ଚାପିଧରି ବଜ୍ରକୁ ଅଶେଷ ଧନ୍ୟବାଦ ଦେଲା । ଧୀରେ ଧୀରେ ପବନର ଗତି ବଢିବାକୁ ଲାଗିଲା । ନାଉରିଆ ଭାଇ ମଙ୍ଗ ସଳଖି ମାତା ମାହେଶ୍ୱରୀଙ୍କୁ ସ୍ମରଣ କଲା । ସେତେବେଳକୁ ଚାରିଆଡେ ତିମିର ଖେଳିଯାଇଥିଲା । ତପସ୍ୱିନୀର ବକ୍ଷ ଚିରି କ୍ଷଣେ କ୍ଷଣେ ବିଜୁଳି ଖେଳିଯାଉଥିଲା ଆକାଶ ବକ୍ଷରେ । ଚନ୍ଦ୍ର ମଧ୍ୟ ଖଣ୍ଡ ଖଣ୍ଡ ମେଘ ମଧ୍ୟରେ ଆତ୍ମଗୋପନ କରିସାରିଥିଲେ । ନାଉରିଆ ଭାଇ ନୌକାର ପାଲଟାକୁ ନୁଆଁଇ ଆଣିଲା । ସଙ୍ଗେ ସଙ୍ଗେ ନୌକାର ଗତି ଶିଥିଳ ହୋଇଗଲା କିନ୍ତୁ ପବନର ବେଗ ବଢିବା ସହିତ ବ୍ରାହ୍ମଣୀ ଉର୍ଦ୍ଧ୍ୱଦେଶକ ବଡ଼ବଡ଼ ଢେଉ ତୋଳିଲା ।

ସାବିତ୍ରୀ ଭୟରେ ସନିଆ ଛାତିରେ ଆଉଜି ଜଡିଭୂତ ହୋଇ ବସିଥାଏ । ପବନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଙ୍ଗକୁ ବର୍ଷାର ବେଗ ମଧ୍ୟ ବଢ଼ିଲା । ନୌକାଟିର ଦୁଇପାଖରେ ଲହରୀ ବାଡେଇ ହେବାକୁ ଲାଗିଲା । ପାଣି ଛିଟିକି ନୌକା ଭିତରକୁ ପଶିବାକୁ ଆରମ୍ଭ କଲା । ଚତୁର୍ଦ୍ଦିଗ ଅନ୍ଧକାର !

ସନିଆ ଆଉ ସାବିତ୍ରୀ ଦୁହିଁଙ୍କର ହୃଦସ୍ପନ୍ଦନ ଖୁବ ଜୋର ରେ ବଢିବାକୁ ଲାଗିଲା । ସେ ଅନୁଭବ କରୁଥିଲେ ତାଙ୍କ ଚତୁଃପାର୍ଶ୍ୱରେ ଖେଳିଯାଇଥିବା କ୍ଷୁଧିତ ଜଳରାଶିର ଲେଲିହାନ ଜିହ୍ୱାକୁ ।

ଜଳସ୍ରୋତର ବେଗ ସହସ୍ର ଗୁଣରେ ବୃଦ୍ଧି ପାଇଲା । କ୍ଷୁଧିତ ଲହାରୀମାଳା ମଧ୍ୟରେ ନୌକାର ଏପରି ପ୍ରଖର ଗତି ଦେଖି ସାବିତ୍ରୀ ଭୟ ବ୍ୟାକୁଳରେ ସ୍ୱାମୀର ଅଙ୍ଗକୁ ଲାଗିରହିଲା । ସନିଆ ନିରୁପାୟ । ସାବିତ୍ରୀର ଭୟ ଦୂର କରିବାପାଇଁ କେବଳ ତାର ବାହୁରେ ହାତ ମାରି ସାନ୍ତ୍ୱନା ଦେବା ଛଡା ତା ପାଖରେ ଅନ୍ୟ କୌଣସି ଉପାୟ ନଥିଲା । ବିଦ୍ୟୁତରେଖା ସହ ବାରମ୍ବାର ବଜ୍ରର ଭୀଷଣ ଗର୍ଜ୍ଜନରେ ସାବିତ୍ରୀ ଭୟରେ ଆତୁର ହୋଇ ସନିଆର ଅଙ୍ଗକୁ ଦୁଇ ବାହୁରେ ନିବିଡ ଭାବରେ ବାନ୍ଧି ପକାଇ ନିଜର ଘନସ୍ପନ୍ଦିତ ବକ୍ଷ୍ୟସ୍ଥଳକୁ ସନିଆର ଅଙ୍ଗରେ ଚାପିଦେଇ ହୃଦପିଣ୍ଡର ଦାରୁଣ ନର୍ତ୍ତନ ଦମନ କରିବାପାଇଁ ଚେଷ୍ଟା କଲା । ଠିକ ସେତିକିବେଳେ ଝଲକାଏ ପାଣି ନୌକା ମଧ୍ୟରେ ପ୍ରବେଶ କଲା । ନୌକାଟି ଟଳମଳ ହେବାକୁ ଲାଗିଲା । ସାବିତ୍ରୀ ଜଳର ଭୀଷଣ ଆକାର ଦେଖି ସଂକୁଚିତା ହୋଇଉଠିଲା । ଏମିତି ପରିସ୍ଥିତିରେ ତାର ଗର୍ଭ ବେଦନା ବଢ଼ିବାରେ ଲାଗିଲା । କଣ କରିବ ସେ ? ସନିଆ ଆଖିରେ ଲୁହର ବନ୍ୟା । ତାର ସ୍ୱପ୍ନ କଣ ସବୁ ଭାଙ୍ଗି ଚୁରମାର ହେଇଯିବ ? ନା ....ନା ...ସେ ନିଶ୍ଚିତ ତାର ସ୍ତ୍ରୀ ସାବିତ୍ରୀ ଆଉ ତାର ଗର୍ଭରେ ବଢୁଥିବା ପିଲାକୁ ବଞ୍ଚାଇବ । ସନିଆ ନୌକାର ମଙ୍ଗ ଆଡକୁ ନଜର ପକାଇଲା । ନୌକାଟି ଗଣ୍ଡ ମଧ୍ୟରେ ଆହୁତି ହେବା ପୂର୍ବରୁ ନାଉରିଆ ଭାଇ ନୌକାରୁ ଡେଇଁ ନଦୀରେ ସନ୍ତରଣ କରି କୂଳ ଲଙ୍ଘିବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରୟାସ କରୁଥିଲା । ସନିଆ ଏଥର ଅଣ୍ଟା ଭିଡିଲା । ପ୍ରେୟସୀ ବାହୁବନ୍ଧନରୁ ନିଜକୁ ମୁକ୍ତକରି ନୌକାର ମଙ୍ଗ ସଳଖିବାକୁ ଚେଷ୍ଟା କଲା । ଅର୍ଦ୍ଧମଗ୍ନା ସାବିତ୍ରୀ ଶୋକାତୁର । ସନିଆ ନୌକା ସମ୍ଭାଳିବାକୁ ପ୍ରୟାସରତ । ଦଲକାଏ ପବନ ଖୁବ ଜୋର ରେ ମାଡି ଆସି ନଦୀର ପାଣିକୁ ଦୋହଲାଇଦେଲା । କ୍ଷଣିକରେ ନୌକାଟି ଜଳମଗ୍ନ ହେଇ ଅତଳ ନଦୀଗର୍ଭର କଳାଭଉଁରୀ ମଧ୍ୟରେ ଆତ୍ମଗୋପନ କଲା । ନୌକା ସହିତ ସାବିତ୍ରୀ ଅକାତକାତ ଜଳରାଶି ଭିତରେ ଲୀନ ହେଇଗଲା । ନିଜ ଗର୍ଭର ଭାରି ପଣ ତାକୁ ନିମ୍ନଗାମୀ କଲା । ସନିଆ ସନ୍ତରଣରେ ସିଦ୍ଧହସ୍ତ ଥିବାରୁ କୌଣସିମତେ ଭଉଁରୀରୁ ବାହାରି ଭରା ନଦୀରେ ପହଁରି ପହଁରି ପତ୍ନୀ ସାବିତ୍ରୀକୁ ଖୋଜିଲା । ତାକୁ ସବୁଆଡେ କେବଳ ପାଗଳ ତରଙ୍ଗ ଜଳରାଶିର ନୃତ୍ୟ ଦେଖାଯାଉଥିଲା ।

ଏମିତି ଏକ ମହାପ୍ରଳୟର ବିଭୀଷିକା ମଧ୍ୟରେ ଏପାଖ ସେପାଖ ଖୋଜିବାକୁ ଲାଗିଲା ସେ ତାର ମନର ମାନସୀ ସାବିକୁ । ଦୀର୍ଘ ପ୍ରହର କାଳ ଖୋଜିବୁଲିଲା ନଦୀର ଅଗଭୀର ଜଳରାଶି ମଧ୍ୟରେ । ଅନିର୍ଦ୍ଦିଷ୍ଟ ସମୟର ଅନ୍ତରାଳରେ ଆଖି ତାର ମୁଦ୍ରିତ ହେଇ ଆସିଲା । ଚେତନାସକ୍ତି ସବୁ ଅପସରିଗଲା ତା ପାଖରୁ । କେଇ ମୁହୂର୍ତ୍ତ ପାଇଁ ତାର ସତ୍ତା ହଜିଗଲା କେଉଁଆଡେ ।

ପବନର ବେଗ ଧୀର ପଡିଲା । ମେଘ ବି ଗତି ବଦଳାଇ ଅଦୃଶ୍ୟ ହେଲା । ପୂର୍ବ ଉଦିତ ରବିର ସୁନେଲି କିରଣରେ ବାଲିକଣା ସବୁ ଝଲମଲ ଦିଶିଲା । ସନିଆର ମୁଦ୍ରିତ ନୟନଦ୍ୱୟ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ସ୍ପର୍ଶରେ ଖୋଲିବାକୁ ଲାଗିଲା । ସେତେବେଳକୁ ନଦୀକୂଳ ପଠାରେ ତାର ଶରୀର ନିଶ୍ଚଳ ହୋଇ ପଡିଥିଲା । ସେ ନିଜ ଶରୀରକୁ ସକ୍ରିୟ କରିବାକୁ ଉଦ୍ୟମ କଲା । ଆଖି ବୁଲାଇ ଚାରିଆଡେ ଚାହିଁଲା । ତାର ମନର ମାନସୀକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେଉଁଆଡେ ବି ପାଇଲାନାହିଁ । କରାଳ ସମୟର ସହିତ ଅଭିମାନିନୀଟା ସେହି କୋମଳ ବାହୁ -ବନ୍ଧନ ଶିଥିଳ କରି କେଉଁଆଡେ ଉଭେଇଯାଇଛି । ଯାହାର ଅଙ୍ଗ ସ୍ପର୍ଶରେ ତାର ପ୍ରତ୍ୟେକ ଲୋମକୂପ ବାଚାଳ ହୋଇ ଉଠୁଥିଲା ସେହି ପ୍ରିୟର ମଣିଷ ଆଉ ନାହିଁ । କରାଳ ଜଳ ମଧ୍ୟରେ ସେ ଆତ୍ମସମର୍ପଣ କରିଛି । ଅର୍ଦ୍ଧପାଗଳ ଅବସ୍ଥାରେ ସନିଆ ପଡିରହିଥିଲା ସେହି ନଦୀ ପଠାର ବାଲୁକା ଶଯ୍ୟା ଉପରେ । ଅନ୍ତସ୍ୱରୁ ଝରୁଥିଲା –

" ଫେରିଆ ଲୋ ଫେରିଆ ମୋ ମନ ମାନସୀ
ତୋ ଗରଭେ ବଢୁଛି ଲୋ ଆମ ସମ୍ପତ୍ତି,
ଅକାତ କାତ ପାଣିରେ ଆକତାମାକ୍ତା ହେବ
ତାକୁ ଧରି ନଫେରିଲେ ଭେଳା ମୋ ବୁଡିବ ।।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚନ୍ଦ୍ର

ସୌଭାଗ୍ୟବତୀ ଗିରି

ପ୍ରଥମେ ପ୍ରଥମେ ଚନ୍ଦ୍ର ବହୁତ୍ ସୁନ୍ଦର ଥିଲେ । ତାଙ୍କ ମୁହଁ ସବୁବେଳେ ହସହସ ଦିଶୁଥିଲା । ବିଶାଦର ଛାଇ ସୁଦ୍ଧା କେବେ ପଡୁ ନଥିଲା ତାଙ୍କ ଉପରେ । ସମସ୍ତେ ତାଙ୍କ ରୂପର ତାରିଫ୍ କରୁଥିଲେ । ତେଣୁ ନିଜ ରୂପକୁ ନେଇ ତାଙ୍କର ଭାରି ଗର୍ବ ଥିଲା । ସୁନ୍ଦରୀ କଇଁ ପୃଥିବୀ ପୃଷ୍ଠରୁ ଥାଇ ତାଙ୍କୁ ଅପଲକ ନୟନରେ ଚାହିଁ ରହୁଥିଲା । ରାତିସାରା କେତେ ଟୁପ୍ ଟାପ୍ ଫୁସ୍ ଫାସ୍ ଗପ ଚାଲୁଥିଲା ଦୁହିଁଙ୍କର । କଇଁ ତା ସୁନ୍ଦର ମୁହଁ ଦେଖୁଥିଲା ଚନ୍ଦ୍ରଙ୍କ ମୁହଁରେ । ତାଙ୍କ ଦେଖାଦେଖି ପ୍ରେମୀଯୁଗଳ ମାନେ ବି ନିଜ ପ୍ରିୟ ବା ପ୍ରିୟାର ମୁହଁ ଚନ୍ଦ୍ରଙ୍କ ମୁହଁରେ ହିଁ ଦେଖୁଥିଲେ । ଭାରି ରୋମାଣ୍ଟିକ୍ ପରିବେଶରେ ବିତୁଥିଲା ଚନ୍ଦ୍ରଙ୍କ ଜୀବନ ।

ହେଲେ କାହା ନଜର ଲାଗିଗଲା କେଜାଣି ଧିରେଧିରେ ତାଙ୍କ ସୁନ୍ଦରତା କମିବାରେ ଲାଗିଲା । ବିଷାଦଗ୍ରସ୍ତ ହେଲେ ଚନ୍ଦ୍ର । ତାଙ୍କ ମୁହଁ ଭାରି ଉଦାସ ଲାଗୁଥିଲା । ଅପରୂପ ସୁନ୍ଦର ମୁହଁଟା ଝାଉଁଳି ପଡିଲା । ପନ୍ଦରଟା ଦିନରେ ଅନ୍ଧାର ଗ୍ରାସ କରି ସାରିଥିଲା ତାଙ୍କୁ । ଲୁଚେଇ ଦେଲା ତା କଳାପଣତରେ । ସେଥିରୁ ମୁକୁଳିବାର ବାଟ ନଥିଲା । ଚିନ୍ତାରେ ପଡି ଭଗବାନ୍ ଙ୍କ ଶରଣ ନେଲେ ଚନ୍ଦ୍ର । ଭଗବାନ୍ କହିଲେ -

"ସୁନ୍ଦରତା ଶରୀରରେ ନଥାଏ । ମନରେ ଥାଏ । ଉଦାସ ନହେଇ ପରିସ୍ଥିତିର ସାମ୍ନା କର । ମନଖୋଲି ହସ । ମନଖୁସିରେ ରୁହ । ଦେଖିବ ଦିନେ ତମେ ପୁଣି ସୁନ୍ଦର ହେଇଯିବ । "

ଫେରି ଆସିଲେ ଚନ୍ଦ୍ର । ସାମ୍ନାରେ ଥିବା ବିପଦ ସହିତ ଲଢିବାକୁ ଅଣ୍ଟା ଭିଡିଲେ । ମନରେ ଦୁଃଖ ଥାଇ ବି ହସିବାକୁ ଲାଗିଲେ । ତାଙ୍କ ମାନସିକତାରେ ଏମିତି ପରିବର୍ତ୍ତନ ଦେଖି ବିଷାଦ ଧିରେଧିରେ ଦୂରେଇ ଯିବାକୁ ଲାଗିଲା । ଏପଟେ ଚନ୍ଦ୍ରଙ୍କ ସୁନ୍ଦରତା ବଢିବଢି ଚାଲିଲା । ଆଉ ପନ୍ଦର ଦିନରେ ଚନ୍ଦ୍ର ପୁଣି ନିଜ ସୁନ୍ଦରତା ଫେରି ପାଇଲେ । ତାଙ୍କ ଜୀବନ ପୁଣି ହସଖୁସିରେ ଭରିଗଲା ।

କେନ୍ଦ୍ରାପଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହାଣୀ ମୋ ଗାଁର

ସରୋଜ ପରିଡ଼ା

ଜାଣିନି, କିନ୍ତୁ କେହିଜଣେ ନିଶ୍ଚୟ କହୁଥିବାର ମୁ ଶୁଣିଛି ଆଉ ସେଇ କଥାଟି ହେଉଛି "ଯାହା ପଲ୍ଲୀରେ ତାହା କାହୁଁ ଦିଲ୍ଲୀରେ ମିଳିବ" ଆଉ ଏକଥାର ବାଖ୍ୟା କେବଳ ଜଣେ ଗାଉଁଲି ଲୋକ ହିଁ କରିପାରେ ଯିଏ ପିଲା ବେଳୁ କୌଣସି ଏକ ଗାଁ ଯାହାର ଭୌଗଳିକ ଅବସ୍ଥିତି ସହରଠୁ କାହୁଁ ଦୂରଦୁରାନ୍ତ ଥିବ, ପିଲାବେଳୁ ସେଇ ଚାଳଛପର ଘର ଅବା ଝାଟି ମାଟିରେ ବଢିଥିବ ।

ସେହି ଗାଁ ଯାହାକୁ ଜଣେ ପକା ଗାଉଁଲିକୁ ଲାଗେ ସେ ଯେ ଏକ ନୂତନ ସ୍ୱର୍ଗରେ ରହୁଛି ଯାହାର ପରିବେଶ ହିମାଳୟର ହିମ ପରି ଶୀତଳ ସନ୍ଧ୍ୟାରେ ଜହ୍ନମାମୁଁର ଜ୍ୟୋତ୍ସ୍ନାରେ ଯେଉଁ ଗାଁ ଲଙ୍କା ଗଡ଼ର ସ୍ୱର୍ଣ୍ଣିମ ଗଡ଼ ପରି ଦିଶେ, ଗାଁର ଶେଷ ଭାଗରେ ନିଶ୍ଚୟ ଏକ ମନ୍ଦିର ଥିବା ଯେଉଁଠି ରୁଗ୍ଣ ମାଟି ନିଜର ସ୍ୱାସ୍ଥ୍ୟର ଖେୟାଲ ନ କରି ନିଜ ସନ୍ତାନ ସୁସ୍ୱାସ୍ଥ୍ୟ ଆଉ ଉତ୍ତମ ଭବିଷ୍ୟତର ଆୟୁ କୁ ଗ୍ରାମ ଦେବତୀ ପାଖରେ ଭିକ୍ଷା କରୁଥିବ, ଭୁଆସୁଣି ଝିଅମାନେ ଏଇଠି ହିଁ ତାଙ୍କର ଜୀବନସାଥି ଯେପରି ସୁନ୍ଦର ଆଉ ମନଲୋଭା ହେଉ ଏହାକୁ ମାଗି ଗ୍ରାମଦେବତୀ ପାଖରେ ଖୁଦଭୁଜାର ଭୋଗ ଦେଉଥିବ ।

ଗାଁ କୁ ଲାଗିରହିଥିବ ଏକ ଅଭିମାନିନୀ ଫୁଲେଇ ନଈ, କେଜାଣି ସେ କାହା ଉପରେ ବା ରାଗିଛି ଅବା ସମୁଦ୍ର ରୂପକ ସେ ପୁରୁଷ ଉପରେ ଅଭିମାନ କରିଛି ତେଣୁ ତା ସହିତ ମିଶିଯିବା ଆଗରୁ ଅହରହ କୁଳୁ କୁଳୁ ସ୍ୱର ରେ ତାକୁ କିଛି କହି ଚାଲିଛି ।

ଗାଁ ଭୁଆସୁଣି ମାନେ ଏଇଠି ତାଙ୍କର ହଳଦୀ ଲଗା ଦେହକୁ ନୀତି ପଖାଳନ୍ତି ଆଉ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିବାହ ପରେ କନ୍ୟା ହେବ ନା ପୁତ୍ର ସନ୍ତାନ ହେବ ସେହି ଆଳରେ ଶାମୁକା ଆଉ ଗୋଡିକୁ ନଈ ଭିତରେ ଖୋଜି ବୁଲନ୍ତି, ନିର୍ଲଜ କୋଇଲି ସବୁଦିନ ଏଠି ନଈକୂଳରେ ବସି କାହାକୁ ଥଟା ସ୍ୱରରେ କୁହୁ କୁହୁ ହଉଥାଏ ।

ସେ ଯାହା ବି ହେଉ ଏହି ଭଲି ଏକ ଗାଁରେ ମୁଁ ଜନ୍ମ ହୋଇଥିଲି, ମୋ ପରିବାର କଥା କହିଲେ ମୋ ବାପା ମୋ ବୋଉ ଆଉ ମୋ ବଡ଼ ଭଉଣୀ ଆଉ ମୋ ବଡ଼ ଭାଇ, ଘରର ସାନ ପୁଅ ମୁଁ ତେଣୁ ଭାରି ଗେଲା, ସକାଳୁ ନିଦରୁ ଉଠିଲେ ମୋ ବାପା ମତେ ପ୍ରଥମେ ଗେଲ କରନ୍ତି ସେ କଥା ଆଜିବି ମନେ ଅଛି, ମୋ ଦିଦି ସକାଳୁ ଉଠିଲେ ମୋ ଦାନ୍ତ ଘଷିଦିଏ ଆଉ ବୋଉ ଯାହା କରିଥାଏ ସେସବୁ ଆମେ ମିଶି ଖାଉ ହେଲେ ମୋ ଅପା ଆଉ ମୋ ଭାଇ ସେମାନଙ୍କ ଭାଗର ଭାଗେ ଭାଗେ ମତେ ଦେଇ ଦିଅନ୍ତି ଆଉ ମତେ କହନ୍ତି ଶୁଣ ଧନ ଆମେ ତ କେହି ପାଠ ପଢ଼ିଲୁନି ତୁ ଆମର ମନ ଦେଇ ପାଠ ପଢ଼ ଆଉ ଗୋଟେ ବଡ଼ ହାକିମଟେ ହ 'ବହୁତ ମନେ ପଡୁଛି ଆଜି ସେଇ କଥା ଗୁଡାକ । ମୋର ସେଇ ସ୍କୁଲ ଯେଉଁ ସ୍କୁଲରେ ହିଁ ମୋ ହାକିମ ହେବାର ସ୍ୱପ୍ନ ଆରମ୍ଭ ହୋଇଥିଲା, ମୋର ସ୍ୱପ୍ନର ସିଡ଼ି ଚଢିବା ଆରମ୍ଭ ମୁଁ ସେଇଠୁ କରିଥିଲି, ପାଠ ପଢିବାରେ ତ ମୁଁ ବହୁତ ଆଗୁଆ ଥିଲି ତେଣୁ ମତେ ସବୁ ଗୁରୁଜୀ ଗୁରୁମା ବହୁତ ଭଲ ପାଉଥିଲେ, ଘଣ୍ଟି ବାଜିବା ଆଗରୁ ସ୍କୁଲ ପହଂଚି ତାଲା ଖୋଲିବା ଆଉ ଛୁଟି ଘଣ୍ଟି ବାଜିଲା ପୂର୍ବରୁ ବ୍ୟାଗ ନେଇ ଘରେ ପହଂଚିଯିବା ଆମ ସବୁ ସାଙ୍ଗ ମାନଙ୍କର ସତେ ଯେମିତି ଏକ ଅଭ୍ୟାସ ହୋଇଯାଇଥିଲା ।

ସକାଳୁ ଉଠି ନରୁ ଅଜା ଘରବାଡ଼ିରୁ ଫୁଲଚୋରି କରିବା ଆମର ଦୈନନ୍ଦିନୀର ସତେ ଯେପରି ଦିନଚାର୍ଯ୍ୟା ପାଲଟି ଯାଇଥିଲା ନରୁ ଅଜାର ସେଇ "ତୁମକୁ ବାଡ଼ି ପଶୁରେ କୂଳଙ୍ଗାର " ଆଜି ବି ଏ କାନରେ ଗୁଞ୍ଜରିତ ହୁଏ, ବଡ଼ ଭାଇ ସାଥେ ସନ୍ଧ୍ୟାରେ ଅନ୍ଧୁଣି ନେଇ ଗାଁ ବିଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହିଡ଼ ହାଣି ବସେଇବା ପରେ ଭୋରରୁ ଉଠି ଅନ୍ଧୁଣି ଉଠାଉ ଆମେ ଆଉ ଅନ୍ଧୁଣିରେ ପଡିଥିବା ଚିଙ୍ଗୁଡ଼ି ଆଉ କେରାଣ୍ଡି ମାଛ ଆମ ବୋଉ ଭାଜିଦିଏ ଆଉ ଆମେ ତିନି ଭାଇ ଭଉଣୀ ଖରାକୁ ପିଠି କରି ଆମ ଅଗଣାରେ ପଖାଳ ଖାଇଥାଉ ତା ମଜା କେବଳ ଖାଇବା ଜ୍ଞାଲା ଜାଣିଛି ।

ଗାଁରେ କାହାର ବାହାଘର ଭୋଜି ହେଲେ ଆମେ ସବୁ ସାଙ୍ଗ ଆଗ ଯାଇ ବସିପଡୁ ଅନାଇ ଥାଉ କେତେବେଳେ ଶେଷକୁ ଖିରି ଆସିବ ଆଉ ଆମେ ଖିରି ଖାଇବୁ ଆଉ ସାଙ୍ଗରେ ଆଣିଥିବା ଛୋଟ ପିତଳ ଗ୍ଲାସରେ ଘରକୁ ବି ବଡ଼ ନାନୀ ପାଇଁ ଖିରି ଆଣିବୁ ଘରକୁ ।

ଗାଁ ର ସେହି ମେଳଣ ଯାତ୍ରା ବେଳ ପଡିଲେ ଆମେ ଭାରି ଖୁସି, ମୁଁ ଆଉ ମୋ ସାଙ୍ଗ ମାନେ ଗାଁ ମେଳଣରେ ଆମ ସହି ଘୋଡାକୁ ବହୁତ ଭଲରେ ନଚାଉ ଆଜିବି ମନେ ଅଛି ଆମ ଗାଁର ସେଇ ନିଶୁଆ ମୁଖିଆ ଆମ ଘୋଡା ନଚାରେ ଖୁସି ହୋଇ ଆମକୁ ୧୦ ଟଙ୍କା ପୁରସ୍କାର ଦେଇଥିଲା, ଗାଁର ସେ ଯାନିଯାତ୍ରା, ପାଟୁଆ ଯାତ୍ରା ଦୋଳ ପୁର୍ଣିମା ସତରେ ବହୁତ ଅଲଗା ଯାହା କେବଳ ଆଉ କେବଳ ଆମ ଗାଁରେ ହିଁ ଦେଖିବାକୁ ମିଳେ ବୋଲି ପଡିଶା ଗାଁର କାଳୁ ସହିତ ମୁଁ ପିଲା ବେଳେ ବହୁତ ଯୁକ୍ତି କରେ ।

କହିବାକୁ ଠିକ ଭାବୁନି ହେଲେ ଆକୁ ନ କହିଲେ ହୁଏ ତ ଏ କାହାଣୀ ଅଧା ରହିଯିବ । ହଁ ସେଇଟା ମୋର ପ୍ରଥମ ଯାହାର ଆରମ୍ଭ ବି ମୋର ସେଇ ଗାଁ ସ୍କୁଲରୁ ହୋଇଥିଲା ଗୋଟେ ଆଶ୍ଚର୍ଯ୍ୟ କଥା କହିବି ଶତ ପ୍ରତିଶତ ଉପସ୍ଥାନରେ ଆଜିବି ମୋର ରେକର୍ଡ ଅଛି ଆଉ ଏସବୁ ସମ୍ଭବ ହୋଇଥିଲା କେବେଳ ମତେ ଭଲ ଲାଗୁଥିବା ସେଇ ଝିଅ ପାଇଁ ଯିଏ ମତେ ଭାରି ଭଲ ଲାଗୁଥିଲା ।

ଆମ ଶ୍ରେଣୀରେ ପଢୁଥିବା ସବୁ ଝିଅଙ୍କ ଠାରୁ ସେ ବହୁତ ସୁନ୍ଦର ଥିଲା । ତେଣୁ ହୁଏତ ବହୁତ ଚେଷ୍ଟା କଲାପରେ ବି ତା'ଠାରୁ ମୁଁ ଦୁରେଇ ପାରିନଥିଲି ପାଠ ପଢ଼ାବେଳେ ଲୁଚି ଲୁଚି

Magazine Downloaded from www.aahwaan.com

ତାକୁ ଚାହିଁବା ଉପରେ ପଡି ତା ସହ କଥା ହେବା, ନୂଆ ବର୍ଷରେ ଟଙ୍କିକିଆ ଗ୍ରୀଟିଙ୍ଗସ ତାକୁ ଦେବାରେ ସାଙ୍ଗ ମାନେ ଆମେ ନିଜ ନିଜ ଭିତରେ ପ୍ରତିଯୋଗିତା କରୁଥିଲୁ ଆଉ ଆଜି ବି ମୁଁ ମୋ ସାର୍ଟ କଲର ଟେକି ମୋ ସାଙ୍ଗମାନଙ୍କୁ କହେ ସେ ଝିଅ କେବଳ ପ୍ରଥମେ ମୋ ଠାରୁ ହିଁ ଗ୍ରୀଟିଙ୍ଗସ ନିଏ ଆଉ ଏସବୁ ମୋର ଷଷ୍ଠ ଶ୍ରେଣୀରେ ପଢୁଥିଲା ବେଳେ ହିଁ ହେଇଥିଲା ଆଉ ଆଜିବି ବି ଯେବେ ମୁଁ ମୋ ସାଙ୍ଗମାନଙ୍କୁ ଏକଥା କହେ ସେ ମତେ ବଡ଼ କମିନା ବୋଲି କୁହନ୍ତି । ଏମିତି ବହୁତ କିଛି ହୁଏ ତ ଲେଖିଲେ ପୋଥିଟିଏ ହେବ ଅବା ପଞ୍ଚମ ବେଦ ସୃଷ୍ଟି ହୋଇପାରେ ।

ଏସବୁ ଘଟିଥିଲା ଅବା ଘଟୁଥିଲା ମୋ ଜୀବନର ୨୨ ବର୍ଷ ତଳେ, ଆଜି ସବୁ କିଛି ବଦଳି ଯାଇଛି ମୋ ଗାଁ ରେ ଗୋଟେ ହେଲେ ବି ଚାଳ ଘର ନାହିଁ, ଆଉ ପିଲାବେଳ ଭଳି ଏଠି ପିଲାମାନେ ଆଉ ସେ ହୁକ ଛିଡା ପ୍ୟାଣ୍ଟ ଆଉ ସ୍କୁଲ ସାର୍ଟ ପିନ୍ଧୁ ନାହାନ୍ତି । ସେମାନେ ଏବେ ଜ୍ଞାନଥର୍ଡ ପ୍ୟାଣ୍ଟ ପିନ୍ଧୁଛନ୍ତି, ଆଉ ସେ ଅନ୍ଧୁଣି କାଇଁ ବସୁନି, ଏଠି ଲୋକ ଆନ୍ଧ୍ର ମାଛ ବହୁତ ଖାଇଲାଣି, ପଖାଳ ଆଉ କିଏ ଖାଉଛି ଭାଇ । ଏ ପରା ମ୍ୟାଗି ଆଉ ଇପିର ଜମାନା, ଆଉ ସେ ଗାଁ ମେଳଣରେ ସେ ଖୁସିନାହିଁ ହୋ ଆଉ ଗାଁ ଭୋଜି ଭାତ ବି ମଣ୍ଡପରେ ହେଲାଣି ଲୋକଙ୍କ ସାଇକେଲ ନାହିଁ । ହଁ ପ୍ରତି ଘରେ ଯୋଡ଼େ ଲେଖେ ଗାଡି ବାହାରିବ, ଆଉ ଭୁଆସୁଣି ନଈରେ ହଳଦୀ ଲଗେଇ ଗାଧଉନି ଏବେ ସେ ବିଦେଶୀ କସମେଟିକ ସାମ୍ପୁ ସାବୁନ ଲଗେଇ ବାଥରୁମରେ ଗାଧାଏ, ଗାଁ ନଇରେ ଏବେ ବାଲି ମାଫିଆ ଟ୍ରାକ୍ଟର ଆଉ ଡ୍ରୋଜର ଶବ୍ଦରେ ଅଭିମାନିନୀ କୋଇଲିଟି ତା ଦିଗଭୁଲି କେଉଁ ଏକେ ଅପାନ୍ତ ଅବା ଉପାନ୍ତ ନଗରୀରେ ନିଜକୁ ଲୁଚେଇଛି ଆଉ ସେ କୁହୁ କୁହୁ ନାହିଁ, ଗାଁ ସ୍କୁଲରେ ଏଠି ଆଉ ପିଲା ପଢୁନାହାନ୍ତି ସମସ୍ତେ ଏବେ ଇଂରାଜୀ ସ୍କୁଲରେ ପଢୁଛନ୍ତି ବହୁତ ବହୁତ କିଛି ବଦଳି ଯାଇଛି ଏ ୨୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷରେ ।

ମୋ କଥା କହିବି ପିଲା ବେଳେ ମୋ ପାଠ ପାଇଁ ଭାଇଭଉଣୀଙ୍କ ପାଠପଢ଼ାରେ ଡୋରି ବାନ୍ଧିଥିବା ଏ ପିଲାଟି ଆଜି କେଉଁ ଏକ ଘରୋଇ କମ୍ପାନୀରେ ମାସକୁ କେଇ ହଜାରର ବେତନ ନେଇ ଚାକିରୀ କରୁଛି ଆଉ ମୋ ଭାଇ ବାପାଙ୍କୁ ଆମ ସେଇ ପୁରୁଣା ଚାଷ କାମରେ ସାହାଯ୍ୟ କରୁଛନ୍ତି ମୋ ପ୍ରିୟର ବଡ଼ ଭଉଣୀ ଆଜି ତା ଶାଶୁଘରେ ବିଚାରି ମୋ ପାଇଁ ଭାରି ଦୁଃଖରେ କଣ ସବୁ ମୁଁ ତାକୁ କଥା ଦେଇଥିଲି ଆଉ ଆଜି ମୁଁ କଣ, ଆଉ ପ୍ରେମ କଥା କଣ କହିବି ଆରେ ଭାଇ ଦୁନିଆରେ ପଇସା ନାହିଁ ତ କିଛି ବି ନାହିଁ ଆଉ ସେ ଏବେ ଆଉ କାହାର ହୋଇଗଲାଣି ।

ଗାଁ କୁ ଆସିଲା ବେଳେ ଆଜି ବି ମତେ ଚୁବୁ ଦାଦା ଛିଗୁଲେଇ ପଚାରୁଛନ୍ତି ଆରେ ତୋ ହାକିମ ହେବା କଥା କଣ ହେଲା, ଦୁଃଖ ଲାଗୁଚି ହେଲେ ଚୁପ ରହି ସବୁ ଦୁଃଖକୁ ଛାତି ତଳେ ଚିପି ଦେଇ ତାଙ୍କୁ ଦେଖି ମୁରୁକି ହସି ଦଉଛି, ଚୁବୁ ଦାଦା କେମିତି ବା ବୁଝିବେ ଏଠି ହାକିମ ହବାକୁ ହେଲେ ବଡ଼ ହାକିମ କୁ ବି ମୋଟା ଅଙ୍କର ହାକିମି ଦେବାକୁ ହୁଏ ।

ସେ ଯାହା ବି ହଉ ଏ ଥିଲା ମୋ ଗାଁ ଆଉ ମୋର ବେକ୍ତିଗତ ଅଲିଭା ସ୍ମୃତି ଆଜିବି ମୁ ମୋର ପିଲା ବେଳେ ସ୍କୁଲ କୁ ଯାଇ ତାକୁ ଦେଖି ବହୁତ କାନ୍ଦେ ଆଉ କାନ୍ଦି କାନ୍ଦି କହେ ପ୍ଲିଜ ମୋ ପିଲା ଦିନ ମତେ ଫେରେଇଦେ, ଏ ଜୀବନ ରେ ମୁଁ ଅଣନିଶ୍ୱାସୀ ହୋଇଗଲାଣି .....

ଦାଣ୍ଡମୁକୁନ୍ଦପୁର, ଷଷ୍ଠସ ,ପିପିଲି, ପୁରୀ

Sarojparida631@gamil.com, ୯୫୫୬୪୪୭୧୩୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁହାଳିଆ

ମହେଶ୍ୱର ସାହୁ

ଅଜୁ, ବିଜୁ ଓ ରାଜୁ ତିନି ସାଙ୍ଗ ଥିଲେ । ପାଖାପାଖି ଘର ଓ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଏକାଠି ଖାଇବା ଓ ଏକାଠି ଖେଳିବା ପାଇଁ ସବୁବେଳେ ଚେଷ୍ଟା କରନ୍ତି । ପାଠ ଆଦୌ ହୁଏ ନାହିଁ ବୋଲି ସବୁବେଳେ ଗୁରୁଜୀ ବାଡେଇ ଥାଆନ୍ତି । ଅଜୁ କିଛିନା କିଛି ବାହାନା କରି ଓହରି ଯାଇଥାଏ ମାଡରୁ । ହେଲେ ବିଚରା ବିଜୁ ଓ ରାଜୁ ପ୍ରବଳ ମାଡ଼ ଖାଇଥାନ୍ତି ।

ଦିନେ ଗୁରୁଜୀ ଦେଇଥିବା ପାଠ ତିନିଜଣ ଯାକ କେହି କରି ନଥିଲେ । ବିଜୁ ଓ ରାଜୁ ଅଜୁକୁ କହିଲେ, "ହଇରେ ଅଜୁ ଆଜି ଘର ପାଠ କରିନାହୁଁ । ତୁ କରିଛୁ କି ?"

ଅଜୁ କହିଲା, "ଏଇ କଥା ! ବିଜୁ କହିବ ଗୁରୁଜୀ ମୋ ମାଆ ବହୁତ ବେମାର ପଡିଛନ୍ତି ! ମୁଁ ତାଙ୍କ ହାତଗୋଡ଼ ଦବେଇ ଦେଉଥିଲି । ଆଉ ରାଜୁ କହିବ ମାମୁଁଘରକୁ ବାପାଙ୍କ ସାଙ୍ଗରେ ଯାଇଥିଲି । ବାସ ଏତିକି କହି ଖସିବ ।"

ବିଜୁ ଓ ରାଜୁ କହିଲେ, " ହଉ ହେଲା ଯେ ତୁ କଣ ପାଠ କରିଦେଇଛୁ ?"

ଅଜୁ ହସି ଦେଇ, "ଧେ ତେରୀକି, ମୁଁ କେବେ କରେ ନା କରିବି ! କହିଲୁ ଦେଖି ପାଠ ପଢି କିଏ କଣ କଲାଣି ? ତୁ କହ, କହ.. ।"

ବିଜୁ କହିଲା, "ଆମ ଶ୍ରେଣୀର ଗଣେଶ କେତେ ଭଲ ପଢୁଛି । ଶ୍ରେଣୀର ପ୍ରଥମ ହେଉଛି । ହେଲେ ଆମେ ଗଧ ହେଇଗଲେଣି । ଗଣେଶକୁ କେବେ ଗୁରୁଜୀ ବାଡେଇବାର କେହି ଦେଖିଛ । ସବୁ ଭଲ ପାଉଛନ୍ତି ତାକୁ । ଗୁରୁଜୀ ଓ ଗୁରୁମା ମଧ୍ୟ ଭଲ ପାଉଛନ୍ତି ।"

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଜୁ କହିଲା," ଠିକ କଥା କହିଲୁ ବିଜୁ । ତାକୁ ସବୁ ଭଲ ପାଉଛନ୍ତି ।"

ଅଜୁ ରାଗିଯାଇ, " ହଇରେ ତାକୁ ଯଦି ଭଲ ପାଉଛନ୍ତି ସବୁ ତେବେ ସେ ରାଷ୍ଟ୍ରପତି ହେଇଯିବ । ତମେ ଦୁଇଜଣ ଯାଇକି ତା ପାଦ ସେବା କର । ତା ବହି ବସ୍ତାନୀ ବୁହା ବୁହି କର । ଆଶୀର୍ବାଦ ମିଳିବ । ବୁଝିଲ ମୋ ପାଖରୁ ଦୁରେଇ ଯାଅ !"

ଏମିତି ଅଜୁର କୁହାଳିଆ କଥା ବିଜୁ ଓ ରାଜୁକୁ ପସନ୍ଦ ହୁଏ ନାହିଁ । ହେଲେ ତିନିଜଣଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଥିବାରୁ କେହି କାହାରିକୁ ଅଲଗା କରି ରହି ପାରୁ ନ ଥିଲେ । ବିଜୁ ଓ ରାଜୁ ଯେତେବେଳେ ଟିକେ ପଢିବାକୁ ବସୁଥିଲେ ଅଜୁ ଆସିଯାଉଥିଲା ଏବଂ ଚୁଗୁଲେଇ କହୁଥିଲା ତମେ ଦୁଇଜଣ ପ୍ରଧାନମନ୍ତ୍ରୀ ହେବ ତ କେତେବେଳେ କହୁଥିଲା ଜିଲ୍ଲାପାଳ ହେବ । ଏମିତି କହି ସେମାନଙ୍କ ମନ ଭାଙ୍ଗି ଦିଏ ଓ ଖେଳିବାକୁ ଡାକିନିଏ ।

ପରୀକ୍ଷା ସମୟ ଆସିଲା । ପିଲା ଭଲ ପଢୁ ନାହାନ୍ତି ବୋଲି ବାପା ମାଆ ସେମାନଙ୍କୁ ତାଗିଦ କରୁଥାଆନ୍ତି । ବାରମ୍ବାର ଗୁରୁଜୀଙ୍କୁ ପଚାରୁଥାଆନ୍ତି ପିଲାର ପଢ଼ା ବିଷୟରେ । ଗୁରୁଜୀ ରୋକ ଠୋକ କହି ଦିଅନ୍ତି ଏମାନଙ୍କର ପାଠ ଠାରୁ କୁହାଳିଆମୀ ଓ ମିଛ ଅଧିକ । ତେଣୁ ଏମିତି ହେଲେ ସେମାନେ ଶୂନ୍ୟ ଆଣିବେ ।

ପରୀକ୍ଷା ସମୟ ଆସିଯାଇଥାଏ । ବାପା ମାଆ ଓ ଶିକ୍ଷକ ପାଠ ପାଇଁ ସବୁବେଳେ ନଜର ରଖୁଥାଆନ୍ତି । ବିଜୁ ଓ ରାଜୁ ଟିକେ ଆକଟ ହେଉଥାନ୍ତି ହେଲେ ଅଜୁ ନ ଶୁଣିଲେ ଗଲା ।

ଆଜି ପରୀକ୍ଷା । ଗୁରୁଜୀ ସମସ୍ତ ପିଲାଙ୍କୁ ଧାଡିରେ ବସାଇ ଦେଲେ । ପରୀକ୍ଷାରେ ଛାଡି ଛାଡି ବସିଥାନ୍ତି ସମସ୍ତ ଛାତ୍ର ଓ ଛାତ୍ରୀ । ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ଦିଆ ଗଲା । ଅଜୁ ଆଗ ଧାଡିରେ ବସିଥାଏ । ତା ପାଖ ଧାଡିରେ ବସିଥାଏ ଗଣେଶ । ଟିକେ ଖୁସି ହେଇଗଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାହା ହେଉ ଆଜି ଦେଖି ଦାଖି କିଛି ଲେଖିଦେବୀ । ଏମିତି ଅନେଇ ଲେଖିବି ଯେମିତି କାହାକୁ ସନ୍ଦେହ ହେବ ନାହିଁ । ନିଜ ଆଖିକୁ ଏପଟ ସେପଟ କରି ଅଭ୍ୟାସ କରିବାରେ ଲାଗିଲା ଯେମିତି ସବୁ ଭାବିବେ ନିଜ ପ୍ରଶ୍ନ ଦେଖି ଉତ୍ତର ଲେଖୁଛି ।

ପ୍ରଥମ ପ୍ରଶ୍ନ ଥିଲା : ଜାତିର ପିତା କିଏ ? ଅଜୁ ଭଲ ଭାବେ ଗଣେଶ ଖାତାରୁ ପଢି ନ ପାରି ଭାବିଲା ଜାତି ପାଇଁ ପିତା କଣ ଲାଗେ । କଲରା ତ ନୁହେଁ । କଲରା ରାନ୍ଧି ଲେଖିଛି କି ଗଣେଶ ? ନାଁ ସଲରା ରାନ୍ଧି ବୋଧେ ଭାବି ଲେଖିଦେଲା ।

ଦ୍ୱିତୀୟ ପ୍ରଶ୍ନ : ସ୍ୱାଧୀନତା ପୂର୍ବରୁ ଆମ ଦେଶକୁ କିଏ ଶାସନ କରୁଥିଲେ ? ଉତ୍ତର ଦେଖିବାକୁ ବହୁ ଚେଷ୍ଟା କଲା କିନ୍ତୁ ଇଂରେଜ ଶବ୍ଦଟି ଭଲ ଭାବେ ପଢି ନ ପାରି ବହୁତ ଚିନ୍ତା କରି ଇଂରାଜୀ ଲେଖିଦେଲା । ଅର୍ଥାତ ବହିରେ ଥିବା ବିଷୟ ଜ୍ଞାନ ଆଦୌ କହିଲେ ନାହିଁ । ଯାହା ହେଉ ଏଣୁତେଣୁ ଲେଖା ଲେଖି କରି ସମସ୍ତ ପରୀକ୍ଷା ସମ୍ପୂର୍ଣ୍ଣ କରିଦେଲା ।

ପରୀକ୍ଷା ଫଳ ବାହାରିଲା । ଶ୍ରେଣୀରେ ପ୍ରଥମ ଗଣେଶ, ଦ୍ୱିତୀୟ ବିଜୁ ଓ ତୃତୀୟ ରାଜୁ ହେଲେ ଅଜୁ ସବୁ ବିଷୟରେ କୁହାଳିଆ ହୋଇ ଲେଖିଛି ବୋଲି ଶୂନ୍ୟ । ବାପା ମାଆ ବହୁତ ବାଡେଇଲେ । ଏବେ ରାଜୁ ହୃଦୟଙ୍ଗମ କଲା ଯେ ସେମାନେ ପାଠ ପଢି ମାର୍କ ପାଉଛନ୍ତି । ମୁଁ ପାଠ ପଢ଼ାରେ ଧ୍ୟାନ ଦେଉ ନାହିଁ ବୋଲି ମୋର ଏହି ଅବସ୍ଥା । ଶପଥ କଲା ସେମାନଙ୍କ ଠାରୁ ଭଲ ପଢିବି, ସମୟ ନଷ୍ଟ କରିବି ନାହିଁ ଓ ସବୁଠାରୁ ଶ୍ରେଣୀରେ ଅଧିକ ନମ୍ବର ରଖିବି ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା : ଅଳ୍ପଗଳ୍ପ

ସୁଧାଂଶୁ ଶେଖର ଦ୍ୱିବେଦୀ

କରୋନାର କରୁଣା

ପୁରା ଦେଶରେ କରୋନା ଭାଇରସକୁ ନେଇ ଖୁବ ଆତଙ୍କ ଖେଳି ଯାଇଥାଏ । ସ୍କୁଲ, କଲେଜ, ଦୋକାନ-ବଜାର ସରକାରଙ୍କ ଘୋଷଣା ଅନୁସାରେ ବନ୍ଦ ଥାଏ । ଜନଗହଳି ସ୍ଥାନରେ ପୋଲିସ ରାସ୍ତାକଡର ଉଠାଦୋକାନୀ ମାନଙ୍କୁ ଘଉଡାଉ ଥାନ୍ତି ।

ଦୀନା ଠେଲା ଗାଡ଼ିରେ ଗରମ ପକୋଡ଼ି, ଘୁଗୁନି, ଆଳୁବରା ଧରି ପହଞ୍ଚିଛି କି ନା ପୋଲିସମାନେ ତା ଠେଲାକୁ ବାଡେଇ ବାଡେଇ ଚିତ୍କାର କରି କହିଲେ, “ଶୀଘ୍ର ଏଠାରୁ ପଳା ନହେଲେ ତୋ ଦଶା ଖରାପ ପଡିଲା ଜାଣିଥା ।”

ବିଚରା ଦୀନା ପୋଲିସ ଠେଙ୍ଗା ଭୟରେ ଦୋକାନ ଖୋଲିବ କଣ ଠେଲା ଧରି ସଂଗେ ସଂଗେ ଘରେ ପହଞ୍ଚିଗଲା । ଘରେ ତା ସ୍ତ୍ରୀ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲା, “କଣ ହେଲା ଫେରିଆସିଲ ଯେ ?”

ଦୀନା ଉଦାସ କଣ୍ଠରେ କହିଲା, “କରୋନା ପାଇଁ ସରକାର ଭିଡଭରା ସ୍ଥାନରେ ଦୋକାନ ଲାଗେଇବାକୁ ବନ୍ଦ କରି ଦେଇଛନ୍ତି ।”

“ତା’ହେଲେ ଆମେ ଖାଇବା କଣ ? ବଂଚିବା କେମିତି ?” ତା ସ୍ତ୍ରୀ ସଙ୍କୁଚିତ ସ୍ୱରରେ କହୁଥାଏ ।

“ଆମକୁ ତ ନିତି ନିତି କୁଅ ଖୋଳି ପାଣି ପିଇବାକୁ ହେବ । ଭଗବାନ ଜାଣନ୍ତି ଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଃସମୟରେ ବଞ୍ଚିବା କେମିତି ?" ଦୀନା ତା ମନର ବ୍ୟଥା ବଖାଣିଲା ।

"ଭୋକରେ ଆଉଟୁପାଉଟୁ ହୋଇ ମରିବା ଅପେକ୍ଷା କରୋନାରେ ମରିଯିବା ସବୁଠାରୁ ଭଲ ।" ତା ସ୍ତ୍ରୀ ଲୁହ ଛଳଛଳ ଆଖିକୁ ପଣତ କାନିରେ ପୋଛୁଥାଏ ।

।। ହଁ - ନା ।।

ଭାସ୍କର ତ୍ରିପାଠୀ ଜଣେ ଜଣାଶୁଣା ଡାକ୍ତର । ସରକାରୀ ଚାକିରୀ ଛାଡି ନିଜେ ଗୋଟେ କ୍ଲିନିକ ଖୋଲି ବସିଛନ୍ତି । ସହର ସାରା ତାଙ୍କ ନାଁ ପ୍ରସିଦ୍ଧି ଲାଭ କରିଛି । କିନ୍ତୁ ଏ ସମୟରେ କୋବିଡ୍- ୧୯ ତାଙ୍କ କ୍ଲିନିକରେ ବିପତ୍ତି ସୃଷ୍ଟି କରିଛି । ଲକଡାଉନରେ ପୁରା ତତ୍ପରତା ସହ ରୁଟିଂ ବନ୍ଧା ପେସେଣ୍ଟ ଦେଖନ୍ତି । ସାଧାରଣ ପେସେଣ୍ଟ ମାନଙ୍କର କୌଣସି ଅସୁବିଧା ନାହିଁ । ସେମାନେ ଯେମିତି ପୂର୍ବରୁ ହେଲଥ ଚେକଅପ ପାଇଁ ଆସୁଥିଲେ ସେମିତି ଆସୁଥାନ୍ତି । ମାତ୍ର ଲୋକମାନଙ୍କ ନଜରରେ ସେ ତିଷ୍ଠି ପାରିଲେ ନାହିଁ ।

ଲକଡାଉନରେ ଧନ ରୋଜଗାର କରିବାରେ ବ୍ୟସ୍ତ ରହୁଛି ବୋଲି ଅନେକେ ତାଙ୍କୁ ଲୋଭୀ କାଠୁରିଆ ଭଳି ଭର୍ତ୍ସନା କଲେ ।

କେହି କେହି କହିଲେ ନିଜେ ତ ସଂକ୍ରମିତ ହେବ ପୁଣି ଅନ୍ୟମାନଙ୍କୁ କରେଇବ । କିଛିଦିନ ରୋଜଗାର ନକଲେ କଣ ଭୋକରେ ମରିଯିବି ?

ଲୋକମାନଙ୍କର ଏଭଳି ଗମ୍ଭୀର କଥାରେ ଡାକ୍ତର ତ୍ରିପାଠୀ ପେସେଣ୍ଟ ଦେଖିବେ ନା ଦେଖିବେନି ଉଚିତ ଅନୁଚିତ ଦ୍ୱନ୍ଦ୍ୱରେ ପଡିଗଲେ ।

ତା'ପରଦିନ ସେ ଆଉ ପେସେଣ୍ଟ ଦେଖିବେ ନାହିଁ ବୋଲି ସମସ୍ତଙ୍କୁ ଜଣେଇ ଦେଲେ ।

ହେଲେ ଲୋକେ କଣ ତାଙ୍କୁ ସହଜରେ ଛାଡୁଛନ୍ତି ! ସେମାନଙ୍କ ମଧ୍ୟରୁ କେତେକ କହିଲେ ଡାକ୍ତର ହୋଇ ପେସେଣ୍ଟ ଦେଖିବାକୁ ମନା କରୁଛି । ତା'ହେଲେ ପେସେଣ୍ଟମାନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯିବେ କୁଆଡେ ? ଡାକ୍ତର ହୋଇ କରୋନାକୁ ଭୟ କରୁଛି । ସତରେ ଦୁନିଆରୁ ଦୟା ଧର୍ମ ଉଭେଇ ଗଲାଣି । ଏମିତି ଡାକ୍ତର ହେବା ନହେବା ସହ ସମାନ ।

ଦୁଇ ଛକିରେ ଛିଡା ଡାକ୍ତର ତ୍ରିପାଠୀ ବୁଝି ପାରୁନଥାନ୍ତି କାହାକୁ ହଁ କହିବେ ଆଉ କାହାକୁ ନା ?

। । ମଣିଷ ଭାଇରସ । ।

ପ୍ରକୃତରେ ସମୟ ସହିତ ଆମମାନଙ୍କର ଜୀବନ କେତେ ବଦଳି ଯାଉଛି ! ଜୀବନ ସହ ସଙ୍ଘର୍ଷ କରି ବଞ୍ଚି ରହିବା ଏ କରୋନା କାଳରେ ବଡ଼ ଚାଲେଞ୍ଜ ହୋଇ ପଡିଛି ।

ଏଇ କିଛିଦିନ ତଳେ କୌଣସି ଜରୁରୀ କାର୍ଯ୍ୟ ପାଇଁ ମୁଁ ଜଣେ ବନ୍ଧୁଙ୍କ ଅଫିସକୁ ଯାଇଥିଲି । ଏହା ପୂର୍ବରୁ ଯେବେ ଯାଇଛି ୧୫ ରୁ ୨୦ ମିନିଟ ତା ଅଫିସରେ ବସି ଚା ପିଇ କଥାବାର୍ତ୍ତା କରି ଫେରେ । କିନ୍ତୁ ସେଠାରେ ସେଦିନ ମୋତେ କେହି ବସିବାକୁ ବି କହିଲେନି ।

କେବଳ ସେତିକି ନୁହେଁ ଦ୍ୱାର ନିକଟରୁ ମୋ କାମସାରି ଫେରି ଆସିବାକୁ ହେଲା । ଏ ପ୍ରକାର ବଦଳି ଯାଇଥିବା ଦୁନିଆ ପ୍ରତି ମୋତେ ଦୁଃଖ ନାହିଁ । ସବୁ ଦୋଷ ବିଷାକ୍ତ ପରିସ୍ଥିତିର । ଯେଉଁଠି ଆଜି ମଣିଷ ମଣିଷକୁ ବି ଭୟ କରୁଛି ।

ଦିନ ଥିଲା ଯେଉଁ ଦ୍ୱାର ମୁହଁରେ ସ୍ୱାଗତମ ଲେଖା ହେଉଥିଲା ସେଇଠାରେ ଆଜି 'ଭିଜିଟର୍ସ ନଟ ଆଲାଉଡ୍' ଲେଖା ହେଉଛି । ହଁ ଏଇଟା ପରା କରୋନା କାଳ । ମଣିଷ ନିଜେ ଜଣେ ଜଣେ ଭାଇରସ ।

। । ରେବତୀ,କରୋନା ଓ ନାଲୁ । ।

ରେବତୀ ଯେବେଠାରୁ ନିମ୍ବ ଗଛ ତଳେ ଝାଟି ମାଟିର ଘର କରି ରହିଲା ତାର ଠିକ ୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କି ୩ ମାସ ପରେ ଗୋଟେ କୁକୁର ଛୁଆଟେ ଆସି ତା ପାଖରେ ରହିଲା । ରେବତୀ ତାକୁ ଯେତେ ଘଉଡ଼ାଏ ସେ ସତେଥର ଫେରିଆସି ତା ପାଖରେ ପହଞ୍ଚିଯାଏ । ରେବତୀ ମୂଲ ଲାଗିବାକୁ ବାହାରି ଗଲେ ନିର୍ଭୀକ ଭାବେ ସେ ତା ଘରକୁ ଜଗିରହେ । ପୁଣି ସେ ସନ୍ଧ୍ୟାରେ ଫେରିଲେ ଏକ ଆନ୍ଦୋଳାୟିତ ସ୍ନେହ ବନ୍ଧନରେ ତା ଗୋଡ଼ ଚାରିପଟେ ଘୁରି ବୁଲେ । କିଛି ଖଇବାକୁ ଦେଇଦେଲେ ଚୁପ ଚାପ ଖାଇଦେଇ ପୁଣି ରାତିସାରା ଜଗିରହେ ।

କରୋନା ଭାଇରସ ବ୍ୟାପିବାରୁ ମୂଲମଜୁରୀ ବନ୍ଦ ହୋଇଗଲା । ତେଲଲୁଣର ସଂସାର ଚଳେଇ ନପାରି ଅନେକ ଶ୍ରମିକ ଘରମୁହାଁ ହେଲେ । ରେବତୀର ବି ଚିନ୍ତା ବଢ଼ିଲା । ନିଜର ଜିନିଷପତ୍ର ବନ୍ଧାବାନ୍ଧି କରି ଫଟାପୁରୁଣା ବେଗକୁ ଗୋଟେ ପିଠିରେ ଓ ଆଉ ଗୋଟେ ମୁଣ୍ଡରେ ଲଦି ଦିନେ ରାତି ଅଧାରୁ ବାହାରି ପଡ଼ିଲା ।

ଚାରିଆଡେ ଘୋର ଅନ୍ଧାର । ଲକଡାଉନ ପାଇଁ ସାରା ସହର ଶୂନଶାନ । ତାହାରି ଭଳି କେତେକ ଶ୍ରମିକ ରାସ୍ତାରେ ଚାଲିଥାନ୍ତି ନିଜ ନିଜ ଗାଁ ଅଭିମୁଖେ ।

ରାତି ପାହିବା ବେଳକୁ ରେବତୀ ଆନେକ ଦୂର ଅତିକ୍ରମ କରି ସାରିଥାଏ । ଅବଶ ଶରୀରକୁ ଆରାମ ଦେବା ପାଇଁ ଗୋଟେ ଗଛ ମୂଳରେ ବସି ପଡ଼ିଲା ସେ । ସହସା ତା ଗୋଡ଼ରେ ସଲ ସଲ ହେବାରୁ ଦେଖିଲା ନାଲୁ ତା ଗୋଡ଼କୁ ଚାଟୁଛି । ନାଲୁର ବିଶ୍ୱାସ ନିକଟରେ ସମର୍ପିତ ରେବତୀ ଭାବି ପାରୁନଥାଏ ପଶୁ ହୋଇ ମଧ୍ୟ କେତେ ସଚ୍ଚୋଟ ପଣିଆ ଅଛି ତା ପାଖରେ ! ତାପରେ ସେ ଆଉ କିଛି ନଭାବି ଦୀର୍ଘ ରାସ୍ତାକୁ ଅତିକ୍ରମ କରିବା ପାଇଁ ନାଲୁ ସହ ଆଗକୁ ପାଦ ବଢ଼ାଇଲା ।

।। ଫଟୋ ।।

ମାଡାମ, ଆପଣଙ୍କୁ ବହୁତ ଧନ୍ୟବାଦ । କରୋନା ସମୟରେ ଆପଣ ଆଜି ଆମକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାଉଳ, ଡାଲି, ତେଲ, ଲୁଣ ଦେଇ ବହୁତ ଉପକାର କରିଛନ୍ତି । କିନ୍ତୁ ଗୋଟେ ଛୋଟ ଅନୁରୋଧ ରଖିବେ ମାଡାମ... ।

ହଁ, କହ କଣ କହୁଛୁ ? ମୋବାଇଲରେ ଫଟୋ ଉଠାଉଥିବା ବେଳେ ମାଡାମ ସମ୍ମତି ଜଣାଇଲେ ।

ଦୟାକରି ଆପଣ ମୋ ଫଟୋ ଉଠେଇବେନି ମାଡାମ । ଆଜି ସକାଳେ କେହି ଜଣେ ବ୍ୟକ୍ତି ଏଠିକୁ ଆସିଥିଲେ । ଯିଏ ମୋତେ ଆଗରୁ ଦେଖିଛନ୍ତି ବୋଲି କହୁଥାନ୍ତି । ମୁଁ କୁଆଡେ ତାଙ୍କ ବନ୍ଧୁଙ୍କ ଠାରୁ ସକାଳେ ଡାଲି ଚାଉଳ ନେଇଛି । ଫେସବୁକରେ ବି କୁଆଡେ ମୋ ଫଟୋ ବାହାରିଛି । ସେଥିପାଇଁ ଆଉଥରେ ଲଜ୍ଜିତ ହେବାକୁ ଚାହେଁନାହିଁ ।

ଯୋଗ ଫର୍ ଲାଇଫ୍, ସଲଟଲେକ୍, କୋଲକାତା

ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାଇନା ରାକ୍ଷସ

ଅଙ୍କିତା ପାଢ଼ୀ

ଚାଇନା ପାଗଳ, ଚାଇନା ରାକ୍ଷସ,
ଚାଇନା ଯେ ସବାଖିଆ ।
ପୋକଜୋକ ଖିଆ, କଞ୍ଚାମାଂସଖିଆ,
ଖଳୁଆ ତୁ ହିଂସ୍ରକିଆ ।
ଯେମିତି ଖାଉଛୁ, ନିରୀହ ଜୀବଙ୍କୁ,
ସେମିତି ଭୋଗିବୁ ତୁହି ।
ମରିବୁ ମାରିବୁ, ଭାବନା ତୋହର,
ବେଶି ଦିନ ତୋର ନାହିଁ ।
କୁକୁର ଖାଇବେ, ଜନତା ତୋହର,
ବିଲେଇ ବି ଖାଇଯିବେ ।
କି ସ୍ୱାଦ ପାଇଛି, ତୋ ଦେଶ ଜନତା,
କାଳ ସାଜୁଥାଅ ସର୍ବେ ।
କେମିତି ଯାଉଛି, ନିରୀହ ପଶୁର,
କଞ୍ଚା ମାଂସ ତୋର ମୁଖେ ?
ଫୁଟାଣି ମାରୁଛୁ, ବିଶ୍ୱ ଦରବାରେ,
କଣ୍ଟା ସାଜୁ ଆମ ସୁଖେ ।

ନିରୀହ ପଶୁର, ଶରୀର ଭୁତାଣୁ,
ସାଜିଲା ଜୈବିକ ଅସ୍ତ୍ର ।
ନିଜେ ନ ବର୍ତିଲୁ, ପାଗଳ ସାଜିଲୁ,
ପିନ୍ଧିଲୁ କରୋନା ବସ୍ତ୍ର ।
ଇଟାଲି ଇରାନ, ଆମେରିକା ସ୍ପେନ,
ଯେତେକ ସମୃଦ୍ଧି ଦେଶ ।
ହୋଇ ଥର ବର, ତାଲା ବନ୍ଧ କଲେ,
ହେଉଛି କି ତୋର ଯଶ ।
କେଉଁ ଯଶ ବାନା, ଉଡାଇଲୁ ତୁହି,
କହରେ ପାଗଳ ଚୀନ ।
ହୋଇଛୁ ସଜାଗ, ଆମେ ସାକାହାରୀ,
ହୋଇବ କରୋନା ଲୀନ ।
ମୋ ଦେଶ ଭାରତ, ସଂସ୍କୃତିରେ ଶ୍ରେଷ୍ଠ
ସର୍ବେ ଏକତ୍ରିତ ହୋଇ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିବୁ ପ୍ରହାର, କରୋନା ବୁକୁରେ,

ଛାଡିବ ଭାରତ ଭୂଇଁ ।

ପିତା ମାତା ଗୁରୁ, ଆଉ ଗୁରୁଜନ,

ସଭିଙ୍କ ଆଶିଷ ନେଇ ।

ଆମରି ସଂସ୍କୃତି, ଆଗେଇ ଚାଲିବ,

ଥିବୁ ତୁ ଦାନ୍ତ ଦେଖେଇ ।

ଅଙ୍କିତା ପାଢ଼ୀ(ବାପା:ରଞ୍ଜନ ପାଢ଼ୀ)

ଅଷ୍ଟମ ଶ୍ରେଣୀ, ମନ୍ମଥପୁର, ବ୍ରାହ୍ମଣ ଗାଁ, ଭଦ୍ରକ..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା ଉଡ଼ାଏ ବାନା

ମହେଶ୍ୱର ସାହୁ

ଭୁତାଣୁ ନାମରେ ଚାଲେ ହାଲା,
ରୋଗ ପାଇଁ କେତେ ନାଟ ପାଲା,
କୁକୁଡ଼ା ମାରିଣ,
ପୋତି ଦେଉଛନ୍ତି,
ତୁଚ୍ଛାଟାରେ ହୋଇ ହୋ ହାଲା □□

ଜୀବ ଥିବା ଯାଏ ଅଛି ଲୋଭ,
ନିରୋଗ ଜୀବନ ଅଟେ ଶୁଭ,
ଭୁତାଣୁ ଭୟରେ,
କେତେ ନାଟ ଚାଲେ,
ଭୟରେ ପାଗଳ ବୃଦ୍ଧ ଯୁବ □□

ଚାଇନା ରୋଗର ଭାରି ତେଜ,
ମୃତ୍ୟୁ ଉଡାଉଛି ବିଶ୍ୱ ଧ୍ୱଜ,
ହାତ ମିଳାଇଲେ,
ଗହଳେ ରହିଲେ,
ଯୀଶୁ ଆହ୍ଲା ରାମ ନାମ ଭଜ □□

ବିଦ୍ୟାଳୟ ବନ୍ଧ ହୋଇଗଲା,
କାର୍ଯ୍ୟାଳୟ ମଧ୍ୟେ ପଡେ ତାଲା,
ଗାଡି ଘୋଡା ବନ୍ଧ,
କାରଖାନା ବନ୍ଧ,
ବଞ୍ଚିବାକୁ ସର୍ବେ ଠେଲା ପେଲା □□

ମୁବାଇଲ ଯୁଗ ହୋଇଗଲା,
ଦୁରଦର୍ଶନର ଠିଆ ପାଲା,
ଡରେଇ ଡରେଇ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଧା ମାରିଦେବେ,
ନିରୋଗ ଜନଙ୍କୁ ରୋଗ ହେଲା □□

ଥଣ୍ଡା ଛୁଙ୍କ ଜ୍ୱର ଆସିଗଲେ,
ଭୟରେ ହୃଦୟ ଥରାଇଲେ,
ଶ୍ୱାସ ରୁଦ୍ଧ ହୁଏ,
ଭାବି ଭାବି ଜନେ,
କରୋନା କରୋନା ଜପ କଲେ □□

ହାତ ମିଳାଇଲେ ବ୍ୟାପେ ରୋଗ,
ଆମିଷକୁ ଛାଡି ଖାଅ ଶାଗ,
ମୁହଁକୁ ଘୋଡାଇ,
କହିବା ବଚନ,
ନବ୍ୟାପୁ ଅନ୍ୟକୁ ଏହି ରୋଗ □□

ଚାଇନା ଦେଶର ଲୋକମାନେ,
ସବାଖିଆ କୁହେ କାନେ କାନେ,
ପଶୁ ପକ୍ଷୀ ସର୍ପ,
କଞ୍ଚା ମାଂଶ ଖାଇ,
ଜୀବ ଅଙ୍ଗୁ ରୋଗ ନେଲେ ସିନେ □□

ସାରା ବୈଜ୍ଞାନିକ ତର ତର,
ପ୍ରତିଷେଧକ ଔଷଧ ଦରକାର,
ସଭିଏଁ ସଜାଗ,
ସଂକ୍ରମଣ ପାଇଁ,
ଭାରତୁ ବିଦାୟ କରୋନାର □□

ଓଡ଼ିଶାରେ ଆଜି ପଡେ ହୁଡ଼ି,
ମନ୍ତ୍ରୀ ଠୁଁ ଡାକ୍ତର ଦିଏ ରଡି,
ଦୁରଦର୍ଶନରେ,
ଖବର କାଗଜେ,
ସତର୍କ ସୂଚନା ଚାଲେ ମାଡି □□

ଶରୀର ପବିତ୍ର ରଖୁଥିବା,
ସତ୍ୟ ଧର୍ମ ନ୍ୟାୟେ ରହୁଥିବା,
ରୋଗ ନ ଆସିବ,
ଭୁତାଣୁ ଡରିବ,
ଶାନ୍ତିରେ ଖୁସିରେ ରହିଥିବା □□

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର (ଭଦ୍ରକ)

Magazine Downloaded from www.aahwaan.com

ଅନ୍ନଚିନ୍ତା ଚମତ୍କାର

ଛବିରାଣୀ ପତି

ସନ୍ଦେହେ ସନ୍ଦିଗ୍ଧ ହୁଅନାହିଁ ପ୍ରିୟା
(ଆଗ) ବହ୍ନି ବଞ୍ଚେଇବା ଶିଖ... ! !
ଅଣ ଆୟତର ବୟସ ତମାମ
ପଣ କରି ବାନ୍ଧି ରଖ ।।

ବାସ୍ତବତା ଜ୍ୟୋଳେ ସ୍ୱପ୍ନ ଦେଖିବାକୁ
ବ୍ୟଗ୍ରତା ଆସିବ କାହୁଁ.... ! !
ମୁଠେ ଦାନା ପାଇଁ ଦାଦନେ ଖଟିଛି
ଆଶ୍ଚର୍ଯ୍ୟରେ କାହିଁ ଚାହୁଁ.. ! ! ।।

ଘର,ପରିବାର ,ଭିଟାମାଟି ଆଉ
ଏ' ଜୀବନ ଲୋଭେ ଆସି... ! !
ଭାବିଥିଲି ବିଲ,ବାଡି ବଗିଚାରେ
ଧୂଳି ମାଟି ହେବି ନେଶି ।।

ଚକାମାଡି ପ୍ରେମ କରୁଛି କରୋନା
ଉଜାଡି ଅମ୍ପନ ଗଲା.... ! !
ପଙ୍ଗପାଳ ଆସି କଲାଣି ଆତଙ୍କ
ବୁଡିଲା ଏଥର ଭେଳା ।।

ରୋଗ,ପୋକ ପୁଣି ଭୂତାଣୁ ଭୟରେ
ଜୀବନ ଗଲାଣି ଅଧା.... ! !
ଅନ୍ନ ଆଶଙ୍କାରେ ଚଡ଼କ ପଡିଛି
ଲାଗୁଛି ଲୋ' ଭାରି ବାଧା ।।

ସମୟ ନେଇଥିଲା ଦୁରେଇ ତୋ' ଠାରୁ
ଏବେବି ଟିକିଏ ଦୂରେ.... !
ବେଳ କାଳ ନେଇ ପାରୁନି କୁଣ୍ଢେଇ
ଚାରି ଆଖି ଲୁହ ଝରେ ।।

କେହି କାହା ଲୁହ ପୋଛିବାକୁ ସିନା
ଅସମର୍ଥ ଆମେ ଆଜି... ! ! !
ଅନ୍ନ ଚିନ୍ତା କିନ୍ତୁ ଚମତକ୍ଷାର ସାଜି
ମାରୁଛି ଜୀବନ ବାଜି ।।

ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର ।।
ଫୋନ୍ -୯୩୩୭୯୬୦୦୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଜ ଗୀତ

ରଞ୍ଜନ କୁମାର ବ୍ରହ୍ମା

ଆକାଶେ ଦିଶିଲା ମେଘ

ଯୁବା ଛାତି ତାତି ଥଣ୍ଡା ହୋଇବ

ଥଣ୍ଡା ହୋଇବ ଯେ , ଜଗତ ଖୁସି ହୋଇବ ।

ବଉଳ ଲୋ .....

ଜଗତ ଖୁସି ହୋଇବ ।୧ ।

ଆଷାଢ଼ ପ୍ରଥମ ବର୍ଷା

ଶାମୁକା ଦିହରେ ମିଳେ ମୁକୁତା

ମିଳେ ମୁକୁତା ସେ , ଚଂଚଳା ହୋଇବେ

ସଜ୍ଜା ,

ବଉଳ ଲୋ.....

ଚଞ୍ଚଳା ହୋଇବେ ସଜ୍ଜ ।୨ ।

ସଜ୍ଜ କର ରଜ ଦୋଳି

ଆସ ସାଙ୍ଗସାଥି ହୋଇବା ମେଳି

ହୋଇବା ମେଳି ଲୋ, ଚଳିବା ନିୟମ ପାଳି

ବଉଳ ଲୋ ....

ଚଳିବା ନିୟମ ପାଳି ।୩ ।

ଅଳତାର ରଙ୍ଗ ନାଲି

ଲଗା ଲୋ ବଉଳ ପାଦରେ ବୋଳି

ପାଦରେ ବୋଳି ଯେ, ଦିଶିବୁ ସୁଂଦରଖାଲି,

ବଉଳ ଲୋ..

ଦିଶିବୁ ସୁଂଦରଖାଲି ।୪ ।

ସଜ୍ଜ ହେଲା ପଶାପଲି

ରଜପାନ ସଙ୍ଗେ ପିଠାରଥାଳି

ପିଠାର ଥାଳିରେ ଲାଗିଲା ମାଛି ଗହଳି

ବଉଳ ଲୋ ....

ଲାଗିଲା ମାଛି ଗହଳି ।୫ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାଁ ତୋଟା ରଜଦୋଳି

ଥଟ୍ଟା ମଉଜରେ ବାଳାଙ୍କ ମେଳି

ବାଳାଙ୍କମେଳିରେ ଯୁବକ ଖାଆନ୍ତି ଗାଳି

ବଉଳ ଲୋ .....

ଯୁବକ ଖାଆନ୍ତି ଗାଳି ।୬ ।

ପୁରିବ ଫସଲେ ଧରା

ମହାମାରୀ ଏବେ ମରିବ ପରା

ମରିବ ପରା ଯେ, ଦେଲାଣି ଜଗା ଇସାରା

ବଉଳ ଲୋ .....

ଦେଲାଣି ଜାଗା ଇସାରା ।୭ ।

ସମୟର ଅଛି ମୂଲ

ତା ସାଥିରେ ଆମେ ହେବାନି ଗେଲ

ହେବାନି ଗେଲ ଲୋ ,ସମୟର ସାଥେ ଚାଲ,

ବଉଳ ଲୋ....

ସମୟର ସାଥେ ଚାଲ ।୮ ।

ଶିକ୍ଷକ, ଚିକିଟିଗଡ଼, ଗଞ୍ଜାମ

ଫୋନ୍ ନଂ ୯୪୩୭୮୫୮୭୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଜ ଗୀତ

ରୁଦ୍ରରୂପା ବ୍ରହ୍ମା

ଆସ ହେବା ସଜବାଜ
ବରଷକୁ ଥରେ ଆସିଛି ରଜ
ଆସିଛି ରଜ ଲୋ
କରିବା ମିଶି ମଉଜ , ବଉଳ ଲୋ
କରିବା ମିଶି ମଉଜ । ।୧ । ।

ଖେଳିବା ଆସରେ ଦୋଳି
ଦୋଳିରେ ବସିକି ଖାଇବା ପୋଳି
ଖାଇବା ପୋଳି ଲୋ
ସିରା ପଡୁଥିବ ଝରି, ବଉଳ ଲୋ
ସିରା ପଡୁଥିବ ଝରି । ।୨ । ।

ଦୋଳି ଝୁଲେ ଆଗପଛ
ମୋ ପରେ କିଏ ଖେଳିବ ଆସ
ଖେଳିବା ଆସ ଲୋ
ପଛରେ ରୁହ ପ୍ରସ୍ତୁତ , ବଉଳ ଲୋ
ପଛରେ ରୁହ ପ୍ରସ୍ତୁତ । ।୩ । ।

ରଜ ପାନ ଲାଗେ ମିଠା
ଘରେ ହୋଇଅଛି ଅନେକ ପିଠା
ଅନେକ ପିଠା ଲୋ
ଖାଇ ଖାଇ ହେବା କଥା, ବଉଳ ଲୋ
ଖାଇ ଖାଇ ହେବା କଥା । ।୪ । ।

ଆସରେ ଘରକୁ ଯିବା
ସେଠି ବସି ଆମେ ଖେଳ ଖେଳିବା
ଖେଳ ଖେଳିବା ଲୋ
କାଲିର କଥା ଭାବିବା, ବଉଳ ଲୋ
କାଲିର କଥା ଭାବିବା । ।୫ । ।

ଶିଶୁ କବୀ ରୁଦ୍ରରୂପା ବ୍ରହ୍ମା,
ଷଷ୍ଠ ଶ୍ରେଣୀ, ଚିକିଟୀ ଗଡ଼, ଗଞ୍ଜାମ
ଫୋନ୍ ନଂ ୯୪୩୭୮୫୮୭୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶାରେ ରଥ

ସେବକ ବସନ୍ତ
କୁମାର ମହାପାତ୍ର

ଆଶାରେ ଭରିଛି ତଥାପି ଏ ମନ,
ବିଶ୍ୱାସର ଦେଇ ବାର୍ତ୍ତା ।
ଗଢ଼ିବ ତା ରଥ ଟାଣିବ ସେ ସ୍ୱୟଂ,
ସେ ପରା ଜଗତ କର୍ତ୍ତା ।

ସମସ୍ତଙ୍କ ରଥ ଟାଣେ ସେ ନିଇତି,
ଦଇବ ଦଉଡ଼ି ବାନ୍ଧି ।
ସଂସାର ଜଂଜାଳେ ରଖିଛି ସଭିଙ୍କୁ,
ମୋହ ମାୟା ମଧ୍ୟେ ଛନ୍ଦି ।

ତାହାର ଯାତରା ସମ୍ପୂର୍ଣ୍ଣ ନିଆରା,
ବାର ମାସେ ତେର ଯାତ ।
ସ୍ନେହ ପ୍ରେମ ଟିକେ ବାଣ୍ଟିବ ବୋଲିତ,
ସମାବେଶ ଏ ଭକତ ।

କରିଛି ସ୍ନାହାନ ସ୍ନାନର ବେଦୀରେ,
ସେବକଙ୍କ ହାତେ ଯାଇ ।
ଭକତ ସଭିଏଁ ଦୂରରେ ରହିଣ,
ହରେ ରାମ ନାମ ଗାଇ ।

ଅଣସର ଘରେ ରୋଗୀଟିଏ ପରି,
ପାଉଅଛି ଉପଚାର ।
ରୋଗ ଶୋକ ଭୋଗ ସବୁ ତା ଯୋଗାଡ଼,
କରାଇ ତଳ ଉପର ।

ଆରୋଗ୍ୟ ହୋଇଣ ନବ ଯୌବନରେ,
କରିବ ନେତ୍ର ଉତ୍ସବ ।
ମନର ଚକ୍ଷୁରେ ଦର୍ଶନ ଭକତ,
ଦୁରେ ଥାଇ କରୁଥିବ ।

ଚନ୍ଦ୍ରପୁରା, ବୋକାରୋ, ଝାଡ଼ଖଣ୍ଡ
ଭ୍ରାମ୍ୟଭାଷ : ୯୪୭୧୩୦୬୮୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ସ୍ମୃତିରେ

ଡିସମ୍ବର ମେହେର

ଶବ୍ଦରେ ଖୋଜିଲେ ପାଉନି ତୁମକୁ
        କେମିତି ଲେଖିବି ପ୍ରେମର କବିତା
ତୁମକୁ ଦେଖି ଲେଖିଯାଏଁ କେତେ
        ତୁମେ ତ କବିତାର ଅନ୍ତ ସତ୍ତା ।
କହିଥିଲ ଦିନେ ସମୁଦ୍ର ପରି ଆମ ପ୍ରେମ
        କେବେ ହେଲେ ସୁଖିବନି
କାହିଁ ଗଲା ତମ ପ୍ରେମର ବାସନା
        ହୃଦୟ କୂଳକୁ ଆଉ ଛୁଉଁନି ।
ପ୍ରେମ ବରଷାରେ ଭିଜି ଭିଜି ଦିନେ
        ତୁମ ସାଥେ ତାଳ ଦେଇ ନାଚୁଥିଲି
ଶୁଭୁ ନାହିଁ ଆଉ ପ୍ରେମର ସଂଗୀତ
        ଝଡି ବର୍ଷାରେ ଏକା ହେଇଗଲି ।

ଗଣ୍ଡାବାହାଲି, ନୂଆପଡା
ମୋ-୭୮୯୪୭୮୧୩୫

Magazine Downloaded from www.aahwaan.com

କଳାକାର

ଜନ୍ମେଜୟ ପଣ୍ଡା

ଦରଦ ଲୁଚେଇ ମରଦ ସାଜେ
ଫରଦ ଫରଦ ଯନ୍ତ୍ରଣା ଥାକକରି ଛାତିରେ ସାଇତେ
ରାତିକୁ ନିଦ ନିଅଣ୍ଟ ହୁଏ
ଆଉ ନିଦକୁ ସ୍ୱପ୍ନ ।
ଜୀବନ ସହ ଯୁଝି ଯୁଝି କଳାକୁ ଆକାର ଦିଏ,
କିନ୍ତୁ କେବେ ଓଳିଏ ଖାଇଲେ ଆରଓଳିକ ଓପାସ ରହେ ।
ମୁଁ ଦୁଃଖକୁ ଭେଟେ
ଜୀବନର ପ୍ରତି ଷ୍ଟପେଜରେ,
ତଥାପି
ସରଣ୍ଡା ପାହାଡ଼ ପରି ନିଶ୍ଚଳ ଛିଡା ହୁଏ ।
ବେଦରଦୀ ସମୟଟା
ଟ୍ରାକ୍ଟର ଭର୍ତ୍ତି ଦୁଃଖ ଆଣି ଅଜାଡି ଦେଇଯାଏ ମୋ ଚୂଳରେ,
ବାଃ ବାଃ କରୁଥିବା ଲୋକଗୁଡ଼ାବି
ଅପସରି ଯାନ୍ତି ଜେଥେ ଯେଝାର ସଉଦା କରି ଯଥା ବେଳରେ ।
ବାପର ଜୁଇରେ ହେଉ ଅବା
ଶଯ୍ୟାଶାୟୀ ମାଆର କଷଣରେ ହେଉ,
ପତ୍ନୀର ଗର୍ଭଯନ୍ତ୍ରଣା ହେଉ ଅବା
ସନ୍ତାନର ଅଳି ଅର୍ଦ୍ଧଳିର ବୋଝ ହେଉ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁଥିରେ ନିଜକୁ ଅନୁପସ୍ଥିତ କରାଇବାର ଅସହାୟ ବୋଧତା
ବେଳେବେଳେ ମ୍ରିୟମାଣ କରିପକାଏ ।
ତଥାପି
ନିଜର ପାରିଲାପଣିଆରେ ଭରସା କରି ଜୋକର ସାଜେ,
ନିଜ ଭିତରେ ନିଜକୁ ତନ୍ନ ତନ୍ନ କରି ଖୋଜେ ।
କୋହ ଗୁଡାକୁ ଗୁଟଖା ଜରି ପରି ଉଡେଇ ଦିଏ,
ଦୁଃଖ ଗୁଡାକୁ ସିଗାରେଟ ଧୂଆଁ ପରି ଫୁଙ୍କି ଦିଏ,
ଆଉ
ପୁଣିଥରେ ଝାଡ଼ିଝୁଡି ହୋଇ ଛିଡା ହୋଇଯାଏ ରଙ୍ଗମଞ୍ଚରେ
ପୁଳାଏ ପାଉଡର ମାଖି ॥
ସେତେବେଳେ ମୋ ପାରିଲାପଣିଆଟା ବି କ୍ଷତାକ୍ତ, ରକ୍ତାକ୍ତ ହୋଇଉଠେ,
ଯେତେବେଳେ ମୋ ସତସତିକା ଲୁହକୁ ଦର୍ଶକେ ଭାବନ୍ତି ଗ୍ଲିସେରିନ ବୋଲି ।
ମୋ କଲିଜାଟା ପୁଣି ସେବେ ଘୋରି ହୁଏ
ସର୍ଫ ପକେଇ କେହିଜଣେ କାଚିଦେଲା ପରି ମନେ ହୁଏ,
ହେଲେ ସେ ଫେଣ କେବେ ଧୋଇପାରେନି
କେବେ ଲିଭେଇପାରେନି
ବିଧାତା ଲଗେଇଥିବା ମେଞ୍ଚେ କଳାଦାଗକୁ ॥
କଳାକାର ପରା
କଳା ତ ଲାଗିବ ହିଁ ଲାଗିବ ॥

ଗ୍ରା/ପୋ : ଦାଶରଥିପୁର, ବଡମ୍ବା, କଟକ , ୭୫୪୦୩୧, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୭୫୨୬୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜାଗତିକ ସତ୍ୟ

ବିଶ୍ୱରଞ୍ଜନ ଦାଶ

ପୁଲକ ବିହୀନ ଅପଲକ ଚକ୍ଷୁ
 କ୍ଷୁଧାର ଅଶ୍ରୁ ଝରେ,
ସରସ ସୃଷ୍ଟି ନିରସ ଜୀବନେ
ହର୍ଷ ପୀୟୂଷ ଭରେ ।
ଦିବା-ନିଶି ପ୍ରାୟେ ଦୁଃଖ-ସୁଖ ଗତି
କିଞ୍ଚିତେ ସ୍ଥାୟୀ-ଅସ୍ଥାୟୀ,
ସବୁଜ ବନାନୀ ପର୍ଣ୍ଣମୋଚି ରୀତି
ଜୁଆରେ-ଭଟ୍ଟା ରହି ।
ସକଳ ଆଶ୍ରୟ ନିରାଶ୍ରୟ ପୁଣି
ଗଗନ ମୋହେ ବାରିଧି,
ଜୀମୁତ ବକ୍ଷେ ଭାସ୍କର ଅଦୃଶ୍ୟ
ଅଦୃଶ୍ୟ ଶକ୍ତି ଅବଧି ।
ସକଳ ସାଧନା ଗର୍ବେ ନିଧନ
ରହୁ ଏ ସର୍ବେ ଧ୍ୟାନ,
ସତ୍ୟ,ଶାନ୍ତି, ଦୟା,ସଭ୍ୟତା ଜ୍ଞାନ
ବାସ୍ତବ ଧନ ଧାନ୍ୟ ।

ଉଫୁଲା, ବୀରମହାରାଜପୁର, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ :୮୭୬୩୦୦୪୮୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୃଷ୍ଣରୁ ସର୍ପହରାଜ

ରୋହିତ ପଟ୍ଟନାୟକ

କୃଷ୍ଣ କୃଷ୍ଣ ହରେ କୃଷ୍ଣ ଜନ୍ମରୁ କରୁଥିଲ ଜପ,

ହେ କୃଷ୍ଣ ହେ କୃଷ୍ଣ ଏମିତି କଣ ବା କରିଦେଲ ପାପ !

ଜନ୍ମ ଯେ ନେଲ ହିନ୍ଦୁ-ହୋଇଗଲ ମୁସଲିମ

ବାଲ୍ୟରୁ ମନ୍ଦିର ଯୌବନରେ ମସଜିଦ... ଏ କି ମୁସଲିମ !

ହିନ୍ଦୁ ହୋଇ ବାରମାସେ କରୁଥିଲ କେତେ ପର୍ବ

ହିନ୍ଦୁରୁ ମାନିଲ ଇଦ.. ବକରିତ ଏ କି ପର୍ବର ଗର୍ବ !

ଜନ୍ମରୁ ଯୌବନ ଯୌବନ ଜୀବନ ଏତେ ହୀନମାନ

ହେ କୃଷ୍ଣ, ନା ହିନ୍ଦୁପର୍ବ ନା ନିଜର ଗର୍ବ ଶେଷରେ ଆଧାରିଲ ମୁସଲିମ !

ପଚାରେ ପଚାରେ କୃଷ୍ଣ ନାମରେ ଏ କି ସର୍ଫରାଜ

କୋହ କୋହ ହୋଇ ଦେଇଦେଲ ଆବାଜ଼

ଶୁଣ ମୁଁ ଏବେ ଆଜ଼ାଦ, ନାମରେ ସର୍ଫରାଜ ସର୍ଫରାଜ !

ଜନ୍ମିଲି ହିନ୍ଦୁ ହେଲି ମୁସଲମାନ

ମୁଁ ହେଲି ହୀନମାନ

ଯୌବନ ଭିତରେ କରିଲି ପ୍ରେମ

ଶେଷରେ ଶେଷ ମୋ ଜୀବନ !

ଭବାନୀପାଟଣା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନାମିକା

ଆୟୁଷ୍ମାନ ତ୍ରିପାଠୀ

ଶ୍ରାବଣ ରାତ୍ରିର ସୁରଭିତ ବାସ୍ନା
ପୁନିଅଁ ଚନ୍ଦ୍ରମାର ସ୍ନିଗ୍ଧ ଜ୍ୟୋସ୍ନା
ରଜନୀ ଅନ୍ଧାରେ ମାଆଙ୍କ ଉଦରୁ
ଧରିତ୍ରୀରେ ପାଦ ଦେଲି ମୁଁ ଗର୍ଭରୁ ।
ଜନମ ନେଇକି ମାଆକୁ ହାରିଲି
ବାପା ମୁଖକୁ ଜନମୁ ନ ଦେଖିଲି,
ଜନମ ମୋହର ସତେ ଅଭିଶାପ
ପୁର୍ନଜନମେ କି କରିଥିଲି ପାପ ।
ନୀଳାକାଶ ତଳେ ତୃଣ ବିଛଣାରେ
ଛାଡିଦେଲେ ମୋତେ ରାସ୍ତାର କଡରେ,
ସ୍ନିଗ୍ଧ ଚନ୍ଦ୍ର ମୋତେ ଦେଇଥିଲା ଶୀତ
ହୋଇଥିଲି ମୁଁ ଏ ଧରାରେ ପତିତ ।

ଧରିତ୍ରୀ ସାଜିଲା ରେଶମ ବିଛଣା
କମ୍ବଳ ହେଲା ଘାସର ମୁରଛନା,
ବୃକ୍ଷମୂଳ ମୋତେ ଦେଲା ଉପାଧାନ
ସୁତା କଲା ମୋତେ ପ୍ରକୃତି ରମଣ ।
କନ୍ୟା ବୋଲି ମୋତେ ଦେଇଥିଲେ ତ୍ୟାଗୀ
ଅନାମିକା ମୁହିଁ ଅଟେ ସେ ଦୁର୍ଭାଗୀ,
ପ୍ରକୃତି କୋଳରୁ ନେଲେ ମହାନର
ଝିଅ ଭଳି ରଖି ପୋଷିଲେ ପୁଷ୍କର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲେଖୁଛି ଆଜି ମୁଁ ଅନାମିକା ନାରୀ
ତ୍ୟାଗି ମୋତେ କାହିଁ କଲ ହିନମରୀ,
ପ୍ରଣାମ କରୁଛି ତୁମ ଶ୍ରୀଚରଣେ
ଆଣିଲ ମୋତେ ଏ ଧରଣୀ ଭବନେ ।
କନ୍ୟା ବୋଲି ଜାଣି ଦେଲ ପଥେ ଛାଡି
କନ୍ୟା ବୋଲି ମାତା ମୁହଁ ଦେଲ ମୋଡି,
ତମେ ପରା ମାଆ ସବୁଠୁ ମହାନ
ମୋତେ କଲ ପର ଏ ତମ ଯତନ ?
ମାଆ ଏ ଧରାର ମଧୁର ଲେପନ
କୋମଳ ମନର ମଧୁର ରତନ,
ମମତା ମୋତେ ନ ଦେଲ ହେ ଜନନୀ
ମୁ କଣ ନଥିଲି ତୁମର ନନ୍ଦିନୀ ?

ମୋ ପରି ସହସ୍ର ଜନକ ନନ୍ଦିନୀ
ଗର୍ଭରେ ପିଅନ୍ତି ଏ ଜହର ପାଣି,
ଧରିତ୍ରୀ ମାତାକୁ ଦେଖି ନ ପାରଇ
ମାତୃ ଗରଭେ ସେ ନୟନ ବୁଜଇ ।
ଅନ୍ୟ କନ୍ୟା ହୋଇଥାନ୍ତି ଅନାମିକା
ପିତୃମାତୃ ସ୍ନେହ ଲାଗେ ତାଙ୍କୁ ଫିକା,
ଅନ୍ୟ କେତେ ଝିଅ ପାଇ ସ୍ନେହ ପ୍ରେମ
ନର ରାକ୍ଷସର ସାଜିଥାନ୍ତି କମ ।
କନ୍ୟାଭ୍ରୂଣ ହତ୍ୟାକର ବହିଷ୍କାର
କନ୍ୟା ଶୋଷଣକୁ କର ତିରଷ୍କାର,
କର ଏ ଜାତିକୁ ଅନାମିକା ମୁକ୍ତ
କନ୍ୟା ସନ୍ତାନକୁ ଦିଅ ସର୍ବ ମତ ।

ସିନ୍ଧେକେଲା, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରେମର ମୃତ୍ୟୁ

ପ୍ରଶାନ୍ତ କୁମାର ପଧାନ

ଜଳୁନଥିଲା ତ ତୁମ ବେଦିନିଆଁ
ଜଳୁଥିଲା ଆମ ପ୍ରେମ
ହାତଗଣ୍ଠି ତୁମ ସାଜିଲା ଶିକୁଳି
କାରାଗାର ବନ୍ଦୀ ସମ □□
ସିନ୍ଦୂର ନୁହେଁ ସେ ଲକ୍ଷଣର ରେଖା
ଅଲଗା ହୋଇଲେ ଆମେ
ଭିଜୁଥିଲି ମୁଁ ଯେ ନୀରବେ ନୀରବେ
ଲୁହ ଢାଳୁଥିଲ ତୁମେ □□
ସମୟ ସାଜିଲା ପ୍ରେମରେ ବାଧକ
ପରିସ୍ଥିତି ଦେଲା ଧୋକା
ଇଚ୍ଛା ଅନିଚ୍ଛାର ଶୀତଳ ଯୁଦ୍ଧରେ
ହୋଇଗଲେ ଦୁହେଁ ଏକା □□

ପ୍ରତିଶ୍ରୁତି ସବୁ ପାଣିରେ ମିଶିଲା
ପାରିଲେନି ଆମେ ରଖି
ନିସ୍ତବ୍ଧ ହୃଦୟ ନିଷ୍ଠୁର ହୋଇଲା
ବରଷିଲା ଚାରିଆଖି □□
କାହାଦୋଷ ହେଲା ଆମପାଇଁ ବିଷ
ବଳି ପଡିଗଲେ ଆମେ
ଛନ୍ଦି ଦେଇଗଲା ବୁଢ଼ିଆଣି ଜାଲ
ମିଛ ସମ୍ପର୍କର ନାମେ □□
ଦେହ ଓ ଆତ୍ମାର ବିଚ୍ଛେଦ ଘଟିଲା
ମୃତ୍ୟୁ ହୋଇଲା ପ୍ରେମର
ଇତିହାସ ପୃଷ୍ଠା ଯୋଡି ଦେଇଗଲା
ଆଉ ଏକ କାହାଣୀର □□

ବୁରୋମୁଣ୍ଡା, ଗାଇସିଲାଟ, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆ

ଭଜରାମ ସେଠୀ

ମାଆ ଶବଦ ଏକ ନୈସର୍ଗିକ ଶକ୍ତି ,
ମାଆ ଡାକ ଜୀବନେ ଈଶ୍ୱରୀୟ ଭକ୍ତି ।୧ ।
ମାଆ ସେବା ପରା ନିଆଁ ତେଲ ହଳଦୀ ,
ମାଆ ଏନ୍ତୁଡ଼ିଶାଳ ହିଁ ସନ୍ତାନ ସମୃଦ୍ଧି ।୨ ।
ମାଆ ନାଭି ମଣ୍ଡଳର ସୁଖାଦ୍ୟ ଦାତ୍ରୀ,
ମାଆ ଭକ୍ତି ମାର୍ଗର ସୃଷ୍ଟି କବୟିତ୍ରୀ ।୩ ।
ମାଆ ଦାନ ଧର୍ମ ବିଦ୍ୟାର ଶିକ୍ଷୟିତ୍ରୀ
ମାଆ ଦଶମ ଦ୍ୱାରର ସୁଧର୍ମୀ ମୈତ୍ରୀ ।୪ ।
ମାଆ ନାମ ଜଗତେ ସୃଷ୍ଟିର ଉଦ୍ଧରେ,
ମାଆ ଗ୍ରାମ ପୃଥିବୀ ସୃଷ୍ଟିରୁ ଆଦ୍ୟରେ ।୫ ।
ମାଆ ଶ୍ରଦ୍ଧା ସମାନ ଶ୍ରଦ୍ଧା ମର୍ତ୍ତ୍ୟରେ ନାହିଁ,
ମାଆ ଆର୍ଶୀବାଦ ଆୟୁଷ ବୃଦ୍ଧି ହୋଇ ।୬ ।
ମାଆ ଡାକ ସରଗେ ପ୍ରତିଧ୍ୱନି ଉଠଇ
ମା'ର ପଣତ ସନ୍ତାନ ଆୟୁଷର ଛାଇ ।୭ ।
ମାଆ ମାଟି ମମତା ଶ୍ରଦ୍ଧା ପରିଚୟ,
ମାଆ କୋଳ ତ୍ରିପୁରଠୁ ବିଶାଳକାୟ ।୮ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଆ ସନ୍ତାନର ଆନନ୍ଦ ପରିସୀମା,

ମାଆ ଜୀବନ୍ତ ମନ୍ଦିରେ ଦେବୀ ପ୍ରତିମା ।୯ ।

ମାଆ ପ୍ରଥମ ଶିକ୍ଷା ସନ୍ତାନର ଦୀକ୍ଷା

ମାଆ ଶିକ୍ଷଣୀୟ ଲେଖା ଜୀବନ ରେଖା ।୧୦ ।

ମାଆ ଆଦି ଅନ୍ତ, ଦୃଶ୍ୟ ଅଦୃଶ୍ୟ ରୂପ,

ମାଆ ଶବ୍ଦ ଦିବ୍ୟ ପ୍ରଜ୍ୱଳିତ ପ୍ରଦୀପ ।୧୧ ।

ମାଆ ନାରାୟଣୀ ସନ୍ତୋଷ ପ୍ରଦାୟିନୀ,

ମାଆ ସ୍ୱୟଂ ସୃଷ୍ଟି ବେଦଜ୍ଞାନ ରୂପିଣୀ ।୧୨ ।

ମାଆ ପାଦ ପଦ୍ମେ ଜଗତ ସମର୍ପଣ

ମାଆ ଚତୁଃପାର୍ଶ୍ୱ ହିଁ ତ୍ରିପୁର ଭ୍ରମଣ ।୧୩ ।

ନିରାଳ, ଆସିକା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିଚୟ

ଅଭୟ କୁଣ୍ଡ

ଆଜି ସବୁକିଛି କୁଠାରଘାତ ଭଳି ଲାଗୁଛି
ନା ନିଜେ ସ୍ୱପ୍ନ ଦେଖି ପୂରଣ କରିପାରୁଛି
ନା ଅନ୍ୟର ସ୍ୱପ୍ନକୁ ପୂରଣ କରିବାର ସାମର୍ଥ୍ୟ
ମୋ ପାଖରେ ଅଛି
ଖାଲି ଅପେକ୍ଷା ଆଉ ଧର୍ଯ୍ୟର ସହିଷ୍ଣୁତା ଭିତରେ
ମୁଁ ଅପେକ୍ଷା କରି ଚାହିଁ ରହିଛି
ସେହି ଧଳା ବାଦଲର ବର୍ଷାକୁ...(୧)

କିଛି ପ୍ରଶ୍ନ ମୋ ମନ କଳାପଟାରେ ଉଙ୍କି ମାରୁଛି
ସ୍ୱଳ୍ପ କ୍ଷମତା ଏବଂ ବୃହତ୍ତ ଆଶଙ୍କା ଭିତରେ
ବଡ ହେବାର ଆଶା
ମୋ ମନ ମନ୍ଦିରକୁ ଖିନଭିନ୍ କରି ଦେଉଛି

ମୁଁ ଅପେକ୍ଷାର ସହ ଚାହିଁ ରହିଛି
ତାରି ଆସିବା ବାଟକୁ
କେବେ ଆସିବ ତାହା ବି ଜାଣେନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଥାପି ତ ଭାବି ବସିଛି

ତା'ର ସେହି ଚଲାପଥକୁ... (୨)

ବଡ ବଡ ଲୋମଶକୀଟଙ୍କ ମଧ୍ୟେ

ମୁଁ ଆଜି ଛନ୍ଦି ହେଇ ଯାଉଛି

ବନ୍ଦି ଭଳି ଜୀବନ କାଟିବାକୁ

ଖୁସି ମନେ କରୁଛି

ଜାଣେନା ବାବୁଙ୍କ ସୁକ୍ଷ୍ମଦୃଷ୍ଟି ମୋ ଭଳି

ଦରିଦ୍ର ଦୁଃଖିରଖୀଙ୍କ ପାଇଁ ରହିଛି

ନା

ତାଙ୍କ ଲୋଲୁପ ଦ୍ରୁଷ୍ଟି ମୋ ଭାବନା ମନ୍ଦିରକୁ

ଧ୍ୱସଂ କରିଦେଉଛି

ଖାଲି ଅପେକ୍ଷା କରିଛି ପରିଚୟ ଦେବ

ତାର ବଡପଣର.. (୩)

ସହକାରୀ ଶିକ୍ଷକ

ମହିଁଷାପାଟ ଆଶ୍ରମ ବିଦ୍ୟାଳୟ

ସଦର ବ୍ଲକ, ଢେଙ୍କାନାଳ

ମୋ:୯୫୫୬୪୯୭୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନୁତାପ

ବାସନ୍ତୀଲତା ଜେନା

ବାସ୍ତବ ରଙ୍ଗ ମଞ୍ଚ ଏ ଦୁନିଆ ଅଟେ
ନାଟକର ଖେଳ ଘର
ମୁଖେ ରଙ୍ଗ ମାଖି ଅଭିନୟ କରେ
ସଂସାର ରଙ୍ଗ ମଞ୍ଚର । ୧।

ହସ ଲୁହ ଭରା ଏ ସଂସାର ଘରେ
ଆଶା ସ୍ୱପ୍ନ ରହି ଥାଏ
କେତେ ବେଳେ ସୁଖ ଗୋକପ କଳିକା
କେତେ ବେଳେ କଣ୍ଟା ହୁଏ ।୨।

ସ୍ୱଳ୍ପ ଜୀବନରେ ପ୍ରେମ ଭରି ଦେବି
ନ ଦେବି କା' ମନେ ବ୍ୟଥା
ସଭିଙ୍କର ମନ ତୋଷିବା ପାଇଁ କି
ଯୁକ୍ତିଯୁକ୍ତ ହେବି କଥା । ୩।

ଅବାସ୍ତବ ଚିନ୍ତା ଅବାସ୍ତବ କଥା
କାହାକୁ କହିବି ନାହିଁ
ହସ ଟିକେ ଯଦି ଦେଇ ନ ପାରିବି
ଲୁହ ଦେବି କାହିଁ ପାଇଁ । ୪।

ଭୁଲ ଯଦି କେବେ ହୋଇ ଯାଏ ମୋର
କ୍ଷମାପ୍ରାର୍ଥୀ ଅନୁତପ୍ତ
ମନେ ଅଭିମାନ ନ ଆଣିବି କେବେ
ନ ହେବି କେବେ ଗର୍ବିତ । ୫।

ଗୁରୁଜନଙ୍କର ଶିକ୍ଷା ମୁଁ ମାନିବି
ଯାହା ପାଇଛି ଜୀବନେ
ନିଜେ ବଞ୍ଚିବି ଅନ୍ୟକୁ ବଂଚାଇବି
ସଂକଳ୍ପ କରିଛି ମନେ । ୬।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ବ୍ୟକ୍ତିଙ୍କୁ ମୋ ଏତିକି ମିନତୀ
ପରନିନ୍ଦା କର ନାହିଁ
ପରଧନ ଲୁଣ୍ଠି ବଡ଼ ହେବା ପାଇଁ
ଅଭିଳାଷ ରଖ ନାହିଁ ।୭।

ସମୟ ବିତିବ ବୟସ ଗଡିବ
କେହି ହେବେନି କାହାର
ଅନୁତାପେ ତୁମେ ନିଜେ ହିଁ ଜଳିବ
ଭୁଲର ନ ହେବ ସୁଧାର ।୮।

ଶିକ୍ଷୟିତ୍ରୀ, ଗାନ୍ଧିନଗର, ନବରଙ୍ଗପୁର,
ମୋ: ୮୬୩୬୬୫୫୯୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛତରଖିଆ

ଜଗଦୀଶ ସାହୁ

ଆଗେ ସ୍ତ୍ରୀଲୋକ ଗାଳିକରୁଥିଲେ
ହଇରେ ଛତର ଖିଆ
ଛତରରେ ଏବେ ବେଶୀ ପଶିଛନ୍ତି
ଧନୀ ଆଉ ଚାକିରିଆ
ଗାଁର ବଡ଼ଲୋକିଆ
ରେଶନକାର୍ଡ ଧରି ଫଡଫଡ
ମିଛରେ ହଉଚ କିଆଁ !୦ !

ଏମାନଙ୍କ ପାଇଁ କିଛି ଖଟିଖିଆ
ଗରୀବ ଆଜି ଦିନରେ
କାର୍ଡ ଖଣ୍ଡିଏ ପାଖେ ନାହିଁ ବୋଲି
ସଭିଙ୍କୁ ଗୁହାରି କରେ
ଗୃହବନ୍ଦୀ ସମୟରେ

କେତେ ହଇରାଣ ହୋଇଲସେମାନେ
ରହି ଭୋକ ଉପାସରେ
ଆମ ସରକାର ବିଚାରରେ
ବଡ଼ବଡ଼ିଆତ ସୁଖରେ ଅଛନ୍ତି
ଗରୀବ ମାଗଣା ଯୋଜନା ପାଆନ୍ତି
ମଧ୍ୟବିତ୍ତ ପୁଅ କାହାର ସେ ନୁହ
ନିତି ବଞ୍ଚେ ନିତି ମରେ. !୧ !

ସଙ୍ଗପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ: ୯୦୭୮୧୮୫୬୧୬

Magazine Downloaded from www.aahwaan.com

ମୋ ପ୍ରେମ

ଲିଟନ୍ କୁମାର
ବେହେରା

ମୋ ପ୍ରେମ

କେତେବେଳେ ଶାନ୍ତ ତ

କେତେବେଳେ ପୁଣି ଦୁର୍ବୃତ

ଭାବନାରେ ସେ ହୁଏ ଉଦୟ

ଆଉ ବାସ୍ତବରେ ହୁଏ ଅସ୍ତ .....(୧)

ମୋ ପ୍ରେମ

କେତେବେଳେ ଖୁସିର ଗନ୍ତାଘର

କେତେବେଳେ ଦୁଃଖର ନଈ

ବିଚ୍ଛେଦର କଷ୍ଟ ଆଖିରେ ଦିଏ

କେଇ ଟୋପା ଲୁହ,

ଆଉ ଛାତିରେ ସାଉଁଟେ କୋହ

ଆଉ କେବକେବେ

ମୀଳନର ଖୁସିରେ ମନ ଉତ୍ତେଜିତ

ଓଠରେ ରଚନାତ୍ମକ ହସ.....(୨)

ମୋ ପ୍ରେମ

କେତେବେଳେ ବୁଢ଼ୀ ଅସୁରୁଣୀ

ଗପର ଗୋଟେ ରହସ୍ୟ

କେତେବେଳେ ପୁଣି ଦୁନିଆକୁ

ପାଇଯିବାର ଗୋଟେ ସାହସ,

ଆଉ କେବକେବେ

ଅତୃପ୍ତ ଆତ୍ମାର ସୀମିତ ଆୟୁଷ

ଅତିବାହିତ ଜୀବନର ଅବଶୋଷ ....(୩)

ମୋ ପ୍ରେମ

ଅଫେରା ନଈ , ସମୟ ସ୍ରୋତରେ

କାହିଁ କେତେ ଦୂର ବହି ଯାଇଛି ,

ପଛକୁ ଫେରି ଦେଖିଲେ ଚାରିଆଡ଼େ

ଭୟ ସୃଷ୍ଟକାରୀ ଅନ୍ଧକାର

ସେ ଅନ୍ଧାର ଭିତରେ କେବଳ ମୁଁ

ଆଉ ମୋ ଭିତରେ ମୋ ପ୍ରେମ .....(୪)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନର ଛନ୍ଦରେ ପର୍ଯ୍ୟାବରଣ

ଭାସ୍କର ଚନ୍ଦ୍ର ଖଣ୍ଡା

ମାଟି, ପାଣି, ପବନ, ତରୁ ଲତା ସହ
ଓତଃପ୍ରୋତ ଭାବେ ଜଡିତ
ଆମ ଜୀବନର ଛନ୍ଦ
ସେ ଛନ୍ଦର ସ୍ୱରରେ
ବାଜି ଉଠେ କେତେ ରାଗ ରାଗିଣୀ ।୧ ।

ସକାଳର ସୂର୍ଯ୍ୟକୁ ଦେଖେ
ନରମ ସୂର୍ଯ୍ୟାଲୋକର ପରଶରେ
ଜାଗି ଉଠେ ସତେଜତା
ଅସ୍ତଗାମୀ ସୂର୍ଯ୍ୟର ଆଭା
ଭରିଦିଏ ପ୍ରେମର ଉନ୍ମାଦନା
ଜହ୍ନରାତିର ଶୀତଳ ପରଶ
ପ୍ରେମିକ ପ୍ରେମିକା ମନରେ
ଖେଳାଇ ଶିହରଣ
ଭରିଦିଏ ପ୍ରେମର ଆବେଗ ।୨ ।

ବଞ୍ଚି ରହି ପ୍ରକୃତି କୋଳରେ
ଆଘ୍ରାଣ କରେ ତା'ର ପ୍ରାଣ ବାୟୁ
ନିଶ୍ୱାସରେ ନିର୍ଗତ ଅଂଗାରକାମ୍ଳ
ତରୁ ଲତା ପତ୍ର ରୂପକ ଯାନ୍ତ୍ରିକ ସହାୟତାରେ
ହୋଇ ପରିଶୁଦ୍ଧ କରେ ପ୍ରତ୍ୟାବର୍ତ୍ତନ
ଆଉ ଥରେ ମୋ ପାଖକୁ
ମୋତେ ବଂଚାଇବାକୁ ।୩ ।

ଦେଇ ଜନ୍ମ ମୋତେ
କରିଛୁ ଲାଳନପାଳନ
ତା'ର ପ୍ରତିବଦଳରେ
ସାଜିଛି ମୁଁ ସ୍ୱାର୍ଥପର
ନକରି ଭୃକ୍ଷେପ କାହା ପାଇଁ
ସବୁ ଜୀବ ଜନ୍ତୁ କୀଟ ପତଙ୍ଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୃଷ୍ଟି କରି ଚାଲିଛି ପ୍ରାସାଦ କଳକାରଖାନା
କରି ଚାଲିଛି ଜଂଗଲର ନଷ୍ଟ
ପ୍ରକୃତିରାଣୀର ଶୋଭାକୁ ।୪ ।

ଭୋଗିଲିଣି ତୋର ଦାଉ
କେତେ ତିତିଲି ଫନି ଆଉ ଆମ୍ଫନ
ଅକାଳ ମରୁଡି ସହ କେତେ ଦୁର୍ବିପାକ
ପରିଶେଷେ କରୋନାର ଉତ୍ପତ୍ତି ।୫ ।

ହେବ ନାହିଁ ଆଉ ମୋର ମତିଭ୍ରମ
ଶ୍ରେଷ୍ଠ ପ୍ରାଣୀ ରୂପେ ଆଣିବି ମୁଁ ସମନ୍ୱୟ
କରିବି ହୃଦୟଂଗମ
ସଭିଙ୍କର ଜୀଇବାର ଅଛି ଏଠି ଅଧିକାର
ହେ ମାଆ ! ମୋର ପ୍ରକୃତି ରାଣୀ
ସଜାଇବି ତୋତେ ପଣତ କାନିରେ
କରିବି ନାହିଁ ଆଉ ଜଂଗଲର ନଷ୍ଟ
ଆପଣାଇ ବୃକ୍ଷ ରୋପଣକୁ
ଆପଣାଇ ସଚେତନତାକୁ
ଫୁଟାଇବି ତୋ ମୁହଁରେ ହସ
ହୋଇ ସଚେତନତାର ଜାଗରଣ
ହସିବ ଆଉଥରେ ମୋ ପର୍ଯ୍ୟାବରଣ
ସେ ହସରେ ଖୋଜିବି ମୁଁ ଜୀବନର ଛନ୍ଦ
।୬ ।

ରୋଡ ନଂ ୩, ଜଗନ୍ନାଥ ନଗର
ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

Magazine Downloaded from www.aahwaan.com

ସଂଗ୍ରାମ

ଦେବାଶିଷ ପଧାନ

(ଶୁଷ୍କାଞ୍ଚଳ ଜମିର ଅବନତି ଓ ମରୁଡି ବିରୁଦ୍ଧରେ ସଂଗ୍ରାମ)

ପାଏଶୋଭା ନାରୀଥିଲେ ଭୂଷଣ !
ଧରଣି ସୁନ୍ଦର ସବୁଜ ବନ !!(୧)
ଶୋଭେ ନଭେଘନ ଥିଲେ ବିଜୁଳି !
କରେ ଜଳଧାର ବିଲସୁନ୍ଦରି !! (୨)
ବଣିକ ଅନଳ ଦେଖିଲେ ଧନ !
ସବୁଜ କ୍ଷେତ୍ରରେ ସବୁରି ପ୍ରାଣ !!(୩)
ସୁବେଶରେ ଜେହେଁ ଚମକ ମୁଖ !
ସୁନ୍ଦରି ପ୍ରକୃତି ଧରଣି ଭେଦ !!(୪)
ଅଟଇ ବରଷା ଉଦ୍ଭିଦଶଖା !
ଜଳ ଟୋପେବିନା ସର୍ବେ ନିରାଶା !!(୫)
ପ୍ରକୃତି ରୁପ ଲାବଣ୍ୟମୟୀ !
କେବେ ହାହାକାର ପ୍ରକଟ ସେଇ !!(୬)
ଦିଶଇ ବରଷା ସବୁଜ ଦୃଶ୍ୟ !
ତା ବାହୁନେ ଧରା ବିକଟ ରୁପ !!(୭)

ବରଷା ର କନ୍ୟା ପ୍ରକୃତି ରାଣୀ !
ଫୁଲ ଫଳ ଭରା ତାରାଜଧାନୀ !!(୮)
ଏପ୍ରାଣୀ ଜଗତ ପରଜା ତାର !
ପତ୍ରେ ପୁଷ୍ପ ଫଳେ ଭରଷା ଯାର !!(୯)
ଧରଣି ଜନନୀ ପ୍ରକୃତି ରାଣି !
ଅଟଇ ଜନକ ବରଷା ପାଣି !!(୧୦)
ଗଲେ ପରିବେଶ ଯିବ ପ୍ରକୃତି !
ପ୍ରକୃତି ଗନ୍ତବ୍ୟ ପଥେ ଧରିତ୍ରୀ !!(୧୧)
ହୃଦୟ ଫଟାଇ ଛାଡିବରଡି !
ପାରିବନି କେହି ତାକୁ ସମ୍ଭାଲି !!(୧୨)
ତାହାର ଦୃଶ୍ୟରେ ଜିବ ଜଗତ !
ହାହାକାର ପ୍ରାଣ ଛାଡିବ ସେତ !!(୧୩)
ଛାଡିବ ବରଷା ପ୍ରାଣ ହରାଇ !
ହୁତା ସନେ ଜଳିଯିବ ଏ ଭୂଇଁ !!(୧୪)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଜାଇବ ତାର ଚିହ୍ନ ବରନ !
ହେବ ଯିବ ସଙ୍ଗେ ଏ ଧରା ଶୂନ୍ୟ ! !(୧୫)
ଯିବ ଜଗତର ଉତ୍ପାତ ଦେଖି !
ପାରୁନି ସମ୍ଭାଲି ଏଇ ଧରିତ୍ରୀ ! !(୧୬)
ଗଲାଣି ବରଷା କେତେଯେ ଦୂର !
କରିବ କିଏସେ ତା ଉପଚାର ! !(୧୭)
କାନ୍ଦି କାନ୍ଦି ମାଟି ଗଲାଣି ଫାଟି !
ବେଉସା ଆତୁରେ ଗଲେଣି ଲୋଟି ! !(୧୮)
ହୋଇଣ ଆହାତ ମୃତ୍ତିକା କ୍ଷୟ !
ହଜିଲାଣି ବଳ ଶସ୍ୟ ବଳୟ ! !(୧୯)
ମଉସୁମି ବାଟ ହେଲାଣି ବଣା !
ନାହିଁ ଦେହେ ଆଉ ତା ଜଳକଣା ! !(୨୦)
ଯିବ ବୃକ୍ଷବଳ ହୋଇ ପତନ !
ପାରିବନି ହଲିସେ ଜୀର୍ଣ୍ଣ ଶୀର୍ଣ୍ଣ ! !(୨୧)
ଅର୍ଦ୍ଧ ନିଶ୍ୱାସରେ ଯିବ ମଣିଷ !
ହୋଇଯିବ ଶୂନ୍ୟସୃଷ୍ଟି ଅବଶ୍ୟ ! !(୨୨)
ପାଣିଥାଇ ବନ୍ଧ ବାନ୍ଧିଲେ ସିନା !
ହୋଇବ ସମ୍ଭାଲି ମୀନ ବାସନା ! !(୨୩)
ପଶୁପକ୍ଷୀ ଏବେ ଗଲେଣି ହଜି !
ଜଇବିକ ସାର ନମିଳେ ଖୋଜି ! !(୨୪)
ମାଟି ବାପୁଡାର ସୁଖାଦ୍ୟ ଏଇ !
ଖାଇଲେ ଅଖାଦ୍ୟ ବଞ୍ଚିବକାହିଁ ! !(୨୫)
ଗଲାଣି ଘୁଞ୍ଚିସେ ସବୁଜବନ !
ଆକ୍ରମଣ ଧସି ଧଳା ଅରଣ୍ୟ ! !(୨୬)
ଫଳୁନି ଗଛରେ ସୁ ସ୍ୱାଦୁଫଳ !
ଫଳ ବଳି ବିଷ ହୁଅଇ କାଳ ! !(୨୭)
ନାହିଁ ବଫୁ ଆଉ ମାଟିରେ ଟିକେ !
ଅମ୍ଳ ପରିପୂର୍ଣ୍ଣ ତାହାରି ଗାତ୍ରେ ! !(୨୮)
ନାହିଁତରୁ ବୋଲି ତାହାରି କ୍ଷଜ !
ହୋଇଗଲା ସାର ଆତ୍ମାର ମୟ ! !(୨୯)
ହେଲାଣି ଅରଣ୍ୟ ଅବଣ ମୟ !
ଯୁଆଡେ ଦେଖିଲେ ପଡିଆ ମୟ ! !(୩୦)
ପଡିଲେ ମରୁଡି ହେବ ଦୁର୍ଭାଗ୍ୟ !
ପେଟ ଜ୍ୱାଳା କଷ୍ଟେ ହେବେ ଉତ୍ପାତ ! !(୩୧)
ପ୍ରଶାସ ନେବାକୁ ନଥିବ ବାୟୁ !
ଜୀବଜଗତ ର ଛିଣ୍ଡିବ ଆୟୁ ! !(୩୨)
ନାଲି ଟହଟହ ହେଲାଣି ଆସି !
ଧରଣି ଉଛନ ହେଉଛି ବସି ! !(୩୩)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଳିପୋଡି ସବୁ ହେବ ପାଉଁଶ !

କରିଗଲେ ହେଲ ନଥିବ ଲେସ ! !(୩୪)

ଘରକୁ ବୁଡ଼ାଏ ଖେତକୁ ମୁଡା !

ହସୁଥାଏ ସବୁ ହୋଇବଢିଆ ! !(୩୫)

ଜଳାଶୟ ସବୁ ଗଲେଣି ଉଡି !

ନଳ କୂପ ଯେବେ ଆସିଲା ଭିଡି ! !(୩୬)

ପଦାବନ ଆଉ ଗୋଚର ଯେତେ !

ଜଳଚର ସଂଗେ ଏଜମି କେତେ ! !(୩୭)

ଛୋଟ ବଡ ଆନିକଟ କରିବା !

ବିନ୍ଦୁଏ ଜଳକୁ ସାଇତି ଥିବା ! !(୩୮)

ଲଗାଇବା ଗଛ ପ୍ରତି ବରଷ !

ବଢାଇବା ତାକୁ ହୋଇ ହରଷ ! !(୩୯)

ନି/ପୋ -ରିନବଚନ, ବ୍ଲକ-ଆଗଲପୁର

ଜିଲ୍ଲା-ବଲାଙ୍ଗୀର, ପିନ-୭୬୭୦୨୨

ମୋବାଇଲ-: ୯୧୭୮୩୬୦୬୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା

ଚାରୁବାଳା ନନ୍ଦ

କରୋନା, ତୁମକୁ ନାଁ,

ତୁମର ଉତ୍ପତ୍ତି ଚୀନର ଉହାନରୁ

ନାଁ, ଅନ୍ତରୀକ୍ଷରୁ,

ତୁମେ ଅଦୃଶ୍ୟ ରେ ରହି

ଦୁଃଖର ବୋଇତ କୁ ଭସାଇ ଚାଲିଛ

ସାରା ବିଶ୍ୱରେ ।।

ଏଠି ଅତୀତ ପାଲଟୁଛି ବର୍ତ୍ତମାନ

ପ୍ରେମର ଫଲ୍ଗୁ ଲୁଚିଲାଣି

ମାନସ ପଟରୁ

ପ୍ରାଣ ଶକ୍ତି ମଉଳି ଗଲାଣି

ଅସହାୟ ବେଦନା ରେ ଯନ୍ତ୍ରଣାକ୍ତ ଜୀବନ,

ସମୟର ଆବର୍ତ୍ତମାନରେ,

ଆୟୁଷ୍ମାନ ଶୁଖିଲାପତ୍ର ସାଜି

ଝଡିପଡନ୍ତି, କରୋନାର ଉପଦ୍ରୁତରେ ।।

କଟକ, ଓଡ଼ିଶା

୭୮୯୪୧୦୫୮୬୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦି'ଟୋପା ଲୁହ

ସୁବ୍ରତ ପାତ୍ର

ବେଳେବେଳେ ଏମିତି ଲାଗେ
ସୁଖର ପସରା
ଅଜାଡି ହୋଇପଡୁଛି ମଥାରେ,
ଦୁଃଖସବୁ ଭସାବାଦଲ ପରି
ଭାସିଯାଉଛି ଏଣେତେଣେ
ସ୍ମୃତିର କୁହୁଡି ଭିତରେ,
ଇଚ୍ଛା ହୁଏ ଜୀଇବାକୁ,
ଆଉ ସାଇତି ରଖିବାକୁ ସେଇ ସମୟକୁ
ଯାହା ବିତେଇଛି ଅତୀତରେ,
ଅତୀତର ସେ ଅଧଗଢା ସ୍ୱପ୍ନସବୁ
ପୁଲକିତ କରେ ଦେହ,ମନ ଆଉ ପ୍ରାଣ ।

ଚେଷ୍ଟାକରେ ପୁରା କରିବାକୁ
ସେଇ ଅଧଗଢା ସ୍ୱପ୍ନ ଗୁଡାକୁ,
ଆଉ ଏକାକୀ ବଞ୍ଚିବାକୁ
ଏଇ ବର୍ତ୍ତମାନରେ ।
ଆଉ ତ ଆଉ ବାନ୍ଧିବାକୁ ବି ଚେଷ୍ଟାକରେ
ତା'ସହ ଏକ ଅତୁଟ ସମ୍ପର୍କ !
ଯେଉଁ ସମ୍ପର୍କରେ
ଥିବ ଖାଲି ନୀରବତା
ନା କିଛି କହିହେଉଥିବ ନା ଶୁଣି,
ଖାଲି ମନେ ପଡିଗଲେ
ଆଖିରୁ ଝରିପଡୁଥିବ
ଦି'ଟୋପା ଲୁହ, ଦି'ଟୋପା ଲୁହ ।।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାଇଲେ ଜାଣିବୁ

ସୌଭାଗ୍ୟ ରଞ୍ଜନ ମହାପାତ୍ର

ଓଡ଼ିଆମାଟିର ଖାଇବା ସିଏ
କିଏ ହେବ ତା ସରି
ଖାଇନି ଯିଏ ଜୀବନ ଯାକ
ହେଉଥିବ ସେ ଝୁରି ।।

ଖଜା ଭିତରେ ରାଜା ସିଏ
ପୁରୀ ସହର ଖଜା
ଗଜା ଭିତରେ ବାଲେଶ୍ୱର
ପ୍ରସିଦ୍ଧ ଛେନା ଗଜା ।।

କେନ୍ଦରାପଡା ସେ ମନଲୋଭା
ମିଠା ସେ ରସାବଳି
ବାରିପଦା ର ମୁଢ଼ି ସାଙ୍ଗ କୁ
ସେ ମାଂସ ତରକାରୀ ।।

ଜଗତସିଂହପୁର ର ସେଇ
ଚିଙ୍ଗୁଡ଼ି ଝୋଳ କଙ୍କଡା
ଢେଙ୍କାନାଳ ର ବଡ ପ୍ରସିଦ୍ଧ
ଘୁଗୁନି ବିରି ବରା ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁନିଆଁ ମଧ୍ୟେ ନମିଳେ ସେଇ
ବଡ଼ି କେନ୍ଦୁଝର ର
ମନ୍ ଲାଖି ଯାଏସି ଚାଉଲ୍
ବରା ବଲାଙ୍ଗୀର୍ ର ।।

ଖୋରଧା ମାଟି ସେ କୋରାଖଇ
ପାଲୁଆ ଲଡୁ ଭଦ୍ରକ
ଦୁନିଆ ମନ ହରଣ କରେ
ଦହିବରା କଟକ ।।

ନଇଆଗଡର ଛେନାପୋଡ଼
ଦେବୁ ତୁ ମୁଁହେ ଯେବେ
ଓଡ଼ିଆ ମିଠା କେତେ ପ୍ରସିଦ୍ଧ
ଜାଣିପାରିବୁ ସେବେ ।।

ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର
ଟିଟିଲାଗଡ଼, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା

ପ୍ରତ୍ୟାଶା ମହାପାତ୍ର

କରୋନା କରୋନା କରୋନା,
ଜନ୍ମିଲୁ ତୁ କଉଁଠାରୁ ନୁହେଁ କି ଚାଇନା ।
ଗାଁ ଓ ସହରେ ତୁ ବିସ୍ତାରିଛୁ ତୋର କାୟା,
ତୋରି ଭୟ ରେ ସବୁ ହୋଇଛନ୍ତି ଏବେ ବାୟା ।
ଦେଶ ର ଅର୍ଥନୀତି କୁ ପକାଇଲୁ ବହୁ ପଛରେ ,
କେବେ ଆମେ ଫେରିବୁ ପୂର୍ବାବସ୍ଥାକୁ ଅତି ଆନନ୍ଦରେ ।
ଯଉଁ ଜ୍ଞାନବଳେ ମଣିଷ ପାରୁନି ମଣିଷକୁ ବଞ୍ଚାଇ,
ବିଜ୍ଞାନ ଓ ଗବେଷଣା ତେବେ ଆଉ କାହା ପାଇଁ ।
ଆଜିର ଯୁଦ୍ଧ କରୋନା ସହିତ ଏହି ମଣିଷ ଜାତିର,
ଡାକ୍ତର,ପୋଲିସ୍,ଚପରାସୀ ହେଲେ ଯୋଦ୍ଧା ଏ ଯୁଦ୍ଧର ।
ନୀତି ଟିକିଏ ଅଲଗା ଏହି ମହାସମର ର,
ମାରିବା ନୁହେଁ, ବଞ୍ଚେଇବାରେ ସଫଳତା ଅଛି ଖୁସିର ।
ତଥାପି ଧନ୍ୟବାଦ ତୋତେ ରେ ଭୂତାଣୁ କରୋନା ,
ମହାମାରୀ ହୋଇ ଦେଲୁ କେତେ ଶିକ୍ଷା ଯେ କହନା ।
ତୁ ଯେ ଶିଖେଇଲୁ ରହିବାକୁ ସଫା ସୁତୁରା ,
ତା ସହ ପରିବେଶ ନ କରିବାକୁ କଚରା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଟରଗାଡି ଓ କାରଖାନା ଧୂଆଁ କରୁନାହିଁ ପ୍ରଦୂଷଣ ,

ପଶୁ ପକ୍ଷୀ ଙ୍କ ଖୁସିର କାକଳି କରି ହେଉନାହିଁ ବାରଣ ।

ଇର୍ଷା ଘୃଣା ଆଜି ବଦଳି ଯାଇଛି ସ୍ନେହ ଓ ମମତା ରେ,

ପରିବେଶ ଆଉ ଗଙ୍ଗାନଦୀ ଜଳ ବଦଳିଛି ସ୍ୱଚ୍ଛତାରେ ।

ପାଶ୍ଚାତ୍ୟ ଦେଶ ଆଦରି ନେଇଛି ଆମ ଭାରତୀୟ ସଂସ୍କୃତି,

ସାରା ବିଶ୍ୱରେ ଗୁଞ୍ଜିତ ହେଉଛି ଭାରତ ମାତା ର ଗୀତି ।

କ୍ୱାରେଣ୍ଟାଇନ୍ ରେ ସଭିଏଁ ଭୁଲିଲେ ଜାତିଭେଦ ର ବାରଣ,

"ଆତ୍ମନିର୍ଭର ଭାରତ" ର ତୁ ଯେ ହେଲୁ ଆଜି କାରଣ ।

ଷ୍ଟେସନ ଛକ,

(ରାମ ମନ୍ଦିର ପାଖ)

ପୁରୀ-୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୁଦ୍ଧ ଚାଲିଛି

ଅର୍ଚ୍ଚନା ଦେଓ

ଆଜି ପୁଣି ଇତିହାସର
ପୁନାରବୃତ୍ତି ହେବାକୁ ଯାଉଛି
ନିଜେ ମଣିଷ ହିଁ ତା'ର
ଆରମ୍ଭ କରିଛି
କି ଲାଭ ଆଉ ଆର୍ତ୍ତ ଚିତ୍କାର କରି
ତୋ ଗର୍ବ ତୋ ପାଇଁ
ଆଜି କାଳ ସାଜୁଛି
ମିଛ ବୈଭବ ତୋର
ବିଭୀଷିକାର ନୃତ୍ୟ କରୁଛି
ସବୁ ଅସାର
କିଛି ନୁହେଁ ତୋର
ମିଛ ଅହଂରେ
ନିଜ ଜୀବନ ଏବେ
ବାଜି ପଡ଼ିଛି...

ହେ ମୁର୍ଖ ମନୁଷ୍ୟ
ଥରେ ଦେଖେ
ପଛକୁ ବୁଲି
ଇତିହାସର ପୃଷ୍ଠାକୁ
ଦେ ଓଲଟାଇ
କେତେ ସଭ୍ୟତା
ଯାଇଛି ମାଟିରେ ମିଶି
ଯୁଦ୍ଧ ବିଭୀଷିକା ଭିତରେ
ନିଜର ସର୍ତ୍ତା ହରାଇଛି
ତଥାପି ହୁଏ ନାହିଁ
ତୋର ପରିବର୍ତ୍ତନ
ଚଳାଉ ପୁଣି
ଆଉ ଗୋଟିଏ ମହାସଂଗ୍ରାମ ।

ଯାଜପୁର, ବାରଗାଡ଼ିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପା

ଜୟଶ୍ରୀ ମହାରଣା

ଆଖି ଖୋଲି ଯେବେ ଦୁନିଆ ଦେଖିଲି
ବୋଉକୁ ଚିହ୍ନିଲି ଅମୃତ ପିଇ
ତା କୋଳ ପରଶ ଉଷୁମ ଭରିଲା
ଆପଣାର କଲି ହରଷ ହୋଇ ।

ସଶକ୍ତ ବାହୁରେ ଝୁଲିଲି ଯେବେ ମୁଁ
ଜାଣିଲି ସୁରକ୍ଷା କବଚ ସିଏ
ମୋ ଆଖିରେ ଲୁହ ଦେଖିଦେଲେ କେବେ
ମନଟା ତାଙ୍କର ବିକଳ ହୁଏ ।

ହାତୀ ଘୋଡା ପରି ଖେଳନା ଅଜାଡି
ଭରିଲେ ଓଠରେ ଚେନାଏ ହସ
କାନ୍ଧରେ ବସାଇ ବୁଲାଇଲେ କେତେ
ଦେଖାଇଲେ ଜହ୍ନ ତାରା ଆକାଶ ।

ପାହାଡ଼ ପ୍ରାନ୍ତର ଫୁଲ ଫଳ ଭରା
ସଂସାର ଚିହ୍ନିଲି ତାଙ୍କ ଆଖିରେ
ଦୁନିଆ ଦାଣ୍ଡରେ ପରିଚୟ ଦେଇ
ଗଢିଲେ ଜୀବନ ଅତି ଶ୍ରଦ୍ଧାରେ ।

ହାତ ଧରି ମୋର ବାଟ ଚଲାଇଲେ
ସାହାସ ଭରିଲେ ବିପଦବେଳେ
ମୋର ଖୁସି ପାଇଁ ଆପଣା ଖୁସିକୁ
ସମାଧି ସେ ଦେଲେ ହୃଦୟତଳେ ।

ରୋଗବ୍ୟାଧି ସହି ଟାଣୁଆ ଦେହରେ
ଅକ୍ଳାନ୍ତ ଖଟିଲେ ବିନା ଦ୍ୱିଧାରେ
ଝଡ଼ଝଞ୍ଝା ଦୁଃଖ ଦେଖିଛି ଅନେକ
ଦେଖିନି ମୁଁ ଲୁହ ତାଙ୍କ ଆଖିରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସର୍ବଦା ଆତୁର ସୁଚିନ୍ତା ତାଙ୍କର
ମୋର ଶିକ୍ଷାଦୀକ୍ଷା ଭବିଷ୍ୟ ପାଇଁ
ମନ ବୁଝି ଚିଜ ଦେଇଛନ୍ତି ମୋତେ
କେବେ କିଛି ଉଣା କରନ୍ତି ନାହିଁ ।

ତାଙ୍କ ହାତ ଦୁଇ ମୋ ଆଶ୍ରୟ ଛାତ
ତାଙ୍କ ଆଶୀର୍ବାଦ ଅମୃତ ତୁଲ୍ୟ
ଜୀବନରେ କେବେ କଳି ପାରିବିନି
ତାଙ୍କ ସ୍ନେହଶ୍ରଦ୍ଧା ତ୍ୟାଗର ମୂଲ ।

ବାପା ବୋଲି ସିନା ଦୁଇଟି ଅକ୍ଷର
ଜୀବନ ତତ୍ତ୍ୱର ଯେ ସମାହାର
ଶବ୍ଦ ମୁଁ କେଉଁଠୁ ସାଉଁଟି ଆଣିବି
ଗହନ ଭାବନା ସେ ଗନ୍ତାଘର ।

ଧରା ରଙ୍ଗମଞ୍ଚେ ଦକ୍ଷ କଳାକାର
ଅଭିନୟ ସାରି ବାହୁଡ଼ିଗଲେ
ତାଙ୍କ ଶିକ୍ଷାଦୀକ୍ଷା ପ୍ରେରଣା ସଂସ୍କାର
ସାଇତି ରଖିଛି ଅନ୍ତର ତଳେ ।

ବାଣପୁର, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଞ୍ଚିବାକୁ ଦିଅ

ଭୂପେନ୍ଦ୍ର ନାଏକ

ପ୍ରତିବର୍ଷ ଆମେ ଜାଳିଦୀପ ଶିଖା
ପାଳିଥାଉ ଦୀପାବଳି,
ସୁଖର ସମୃଦ୍ଧି କାମନା ସକାଶେ
ପୂଜିଥାଉ ମହାଲକ୍ଷ୍ମୀ ।।
ଇଏକି ତୁମେ ଲକ୍ଷ୍ମୀ ପୂଜାକର
ସଂକୋଚ ନଲାଗେ ମନେ,
ତାଙ୍କ ବରଦାନ ଶିଶୁ ଛୁଆଟାକୁ
ନାଶ କର ଅକାରଣେ ।।
କନ୍ୟା ଭ୍ରୂଣ ହତ୍ୟା ଜୀବନେ ସବୁଠୁ
ସବୁଠାରୁ ବଡ କ୍ରୁର,
ଝିଅ ଜନମଟା ନହେବା ପୂର୍ବରୁ
ମାତୃ ଗର୍ଭେ ମାରି ଦିଅ ।।

ପୁଅ ଜନ୍ମ ହେଲେ ମନ ପ୍ରାଣ ନେଇ
ଆନନ୍ଦେ ଯତ୍ନ ନିଅ,
ଝିଅ ଜନ୍ମ ହେଲେ ଗର୍ତ୍ତଟିଏ ଖୋଲି
ମାଟିତଳେ ପୋତିଦିଅ ।।
ତୁମେ କି ଜାଣିନ ଭାରତ ମାଟିରେ
ଗାର୍ଗୀ ଅପଲାଙ୍କ ବାସ,
ରାଣୀଲକ୍ଷ୍ମୀବାଇ ଦୂର୍ଗାବତୀ ଭଳି
ବୀରାଙ୍ଗନା ଇତିହାସ ।।

(ଶିକ୍ଷକ), ଗଣ୍ଡାମେର, ଗୋଲାମୁଣ୍ଡା, କଳାହାଣ୍ଡି
ମୋ-୮୦୧୮୯୦୯୫୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବଶୋଷ

କମଳ ଲୋଚନ ମଲ୍ଲିକ

ଇତିହାସ ପୃଷ୍ଠାରୁ ଲେଉଟି ଆଜି
ଯେବେ ମୁଁ ଫେରେ ,
ଆଖିରେ ଅସରାଏ ଲୁହକୁ ଚାପି
ଅନୁଭବ କରେ ।
ଏକତାର ମନ୍ତ୍ର ଜପି ସଭିଏଁ ଜଗି
ସ୍ୱାଧୀନତା ଆଣିଥିଲେ ,
ସେହି ସ୍ୱାଧୀନ ଭାରତୀୟ ଆମେ
ଦେଶ ପାଇଁ କ'ଣ କଲେ ?
ମହାପୁରୁଷ ତ ସ୍ୱତନ୍ତ୍ରତା ପାଇଁ
ଜୀବନ ଜଳାଞ୍ଜଳି ଦେଲେ ,
ହେଲେ ତାଙ୍କରି ବଂଶଜ ଆମେ
ଆଦର୍ଶବାଦୀ ହବାକୁ ଡ଼ରେ ।

ଦେଶପ୍ରେମୀ ସେମାନେ ଗର୍ବ ଏ ଦେଶର
ସୃଷ୍ଟି କରିଥିଲେ ପରିଚୟ ନିଜର ,
ହେଲେ ଗର୍ବିତ ଆମେ ନିଜ ଅହଙ୍କାର
କେମିତି ଦୂରେଇବା ଏ ଭାବ ଖରାପର ।
କାରାବାସେ ରହି ଫାଶୀ ପାଇ ମଧ୍ୟ
ନଥିଲା ତାଙ୍କ ସ୍ୱପ୍ନର ଶେଷ ,
ଆଜି ଆମେ ଯେଉଁ ଭାରତ ସନ୍ତାନ
ମିଛଟାରେ କରୁ ଅବଶୋଷ ।

ଗ୍ରାମ - ତାଳପଦା ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ପିନ୍ - ୭୫୬୦୫୪
ଦୂରଭାଷ - ୬୩୭୦୦୯୧୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୋକ

ଆଶୁତୋଷ ମେହେର

ଭୋକ ନ ଥିଲେ ବୋଧେ
ସଂସାର ଟା ଶୋଇ ପଡନ୍ତା
ଅମାବାସ୍ୟା ରାତିରେ ତାରା ମେଳରେ
ଚୁପ୍ ଚାପ୍ ନିଘୋଡ ନିଦରେ ।।

ଏଇ ଭୋକ ତ ବେଳେ ବେଳେ
ଉଠାଇ ନିଏ ଚଇତୁ ମାଝିକୁ
ନୂଆଁପଡା ର କେଉଁ ଗାଁ ଠୁଁ
ଛେନ୍ନାଇ ର ଇଟାଭାଟିକୁ
ତ,ଆଉ କେବେ କେବେ
ନବଘନ କୁ ଚଲାଇ ଆଣେ ପାଦରେ
ସୁରଟ ର ସୂତକଳ ରୁ
ଗଞ୍ଜାମ ଜିଲ୍ଲା ର ଗୋଟାଏ ଅଜଣା ଗାଁ କୁ ।

ଭୋକ ପାଇଁ ଜୀବନଟା ଡହକ ବିକଳ
ନା
ଡହକ ବିକଳ ଜୀବନ ଭୋକ ର ଜ୍ୱାଳାରେ ?
କିଏ ବଖାଣିବ,କିଏ ବୁଝେଇ ପାରିବ ??
ଚଇତୁ କହିବ ଟିଭି କ୍ୟାମେରା ଆଗରେ
ଅଥବା
ମୋବାଇଲରେ ଭିଡିଓ ତିଆରିବ ନବଘନ
ଫେସବୁକ୍ ଟୁଇଟରେ ଭାଇରାଲ୍ କରିବା
ପାଇଁ ??

ଜୀବନ ଟା ଏଇମିତି
ନୂଆଁପଡା ରୁ ଚେନ୍ନାଇ ତ'
କେବେ ଚେନ୍ନାଇ ରୁ ନୂଆଁପଡା
ଟ୍ରେନରେ ହେଉ କି ପାଦଚଲାରେ
ଅବା
ଗଞ୍ଜାମ ରୁ ସୁରଟ ତ'

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ ସୁରଟ୍ ରୁ ଗଞ୍ଜାମ

ଟ୍ରେନ୍ ଅବା ସାଇକେଲ ର ପାଇଡଲରେ ??

ସତେ ଯେମିତି

ଜୀବନ ଦଉଡୁଥାଏ ଭୋକ ପଛରେ

ଆଉ ବେଳେ ବେଳେ

ଭୋକ ଟା ଜୀବନ ପଛରେ ।।

ସମାନ କଥା

କେତେ ଲୋକଙ୍କ ପାଇଁ

ଭୋକ ମାନେ ଜୀବନ

ଆଉ ବାକି ମାନଙ୍କ ର'

ଜୀବନ ମାନେ ଭୋକ

ଖାଲି ଭୋକ ।

୫୪ ଆର୍ଯ୍ୟପଲ୍ଲୀ

କିଟଛକ,ପଟିଆ

ଭୁବନେଶ୍ୱର୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

! gE



. E <E

Y % u ' u

™ % u

'% Y • & u ' u

.d'% ' 'X u

Y % ‹ % u ' u

K * % u

u']' ' 'X '| B '| B '?— '%

FKE% G X'%

Y' \ ‹ ¡ ' ' ? < '%

YK % ? '%

g ² g ' u< › < =

%•'%—

Y & Y % ? ' u

' ' ' ' Ÿ * • % '%

† Y % EÓ % ‹ '%

Y i ?E % %] ['%

< ' ']' u•| p 'F

& <'% † 'X ± G E K '%±

' cq ' E% % K

' % Y <

= ' uY <

Y @X X j >²

u ? u X

Y % < X ' X

h u= % <

% ![] %

' % E %

u > ? <

% '% [(u

\E'% \E'% [d < u(& ' '

[• [šE % E B = X

• '% E % n ' <

E % z <

p z <

Magazine Downloaded from www.aahwaan.com

ବିଶ୍ୱାସ ଓ ଅବିଶ୍ୱାସ ର ଲୁଚକାଳି ଖେଳରେ
ହାରିବା ଓ ଜିତିବା ର ଘମାଘୋଟ ଯୁଦ୍ଧରେ
ନିଜକୁ ହରାଇ ବସିଲି ମୁଁ ଅଜାଣତରେ ।

କିନ୍ତୁ.....

ମୃତ୍ୟୁ ଯେବେ ଜୀବନର ସମାଧାନ ହୁଏ
ଭୀଷ୍ମ ର ଅଟଳ ପ୍ରତିଜ୍ଞା ବି ଶଯ୍ୟାସାୟୀ ହୁଏ
ଜନକ ନନ୍ଦିନୀ ମହାରାଣୀ ସୀତା
ପରିଶେଷେ କାହିଁକି ବା ହେଲେ ଭୂଗର୍ଭା ?
ମର୍ଯ୍ୟାଦା ପୁରୁଷୋତ୍ତମ ଙ୍କ ଅର୍ଦ୍ଧାଙ୍ଗିନୀ ହୋଇ
ବାରମ୍ବାର ଅଗ୍ନି ପରୀକ୍ଷା ର ସମ୍ମୁଖୀନ ହୋଇ
ସ୍ୱ ଇଚ୍ଛା ରେ ମାଗି ନେଲେ ମୃତ୍ୟୁ ନିଜ ପାଇଁ ।

ଆଜି ମୁଁ ନୀରବ,, ପରାସ୍ତ ଶାନ୍ତ ସୁଶାନ୍ତ
ମୃତ୍ୟ ର କୋଳରେ ଖୁବ୍ ଆଶ୍ୱସ୍ତ, ସୁରକ୍ଷିତ ।
ନା ହାରିବାର ଭୟ
ନା ଜିତିବାର ଲୟ
ନିଜକୁ ପ୍ରତିଷ୍ଠିତ କରିବା ର ଅକ୍ଲାନ୍ତ ପ୍ରଚେଷ୍ଟା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାପ୍ତ ହେଲା ମୋ ଅସ୍ତିତ୍ୱ ର କିଣାବିକା

ହେ ଈଶ୍ୱର.....

ତୁମେ ମୂକ ସାକ୍ଷୀ , ତୁମେ ମୂକ ସଖା

ଆର୍ପଣ କରୁଚି ମୋ ଶେଷ ଇଚ୍ଛା

ଥର ଟିଏ ମୁଁହ ଖୋଲି ଦିଅ ଉତ୍ତର

ମୋ ଜୀବନ ଯାତ୍ରା ର ମୂଲ୍ୟାଙ୍କନ କର ।

ଓଜସ୍ୱିନୀ ଶତପଥୀ (ସମାଜ ଶାସ୍ତ୍ର)

ନୂଆଦିଲ୍ଲୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୈନିକ ମୁଁ ସୀମାନ୍ତଯୋଦ୍ଧା

ରାମ ଚନ୍ଦ୍ର ପ୍ରଧାନ

ମୁଁ ସୀମାନ୍ତ ଯୋଦ୍ଧା ବୀର ସଇନିକ
ବୀରତା ମୋ ପରିଚୟ
ଜନମ ମୋହର ଦେଶ ସେବା ପାଇଁ
ମରିବାକୁ ନାହିଁ ଭୟ...
ଶତ୍ରୁର ଗୁଳିକୁ ଖାତିରି ନ କରି
ସୀମାରେ କରେ ମୁଁ ଯୁଦ୍ଧ
ପଛ ଘୁଞ୍ଚା ନାହିଁ ଏ ବୀର ଜାତକେ
ଅସ୍ତ୍ର ଶସ୍ତ୍ରେ ସ୍ୱୟଂସିଦ୍ଧ...
ଦେଶପ୍ରେମ ବହ୍ନି ହୃଦୟରେ ଜାଳି
ରଖିବି ଜାତିର ଟେକ
ନିପାତ କରିବି ମୋ ଦେଶରୁ ଶତ୍ରୁ
ସାଜି କି' ଦେଶ ରକ୍ଷକ...

ପ୍ରାଣ ଠାରୁ ବଳି ଅଟେ ମାତୃଭୂମି
ଏକଥା ରଖିବି ଧ୍ୟାନ
ସେବା ପାଇଁ ତା'ର ଗଲେ ପଛେ ଯାଉ
ମୋର ଏ ତୁଚ୍ଛ ଜୀବନ...
ସୈନିକ ବୋଲି ମୁଁ ଗର୍ବେ କହୁଅଛି
ଫୁଲାଇ ମୋହର ଛାତି
ଉଜାଗର ରହି ସୀମାରେ ଜଗିବି
ନ ମାନି ଦିନ କି' ରାତି...

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ଭ୍ରାମ୍ୟଭାଷ : ୯୮୬୧୬୩୮୭୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା ଖାଇଲା ଚାକିରୀ ମୋର

ଶିଶିର କୁମାର ପଣ୍ଡା

କରୋନା ଆସି ମୋ ଚାକିରୀ ଖାଇଲା
ରହୁଥିଲି କଲିକତାରେ
ବେଶ ପୋଷାକରେ ବାବୁପଣ ସାଥେ
ବଙ୍ଗଳା ଥିଲା ମୋ କଥାରେ ।
ଆଉ ଯିବାପାଇଁ ସାହସ ହେଲାନି
ମମତା ଦିଦିକୁ ଡରିକି
ଶୁଣିଲି କୁଆଡ଼େ ମାରି ଦେଉଛନ୍ତି
କରୋନା ରୋଗୀଙ୍କୁ ଧରିକି ।
ଚାଷବାସ ଏବେ ଗାଆଁରେ କରୁଛି
ଛେଳି ପାଳିଛି ତା' ସାଥିରେ
ଗାଉଁଲି ଜୀବନ ନିଆରା ଲାଗୁଛି
ଶାନ୍ତିରେ ଶୋଉଛି ରାତିରେ ।

ମୋଓ ବୋଉ ଯଦି ବଡ଼ି ଚୁରିଦିଏ
ବିଲାତିଧଣିଆ ଦଳିକି
ସୁଆଦ ତାହାର କିଅବା କହିବି
ମାଛ ମାଉଁସକୁ ବଳିକି ।
ଆଗକୁ କିହେବ ଜାଣେନି , ତଥାପି
ସାହସ ଅଛି ମୋ ମନରେ
ଶାଗ ପଖାଳରେ ଦିନଯାଉ ପ୍ରଭୁ
ଲୋଭନାହିଁ କାହା ଧନରେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଲାପ :-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଳଦ

ତପନ କୁମାର ଦାଶ

ଶ୍ରମିକ ପରି ସେ ବେଠି ଖଟୁଥାଏ
ନ ମାଗେ ତାହାର ମୁଲ
ଦିନରାତି ସହିଯାଏ ନିର୍ଯାତନା
ହଉଥାଏ କଲବଲ ।।

କୃଷକ ସାଥିରେ ହଳ କରେ ପରା
ମରୁଭୂମି କୁ ଉର୍ବର
ସାରା ଜଗତକୁ ଆହାର ଯୋଗାଏ
ସେବା କରି ନିରନ୍ତର ।।

କୁଣ୍ଡା ତୋରାଣୀ ଓ ନଡ଼ା ଘାସ ଖାଇ
ଖରା ବର୍ଷା ସହିଯାଏ
ସ୍ୱାର୍ଥୀ ମନୁଷ୍ୟ ତା ହିତ ସାଧନରେ
ମାଡ଼ ଗାଳି ପୁଣି ଦିଏ ।।

ମୁକ ହୋଇ ଦେଶ ହିତରେ ଜୀବନ
ସମର୍ପିତ ସ୍ୱାଭିମାନ
ଝଡ଼ ଝଞ୍ଝା ସହେ ମୁଣ୍ଡ ପିଠି ପାତି
ସଦା ଦିଏ ବଳିଦାନ ।।

ପଘା ଓ ଜୁଆଳି ସାଥୀ ବାରମାସ
ଶଗଡ଼ର ପ୍ରିୟ ବନ୍ଧୁ
ହଳ ଓ ଲଙ୍ଗଳ ଯୋଚା ସରବଦା
କଢ଼ା ହୁଏନାହିଁ କାନ୍ଧୁ ।।

ଘର ବାହାରେ ସେ ଗୁହାଳରେ ପଡି
ବିତିଯାଏ ବର୍ଷ ମାସ
ବିଶ୍ରାମ ନାହିଁ ତା ଜାତକରେ କେବେ
ସର୍ବେ ଦାନ କରି ହସ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଷଣ ଭାର ସେ ବୋହିଣ ରହିଛି

ଅତୀତରେ ରହୁଥିଲା

ଭବିଷ୍ୟତ ନିଜ ଅନ୍ଧାର କରଇ

ସମାଜର ହିତ କଲା ।।

ଜାତି ସମାଜର ହିତରେ ଅର୍ପଣ

ମା' ପରି ଦିଏ ଜୀବନ

ଅର୍ଘ୍ୟ ଦେଲେ ତାକୁ ଗୋରୁ ପୂଜ୍ୟ ସୁଖ

ପ୍ରକୃତ ହେବ କଲ୍ୟାଣ ।।

ଶିକ୍ଷକ, ଥୁ:ରାମପୁର, କଳାହାଣ୍ଡି

୯୪୩୮୪୧୫୯୫୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଦେଖା ଦହନ

ସିଦ୍ଧେଶ୍ୱର ତ୍ରିପାଠୀ

ଫିକାଲାଗେ ଜହ୍ନ ରାତି
ବିତେ ନାହିଁ ଦିନ
ତୁଗଲା ପରେ ପରେ
ଅଲୋଡା ଜୀବନ ।

ଗ୍ରୀଷ୍ମ ଆସେ ବର୍ଷା ଯାଏ
ଶୀତ ଯାଏ ସରି
ତୋତେ ଝୁରି ଝୁରି
ଏଇ ମନ ଯାଏ ମରି ।

କେବେଠୁ ମରି ଯାଇଛି
ଯେତେକ ସପନ
ଫିକା ଲାଗେ ଜହ୍ନ ରାତି
ବିତେନାହିଁ ଦିନ - - - - - - - - - -

ତୁ ଗଲା ପରେପରେ
ମନ ତୋତେ ଝୁରେ
କେତେ ଛବି କେତେ ଗୀତ
ରହିଗଲା ଦୂରେ ।

ଅହରହ ଜାଳେ ମୋତେ
ଅଦେଖା ଦହନ
ଫିକାଲାଗେ ଜହ୍ନ ରାତି
ବିତେନାହିଁ ଦିନ - - - - - - - -

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେମିତି ଗଲ ଯେ ଭୂଲି

ସଂଯୁକ୍ତା ମହାପାତ୍ର

ପ୍ରିୟତମ ମୋର ପ୍ରିୟା ବୋଲି କହି
କେତେ ଯେ ପାଇଲ ଭଲ,
କୁଅଁରୀ ମନକୁ ଚହଲାଇ ଦେଲ
ଭଲ ପାଅ କହି ଦେଲ ।

କାହିଁକି କେଜାଣି ଏ ଜୀବନେ ଏତେ
ତୁମକୁ ପାଇଲି ଭଲ,
ଭଲ ପାଇ ଶେଷେ ଭୁଲିଗଲ ତୁମେ
ମନ ବନ ଜାଳି ଦେଲ,
କଥା ଦେଇ ଭୁଲି ଗଲ ।।

ତୁମେ ମୋର ପ୍ରାଣ ମୁଁ ତୁମ ନିଶ୍ୱାସ
କେମିତି ବଞ୍ଚିବି କୁହ,
ଦେହରୁ ନିଶ୍ୱାସ ହୋଇ ଗଲେ ଶେଷ
ରହିବ କି ଆଉ ପ୍ରାଣ,
ପ୍ରାଣ ବିନା ଦେହ ରହି କି କରିବ
ନଥିଲେ ନିଶ୍ୱାସ ଧନ ।

ନିଶ୍ୱାସ ନ ଥିଲେ ଦେହର କି ଲୋଡା
ଏକ ବିନା ଆନ ଶୂନ୍ୟ,
ତୁମ ବିନା ମୋର ଜୀବନ ବିଅର୍ଥ
ବାରୀ ବିନା ଘନ ସମ ।।

ମାର୍ଫତ- ବିନୟ ମହାପାତ୍ର, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିକ୍ଷିପ୍ତ ଭାବନା

ବିନୟ ମହାପାତ୍ର

ବିକ୍ଷିପ୍ତ ଭାବନା ସବୁକୁ ସାଉଁଟୁ ସାଉଁଟୁ ,
ଦମକାଏ ପବନରେ
ଭାବନା ପୁଣି ବିକ୍ଷିପ୍ତ ହୋଇଯାଏ ।
ଭାବନାର ଖିଅକୁ ସଜାଡୁ ସଜାଡୁ
ଅଡୁଆ ଖିଅଟି
ବାରମ୍ବାର ବାଟବଣା ହୋଇଯାଏ,
ଠିକ୍ ଯେମିତି,
ଜୀବନର ତେଢାମେଢା ରାସ୍ତାରେ ,
ଚାଲୁ ଚାଲୁ କେଉଁ ଠାରେ ଝୁଣ୍ଟିପଡେ
ପୁଣି କେଉଁ ଠାରେ ପଡୁ ପଡୁ
ଉଠି ପୁଣି ଠିଆ ହୋଇଯାଏ ।

ତଥାପି ଜୀବନର ସ୍ରୋତ ,
ଅବିରାମ ଗତିରେ ମାଡ଼ି ଚାଲେ
ଜୀବନ ଯେମିତି ଅଙ୍କା ବଙ୍କା ନଈଟିଏ,
ଯାହାର ସ୍ରୋତ ସଦା ନିମ୍ନଗାମୀ,
ଲକ୍ଷ୍ୟ ତାର ବିଶାଳ ସମୁଦ୍ର,
ମିଳିବାକୁ ବିସ୍ତିର୍ଣ୍ଣ ଜଳଧି ବୁକୁରେ ।
ସେଠାରେ ସେ ନିଶ୍ଚିହ୍ନ ହେବା ଆଗରୁ
ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିର ପ୍ରୟାସରେ...
ଜୀବନଟା କେତେବେଳେ ମଧୁମୟ
କେବେ ପୁଣି ଧୁ ଧୁ ଟାଙ୍ଗରା ଭୂଇଁ,
ତଥାପି ଜୀବନର ଅନ୍ୟ ବିକଳ୍ପ ନାହିଁ ।

ସ୍ୱପ୍ନର ବୁଢିଆଣୀ ଜାଲରେ,
ମନ ଓ ବିବେକ ପେଶି ହୋଇଗଲା ପରେ,
ସେଥିରୁ ନିଗିଡ଼ି ପଡୁଥିବା ଭାବନା ଗୁଡିକ,
ଜୀବନର ବଞ୍ଚିବାର ରାହା,
ପୁଣି କେଉଁଠାରେ ବିତସ୍ପୃହ ମନର
ଅଳନ୍ଦୁପରି ଅଲୋଡ଼ା ହୋଇ ଯାଏ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତେବେ କି ଭାବନାକୁ

ସ୍ୱପ୍ନ ଠାରୁ ଅଲଗା କରିହୁଏ ?

ନା ସ୍ୱପ୍ନ ଠାରୁ ଜୀବନକୁ .....

କେଉଁଠାରେ ସବୁଗୁଡିକ ଫେଣ୍ଟାଫେଣ୍ଟି

ହୋଇଛି,

ପୁଣି କେଉଁଠାରେ

ଅସଜଡା ଭାବନାକୁ ନେଇ

ଜୀବନର ପରିକଳ୍ପନା ..

ଯେଉଁଠାରେ ଆରମ୍ଭ ପୁଣି

ଶେଷ ସେହିଠାରେ ।

କିଟ୍ ଛକ ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜାତିଭେଦ ପ୍ରକରଣ

ବେଣୁଧର ସୁରୁଜାଳ

କାହିଁକି ହୋଇଲା ଜାତିଭେଦ ପ୍ରକରଣ
ସନ୍ଦେହ ମୋଚନ କରିବେ ଆହେ ଗୁରୁଜନ ।
ଯଦି ଧର୍ମେ ଚାରିବର୍ଣ୍ଣ ପଂଚମ ତ ନାହିଁ
ତେବେ ହଜାର ହଜାର ଜାତି ଉତ୍ପନ୍ନ କିମ୍ପାଇଁ ??

ତହିଁରେ ରହିଛି ପୁଣି ସାନବଡ଼ ଜାତି
ଶାସ୍ତ୍ରେ ନାହିଁ ତେବେ କିଆଁ ହୋଇଲା ଉତ୍ପତ୍ତି ।
ମଣିଷ ମଣିଷ ମଧ୍ୟେ ଭେଦଭାବ କିଆଁ
କିଏ ବା ପୁଜ୍ୟ କାହିଁକି କିଏ ବା ଅଛୁଆଁ ??

ସେବା ଯଦି ଶ୍ରେଷ୍ଠ ଧର୍ମ ଶୁଦ୍ର କିଆଁ ନୀଚ ?
କାହିଁକି ଧରମ ନାମେ ଚାଲେ ଖଚମିଛ ??
ଶୁଦ୍ର ହୋଇ ଯେ ସମାଜ ସେବା କରୁଥାଇ
ତା ପେଟକୁ ଦାନା, ଦେହେ କନା ନ ମିଳଇ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଚ୍ଚ-ନୀଚ ଜାତି ବନ୍ଧନେ ସମାଜ

କିଆଁ ଛନ୍ଦି ହୋଇଯାଇଛି ?

ମନୁଷ୍ୟକୁ ମନୁଷ୍ୟ କାହିଁକି ବାରଣ

ପ୍ରତାରଣା, ଘୃଣା,ନିର୍ଯାତନା ନୀତି କରୁଛି ?

ପ୍ରକୃତିର କୋଳେ ତା ଜୀବନେ କି କେବେ

ପାଇବ ସେ ମଣିଷର ପରିଚୟ ?

ସମ୍ମାନର ସହ ବଂଚିବ ସମାଜେ

ମାନବତାର ହେବ ଜୟ ।।

ସହକାରୀ ଶିକ୍ଷକ, ସୋନପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୮୮୧୭୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୃକ୍ଷ ହିଁ ଜୀବନ

ଅଲେଖ ମେହେର

ରୋଦନ କରଇ ପ୍ରକୃତି ଜନନୀ ବିଲୋକି ଦୁର୍ଦ୍ଦିନ ସମୟ,
କେବେ ମହାବାତ୍ୟା ରଚାଏ ତାଣ୍ଡବ ଆବର ଭୂକମ୍ପର ଭୟ ।
ତରଳେ,ଖିପ୍ର ବେଗରେ ଦୁଇ ମେରୁ,
ପ୍ରଚଣ୍ଡ ଗ୍ରୀଷ୍ମର ଦୁର୍ବିସହ ଜ୍ୱାଳା ଭୀତ ଜାତ କରେ ଅନ୍ତରୁ ।
ପାଦପ ବିହିନ ଅଟବୀ ଭୂଧର ବନ୍ୟ ପ୍ରାଣୀ ହେଲେ ବିଲୁପ୍ତ,
ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବଳେ ନର କାରଖାନା କରିଲା ବ୍ୟାପ୍ତ
ତହିଁରୁ,ନିର୍ଗତ ହୁଏ ବିଷ କୁମ୍ଭ,,
ସେହି ଜ୍ୱାଳାପାନେ ଅସମର୍ଥ ଧରା ବିରବେ ଦେଖାଉଛି ଦମ୍ଭ ।
ଗଗନ ମଣ୍ଡଳେ ପୁରିତ ବିଷାଗ୍ନି ଅନିଳକୁ କଲା ବିଷାକ୍ତ,
ଆସି ପ୍ରାଣୀ ଗର୍ଭେ ଜାତକରେ ରୋଗ ସମନ୍ଧକୁ କରି ରକ୍ତାକ୍ତ ।
ଏଥକୁ ,ବରଜି ମାନବ ଧିଆନ,
ପିଟଇ ଉନ୍ନତି ପ୍ରଗତି ଡିଣ୍ଡିମ ନିଜକୁ ମଣି ଶକ୍ତିମାନ ।
ତରଳ ବର୍ଜବସ୍ତୁ ମିଳି ସଲିଳେ ସ୍ୱଚ୍ଛତାକୁ କଲେ ଉଭାନ,
ତୃଷାତୁରେ ତୋୟ ଉଦରସ୍ଥକଲେ ପ୍ରାଣୀର ହୁଅଇ ମରଣ ।
ଅବନୀ, ହିଆ ହୁଏ ଖଣ୍ଡ ବିଖଣ୍ଡ,
ଜୀମୁତ ବକ୍ଷରୁ ଦୁର୍ବିସହ ଅମ୍ଭୁ ଖସି କମ୍ପୁଅଛି ବ୍ରହ୍ମାଣ୍ଡ ।
ନୀଳକଣ୍ଠସାଜି ବିଷପାନ କରି ଜଗତକୁ ଦିଏ ଅଭୟ ,
ଆଣଇ ନୀରଦ ଧରଣୀ ଧାମକୁ ନିଦାଘେ ଛାୟା ମଧୁମୟ ।
ପାଦପ,ଜନମ ଯା'ର ପ୍ରାଣୀ ହିତେ,
ମିଳି ସର୍ବଜନ ଦେଇ ମନ ଧ୍ୟାନ ରୋପଣ କରିବା ଜଗତେ ।

ମୋ -୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ଗାଁ ମଶାଣୀ ମାଟି

ବାଲାଜୀ ସେଠୀ

ଦୁଇଟି ମନ୍ଦିର

ଦୁଇଟି ନିଆଁର ଅନ୍ତର

ବ୍ୟବଧାନ ଚାରି ପାଦର

ପ୍ରଥମ ମନ୍ଦିର ରକ୍ତ-ମାଂସର

ପବିତ୍ର ମାତୃ ଜଠର...

ଯୋଉଠି ଦଶମାସ ଦଶଦିନ

ତପସ୍ୟା ହୁଏ ପୂର୍ଣ୍ଣାଙ୍ଗ ପ୍ରାପ୍ତିର...

ଅନ୍ତିମଟି ଖାପରା ଓ ଭସ୍ମ ଧୂସରିତ

ନିର୍ଜନ ପ୍ରାନ୍ତର...

ଝାଟିମାଟି ଷଠିଘରଠୁ ଲମ୍ବିଯାଇଛି...

ମସୃଣ-ବନ୍ଧୁର ଅଙ୍କାବଙ୍କା

ଅଣଓସାରିଆ ସରୁ ରାସ୍ତାଟି...

ପାଦ ଥାପୁଥାପୁ ଅଲିଖିତ ଭାବେ

ଚାରିହାତ ଭୂମି ହୁଏ ପଞ୍ଜିକୃତ...

କୁଆଁ ରଢ଼ିର ଚହଳରେ

ପ୍ରସ୍ତୁତ ହୋଇଥାଏ ପ୍ରଶାନ୍ତିର ପଲଙ୍କ...

ଆରମ୍ଭ ହୁଏ ତୀର୍ଥଯାତ୍ରା

ଜନ୍ମ-ମୃତ୍ୟୁ ଚକ୍ରିକାରୁ ପାଇବାକୁ ରକ୍ଷା

କଣ୍ଟକିତ ସେ ପଥ....

କୁହୁଡି ଆଚ୍ଛାଦିତ...

ଅମରତ୍ୱର ଦୁର୍ବାର ଇଚ୍ଛା

ପ୍ରସାରିତ ହୁଏ ପାଦେରୁ ପାଦେ ଦୂରତା

ଅମଡା ବାଟର ବାଟୋଇ

କିନ୍ତୁ ବିରାମ ନାହିଁ

ମିଳନର ଗୋଟିଏ ବିନ୍ଦୁ

ସବୁ ଅମଡା ବାଟର...

ଯେଉଁଠି ଲୀନ ହୁଏ

ପଞ୍ଚତତ୍ତ୍ୱର ପାର୍ଥିବ ଶରୀର...

ଅହଙ୍କାରର ଆଟିକା ପଲଟେ ଖାପରା...

ମୋହ-ମାୟାର ଇନ୍ଦ୍ରଜାଲ ଟିକିଟିକି ଟୁକୁରା...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋଭ-କ୍ରୋଧ ଭସ୍ମ ହୋଇ ଫୁରୁଫୁରୁ

ଉଡେ...

ପାପ-ପୁଣ୍ୟର ଗଣ୍ଠିଳି ମୁକୁଳା ପଡେ...

ରାମ ନାମ ସତ୍ୟ

ହରି ନାମ ସତ୍ୟ

ମୃତ୍ୟୁ ନାମ ହଲାହଳ ସତ୍ୟ

ପରିଷ୍କାର ହୁଏ ନିର୍ବାଣର ପଥ

ଫିଟିଯାଏ ମନ୍ଦିର କବାଟ

ଛ'ଖଣ୍ଡ କାଠରେ ସଜାହୁଏ

ମହାଶାନ୍ତିର ଖଟ...

ଅଗ୍ନିର ସ୍ଫୁଲିଙ୍ଗରେ

ଚିରନିଦ୍ରା ମୋକ୍ଷ ପ୍ରାପ୍ତ...

ଇତିହାସ ର ମୂକସାକ୍ଷୀ...

ସଂକୀର୍ଣ୍ଣ, ଟାଙ୍ଗରା

"ମୋ ଗାଁ ମଶାଣି ମାଟି"..... ।

(ଶିକ୍ଷକ)

ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଚଳିତ

ମନୋଜ କୁମ୍ଭାର

ଫଗୁଣ କୋଳରେ
ଅବାକ୍ ବ୍ୟାକୁଳରେ,
ଅସ୍ପଷ୍ଟ ସ୍ୱରରେ
ମନରୁଦ୍ଧ ଶବ୍ଦରେ,
ମୁହଁକଥା ଆଖି ଭିନ୍ନତାରେ
ଅସହାୟବତ୍ ଶରୀରରେ
କମ୍ପମାନ ବକ୍ଷ ନିର୍ବାକରେ
ଦକ୍ଷ ପ୍ରାୟ ବିପକ୍ଷରେ
ସ୍ମିତହସ ଅଙ୍ଗେ
କଠୋରତା ଦୃଢ ଭାବେ
ନିଶ୍ଚଳ ଅଚଳ ଢଳଢଳ ଆଖି ଗୋପନରେ ।

ଅନାୟତର ଢେଉରେ
ମାରେ ଭାଙ୍ଗ ପଥର ଛାତିରେ
ମାତଙ୍ଗ ଆତଙ୍କିତ
କୋଇଲିର ବିଳାପରେ ।।
ପ୍ରକମ୍ପିତ ବୀଣାଧ୍ୱନୀ
ମନ ଭିଜେ ତୁରୀ ସୁରେ,
ଅସ୍ତବ୍ୟସ୍ତ ବିଚଳିତ
ତାଣ୍ଡବଜ୍ୱାଳା ମନ କୁଟୀରରେ ।।

ସାନଫାସଡ, ବଲାଙ୍ଗୀର, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୬୯୫୩୯୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମୟ ବଡ଼ ବଳବାନ

ବୈଦ୍ୟନାଥ ପଣ୍ଡା

କେତେ ମହାରଥୀ ହାରି ଯାଇଛନ୍ତି
ରଖିନି କାହାର ଗର୍ବକୁ
କେତେ ଘଟଣାକୁ ନିପାତ କରିଛି
ଇତିହାସ ଗାଏ ତାହାକୁ
ଧନ ପାଇ କିଏ କହେ ଧନବାନ
ମୋ, ଠାରୁ ବଡ଼ କେ ଅଛିରେ
ବାହୁ ବଳେ ଜିଣି ନିରୀହ ପ୍ରାଣୀକୁ
ଫୁଲାଇ ଛାତିକୁ ଚାଲେରେ
ଯୌବନରେ କେହି ହୋଇ ମଦମତ୍ତ
ପର ଦାରା ସଦା ଇଚ୍ଛଇ
କୂଟ କପଟରେ ହରି ନେବାପାଇଁ
ପର ଧନକୁ କେ ଭାବଇ
ଅସତ ପଣରେ ଚାଲୁଥାଏ କିଏ
ଭାଇର ବଇରୀ ବୋଲାଏ
ସୁଯୋଗ ପାଇଲେ ତଣ୍ଟି କାଟିବାକୁ
ପଛଘୁଞ୍ଚା ସିଏ ନଦିଏ

ସମୟ ତ ସବୁ ଦେଖୁଥାଏ ଲୁଚି
ହୋଇ ଅନ୍ଧ ମୁକ ବଧିର
ଉଚିତ ସମୟେ ପ୍ରହାର ଟେ ଦେଇ
ଭାଙ୍ଗିଦିଏ ଅଣ୍ଟା ତାହାର
ଭାଗ୍ୟକୁ ଆଦରି କୂକର୍ମୀ ଟି କହେ
ବେଳା ଭଲ ନାହିଁ ମୋହରି
ଅନ୍ତର ର ବିଷ ନିଜେ ପିଉ ଥାଏ
କାନ୍ଦି ସେ ଘୁମୁରି ଘୁମୁରି
ଅତିଶୟ ହେଲେ ହେଉ ପଛେ ସିଏ
ଯେତେବଡ଼ ବଳବାନ ଟେ
ଉଚିତ ଜବାବ ଦିଅଇ ସମୟ
ଅଦୃଶ୍ୟ ରୂପରେ ପ୍ରକଟେ
ନିମିଷ ମଧ୍ୟରେ ନିରସ୍ତ୍ର କରାଏ
ବୁଦ୍ଧିବଳ ସବୁ ହରିଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ହରିଗଲେ ବୁଝିଯାଏ ଆପେ
ସମୟ ଅଟେ ବଳବାନ
ରଖିନାଇଁ ସିଏ କାହାର ଦମ୍ଭକୁ
ସବୁ ଦିନ ନିଜ ପାଖରେ
ସମୟ ସ୍ରୋତରେ ଧୋଇ ଦିଏ ସବୁ
ଲୋଟାଇ ଦିଏ ସେ ମହୀରେ
ତା ସାଥିରେ ଯିଏ ଚାଲିଅଛି ବାଟ
ସାକ୍ଷୀ ରଖିଥାଏ ତାହାକୁ
ଉଚିତ ସମୟେ ସତକର୍ମ କରେ
ଇତିହାସ ପୁଜେ ତାହାକୁ
ହୁଏନି ତାହାର ପରାଜୟ କେବେ
ବିଜୟ ମୁକୁଟ ପିନ୍ଧିଣ
ଉଚ୍ଚସ୍ୱରେ କହେ ମୁହିଁ ନୁହେଁ କେହି
ସମୟ ସବୁଠୁ ମହାନ.

ଅବଦଲପୁର, ଯାଜପୁର, ଓଡ଼ିଶା
ଦୂରଭାଷ : ୯୪୩୯୮୫୪୧୯୯

Magazine Downloaded from www.aahwaan.com

ଅବାଞ୍ଛିତ ଗର୍ଭ

ପ୍ରୀତିସୀମା ସ୍ୱାଇଁ

ନବଯୌବନର ଅବାଧ ପ୍ରବେଶରେ

ପାଦ ଖସିବାର ଭୟ, ମନ ଚଞ୍ଚଳ

ଅତିକ୍ରମିଗଲା ସେ ବୟସ, ସେ ସମୟ

ଭାନୁମତୀ ଆଶ୍ୱସ୍ତ ମନେକଲା,

ଚହଲା ପବନ ମନସହ ଦେହକୁ ଟାଣିନେଲା ।।

ସେଇ କାଗଜୀଫୁଲ ଲତାତଳେ ଅସ୍ତଗାମୀ ରବିକିରଣ

ଭାନୁମତୀ, ମନକୁ କରିଛି ଅକ୍ତିଆର

ସେଥିଲାଗି ଗର୍ବରେ ତାଳୁରୁ ତଳିପା ଭରପୁର

ଛାଇ ଛାଇ ଅନ୍ଧାରରେ କାହା ପାଦଶବ୍ଦ

ଆଖି ପିଛୁଳାକେ ଭାନୁମତୀକୁ କବଳିତ କଲା

ଭାନୁମତିର ଗର୍ବକୁ ଲେଲିହାନ ଜିହ୍ୱାରେ ପୋଛିନେଲା ।।

ଚିତ୍କାର କରିଉଠିଲା ଆତ୍ମଗର୍ବୀ ନାରୀଟି

ଘୃଣା କରିବାକୁ ଲାଗିଲା, ଏ ସମାଜ ଓ ପୁରୁଷଜାତିକୁ

ସୁନ୍ଦର ସୁଠାମ ଚେହେରା କଙ୍କାଳ ପାଲଟିଗଲା

ଜୀବନ ତାକୁ ଅଭିଶପ୍ତ ମନେହେଲା ।।

ବଂଚିବା ଭୁଲିବା ପରେ ଏ ତା'ର ପ୍ରଥମହସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ରୀକୃଷ୍ଣଙ୍କ ଶେଷହସ ଭଳି ପ୍ରତୀକାତ୍ମକ

ଭାନୁମତୀ କାହାସହ କଥାହୁଏ କେଜାଣି

ଜନ ଗହଳିରେ ଚୁପ ହୋଇଯାଏ

ତା' ରୂପରେ ଧିରେ ଧିରେ ପରିବର୍ତ୍ତନ ଦେଖାଦେଲା ।।

ସେ ଆଉ ଏକ ସତ୍ତାକୁ ଅନୁଭବିଲା

ଘୃଣା କରୁଥିବା ପୁରୁଷଟିର ମୁହଁ ସେ ଦେଖିନି

ଦେଖିବାର ଇଚ୍ଛା ମଧ୍ୟ ନାହିଁ

ଏ ସୁନ୍ଦର ଅନୁଭବ ପାଇ ସେ ଡରିଗଲା

ସବୁଦିନ ପାଇଁ ଗାଁ ଛାଡିଲା ।।

ସମାଜର ସୀମାରେଖା ଭିତରେ ଆବଦ୍ଧ

ଭାନୁମତୀ, ଆଶ୍ରା ଖୋଜି ବୁଲିଲା

ସେ ଗର୍ଭ ତା'ପାଇଁ ବଇରୀ ସାଜିଲା

ଶେଷରେ.....

ଚାରିଚକ୍ଷୁରେ କାରୁଣ୍ୟ, କଅଁଳ ନିଷ୍ପାପ ହାତକୁ

ମୁକ୍ତକରି, ଭାନୁମତୀ ଆଗକୁ ବଢ଼ିବାକୁ ବାଧ୍ୟହେଲା..... ।।

ଆନନ୍ଦପୁର, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସନ୍ଧ୍ୟା ଅବକାଶ

ସୌମେନ୍ଦ୍ର ମହାନ୍ତି

ପଶ୍ଚିମ ଆକାଶେ ବୁଡନ୍ତି ଭାସ୍କର
ଅପୂର୍ବ ଅବ୍ୟକ୍ତ ଆଭା
ଅବର୍ଣ୍ଣନୀୟ ଓ ଅତୁଳନୀୟ ସେ
ପ୍ରକୃତି କୋଳ ଶୋଭା ।

ରକ୍ତିମ ରକ୍ତିମ ରକ୍ତ ବର୍ଣ୍ଣ ଢ଼ାଳି
ଗଗନେ ତପନ ବୁଡି
ବିହଙ୍ଗମ ସର୍ବେ ବିଚରଣ ସାରି
ବାହୁଡ଼ନ୍ତି ଉଡି ଉଡି ।

ଚଷା ପୁଅ ଚାଷ କରି ସମାପନ
ଫେରଇ ସନ୍ଧ୍ୟା ଆଗତେ
ରାତ୍ରିର ଆଭାସ ପାଇ ଗାଈଆଳ
ଧାଏଁ ଗୋଧନ ସଙ୍ଗତେ ।

ଉତ୍ତରି ଉଡାଇ ଉତ୍ତର ଦିଗରୁ
ବହିଆସେ ସମୀରଣ
ମନ୍ଦ ମନ୍ଦ ସେଇ ମୃଦୁ ମନ୍ଦ ଆହ୍ଲାଃ
ମୋହିନିଏ ତନୁ ମନ ।

ଖୋଳ, ଝାଞ୍ଜ, ଘଣ୍ଟ ବାଜଇ ମନ୍ଦିରେ
ଆଳତୀ ଆରମ୍ଭ ହୁଏ
ପ୍ରତି ଘର ପ୍ରତି ବୃନ୍ଦାବତୀ ମୂଳେ
ସଞ୍ଜ ଦୀପ ଜଳୁଥାଏ ।

ରାଣୀଓଳା, କସର୍ଦା, କଟକ
ଭ୍ରାମ୍ୟଭାଷ : ୯୫୮୩୨୦୫୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଣ ହୁଙ୍କାର

ଜଗବନ୍ଧୁ ସାହୁ

ଶୁଣରେ ପିଲେ ଯୁଦ୍ଧ ଡାକରା
ଥରାଇ ଦିଏ ଛାତି
ରଣ ହୁଙ୍କାରେ ରଣ ଭୂଇଁରେ
ସବୁ ଯେ ହେବ ମାଟି

ଶତ୍ରୁ ସେନାକୁ ବିନାଶ କରି
ଭାରତ ସେନା ଆମ
ଫେରିବେ ନେଇ ବିଜୟ ଧ୍ୱଜା
ବଢେଇ ସନମାନ

ଆକାଶେ ଉଡେ ଯୁଦ୍ଧ ଯାହାଜ
ବାଦଲ ଛାତି ଚିରି
ଚିନ୍ ଭାରତ ଯୁଦ୍ଧ ବିଷୟ
ସବୁଠି ହେଲାଣି ହୁରି

ଲଦାଖ ଟିକୁ ମୋହର ବୋଲି
କହେ ଚାଇନା ଆସି
ଭାରତ ସାଙ୍ଗେ ଯୁଦ୍ଧ କରିଲେ
ଯିବ ତା' ଦେଶ ଭାସି

ଭାରତ ସାଙ୍ଗେ ପଙ୍ଗା ନେଲେ ସେ
ଭାଙ୍ଗିବ ମେରୁ ଦଣ୍ଡା
ତେବେ ଯାଇକି ନାମ ନେଇକି
ବୁଲିବ ହୋଇ ନଣ୍ଡା

ଲଦାଖ ଆଶା ଛାଡିବ ମୁର୍ଖ
ଦେବାନି ଆମେ ଇଞ୍ଚେ
କିଛିବି କ୍ଷତି କରି ପାରିବନି
ଯେତେ ବି ମନ୍ଦ ପାଞ୍ଚେ

ପ୍ରେମ୍ କବି ଜଗବନ୍ଧୁ ସାହୁ
ଛଞ୍ଚାଣିଆ ପଲ୍ଲୀ : ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରିୟ ତୁମେ

ଅଜିତ କୁମାର ମେହେର

ସେଦିନ ଝରାପତ୍ରଟିଏ ପରି,
ପବନରେ ଉଡ଼ିଆସିଥିଲ ତୁମେ,
ମୟୁରଚୁଡା କୁ,
ଯେମିତି ବହି ଭିତରେ ସାଇତି ରଖା ହୁଏ
ମୁଁ ବି, ହୃଦୟ ଭିତରେ ସାଇତି ରଖିଛି ତମକୁ,
ସେଦିନଠୁ ।

କେଉଁବେଳ ଦେଖି, ସମୟ ଟିକେ ନେଇ
ଆସ ଥରେ,
ଛନ୍ଦ କାଠରୀ କି କଫିଶପ ନହେଲେ ନଇଁ
ନଇକୂଳେ କିମ୍ବା ପାର୍କ ର ସେ ଶେଷ ବେଞ୍ଚ
ରେ ବସ,
ମତେ ଟିକେ ପଢ ।

ପ୍ରେମ କ'ଣ ମରେ କି ଝାଉଁଳେ ?
ସବୁବେଳେ ସତେଜ;
ଆଜି ବି,
ମହ ମହ ।
ସିଗାରେଟ ଧୁଆଁ କି ହୁଇସ୍କି ବାସ୍ନା ଟିକେ
ମିଶା ମିଶି ଥିବ, ଏଡ଼ଜଷ୍ଟ କରିବ ।
ତମକୁ କ'ଣ ଅଜଣା ଯେ,
ସେଦିନ ରାତି ପରା ଜିଦ ବାଢ଼ିଥିଲ,
"ଜ୍ଞାନ ସିପ, ଓନଲୀ" ବୋଲି ।
ତା ପରେ ସିନା ରାତି ପାହିଥିଲା;
ସକାଳୁ ଦେଖେତ, ତୁମେ ନଥିଲ
ବେଡ଼ ଟା ଏକଦମ ଲାଗୁଥିଲା ଖାଲି ଖାଲି ।
ପାଖରେ ପାଇ,
ନୂଆ ପତ୍ରରେ ହସ ମହକିଲା ପରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଶ ମହାକିଥିଲି;

କେତେଯେ ସ୍ୱପ୍ନ ବୁଣିଥିଲି

"ଚୁଲି ମୁଣ୍ଡରରେ ତମ କୋଳରେ

ମୁହଁ ଗୁଂଜିଥାନ୍ତି ମୁଁ,

ତୁମେ ରୁଟି ସେକୁଥାନ୍ତ ତାଙ୍ଗାରେ ।"

ଏବେ ଯାହା,

ହୋ ହଲ୍ଲା ରେ ନିଦ ଭାଙ୍ଗୁଛି

ଆଗ ଭଳି ଆଉ କାନ୍ଦି ବି ହେଉନି;

ସେଦିନ ର ଉଷୁମ ମେଘ, ଆଉ କ'ଣ ଅଛି

ଯେ ବର୍ଷିବ ।

ସେ ବାହାନା କରି ଲେଖିଛି ଗୁଡ଼ାଏ କବିତା

ଆଶାଭରସା ଆଉ ଅଭିମାନର କଲମ ରେ । ଯା' ଭିତରେ ବହୁତ କିଛି ବଦଳି ଗଲାଣି

ସାଇତିରଖିଛି ତମେ ଦେଇଥିବା ଡାଏରି ନିଶ୍ଚୟ;

ଭିତରେ ।

ହଉ

ବେଳ ଦେଖି ପୁଣି ଥରେ ଆସ;

ସାକ୍ଷାତ ରେ ଅନ୍ୟାନ୍ୟ ।

ଗବଯୋର, ବୌଦ୍ଧ

ମୋ-୭୭୩୫୮୦୭୧୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁନଶ୍ଚ ପ୍ରିୟତମା

ସୌମ୍ୟରଞ୍ଜନ ପାଲ

ପିନ୍ଧି ପାଦରେ ପାଉଁଜି
ରହି କାନ୍ଥରେ ଆଉଜି
କବାଟ ଫାଙ୍କେ ଯେ ରହିଛି ଅନାଇ
ପ୍ରିୟତମା ଯେ ମୋ ସେଇ ,,

ଆଖି ଯୁଗଳ ଯାହାର
ନୀଳ ସିନ୍ଧୁଠୁଁ ଗଭୀର
ଅଦୃଶ୍ୟ ଭାବେ ଯେ ଦିଅଇ ଭସାଇ
ପ୍ରିୟତମା ଯେ ମୋ ସେଇ ,,

ଅଦ୍ଭୁତ ଝଲସା ମୁଖ
ଭୁଲାଏ ମନର ଦୁଃଖ
ଅନ୍ତର ଛୁଇଁ ଯେ ଦିଅଇ ହସାଇ
ପ୍ରିୟତମା ଯେ ମୋ ସେଇ ,,

କଳା ରଙ୍ଗର ଶାଢ଼ୀ
ପୁଣି ଗୋଲାପୀ ଧଡ଼ି
ସଜଳ ନେତ୍ରେ ଯେ ରହିଛି ଅନାଇ
ପ୍ରିୟତମା ଯେ ମୋ ସେଇ ।।

ଗ୍ରାମ/ପୋ: - ବଡ଼ଶୋଳ, ଥାନା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ ପିନ - ୭୫୭୦୮୬
ମୋ- ୯୯୩୭୮୮୪୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅବଶୋଷ

ରାକେଶ ଷଡ଼ଙ୍ଗୀ

ମୁଁ ଆଜି ସ୍ତବ୍ଧ,ଜୀର୍ଣ୍ଣ,କ୍ଳାନ୍ତ
ବୃହତ ଏକ ଭୂକମ୍ପ ର ଅବଶେଷ ପରେ
ଭୂକମ୍ପ ର ତିବ୍ର ଭୟାବହ କମ୍ପନ ରେ
ହୃଦୟ,ଶରୀର,ରକ୍ତ, ମାଂସ ମୋର ପ୍ରଚଣ୍ଡ କମ୍ପିତ ।।
ରାତି ରାତି ନୀରବ ଉଜାଗର
ଦେଖି ଦେଖି ନିଃଶବ୍ଦ ସାମ୍ନାର ଗଳି
ତୁମ ଆସିବାର ପାଦଧ୍ୱନି ଶୁଣିପାରେ
ଦେଖି ପାରେ ତୁମ ପ୍ରତିଛବି
ହୃଦୟ ହୁଏ ଯନ୍ତ୍ରଣା ଓ ଜର୍ଜରିତ ।।
ନା ନା ତୁମେ ଆସନାହିଁ
ସେଇଟି କେବଳ ଧ୍ୱନି ମାତ୍ର
ସେଇଟି କେବଳ ଭ୍ରମ ମାତ୍ର
ମୋ ଅଚେତ ମନର ।।
ସ୍ମୃତି ର ଉତ୍ତପ୍ତ ଜ୍ୱାଳାରେ
ଶରୀର ମୋ ଇଷତ୍ ପିଙ୍ଗଳ
ସ୍ମୃତି ର ପୀଡ଼ା ରେ ପ୍ରତିକ୍ଷା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏବେ ଚରମ ସୀମାରେ ।।

ତୁମେ ଆସ ଅବା ନଆସ

ମୁଁ କିନ୍ତୁ ଫେରିଆସିବି

ବଣ, ଜଙ୍ଗଲ, ପାହାଡ଼ ଡେଇଁ

ସୂର୍ଯ୍ୟାସ୍ତ ର ସୁନେଲି ରଙ୍ଗରେ

ମୋ ଅସ୍ଥିର ମନର କୋଠରୀକୁ

ଆଉ ଯେତେ ଆହ୍ୱାନରେ ମଧ୍ୟ

ପୁନର୍ବାର ଫେରିଯିବି ନାହିଁ

ଜୀବନର ପରିଧି ଡେଇଁ ।।

ମୁକୁନ୍ଦଦାଶପୁର , ବାଲିପାଟଣା, ଖୋର୍ଦ୍ଧା ।

ମୋ-୭୮୫୩୦୭୬୬୦୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସ ପ୍ରେମରେ ଭିଜିବା

ପ୍ରଶାନ୍ତ କୁମାର ନାଥ

ବରଷାରେ ସିନା ଦେହ ଭିଜିଯାଏ
ଆସ ଆମେ ପ୍ରେମେ ଭିଜିବା
ନିଜକୁ ହଜେଇ ଅନ୍ୟର ପାଖରେ
ମିଳିମିଶି ଆମେ ଖୋଜିବା ।
ଧରା ଧରି ହୋଇ ପ୍ରେମର ପାହାଚ
ଥିରି ଥିରି ଆମେ ଚଢିବା
ଭଲ ପାଇବାର ଅଜଣା ରାଇଜେ
ସ୍ମୃତିର ନଅର ତୋଳିବା ।
ପ୍ରେମର ସ୍ରୋତରେ ଭାସ ମାନ ହୋଇ
ଭାସି ଭାସି ଆମେ ଖେଳିବା
ପ୍ରେମ ସାଗରର ଗଭୀର ଜଳରେ
ଦୁହେଁ ମିଶି ବୁଡ଼ ମାରିବା ।

ପ୍ରେମର ଖାତାରେ ଦୁହେଁ ମିଶି ଆମେ
ପ୍ରେମର କାହାଣୀ ଲେଖିବା
ସେହି କାହାଣୀକୁ ଗୋପନ ସପନେ
ଲୁଚି ଲୁଚି ଆମେ ପଢ଼ିବା ।
ପ୍ରେମ ଆକାଶରେ ପକ୍ଷୀ ଦୁଇ ସାଜି
ମନ ଖୋଲି ଆମେ ଉଡିବା
ଆସ ଥରେ ତୁମେ ପ୍ରେମ ବରଷାରେ
ସାଥି ହୋଇ ଆମେ ଭିଜିବା ।

ବାଙ୍ଗାଲୋର
ମୋ-୮୮୯୨୩୦୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନାର ଆତଙ୍କ

ପବିତ୍ର ଦାସ

ମହାମାରୀ ରୋଗ ବ୍ୟାପିଛି ରାଷ୍ଟ୍ରରେ
ଲୋକେ ସବୁ ଆତଙ୍କିତ
ଜୀବନ ନଉଛି ବିସ୍ତାର କରୁଛି
ଲୋକେ ସବୁ ସଂକ୍ରମିତ ।।
ଚାଇନାରୁ ରୋଗ ସୃଷ୍ଟି ତ ହୋଇଛି
ଉହାଡରେ ସର୍ବାଧିକ
ୟୁରୋପ ଆଫ୍ରିକା ଏସିଆ କୋରିଆ
ସବୁଆଡେ ଅଳ୍ପାଧିକ ।।
ଭୂତାଣୁ ଜନିତ ରୋଗଟା ଏଇ ତ
ଶିଘ୍ର ହୁଏ ସଂକ୍ରମଣ
କାରଣ ବୁଝିବା ଆଗରୁ ସିଏ ତ
କରିଥାଏ ଆକ୍ରମଣ ।।
ଥଣ୍ଡା କାଶ ଛିଙ୍କ ହୋଇଲେ ପ୍ରଥମେ
ତୁରନ୍ତ ଚିକିତ୍ସା କର
ହାତ ମୁହଁ ଗୋଡ଼ ସବୁ ସମୟରେ
ସାବୁନରେ ସଫା କର ।।
ଦେଶ ବିଦେଶରେ ଚହଳ ପଡ଼ିଛି
କରୋନା ରୋଗର ଡାକ
ସଚେତନ ହେଲେ ରୋଗଟା ସମୁଳେ
ହୋଇଯିବ ପୂରା ନ୍ୟାସ ।।

କେନ୍ଦ୍ରଠାରୁ ରାଜ୍ୟ ସରକାର ଆମ
କରିଛନ୍ତି ସଚେତନ
ସ୍କୁଲ କଲେଜ ଅନୁଷ୍ଠାନ ଯେତେ
ଏ ନିମନ୍ତେ ସାବଧାନ ।।
ଏକାଠି ଅନେକ ଏକତ୍ର ହୋଇଲେ
ବୃଦ୍ଧି ହେବ ଏହି ରୋଗ
ସଭା ସମିତିଠୁ ଦୂରରେ ରହିଲେ
ବ୍ୟାପିବନି ଜମା ରୋଗ ।।
ବାହାର ଜାଗାରେ ସାବଧାନ ହୋଇ
ରହିବାକୁ ନିଶ୍ଚେ ହେବ
ସଂକ୍ରମଣ ଠାରୁ ଦୂରରେ ରହିଲେ
ରୋଗଟା ଦୂର ହୋଇବ ।।
ସାରା ଭାରତରେ ଲୋକେ ଆତଙ୍କିତ
କରୋନା ରୋଗ ସକାଶେ
ଏକାଠି ହୋଇଲେ ରୋଗଟା ନିଶ୍ଚୟ
ଦୂର ହେବ ଏକାବେଳେ ।।

ରେଭେନ୍‌ସା ବିଶ୍ୱବିଦ୍ୟାଳୟ,କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ୍ଢେଇବିକା ଝିଅ

ଶିବ ଶଙ୍କର ସାହୁ

ଭାବିବା ପାଇଁ ବେଳ ନାଇଁ
କିଏ କଣ କହିଲା
ଭଳିକିଭଳି କଣ୍ଢେଇ ଛଳରେ
କିଏ ମାଗିଲା ଯୌବନ, ଆକ୍ଷିଠାରରେ !

ବସଷ୍ଟାଣ୍ଡ, ପ୍ଲାଟଫର୍ମ
ଦୋକାନବଜାର, ସାହିଗଳି
ପାର୍କ ଅବା ସର୍କସର ଭିଡରେ
ବୁଲୁଥାଏ କଣ୍ଢେଇବିକା ଝିଅ ।

ବାଉଁଶ ପାଛିଆରେଭରିଥାଏ କଣ୍ଢେଇ :
ହାତୀ, ମାଙ୍କଡ଼, ଗଣେଶ, ଶିବ
ସୁନ୍ଦରୀଝିଅ, ସିଟିବସ୍
ଆହୁରି କେତେ କଣ ଓ କହୁଥାଏ
'କଣ୍ଢେଇ ନିଅ, କଣ୍ଢେଇ'
ଯୋଡ଼ା ପନ୍ଦରଟଙ୍କା
କମରେ କମ ବାରଟଙ୍କା
ତା'ଠୁ ଆଉ ଜମା କମ ନୁହେଁ !
କଣ୍ଢେଇ କିଣିବାକୁ କା'ର ତର ଥାଏ ?
ଜୀବନ୍ତ କଣ୍ଢେଇ ଥାଉଥାଉ
ମାଟି କଣ୍ଢେଇ ? ଫୁ !!
ଏବେ ସହର ଗଳିକନ୍ଦିରେ
ଜୀଅନ୍ତା କଣ୍ଢେଇମାନେ ବିକୁଥାନ୍ତି ନିଜକୁ
ଆଉ ପାଛିଆରେ ମାଟିକଣ୍ଢେଇ ନେଇ
କଣ୍ଢେଇବିକା ଝିଅ ହନ୍ତସନ୍ତ
ଜୀବନସଂଗ୍ରାମରେ ।

କଣ୍ଢେଇବିକା ଝିଅ :
ବେଶ ବିକିପାରନ୍ତା ନିଜକୁ
ତାକୁ କିଣିବାକୁ ଗରାଖଙ୍କ ଭିଡ଼ !
ସାତସିଆଁ ଛୋଟପଣତରେ ବନ୍ଦ ରଖେ
ଇଜ୍ଜତ, ସନ୍ତୁର୍ପଣରେ
କଣ୍ଢେଇବିକା ଝିଅ
କଣ୍ଢେଇ ବିକୁ ବିକୁ ସେ ନିଜେ ଯେମିତି
ପାଲଟି ନ ଯାଏ , କଣ୍ଢେଇଟିଏ !!

ସମ୍ପର୍କ: ରେଳସଦନ, ଭୁବନେଶ୍ୱର
@୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅମାନିଆ ଲୁହ

ପି. ପୁରବୀ ମହାନ୍ତି

ଲୁହ କେବେ ଝରି ଆସେ ସୁଖରେ ଦୁଃଖରେ
ଜାଣି ସେ ଯେ ହୁଏ ନାହିଁ ଭାବନାରେ
ଖୁସି ହେଲେ ଝରିଆସେ ସମ୍ଭାଳି ସେ ପାରେ ନାହିଁ
ସେହି ଲୁହ ଝରିପଡେ କଷ୍ଟ ହେଲେ ସହେ ନାହିଁ
ଲୁହରେ ଲେଖା ପ୍ରତିଟି ପୃଷ୍ଠା ପ୍ରତିଟି ଧାଡି
ସରିଗଲା ସ୍ୟାହି ହେଲେ ସରିଲାଣି ବେଦନାର ଅକୁହା ବାଣୀ
ସମସ୍ତେ ଦେଖିଲେ ଝରିଲା ଝର୍ ଝର୍ ହୋଇ
ଜାଣିଲେ କି କଷ୍ଟ ତ ହୋଇଥିବ
ହେଲେ ସେ ଲୁହ ଦର୍ଶକ ଆଜି କାହିଁ ଚାହିଁଲେ ନାହିଁ
ସରୁନାହିଁ ଲେଖା ମୋର ଲୁହ ବି ଶୁଖୁ ନାହିଁ
ମାନିବାକୁ ନାରାଜ ସେ ଝରିବ ହିଁ ଝରିବ ଶ୍ରାବଣର ବାରି ପରି
କେବେ ସେ ଭାସୁଛି ସ୍ମୃତି ରେ ଆଉ କାହା ପାଇଁ
ଆରେ ଲୁହ ତୋର ଆଖି ତୋର ଝରିବ ସେ କିପରି ଆଉ କାହା ପାଇଁ
ମାଡ଼ରେ, ଖୁସିରେ, ଦୁଃଖରେ, ଯନ୍ତ୍ରଣାରେ, ଗାଳିରେ, ପ୍ରଶଂସାରେ ଆଉ ନିନ୍ଦାରେ
ବହିବ ଆଉ କେବଳ ବହିବ ସେ ନାହିଁ ଅବରୋଧ ନାହିଁ
ପାଇଲାଣି ଧୋକା ସେ ନିମନ୍ତ୍ରଣ କରୁଛି ଲୁହକୁ ଆସିବାକୁ ଆଉ ଭିଜେଇବାକୁ ଏ ଅତୃପ୍ତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ଧାରକୁ

ଝରୁନୁ କାହିଁକି ରେ ଲୁହ ପ୍ରଶ୍ନ ପଚାରି ବାରମ୍ବାର ବାରମ୍ବାର

ଉତ୍ତର ଆସେ ଝରିବି ଯେ କେତେ ଆଉ ଝରିବ

ଶୁଖିଲାଣି ନିଃସ୍ୱ ସତେ କି ଏକୁଟିଆ କେତେ ଆଉ ଝରିବ

ଅନ୍ତରରୁ ଝରିକି ଓଠ କୁ ସ୍ପର୍ଶ ଥରେ ହେଲେ କରିବ

ସବୁଜହରା କରି ନୂତନ ଭାବନା ରୂପକ ଚାରା ଗଛ ଗୋଟେ ଲଗେଇବ

ଲୁହ ଝରୁଛି ଝରିବ ଆଉ ଝରୁହିଁ ଥିବ

ବଣେଇଗଡ଼, ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖିବାକୁ ଜଗନ୍ନାଥ

ଶରତ ଚନ୍ଦ୍ର ଡାଲି

ମୋପୁଅ କାନ୍ଦୁଛି ପୁରୀ ଯିବାପାଇଁ
ଦେଖିବାକୁ ଜଗନ୍ନାଥ
ଭାବରଠାକୁର ଭାବଡୋରେ ତା'ର
ଚୋରେଇ ନେଇଛ ଚିତ୍ତ ।୦ ।

ଶରଧା ବାଲିରେ ଭାରି ଶରଧାରେ
ଖେଳିବାକୁ ବାଲିଖେଳ
କେବେ ସେ ସକାଳ ଆସିବ ଭାବୁଛି
ଜପୁଛି ନନ୍ଦଦୁଲାଳ
ସେ ବାଲି ମୁଠାଏ ଦେହେ ବୋଳିହେଇ
ହେବ ସେ କୁନିଭକତ
ମୋପୁଅ କାନ୍ଦୁଛି ପୁରୀଯିବାପାଇଁ
ଦେଖବାକୁ ଜଗନ୍ନାଥ ।୧ ।

ବାଇଶି ପାବଛ ସ୍ୱର୍ଗକୁ ନିଶୁଣି
ଚଢିଯିବ ଧିରେଧିରେ
ଦରଶନ ସାରି ଆହେ ଗିରିଧାରୀ
ଗଡିଯିବ ଆନନ୍ଦରେ ।
ପ୍ରାର୍ଥନା କରିବ ଗରୁଡ ପଛରେ
ଯୋଡି ତାର ବେନିହାତ
ମୋପୁଅ କାନ୍ଦୁଛି ପୁରୀ ଯିବାପାଇଁ
ଦେଖିବାକୁ ଜଗନ୍ନାଥ ।୨ ।

ଆନନ୍ଦ ବଜାରେ ଅବଢା ଡାଲିକୁ
ମୁଠାଏ ସେବନ କରି
ଭକତ ମେଳରେ ସଂଜସକାଳରେ
ନାଚିବ ସେବକ ପରି
ଅସାର ସଂସାରେ ଛାର ଜୀବନକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିଦେବ ସେ କୃତାର୍ଥ

ମୋପୁଅ କାନ୍ଦୁଛି ପୁରୀଯିବାପାଇଁ

ବେଖିବାକୁ ଜଗନ୍ନାଥ ।୩ ।

ମୁକତିମଣ୍ଡପେ ମୁକତି ମାଗିବ

ବାହୁତୋଳି ମହାବାହୁ

କୋଳେଇ ନେବହେ ଆପଣାର କରି

ପିଣ୍ଡେ ପ୍ରାଣ ଥାଉଥାଉ

ଦୀପଟିଏ ଜାଳି ଆହେ ବନମାଳି

ଗାଇବ ମୁକତି ଗୀତ

ମୋପୁଅ କାନ୍ଦୁଛି ପୁରୀଯିବାପାଇଁ

ଦେଖିବାକୁ ଜଗନ୍ନାଥ ।୪ ।

ଶିକ୍ଷକ, ପଥରା, ଖଲ୍ଲିକୋଟ, ଗଂଜାମ

ମୋ-୭୮୭୩୯୧୭୬୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହିମବୀର

ରିପୁନ୍ ଜୟ ମହାପାତ

ପର୍ବତ ଗହ୍ୱରେ

ଗଭୀର ଜଳରେ

ଘଞ୍ଚ ଅରଣ୍ୟରେ

ହିମ ଆଳୟରେ

ବିଜେ ତୁମେ ହିମବୀର ।।

ସର୍ବଦା ସଜାଗ

ଶତ୍ରୁ ସୈନ୍ୟପାଇଁ

ଭାରତ ମାଆର ବୀର

ତୁମେ ପରା ହିମବୀର

ଧନ୍ୟ ଆହେ ହିମବୀର ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବେଶ୍ କିଛିଦିନ ଯାଏ, ଚନ୍ଦନଟେ ଦେଇ
ଜାଳନ୍ତି ଗୋଟିଏ ଦୀପ (୪)

କିଛି ଦିନ ଗଲେ ଅଳନ୍ଧୁ ଜମିଲେ
ଝାପସା ଝାପସା ଦିଶେ ସବୁ
ନାତିନାତୁଣୀଙ୍କୁ ଖୁଏଇଲା ବେଳେ ବୋହୂ ଫଟୋଟିକୁ ଇଙ୍ଗିତକରି କୁହେ,
ଖାଇଦେ ନହେଲେ ଏ ବୁଢ଼ା ଖାଇଦବ ସବୁ (୫)

ଫଟୋଟିକୁ ହାଏ ସଫା କରିବାକୁ
କେହି ବଢାଏନି ହାତ
ହଇରେ ମାନବ କରନାହିଁ ଗର୍ବ
ଏ ଯେ ପୁରା ଚିରନ୍ତନ ସତ (୬)

ସବୁ ମୋର ମୋର କହି, ନିଜ ପରିବାର ପାଇଁ ସମର୍ପିତ ହୋଇଥିଲୁ ସତ
ହେଲେ ମଶାଣିର ବୁକୁତଳେ ପାଉଁଶ ତୁ ହେଲାପରେ ତୁ ହଜାଉ ତୋ ନିଜ ନାଆର କାତ
ହଇରେ ମାନବ କରନାହିଁ ଗର୍ବ, ଏ ଯେ ପୁରା ଚିରନ୍ତନ ସତ (୭)

ଗ୍ରା- କାଛିସାହି, ଅରଣ୍ଡୁଆ
ବାସୁଦେବପୁର, ଭଦ୍ରକ, ୭୫୬୧୬୫, ଓଡ଼ିଶା
ଭ୍ରାମ୍ୟଭାଷ:୮୯୧୭୩୮୫୭୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଲିଙ୍ଗନ

ରାଜଲକ୍ଷ୍ମୀ ସାହୁ

ବାରବାର ମନା କରିବା ସତ୍ତ୍ୱେ
ମାନିଲେନି ପାର୍ଥ
ଆଲିଙ୍ଗନ କରିନେଲେ
ନିଜର ପ୍ରିୟ ସଖା,
ସାଥି ତଥା ସହଚରଙ୍କୁ ।

କେମିତି ଭୁଲିଲେ ସେ
ଚେତାବନୀ, ସହଦେବର
କେମିତି ଭୁଲିଲେ ସେ
ରାଜାଙ୍କା, ହସ୍ତୀନାପୁରର !

ସରିଆସୁଥିବା ସମୟ,
ଶରୀରର ଶେଷ ନିଶ୍ୱାସ ହେଇ
ଯେତେବେଳେ ଡାକେ,
ସଖା ଆସ
ମନେ ରହେକି ଦେଇଥିବା କଥା
ମନେ ରହେକି ଚେତାବନୀ
ସମୟ ଖାଲି ଦେଖେଇଦିଏ
ପୁରୁଣା ସ୍ମୃତି, ପୁରୁଣା ବ୍ୟଥା ।

ଦୁଃଖ ନାହିଁ, ସଖା ।
ଗଲେ ଯାଉ ମୋ ବୀରପଣ,
ପଡି ରହୁ ଗାଣ୍ଡିବ
ତୁମ ବିନେ, ଆଉ କିବା ପ୍ରୟୋଜନ
ଏ ଜୀବନ, ଶୂନ୍ୟ ଆଉ ଶୂନ୍ୟ !

ଷ୍ଟାରସିଟି, ପଟିଆ, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୯୩୭୧୮୯୯୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିବେଦନ

ପ୍ରେମପୂର୍ଣ୍ଣ ଦ୍ରବିଭୂତ ନୟନ ଯୁଗଳ
କି ଦେଇ ପୂଜିବି ପ୍ରଭୂ ଚରଣ କମଳ ।
ମକରନ୍ଦ ଝରିପଡ଼େ ତୁମ ଶ୍ରୀମୁଖରୁ
ମୁଁ ଅଟେ ତୁଚ୍ଛ ପ୍ରାଣୀ ତୁମେ ମହାମେରୁ ।
କରୁଣାବାରିଧି ସଦା ଝରେ ଝରଝର,
ଦୁଃଖ ଲାଘବକାରୀ ହେ କରୁଣାସାଗର ।
ବନ୍ଦନା କି ସ୍ତୁତିଗାନ କିଛି ଜଣାନାହିଁ,
ତୁମ ଶ୍ରୀମୁଖକୁ ସଦା ରହିଛି ଅନାଇ ।
ଢାଳିଦେବ ଯଦି ତୁମେ କରୁଣାର ବିନ୍ଦୁ,
ହୋଇଯିବି ଧନ୍ୟ ମୁହିଁ ଆହେ କୃପାସିନ୍ଧୁ ।
ତୁମର ସେ ଦିବ୍ୟରୂପ ଦେଖି ହେବି ଧନ୍ୟ
ଏତିକି ମାଗୁଣି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଣ୍ଠିଲି

ଦୁଷ୍ମନ୍ତ ବେହେରା

ଦଃଖର ଗଣ୍ଠିଲି ବାନ୍ଧୁ ବାନ୍ଧୁ ଏଠି
ଲୁହର ଗଣ୍ଠିଲି ଭାସି ଯାଉଛି
କଣ କହିବି ଜୀବନ ଗଣ୍ଠିଲି
ଭାସୁଛିରେ ଭାବନା ଲୁହରେ ! ! !

ବୋଝକୁ ରଖିଲି ମନକୁ ରଖିଲି
ରଖିଲି ରେ ଗଣ୍ଠିଲି ତୁମକୁ
କଣ କହିବି ଏ ଯନ୍ତ୍ରଣା ଦୁଃଖ ର
କଉ ଗଣ୍ଠିଲି ଫିଟାଇ ଦେଖେଇବି ! ! !

ଜୀବନ ଯାତନା ଭାସୁଛି ଏଠି
ଭାସୁଛି ଭାବନା ସୁଅରେ
ଭାବିଲା ବେଳକୁ ଗଣ୍ଠିଲି ଫିଟୁଛି
ବାନ୍ଧିଲା ବେଳକୁ ସମୟ ନାହିଁ ! ! !

ତୁମେ ଗଣ୍ଠିଲି ଜୀବନ ଗଣ୍ଠିଲି
ବୋହିଲା ବେଳକୁ ଜୀବନ ର
ଓଜନ ଗଣ୍ଠିଲି ରେ ଭାସୁଛି
ଭାସୁଛିରେ ଜୀବନ ଟିକକ ! ! !

ରାସୋଳ, ମୁଣ୍ଡିଆପୋଷୀ, ଢେଙ୍କାନାଳ
ଭ୍ରାମ୍ୟଭାଷ : ୯୯୩୭୬୫୨୫୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୋହୂ ବି ଘରର ଝିଅପରି

ନୂତନ କୁମାର
ବେହେରା

ବୋହୂ ବି ଘରର ଝିଅ ପରି
ଏ କଥା କୁହନ୍ତି ଅନେକେ
ଦେଖାଇ ନିଜର ବାହାଦୁରି,
ନିରପେକ୍ଷ ଭାବେ ଦେଖିଲେ
ସୁସ୍ଥ ମସ୍ତିଷ୍କରେ ବିଚାର କରି
ଶାଶୁ ବୋହୂ ଦିନ କାଟନ୍ତି
ଉଭୟେ ଅଭିନୟ କରି ।
ନାରୀଟିଏ ପର୍ଯ୍ୟାୟକ୍ରମେ
ଝିଅରୁ ହୋଇ ବୋହୂ
ହୁଏ ମାଆ ଅବା ଶାଶୁ,
ନିଜ ସ୍ତର ଅବସ୍ଥାକୁ ନେଇ
ଯିଏ ପାରେ ଅନୁଭବ କରି
ସବୁ ସହିଯାଏ ଯା' ବାଧା ଆସୁ ।

ହୃଦୟରେ ଭରିଥିଲେ ସ୍ନେହ
ଅନାବିଳ ଆପଣାର ଭାବ,
ଶାଶୁ ବୋହୂ ପରସ୍ପର ମଧ୍ୟେ
ଦେଖାଯାଏ ଉତ୍ତମ ସ୍ୱଭାବ ।
ସେ ଘର ହୁଏ ସ୍ୱର୍ଗଠାରୁ ବଳି
ଥିଲେ ଦୁହିଁଙ୍କ ଭଲ ପାଇବା,
ଶାଶୁ ଯଦି ହୁଏ ମାଆ ପରି
କାହାର କିଛି ନ ଥାଏ କହିବା ।
ସୁଖ ଆସୁ ଦୁଃଖ ଆସୁ
ସେ ଘର ହୁଏ ମର୍ତ୍ତ୍ୟେ ବୈକୁଣ୍ଠ,
ସବୁ କିଛି ଭଲ ଲାଗେ
ଅମୃତ ପାନ କଲା ପରି ଆକଣ୍ଠ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶାଶୁ ବୋହୂର ସମ୍ପର୍କ
ହୋଇ ରହିଥିଲେ ମଧୁମୟ,
ସପରିବାର ପାଆନ୍ତି ଶାନ୍ତି ସୁଖ
ସନ୍ତୁଷ୍ଟ ହୁଏ ପ୍ରତିଟି ହୃଦୟ ।
ଗଢି ଜାଣିଲେ ସଂସାରଟା ସୁନ୍ଦର
ଜୀବନ ଲାଗେ ଆନନ୍ଦମୟ,
ସ୍ୱାର୍ଥ ହିଂସା ଘୃଣାରେ ସବୁ ଅଶାନ୍ତି
ପ୍ରତି ମୁହୂର୍ତ୍ତଟା ବିଷମୟ ।
ବୋହୂ ବି ଘରର ଝିଅ ପରି
ତାକୁ ପାରିଲେ ଆପଣାର କରି,
ଏ ଦୁନିଆଁରେ ଦୁଃଖ ରହିବନି
ସବୁ ନିମିଷକେ ଯିବ ଅପସରି ।

କବିରତ୍ନ ନୂତନ କୁମାର ବେହେରା
କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମହାନତା

ହାସ୍ୟମୟୀ ରାଜ

କେମିତି ମାପିବି ତୁମକୁ
ତୁମେ ଅଦୃଶ୍ୟ ଅନନ୍ତ
ଅକଳନୀୟ ବିସ୍ତୃତ ସତ୍ତା,
କେଉଁ ଅନାଦି କାଳରୁ
ଏ ସଚରାଚର ସୃଷ୍ଟି
ଗାଉଛି ତୁମର ଗାଥା । ।

କେଉଁ ରୂପରେ କେବେ
କାହାପାଇଁ କେତେବେଳେ
ତମେ ଦେଉଥାଅ
ତମର ଗଗନଭେଦୀ ବାର୍ତ୍ତା,
ଏ ବିଶ୍ୱକୁ ଗୋଟିଏ ସୂତ୍ରରେ
ବାନ୍ଧି ଦେଇଛି
ତୁମ ପ୍ରେମର ପ୍ରଗଳ୍ଭତା । ।

ତୁମେ ଭୁରୁ ଭୁରୁ ବାସୁଥିବା
ପ୍ରୀତି ଫୁଲ ପେନ୍ଥା
ତୁମେ ମୈତ୍ରୀର
ପୂଣ୍ୟ ମନ୍ଦାକିନୀ ଧାରା
ସିକ୍ତ କରୁଥାଅ ଅବିରତ
ଜୀବନ ଜିଇଁବାର ରାସ୍ତା,
ଆଉ ତମବିନା
ନିମିଷେ ବିକଳାଙ୍ଗ ଲଭେ
ଯେତେସବୁ ଚେତନା ଓ ଚିନ୍ତା
ଧ୍ୱଂସର ଗଜଲ ଗାଏ
ସବୁ ବାସ୍ତବତା । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ଦୂରେଇଦିଅ

ହୃଦୟର ଯେତେ ସବୁ ବ୍ୟଥା

ଭରୁଥାଏ ଚଲାପଥ

ଅସରନ୍ତି ତୁମ କାହାଣୀ ଓ କଥା,

ତୁମେ ଆଉ କେହିନୁହେଁ

ସାଗରଠାରୁ ଗଭୀର

ଆକାଶଠୁ ବିଶାଳ

ଦାଉ ଦାଉ ଝଟକୁ ଥିବା

ଦିବ୍ୟ ଭବ୍ୟ ଗୁଣବତ୍ତା

ତୁମେ ଶିଷ୍ଟ ତୁମେ ଶ୍ରେଷ୍ଠ

ମହାନତା... ମହାନତା ।।

ଓରାଳି, ହାଟଡିହି, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପଘରେ ରହୁଥିବା ଝିଅ

ସୌଭାଗ୍ୟବତୀ ଗିରି

ବାପଘରେ ରହୁଥିବା ଝିଅ ଜାଣେନି

ଶାଶୁଘର ତା'ର କେମିତି ଚଳୁଛି

ତା' ବୟସ୍କ ଶ୍ୱଶୁରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ କେମିତି ଅଛି

ଶାଶୁମା' ଏ ବୟସରେ ବି କେମିତି ଘରଣୀ ସାଜି ଘର ଚଳଉଛନ୍ତି

ଦିଅରଙ୍କ ଚାକିରି କଥା କେତେବାଟ ଗଲା

ତାକୁ ସମୟ କାହିଁ ନଣନ୍ଦ ସହିତ ପଦେ କଥା ହେବାକୁ ?

ବାପଘରେ ରହୁଥିବା ଝିଅ ଆଜିଯାଏଁ ବି ଶାଶୁଘର ସୁଖ କ'ଣ ଜାଣିବାକୁ ଚାହିଁନି

ସେସବୁ ଜାଣି ଲାଭ ବା କ'ଣ ?

ବାହା ଅଳତା ପାଦରୁ ନ ଛାଡୁଣୁ ଶାଶୁଘର ଛାଡିଚି ସେ

ସେ ତ କେତେ ହସଖୁସି ର ଜୀବନ ବିତଉଛି ତା ବାପଘରେ

ତା ସ୍ୱାମୀ ବି ତା ପାଖରେ ଅଛି

ନିଜ ବାପାମା' ଙ୍କର ବହୁତ୍ ଯତ୍ନ ନେଉଛି

ଭାଇଭଉଣୀଙ୍କ ଦେଖାଶୁଣା କରୁଛି

ଆଉ ଅଧିକ ଟା କ'ଣ ଦରକାର ?

ଏବେ କିନ୍ତୁ ବାପଘରେ ରହୁଥିବା ଝିଅର ଚିନ୍ତା ବଢିଯାଇଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘରେ ଭାଇଟା ବିବାହଯୋଗ୍ୟ ହେଇ ଗଲାଣି

ଘରକୁ ଭାଉଜ ଆସିବ

ତା'ର ଏ ଘରୁ ପ୍ରାଧାନ୍ୟ କମିଯିବ

ସେ ବାପଘରେ ରହିବା ଟାକୁ ଯଦି ତା ଭାଉଜ ପସନ୍ଦ ନ କରେ

କୁଆଡେ ଯିବ ସେ ??

ସେଇ ଚିନ୍ତା ଆଜିକାଲି ଦିନରାତି ଘାରୁଛି ତାକୁ

ବାପଘରେ ରହୁଥିବା ଝିଅର ଭୟ ବୁଢିଆଣୀ ଜାଲ ଭଳି ବସା ବାନ୍ଧିଲାଣି

ଆଶଙ୍କା ର ଅଡୁଆ ସୂତାରେ ଏକଦମ୍ ଛନ୍ଦି ହେଇଗଲାଣି

ସବୁବେଳେ ସେ ଗୁମ୍ ସୁମ୍

ଜିରାରୁ ଶିରା କାଢି କେତେଜାଗା ଭାଇର ବାହାଘର ବି ଭାଙ୍ଗିଲାଣି ସେ

ହେଲେ କେତେ ବା ଭାଙ୍ଗିବ

ଦିନେ ନା ଦିନେ ତ ପୁଣି ଭାଇ ବାହା ହେବ

ଯା ଭିତରେ ଭାଇର ବାହାଘର ହେଇ ଗଲାଣି

ଭାଉଜ ଭିତରେ ସୃଷ୍ଟି ଯାକର ଖୁଣ ଦେଖିବାକୁ ପାଉଛି ବାପଘରେ ରହୁଥିବା ଝିଅ

ମଝିରେ ମଝିରେ ଦି' ଜଣଙ୍କର

ଠୁକ୍ ଠାକ୍ ଖୁଟ୍ ଖାଟ୍ ବି ହେଇ ଯାଉଛି

ଆଜିକାଲି ଘର ଭିତରୁ କଳିଝଗଡା ଦାଣ୍ଡକୁ ଶୁଭିଲାଣି

କ'ଣ କରିବ ବିଚାରୀ ବାପଘରେ ରହୁଥିବା ଝିଅ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା' ଭାଉଜ ଟା କାଳେ ଜମା ଭଲ ନୁହଁ

ଶାଶୁଶ୍ୱଶୁରଙ୍କ ବିଷୟରେ ଟିକେ ବି ଚିନ୍ତା କରୁନି

ଖାଲି ବାପଘର ବାପଘର ହଉଛି

ବାପଘରେ ଯାଇ ରହିବାକୁ ତା ଭାଇ ଟାକୁ ଶିଖଉଛି

ଶାଶୁ ଘରକୁ ନିଜର କରିବାକୁ ବୁଝେଇଲେ ସେ ଅଲାଜୁକୀ ଝଗଡା କରୁଛି

ଆଜି କିନ୍ତୁ ସବୁ ସୀମା ପାର ହେଇଯାଇଛି

ବାପଘରେ ରହୁଥିବା ଝିଅର ମୁଣ୍ଡକୁ ପିଓ ଚଢିଯାଇଛି

ସେ ଖାଲି ବିଷଧର ସର୍ପ ଭଳି ଫଁ ଫଁ ହଉଚି

କାହିଁକିନା ଆଜି ତା ଭାଉଜ

ତା ଭାଇକି ଫୁସୁଲାଫୁସୁଲି କରି ସାଙ୍ଗରେ ନେଇ ତା' ବାପଘରକୁ ଚାଲିଯାଇଛି ...

କେନ୍ଦ୍ରାପଡା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱପ୍ନ

ପୂର୍ଣ୍ଣିମା ଲେଙ୍କା

ମେଞ୍ଚା ମେଞ୍ଚା ସ୍ୱପ୍ନ ଅଛି
ହେଲେ ବୁଣିବାକୁ
ସାମର୍ଥ୍ୟ ନାହିଁ

ଇଚ୍ଛା ତ ସେ ପିଲାର ବି ଅଛି
ସ୍କୁଲ ଘରେ ଯାଇ ବସିବାପାଇଁ
ନର୍କ ଯନ୍ତ୍ରଣାରୁ ମୁକ୍ତି ପାଇଁ

ଶିକ୍ଷାର ଦୀପ ଜାଳି
ଜୀବନର ଅନ୍ଧକାରକୁ
ଲଂଘିଯିବା ପାଇଁ

ନିଜ ମା ଭାଇଭଉଣୀକୁ
ପାଇପ ଲାଇନର ଅଭିଶପ୍ତ କୁପରୁ
ନେଇ କୁଡ଼ିଆରେ ରଖିବା ପାଇଁ

ବୋଧେ ରାତିରେ ଖୋଲା ଆକାଶକୁ ଚାହିଁ
ସ୍ୱପ୍ନ ଦେଖେ ନିଜ ଭାଗ ଖୁସି ସାଉଁଟେ
ଜହ୍ନ ମାମୁଁ ସହ କଥାବାର୍ତ୍ତା ହେଇ

ହେଲେ ସକାଳ ହେଲେ ସବୁ ସ୍ୱପ୍ନ
ଧୂଳିସାତ ହୋଇ ଯାଇଥାଏ
ଭୋକ ବିକଳିଆ ମୁହଁକୁ ଚାହିଁ

ପାଠ ପଢିବି ହାକିମ ହେବି
ଯେମିତି ବିକ୍ରୀ ହୋଇଯାଏ
ପେଟର ଜ୍ୱାଳା ଶାନ୍ତ କରିବାପାଇଁ

ବହି ସିଲଟ ଆଜି ବି କାନ୍ଥ କଣ୍ଟାରେ ଟଙ୍ଗା
ସମୟ କାଟୁଚି ଛେଳି ଚରେଇ ଚରେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନହେଲେ କାହାପାଇଁ ବେଲଚା ବୋହି

ସ୍ୱପ୍ନକୁ ସମୟ କାହିଁ

ସ୍କୁଲ୍ ଗେଟଡେଇଁ ପାଠ ପଢ଼ିବାପାଇଁ

ହାକିମ ହେଇ ନିଜ ଦୁଃଖ କାଟିବାପାଇଁ

ପାଇପ ଲାଇନ୍ କଡର ଛୁଆଟି ସେହି

ତା ସ୍ୱପ୍ନ କେବଳ ପିଚୁ ରାସ୍ତା

ଆଉ ଖୋଲା ଆକାଶ ବୁଝି ପାରଇ..

ଗବେଷିକା, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲପାଏ ମୁଁ କେତେ

ଦମୟନ୍ତୀ ଜେନା

ଭଲପାଏ ମୁଁ କେତେ ଯେ ତୁମକୁ
କହିପାରେନି କେବେ ପ୍ରକାଶ କରି
କହିପାରେନି କେବେ ପଦୁଏ କଥା
ତୁମ ଆଖିରେ ଆଖି ମିଶେଇ.....

ଖାଲି ଏତିକି ଜାଣିଛି
ବଞ୍ଚି ପାରିବିନି ମୁଁ ତୁମ ବିନା,
ଗୋଟିଏ କ୍ଷଣକ ପାଇଁ । । । ।

ପ୍ରତି ଦିନ ପ୍ରତି ସମୟରେ
ପାଖେ ପାଖେ ଥାଅ
ପ୍ରତ୍ୟକ୍ଷରେ ନ ହେଲେ ବି,
ହୃଦୟରେ ଥାଅ
ଘରକୁ ଫେରିଲେ ଯେବେ
ଦେଖେ ତୁମକୁ
ଆଶ୍ୱସ୍ତି ମିଳେ ମନକୁ,
ଆଉ ଇଚ୍ଛା ହୁଏ
ଆଲିଙ୍ଗନ କରିବାକୁ । । ।

ତୁମେ କିନ୍ତୁ ସବୁବେଳେ ଅଳିକର
ପଦଟେ କଥା ଶୁଣିବା ପାଇଁ
ଆଖିରେ ଆଖି ମିଶାଇ
ଘଣ୍ଟାଏ ଚାହିଁବା ପାଇଁ
କେବେ ସିନେମା
ତ କେବେ ପାର୍କ ବୁଲିବା ପାଇଁ
କିନ୍ତୁ ମୁଁ ପାରେନା କିଛି ଦେଇ.....

କେବେ ପରିସ୍ଥିତିର ଦ୍ୱ ।ହି ଦେଇ
ତ କେବେ ସମୟର ଆଳରେ,
ତୁମେ ତୁମ ବାଟରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ୟସ୍ତ ହେଇଯାଅ

ରାଗରେ ଚାହିଁ ଚାହିଁ । । ।

ଆଇନା ଆଗର ସବୁ ଅଭ୍ୟାସ

ଫସର ଫାଟେ ତୁମକୁ ଚାହିଁ

କଣ କରିବି କୁହ....

ଏଥିରେ ମୋର କିଛି ଭୁଲ୍ ନାହିଁ । । ।

ସବୁବେଳେ ସବୁ ସମୟରେ

ଭୁଲ୍ ବୁଝାମଣା ହୁଏ

ଆମ ଭିତରେ

ତୁମେ ରାଗିଯାଅ ସିନା

ମୋ ଉପରେ

ହେଲେ ମୁଁ ଚାହେଁ

ତୁମେ ଖୁସିରେ ରୁହ

ସଦାବେଳେ । । । । । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନାରୁ ଶିକ୍ଷା

କ୍ଷମାନିଧି ସାହୁ

(ରାଗ:ବଙ୍ଗଳାଶ୍ରୀ)

ଅଧୁନା କରୋନା ମହାମାରି ନାଆଁ
ଅବତୀର୍ଣ୍ଣ ଅଚଳାରେ
ଦେଉଅଛି ଶିକ୍ଷା ଘେନ ଜ୍ଞାନଭିକ୍ଷା
ସଚେତନ ହୁଅ ବାରେ ।

ଋଷ୍ ଆମେରିକା ଚୀନ୍ ଓ ଆଫ୍ରିକା
ଆମଠୁ ନୁହେଁ ନିପୁଣ
ତାଙ୍କଠାରୁ ବଳି ଭାରତୀୟ ବୋଲି
ଦକ୍ଷ ଆମ୍ଭେ ଅଟୁ ଜାଣ ।

ସ୍ୱାସ୍ଥ୍ୟକର୍ମୀଗଣ ସହିତେ ଜବାନ
ବୁଦ୍ଧିଜୀବି ପ୍ରଶାସନ
ପ୍ରକୃତରେ ବୀର ଗୌରବ ଆମର
ସେବା ଅର୍ଥେ ରାତିଦିନ ।

ଆଜି ଏ ସମୟେ କରୋନାର ଭୟେ
ତୁଚ୍ଛ ତନ୍ତ୍ରମନ୍ତ୍ର ନିତ୍ୟ
ଅସଲରେ ସତ ବିଜ୍ଞାନ ସମ୍ମତ
ଯୋଗ,ସ୍ୱାଧ୍ୟାୟ ଓ ପଥ୍ୟ ।

ବିଳାସ ଜୀବନ ସୁସ୍ୱାଦୁ ଭୋଜନ
ନାହିଁ ଆଜି ପ୍ରୟୋଜନ
ପାଶ୍ଚାତ୍ୟ ଭୋଜନ ସବୁଠାରୁ ହୀନ
ଲୋଡା ବଗଡାର ଅନ୍ନ ।

ନହେଲେ ବି ଯାନ ଅଛି ସନମାନ
ପାଦେ ପଥ ଅତିକ୍ରମ
ନିଜଦେଶେ ରହି ଅନ୍ୟ ଦେଶପାଇଁ
କିମ୍ବାଇଁ କରିବା କର୍ମ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବସନ ଭୂଷଣ ଅଳଙ୍କାର ଧନ
ମୂଲ୍ୟହୀନ ଏ ଦିନରେ
କିଛି ନାହିଁ ମାନେ ବିନା ପରିଧାନେ
ଲାଭନାହିଁ ବ୍ୟବହାରେ ।

ଏ ସାରା ସଂସାର ପଶୁପକ୍ଷୀଙ୍କର
ବୃକ୍ଷଲତା ତରୁତୃଣ
ନୁହଇ କେବଳ ମାନବ ସମ୍ବଳ
ଏବେ ଏ କଥାଟି ଜାଣ ।

ପଲ୍ଲୀଠାରୁ ହୀନ ସହରୀ ଜୀବନ
ବିକାଶ ଏନ୍ତୁଡି ଶାଳ
ଆକାଶରେ ଯେହ୍ନେ ତାରାଜ୍ୟୋତି ମାନେ
ପ୍ରଜ୍ୱଳିତ ନିଶିବେଳ ।

ସୁସ୍ଥ ପରିବେଶ ରଖିବା ଏ ଦେଶ
ଗ୍ରାମ ଘର ପରିଷ୍କାର
ପରିମଳ ହେଲେ ପରିଚ୍ଛନ୍ନ ବଳେ
ରୋଗକୁ ନଥିବ ଡର ।

ନାରୀ ନୁହେଁ ସେହି ଚୁଳିମୁଣ୍ଡ ପାଇଁ
ସେ ଯେ ଦୁଇ କୁଳ ହିତା
ତାଙ୍କର ସହିତେ ହେଲେ ଏକମତେ
ହୋଇବା ଜଗତଜିତା ।

ଯୌଥ ପରିବାର ସବୁଠୁ ସୁନ୍ଦର
ଏକକ ଠାରୁ ଅଧିକ
ସୁଖ ଶାନ୍ତି ପ୍ରୀତି ଆତ୍ମୀୟ ସଂକ୍ରାନ୍ତି
ସମୃଦ୍ଧ ଜୀବନଯାକ ।

ପିତାମାତା ଭାଇ ଭଗ୍ନୀ ଅଜା ଆଈ
ପରିବାର ଆପଣାର
ଆସୁଯେତେ ଝଡ ଭାଙ୍ଗିଯାଉ ନୀଡ
ମନରେ ନଥାଏ ଡର ।

ଗ୍ରାମ:-ଜାମପାଲି, ସାଲେପାଲି(୭୬୮୦୩୫)
ଥାନା:-ମେଲଛାମୁଣ୍ଡା, ବ୍ଲକ୍:-ସୋହେଲା
ଜିଲ୍ଲା:-ବରଗଡ଼(ଓଡିଶା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁତ୍ସିତ ହେଲାଣି ସମାଜସ୍ଥିତି

ସନ୍ତୋଷ ପଟ୍ଟନାୟକ

ସଂସ୍କାର ବିହୀନ ଶିକ୍ଷାକୁ ଆଦରି
କୁତ୍ସିତ ହେଲାଣି ସମାଜ ସ୍ଥିତି
ନୀରବି ଯାଇଛି ବୁଦ୍ଧିଜିବୀ ଜ୍ଞାନ
ଯନ୍ତ୍ରଣାରେ ଭରା ସବୁରି ଛାତି

ସଂସ୍କୃତିର ଆଭା ଜେଜି ଗୋଁସିବାପା
ଜରାନିବାସରେ ତାଙ୍କ ଜୀବନ
କ୍ଷଣିକ ସୁଖକୁ ଆଦରି ମଣିଷ
ପ୍ରତିଯୋଗିତାରେ ବାଣ୍ଟୁଛି ଜ୍ଞାନ

ଯୌଥ ପରିବାର ପୁରୁଣା ଜମାନା
ଘରେ ହାତଗଣା ଚାରି ଛ ଜଣ
କର୍ମଜିବୀ ହେଲେ ବାପା ମାଆ ଦୁଇ
ନିଃସଙ୍ଗତା ଭରା ଶିଶୁର ମନ

ଟିଭି ସିରିୟଲ ୟୁଟ୍ୟୁବ୍ ଚ୍ୟାନେଲ
ପ୍ରସାରଣ ପାଇଁ ଲଗାମ ନାହିଁ
ନବଦମ୍ପତ୍ତିଏ କଥାଚିତ୍ର ଦେଖି
ରତିରେ ମାତନ୍ତି ଉନ୍ମାଦ ହୋଇ

ସେଇ ବିର୍ଯ୍ୟୁ ଜାତ ସନ୍ତାନ ସନ୍ତତି
ଭାରି ପରମାଦ ସମାଜ ପାଇଁ
କିଏବା ବୁଝିବ ହିତବାଣୀ ଆଉ
ସେ'କାଳ ପଖାଳ ଗଲା ପଳେଇ

ଭଗବତ ଗୀତାଜ୍ଞାନର ସଳିତା
କେତେଘରେ ଖଣ୍ଡେ ଅଛିକି କାଇଁ
ମୋବାଇଲ ପରା ଘରକେ ଛଅଟା
ସିଂହଭାଗ ଦୁଷ୍କର୍ମ ତାହାରି ପାଇଁ

ଦୁଷ୍କର୍ମର ପରେ ମହମ କି'ହେବ
ସଂସ୍କାର ଆଦର ମୂଳରୁ ନାଇଁ
ହାତେ ହାତ ଛନ୍ଦି ଶପଥଟେ ନିଅ
ପାଶ୍ଚାତ୍ୟ ସଂସ୍କୃତି ଛାଡିବା ପାଇଁ....

ବେଗୁନିଆପଡା, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଶ୍ରୁ ଅନଳ

ପଙ୍କଜିନୀ ଭୋଇ

କେବେ ଜଳେ ଛଟପଟ ହୋଇ
ନିଃସଙ୍ଗତାର ନିଆଁରେ,
ପୁଣି କେବେ ଲୋଟୁ ଥାଏ ତଳେ
ଏକାକୀର ପୋଖରୀ ପଙ୍କରେ,
ଆଜି କିନ୍ତୁ ନିଜେ ମୁଁ ଖୋଜୁଛି
ନିଃସଙ୍ଗ,ଏକାନ୍ତ ସମୟ ଟିକେ;
ଭୁଇଁରେ ଗୋଡ କଚାଡି-
ହୃଦୟରୁ ଅଶ୍ରୁ ନିଗାଡି
ଜଳେଇ ଦବାକୁ ଚାହେଁ
ନିଜକୁ ହିଁ ନିଜର ଅଶ୍ରୁଅନଳରେ
ତିଳ ତିଳାନ୍ତ କରି...,

ଶକ୍ତି ନାହିଁ ଆଉ ମୋ' ପାଖେ
ସଜାଡିବାକୁ ମୋର ଭଙ୍ଗା ହୃଦୟକୁ,
ଧୈର୍ଯ୍ୟ ନାହିଁ ଆଉ ବଖାଣିବାକୁ
ଭଙ୍ଗା ହୃଦୟର ଅବ୍ୟକ୍ତ ବେଦନାକୁ,
ଜଳୁଛି ମୋ ଅନ୍ତର, କିନ୍ତୁ
ଲିଭେଇବାକୁ ଚାହୁଁନି ଆଉ
ଏ ଅଶ୍ରୁ ଅନଳକୁ, ଏ ଅଶ୍ରୁ ଅନଳକୁ ।।

ଲାଞ୍ଜି, କେଗାଁ, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଲ୍ଲୀ ପ୍ରଭାତ

ଚିତ୍ତରଞ୍ଜନ ବାରିକ

ପ୍ରାଚୀ ମୂଳେ ଏବେ ତାଳ ବୃକ୍ଷ କରେ
ଉଷା ଦେବୀ ପାଦ ପଡେ ଧିରେ ଧିରେ ,
ଶଯ୍ୟାତ୍ୟାଗୀ ସେହି ନବଉଢା ମାନେ
ନିଜ କାର୍ଯ୍ୟ କଥା ଭାବି ମନେ ମନେ,
ଅତି ଯତ୍ନରେ ଛିଞ୍ଚି ଗୋବର ପାଣି
ଖଡିକାରେ ଓଳାଇ ନିଅନ୍ତି ଧୂଳି,
ଉଷା ଦେବୀ କରପଲ୍ଲବେ ନିହାର
ଧରି ଧରଣୀକୁ ଦିଏ ଉପହାର,
ଉଷା ଆଗମନ ତୋଫା ହୁଏ ପୃଥ୍ୱୀ
ସର୍ବେ ଶେଯ ଛାଡନ୍ତି ହୋଇଣ ଫୁର୍ତ୍ତୀ,
ପକ୍ଷୀ ଥଣ୍ଟୁ ବେଦ ସ୍ୱନେ ଏ ଭୂବନ
କମ୍ପି ଉଠେ ନେବାପାଇଁ ନବଜନ୍ମ,
ଧରଣୀବୁକୁରେ ଘାସର ଲହରି
ତୁଷାରବିନ୍ଦୁ ଦୃଶ୍ୟନ୍ତେ ମୁକ୍ତା ପରି,
ସରୋବର କୂଳ ଝିଅ ବୋହୂମେଳେ
ଗୀତର ମୂର୍ଚ୍ଛନା ସେଠୁ ପ୍ରତିଫଳେ,
ଗ୍ରାମ ବ୍ରାହ୍ମଣର ମନ୍ତ୍ର ମନ୍ଦିରରେ
ଘଣ୍ଟଘଣ୍ଟା ନାଦ ଭାସେ ସମୀରରେ,
ସୂର୍ଯ୍ୟର ପହିଲି କିରଣ ନଦୀରେ
ଜକଜକ କରି ସେଠୁ ଉଙ୍କିମାରେ,
କୁକ୍କୁଟର ଡାକ ଶୁଣି ଚଷା ପୁଅ
ଦାଆ ଘେନି କ୍ଷେତେ ଯାଆନ୍ତି ସଅଳ,
ପଖାଳ ଭାତ ସହ ଶୁଖୁଆ ଭଜା
ଶାଗ ବଡ଼ି ରହିଲେ ଲାଗେଟିମଜା,
ଧିରେ ଧିରେ ଏଠି ମଧ୍ୟାହ୍ନ ଆସିଲା
ପ୍ରଭାତର ଖେଳ ଅପସରି ଗଲା ।

ଅନୁପଲା, ଅନ୍ତେଇ, ଜଗତସିଂହପୁର
ମୋ-୯୮୬୧୬୪୭୦୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଶପ୍ରେମୀ ବନାମ ଦେଶଦ୍ରୋହୀ

ପ୍ରଶାନ୍ତ କୁମାର ମହାନ୍ତି

ମାଇନସ ତିରିଶିଡିଗ୍ରୀ ବରଫ ଗଦା ଭିତରେ
ଯିଏ ଟକମକ ଫୁଟାଇପାରେ ନିଜ ରକ୍ତ
ଯାର ହସର ଦମ୍ଭରେ ଶତ୍ରୁ ହୁଏ ଆଚମ୍ବିତ
ସିଏ ଦେଶପ୍ରେମୀ ସିଏ ଅଟେ ଦେଶଭକ୍ତ... @

ନିଜସୁଖ ଛାଡି ଯିଏ ସାଜେ ସଦା ଜାଗ୍ରତପ୍ରହରୀ
ପ୍ରାଣ ଲୋଭେ ଯାଏନି ସେ ଶତ୍ରୁ ପାଖେ ଡରି
ସିଏ କି ଡରିବ ଦେଖି ଗୁଳିଗୋଳା ଭୀତି
ମାଟି ପାଇଁ ପ୍ରାଣ ଦେଇ
ଠିଆ ହୁଏ ଦେଖେଇ ତା ଛପନ ଇଞ୍ଚର ଛାତି.. @

ଇତିହାସ ଗାଏ ଆଜି ବୀରତ୍ୱର ଗାଥା
ଭଗତ, ବାଜିଆ ପୁଣି ସୁଭାଷ ଙ୍କ କଥା
ତାଙ୍କ ତ୍ୟାଗ ଦେଶପ୍ରେମ ହେବ ନାହିଁ ବୃଥା
ଶତ୍ରୁ ପାଖେ ବିକିବାନି ଆମେ ନିଜ ମଥା... @

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିସ୍ୱାର୍ଥ ରେ ମାଟି ମା କୁ ପ୍ରେମ କରେ ଯିଏ
ଇତିହାସେ ଦେଶପ୍ରମୀ ସିଏ ଯେ ବୋଲାଏ
କେବଳ ଯେ ଦେଶଭକ୍ତ ନୁହଁଇ ସୈନିକ
ଖାଦ୍ୟ ଦେଇ ଦେଶପ୍ରେମୀ ବୋଲାଏ କୃଷକ
ଡାକ୍ତର ଶିକ୍ଷକ ଅବା ହେଉ ସେ ଶ୍ରମିକ
ତ୍ୟାଗ ସେବା ବ୍ରତେ ହୁଏ ସେ ଦେଶ ପ୍ରେମିକ...@

ହେ ମୋର ଦେଶପ୍ରେମୀ ଛାତିଦମ୍ଭେ ଗାଆ
ଶେଷ ରକ୍ତ ବିନ୍ଦୁ ଥିବାଯାଏ ସଦା ଲଢୁଥାଆ
ସ୍ୱସ୍ୱାର୍ଥୀ, ଅହଙ୍କାରୀ କଲେଣି ଯେ ପଣ
ଧ୍ୱଂସ କରିଦେବେ ସାଜି ଗୃହଶତ୍ରୁ ବିଭୀଷଣ
ଦେଶର ସ୍ୱରାଜ୍ୟପଥେ ଅଛି ଯେତେ ଗାଡ଼
ପୂର୍ଣ୍ଣ କରିଦେବେ ଦେଇ ତହିଁ ଗରିବଙ୍କ ହାଡ
ଦେଶ ପାଣ୍ଠି ପସେଇବେ ନିଜରି ଅଣ୍ଟିରେ
ଦେଶଦ୍ରୋହୀ ସାଜିଯିବେ ଦେଶବାସୀଙ୍କ ପିଠିରେ..... @@

କାକଟପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୃପା ନିର୍ମାଲ୍ୟ

ସରୋଜିନୀ ମିଶ୍ର

ହେ ପ୍ରଭୂ ବିଶ୍ୱେଶ୍ୱର
ହର୍ତ୍ତାକର୍ତ୍ତା ବିଶ୍ୱର
ତୁମରି ବିଶ୍ୱ ଯାଏ ଭାସି
କରୋନା କରେ ନାନା
ଉପଦ୍ରବ ମଣିମା
ତରସି ଗଲେ ବିଶ୍ୱବାସୀ
ହେ ବିଶ୍ୱକର୍ତ୍ତା
ବିଶ୍ୱକୁ ରକ୍ଷାକର ଆସି ।

ହେ ପ୍ରଭୂ ଜଗନ୍ନାଥ
କୃପାଳୁ ଦୟାବନ୍ତ
ଭକତବତ୍ସଳ ଦୁଃଖହାରୀ
ହେ ଗତି ମୁକ୍ତିଦାତା
ସୃଷ୍ଟିର ରକ୍ଷାକର୍ତ୍ତା
ଅଭୟ ଦାୟକ ଚକ୍ରଧାରୀ
ହେ ମହାବାହୁ
ଭକତେ ରଖହେ ଉଦ୍ଧାରୀ ।

ହେ ପ୍ରଭୂ ଲୀଳାମୟ
ନାଶି କରୋନା ଭୟ
କୃପାନିର୍ମାଲ୍ୟ ଦିଅ ବିଞ୍ଚି
କରୋନାର ସଂହାର
କରହେ ଚକ୍ରଧର
କଳିର କରାଳ ରୂପ ଧ୍ୱଂସି
ହେ ମହାବାହୁ
କରୋନାକୁ ନାଶକର ଆସି ।

ଆଲୋକ ନଗର, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶରଧାବାଲିରେ ତିନିଠାକୁର

ସୌମ୍ୟରଞ୍ଜନ ସାହୁ

ଶରଧା ବାଲିରେ ତିନି ଠାକୁର,
ରାଜା କରୁଛନ୍ତି ନ୍ୟାୟ ବିଚାର
ବାମରେ ସେ ଜଗନ୍ନାଥ ଠାକୁର ,
ହାତଯୋଡି କର ତାଙ୍କୁ ନମସ୍କାର ,
ଠାକୁର ନୁହେଁ ସେ ଆମ ଜୀବନ ,
ଗୁରୁଜନମାନେ ଦେବ ସମାନ ,
ସଭିଙ୍କ ପାଟିରେ ତାଙ୍କରି ନାମ ,
ଦେଶ ଜାତି ଲାଗି କରିବା କାମ,
ପୁରୁଷଉମ ଦେବ ହେଲେ ତ ରାଜା,
ସୁଖୀ ରହିଲେ ସବୁ ପରଜା,
ତାଙ୍କ ଚକ୍ର ଅଟେ ସୁଦର୍ଶନ,
କରିବ ପାପର ବିନାଶନ,
କଳିଯୁଗର ତୁମେ ଠାକୁର,
କର ବିନାଶ ପାପର,
ଅପାର କରୁଣା ମୟୀ ତୁ ସିନ୍ଧୁ ସାଗର,
ତୋ କୂଳରେ କେତେ ବିରାଟ ନଗର,
ଏତେ ପାପକୁ ସହି
ମନରେ ରଖି କାହାକୁ ପାରୁନୁ କହି ,
ତାଙ୍କ ଆଗେ ଅରପି ଶିର,
ରାକ୍ଷସ ମାଗୁଛି ଆମର ବର,
ଶରଧା ବାଲିରେ ତିନି ଠାକୁର
ଏ କଳି କାଳେ ତୁମେହିଁ ସାହାରା,
ଜଗତ ଜନଙ୍କ ପାଇଁ ,
ଲୋଡୁଅଛୁ ଆମେ ତୁମ୍ଭର ଦର୍ଶନ ,
ବିପଦୁ ଉଦ୍ଧାର ପାଇଁ ,
ଏ କାଳ କରାଳେ କଳ୍କୀ ନ ସାଜି
ଉଦ୍ଧାରି ଦିଅ ପ୍ରଭୁ ହେ ,
ଜୟ ଜଗନ୍ନାଥ ସ୍ୱାମୀ ହେ,
ଜୟ ଜଗନ୍ନାଥ ସ୍ୱାମୀ ହେ ।

ଶ୍ରୀଚନ୍ଦନପୁର, କେନ୍ଦ୍ରାପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜନ୍ମଦାତ୍ରୀ ମାତା

ଦୀପକ ଷଡ଼ଙ୍ଗୀ

ଜନ୍ମଦାତ୍ରୀ ତୁ ମୋର ପାଳନ କର୍ତ୍ତା
ତୁ ଅଟୁ ମୋର ସ୍ନେହମୟୀ ମାତା
ତୁ ମୋର ମାତା ତୁ ମୋର ଦାତା
ତୁ ହିଁ ମୋ ଭାଗ୍ୟ ବିଧାତା

ମଧୁକାଳେ ମଧୁ କଣ୍ଠର ଶବଦ
ମାନସ ପାଟରେ ଶୁଭେ ଯାର ନାଦ
ମନୋହର ମୁରତି ମଧୁର ଯା'ର ଛବି
ମା ସେହି ମୋର ମରତର ଦେବୀ

ମନକୁ କିଣିଛି ଶୈଶବ ମୋହର
ମନେ ଅଛି ମୋର ସ୍ମୃତି ଯେ ଚିର ସୁନ୍ଦର
ମଧୁର ତାଳରେ ସଙ୍ଗୀତ ମୂର୍ଚ୍ଛନା
ମନେ ପଡିଗଲେ ହୁଏ ଅନାମନା

ମଥାକୁ ଆଉଁସି କହେ ସେ କାହାଣୀ
ମହତପୁରୁଷ ପୁଣି ବୁଢୀ ଅସୁରୁଣୀ
ମା ଅଟେ ମୋର ସ୍ୱୟଂ ବସୁନ୍ଧରା
ମରିବା ବଞ୍ଚିବା ଲାଗି ସେ ମୋ ସାହାରା
ମାତୃ ସେବା ମୋର ପୂର୍ଣ୍ଣ ଅଧିକାର
ମା ଶବ୍ଦ ପରି ନାହିଁ କେ ନିଜର

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ କଲେଜ
ବ୍ରହ୍ମପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୦୩୧୯୭୯୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିକ୍ଷକତା

ଚୈତନ୍ୟ ପ୍ରସାଦ
ମେହେର

ଶିକ୍ଷକତାକୁ କରିଛି ଆଜୀବନ ପେଷା
ଉଚିତ ଶିକ୍ଷା ଦେବାକୁ ପ୍ରବଳ ନିଶା ।
ଜ୍ଞାନ ଆହରଣ ପଥେ ମନରେ ଇଚ୍ଛା
ତାକୁ ବାଣ୍ଟି ଗଢିବା ଛାତ୍ରଛାତ୍ରୀ ସଚ୍ଚା ।
ସମାଜଠୁ ଶିଖଇ ମଣିଷତ୍ୱର ଭାଷା
ପୁସ୍ତକଠୁ ଘେନଇ ଜ୍ଞାନ, ବିଜ୍ଞାନରାସା ।
ଚକ୍, ଡଷ୍ଟର୍ ମୋ ଦୁଇ ଅମୁଲ୍ୟ ସଖା
କଳାପଟା ସଂଗେ ଜାଳୁ ଜ୍ଞାନର ଶିଖା ।
ମନ ଖୁସିରେ ନାଚେ ଦେଖି ଛାତ୍ରୀ ଛାତ୍ର
ଶ୍ରେଣୀ କକ୍ଷେ ବଢେ ଉତ୍ସାହିତ ମାତ୍ର ।
ନିର୍ଭୁଲ ଶିକ୍ଷାଦାନ ରୁହେ ସଦା ଚେଷ୍ଟା
ସେଥିପାଇଁ ସଠିକ ଶିକ୍ଷା ପ୍ରସ୍ତୁତି ଓ ନିଷ୍ଠା ।
କର୍ମ ଆତ୍ମ-ସନ୍ତୋଷକୁ କରଇ ଆଶା
ବିଷୟ ବୁଝେଇ ଖୋଜେ ଛାତ୍ରଙ୍କ ହାସା ।
ଭାବୁଛି ବାଛିଚି ଉତ୍ତମ କାର୍ଯ୍ୟର ରାହା
ଅହରହ ଅପେକ୍ଷାରେ ଠାକୁରଙ୍କ ସାହା ।

ସିଂହନପୁର, ପଦ୍ମପୁର
ମୋ :୮୨୪୯୧୧୫୬୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଳିଆ ପ୍ରୀତି

ପ୍ରମିଳା ଦାସ

ପଥରଟେ ମତେ କରିଦେ କାଳିଆ
ସବୁଦିନ ପଡିଥିବି,
ଯେତେ ନର ଲୋକ ଚଢିଚାଲୁଥିବେ
ସେତେ ମୁଁ ତତେ ଝୁରିବି ।

ତୋର ବଡଦାଣ୍ଡତ ଛୁଇଁ ମୁଁ ପାରୁନି,
ପାଦ ମୋର ଯାଏ ରୋକି,
ଜଗତର ନାଥ ଆହେ ଜଗନ୍ନାଥ
ପାରିଲିନି ହାତ ଟେକି ।

ତୋ ରଥ ଦଉଡ଼ି ଟାଣିବା ପାଇଁରେ
କର୍ମ ହିଁ ମୁଁ କରିନାହିଁ,
ତୋ ଗରୁଡ ଖମ୍ବ ଧରିବା ପାଇଁରେ
ହାତ ମୋର ପାଉନାହିଁ ।

ତୋ ସିଂହ ଦୁଆରେ ଭିକ୍ଷା ମାଗିବାକୁ
ଝୁଲି ମୋର ହାତେ ନାହିଁ,
ତୋର ବେତ ମାଡ ଖାଇବା ପାଇଁରେ
ଭାଗ୍ୟରେ ମୋ ଲେଖା ନାହିଁ ।

ତୁଳସୀ ଟିକିଏ ପାଇବା ପାଇଁରେ
ଆସିଥିଲି ଧାଇଁ ଧାଇଁ,
ତୋ ଅବଢ଼ା ଅନ୍ନ ଖୋଜିବାକୁ ଯାଇଁ
ବାଟବଣା ହେଲି ମୁହିଁ ।

ବାଇଶି ପାହାଚ ଛୁଇଁଦେଲେ ଥରେ
ପାପ ସବୁ ଯାଏ ଧୋଇ,
ତୋ ଚକା ନୟନ ଦେଖିଦେଲେ ଥରେ
ମୋକ୍ଷ ପାଇଯାଏ ମୁହିଁ !
ମୋକ୍ଷ ପାଇଯାଏ ମୁହିଁ ।

ଚଣ୍ଡିଖୋଲ, ଯାଜପୁର (ନୂଆସୁଙ୍ଗୁଡା)
ଫୋନ୍ ନଂ - ୭୯୯୧୦୨୯୩୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଃଶବ୍ଦ ମୂର୍ଚ୍ଛନା

ନିବେଦିତା ଜେନା

ଦର୍ପଣରେ ନିଜ ବୟସର ପରିପକ୍ୱତାକୁ
ସହଜରେ ସ୍ୱାଗତ କରି ନପାରି
ଭାବୁଥିଲି ଯଦି କେବେ ସମୟକୁ
ଧରି ରଖିବାର ସୌଭାଗ୍ୟ ଥାଆନ୍ତା ତେବେ...

ହୁଏତ ସବୁଦିନ ପାଇଁ ମୁଁ
ଧରି ରଖିଥାନ୍ତି ସେ ପିଲାଦିନର ଚପଳତାକୁ...
ସେ ଜହ୍ନମାମୁଁର ଫର୍ଦ୍ଦରେ
ମୋତେ ସତ ଲାଗୁଥିବା
ରାଜାରାଣୀର କାହାଣୀକୁ...
ସେ ଆର୍ଦ୍ର ଆଷାଢ଼ର
ବର୍ଷାଭିଜା ମାଟିର ବାସ୍ନାକୁ...
ଅନ୍ଧାର ରାତିରେ
ପୂର୍ଣ୍ଣିମାର ଜହ୍ନ ସଙ୍ଗେ
ମନର ନିବିଡତାକୁ...

କିନ୍ତୁ ସେ ମୁହୂର୍ତ୍ତକୁ ଆଜି ବି
ସାଇତି ରଖିଛି ହୃଦୟର କେଉଁ
କୁହୁକ ପେଢ଼ିରେ ସ୍ମୃତି ରୂପରେ,
ସେ ଯେ ନଶ୍ୱର...
ଆଜି ବି ସେ ନିଶବ୍ଦ ମୂର୍ଚ୍ଛନା
ମୋର ମନରେ ସୃଷ୍ଟି କରେ ଅନେକ
ତରଙ୍ଗ.....

ସାଗରର ଉତ୍ତାଳ ଢେଉ ବେଳାଭୂମିକୁ
ସ୍ପର୍ଶକରି ଫେରିଯିବା ପରି
ସେ ମୋତେ ଫେରେଇ ଦିଏ
କିଛି ଅନ୍ତରଙ୍ଗ ମୁହୂର୍ତ୍ତକୁ
ଯେଉଁ ନିଶବ୍ଦ ମୂର୍ଚ୍ଛନାକୁ
ନେଇ ମୁଁ ହୋଇଯାଏ
ଆତ୍ମ ବିଭୋର .....

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଜ ଗୀତ

ତପନ କୁମାର ଦାସ

ନବ ସକାଳର ସୁନେଲି କିରଣେ
ହସି ଉଠେ ଆଜି ସୁରୁଜ
ସତ ଅପେକ୍ଷାର ସୀମାଲଙ୍ଘି ଆଜି
ଆସିଛି ପହିଲି ରଜ ।।

ପ୍ରତିଟି ଓଡ଼ିଆ କୁଆଁରି ମନରେ
ଭରିଛି ଆନନ୍ଦ ଉର୍ଜା
ନାଚଗୀତ ସଙ୍ଗେ ରଜଦୋଳି ଖେଳି
ବନ୍ଧୁ ମେଳି ସାଜସଜ୍ଜା ।।

ପାଦରେ ଅଳତା ଗଭାରେ ଗଜରା
ହାତରେ ଫୁଟାଇ ଚିତା
ଲୁଡୁଖେଳ ସଙ୍ଗେ ନବରତ୍ନ ପାନ
ହାତେ ଧରି ପୋଡପିଠା ।।

ପୁଅମାନଙ୍କର କବାଡି ଖେଳକୁ
ଝିଅମାନଙ୍କର ପୁଚି
ଖୁସିର ଆସର ଗାଁଦାଣ୍ଡେ ଜମେ
ଗୀତ ଗାଇ ନାଚ ନାଚି ।।

ଓଡ଼ିଆ ଜାତିର ପ୍ରମୁଖ ପରବ
ତିନିଦିନର ଏ ରଜ
ପ୍ରାଚୀନ କାଳରୁ ପାଳନ ହେଉଛି
ବିଧାତା କରିଛି ଧାର୍ଯ୍ୟ ।।

ଅଶୁଭ ସମୟ ଧରିତ୍ରୀ ମାତାର
ବ୍ୟାପିଅଛି ମହାମାରୀ
ପ୍ରତିଟି ପରବ ପାଳନ କରିବ
ଦୂରତାକୁ ରକ୍ଷା କରି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶକ୍ତିଶାଳୀ ଏହି କୋରନା ଭୁତାଣୁ
ନେଲାଣି ବହୁତ ଜୀବନ
ହସ୍ତକୁ ପ୍ରକ୍ଷାଳି ମୁଖାବଦ୍ଧ କରି
ହେବା ଆମେ ସଚେତନ ।।

ଅସମ୍ଭବ ଆମେ ସମ୍ଭବ କରିବା
ପ୍ରତିକାର ଯେତେ ପାଳି
ନିଜକୁ ନିଜେ କରି ନିୟନ୍ତ୍ରଣ
କୋରନାର ଦେବା ବଳି ।।

ହସିବ ପୁଣି ଏ ମାନବ ସମାଜ
ନବଯୁଗ ହେବ ପ୍ରାରମ୍ଭ
ସର୍ବେ ନିଜେ ନିଜ କର୍ମକ୍ଷେତ୍ରେ ଫେରି
ଆଣିବା ଦେଶର ଗୌରବ ।।

ହସିବ ବସୁଧା ହସିବ ଗଗନ
ହସିବେ ବାଳୁତ ବୃଦ୍ଧ
କାଳିଆ ଦର୍ଶନେ ପ୍ରଫୁଲ୍ଲିତ ମନେ
କାର୍ଯ୍ୟ ହେବ ସବୁ ସିଦ୍ଧ ।।

ଭାବ ଓ ଅଭାବ ଲାଗି ରହିଥିବ
ନ ଛାଡ଼ିବା ସ୍ୱାଭିମାନ
ପିତାମାତାଙ୍କର ଯତ୍ନ କରୁଥିବା
ରଖିବା ସନ୍ତାନ ମାନ ।।

ରଜ ଉପଲକ୍ଷେ ସଭିଙ୍କ ପଶେ
ସାଧୁବାଦ ଓ ଶୁଭକାମନା
ମଙ୍ଗଳ ହେଉ ଏ ଜୀବ ସମାଜର
ଜଗା ଚରଣେ ମୋ ପ୍ରାର୍ଥନା ।।

ଶେରଗଡ଼, ଗଂଜାମ, ଓଡ଼ିଶା
ପିନ-୭୬୧୧୦୬
ଭ୍ରାମ୍ୟଭାଷ-୭୨୦୫୬୭୦୯୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତୃତ୍ୱର ଅନ୍ତଃସ୍ୱର

ମୃତ୍ୟୁଞ୍ଜୟ ପାତ୍ର

ମୁଁ କାହିଁକି ମନ ଦୁଃଖ କରିବି ଯେ ?

କେବେ ତ ତା ହାତରେ ଧରେଇ ଦେଇନଥିଲି

ଖେଳନା ବନ୍ଧୁକ ଟିଏ କି ପ୍ଲାଷ୍ଟିକ କଣ୍ଢେଇ ଟିଏ

ମାଟିବାଲି ଆଉ ସଢେଇ ଗଦେଇ

ତାକୁ କହୁଥିଲି

ଏମାନେ ତୋର ଖେଳସାଥୀ ।

ସେ ଖେଳୁଥିଲା,ମୂର୍ତ୍ତି କରୁଥିଲା,

ଆକାଶର ରଙ୍ଗ ଖୋଜୁ ଖୋଜୁ

ପ୍ରକୃତି ଭିତରେ ହଜି ଯାଉଥିଲା

କେବେ ଟେବୁଲ୍ ପାଖରେ ରାତି ଦିନ ବସି

ଅଙ୍କ କସିବାକୁ ,ଶବ୍ଦ ଘୋଷିବାକୁ

ମୁଁ ତାକୁ ପ୍ରବର୍ତ୍ତାଇ ନ ଥିଲି ।

ଡାକ୍ତର ଟିଏ, ଇଞ୍ଜିନିୟରଟିଏ

କି କଣ୍ଟ୍ରାକ୍ଟର ହେବାର ପ୍ରଲୋଭନ

ମୁଁ ତା ଭିତରେ ରୋପି ଦେଇ ପାରିନଥିଲି ।

ସେଥି ପାଇଁ ବିଫଳ ମାତୃତ୍ୱର ଲାଞ୍ଛନା ସହିଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିନ୍ତୁ, ତା ଭିତରେ ମୁଁ ଆଉ କିଛି ଖୋଜୁଥିଲି ।

ପଞ୍ଚାନବେ କି ଆଠାନବେ ଶତକଡା

ମସ୍ତିସ୍କ କସରତ ଅପେକ୍ଷା

ଏକ ଶତକଡା ହୃଦୟକୁ ବଡ଼ ଭାବୁଥିଲି ।

ହୋଇପାରେ ଏହା ଏକ ଭୁଲ୍ -

କାହାର ତଣ୍ଟି କାଟି, କାହାକୁ ପଛକୁ ଠେଲି

ଆଗେଇ ଯିବା ଯଦି ଜୀବନ,

ବାହୁରେ ବାହୁ ଛନ୍ଦି, ଲୁହରେ ଲୁହ ଢାଳି

ସମବେଦନା ର ସ୍ୱରଟିଏ ତୋଳିବା

ତା ହେଲେ କଣ ନିରଥର୍କ ? ନିଷ୍ପ୍ରାଣ ? ?

ଅର୍ଥରେ ମପାହୁଏ ଯଦି ମାନବିକତା,

ପଦରେ ମାପାହୁଏ ଯଦି ମଣିଷପଣିଆ,

ପଦବୀରେ ଯଦି ପାଇ ହୁଅନ୍ତା ସହୃଦୟତା,

କ୍ଷମତାରେ ଯଦି ଥାନ୍ତା ନିର୍ମଳ ମଧୁର ଆନ୍ତରିକତା,

ତା ହେଲେ ବାରମ୍ବାର ମୁଁ ଯାଚନା କରିଥାନ୍ତି

ଭିକ୍ଷା କରିଥାନ୍ତି, ଲୋଡି ବୁଲିଥାନ୍ତି

ପ୍ରଭୁ ହେ !

ଟୋପାଏ ମାତ୍ର ସେ ଅମୃତରୁ ମତେ ଦିଅ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାତ୍ର ,ନା ପାରିଥିଲି ,ନା ପାରିଲି

ବିଷ୍ଫୁରକ ଝରଣାର ସ୍ରୋତ ଅପେକ୍ଷା

ମରିଥିଲା

ଅଗନାଗ୍ନି ବନସ୍ତର ନିଥର ପାଦପଟି ।

ସେଥିପାଇଁ ତ

ମନ ଭରି ରକ୍ତାକ୍ତ ହୋଇଛି କେତେବାର

ଆହତ ହୋଇଛି ବାରମ୍ବାର

ଏ ଉଦ୍ଭଟ ଭାବନା ଅର୍ଥହୀନ ବୋଲି

ଆପେକ୍ଷ ସହିଛି ବହୁବାର ।

କିନ୍ତୁ ବୁଝିପାରି ନ ଥିଲି -

ମସ୍ତିଷ୍କ ପ୍ରବଣ ପୃଥିବୀର ହଳାହଳ ଭିତରେ

ପୁଣି ସେଇ ଜିନିଷଟିର ଖୋଜା କାହିଁକି .. ?

ସେଇ ଜିନିଷଟି ର ଲୋଡ଼ା କାହିଁକି ?

ଲୋଡ଼ା ହୁଅନ୍ତା ନାହିଁ

ଅହଂକାର ଶୂନ୍ୟ ଟୋପିଏ ମାତ୍ର ଅମୃତର

ଦୁର୍ମୂଲ୍ୟ, ଦୁଷ୍ପ୍ରାପ୍ୟ ଚେନାଏ ମାତ୍ର ହୃଦୟର ? ?

ବାଲେଶ୍ୱର, ବାଲିଆପାଳ, ୭୫୬୦୨୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଜ୍ୟ ସରକାର

ଅଜିତ ପଧାନ

ଧନ୍ୟ ଧନ୍ୟରେ ରାଜ୍ୟ ସରକାର,
ବିଚିତ୍ର ତୁମ ଶାସନ କାଇଦା
ବିଶ୍ୱରେ ନାହିଁ ତାର ପଟାନ୍ତର ।
ଧନ୍ୟ ଏ ରାଇଜ, ଧନ୍ୟ ରାଜନେତା,
ଗୁରୁଛାତ୍ରଙ୍କୁ ତାଲିମ କରାଇ ତାଙ୍କୁ
କେତେ କରୁଛ ହଟହଟା ।
ଶିକ୍ଷାବ୍ୟବସ୍ଥାକୁ ନଜର ନଦେଇ ଆଡ଼ ଦେଖା ନୀତିକର,
ଆଶାୟୀ ଦାବିକୁ ହେୟ ମନେ କରି
ନଶୁଣ କଥା ତାଙ୍କ ବାରମ୍ବାର ।
ଶିକ୍ଷକ ପଦବୀ ଖାଲି ପଡ଼ିଅଛି ନୂତନ ନିଯୁକ୍ତି ନାହିଁ,
ରାଜ୍ୟେ ରାଜା ଯେବେ ବେପରୁଆ ହେବେ
ବିଚାର ମିଳିବ କାହିଁ !
ଧନ୍ୟ ଧନ୍ୟରେ ରାଜ୍ୟ ସରକାର
ଧନ୍ୟ ଧନ୍ୟରେ ଓଡ଼ିଶା ସରକର
ଧନ୍ୟ ଧନ୍ୟରେ ଓଡିଶା ସରକାର ।

କଳାପଥର, ସୁବର୍ଣ୍ଣପୁର, ୮୦୧୮୧୭୭୧୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସନ୍ଥକବି ଭୀମଭୋଇ

ରାଧାମୋହନ
ପୂଜାହାରୀ

ସନ୍ଥ କବି ଭୀମ ଭୋଇ ଅଟନ୍ତି ମହାନ,
ଓଡ଼ିଶାର 'କବୀର' ସେ ଏକଥା ଯେ ଜାଣ ।
ଜନ୍ମିଥିଲେ ରେଢ଼ାଖୋଲ କନ୍ଧରା ଗ୍ରାମରେ,
ପ୍ରଚାରିଲେ ଧର୍ମ ସେ ଯେ 'ମହିମା' ନାମରେ ।
ଜନ୍ମାନ୍ଧ ହୋଇବି ସେ ଯେ ରଚିଲେ କବିତା,
ନିଷ୍ଠା ଦେଖି ଖୁସି ହେଲେ ସ୍ୱର୍ଗରେ ସବିତା ।
ପ୍ରଭୁ ନିର୍ବିକାର ବୋଲି ମତ ସେ ଦିଅନ୍ତି,
ଗୁରୁଙ୍କୁ ସେ ଶ୍ରେଷ୍ଠ ବୋଲି ଆଶିଷ ନିଅନ୍ତି ।
ଗୁରୁ ସେବା ତାଙ୍କପାଇଁ ସର୍ବୋପରି ଅଟେ,
ଅନ୍ୟ ଦୁଃଖ ଦେଖି ତାଙ୍କ ଦିବସ ଯେ କଟେ ।
ନିରକ୍ଷର ହୋଇ ମଧ୍ୟ ଅଟନ୍ତି ପଣ୍ଡିତ,
ବାହ୍ୟ ଆଡମ୍ବର କୁ ଯେ କରନ୍ତି ଖଣ୍ଡିତ ।
ଜାତିପ୍ରଥା ବିରୋଧରେ ସ୍ୱର ଉଠାଇଲେ,
ମାନବ ପ୍ରାଣରେ ସେ ଯେ ହସ ଫୁଟାଇଲେ ।

କବିଙ୍କ ମଧ୍ୟରେ ତାଙ୍କ ତୁଳନା ଯେ ନାହିଁ,
ତାଙ୍କ ପରି ସନ୍ଥ କବି ନ ଥିବେ ଯେ କାହିଁ ।
ହିନ୍ଦୀରେ କବୀର, ଓଡ଼ିଆରେ ଭୀମ ଭୋଇ,
ଉଭୟଙ୍କୁ ଗୁରୁରୂପେ ମୁଁ ଯେସର୍ବଦା ସେବଇ ।
ପ୍ରାଣୀଙ୍କର ଦୁଃଖ ସିଏ ସହି ନ ପାରିଲେ,
ନର୍କେ ଠେଲିଦେଇ ନିଜ ପ୍ରାଣ ଯେ ହାରିଲେ ।
ଖଲିଆପାଲିରେ ସେ ଯେ ସମାଧିସ୍ଥ ହେଲେ,
ମାନବବାଦର ସିଏ ବାର୍ତ୍ତା ସର୍ବେ ଦେଲେ ।

ଗ୍ରାମ : ଲସ୍ତୁଲା, ବ୍ଲକ : ଉଲୁଣ୍ଡା
ଜିଲ୍ଲା : ସୋନପୁର
ମୋବାଇଲ ନମ୍ବର : ୮୯୧୭୫୧୬୮୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରାର୍ଥନା

ଜ୍ୟୋତ୍ସ୍ନାମୟୀ ପଲେଇ

ଦିବ୍ୟପ୍ରେମର ଦିବ୍ୟଭାବନା ଭରିଦିଅ ପ୍ରଭୁ ମନେ,
ତୁମ ଚିନ୍ତାବିନା ଆନ କୋ ଭାବନା ନ ପଶୁ ଏ ମନେ ।।
ସୁନ୍ଦର ଜଗତେ ସୁନ୍ଦରଜୀବନ ଦେଇଛ ତମେ ତ ଯାଚି,
ଲୋଡାନାହିଁ କିଛି ମତେ ପ୍ରଭୁ ଆଉ ଥାଉ ତୁମ ଦୟାଦୃଷ୍ଟି ।।
ତବ ପାଦତଳେ ଜାଗାଦିଅ ପ୍ରଭୁ ଘଣ୍ଟ ଘୋଡେଇକି ରଖ,
ପତିତପାବନ ଉଡୁଥାଉ ତବ ହସୁଥାଉ ଏ ଜଗତ ।।
ଅତୁଟ ବିଶ୍ୱାସ ଭରିଦିଅ ହୃଦେ କେବେ ଯେମିତି ନା ଭାଙ୍ଗେ,
ଡରିଯିବି ନାହିଁ, ଝଡ଼ଝଞ୍ଝା ଦେଖି, ସାମନା କରି ବି ଦମ୍ଭେ ।।
ହୃଦୟରେ ମୋର ପବିତ୍ରତା ଥାଉ ଜାଗିଥାଉ ମାନବତା,
ଧର୍ମ କର୍ମ ମୋକ୍ଷ ପ୍ରାପ୍ତହେଉ ପ୍ରଭୁ ଜୀବନେ ଭର ପୂର୍ଣ୍ଣତା ।।
ହେ ଜଗତନାଥ ଜୀବନ ଈଶ୍ୱର ତମେ ତ ସବୁରି ଘଟେ,
ତୁମ ଦାନ ଏଇ ସୁନ୍ଦର ଜୀବନ ଲାଗୁ ଜଗତ ରହିତେ ।।
ହେ ଜଗତ ସାଇଁ ! ତବ ପଦଧ୍ୟାୟୀ ଜୀବନଟା ଯାଉ କଟି,
ଏହି ଅଳିକରେ ଅଧମ ସନ୍ତାନ ତବ ପାଦତଳେ ଲୋଟି ।।

ବେଲଗୁଣ୍ଡା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଦ୍ରୋହର ରଙ୍ଗ

ସୁଚିସ୍ମିତା ଦାସ

ସେ ଜାଣେ ନାହିଁ
କେମିତିକା ଲୋଡ଼ା ତାକୁ ବିଦ୍ରୋହ
ଗିଲୋଟିନରେ ଶୋଷଣର ବେକ ଥୋଇ
ବନ୍ଧୁକର ନଳୀରେ ଦମନର ଗୁଳି ଭରି
ବୁଢା ମାଙ୍କଡପରି ନାଚିବୁ
ଯେମିତି ନଚେଇବମଦାରି ।

ନହେଲେ ଧରିବୁ କଲମ
କାରାଗାରେ ଲେଖିଯିବୁ ଆତ୍ମାର ଆହ୍ୱାନ
ଜାତି ଆଉ ଧର୍ମର ନାରା ଦେଇ
ବସିଯିବୁ ଜାତୀୟ ରାଜପଥର ତଣ୍ଟି ଉପରେ
ଧୂଳିପରି ଉଡିଯାଉ ପଛେ
କୋଉ ଅନାମ ଖଟିଖିଆର ମୂଲ୍ୟହୀନ ପ୍ରାଣବାୟୁ ।

ବନ୍ଦ ଆଖିକୁ ଭାରି ସାଜିବ
ମୁହଁରେ ତୋର ବିକ୍ଷୋଭର କଳାପଟି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମହମବତୀରେ ଜୀବନ ଫୁଙ୍କିବୁ

ଖବରକାଗଜର ଅଲୋଡ଼ା ପୃଷ୍ଠାକୁ ଜାଳି

ଅଲିଭା କାଳିରେ ଦେଇଦେବୁଦସ୍ତଖତ ବିପ୍ଳବୀମାନଙ୍କ ଟିପାଖାତାରେ ।

ନିଷ୍କୃତି ନେ ସହଳ

କେଉଁ ରୂପରେ ଚାଁହୁ ତୁ ବିଦ୍ରୋହ

ବିଦ୍ରୋହର ଅନେକ ରଙ୍ଗ;

ଛେପ ପକେଇବୁ ସମାଜ ଛାତିରେ

ନା ଭୂତାଣୁ ହେଇପ୍ରସରିବୁ

ଅଙ୍କ ମଣିଷର ନିରୀହ ବିଶ୍ୱାସରେ ।

ସୁଚିସ୍ମିତା ଦାସ

ସହକାରୀ ଉପବିଭାଗ ଅଧିକାରୀ,

ଉଚ୍ଚଶିକ୍ଷା ବିଭାଗ, ଭୁବନେଶ୍ୱର, ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନେପଡ଼େ ଆଜି ସେହି ପିଲାଦିନ

ପ୍ରଭାତ ମିଶ୍ର

ମନେ ପଡ଼େ ଆଜି ସେହି ପିଲାଦିନ
ଯାହା କୋଳରେ ମୁଁ ନେଲି ଯେ ଜନମ
ଯାହା ହାତ ଧରି ଦେଖିଲି ଭୁବନ
ମନେ ପଡେ ଆଜି ସେହି ପିଲାଦିନ ।

ଯାହା ଆଖି ଆଗେ କଟିଲା ସେ ଦିନ
ଯାହା ମମତାରେ ହେଲା ମୋ ପାଳନ
ଯାହା ଆଦର୍ଶରେ ଗଢିଲି ଜୀବନ
ମନେ ପଡେ ଆଜି ସେହି ପିଲାଦିନ ।

ଯାହା ହାତ ଧରି କଲି ମୁଁ ଗମନ
ଯାହା ବେତ ଧରି ଖେଳିଲା ମୋ ମନ
ଅଧା ପେଟ ଖାଇ ଦେଲା ଯେ ଭୋଜନ
ମନେ ପଡେ ଆଜି ସେହି ପିଲାଦିନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲେଖାଇଲା ଯିଏ ଧରି ଏହି ତନ
ଗୁରୁ ଯେ ସାଜିଲା ଦେଇ ସତ୍‌ଜ୍ଞାନ
ରକ୍ତ ଢାଳି ନିଜ କଲା ଯେ ଗଠନ
ମନେ ପଡେ ପୁଣି ସେଇ ପିଲା ଦିନ ।

ସୁଖ ଦେଇ ଦୁଃଖ କଲା ଯେ ବରଣ
ନାନା ଅପବାଦ କଲା ସେ ଗ୍ରହଣ
ଦୁଖଃ ସହି ସୁଖ କଲା ଯିଏ ଦାନ
ଭୁଲି ହେଉନି ସେଇ ଆମ ପିଲାଦିନ ।

ସଂଘର୍ଷ ବିଷକୁ କଲା ଯିଏ ପାନ
ସୁଖ ଅମୃତ କୁ କଲା ମୋତେ ଦାନ
ଦୁଇ ଟି ଜୀବନ କଲା ଯେ ଗଠନ
ମନେ ପଡେ ପୁଣି ସେହି ପିଲା ଦିନ ।

ନାମ – ପ୍ରଭାତ ମିଶ୍ର
ଇମେଲ – prabhat11499@gmail.com

Magazine Downloaded from www.aahwaan.com

ଜୀବନ ଠିକଣା

ଜାନକୀ ନାୟକ

ଖୋଜୁଛି ଆଜି ମୁଁ ଜୀବନ ଠିକଣା

କିଏ ଆଣି ମତେ ଦେବ ?

ଖୋଜିବାଟା ମୋର ହେବକି ଶେଷ !

କିଏ ଆଜି କହିଦେବ ?

ଦୁନିଆ ଦାଣ୍ଡରେ ଜୀବନ ଖୋଜା ମୋ

ହୋଇଛି କି ଆଜି ଶେଷ ?

ବସନ୍ତ ପରଶ,ଫୁଲର ହସ,କୋକିଳର କୁହୁତାନ

କରେ ମତେ ଆନ ମନା ।

ବହୁଦିନେ ଆଜି ପଡେ ମୋର ମନେ

ପୁରୁଣା କଥାରୁ କିଛି ।

ସେ ଘର ଦୁଆର ଥିଲାକେତେ ଆପଣାର

ନୂଆଁଣିଆ ଘର ଚଟାଣ ଉପରେ କଟିଥିଲା ପିଲାଦିନ ।

କେତେ ଆଶା କେତେ ଭରସା ଥିଲା

ଏ ଜୀବନ ଠେଇଁ ମୋର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତରେ ପୂରଣ ହେବକି ଆଶା ମୋ

ଚାହିଁ ବସିଅଛି ଏ ମୋର ମନ ।

ଖୋଜୁଛି ଆଜି ମୁଁ ଜୀବନ ଠିକଣା

କିଏ ଆଣି ମତେ ଦେବ ।

ଅଧ୍ୟାପିକା ଜାନକୀ ନାୟକ

ସରକାରୀ ମହିଳା ମହାବିଦ୍ୟାଳୟ

ବାରିପଦା, ମୟୁରଭଞ୍ଜ

Magazine Downloaded from www.aahwaan.com

ଆହେ ଚକାଡ଼ୋଳା

ରାଜେନ୍ଦ୍ର ସାମଲ

ଆହେ ଚକାଡୋଳା,
    କିଏ ବୁଝିବ ତୋ ଲୀଳା....
ଦାରୁଦେହ ବହି ଗମ୍ଭିରାରେ ଥାଇ
    କରୁ କେତେ ରଙ୍ଗେ ଖେଳା
    ଆହେ ଚକାଡୋଳା....(୦)

ଭକତ ମେଳରେ ଖେଳ କରିବାକୁ
    ରଥ ତୁ ଗଢାଇଦେଲୁ
ପାଞ୍ଚ ଦିନ ଆଗୁ 'କରୋନା' ବାହାନା
    ନେଇ ମନା କରିଦେଲୁ,
ଭକତ-ସେବକେ କାନ୍ଦିଲେ ଅଧୀରେ
    ତୋର ଦରଶନ ପାଇଁ
ଲାଗିଲା ଅନେକେ ପରାଣ ହାରିବେ
    ରଥରେ ତୋତେ ନ ପାଇ
ଭକତର ଭାବ ବୁଝି ବାହାରିଲୁ
    ଶେଷରେ ରଥର ଖଳା
    ଆହେ ଚକାଡୋଳା.....(୧)

ନୂଆ ଇତିହାସ ରଚିଲ ଏଥର
    ବିନା ଭକତରେ ଯାତ
ସେବାୟତ୍ତ ରଥ ଚଢି ନ ଚଳିଲେ
    ଟାଣିଲେ ତୋହର ରଥ,
ଭକ୍ତ-ଅଧିକାର କାଢି ନେଇ ପ୍ରଭୁ,
    ତାହାକୁ ଘରେ ବସାଇ
ଯନ୍ତ୍ରାରୋଢ ହୋଇ ଦେଖା ଦେଇ ତାକୁ
    କି ଲାଭ ପାଇଲ ତୁହି
ରଥ ପରେ ପଥ ମନା କରି ଏତେ
    ଦୁଃଖ ଦେଉ ନନ୍ଦବଳା
    ଆହେ ଚକାଡୋଳା.....(୨)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେ ଯାତରେ ବଡଦାଣ୍ଡ ଭକ୍ତାଣ୍ଡର୍ବ
ଆଜି ଭକ୍ତଶୂନ୍ୟ ସେହି
ଯେ ଯାତରେ ବିଶ୍ୱଦାଣ୍ଡେ ରଥ ଗଡେ
ଆଜି ତ କେଉଁଠି ନାହିଁ,
ବିପତ୍ତି ବେଳାରେ ତୋ'ପରିକା ଦିଅଁ
ଧୀରେ ଧୀରେ ଦୂରେ ଯାଇ
କି ଲୀଳା କରୁଛ ବୁଝିପାରୁ ନାହିଁ
ଅଧମ-ଅଜ୍ଞାନ ମୁହିଁ,
ଦୂର ହେଉ ପଛେ ମୋତେ କଇଁ କର
ତମେ ମୋର ଶଶିକଳା
ଆହେ ଚକାଡୋଳା....(୩)

ନୁହେଁ ତତ୍ତ୍ୱଦର୍ଶୀ ମୁହିଁ କେଉଁ ଯୋଗୀ
ମୁଁ ଦୀନ ଭକତ ତୁମ
ଚରମ ବକ୍ଷୁରେ କେବଳ ଦେଖଇ
ତୁମ୍ଭକୁ ହେ ଦାରୁବ୍ରହ୍ମ,
ଏମିତିକା ଦୂରେ ଦୂରେ ଗଲେ ତୁମେ
କେମିତି ବାନ୍ଧିବି ଭାବ
ତୁମ ଭାବ ବିନା କେମିତି ଧରିବି
କୁହ ହେ ମୋହର ଜୀବ ?
ମୋ' ଭାବ-ଚନ୍ଦନ କୃପାକରି ଘେନ
ଅଥବା ବୁଡିବ ଭେଳା
ଆହେ ଚକାଡୋଳା.....(୪)

[ଅନେକ ବିବାଦ ପରେ ଏ ବର୍ଷ ବିନାଭକ୍ତରେ
ରଥଟଣା ହେବା ଅବସରରେ...]

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଁ ତୁମେ ମୋର ବନ୍ଧୁ

କ୍ଷୀରସିନ୍ଧୁ ନାୟକ

ସେହି ପାହାନ୍ତିଆ ସକାଳ
ସୂର୍ଯ୍ୟର ଆଗମନ ସମୟ ।
ପ୍ରତିଦିନର ସେହି ରାସ୍ତା,
ସେହି ବରଗଛ ,
ଠିକ୍ ସେହି ସମୟ ।

ସେହି ଗଛମୂଳରେ ଗାଲରେ
ହାତଦେଇ ଚିନ୍ତାମଗ୍ନରେ
ଅନ୍ୟମନସ୍କ ହୋଇ ବସିଛି ।

ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦର
ସମାହାରରେ,
ଦେଖିଲି ପକ୍ଷୀଟିଏ ।

ତାର ସେହି ଦୁଇ ନୟନ
ସତେ ଯେମିତି ମୋତେ ଅନେଇଛି ।
ସତରେ ଯେମିତି କହୁଛି
ଚିନ୍ତାକର ନହିଁ ।
ଯାହା ହେଇଛି ଭଲ ହେଇଛି ,
ଯାହା ହେଉଛି ଭଲ ହେଉଛି,
ଆଉ ଆଗକୁ ଭଲ ହେବ ।

ମାତ୍ର ଏତିକି କହୁଛି
କର୍ମରେ ଧ୍ୟାନ ଦିଅ ବନ୍ଧୁ, ଧ୍ୟାନ ଦିଅ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତେ ଅବା ତାର ଚିରିଙ୍ଗ୍

ଚିରିଙ୍ଗ୍ ଶବ୍ଦରେ କହୁଛି ,

ମୋତେ ଚିହ୍ନି ପାରୁନୁ

ମୁ ତୋର ପୁନର୍ଜନ୍ମର ବନ୍ଧୁ ।

ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦରେ ପୁଣି

ଚେଟେଇ ଦେଇ କହୁଛି ,

ତୋ କର୍ମଫଳରେ ତୋରାସ୍ତାରେ ।

ମୋ କର୍ମ ଫଳରେ ମୋ ରାସ୍ତାରେ ।

ଚିରିଙ୍ଗ୍ ଚିରିଙ୍ଗ୍ ଶବ୍ଦ କରି

ପୁଣି ନିଜ କର୍ମରେ ଲିପ୍ତ ହୋଇଛି ।

ବାସ୍ତବରେ ପକ୍ଷୀ ରୂପରେ

ତୁମେହି ମୋର ବନ୍ଧୁ ।

+୨(କଳା)

ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମକ ବିଦ୍ୟାଳୟ,

ବେହେରା, କଳାହାଣ୍ଡି, ୭୬୬୧୦୩ (ଓଡ଼ିଶା)

ମୋବାଇଲ୍ ନମ୍ବର୍ - ୮୦୬୦୩୪୮୫୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହସ ଆଉ ଲୁହ

ଭରତ ଧରୁଆ

ଜୀବନଟା ଏମିତି ଏକ
ହସିବାକୁ ହୁଏ ଯେବେ
ସୁଖର ପାହାଡ଼ରେ
କରଡ଼ି ମାରୁଥାଏ ଅମାପ;
ଏହା ତ ସୀମିତ ମାତ୍ର
ହୁଏ ଦୂର
ଯେମିତି ମରୁ-ମରୁ ମରିଚୀକା
ମରୁଭୂମିରେ...
ଏଥିରେ ଅନେକ ସାମିଲ ହୁଅନ୍ତି
ତା'ପରେ ସେମାନେ
ହୋଇଯାଆନ୍ତି
ଆକାଶ କୁସୁମ ଧୁଆଁ... ! ! !

ଜୀବନଟା ଏମିତି ଏକ
କାନ୍ଦିବାକୁ ହୁଏ ଯେବେ
ଦୁଃଖର ଲୁହରେ
ଝରି ଯାଉଥାଏ ଅସରନ୍ତି;
ଏଇ ଲୁହର ଦରଦ କେତେ
ବୁଝନ୍ତି ନାହିଁ
ଯେମିତି ମନେ ହେଉଥାଏ
ସେମାନଙ୍କୁ;
ଏହାକୁ ଲାଗୁଥାଏ ତୁଚ୍ଛ
ମାନେ ନାହିଁ ତାର କିଛି
ଖାଲି ମୂଲ୍ୟହୀନ ।

ନାଟ୍ୟମହର୍ଷି ଭରତ ଧରୁଆ
ପୁଡ଼ାପଦର, ରାଜ୍‌ଆଗଳପୁର,
ବଲାଙ୍ଗୀର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୪୩୫୨୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କ୍ରୀତଦାସ

ନାରାୟଣ ଚନ୍ଦ୍ର
ସେନାପତି

ଦିନଥିଲା

କେଇଟା ପଇସାରେ

ରାଜାସାମନ୍ତମାନେ କିଣୁଥିଲେ ଜୀଅନ୍ତା ମଣିଷ

ଇଚ୍ଛାନୁସାରେ ନିଷ୍ଠୁର ପରି ଖଟାଇ ଖଟାଇ

ବନାଉଥିଲେ ନିଷ୍ପେସିତ କ୍ରୀତଦାସ

ହେଲେ ଆଜି ବଦଳିଯାଇଛି

ସେଦିନର କଳଙ୍କିତ ଇତିହାସ

ତଥାପି ହୀନ ଅମଣିଷଙ୍କ ଅବିବେକୀ ହୃଦୟରେ

ଉଙ୍କି ମାରୁଛି ତାର ଦୁର୍ଗନ୍ଧ ବାସ ।

ଥରେ ମିଳିଗଲେ ଏ ଉପାଧି

ମଣିଷ ଭାବୁଥିଲା

ମିକିଗଲା ମୋତେ ଆସନ୍ନ ଭବିଷ୍ୟ ସମାଧି

ନ ଥିଲା ତା ସ୍ୱାଧୀନତା

ନଥିଲା ତା ଆଶା ଆକାଂକ୍ଷା

ନ ଥିଲା ତା ଜୀବନ ଦର୍ଶନର ସଂସ୍କାରିତ ବିଧି

ଖାଲି ଥିଲା

ଭୟ ଆଶଙ୍କା ଓ ଦୁଃଖ ଜର୍ଜରିତ

ତା ଦୟନୀୟ ଜୀବନ ପରିଧି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରାଧୀନ ଭାରତବର୍ଷରେ

ଲୁଚିଥିଲେ କେତେ

ଚୁଗୁଲିଆ ତୋଷମଦକାରୀ କ୍ରୀତଦାସ

ଯାହାଙ୍କ ପାଇଁ ଘୁଞ୍ଚି ଯାଇଥିଲା

ସ୍ୱାଧୀନତାର

ସ୍ୱପ୍ନର ତିନିଶହ ବର୍ଷ

ଏବେ ନିଜତ୍ୱ ବ୍ୟକ୍ତିତ୍ୱ ବିହୀନ କ୍ରୀତଦାସ

ଗୁଡାକ

ସମାଜର ଅମୃତ ଜଳରେ

ଛିଞ୍ଚୁଛନ୍ତି ହଳାହଳକ ବିଷ

ଟିକିଏ କୃତ୍ରିମ ପ୍ରେମ

ମରୀଚିକା ସମ ପ୍ରଶଂସା ପଛରେ ଗୋଡ଼ାଇ

ଗୋଡ଼ାଇ

ସାଜିଲେଣି ଅଷ୍ଟ୍ରେଲିଆର ବର୍ଣ୍ଣଶଙ୍କର ମେଷ

ବାଃ ବାଃ ରେ ଆଧୁନିକ କ୍ରୀତଦାସ ।

ଅମୁଲ୍ୟ ଜୀବନ ବିତାଇବାକୁ

ଯଦି ଚାହଁ ହେ ମଣିଷ

ଲଜ୍ଜ୍ୟା ଛାଡି ବନିଯାଅ

ପିତା ମାତା ଗୁରୁ ଭଗବାନଙ୍କ କ୍ରୀତଦାସ

ପ୍ରଗତି ବିକାଶ ସଂହତି ମାନେ

ନିଶ୍ଚୟ କରିବେ ରାହାସ

ସମାଜଟା ଶୃଙ୍ଖଳିତ ସାଜି

ବିଶ୍ୱଭ୍ରାତୃତ୍ୱର ଦେଖିବ ଚମ୍ପାଫୁଲିଆ ହସ

ସଭିଏଁ କହିବେ

ଯଦି ଚାହୁଁଚ ହେବାକୁ ଦାସ

ହୁଅ ଏଇପରି ସମ୍ମାନାନୀୟ କ୍ରୀତଦାସ ।

ଜମ୍ବରା, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ତବ୍ଧ ଉଦ୍ୟାନ

(ଅଭୟ ସ୍ମୃତିରେ...)

ସଂଜୀବ ଦାସ

କଥା ଭିନ୍ନ ଏ ବଗିଚାର ମାଳୀର ।

ତା ବୃକ୍ଷରାଜିର ଦେଖ ରେଖରେ ତିଳେ ନଥାଏ ଅବହେଳା ।

ସେଇଥିପାଇଁତ ଏତେ ସବୁଜିମା ତା ଆପଣାର ଛୋଟ ଉଦ୍ୟାନରେ ।

ସବୁ ଠିକ ଚାଲିଥିବାବେଳେ ବେଳେବେଳେ ଆକାଶ ଛିଡି ପଡ଼ିଯାଏ

କାହିଁକି, ବୁଝି ହୁଏନା ।

****

ବଗିଚାର ମାଳୀ ବେଳ ଥାଉଁ ଥାଉଁ ଅନ୍ତର୍ଦ୍ଧାନ କିମ୍ବା !

ନା ବୁଝୁଛି ଅଳୀଅଳି ଚମ୍ପା ନା ସରାଗରେ ଉଧେଇଥିବା

ତା ପସନ୍ଦର ଟଗର ମଲ୍ଲୀ ।

ହେପାଜତର ଲଟାମାନେ ମଉଳି ଗଲେଣି ଏଇ ଦିନ କେଇଟାରେ !

ହେ ମହାପ୍ରଭୋ ! ନିଷ୍ଠୁର ହାତଟାକୁ ଏବେ ବଢ଼ାଇବାରେ ଜିଦ୍ ଯେ ଧରିଲ,

ବାସିମହକୁଥିବା ଫୁଲସବୁ ଝରିଯିବେ ଯେ ଅକାଳେ !

ରହିଗଲା ବାକି ବଗିଚାର କେତେ ଯେ ପଉଟି ।

ମାଳୀଟାକୁ ଦେଲନି କାଣିଚାଏ ମହଲତ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏତେ ଅବିଚାର ତାହାରି ପାଇଁକି ?

ପୁତ୍ରଶୋକୁ ନିଜକୁ ସଜାଡି ଆଣୁଥିବା ଦରଦୀ ବନ୍ଧୁଙ୍କୁ ଏତେ ଯେ କଷଣ,

ଲାଗେ ବଜ୍ର ଅବା ପଡ଼ିଗଲା ସଂକୋଚ ଗଗନୁ !

ସମୟର ସୁଅତଳେ ଭାସିବା ଆଗରୁ,ମେଲିଦିଅ ତୁମ ମହାବାହୁ,

କନ୍ୟାରତ୍ନ ବନ୍ଧୁର ମୋହର ପାଶେ ରହି ଦିଅ ଶୁଭାଶିଷ,

ସ୍ତବ୍ଧ ଉଦ୍ୟାନରେ ଖିଲି ଖିଲି ହୋଇଉଠୁ ବୃନ୍ତଚ୍ୟୁତ ପ୍ରାୟ କଳିକା ଦୁଇଟି,

ମାଳୀର ଭୁମିକା ସମର୍ପିତ କରି ମ୍ରିୟମାଣ ବନ୍ଧୁ ପତ୍ନୀ ଠାରେ ।

(ପ୍ରିୟବନ୍ଧୁ ଅଭୟ କୁମାର ଦାସ (ଦୁଲୁ)ଙ୍କ ଅକାଳ ପରଲୋକଗମନରେ ଉତ୍ସର୍ଗୀକୃତ)

ଦୁଲୁର ଆତ୍ମା ଶାନ୍ତିରେ ରହୁ...

ସିଡିଏ, କଟକ, ଓଡ଼ିଶା

ଭ୍ରାମ୍ୟଭାଷ :୬୩୭୧୬୧୯୦୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭିଜା ମାଟିର ବାସ୍ନା

ସତ୍ୟବ୍ରତ ସାହୁ

ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ' ପ୍ରିୟା ତନୁର ବାସ,
ଆଷାଢ଼, ଶ୍ରାବଣ ବିରହ ଆଣେନା ମୋ' ପାଇଁ ତ ମଧୁ ମାସ ।(୦)

ପୁଲକିତ ଆଜି ତଟିନୀ,ବିପିନ, ଚାତକ,ଚାତକୀ,କେକୀ
ପ୍ରିୟା ମୋ' ବନାଏ କାଗଜର ଡଙ୍ଗା ବରଷାକୁ ଦେଖି,ଡାକି
ଘନ କୃଷ୍ଣ ମେଘ ଆକାଶେ ଲାଗଇ ସତେ ଅବା ପ୍ରିୟା କେଶ ।
ଭିଜା ମାଟିର ...(୧)

ଧରଣୀର ପ୍ରେମ ପାଇବାକୁ ନଭ ଦିଏ ଯେବେ ବର୍ଷା ଝାରି
ପହିଲି ବର୍ଷାରେ ଫୁଲେଇ ପ୍ରିୟା ମୋ' ଫେରେ ଶାଢ଼ୀ ଓଦା କରି
ବେଶୀ ବରଷିଲେ ଲାଗଇ ମରିଛି ପ୍ରିୟା ଓଠୁ ପ୍ରୀତି ହସ ।
ଭିଜା ମାଟିର ..(୨)

ଭିଜା ମାଟିର ଏ ବାସ୍ନା ଲାଗୁଛି ମୋ' ପ୍ରିୟା ତନୁର ବାସ
ଆଷାଢ଼, ଶ୍ରାବଣ ବିରହ ଆଣେନା ମୋ' ପାଇଁ ତ ମଧୁ ମାସ ।(୦)

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬,
ମୋ- ୯୩୩୮୧୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଫେରା ନଈ

ବିରେନ୍ଦ୍ର ନାୟକ

ଆଜି ବି ସେ ପଛପାଖ
କବାଟଟା ଠିଆମେଲା
ସେଇ କବାଟ ମ !
ଯେଉଁପଟେ ତମେ କାଢିଥିଲ
ତମର ସେ ପାଦ ଦୁଇଟାକୁ
ଲଙ୍ଘିବାକୁ ଏ ବିରାଟ ସମୁଦ୍ର । ୧
କେତେ ଝଡବାତ୍ୟା, କାଳବୈଶାଖୀ
ଆସି ଚାଲିଗଲାଣି ସତ
ହେଲେ ସେ ତ ସେମିତି ମୁକୁଳା !
ପବନର ହାବୁକାମାଡରେ
କେବେ କେବେ ବନ୍ଦ ହୁଏ
ପୁଣି କେବେ ଯେ ଖୋଲିଯାଏ
ତାର ହିସାବ ମୋ ପାଖେ ନାହିଁ । ୨
ବେଳେ ବେଳେ ଏମିତି ଲାଗେ
ସତେ ଯେମିତି ସେ ଜଡ ପାଲଟିଛି
ତମେ ଗଲାପରେ ପରେ
ପୁଣି କେବେ ଜୀବନ୍ୟାସ ପାଇ
କୋମଳ ଆଉ ସତେଜ ହୋଇଯିବ
ତମର ସେ କଅଁଳ ସ୍ପର୍ଶରେ । ୩
ସେ ବି ଗୋଟେ ପାଗଳ !
ନୁହେଁ ତ ଆଉ କଣ ?
କଇଁ ଯେମିତି ଜହ୍ନ ଅପେକ୍ଷାରେ
ରାତି ରାତି ଉଜାଗର ରହେ
ସେ ବି ଠିକ୍ ସେମିତି ତମ ଅପେକ୍ଷାରେ
କାହିଁ କେବେଠାରୁ । ୪
ହେଲେ ସେ ବିଚରାକୁ ଜଣାନାହିଁ
ତମେ ତ ସ୍ୱଚ୍ଛ ଚଞ୍ଚଳ ନଈଟିଏ
ସୁଅର ପ୍ରତିକୂଳରେ ଯାଇଯାଇ
କେବେଠାରୁ ମିଶିସାରିଛ ସାଗର ଗର୍ଭରେ
ହେଲେ ତାକୁ କିଏ ବୁଝାଇବ ?
ତମେ ଅଫେରା ନଈଟିଏ ବୋଲି !!!

ଯୁକ୍ତ ତିନି ତୃତୀୟ ବର୍ଷ, ଇଂରାଜୀ ବିଭାଗ
ଅତା, ସୁକିନ୍ଦା, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଏ ତୁମେ ?

ନବୀନ କୁମାର ପଧାନ

ବିନା ବସନ୍ତରେ ଢାଳିଦିଅ ତୁମେ
    ସପ୍ତରଙ୍ଗର ଅବିର
ବିନା ତପନର କିରଣେ ଫୁଟାଅ
    ପୁଷ୍କରିଣୀରେ ପୁଷ୍କର ॥
ବିନା ଶଶାଙ୍କରେ ଉପହାର ଦିଅ
    ପୃଥିବୀକୁ ନୀଳ କଇଁ
ବିନା ଆଷାଢ଼ରେ ସୁବାସିତ କର
    ବନମଲ୍ଲୀ ସଙ୍ଗେ ଯୁଇ ॥
ବିନା ବରଷାର ଛିଟାରେ ଦେଖାଅ
    ଇନ୍ଦ୍ରଧନୁ ଗଗନରେ
ବିନା ହେମନ୍ତରେ ଶିଶିର କଣିକା
    ଦେଇଥାଅ ଗୋଲାପରେ ॥
ବିନା ଶ୍ରାବଣରେ ଶ୍ରାବଣୀକୁ ତୁମେ
    ଶୁଣାଅ ମେଘର ମହ୍ଲାର
ନିରବ ନିଶିଥେ ସପନରେ ସାଜ
    ମାନସର ସୌଦାଗର ॥
କିଏ ତୁମେ ବନ୍ଧୁ ପୂର୍ବ ଜନମରେ
    ତୁମେ ମୋର କଣ ଥିଲ
ଏଇ ଜନମରେ ପ୍ରିୟ ବନ୍ଧୁ ସାଜି
    ଚିର ଋଣୀ କରିଦେଲ ॥

ସାନ ଫାସଡ, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଧୀନ

ଅନାମ ଚରଣ ସାହୁ

ପିତା ମାତା ମୋର ନୁହଁନ୍ତି ଅଧୀନ
ତାଙ୍କ ଅଧୀନରେ ମୁହିଁ
ତାଙ୍କରି ଦୟାରେ ଆସିଛି ସଂସାରେ
ଆଶୀର୍ବାଦ ରେଣୁ ପାଇ ।
ପ୍ରଭୁ ଦୟାମୟ ଭକତ ଅଧୀନ
ଭକତି ଭାବରେ ବନ୍ଧା
ଭବ ସାଗରରେ ବାହାନ୍ତି ନାଆରେ
ନାଉରିଆ ହୋଇ ଏକା ।
ଦେଶପ୍ରେମ ମୋର ଏକାନ୍ତ ଅଧୀନ
ଦେଶ ଅଟେ ଆମ ମାଆ
ତା ପାଣି ପବନ ଆମରି ଜୀବନ
ରଖିବା ତାହାର ନାଆଁ ।

ଦୟା ସ୍ନେହ ପ୍ରେମ ଐଶ୍ୱରିକ ଭାବ
ସଭିଙ୍କୁ ଦେଇଛି ବିହି
ଗର୍ବ ଅହଙ୍କାର ଛାଡ଼େ ଯେଉଁ ନର
କୀର୍ତ୍ତି ଯଶ ଲଭେ ସେହି ।
କର୍ମ ରହିଥାଏ ମାନବ ଅଧିନେ
କର୍ମ ଚାହିଁ ମିଳେ ଫଳ
ସୁକର୍ମ କରେ ଯେ ଯଶ ଲଭିଥାଏ
ଅମର ସେ ଚିରକାଳ ।

ବିଭୂତିପୁର, କାକଟପୁର, ପୁରୀ
ମୋ: ୯୯୩୭୨୦୭୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହା ହୁଅ ଜଗନ୍ନାଥ

ରୋହିତ ସେଠୀ

ନିରବ ନିଶୀଥେ ନିଭୃତ ନିବାସେ
ନିବିଷ୍ଟ ଚିତ୍ତରେ ସ୍ମରେ,
ନିଦ୍ରିତ ନୟନେ ସପନରେ ଆସ
ନିରାକାର ନିରନ୍ତରେ ।

ନିର୍ମଳ ହୃଦୟେ ଭକ୍ତି ନଇବେଦ୍ୟ
ନିର୍ମଞ୍ଜନ ଅରପଇ,
ନିର୍ବଳ ନିର୍ବୋଧ ନିଷ୍ଠୁର ପାପୀକୁ
ନିର୍ବାଣ ଦିଅ ହେ ସାଇଁ ।

ନିଦାଘର ନିତ୍ୟ ରୌଦ୍ର ତାପରେ
ବିକଳ ଯେମିତି ପ୍ରାଣ,
ନିଃସଙ୍ଗ ଲାଗଇ ନୈମିଷ ଜୀବନ
ତୁମ୍ଭବିନା ନାରାୟଣ ।

ନିରାଶ୍ରୟର ଆଶ୍ରୟ ତୁମ୍ଭେ
ଅନାଥ ଜନଙ୍କ ନାଥ,
ଜୀବନ ଯୁଦ୍ଧରେ ହାରି ଯାଉଅଛି
ସାହା ହୁଅ ଜଗନ୍ନାଥ ।

ଶିକ୍ଷକ, ଖଜୁରିପଡା,କନ୍ଧମାଳ
ଦୂରଭାଷ-୭୭୩୫୨୧୫୩୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚିହ୍ନା ଅଚିହ୍ନା

ଡଃ ମନୋରଞ୍ଜନ ବିଷୋୟୀ

ଦୁଃଖରେ ହିଁ ବେଶି
ନିଜର ଲାଗନ୍ତି ଈଶ୍ୱର
ଇଚ୍ଛା ହୁଏ କହିଦେବାକୁ
ସବୁ ମନ କଥା ମୋର ।

ଦୁଃଖରେ ହିଁ ବେଶି
ଖୋଜେ ମମତା ମୋ ବୋଉର
ତା' କୋଳରେ ମୁଣ୍ଡ ରଖି
ଢାଳିପାରେ ଲୁହ ଧାର ଧାର ।

ଦୁଃଖରେ ହିଁ ବେଶି
ଭାବୁଥାଏ କଥା ବାବାଙ୍କର
ସେ ମୋତେ ଗଢ଼ିବାକୁ ଯାଇ
କାନ୍ଦୁଥିବା କ୍ଳାନ୍ତ କାରିଗର ।

ଦୁଃଖରେ ହିଁ ବେଶି
ମନେପଡ଼େ ଉପଦେଶ ଗୁରୁଙ୍କର
ସେ ବିଶ୍ୱାସର ବରଗଛ
ମୋ ଜୀବନର ।

ଦୁଃଖରେ ହିଁ ବେଶି
ଜଣା ପଡ଼ିଥାଏ
କିଏ ଆପଣାର
ଆଉ କିଏ ଅବା ପର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ୭୬୦୦୦୭
ଭ୍ରାମ୍ୟଭାଷ : ୮୮୯୫୧୪୧୭୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପା ତମେ...

ଅଭିମନ୍ୟୁ ବେହେରା

ବାପରେ ଧନରେ

ତମେ ଯେତେ ଡାକ ତମରି ଡାକରେ

କୁବେର ସମ୍ପଦ ତୁଚ୍ଛ ଏଇ ଜୀବନରେ

ଭକତିରେ ତମ ପାଦ ଦେଲେ ଛୁଇଁ

ଆକାଶକୁ ଛୁଇଁବାରେ କିଛି ଲୋଡ଼ାନାହିଁ

ଆକାଶଠୁ ଉଚ୍ଚା ତୁମେ ସର୍ବ ଦେବ ଉର୍ଦ୍ଧ୍ୱେ ତୁମେ

ତମେ ତ ପରମ ତପ ତମେ ତ ପରମ ଜପ

କୋଟି ଜନ୍ମ ପୂଣ୍ୟଫଳେ ତମକୁ ପାଇଛି

ତମ ହାତଧରି ବାଟଚାଲି ଦୁନିଆ ଦେଖିଛି...

ଅଧ୍ୟକ୍ଷ, ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ୍

ସ୍ୱାମପାଟଣା, କେନ୍ଦୁଝର, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୮୧୬୦୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ସୃଷ୍ଟିକୁ ରକ୍ଷାକର

ଭାରତୀ ସାହୁ

ବଦଳି ଯାଇଛି ସାରା ଦୁନିଆର
ସୁନ୍ଦର ରୂପଟା ଆଜି
ମଣିଷ ମନର ସବୁ ସୁଖ ଶାନ୍ତି
ସତରେ ଯାଇଛି ହଜି ।
ଆପଣେଇ ନେଲେ ପାଶ୍ଚାତ୍ୟ ସଭ୍ୟତା
ଭୁଲି ନିଜ ସଭ୍ୟତାକୁ
ପାଇଛ ବେଶି କି ହରେଇଛ ବେଶି
ପଚାର ଥରେ ନିଜକୁ ।
ଅତୀତର ଗାଥା ସେ ପୁରାଣ ଗୀତା
ପଢୁନାହିଁ ଜମା ମନେ
ମାଟି ମାଆ କଥା ପ୍ରକୃତି ସୁରକ୍ଷା
ଭାବିଲ ତ ନାହିଁ ଦିନେ ।
ପ୍ରକୃତି କୋଳରେ କେତେ ଆନନ୍ଦରେ
ବୁଲୁଛନ୍ତି ପଶୁପକ୍ଷୀ
ଥରୁଟିଏ ତମେ ଖୁସି ତ ହେଲ ନି
ତାଙ୍କ ହସଖୁସି ଦେଖି ।
ନିଜର କାୟାକୁ ବଢ଼ାଇବା ପାଇଁ
ଭୋଜିଭାତ ମହୋତ୍ସବେ
ମନ ଇଚ୍ଛା ପଶୁପକ୍ଷୀଙ୍କୁ ମାରିଲ
ଭାବିଲେ କି ଲାଭ ଏବେ ।
ପ୍ରକୃତିକୁ ହାଣି ମାରିଖାଇ ତମେ
କରିଦେଲ ପୁରା ଖୋଳ
ସେ ପ୍ରକୃତି କୋଳେ ବଢୁଥିବା ଜନ୍ତୁ
ତୁମପାଇଁ ହେଲା କାଳ ।
ସଭ୍ୟ ସମାଜର ମଣିଷ ହୋଇବି
ସଭ୍ୟତା ପାରୁନ ଶିଖି
ବେଶ ପରିପାଟି ଏମିତି ପିନ୍ଧୁଛ
ଲାଜ ଲାଗେ ତାକୁ ଦେଖି ।
ଯେତିକି ଆଘାତ ସେତେ ପ୍ରତିଘାତ
କି ଲାଭ କରି ଚିତ୍କାର
ତଥାପି କହୁଛି ହେ ପରମେଶ୍ୱର
ଏ ସୃଷ୍ଟିକୁ ରକ୍ଷାକର ।

ମାର୍ଫତ: ଦୀପ୍ତିକାନ୍ତ ସାହୁ, ଯୁନିଦାପାଟଣା, ଦଶରଥପୁର,
ଯାଜପୁର, ଭ୍ରାମ୍ୟଭାଷ : ୭୮୫୫୮୪୧୧୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଛ ଆମର ବନ୍ଧୁ

ରବୀନ୍ଦ୍ରନାଥ
ବାହିନୀପତି

ଗଛ ତ ଆମର ବନ୍ଧୁ ଆଲୋ ମିତ
ସବୁବେଳେ ସେ ତ ସାହା
ଜ୍ୟେଷ୍ଠ ଓ ଆଷାଢ଼ ଗରମରେ ସେ ତ
ଦେଇଥାଏ ଟିକେ ରାହା । ୧

ଜୀବନର ମିତ ଅଟେ ଲୋ ମିତଣୀ
ଖରା କାକରକୁ ସହି
ହୋଇଥାଏ ସାହା ପ୍ରାଣୀ ଜଗତକୁ
ଦାନ ତା ତୁଳନା ନାହିଁ । ୨

ପତ୍ର, କାଣ୍ଡ, ଶାଖା ଫୁଲ, ଫଳ, ଛାଇ
ଦେଇ କରେ ଉପକାର
ବୃକ୍ଷ ତ ନଥିଲେ ନଥାନ୍ତା ପୃଥିବୀ
ହୋଇଥାନ୍ତା ଛାରଖାର । ୩

ଗଛ ତ ଆମର ଜୀବନ ମିତଣୀ
ଭୁଲିବୁ ନାହିଁ ଟି ତାକୁ
ଅମ୍ଳଜାନ ଦେଇ ଜୀବନ ବଞ୍ଚାଇ
ରକ୍ଷାକରେ ପୃଥିବୀକୁ । ୪

ଅଙ୍ଗାରକାମ୍ଳକୁ ଗ୍ରହଣ କରଇ
ନିଜ ଖାଦ୍ୟପାଇଁ ନିତି
ଜଳକଣା ଦେଇ ଧରା ଥଣ୍ଡା ରଖେ
ପ୍ରକୃତି ଲଭଇ ତୃପ୍ତି । ୫

ଗଛଟିଏ ତୁହି ପୋତିଦେଲୋ ଆଲୋ
ହୋଇବ ମହତ କର୍ମ
ଆଜିର ଦିନରେ ଗଛ ପୋତିଦେଇ
ଅର୍ଜିବୁ ଅନେକ ଧର୍ମ । ୬

ରାଇଘର, ନବରଙ୍ଗପୁର, ୭୬୫୦୭୪
ଭ୍ରାମ୍ୟଭାଷ : ୯୯୩୩୬୮୧୪୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆହ୍ୱାନ

ମୃତ୍ୟୁଞ୍ଜୟ ପଣ୍ଡା

ଜାଗ ତେଜ ମୋର ଭାରତୀୟଗଣ
କାହୁଁ ଆବୋରିଛ ବିଦେଶୀ ସାଧନ
ଖଟି ଖଟି ଯାହା କିଛି କରିବା ଅର୍ଜନ
ସେଥିରେ ସନ୍ତୁଷ୍ଟ ହେବ ନିଶ୍ଚେ ପ୍ରାଣ
ତେବେ କିମ୍ବା ଆମେ ପଛଘୁଞ୍ଚା ଦେବା
ବୀରତୂଲ୍ୟ ଆଗେ ଅଗ୍ରସର ହେବା
ସୁନା ଫଳାଇବା ମିଳିମିଶି ଦେଶେ
ମାଡ଼ିଚାଲ ଯିବା ଉନ୍ନତିର ପଥେ
ଉଠ ଜାଗ ମୋର ହେ ବୀରସନ୍ତାନ
ଫୋପାଡ଼ି ଦିଅ ହେ ଚୀନା ଦ୍ରବ୍ୟମାନ
ତେବେ ଦେଶମଥା ଆକାଶ ଛୁଇଁବ
ଶତୃଛାତି ନିଶ୍ଚେ ଟଳମଳ ହେବ
ଜାଗ୍ରତ ହୁଅ ଜାଗ୍ରତ ହୁଅ
ଛାଡ଼ିଦିଅ ବିଦେଶୀ ଦ୍ରବ୍ୟପ୍ରତି ପ୍ରୀତି
ଆସ ଆସ ମିଶି ଦେଶକୁ ଗଢ଼ିବା
ନିଜେ ପରା ଆମେ ଜଣେ ଜଣେ ଗାନ୍ଧୀ ।

ଚକାପାଦ, ବେଗୁନିଆ, ଖୋର୍ଦ୍ଧା, ୭୫୨୦୬୨
ଭ୍ରାମ୍ୟଭାଷ : ୮୨୪୯୮୦୩୯୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୀମାନ୍ତ ପ୍ରହରୀ

ପ୍ରକାଶ ଚନ୍ଦ୍ର ପଣ୍ଡା

ନତ ଏ ମସ୍ତକ ତୁମ ପାଦତଳେ
ହେ ପ୍ରହରୀ ସୀମାନ୍ତର
କିବା ଦିନ ଅବା କିବା ଅବା ରାତି
ତୁମେ ସଦା ଉଜାଗର । ୧

ଦେଶ ମାତୃକାର ସେବାରେ ହେ ବୀର
ଲହୁଲୁହ ଦିଅ ଢାଳି
ଶତ୍ରୁପକ୍ଷ ଜୟ ହୋଇଲେ ଅସହ୍ୟ
ପ୍ରତିଶୋଧେ ଯାଅ ଜଳି । ୨

ହାତରେ କମାଣ କରିବ ଗର୍ଜନ
ବେଳୁ ବେଳ ରହି ରହି
ଥକି ପଡ଼ ନାହିଁ ହେ ବୀର ତୁହି
କେତେ ରାତି ଯାଏ ପାହି । ୩

ଖରା ବରଷାରେ ଶୀତ କାକରରେ
ସୀମାନ୍ତରେ ଥାଅ ଜଗି
ପ୍ରତିକୂଳେ ଅବା ଅନୁକୂଳେ ସଦା
ହେ ପ୍ରହରୀ ଥାଅ ଜଗି । ୪

କେତେ ଯେ ସମର ଲଢ଼ିବ ହେ ବୀର
ଏ ଦେଶ ମାତୃକା ପାଇଁ
ରୁଧିରକୁ କରି ମଥାର ଚନ୍ଦନ
ନିଜ ଲୁହ ନିଜେ ପିଇ । ୫

ସଲାମ କରୁଛି ଏ ଦେଶ ଜନତା
ତୁମରି କର ଚରଣେ
ସଭିଏଁ ଗାଇବେ ତୁମରି ବୀରତା
ଜନମେ ଅବା ମରଣେ । ୬

କଲ୍ୟାଣପୁର, ପାଣିକୋଇଲି, ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କବିତାର ଠିକଣା

ଡଃ ମମତା
ପ୍ରିୟଦର୍ଶିନୀ ସାହୁ

ଆଜି ଶବ୍ଦ ସହୁ ବାଟବଣା,
ଭାବ ଟାଣି ଦେଲା ଲକ୍ଷ୍ମଣରେଖା
ସମୟ ନଈର ବନ୍ୟା
ଭସେଇ ନେଲା ବିଶ୍ୱାସ, ମମତା ।
ଉଡ଼ିଗଲା ଶୁଆ କଣ ବସାକୁ ଫେରେ ?
ସେ ଭୁଲିଯାଏ କଥା, ଘରମାଟିର
ତଥାପି ଅପେକ୍ଷାର ଆଶାବାଡ଼ି
ମାଲିକର ହାତ ଛାଡ଼ିବାକୁ ନାରାଜ ।
ଡହ ଡହ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତା
ପାଚିଲା ହାଡ଼ ସମ୍ମୁଖେ ଅସହାୟ
ଭ୍ରମି ଭ୍ରମି ସନ୍ଦର୍ଶନ ଆଶାର୍ଥେ
ଲୋଟିପଡ଼େ ଭୂମିପରେ ମନ
ମିଳେନା ଧନର ପତ୍ତା
ଧରାଶାୟୀ ପିତୃତ୍ୱ ସତ୍ତା ।
ବୁଲିପଡ଼ି ଚାହିଁଦେଲେ
ସେହି ଫିକା ଗୋଲାପି ହସ
କବିତାକୁ ଆଣିବି କେମିତି ଯେ
କବିତାର ବା ସେଇଠି ବାସ ।

ଓଡ଼ିଆ ଅଧ୍ୟାପିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଟିଆ ଜଗା

ଶୁଭଶ୍ରୀ ସୁଆର

ହଟିଆ ଜଗା ତୁ ହଟ ଭିଆଇଛୁ
ଧରାକୁ କରି ଚଞ୍ଚଳ
ରଥ ବନ୍ଦ ଶୁଣି ଭକ୍ତ ମନ ଡାକେ
ରଖ ରଖ ନୀଳାଚଳ ।
ରଥ ରୋକିବାକୁ ସାମର୍ଥ୍ୟ କାହାର
ଅଛି ଏଇ ଜଗତରେ
ହାଟ ଭିଆଇ ତୁ ନାଟ ଦେଖୁଅଛୁ
ବସି ନୀଳକନ୍ଦରରେ ।
ଭକ୍ତ ଅସମର୍ଥ ଯିବାକୁ ପାଖକୁ
ଦେଖେ ମନ ବୃନ୍ଦାବନେ
ବଡ଼ଦାଣ୍ଡ ସିନା ଜନଶୂନ୍ୟ ଆଜି
କିନ୍ତୁ ପୂର୍ଣ୍ଣ ସଦା ଜନମନେ ।
ଜଗତନିଅନ୍ତା ତୁ ଜଗତକର୍ତ୍ତା
ଜଗନ୍ନାଥ ତୋର ନାମ
ଧନ୍ୟ ସେଇ ମାଟି, ଧନ୍ୟ ସେ ମନ୍ଦିର
ଧନ୍ୟ ସେଇ ପୁରୀଧାମ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଙ୍ଗୀନ ସ୍ୱପ୍ନ

ସୁନିଲ ଦାସ

ଇନ୍ଦ୍ରଧନୁର ସାତ ରଙ୍ଗନେଇ
ଗଢ଼ିଛି ତୋତେ ବିଧାତା
ମୋ ପଲକ ପଡ଼େନି ଚେହେରାରୁ ତୋର
ଦେଖିବାକୁ କାହିଁ ଅନ୍ୟତା । ୧
ଜହ୍ନର ଜୋଛନା ପଡ଼ିନଥିଲେ
ଧରା ଲାଗେ ପୁରା ଫିକା
ଛିଡ଼ା ହୋଇଗଲେ ଅନ୍ଧାର ରାତ୍ରେ ତୁ
ଲାଗୁ ପ୍ରଜ୍ୱଳିତ ଶିଖା । ୨
ସତେ କି ଅବା ବିଧାତା ଗଢ଼ିଛି
ମଣିଷରୂପି ପୁଷ୍ପଟିଏ
କାହୁଁ କେତେ ଆଶା ଭ୍ରମରମାନଙ୍କୁ
ତୋ ମହକ ସଭିଙ୍କୁ ମୋହୁଥାଏ । ୩
ତୋତେ ନ ପାଇବାର ଆଶା ଜାଣିମଧ୍ୟ
ମନକୁ ମୋର ବୁଝାଏ
ତୋ ପ୍ରେମ ଉଦ୍ୟାନେ ଘାସଟିଏ ହୋଇ
ଜନମିବି ବୋଲି ଇଚ୍ଛା ପ୍ରକଟିତ ହୁଏ । ୪

ଇଞ୍ଜିନିୟର
ଗୀତାଗ୍ରାମ, ଅନୁଗୁଳ
ଭ୍ରାମ୍ୟଭାଷ : ୯୯୩୭୫୨୨୫୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୃଷକ

ନିରଞ୍ଜନ ସାହୁ

ଆମରି ଏ ଦେଶ ଭାରତ ବରଷେ
କୃଷିପ୍ରଧାନ ହିଁ ଅଟେ
ସୁଜଳା ସୁଫଳା ଶସ୍ୟଶ୍ୟାମଳା
ଚଷାପୁଅ ବିଲେ ଖଟେ ।
କୃଷିକାମ କରି କୃଷକ ଯୋଗାଏ
ସଭିଙ୍କୁ ଆହାର ନିତି
କୃଷକ ଫଳାଏ ସୁନାର ଫସଲ
ସବୁଜ ସୁନ୍ଦର କ୍ଷିତି
ଟାଙ୍ଗର, ଉର୍ବର ଅବା ସମତଳ
ଚାଷ କରେ ନଦୀତଟେ ।

ବରଷକ ସାରା ଚାଷୀ ଚାଷକରେ
ସହି ଖରାବର୍ଷା ଶୀତ
ଦାରୁଣ ତାହାର ଜୀବନ କାହାଣୀ
ତଥାପି ଗାଏ ସେ ଗୀତ
ନିଜେ ଦୁଃଖ ସହି ଆନେ ହସାଇବା
ଲେଖା ତା'ର ଭାଲପଟେ ।

ଚାଷର ଉନ୍ନତି କରିବା ପାଇଁକି
ଆମ ସରକାରୀ କଳ
ଅନେକ ପ୍ରଚେଷ୍ଟା କରିକି ବଢ଼ାନ୍ତି
କୃଷକ ମନରେ ବଳ
ତଥାପି କୃଷକ ଦୁଃଖ ସରେନାହିଁ
ବହୁ କଷ୍ଟେ ଦିନ କଟେ ।

ନିହଲପ୍ରସାଦ, ଗନ୍ଧିଆପାଟଣା
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷା

ମଞ୍ଜୁରାଣୀ ମିଶ୍ର

ରାସ୍ତା ସେପାଖରେ ପାଦ ଚିପିଚାଲେ
ଋତୁମତୀ ବର୍ଷା
ଆମନ୍ତ୍ରିତ ମେଘର ଭିଡ଼ରେ
ପ୍ରଜାପତି ମନ ନେଇ ପର୍ଯ୍ୟାପ୍ତ ସ୍ୱପ୍ନରେ
ପାହାଡ଼ ପିଠିରେ ମୁହଁ ଘସେ ବର୍ଷା
ସାଧବ ବୋହୂ ସାଥେ ଇଟିକିଲି ମିଟିକିଲି ଖେଳେ
ମୁଠା ମୁଠା ସ୍ୱପ୍ନ ଫିଙ୍ଗେ ଧାନବିଲ ଗୋଳିଆ ପାଣିରେ
ବର୍ଷାପଡ଼େ ଟୁପ୍ ଟାପ୍ ନାଲିରାସ୍ତା ବତୀଖୁଣ୍ଟ
ମନ୍ଦିର ଚୂଡ଼ାରେ, କୃଷ୍ଣ ଚୂଡ଼ା ପତ୍ର ଓଢ଼ଣୀରେ
ଶାଳବଣ ତାରୁଣ୍ୟକୁ ବନ୍ଦୀକରେ ବର୍ଷାର ମୋହନ ବଂଶୀ
ପ୍ରୀତିର ଚୁମ୍ବନଟିଏ ଆଙ୍କିଦିଏ ଫୁଲଙ୍କର ଓଠ ଚିବୁକରେ
ଗହଳିଆ ସାରୁବୁଦା ବେଙ୍ଗ ବାହାଘର
ହାରଜିତ କାଗଜଡଙ୍ଗାର ଖେଳ
ମହୁଲ ବଣରେ ନଇଁଆସେ ସଞ୍ଜ
ଗୋଠରୁ ବାହୁଡ଼ା ବେଳ ସହଳ ସହଳ
ଅଧା ଜହ୍ନ ଆଲୁଅରେ ଗଭାବାନ୍ଧେ ଏକା ଏକା
ମଦାଳସୀ ବର୍ଷା, ଯୁଇ ଜାଇ ହେବା ସ୍ତବକରେ
ମୋ ନିଦ ଭାଙ୍ଗିଯାଏ ମୋ ଝରକା ଖୋଲିଯାଏ
ତା ପାଦର ଘୁଙ୍ଗୁର ଶବ୍ଦରେ ।

ହାଇଦ୍ରାବାଦ, ଭ୍ରାମ୍ୟଭାଷ : ୭୬୮୧୬୬୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଭିଶପ୍ତା

ପ୍ରଣତୀ ସାହୁ

ମୁଁ ଅଭିଶପ୍ତା...
ଅହଲ୍ୟା କି ଯାଜ୍ଞସେନୀ ନୁହେଁ;
ମୁଁ ଇତିଶ୍ରୀ, ନିର୍ଭୟା, ପ୍ରିୟଙ୍କା ।

ମୁଁ ପତିତା, ନିର୍ଯ୍ୟାତିତା...
କୃଷ୍ଣ କି ରାମଙ୍କର,
କର, ଚରଣ ପରଶ ନାହିଁ ମୋ ପାଇଁ
ଇଏ ପରା କଳିଯୁଗ,
ଏଠି ତ ଠାକୁର ବି ହସ୍ତପଦ ବିହୀନ
ଅପଲକ ନୟନ ସବୁ ଦେଖେ ସିନା
ଉଦ୍ଧାର କରେନା ।

ଅମାନୁଷିକ ମାନସିକତାର
ନିଚ୍ଛକ ପ୍ରତିଫଳନର ବାସ୍ତବ ରୂପ ମୁଁ
ପ୍ରମତ୍ତ ଅଳି କେବଳ
ନିଷ୍ପାପ ସୁମନର ମଧୁ ଆହରଣ କରେ ନା;
ପୁରୁଷତ୍ୱର ମୋହର ମାରି
ଦଂଶନ କରି
ଘାଇଲା କରି ପକାଏ
ଅଭିଶପ୍ତା କୁସୁମ କଳିକୁ ।

ନ୍ୟାୟ ଓ ଅଧିକାର ତ
ଦିବା ସ୍ୱପ୍ନ ।
ପ୍ରହେଳିକାର ଇନ୍ଦ୍ରଜାଲ
ଅଣନିଃଶ୍ୱାସୀ କରି ପକାଏ;
ଶେଷରେ ମିଳେ କେବଳ
ଶାନ୍ତ୍ୱନା ଆଉ ଆଶ୍ୱାସନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୀଳ ଆକାଶ

ଅମରନାଥ ବାରିକ

ସତେ କି ହସୁଛି କୁମୁଦ କମଳ
ନୀଳ ଆକାଶକୁ ଚାହିଁ
ସ୍ୱଚ୍ଛ ନିରିମଳ ପୁଷ୍କରିଣୀ ଜଳ
ସୁନ୍ଦର ଦିଶଇ କଇଁ ।

କଇଁ ସିନା ଦୁରେ ନୀଳ ଆକାଶ ଠୁଁ
ରହିଛି ସମ୍ପର୍କ ଦୃଢ଼
ପବନ ମୋଡ଼ରେ ଲହରୀ ପାଣିରେ
ମାରୁଥାଏ କେବେ ବୁଡ଼ ।

ନୀଳ ଆକାଶକୁ କଇଁ ଛୁଇଁବାକୁ
ଝୁରୁଥାଏ ତାର ମନ
ହେଲେ ପାରେ ନାହିଁ ବିତିଯାଏ ପୁଣି
କେତେ ରାତି କେତେ ଦିନ ।

ଚଷା ଭାଇ ଯେବେ ହଳ କରୁଥାଏ
ବଳଦ ଦୁହିଁଙ୍କୁ ଧରି
ନ ଚାଲି ପାରିଲେ ଟିକେ ରହିଗଲେ
ବାଡାଏ ପାଞ୍ଚାଣ ଧରି ।

ବଳଦ ଦୁଇଟି ଥକି ପଡି ଗଲେ
ନୀଳ ଆକାଶକୁ ଚାହେଁ
କାହିଁକି ଗଢିଲ ପଶୁ ଜଗତ ରେ
କହୁଛନ୍ତି ମନେ ଦୁହେଁ ।

ଯାଜପୁର, ମଙ୍ଗଳପୁର, କଟକ
ଭ୍ରାମ୍ୟଭାଷ : ୯୫୪୦୩୦୮୦୯୫ (ଦିଲ୍ଲୀ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମ୍ପର୍କର ପୂର୍ଣ୍ଣଚ୍ଛେଦ

ସୁଶାନ୍ତ କୁମାର ଧଳ

ନିଷ୍ଫଳ ରୋଦନ ମୋର
ନିର୍ଜନ ବନସ୍ତେ,
ସେଇ ଶତ ଅପଚେଷ୍ଟା
ସମ୍ପର୍କର ଅସ୍ତେ ।
ଭାବାବେଗ ଆବେଗର
ଅଶ୍ରୁଟୋପା କେତେ,
ଦଗ୍ଧୀଭୂତ କରୁଥାଇ
ପ୍ରତିକ୍ଷଣ ମୋତେ ।
ଆଶାର ପ୍ରଦୀପ ଶିଖା
ଲିଭିଲାଣି ବାରେ,
ସବୁ ଆବିଳତା ମନୁ
ଧୀରେ ଧୀରେ ମରେ ।
ମନର ଭାବନା ତୁମ
ବୁଝିପାରେ ମୁହିଁ,
ଦୂରତା ନିର୍ବାହ କର
ମୋ ଠାରୁ କାହିଁ ।
ଏ ଦରଦୀ ମନ ମୋର
ବୁଝିଲନି ତୁମେ,
ବିଦାରିତ ହୃଦୟକୁ
ମାରେ ମର୍ମେ ମର୍ମେ ।
ସମ୍ପର୍କରେ ପୂର୍ଣ୍ଣଚ୍ଛେଦ
ବାକି ପଡ଼ିବାକୁ,
ଔପଚାରିକତା ଖାଲି
ଓଠେ କହିବାକୁ ।
ତୁମର ସ୍ମୃତି ମାନସୁ
କେବେ ଲିଭିବନି,
ହୃଦୟ ବିହୀନା ତୁମେ
ଆଉ ଫେରିବନି ।
ସାଇତିବ ସ୍ମୃତି ସବୁ
ଏ ଅଶ୍ରୁଳ ଆଖି,
ରହିଥିବି ସଦା ମୁହିଁ
ତୁମ ଶୁଭାକାଂକ୍ଷୀ ।

ବ୍ରହ୍ମାଣୀକୁଳ, ଦଶରଥପୁର, ଯାଜପୁର, ୭୫୫୦୦୬,
ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

Magazine Downloaded from www.aahwaan.com

ରଥେ ବିଜେ ଜଗନ୍ନାଥ

ଚନ୍ଦ୍ରକାନ୍ତ ଜେନା

ଆସିଲା ଆଷାଢ଼ ମାସ, ବରଷା ରାଣୀର ହସ,
ଫୁଲ, ଫଳ, ଶସ୍ୟକ୍ଷେତର ସମ୍ଭାରେ, ଚହଟିଲା ଚଉପାଶ ।
ସାଧବ ବୋହୂର ବେଶ, ନାଲି ଓଢ଼ଣୀ ତଳର ହସ,
ହୃଦୟରେ ଭରେ ଆନନ୍ଦ ଉଲ୍ଲାସ, ପ୍ରକୃତିର ସମାବେଶ ।
ଆସେ ପୁଣି ରଥଯାତ, ମନ ହୁଏ ପୁଲକିତ
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ, ରଥେ ବିଜେ ଜଗନ୍ନାଥ ।
ସେ ତ ଓଡ଼ିଆ ଜାତିର ପ୍ରାଣ, ଭକତର ଗଣ୍ଠିଧନ
ଭକତ ଭାବରେ, ବାନ୍ଧି ହୋଇଯାଇ, ଦିଅନ୍ତି ଆସି ଦର୍ଶନ ।
ଭାଇ ଭଉଣୀଙ୍କୁ ଧରି, ଆସନ୍ତି ମାଉସୀ ଘର
ଆଡ଼ପ ମଣ୍ଡପେ ବିଜେ କରିଥାନ୍ତି, ଜମେ ପୋଡ଼ପିଠା ଆସର ।
ଭକ୍ତ, ପଥ ଏକାକାର, ସଭିଙ୍କୁ କରନ୍ତି ଉଦ୍ଧାର
ଭାବ ବିନୋଦିଆ କାଳିଆ ସାଆନ୍ତ, ଧନ୍ୟ ତୁମେ ନିରାକାର ।
କମ୍ପି ଉଠେ ବଡ଼ଦାଣ୍ଡ, ଜଗନ୍ନାଥ ନାମେ ତୁଣ୍ଡ
ଆତ୍ମା ପରମାତ୍ମା ଏ କି ମିଳନ, ପରିତୃପ୍ତ ହୁଏ ପିଣ୍ଡ ।
ନଅ ଦିନ ଯାତ୍ରା ସାରି, ଆସନ୍ତି ଶ୍ରୀନଅର ଫେରି
ଭକ୍ତ ଚାହେଁ ପୁଣି ଆର ବରଷକୁ, ମନ ପକ୍ଷୀ ହୁଏ ଝୁରି ।

ସହକାରୀ ଶିକ୍ଷକ, ପୁରୁଷୋତ୍ତମପୁର, ଫୁଲନଖରା
କଟକ, ୭୫୪୦୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ରମିକ ମୁଁ

ପୁଷ୍ପଲତା ସାହୁ

ରାସ୍ତା କଡ଼ ଫୁଟପାଥ
ବସ୍ତିର ବାରଣ୍ଡା
ମନ୍ଦିର ଅଗଣା
ଅବା ହୋଟେଲ ଚାଳ
ବଂଚିବା ର ରାହା ମୋର
ମୁଣ୍ଡ ଗୁଞ୍ଜିବା ପାଇଁ
ଟିକିଏ ସାହାରା..... । ।
ଖଣ୍ଡେ ପିନ୍ଧି ଗୁଣ୍ଡେ ଖାଇ
ଜୀବନ ସହ ସଂଗ୍ରାମ କରେ
ରାତି ଦିନ ପରିଶ୍ରମ
କେହି ତାର ମୂଲ୍ୟ ବୁଝେନି... । ।
ନା ଅଛି ବ୍ୟାଙ୍କ ବାଲାନ୍ସ
ନା ଅତଳ ରାଜପ୍ରାସାଦ
କି ଆଗକୁ ସ୍ୱପ୍ନ
ଦେଖିବାର ମୋହ
ପିଲାଙ୍କୁ ମଣିଷ କରିବାର
ଇପ୍ସିତ ଇଚ୍ଛା
କିଛି ନାହିଁ ମନେ ମୋର ... । ।
କେବଳ ଆଜିଦିନର ଚିନ୍ତା
ମୁଣ୍ଡ ଝାଳ ତୁଣ୍ଡେ ମାରି
ଖଟିଖଟି ଆଣିଥିବା ଧନରେ
ସଂସାର ଚଳେଇ
ଦୁଃଖେ ସୁଖେ ବିତି ଯାଇଛି
ମୋ ଜୀବନ ର ଗତି.... । ।
କେହି କେବେ ମନେ ଭାବେନି
କିପରି ବଞ୍ଚିଛି ଶ୍ରମିକ
ନିଜ ସୁଖ ଜଳାଞ୍ଜଳି ଦେଇ
ଆନକୁ ଭଲରେ ରଖିବାର
ଚେଷ୍ଟା ତାର ବିଫଳ ହୁଏନି
ସେ ପାଇଁ ବିଧାତା ପାଖେ
ଶାନ୍ତିରେ ରହିବାର
ସୁଖରେ ବଞ୍ଚିବାର
ଆଶୀର୍ବାଦ ମାଗି ନିଏ... । ।
ଶ୍ରମିକ.....
ମୁଁ ଆଜିର ସମାଜରେ... । ।

ସହକାରୀ ଶିକ୍ଷୟିତ୍ରୀ, ଜଗତସିଂହପୁର
ଫୋନ ନମ୍ବର: ୯୭୫୮୫୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାହାଡ଼

ରୋଜା ପଣ୍ଡା

ସକାଳ ସୁରୁଜ କିରଣରେ ତାର
ମସ୍ତକ ଚମକୁଅଛି...
ବକ୍ଷରେ ତାହାର ନା ନା ପରକାର
ବୃକ୍ଷ ଶୋଭା ପାଉଅଛି ।।

ଗୁଛି ପିନ୍ଧିଛି ଶାଗୁଆ ଶାଢ଼ୀ ସେ
ଆକାଶକୁ କରି ନିଳ ଓଢଣୀ....
ଅପରୂପ ତାର ଅବର୍ଣ୍ଣିତ ରୂପ
କୋଳରେ ଧରିଛି ତାକୁ ଧରଣୀ ।।

କାକର ଟୋପାର ବିନ୍ଦୁ ବିନ୍ଦୁ ରେଖା
ପଡ଼ିଅଛି ତାର ଶାଢ଼ୀ ପଣତେ....
ସତେ ଅବା ହୀରା, ମୋତି ଝଲସୁଛି
ଲେଖିବାକୁ ଭାଷା ସଂକ୍ଷିପ୍ତ ସତେ ।।

ପାଦ ଦେଶେ ତାର ବହି ଯାଉଅଛି
ଅଙ୍କାବଙ୍କା ସରୁ ଝରଣା ଧାର...
ମୁଗ୍ଧ ହୁଏ ମନ ଶୁଣିଦେଲେ ଥରେ
କୁଳୁ କୁଳୁ ତାର ମଧୁର ସ୍ୱର ।।

ବିହଙ୍ଗ ଆନନ୍ଦେ ଡେଣା ଝପଟାଇ
ତା ମସ୍ତକ ଛୁଇଁ ଯାଆନ୍ତି ଉଡି....
ସନ୍ଧ୍ୟା ଆଗମନେ ସୁରୁଜ ବି ଧୀରେ
ତା ବକ୍ଷ ପଛରେ ଯାଆନ୍ତି ବୁଡି ।।

କିଏ କହେ ତାକୁ ପାହାଡ଼,ପର୍ବତ
କିଏ ଗିରି, ଗୋବର୍ଦ୍ଧନ....
ଆକୃତିରେ ତାର ଭରି କେତେ ରସ
ମୋହେ ସେ ସଭିଙ୍କ ମନ ।।

ପୂର୍ଣ୍ଣାନନ୍ଦ ଭବନ,
ନେତାଜୀନଗର, ମଧୁପାଟଣା, କଟକ-୭୫୩୦୧୦.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱପ୍ନର ନାୟିକା

ଯାଦବ ପ୍ରଦୀପ
ପରୁଆ

ରୂପା ଜହ୍ନ ପରି ତା ମୁଖର ଶୋଭା ତେଜ ପୂର୍ଣ୍ଣୀମାର ଚାନ୍ଦ,
କୁରଙ୍ଗୀ ନେତ୍ରକୁ ଭୃଳତାର ଠାଣି ହସ ଓଠେ ମନ୍ଦ ମନ୍ଦ ।
ଶ୍ୟାମଳୀ ସୁନ୍ଦରୀ ତନୁ ପାତଳି ସେ ରସ ଜୁଡୁବୁଡୁ ତନୁ,
କି ଉପମା ଦେବି ବାଙ୍କ ଚାହାଣିକୁ ଭୁଲି ହେଉ ନାହିଁ ମନୁ ।
ସରସୀର ନୀର ଭେଦିକି ଉଠିଲା କାଖ ପରେ ଘେନି କୁମ୍ଭ,
ଆତୁର ନୟନେ ଚାହିଁ ରହିଥିଲି ତୁଟି ଯାଉଥିଲା ଦମ୍ଭ ।
ପାଖକୁ ଆସିଣ ଯେବେ ଚାଲିଗଲା ଅତର ବାସ୍ନା ଛୁଟାଇ,
ହୃଦୟର ଧନୁ ଟଙ୍କାର ନାଦରେ ମନ ମୋ ଗଲା ଶୀତେଇ ।
ଅଧରର ଶବ୍ଦ ଅଟେ ମଧୁସମ କଣେଇ କି ଦେଲା ଚାହିଁ,
ମୃତ ପଦ୍ମ ବନେ ଜୀବନ ସଂଚାର ଆଣି କି କରିଲା ବିହି ।
କର୍ଣ୍ଣ ପଟଳରେ କରାଘାତ କରି ଜନନୀ ମୋ ଦେଲେ ବାଧା,
ସ୍ୱପ୍ନ ଦେଖୁ ଦେଖୁ ରାତି ପାହିଗଲା ସ୍ୱପ୍ନ ରହିଗଲା ଅଧା ।

ମୋ-୯୩୪୮୨୭୭୭୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି

ଚିତ୍ତରଞ୍ଜନ ପାତ୍ର

ମାଟି... ହଁ ମାଟି

ମାଟିଛଡ଼ା କିଏ ବୁଝିପାରେ

ନିର୍ବାକ ଶବ୍ଦର ଅର୍ଥ... ?

କିଏ ଦେଖିପାରେ

ପାହାଡର ଲୁହ... ?

କିଏ ବୁଝିପାରେ ନଗଡା

ନିର୍ଭୟାର କୋହ... ?

ସେଇଥି ପାଇଁ ତ

ଜଂଜାଳ ଜାଲରୁ ମୁକୁଳିଥିବା

ଶବ୍ଦ ସାଥିରେ.....

ମନରେ ଉକୁଟି ଉଠୁଥିବା

ଅନ୍ତହୀନ ଇଚ୍ଛା

ଛାତିରେ ଥିବା କୋହ

ଆଖିରେ ଥିବା.....

ଅଦିନିଆ ଲୁହ ବି ଲୋଟି ପଡ଼େ

.....ମାଟିରେ ।।

ମାଟି ଆପଣେଇ ନିଏ

ଦୁଃଖିକୁ.... ପୁଣି ସୁଖିକୁ ବି ।

ମାଟି ମାରିପାରେ

ପୁଣି ତାରିପାରେ...

ଆତ୍ମାକୁ ଦେହଠୁ ଅଲଗା କରେ

ଝଡର ଇଗଲକୁ

ପୃଥିବୀରେ ପାଦ ଦେବାକୁ

ଆକର୍ଷିତ କରେ ଏ ମାଟି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁମ୍ଭାରର ହାଣ୍ଡି... ଏ ମାଟି

କୃଷକର ସ୍ୱପ୍ନ... ମାଟି

ସୈନିକର ସୌର୍ଯ୍ୟ... ମାଟି

ଶିଳ୍ପୀର ମୂର୍ତ୍ତି... ମାଟି

ମାଟି ମଣିଷ... ମଣିଷ ମାଟି

ମାଟିର ମଣିଷ... ।

ଏ ମାଟି ହିଁ ମାଟିର ମଣିଷକୁ

ଧରି ରଖେ..... ବଞ୍ଚିବା ଶିଖାଏ

ଦୂର ଦିଗବଳୟରେ ପ୍ରେମିକ...

ପ୍ରେୟସୀକୁ

ଏକାକାର କରିଦିଏ

ଖରାବର୍ଷା ଶୀତ ସହ

ଏକାକାର ଆତ୍ମାକୁ

ଆଉଁଷି ଦିଏ..... ।

ମୋତେ ଲାଗେ...

ସୃଷ୍ଟି ନିୟନ୍ତ୍ରା ବି ବୋଧେ (ତେଣୁ)

ଏ ମାଟିରେ ଜନ୍ମ ନେବାକୁ

ଚାହିଁ ଥିବେ..... ।

କଳାପଥର, ସୁବର୍ଣ୍ଣପୁର,

ମୋବାଇଲ -7684909964

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଦେଖା ଲୁହ

ଅଲିଭା ସାହୁ

କେବେ ସେ ଖୁସିରେ କେବେ ସେ ଦୁଃଖରେ
ଜାଗା ଖୋଜିନିଏ ଆଖି କୋଣରେ ।
ନାହିଁ ତୋର ରଙ୍ଗ ନାହିଁ ଆକାର
ସବୁରି ମନରେ ବାନ୍ଧିଛୁ ଘର ।
ଖୁସି ଆଣିଦିଏ ମେଘ ମହ୍ଲାର
ସହି ହୁଏନାହିଁ ଲୁହର ଭାର ।
କେବେ ତୁ ନିଜର କେବେ ତୁ ପର
ନୀରବ ଦ୍ରଷ୍ଟାର ସାଜୁ ଉତ୍ତର ।
ଖୋଜେ ଯେବେ ମନେ କିଏ ତୁ ମୋର
ହୃଦୟ ପାଏନି ତାର ଉତ୍ତର ।
ଆଖି କୋଣରେ ତୁ ନୀରବେ ଥାଉ
କେବେ କେବେ ପୁଣି ବରଷି ଯାଉ ।

ଛାତିର କୋହକୁ ସହି ନ ପାରୁ
ଆଖି ବାଟ ଦେଇ ତୁ ଝରିଯାଉ ।
ସେ ଲୁହରେ ଥାଏ କେତେ ଯେ କୋହ
ବୁଝି ହୋଇଯାଏ ଦେଖିଲେ ମୁହଁ ।
କେବେକେବେ ସାଜୁ ମୁକ୍ତାର ଧାର
ଦାଉ ସାଧି ହେଉ କେବେ ନିଷ୍ଠୁର ।
ଓଠ କହିନପାରେ ଯେ ଅକୁହା କଥା
ଉତ୍ତର ଦିଏ ତୋ ଲୁହର ଟୋପା ।
ଓଠେ ହସଦେଇ ସମ୍ପର୍କ ଗଢେ ଇଶ୍ୱର
ସେ ସମ୍ପର୍କ ଛିଡିଲେ ହୁଏ ଲୁହ ନିଜର ।
ନୀରବ ମନରେ କେତେ ଯେ କୋହ
କହ କି ତୁ ସେହି ଅଦେଖା ଲୁହ ।

ତିରୁଚିରାପଲ୍ଲୀ, ତାମିଲନାଡୁ, (ଆନନ୍ଦପୁର, ଓଡିଶା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧ୍ରୁବ ସତ୍ୟ

ଗୁପ୍ତେଶ୍ୱର ଚାନ୍ଦ

ଜୀର୍ଣ୍ଣ ହୁଏ ଯେବେ ପୁରୁଣା ଜାମା ଟି
କରିବାକୁ ପରିଧାନ,
ତା' ପ୍ରତି ଆଦର ତୁଟି ଯାଶ ଧିରେ
ମନେ ଆସେ ଅଭିମାନ ।୧ ।

ଯେତେ ସୁଆଦିଆ ଭୋଜନ ହେଲେହେଁ
ତୁଣ୍ଡ କୁ ଲାଗେ ଅରୁଚି,
ଏକ ପ୍ରକାରିଆ ଜିନିଷ ପାଖରୁ
ମନ ଯାଏ ଘୁଂଚି ଘୁଂଚି ।୨ ।

ଯେତେ ମନଛୁଆଁ ଗୀତ ହେଇ ଥାଉ
ଶୁଣିବାକୁ ଲାଗେ ଚିଟା,
ଅତି ଲେମ୍ବୁ ଚିପୁଡ଼ିଲେ ପିତା ପରା
ଅତି ରେ ଲାଗଇ ଛିଟା ।୩ ।

ଯେତେ ମନଲୋଭା ହେଲେ ରୂପ ସଜ୍ଜା
ନୟନ କି ରହେ ସ୍ଥିର,
ମନର ସ୍ୱଭାବ ଚଂଚଳ ଯେଣୁ କି
ସର୍ବଦା ହୁଏ ଅଧିର ।୪ ।

କଳା ଭ୍ରମର ଟି ଫୁଲରୁ ଫୁଲକୁ
ଉଡ଼ି ବୁଲୁ ଥାଏ ନିତି,
ନାସିକା ଲୋଡଇ ନୂତନ ସୁଗନ୍ଧ
ଏଇ ତ ସଂସାର ରୀତି ।୫ ।

ଆତ୍ମା ପୁରୁଷଟି କେତେ ଦିନ ଆଉ
ଦଦରା ଦେହକୁ ଧରି,
ଚାଲିବ ବୋଲି ତ ମୁଦିତ ମନରେ
ନବ କଳେବର କର ।୬ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏ ସତ୍ୟ କଥାକୁ ନ ବୁଝିଣ ନର
କରେ କରୁଣ ବିଳାପ,
ଅତ୍ମୀୟ ସ୍ୱଜନ ବିୟୋଗେ ବ୍ୟଥିତ
ଆତ୍ମଜ୍ଞାନ ହେତୁ ଲୋପ ।୭ ।

ମାୟାଧର ଯେଣୁ ମାୟାର ସଂସାର
କରିଛନ୍ତି ସରଜନା,
ମାୟାର ପ୍ରଲେପ ବୋଳି ଦେଇଛନ୍ତି
ଜୀବ ତା' ଜାଣି ପାରେନା ।୮ ।

ମୋର ମୋର କହି ଝୁରି ମରେ ସେହି
ଅନିତ୍ୟକୁ ସଦା ଚାହେଁ,
ପରମ ପିତାଙ୍କ କଥା ଯାଏ ଭୁଲି
ମରୀଚିକା ପଛେ ଧାଏଁ ।୯ ।

ମିଛକୁ ଆଦରେ ମାୟାରେ ମୋହିତ
ମନ ସତ୍ୟ ପରିହରି,
ବେଳ ଥାଉ ଥାଉ ବାଇ ମନ ମୋର
ଶ୍ରଦ୍ଧାରେ ସୁମର ହରି ।୧୦ ।

ସତ୍ୟ ପଥେ ଗତି କଲେରେ କୁମତି
ଲଭିବୁ ଶାଶ୍ୱତ ଶାନ୍ତି,
ମୋ' ହିତ ବଚନ ଧିରେ ଘେନ ଧନ
ପାହିବ ଟି ଅମାରାତି ।୧୧ ।

ଏ ଧ୍ରୁବ ସତ୍ୟକୁ ଗ୍ରହଣ କଲେ ତୁ
ହୋଇବୁ ଦିନେ ମହାନ,
ବୁଝାଇ କହୁଛି ଆରେ ମୂଢମନ
ପ୍ରଭୁ ନାମ କର ଗାନ ।୧୨ ।

ସମା ସିଂହା, ଝାରସୁଗୁଡ଼ା
ମୋ: ୭୬୮୩୮୪୧୦୬୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା

ମାନସ ରଞ୍ଜନ
ବେହେରା

ତିନି ଅକ୍ଷରରେ କରୋନା ନାଁ ଟି
କାନରେ ବାଜିଲା କ୍ଷଣି,
ମାଡି ଆସେ ଜ୍ୱର ମୁହଁ ଶୁଖିଯାଏ
ରକତ ହୁଅଇ ପାଣି ।।
ଇରାନ, ଚାଇନା ସବୁ ଥରହର
ଆମେରିକା ଗଲାଣି ଡରି,
ଭାରତରେ ସ୍ଥିତି ଅସମ୍ଭାଳ ଏବେ
ଶହ ଶହ ଗଲେଣି ମରି ।।
ଯୁଆଡେ ଦେଖିଲେ କରୋନା ଭୟଟି
ଶୁଣିଲେ ଲାଗୁଛି ଡର,
ଜିତିବା ପାଇକି କରୋନା ଯୁଦ୍ଧରେ,
କେତେ ସଚେତନ ଦରକାର ।।
ସାବୁନରେ ହାତ କୋଡିଏ ସେକେଣ୍ଡ ଧୋଇବ
ବାହାରେ ବୁଲିବ ନାହିଁ,
ଥଣ୍ଡା କାଶ ହେଲେ ଏକାକି ରହିବ
କରୋନା ପାଖ ମାଡିବ ନାହିଁ ।।

ମୁହଁରେ ମାସ୍କ ପିନ୍ଧୁଥିବ ଯଦି
କରୋନା ବ୍ୟାପିବ ନାହିଁ,
ବେଳୁ ସାବଧାନ ସତର୍କ ହୋଇଲେ
କେବେ ଭାରତ ଡରିବ ନାହିଁ ।।
ସାମାଜିକ ଦୂରତା ରକ୍ଷା କରୁଥିବ
ଯେତେ ଘନିଷ୍ଠ ହେଲେବି ଭାଇ,
କରୋନା ଯୁଦ୍ଧରେ ଲଢୁଥିବା ଆମେ
ଜଣେ ସାହସୀ ସୈନିକ ହୋଇ ।।
ସରକାର ଯାହା କହୁଛନ୍ତି ଭାଇ
ଅକ୍ଷରେ ଅକ୍ଷରେ ମାନ,
ତାହେଲେ ଭାରତ ବିଶ୍ୱ ଦରବାରେ
ପାଇବ କେତେ ଯଶ ସନମାନ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୁଲଟିଏ

କିଶୋର ଚନ୍ଦ୍ର ନାୟକ

ମୁଁ ତୁମକୁ ଯେଉଁ ଫୁଲ କଥା ଆଜି କହେ
ସେ ଫୁଲ ମୋ ମନ ଫୁଲ
ବନ ଫୁଲ ନୁହେଁ

ମୋ ହୃଦୟ ବଗିଚାରେ ଫୁଟିଥିଲା ସିଏ
ମୁଁ ନିର୍ବୋଧ ରଖିଲିନି ଝରିଗଲା ହାୟ !
ସେ ଫୁଲର ନାମ ଯଦି ରଖିଥାନ୍ତି ପ୍ରୀତି
ଥାଆନ୍ତା ବଞ୍ଚି ଏ ଯାଏ ଗାଇ ପ୍ରେମ ଗୀତି

ଯାଯାବର ଜୀବନକୁ ଗଢିଥାନ୍ତା ସ୍ନେହେ
ଏମିତି ବି ଦିନେ ମୁଁ ଯେ ଶ୍ମଶାନ ମାଟିରେ
ଫୁଟିବି ଫୁଲଟି ହୋଇ ଅନେକ ଆଶାରେ
ସେ ଫୁଲ ମୋ ସଜାଇବ ପ୍ରେମିକାର ଦେହେ

ଶଗଡ଼ିଆ ସାହି, ରାଣୀହାଟ, କଟକ
ମୋ - ୯୭୭୬୩୩୩୭୬୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିକ୍ଷା ବିହୁନେ ଜୀବନଶୂନ୍ୟ

ସମ୍ୟଜିତ ପାତ୍ର

ଶିକ୍ଷା ହିଁ ଦେଖାଏ ମଣିଷ ଜୀବନେ ଆଲୋକର ଛାୟାପଥ ,
ପୁନଶ୍ଚ ଦେଖାଏ ଏଇ ସମାଜକୁ ଉନ୍ନତିର ଗତିପଥ ।
ଶିକ୍ଷା ଅଭାବରେ ଅଟଇ ମଣିଷ ମୁଢ ପଶୁ ମନ ସମ ,
ଶିକ୍ଷା ଅଭାବରେ ହୁଅଇ ମାନବ ଜଗତରେ ମହାଘୃଣ୍ୟ ।
ଶିକ୍ଷା ରୂପୀ ରଥେ ବସିରହି ସର୍ବେ ଯାଆନ୍ତୁ ଆଗକୁ ବଢି ,
ନିରକ୍ଷରତାର ମଉଳି କୁସୁମ ଫୁଟୁ ଜ୍ଞାନ ଫୁଲକଢ଼ି ।
ଜନମ ସମୟେ କେହି କେବେହେଲେ ହେଇନଥାଏ ବିଦ୍ୱାନ ,
କର୍ମପଥେ ନର ଜ୍ଞାନ ଅରଜିଣ ହେଇପାରେ ଯେ ମହାନ ।
ଅସମ୍ଭବ ବୋଲି ଶବଦ ନଥାଏ ମାନବୀୟ ଭାଷାକୋଷେ ,
ପ୍ରତ୍ୟେକଟି କାର୍ଯ୍ୟ ହୁଅଇ ସମ୍ଭବ କର୍ମଯୋଗ ଶିଳାନ୍ୟାସେ ।
ଶିକ୍ଷା ମନ୍ତ୍ର ଜପ ଦିବାନିଶି ଆହେ ନୁହଁଇ କଠିନ କିଛି ,
ଜୀବନରେ ନିଶ୍ଚେ ହୋଇବ ସଫଳ ବିଫଳତା ଗାର ପୋଛି ।
ପ୍ରାଚୀନ ଭାରତ କବଳିତ ହେଲା ଇଂରେଜଙ୍କ ଶିକ୍ଷା ବଳେ ,
ବୀର ପୁତ୍ର ଆମ ଦେଲେ ସ୍ୱାଧୀନତା ନିଜସ୍ୱ ଜ୍ଞାନ କୌଶଳେ ।
ଶିକ୍ଷାର ଆଲୋକେ ଆଲୋକିତ କର ବାଟହୁଡ଼ା ସମାଜକୁ ,
ଶିକ୍ଷକ ପ୍ରଦେଶେ ଯେତେ ରହିଅଛ ଗଢିଦିଅ ଏ ଦେଶକୁ ।

ଗ୍ରାମ/ପୋଷ୍ଟ-ଗଡିଆ
ଦୂରଭାଷ-୯୧୭୮୪୪୩୩୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଷା

ମୀନକେତନ
ବୋଡ଼କିଆ

ବର୍ଷା ଅଟେ ଏକ ଅମୂଲ୍ୟ ରତନ
ସଭିଙ୍କର ପ୍ରାଣଦାତା
ସୃଷ୍ଟିର ପାଳକ ସଂସାରେ ସେ ବର
ଜଗତର ମୂଳସତ୍ତା । ୧

ଜୀବନ୍ୟାସ ଦିଏ ଜଳ ବର୍ଷାକରି
ଶୋଭିତ କରେ ସଂସାର,
ତରୁ ଲତା ପୁଷ୍ପ ରୂପ ସୌନ୍ଦର୍ଯ୍ୟର
ଅଟେ ସେ ମୂଳ ଆଧାର । ୨

ପୁଷ୍ପରୁ ଉଦ୍ୟାନ ବନଉପବନ
ବର୍ଷାରୁ ପୁଣି ଜୀବିତ,
ସୌନ୍ଦର୍ଯ୍ୟ ପ୍ରତୀକ ସବୁଜ ଜଗତ
ଜାତ ପୁଣି ଯେ ବିଦ୍ୟୁତ । ୩

କଢ଼ଠାରୁ ଫୁଲ ଫଳର ଭଣ୍ଡାର
ଅଟଇ ସେ ଗନ୍ତାଘର,
ପଶୁଠାରୁ କୀଟ ପତଙ୍ଗ, ବିହଙ୍ଗ
ତୃଷ୍ଣା ହରେ ଦେଇ ନୀର । ୪

ବର୍ଷାରୁ ବଞ୍ଚିତ ଚାଷୀ ଯେ ବ୍ୟଥିତ
ମିଳେନାହିଁ ଅନ୍ନହାର,
ବର୍ଷା ହେତୁ ସିଏ ଫସଲ ଯୋଗାଏ
ଆନନ୍ଦେ ପାଳେ ସଂସାର । ୫

ବର୍ଷା ବିନା ଜୀବ ପାଲଟେ ନିର୍ଜୀବ
ଜୀବିକାର ମୂଳ ସ୍ରୋତ,
ବସନ୍ତ ରାଜାର ଅଟଇ ସେ ରାଣୀ
ଆନନ୍ଦେ ପାଳେ ଜଗତ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୂର୍ଯ୍ୟ ଚନ୍ଦ୍ର ପ୍ରେମିକ

ଭକ୍ତବନ୍ଧୁ ବିଶ୍ୱାଳ

ଜନନୀ ଧରିତ୍ରୀ ସାର୍ଥକତା ହୋତ୍ରୀ
ସ୍ନେହ ମମତାର କୋଳ,
ତୋହରି ସମ୍ମୁଖେ ଅଭିନୟ ଲକ୍ଷ୍ୟେ
ହସିହସାଉ ସକଳ ।
ସୂର୍ଯ୍ୟ ଉଦୟରେ ଲଭି ଆଲୁଅରେ
ପଦୁଅଁ ଆନନ୍ଦେ ହସେ
ପ୍ରେମର ଇଶାରା ପ୍ରେମିକ ପସରା
ହୃଦୟ ତରଙ୍ଗେ ଭାଷେ ।
ଚନ୍ଦ୍ରର ସ୍ପର୍ଶରେ କଇଁ ଆନନ୍ଦରେ
ନଚାଏ ପ୍ରେମର ପାଦ,
ସତେ ମୋର ଭାଗ୍ୟ ପରମ
ସୌଭାଗ୍ୟ
ଲାଜରେ କହଇ ପଦ ।

ଭାବଇ ସୂରୁଯ ମୁଁ ଏକା ପ୍ରେମିକ
ନାହିଁଟି ଦୁନିଆଁ ବକ୍ଷେ
ଚନ୍ଦ୍ର ସଆନନ୍ଦେ ନାଚେ ହୃଦଛନ୍ଦେ
ପ୍ରେମସ୍ୱାଦ ସ୍ୱର୍ଗସୁଖେ ।
ଭାବୁଅଛି ଯାହା କେହି ଦେଖୁନାହିଁ
ସବୁତ ଦେଖୁଛି ଧରା,
ତାହାରି ସ୍ନେହରେ ଲଭି ଦୁନିଆଁରେ
ଏଇତ ମାୟା ପସରା ।

ମାଁ ଘସିଏନ୍ ଦେବୀ ସାହିତ୍ୟ ସଂସଦ,
ଘସିଏନ୍, ପାଟଣାଗଡ଼, ବଲାଙ୍ଗୀର
ଭ୍ରାମ୍ୟଭାଷ : ୯୩୪୮୯୫୧୮୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପକ୍ଷୀ କୁହେ...

ଦେବେନ୍ଦ୍ର ଭୁଏ

ରେ ପକ୍ଷୀ .....

କୁହୁ କୁହୁ ତାନେ କିଆଁ କହି ଯାଉ ମୋତେ

କାହା ପାଇଁ ଏ ଧାଁ- ଦଉଡ,

ମୂଲ୍ୟହୀନ ନୀରର୍ଥକ ସତେ ।

ମୋ ଆଖି ଆଗେ ଉଡିଯାଉ ଏ ଡାଳୁ ସେ ଡାଳେ

କାନେ ମୋର କହି ଯାଉ ,

କଣ ପାଇଁ ତୁ ପଙ୍ଖୁ ସାଜୁ,

ସ୍ୱାଧୀନତାକୁ ବାଜି ଦେଉ,

ମିଛ ମରୀଚିକା ପଛେ ଧାଇଁ, କିବା ସୁଖ ପାଉ !

ରେ ପକ୍ଷୀ .....

ମୋ ଅଗଣେ ବସିଯାଉ ଅନେକ ସମୟ

କିବା ମିଳେ ପ୍ରକୃତିରୁ

ଶାନ୍ତ ରହୁ ଏତେ କ୍ଷଣ !

ଅସୀମ ଆନନ୍ଦେ ଦିଶେ ତୋ ମୁହଁ ଉଜ୍ଜ୍ୱଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିଭି, ମୋବାଇଲ୍, ଇଣ୍ଟରନେଟରେ

କାହିଁ ଏଇ ସୁଖ !

ରେ ପକ୍ଷୀ.....

ତୋ ଶାବକ ପାଖେ ବସି ,ଖେଳ କରୁ କେତେ

କେତେ କ୍ରୀଡା କେତେ ଗେଲ ,ଅଛପା ନାହିଁ ମୋତେ □

ମତେ ଦେଖି ହସିଦେଉ ,କିବା ତୋର ଭାବ !

ପ୍ରଗତିର ଶ୍ରମିକ ମୁଁ

ବଧିର ମୋ ପାଇଁ ସନ୍ତାନର ରାବ ।

ରେ ପକ୍ଷୀ .....

କାହିଁ ତୁ ମୋତେ ବିରକ୍ତ କରୁଛୁ ,

ମୁଁ ପଙ୍ଗୁ ସାଜି ଭଳରେ ଅଛି ,

ମେସିନ୍ ହୋଇ ରହିବା ମୋ ଫଳ ,.

ବଧିର ଆଜି ମୁଁ ଟଙ୍କାର ଶବ୍ଦରେ

ଅନ୍ଧ କରିଛି ମୋତେ ମୋହରି ଖେଳ .....

ଦୁଲମପୁର, ବ୍ଲକ୍ ଅତାବିରା (ବରଗଡ) ୯୦୯୦୬୪୦୦୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାଲିଯାଅ ତୁମେ ସାଥୀ

ଦେବାଶିଷ ଦିକ୍ଷୀତ

ସନ୍ଧ୍ୟା ଆଗମନେ ମଳୟ ବାଆରେ
ତମ କଥା ମନେପଡ଼େ
ନିତିଦିନ ତମ ଛବି ଦେଖିଦେଖି
ଆତ୍ମାରୁ ମୋ କୋହ ଉଠେ ।

ଆନନ୍ଦ ହୃଦୟ ଗ୍ରସ୍ତ ହୁଏ ବିଷାଦର
ରଜନୀର ଆଗମନେ
ଚିନ୍ତାରେ ଗ୍ରାସିତ ହୃଦୟଟି ମୋର
ସ୍ମୃତିର ଛବିରେ ହଜେ ।

ଅନେଇ ବସିଛି ଝରକାକୁ ଚାହିଁ
ଜହ୍ନ ଆସିବ ତ ଉଇଁ
ଆସିଗଲେ ଜହ୍ନ ଦେଖିବି ଅନେଇ
ଜହ୍ନରେ ପ୍ରିୟାକୁ ମୁହିଁ ।

ତମ ଅପେକ୍ଷାରେ ବସିଥାଏ ଘରେ
ଆସିବ ତ ଲୁଚି ଛପି
ଆସିକି ଝରକା ପାଖରେ ଡାକିବ
ବେଳ ହେଲା ଆସ ସାଥୀ ।

ତୁମ ଆଗମନେ ଧାଇଁ ଚାଲି ଆସେ
ପୁରୁଣା ଦିନର ସ୍ମୃତି
ଭାବି କିଛିକ୍ଷଣ ମନ ମାନେ ନାହିଁ
ଲୁହକୁ ଆଖିରେ ଚାପି ।

ଆସୁଛ ତ ନେଇ ମଳୟ ସମୀର
ଯୋଡ଼େ ଆତ୍ମାକୁ ଆସି
ହେଲେ ମୋର ଆତ୍ମା କାଇଁ ଅବୁଝା ହେଉଛି
ଚାଲିଯାଅ ତୁମେ ସାଥୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତମ ଆଗମନେ ଜହ୍ନର ଜୋଛନା
ଅବନୀରେ ଦିଏ ଢାଳି
କେତେ କେତେ କବି ଭାବୁକ ହୁଅନ୍ତି
ତୋ ଶୀତଳ ପରଶ ବୋଳି ।

ଆସ ନାହିଁ ଆଉ ଉଙ୍କିମାରି ଜହ୍ନ
ରାଜନୀକୁ ନେଇ ଆଜି
ଅବୁଝା ମନକୁ ବୁଝେଇ ପାରୁନି
ଚାଲିଯାଅ ତୁମେ ସାଥୀ ।

ପୂର୍ବକଚ୍ଛ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଥମ ଅନୁଭୂତି

ସରୋଜିନୀ ଦାସ

ଆଖି ମୋର ଭିଜିଗଲା
ମା ତୋର ଦରଶନେ
ତୋ ସମାଧିକୁ ଛୁଇଁ ଦେଲେ ଥରେ
ବ୍ୟାକୁଳତା ଭରିଯାଏ ମନେ
କାହାପାଇଁ ମା ସମାଧି ନେଇଛୁ
ଏ ଗୂଢ ରହସ୍ୟ ଜାଣିଲି ମୁହିଁ
ଅଗଣିତ ଭକ୍ତ ହାତଯୋଡି ତୋତେ
ଗୁହାରି ଜଣାନ୍ତି କାନ୍ଦି କଇଁକଇଁ
ସତେ କଣ ମା ଗୁହାରି ଶୁଣୁଛୁ
ନା ନୀରବରେ ଶୋଇ ସବୁ ଦେଖୁଛୁ
କିଏ କହିବ ତୋ ଅନ୍ତର କଥା
କେଉଁ ମାଧ୍ୟମରେ ଦେଖା ଦେଉଛୁ
ଆହା କି ସୁନ୍ଦର ଏ ପରିବେଶ
ଅପୂର୍ବ ଲାଗୁଛି ମୋତେ
ନୀରବରେ ବସି ଧ୍ୟାନ କରୁଥାନ୍ତି
ମନେ କେନ୍ଦ୍ର କରି ତୋତେ

ମିଛମାୟା ଭରା ଏ ଦୁନିଆରେ
କେଉଁଠି ମିଳେନି ଶାନ୍ତି
ସେଥିପାଇଁ ମା ଆଶ୍ରମକୁ ଆସି
ନିଜକୁ ଖୋଜି ବୁଲନ୍ତି
ଶ୍ରୀମା ଶବ୍ଦଟି ଅଲୌକିକ ଶକ୍ତି
ପ୍ରେମରେ ରହିଛି ଭରି
ଢାଳିଦିଅ ମା ସେ ପ୍ରେମରୁ ବୁନ୍ଦେ
ଆଲିଙ୍ଗନ ମୋତେ କରି
ସତେ କି ସେ ଭାଗ୍ୟ ହୋଇବ ମୋର
ଦେଖି ପାରିବି କି ରୂପ ତୋହର
ଶେଷ ଦୀପଟିଏ ଲିଭିବା ଯାଏ
ତୁଣ୍ଡେ ଧରୁଥିବି ନାମ ତୋହର

କଲ୍ପକ୍କମ, ତାମିଲନାଡୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭକତର ବନ୍ଧୁ ମୋ ଜଗନ୍ନାଥ

ଆଲୋକ କୁମାର ସାହୁ

ହେ କଳାଠାକୁର,

ଦେଖିଦେଲେ ମୁହଁ ତୋହର

ଭରିଯାଏ ପେଟ ମୋହର,

କେବେ ଲାଗିବ ତୋ ଡୋରି,

ଯା'ନ୍ତି ମୁଁ ପୁରୀ ।

ପାପୀ ଭକତଟେ ମୁହିଁ

ସବୁ ଦୁଃଖ ମୋର ଦୂର ହୋଇଯାଉ,

ତୋ ବଡଦେଉଳକୁ ଚାହିଁ ।

ଆପେ ଆପେ ହାତ ଉଠିଯାଏ ମୋର

ଦେଖୁଦେଖୁ ତୋର ନେତ

ମାଗୁନାହିଁ ତତେ କିଛି ଧନ

ମାଗୁଛି ଏତିକି କାଳିଆ ମତେ ଦେ ଦରଶନ

ତୁ ବଡ଼ ଦେଉଳିଆ ବନ୍ଧୁ

ଭକତ ଡୋରୀରେ ବନ୍ଧା, ମୁକ୍ତି ସାଗର ସିନ୍ଧୁ ।

ଜୟ ଜଗନ୍ନାଥ କହି, ମୁଣ୍ଡିଆଟେ ଦେଲେ ମାରି

ପବିତ୍ର ହୁଅଇ ମନ, ପବିତ୍ର ହୁଅଇ ଜନ୍ମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ମୋର ନୟନ ପିତୁଳା, ହୃଦର ସ୍ପନ୍ଦନ

ଦରିଦ୍ରର ବନ୍ଧୁ ତୁହି, ମୋ ପ୍ରାଣଧନ

ନନ୍ଦିଘୋଷ ଯେବେ ଯାଉଥିବ ଗଡ଼ି

ରଥ ଚାଲିଯିବ ମୋ ଉପରେ ଚଢ଼ି ।

ଧନ୍ୟହେବି ପ୍ରଭୁ ସେବେ,

ପ୍ରାଣବାୟୁ ମୋର ଚାଲି ଯାଉଥିବ ଯେବେ ।

ଧନ୍ୟ ତୁ କାଳିଆ, ଧନ୍ୟ ତୋର କ୍ଷେତ୍ର

ଦେଖିଦେଲେ ତତେ ଥରେ ପବିତ୍ର ହେବ ମୋ ନେତ୍ର ।

ଢେଙ୍କାନାଳ, ଓଡ଼ିଶା

ଭ୍ରାମ୍ୟଭାଷ : ୬୩୭୧୬୫୮୫୫୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାପା

ଡଃ ଆଭାଞ୍ଜଳୀ
ଶତପଥୀ

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ହିଁ ସେ ପଥ

କୁସୁମିତ, ସୁଗନ୍ଧିତ

ନିଷ୍କଣ୍ଟକିତ ସୁରକ୍ଷାବାଡା

ମୋ ଜୀବନଯାତ୍ରାକୁ କରେ

ଶୁଭମୟ, ସୁମଧୁର

ତୁମେ ସେ ପଥ ପ୍ରଦର୍ଶକ

ଦେଖାଏ ସ୍ୱପ୍ନ ଓ ବାସ୍ତବର କଠୋର ପ୍ରଭେଦ

ସତ୍ୟ ଅସତ୍ୟର ସୂକ୍ଷ୍ମଭେଦ

ଜୀବନ ଓ ଜୀବିକା ସନ୍ତୁଳନର ମାନଦଣ୍ଡ ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ହିଁ ସେ ଗୀତ

ରାଗ ଯା'ର ସଭ୍ୟତା, ସଂସ୍କୃତିର

ତାଳ ଜ୍ଞାନ ବିବେକର

ଆଉ ଛନ୍ଦ ଜୀବନ ଦର୍ଶନର ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ମନ୍ତ୍ର

କରାଏ ମୋ ଜୀବନକୁ ସ୍ନେହ ଶ୍ରଦ୍ଧା ଓ ଆଦରରେ ମନ୍ତ୍ରିତ,

ସେ ଯନ୍ତ୍ର

ମୋ ଅପୂରଣ ଇଚ୍ଛାକୁ ପୂର୍ଣ୍ଣ କରିବାକୁ କରୁଥାଏ ଅଦମ୍ୟ ପ୍ରୟାସ,

ସେ ତନ୍ତ୍ର

ମୋ ଅଥୟ ମନରେ ଆଣିଦିଏ ଥୟର କୁହୁକ ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ହିଁ ସେ ରଙ୍ଗ

ମୋ ହତାଶ ହୃଦୟେ ଆଣେ ଆଶା ଇନ୍ଦ୍ରଧନୁ

ସେ ରୂପ

ଯେ କଠୋର ଓ କୋମଳର ଅଦ୍ଭୁତ ମିଶ୍ରଣ

ଶାନ୍ତ, ସୌମ୍ୟ ସାହସର ସ୍ୱର୍ଗୀୟ ଚିତ୍ରଣ ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ତ ସେ ନଦୀ

ବହୁଥାଏ ସ୍ନେହ ପ୍ଲାବନରେ

ସେ ସ୍ରୋତ

ମୋ ଜୀବନ ନୌକାକୁ ଭସାଇଦିଏ ବୈଭବ ଅନୁକୂଳେ

ସେ ଶକ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଦ୍ଧାରେ ମୋତେ ନକାରାତ୍ମକର

ଆବର୍ତ୍ତରୁ

ଛାଡିଦିଏ ପୁଣି ସକାରାତ୍ମକର ଉଜ୍ଜ୍ୱଳ ଭୂମିରେ ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ହିଁ ସେ ଦୀପ

ଅଖଣ୍ଡ, ଅମ୍ଳାନ

ଜଳୁଥାଏ ସ୍ୱଇଚ୍ଛା ବଳିଦାନରେ

ତ୍ୟାଗ ଇନ୍ଧନରେ

ନିଃସ୍ୱାର୍ଥ ସଳିତାରେ ।

ତୁମେ ଈଶ୍ୱରଙ୍କ ବରପୁତ୍ର ସେ ପିତା - ମୋ ବାପା ।

ତୁମେ ହିଁ ସେ ଧ୍ୱଜ

ନଭଶ୍ଚୁମ୍ବୀ, ସଦା ଦୋଳାୟିତ

ଧୈର୍ଯ୍ୟର ପ୍ରତୀକ

ତ୍ୟାଗୀର ଚିହ୍ନ

ଉଦାହରଣ କର୍ମଯୋଗୀର

ନିଦର୍ଶନ ପରାକାଷ୍ଠାର ।

ତୁମେ ଈଶ୍ୱରଙ୍କ ବରପୁତ୍ର ପିତା - ମୋ ବାପା ।

ଚେନ୍ନାଇ, ଭ୍ରାମ୍ୟଭାଷ : ୯୮୮୪୧୩୪୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇଏ କି ଦୁନିଆଁ

ଡଃ ପ୍ରସନ୍ନ କୁମାର ବଳ

ଜନମିଲି ଯେବେ ଏ ଧରାଧାମରେ, ଦେଖିଲି ଏହି ଦୁନିଆଁ
କି ସୁନ୍ଦର ଏହା ସତରେ ମାଆ ଲୋ, କାନ୍ଦିଲି ମୁଁ କୁଆଁ କୁଆଁ । ୧
ଏ କାନ୍ଦ ମୋହର ଆଣିଲା ତ କିନ୍ତୁ ସବୁରି ମୁହଁରେ ହସ
କ୍ରମେ କ୍ରମେ ବଡ଼ ହୋଇ କଲି ମୁହିଁ ଆନନ୍ଦ କାଳାତିପାତ । ୨
କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର
ମାଆବାପାଙ୍କର ଅନାବିଳ ସ୍ନେହ ଆମ ପାଇଁ ହିଁ ଅପାର । ୩
ଏ ଦୁନିଆଁ ମଧ୍ୟେ ସର୍ବେ କିନ୍ତୁ ନିଜ କାର୍ଯ୍ୟରେ ହିଁ ତତ୍‌ପର
ଗାଡ଼ି, ଘୋଡ଼ା, କଳକାରଖାନା ପୁଣି ଦୋକାନୀ ଭାଇ ଚଞ୍ଚଳ । ୪
ଉଡ଼ାଯାହାଜର କେଁ କେଁ ଶବ୍ଦ, ରେଳଗାଡ଼ି ଛୁକ୍ ଛୁକ୍
ମଟର ଗାଡ଼ିର ପେଁ ପାଁ ଶବ୍ଦ ସବୁ ହୋଇଗଲା ଚୁପ । ୫
ସମସ୍ତେ ତ ପୁଣି ଚଞ୍ଚଳ ହୁଅନ୍ତି ରାତି ପାହିଗଲା ପରେ
କେବେ କେବେ ପୁଣି ଜାଣି ତ ହୁଏନା ରାତିଦିନ ତଫାତରେ । ୬
ଚଳଚଞ୍ଚଳ ହୋଇପଡ଼େ ପୁଣି ସବୁ ରାସ୍ତା ଗଳିକନ୍ଦି
ମାନବ ନିଜର ଜୀବିକାନିର୍ବାହ କରେ ଏଇଥିରେ ଛନ୍ଦି । ୭
ଆଜି କିନ୍ତୁ ଯାହା ଦେଖୁଛି ଏ ଆଖି ବିଶ୍ୱାସ ନ ହୁଏ ମୋର
ନିସ୍ତବ୍ଧ ଏ ଦିନ ରାତିଠାରୁ ବେଶି ଚାରିଆଡ଼େ ହାହାକାର । ୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୋକାନବଜାର ସବୁ କିଛି ବନ୍ଦ, ବନ୍ଦ ପୁଣି ଯାତାୟାତ
ବ୍ୟବସାୟୀ ସବୁ ହାତ ଟେକିକରି ବସିଛି ହୋଇ ହତାଶ । ୯
ଦିନ ମଜୁରିଆ ଭାଗ୍ୟକୁ ଆଦରି ପଡ଼ିଅଛି କୁଟୀରରେ
କେତେ ଦିନ ଆଉ ବଞ୍ଚିବ ଏପରି ସରକାରୀ ସାହାଯ୍ୟରେ । ୧୦
ଏମିତି ଦୁନିଆ ଦେଖିତ ନଥିଲି କେବେ ମୋର ଜୀବନରେ
ଏମିତି ଦୁନିଆଁ ଆସିବ ବୋଲିକି ଭାବିନି ମୁଁ ସପନରେ । ୧୧
ଆଣିଦିଏ ଇଏ ଅନେକ ହତାଶ ଏହି ମାନସ ପଟରେ
ଧୈର୍ଯ୍ୟ ଧରିବାକୁ ପଡ଼ିବ ଅନେକ ଏହି ଜୀବନ ବାଟରେ । ୧୨
ଏହାର ପ୍ରଭାବ କେତେ ଦିନ ଆଉ ରହିବ ତ ଜାଣିନାହିଁ
ସନ୍ଦେହର ଭାବ ରହିଗଲା ପୁଣି ଏ ଧରାଧାମେ ଗୋସାଇଁ । ୧୩
ଆଉ କଣ କଣ ଦେଖିବାକୁ ବାକି ରହିଲା ଏ ଜୀବନରେ
ଚାହେଁ ପ୍ରଭୁ ମୁହିଁ ମୋ ପୁରୁଣା ଦିନ ତୋ ଆଶିଷ ଲାଭବଳେ । ୧୪

ଉପ-ମହାପ୍ରବନ୍ଧକ,
ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, କଲିକତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା ପ୍ରଭାବ

ଡା ସୌମ୍ୟରଞ୍ଜନ ମିଶ୍ର

ନିଳାଦ୍ରୀବିଜେରେ ଗଲାବେଳେ
ପ୍ରଭୁ କାମପାଳ ଲାଙ୍ଗଳୀ
ଦାନ୍ତ କଡ଼ମଡ଼ କରି ଜଗା ଆଗେ
କହିଲେ ଦେଖାଇ ଆଙ୍ଗୁଳି ।
ସେବକଙ୍କ ଆଗେ କହୁନାହିଁ କିଛି
ତୁ ଭିତରକୁ ଖାଲି ଚାଲ
ଚିହ୍ନିବୁ ତୁ ମୋତେ ଭଲକରି ଆଜି
ତୋ ଅବସ୍ଥା ହେବ ବେହାଲ ।
ଶୁଣି ଏହିପରି କଡ଼ାକଡ଼ା କଥା
ରସଗୋଲା ସ୍ୱାଦ ହୋଇଗଲା ଫିକା
ମନେ ମନେ ଗୁଣି ହେଲେ ଚକ୍ରପାଣି
ମୋ କାରସାଦି ଭାଇ ପାରିଲେ କି ଜାଣି ।

ରତନ ବେଦୀକୁ ଛୁଉଁ ଛୁଉଁ
କାଳିଆର ଧରି ଗୋଟେ ବାହୁ
ଚିଲ୍ଲେଇ କହିଲେ ବଳିଆ ସାଆନ୍ତେ
ଭଲ କଥା କିଛି କଲୁ ନାହୁଁ ।
କେନ୍ଦରାପଡ଼ାର ତୁଳସୀ କ୍ଷେତ୍ରରେ
ଗଡ଼ିଥିଲେ ବ୍ରହ୍ମ ତାଳଧ୍ୱଜ
ବଡ଼ ଭାଇଟାର ଟେକ ରହିଥାନ୍ତା
ତୋ'ର ଭାସିଯାଇଥାନ୍ତା କେଉଁ ଚିଜ ?
ମୋ କଥା ଛାଡ଼ ମୁଁ ବଡ଼ଭାଇ
ଭଉଣୀଟା ଆମ ଖୁସି ପାଇଥାନ୍ତା
ବାରିପଦାରେ ବି ରଥକୁ ତାହାର
ଦାଣ୍ଡରେ ଗଡ଼ାଇ ଦେଲୁନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୋ ବଡ଼ ଦେଉଳେ ରହ ତୁହି
ଆମକୁ ଏ ସବୁ ଲୋଡ଼ା ନାହିଁ
ସୁଭଦ୍ରାକୁ ନେଇ ବାହାରେ ରହିବି
ମଠ ନ ହେଲେ କୋଉ ସାହି ।
ଶୁଣି ଏଡ଼େ ମର୍ମଭେଦୀ କଥା
ବଡ଼ ଠାକୁରଙ୍କ ରାଗ ରୋକିବାକୁ
ଦୁଇହାତ ଯୋଡ଼ି ନିଜକୁ ସଂକୁଚି
ଭାବଗ୍ରାହୀ ନତ କଲେ ମଥା ।
କହିଲେ ହେ ମୋର ଭୋଳା ଭାଇ
ଏସନ ମୁଁ କଣ ରଥରେ ଥିଲିକି
ଦାଣ୍ଡରୁ ଦାଣ୍ଡରୁ ଖସି ଯାଇଥିଲି
ତୁମର ଠିକିଏ ନିଘା ନାହିଁ ।
ପଚାଶ ଶହେ ସରିକି ଲୋକ
ନେଇଯାଉଥିଲେ ରଥ ଭିଡ଼ି
ବସିଥିଲେ ମୁହିଁ ସେହିଠାବ
ଯାଇଥାନ୍ତା ତାଙ୍କ ହଂସାଉଡ଼ି ।

ନିଷ୍ପାପ ନିର୍ମଳ ଯେତେ ପିଲା
ଅଛନ୍ତି ଏହି ମର୍ତ୍ତ୍ୟ ଭୂବନେ
ଟୁଙ୍ଗୁରୁ ଟୁଙ୍ଗୁରୁ ରଥମାନ କରି
ଟାଣି ନେଉଥିଲେ ସ୍ଥାନେ ସ୍ଥାନେ ।
କଦଳୀ ନଡ଼ିଆ ଉଖୁଡ଼ା ଭୋଗ
ଲାଗୁଥିଲା ଭାଇ କେତେ ବାଗ
ଏଠିକାର ଖଞ୍ଜା ଷାଠିଏ ପଉଟି
ସରି ହୋଇବନି ତା'ର ଆଗ ।
ତୁମେ ଜାଣ ଭାଇ ମୋର ନୀତି
ଭକତ ଯେଉଁଠି ଡାକିଲା ହୃଦରୁ
କ୍ଷଣକରେ ସେଠି ଉଭା ହେବା ଛଡ଼ା
ନାହିଁ ମୋର ଆଉ ଅନ୍ୟଗତି ।
ବାହୁଡ଼ାରେ ବି ମୁଁ ସେୟା କଲି
ତୁମେ ଚାଲିଗଲା ପରେ ଆଗେ ଆଗେ
ସବୁଆଡୁ ଟିକେ ବୁଲାବୁଲି କରି
ପୁଣି ତୁମ ସଙ୍ଗେ ଯୋଗଦେଲି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଳିଆକୁ ଚାହିଁ କହିଲେ ଭାଇନା
ଛାଡ଼ିଲୁନି ବୁଦ୍ଧି ନଟଖଟ
ଆଗେ ଆମ ଦି ଜଣଙ୍କୁ ପଠାଇ
ପଛରେ କରିଛୁ ତୁ ଏତେ ନାଟ ?
ମୋର ଛୋଟ ଉପଦେଶ ଘେନ
ଏକଥା ନ ହେଉ ଆନ କାନ
ନ ହେଲେ ବ୍ୟାପିବ ଅରାଜକତା
ଅଭିଭାବକଙ୍କୁ ଅସମ୍ମାନ ।
ଅନାଦି କାଳରୁ ମୁହିଁ ଆଗ
ସରକାରଙ୍କର ଦେଖ ବାଗ
ବଳିଆ ଯୋଜନା ଆଣୁଛନ୍ତି ଏବେ
କାଳିଆରେ ଛିଣ୍ଡିଲାନି ଭାଗ ।
କହି ଦେଉଅଛି ଜଗା ତତେ
ମୋ ନାଆଁ ଯଦି ଭାଣ୍ଡିଆ ହୋଇବ
ସଂସାର ଯେହେତୁ ତୁ ଚଳାଉଛୁ
ହିସାବ ସବୁ ତୁ ଦେବୁ ମତେ ।

ଯାହାକୁ ଯାହା ମୁଁ ଦବା କଥା ଦିଏ
ଭାଇନା ହେ ତୁମେ ହୁଅ ଥୟ
ରାଇଲେ ବଢ଼ିବ ବ୍ଲଅଡ଼ ପ୍ରେସର
ହେଇ ନିଅ ରସଗୋଲା ଖାଅ ।
କାଳିଆର ଏହି କଥା ଶୁଣି
ହସିଦେଲେ ଟିକେ ଚକ୍ରପାଣି
ଜଗା ହାତୁ ରସଗୋଲା ଖାଇ
ରାଗରୋଷ ଗଲା ଧ୍ୱଂସ ହୋଇ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀୟୁ
କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨
ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ତୁମ୍ଭଙ୍କୁ ପ୍ରଣିପାତ କଲି

ଚିତ୍ତରଞ୍ଜନ ସାହୁ

ହେ ଦୁନିଆଁ ବାସୀ ! ହେ ମାନ୍ୟବର !

ମୁଁ ତୁମ୍ଭଙ୍କୁ ପ୍ରଣିପାତ କଲି,

ତୁମ୍ଭେ ମୋତେ ହତାଦର କଲ ।

ମୁଁ ତୁମ୍ଭଙ୍କୁ ଧନ ଦେଇ ସାହାଯ୍ୟ କରିପାରି ନାହିଁ

ସେଥିପାଇଁ ତୁମ୍ଭେମାନେ ମନଦୁଃଖ କଲ ;

କିନ୍ତୁ ମନପ୍ରାଣ ଦେଇ

ତୁମ୍ଭମାନଙ୍କର ଯେତେ ସେବା କଲି

ସେ ସବୁକୁ ଏତେ ସହଜରେ ଭୁଲିଗଲ ।

ତମ୍ଭ ପଖାଳ କଂସାରେ

ମୁଁ ଚିଙ୍ଗୁଡ଼ି ଝୋଳ,

ମଟନ କସା ହୋଇପାରିଲିନି ସତ;

ମାତ୍ର ଶାଗଭଜା, ଶୁଖୁଆ ପୋଡ଼ା ହୋଇ

ଯେତେଥର ନିଜକୁ ମୁଁ ଭେଟିଦେଲି

ସାଦରେ ଗ୍ରହଣ କଲ ;

କିନ୍ତୁ ଏତେ ଶୀଘ୍ର ଭୁଲିଗଲ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ, ତୁମ୍ଭଙ୍କୁ ଆପଣାର କରିବାକୁ

ଯେବେ ଶତଚେଷ୍ଟା କଲି;

ସେତେବେଳେ ତୁମ୍ଭେମାନେ ଅଣଦେଖା କଲ ।

ଆଜି କିନ୍ତୁ ସବୁଦୋଷ ମୋ ଉପରେ ଲଦି

ନୀରବେ ପ୍ରାର୍ଥନା ଗାଇ ଗାଇ ଚାଲିଗଲ ।

ହେ ଦୁନିଆଁ ବାସୀ ! ହେ ମାନ୍ୟବର !

ମୁଁ ତୁମ୍ଭଙ୍କୁ ପ୍ରଣିପାତ କଲି,

ତୁମ୍ଭେ ମୋତେ ହତାଦର କଲ ।

ସିଙ୍ଗିରି, ଆଳି, କେନ୍ଦ୍ରାପଡ଼ା

୮୯୦୮୩୮୪୭୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ପ୍ରିୟତମା

ବାଦଲ ମହାରଣା

ବିଧାତା ସୃଷ୍ଟିର ଆଶ୍ଚର୍ଯ୍ୟ ତୁମେ
ତୁମେ ଅଙ୍କା କେଉଁ ତୁଳୀରେ
କୋଟି ଲାବଣ୍ୟବତୀ ସୌନ୍ଦର୍ଯ୍ୟ ଶୋଭା
ଗଢ଼ା ଦେବ ରୂପ କାଳୀରେ ।

ତୁମ ସୁନ୍ଦରତା ପାରିଜାତ ଜହ୍ନ
କେହି ନାହିଁ ତୁଳନୀୟ
ଜ୍ୟୋତି ଭରା ତୁମର ଶୋଭା
ପରୀ ରାଇଜର ସୂଚକୀୟ ।

ଗହଳ ଲମ୍ବ କେଶ ତୁମର
ସୌନ୍ଦର୍ଯ୍ୟ ବର୍ଦ୍ଧକ ପଥି
ସ୍ୱପ୍ନ ତୁମବିନା ସାର୍ଥକ ନୁହଇଁ
ସରିବନି ଜମା ରାତି ।

ମୃଗନୟନୀ ନୟନ ତୁମ
ଦେହ ଶୋଭାପରି ଚାହାଣୀ
ଗୋଟିଏ ପଲକ କହେ ଶତ କଥା
ଲେଖି ହୋଇଯିବ କାହାଣୀ ।

ଧାରୁଆ ତୀକ୍ଷ୍ଣ ନାକ ତୁମର
ନାକ ଅଗରେ ପୁଣି କାନ୍ଦ
ସେ କାନ୍ଦକୁ କିଏ ସହି କି ପାରିବ
କରିବନି କେବେ ବାଦ ।

ଗୋଲାପ କଢ଼ିର ଓଠ
ନାଲି ଝରଝର ଦିଶେ
ସେ ଓଠର କଥା ଶୁଣିଦେଲେ
ମନ ଆନନ୍ଦରେ ରସେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଇ ଗୋରା ଗୋରା ଗାଲ
ଲାଗେ ଗୋଲାପୀ ଗୋଲାପୀ
ପ୍ରକୃତିର କେଉଁ ମାପକାଠି ଅଛି
ତମ ସୌନ୍ଦର୍ଯ୍ୟ ଦେବ ମାପି ।

ତୁମ ସରୁ କଣ୍ଠର ଶୋଭା
ବଢ଼ାଏ ଗଳାର ମାଳି
ତୁମ କଥା ହୃଦୟ ଭାବିଲେ
ମନ ଚାଲିଯାଏ ବୁଲି ।

ଚମ୍ପାକଢ଼ି ପରି ଆଙ୍ଗୁଳି ତୁମର
ମିଠା ମିଠା ତାର ସ୍ପର୍ଶ
ପ୍ରତି ସଂସ୍ପର୍ଶର କୁହୁକ
ହେବ ନାହିଁ ପରକାଶ ।

ଲଚକ ମଚକ ଅଣ୍ଟାଟି
ଅଣଓସାରିଆ ରାସ୍ତା ପରି
ପେଟ ଉପରେ ଫୁଲପରି ନାଭି
ଦିଏ ସୁନ୍ଦରତା ଭରି ।

ରାଜହଂସ ପରି କୁହୁକ ଚାଲି
ସତେ ରାଜ୍ୟ ରାଜଜେମା
ତୁମ ଅଙ୍ଗ ସଂଗେ ମୋ କାବ୍ୟର ମିଳନ
ଭୁଲଥିଲେ ଦେବ କ୍ଷମା ।

ହରିକୃଷ୍ଣ ନଗର, ଦ୍ୱିତୀୟ ଗଳି
ହାଉସିଂ ବୋର୍ଡ଼, ବ୍ରହ୍ମପୁର, ଗଞ୍ଜାମ
୭୬୦୦୦୨ ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଗନ୍ନାଥ ମହିମା

ସହଦେବ ପ୍ରଧାନ

ରାଗ: - ବଙ୍ଗଳାଶ୍ରୀ

ତୁହିମା ଧରଣୀ ଜନନୀ ମୋହର – (ବୃତ୍ତେ)

ଜୟ ଜଗନ୍ନାଥ ଜଗତର ନାଥ
ପ୍ରଭୁ କମଳାଙ୍କ ପତି
ସାଗର କୂଳରେ ନିଳାଳ ଧାମେ
ପୂଜା ପାଉଥାଅ ନିତି । ୧ ।

ଛପନ ପଉଟି ଭୋଗ ଲାଗିହୁଏ
ବାରମାସେ ଦିବାନିଶି
ସାକର ମହୁର ପୋଡ଼ପିଠା ଡ଼ାଲି
ଉଖୁଡ଼ା ନଡ଼ିଆ ପେଶି । ୨ ।

ଗଜା ଛେନା ଖିରୀ କନିକା ଏଣ୍ଡୁରୀ
ବିରି ବୁହା ଖାସ୍ତା ପୁରୀ
ବରା ମାଲପୁଆ ସୁଜିଖିରୀ ଖୁଆ
ପଣା ବେସର ତିପୁରି । ୩ ।

ଆରିସା ବୁନ୍ଦିଆ କଦମ୍ବା ଟାକୁଆ
ବଡ଼କାନ୍ତି ମଠାପୁଳି
ଡ଼ାଲମା ଗୋତାଇ କାଞ୍ଜି ଯେ ପଖାଳ
ଝିଲି ପାଚିଲା କଦଳୀ । ୪ ।

ବାରମାସେ ତୁମ୍ଭ ତେର ପର୍ବ ହୁଏ
ନାନା ପର୍ବେ ନାନା ବେଶ
ବତିଶି ବେଶକୁ ଶୃଙ୍ଗାର କରିଣ
ବୋଲାଅ ଜଗତ ଈଶ । ୫ ।

କେବେ ହାତୀ ବେଶ କେବେ ସୁନା ବେଶ
ପଦ୍ମ ଯେ ଚନ୍ଦନ ଲାଗି
ଚାଚେରୀ ବାମାନ ଲକ୍ଷ୍ମୀ ନରସିଂହ
ରଘୁନାଥ ଜାମଲାଗି । ୬ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲକ୍ଷ୍ମୀନାରାୟଣ ଗଜ ଉଦ୍ଧାରଣ
ଶଙ୍ଖ୍ରା ରାଧାଦାମୋଦର
କୃଷ୍ଣ ବଳରାମ କାଳୀୟ ଦଳନ
ରଜା ରାଜରାଜେଶ୍ୱର । ୭ ।

ସାଧା ହରିହର ଯେ ବଡ଼ସିଙ୍ଗାର
ବଣଭୋଜି ଅବକାଶ
ଗିରି ଗୋବର୍ଦ୍ଧନ ନବ ଯଉବନ
ପୋ÷÷ଶ ଅଭିଷେକ ବେଶ । ୮ ।

ବାଙ୍କଚୂଡ଼ ପୁଣି ନାଗାର୍ଜୁନ ବେଶ
ନବାଙ୍କ ତହିଯ ଲାଗି
ତ୍ରିବିକ୍ରମ ଆଉ ପ୍ରଳମ୍ବାବଧ ଯେ
ବେଶନାମ ଘୋଡ଼ାଲାଗି । ୯ ।

ବରଷକେ ଥରେ ଆଷାଢ଼ ମାସରେ
ଶୁକ୍ଳ ଦ୍ୱିତୀୟା ତିଥିରେ
ବିଶ୍ୱ ପ୍ରସିଦ୍ଧ ସେ ରଥଯାତ୍ରା ହୁଏ
ପୁରୀର ବଡ଼ଦାଣ୍ଡରେ । ୧୦ ।
ଖୁସିମନେ ତିନି ଠାକୁର ଯାଆନ୍ତି
ରଥେ ମାଉସୀମାଁ ଘର
ଶଙ୍ଖ ଘଣ୍ଟା ତାଳ ମୃଦଙ୍ଗ ଧ୍ୱନିରେ
କମ୍ପଇ ତିନି ମଣ୍ଡଳ । ୧୧ ।

ହାତେ ଭୋଗଥାଳ ଭକ୍ତ ମାଳମାଳ
ଜଗା ମହିମା ବଖାଣି
ଅତି ଭକ୍ତିଭାବେ ଆଶିଷ ମାଗନ୍ତି
ରଥ ଦଉଡ଼ିକୁ ଟାଣି । ୧୨ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ଦୂରଭାଷ: ୬୩୭୨୧୩୩୭୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରୀ ନୁହେଁ ତୁମେ ନଈ

ସେବକାନ୍ତ ନନ୍ଦ

ପ୍ରତି ମୁହୂର୍ତ୍ତରେ ତୁମେ, ଝରଝରିତ ଝରଣା ପରି
ମୋ ମନରେ ଯାଉଅଛ ବହି
ଅତିକ୍ରମକରି ଚାଲିଅଛ, ସ୍ରୋତଧାର ନଦୀ ପରି
ଯାଉଅଛ ହୃଦୟକୁ ଛୁଇଁ
ନଦୀର ସ୍ରୋତ ଯେପରି ନିମ୍ନଗାମୀ ଥାଏ ହୋଇ
ଠିକ୍ ସେହିପରି ତୁମେ ଅଧଗାମୀ ଗଲ ହୋଇ ।
କେମିତି ଭୁଲିବି ତୁମ ପ୍ରଥମ ଦିନର ଦେଖା
ଅନେକ ଦିନପରେ ସାଥେ ହେଲ ଯେବେ କଥା ।
ତୁମେ ମୋ ଆପଣାର ମୁଁ ତୁମର ନିଜର
ଆଜି କାହିଁ ତୁମେ ହୋଇଗଲ ସାତପର ।
ଜୀବନରେ କରିଥିଲି ତୁମକୁ ମୁଁ କେତେ ଯେ ପ୍ରତୀକ୍ଷା
ତୁମ ମିଠା ମିଠା କଥା ଶୁଣିବାକୁ କରିଥିଲି ଆଶା ।
ନିରବ ହୃଦୟେ ଆନନ୍ଦ ଦେଇ
ଦଗ୍ଧିଭୂତ କରି ଜାଳିଦେଲ ।
ହୃଦୟକୁ ମୋର ପାଉଁଶ କରି
ସମୁଦ୍ରର ଜଳେ ବୋଳି ଦେଲ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଜିଥିଲ ତୁମେ ମୋ ହୃଦୟର ପ୍ରେୟସୀ

ଜାଣି ପାରିଲନି ତୁମେ ଏତେ ଅବିଶ୍ୱାସୀ

ବିଶ୍ୱାସରେ ବିଷ ଦେଇ ଚାଲିଗଲ ତୁମେ ଦୂରେଇ

ମାୟାବିନୀ ପ୍ରେୟସୀ ତୁମେ ନାରୀ ନୁହଁ ଗୋଟେ ନଈ ।

ବନ୍ଧପାଲି, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଭିମାନୀ ପ୍ରିୟା

ସୌମ୍ୟରଞ୍ଜନ ପାତ୍ର

ତୁମ ବିନା ସାଥି ଲାଗେ ଫିକା ଫିକା
ଚାଲିବି କେମିତି ବାଟ ଏକା ଏକା
ଆସିଥିଲ ସାଜି ମରୂମରିଚୀକା
ଟାଣିଦେଲ ହୃଦେ ପୂର୍ଣ୍ଣ ଯବନିକା ।
ପ୍ରଥମ ପ୍ରେମର ପହିଲି ଫଗୁଣ
ବାଟଭୁଲି ସ୍ମୃତି ହୁଏ ଆନମନ
କାଳବୈଶାଖୀର କଣିଏ ଆଭାସ
ଜାଣିପାରିଲିନି ସେ ପୂର୍ବାନୁମାନ ।
ବିନା ମଳୟରେ ସାଜିଲ ବସନ୍ତ
କରିବାକୁ ବୋଧେ ଜୀବନର ଅନ୍ତ
ଋତୁଚକ୍ରକୁ ବି ବଦଳାଇ ଦେଲ
କରିବି କେମିତି ବାଟ ଅତିକ୍ରାନ୍ତ ।
କଥା ଦେଇଥିଲ ସାଥୀ ଏ ପ୍ରେମର
ଧରିବାକୁ ହାତ ଜନ୍ମ ଜନ୍ମାନ୍ତର
ଭୁଲିଲ କେମିତି ହୋଇ ସ୍ୱାର୍ଥପର
ଜାଳିଦେଲ ମୋର ସବୁ ଅଧିକାର ।
ଉଜାଡି ଦେଲ ମୋ ସଜଡା ସପନ
ଭୁଲିଗଲ ତୁମେ ଅତୀତର ଦିନ
କେଉଁ ଅଭିମାନେ ଦୂରେ ଗଲ କାହିଁ
ଜାଣିବାକୁ ମନ ଝୁରେ ରାତିଦିନ ।
ଜୀବନ ପ୍ରଦୀପ ଲିଭି ଆସିଲାଣି
ସ୍ମୃତିସବୁ ଆଜି ସାଉଁଟି ପାରୁନି
ଶ୍ରାବଣଧାରାରେ ଭାଷି ଯାଇଥିବା
ଅତୀତ କା ଆଗେ କହି ମୁଁ ପାରୁନି ।
ଛୋଟଛୋଟ କଥା ମିଥ୍ୟା ପ୍ରତିଶ୍ରୁତି
ମିଛ ବାଲିଘର ମିଛ ତୁମ ପ୍ରୀତି
ତଥାପି ଏ ମନ ବୁଝେନାହିଁ କାହିଁ
ଅବିଶ୍ୱାସ ଲାଗେ ପ୍ରେମ ପରିଣତି ।
ତୁମ ସ୍ନେହ ପ୍ରେମ ରାସ୍ତାର ପଥିକ
ସଜେଇଲା ମୋତେ ଦୁନିଆଁରେ ଯୋଗୀ
ଅଭିମାନୀ ପ୍ରିୟା ତୁମରି ଦୟାରୁ
କବିତା ମୁଁ ଲେଖେ ସାଜି ଅନୁରାଗୀ ।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ
ଜିଲ୍ଲା: ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନ କୁସୁମ

ଶ୍ରୀରାଜଶେଖର ସି
ଚିମା

ପ୍ରସ୍ଫୁଟିତ କୁସୁମ କେତେ ଯେ କୋମଳ,
ତାଙ୍କ ପ୍ରଫୁଲ୍ଲ ବଦନ କେତେ ଯେ ବିମଳ,
ପ୍ରତ୍ୟହ ସମଳଙ୍କୃତ କରନ୍ତି ଯେ ଧରାତଳ,
ତୋଳିବା ଲାଗି ନାରୀପୂଜାରୀ ଯେ ଆକୁଳ । ୧

ମୃତ୍ତିକାରୁ ମିଳିଛି ଅମୁଲ୍ୟ ଜୀବନ,
ଶୁଭ୍ର ସୁରଭିତ ରହୁ ଯେମିତି ସୁମନ,
ସୀମାବଦ୍ଧ ଅବଧିରେ ରହୁ ପାବନ,
ପୁନଃ ମାଟିରେ ହେବ ପ୍ରତ୍ୟାବର୍ତ୍ତନ । ୨

ଇହଲୋକର ତରୁଲତାରେ ହୁଏ କୁସୁମଙ୍କର ଆଗମନ,
ରଙ୍ଗବେରଙ୍ଗ ସାଦୃଶ୍ୟରେ ଆଭୂଷିତ ଦିଶନ୍ତି ଉଦ୍ୟାନ ବନ,
ଭାଗ୍ୟବନ୍ତଙ୍କୁ ସାମୀପ୍ୟ ପ୍ରଦାନ କରନ୍ତି ଜଗା ପତିତପାବନ,
ପୁଷ୍ପଙ୍କର କ୍ଷଣିକ ଶୋଭା ଜ୍ଞାତକରାଏ କ୍ଷଣଭଙ୍ଗୁର ଜୀବନ ।୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱଗତୋକ୍ତି

ଡା ନୀଳମାଧବ କର

ଜାଣେନି ତୁମକୁ ଭଲପାଏ, କି ନା'
ଅବା ଭଲ ପାଇବାର ମାନେ ମୁଁ ଜାଣେନା

ହୁଏତ ଏମିତି ଦୁରେଇ ପାରେନି
ଦୂରେ ଘୁଞ୍ଚିଗଲେ ପାଖେଇ ଡାକେନି
ନିକଟରେ ତୁମ ଖାଲି ଅଭିନୟ
ନିଜ କଥା କେବେ କହିତ ପାରେନି

ଆଶା ତ ଜଳେନା, ଆଶଙ୍କା ବି ନୁହେଁ
ନିଶା ମଉଳେନା, କୋହ ଝରୁଥାଏ
ତୁମକୁ ବୁଝି ବି, ବୁଝି ମୁଁ ପାରେନା
ଦୁରେଇ ଖୋଜେ ମୁଁ ତୁମ ପ୍ରବଣତା

ଆଖିରେ ତୁମର ହଜିବାର ନିଶା
ଜୁଆର ଢେଉରେ ପୂର୍ଣ୍ଣିମୀର ଜହ୍ନ
ତୋଳେ କି ତୋଳେନା ତୁମ ମନେ ମାୟା
ସପନ ଭାଙ୍ଗେନା ରାତି ସରିଯାଏ
ଜାଣେନି ତୁମକୁ ଭଲ ପାଏ, କି ନା'

ମୋରି ଈର୍ଷାରେ ମୋତେ ମୁଁ ଜଳାଏ
ନିଜକୁ ଖୋଜେ ମୁଁ ନିଜର ଚିତାରେ
ତୁମରି ଧୂପରେ ଶୁଦ୍ଧ ହେବି ବୋଲି
ନିଜ ଚିତା ଖଞ୍ଜେ ତୁମରି ପ୍ରେମରେ

ଜୋଛନାରେ କିନ୍ତୁ ଜୁଇ ଲିଭିଯାଏ
ଅଧାପୋଡା ମୋର ସ୍ୱରୂପ ସୂଚାଏ
ଆଦରି ନେଇ ଗୋ ମୋର ତ୍ୟକ୍ତ ଦେହ
ତୁମେ ହିଁ ଲେପିଛ ଚନ୍ଦନର ମୋହ
ତୁମରି ସୁବାସେ ବାସେ ମୁହିଁ ଆଜି
ମୋର ବୋଲି ଏଠି ମାଂସ ହାଡ଼ ବିନା
ନିଜର ଅସ୍ତିତ୍ୱ ଖୋଜିକି ପାଏନା
ଜାଣେନି ତୁମକୁ ଭଲ ପାଏ, କି ନା'

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ମୃତି ରୋମନ୍ଥନ

ସହଦେବ ପ୍ରସାଦ ଦାଶ

ଜଳଜଳ ଦିଶୁଥାନ୍ତା ଯଦି
ଆଜି ମୋର ମନ-ଆଇନାରେ ,
ଅତୀତର ସୁଖଶିରୀ ରାଜି
ଗାଇଯାନ୍ତି କଳକଳ ସୁରେ ।

ଦୂର୍ଯୋଗରେ ବୃଦ୍ଧ ହେଲି ମୁହିଁ
ଆଜି ଏତେ ଅଳ୍ପ ବୟସରେ ,
ଧୂଳିଖେଳ ଛାଡୁଁ ଛାଡୁଁ ଅବା
ଯଉବନ ନ ଥିଲା ଭାଗ୍ୟରେ !

ଜ୍ଞାନହୀନ ମୁଁ ଅଧମ ନର;
କବିତାର ଅର୍ଥ ନାହିଁ ଜଣା ।
ଅନୁଭୂତି ଦରମରା ମୋର;
କ୍ଷତବିକ୍ଷତ ପୌରୁଷ ବହୁତ ପୁରୁଣା ।

ସେ ପାଇଁ ତ ପାରୁନି ପ୍ରକାଶି
ଆଜି ଏଇ ଲେଖା ମାଧ୍ୟମରେ ;
ଅତୀତର ସୁଖଶିରୀ ରାଶି
ସ୍ପଷ୍ଟ ଆଉ ଛବିଳ ଭାବରେ ।

ଯୌବନର ଆଦ୍ୟ ପାହାଚରେ
ଅଳପ ମୁହୂର୍ତ୍ତ ଦେଖେଁ ସୁଖ
ସଜୀବ ନିର୍ଜୀବ ସମନ୍ୱୟେ
ପରକାଳେ ମନେ ହୋଇଥିଲା ଅହେତୁକ ।

କୃତ୍ରିମତା ଅସ୍ତ୍ର କେତେ ଟାଣ !
ଯାହା ଦ୍ୱାରା କରି ଆନୟନ ,
ପ୍ରାକୃତିକ ଭାବାବେଗାଦିର
କରନ୍ତି ମୁଁ ମୋ-କାର ସାଧନ !

ଶିକ୍ଷକ, ନି/ପୋ-ବାବେବିରା, ବ୍ଲକ୍- ଅତାବିରା,
ବରଗଡ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଥଯାତ୍ରା ଏକ ଦୀର୍ଘନିଶ୍ୱାସ

ଦଣ୍ଡାସି ପ୍ରଧାନ

ସ୍ତବ୍ଧ ! ଜନପଦରୁ.....

ଶ୍ରୀମନ୍ଦିର ଜଗନ୍ନାଥାଳୟ ପର୍ଯ୍ୟନ୍ତ ।

ରାଜ ଆଜ୍ଞାରେ !

ଯାତ୍ରାର ନିର୍ଯାସ ଯେ, କଟକଣା ପ୍ରାଧାନ୍ୟତା ଦେଇ,

ଏ ସନ ଗଢ଼ିବ, ନନ୍ଦିଘୋଷ ରଥ... ;

ପତିତ ପାତକୀ ଉଦ୍ଧାର ନିମିତ୍ତ ! ୦୧

କରୋନା ରଚିଛି ତାଣ୍ଡବଲୀଳା,

ମୃତ୍ୟୁ ଭୟର ଆତଙ୍କ ।

ଆଭୂବନ ଲୋକ ମହାମାରୀ /

ଅଣନିଃଶ୍ୱାସୀ ଆଇନର କଟକଣା,

ରଥାରୂଢ଼ ହେବେ ତିନି ଠାକୁରେ,

କଡ଼ାକଡ଼ି ଧାରା ୧୪୪ ଜାରି ।୦୨

ସ୍ମୃତିର ଆଇନରେ ବିଗତ ଦିନର ଜନ ସମୁଦ୍ର/

ମନୋହର ବଜାର, ଆନନ୍ଦ ବଜାରର ମହମହ ବାସ୍ନା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘଣ୍ଟ-ତାଳ-ଖୋଳ, ଓଡ଼ିଶୀ-କୀର୍ତ୍ତନ-ନର୍ତ୍ତନ /

ସବୁ କିସମର ଅପୂର୍ବ ସମ୍ଭାର ।

ଗୋଷ୍ଠୀ ସଂକ୍ରମଣ ଭୟ ସମ୍ମୁଖରେ

ଫିକା ପଡି, ମରି ଯାଇଛି, ଭକତ ମନ !

ଜାନୀ, ଯାତ୍ରା, ମହୋତ୍ସବର ଆଡ଼ମ୍ବର ବର୍ଣ୍ଣାଳୀ ବର୍ଣ୍ଣନ--

ଭକ୍ତ ଅଭାବାବେଗରେ,

ବେଳାଭୂମିରୁ ଜନ୍ମବେଦୀ ରଙ୍ଗହୀନ;

ଜୀବନ ଓ ଜୀବିକାକୁ ନେଇ ଆଜି ମସ୍ତବଡ଼ ପ୍ରଶ୍ନ ଚିହ୍ନ ।୦୩

"ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ"

ଶାସ୍ତ୍ରୋକ୍ତ ଆଶ୍ରା, ସମୟାନ୍ତରରୁ **ଜୀବ ବ୍ରହ୍ମକୁ ନେଇ**

ପୂର୍ଣ୍ଣତାର ଦାମ୍ଭିକ ବିଶ୍ୱାସ ଧାରା, ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ।

ହେଲେ ଭକ୍ତଶୂନ୍ୟ ବଡ଼ଦାଣ୍ଡ ।

ଗହଳି ପ୍ରିୟ ଠାକୁରଙ୍କ ମନରେ ବାରିହେଲା ନାହିଁ ଶ୍ରଦ୍ଧା--

ରଥ ଓ ପଥ ଭବ୍ୟ ଭକ୍ତ ଅଭାବରେ ଖାଁ ଖାଁ ।

ଯାନ୍ତ୍ରିକ ଯନ୍ତ୍ରବତ୍ ଯାତ୍ରାର ଯନ୍ତ୍ରଣାରେ

କିଛି ଅଲଗା ଖୋଜୁଥିଲା ଆଖି, ଦେହ ଆଉ ଦେହୀର ।

ସ୍ପଷ୍ଟ ବାରି ହେଉଥିଲା --ଶୂନ୍ୟତାର ଗାମ୍ଭୀର୍ଯ୍ୟ ବାତାବରଣକୁ-

ଖାଲି ପ୍ରାଣହୀନ ଏକ ସଂଚାଳନ ମାତ୍ର,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଧ୍ୟ ବାଧକତାର ଅକୁହା ବେଦନା ।

ମୁମୁକ୍ଷୁ ଭକ୍ତଟିଏ ଓ ଭକ୍ତବତ୍ସଳ ଠାକୁର ଅନେଇ ଥା'ନ୍ତି,

ଫି ବର୍ଷ ଆଷାଢ଼ ତିଥିକୁ;

ଭକ୍ତ ଜିଇଁ ରହିଥାଏ ଆବୋରି ହୃଦୟ-

ନେତ୍ରେ ନେତ୍ର ମିଳନର ଅମିୟ ଆନନ୍ଦକୁ । ୦୪

ବୋଧହୁଏ କଳା ଠାକୁରଙ୍କ ନିର୍ଦ୍ଦେଶନାମା --

ପୁଣି ଅଭିଶପ୍ତା ଅହଲ୍ୟାକୁ ଅପେକ୍ଷା କରିବାକୁ ପଡ଼ିବ;

ଆସନ୍ନ ସମୟର ସିଦ୍ଧାନ୍ତକୁ ମାନିନେଇ ।

କୈବର୍ତ୍ତକୁ ଦଦରା ନାଆରେ ପାରିକରିବାକୁ ହେବ;

ଅବିଶ୍ୱାସ ଅଭାବ ଭଗ୍ନାଂଶକୁ ଫିଙ୍ଗି ଦେଇ, ଅମୃତ ଆନନ୍ଦ ଭରସାରେ ।

ସାଲବେଗ, ବନ୍ଧୁ ମହାନ୍ତି, ଦାସିଆ ବାଉରୀଙ୍କ ପରି,

ନୂତନ ସମ୍ଭାବନାକୁ ଅପେକ୍ଷା ରଖି, ବିଭବ ବୈକୁଣ୍ଠକୁ । ୦୫

ଈଶ୍ୱରଙ୍କ ଇଚ୍ଛା ସର୍ବ କରଣର କାରଣ ।

ମଧୁର ମାଙ୍ଗଲ୍ୟ କଲ୍ୟାଣ ।

ହେ ଲୀଳାମୟ ! ଆମେ ତ ମଣିଷ ମାତ୍ର ।

ଆମ ଅତ୍ୟାଚାରରେ ତୁମେ ଅତିଷ୍ଠ,

ଉତକ୍ଷିପ୍ତ, ଏକାନ୍ତାଭିଳାଷି ! କି ପ୍ରଭୁ ?

ଅଧୂନା ଭକ୍ତର ଅନାବିଳ ହୃଦୟର 'ଶ୍ରେୟଶ୍ରଦ୍ଧା'

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୋହଲୁଅଛି, ନ୍ୟାୟ ନିକିତିରେ ।

ପରୀକ୍ଷାର ବେଳ ଉପନିତ ପ୍ରଭୋ !

ପବିତ୍ରତାର ବସ୍ତୁତ୍ୱ ହରାଇ-

ଆମେ ଆଜି ଅନର୍ଥରେ ଅନାଥ--

ସଂଚରଣ କରି ପାରୁନାହୁଁ ନାଥ, ପଥରରେ ପ୍ରାଣ ! ୦୬

ହେ ଦୟାନନ୍ଦ ! ଆମ ଆଚରଣରେ

ଆତ୍ମିକ ବହୁବିଧ ବର୍ହିପ୍ରଜ୍ଞାକୁ,

ଅନ୍ତଃପ୍ରଜ୍ଞାରେ ରୂପାନ୍ତରିତ କରାନ୍ତୁ ।

କ୍ଷମାଶୀଳଙ୍କ ଶରଣାପନ୍ନ ହୋଇ ଝଙ୍କୃତ ହେଉ, ସମବେତ ବ୍ରହ୍ମ ନାଦ ! ୦୭

"ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ;

ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂ ସସ୍ତନୁଭିଃ, ବ୍ୟଶେମ ଦେବହିତମ୍ ଯଦାୟୁଃ ।

ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ, ସ୍ୱସ୍ତି ନ ପୁଷା ବିଶ୍ୱବେଦାଃ,

ସ୍ୱସ୍ତି ନସ୍ତାକ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।

ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

ଶ୍ରୀଯୁକ୍ତ ଦଣ୍ଡାସି ପ୍ରଧାନ, ସମ୍ପାଦକ(ସାହିତ୍ୟ),

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ , ପାତ୍ରପୁର, ଗଞ୍ଜାମ ।

ଭ୍ରାମ୍ୟଭାଷ -୦୮୬୬୨୧୯୪୯୬୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚକା ଆଖି

ସୁଦିପ୍ତା ବେହେରା

ଆହେ ଚକା ଆଖି
ଭାବର ଠାକୁର
ଭାବର ଡ଼ୋରରେ ବନ୍ଧା..... । ।୧ । ।
ତୁମ୍ଭେ ଥାଉ ଥାଉ
ଭକତ ବି ଆଜି
ମୃତ୍ୟୁରେ ହୋଇବ ଛନ୍ଦା..... । ।୨ । ।
ଘୋରବନେ ତୁମେ
ମୃଗୁଣୀର ଡ଼ାକ
ଶୁଣିଥିଲ ହୃଦୟରେ ..... । ।୩ । ।
ଆଜି କାହିଁ ତୁମେ
ଚୁପ୍‌ଚାପ୍ ବସ
ନିରବତା ବିପଦରେ ..... । ।୪ । ।
ଗଭୀର ଜଳରେ
ଗଜରାଜ ଦୁଃଖ
ନାଶ କଲ ଚକ୍ରପେଶୀ..... । ।୫ । ।
ଭକତ କ୍ରନ୍ଦନ
ଶୁଣାଯାଉ ନାହିଁ
ମଉନେ ରହିଛ ବସି..... । ।୬ । ।
ଭକତ ଠାକୁର
ଭକତର ଭାବ
ବାଲିରଥେ ବିଜେକଲ..... । ।୭ । ।
ଆକୁଳ ଚିତ୍କାର
ତୁମ୍ଭ ଭକତ ଯେ
ମରୁଛି ସେ କଲବଲ..... । ।୮ । ।
ଆହେ ଦୟାମୟ
ବିଶ୍ୱବ୍ରହ୍ମାଣ୍ଡର.....
ତୁମ୍ଭେ ଯେ ସବୁରି କର୍ତ୍ତା..... । ।୯ । ।
ମାରିପାର ତୁମ୍ଭେ
ତାରିପାର ତୁମ୍ଭେ
ରଖ ହେ ମର୍ତ୍ତ୍ୟର ସ୍ରଷ୍ଟା..... । ।୧୦ । ।

ଶିକ୍ଷୟିତ୍ରୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଅର୍ତ୍ତବା,ମୋହନା,ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆୟୁଷ୍ମାନ ଭବ

ଶ୍ରୀମନ୍‌ନାରାୟଣ ପାତ୍ର

ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ।
ଆଜି ଏହା ଆଶୀର୍ବାଦ ନା ଅଭିଶାପ ଜାଣେ ଦଇବ । ୧ (ଘୋଷା)

କରୋନା କାଳର ଏ ଯେ କାରୁଣ୍ୟ ଗାଥା ।
ଯେତେ କହିଲେ ବି ନ ସରେ ବେଦନା ବ୍ୟଥା । ୨

୨୦୨୦ ମସିହା ହେଲା ଯେ ଲୁହ ଲହୁର ବର୍ଷ ।
ଶିକ୍ଷା ମିଳିଲା ଦାଦନ ନଯାଇ ଗାଁରେ କର ଚାଷ । ୩

ଭିଟାମାଟି ଛାଡି ଯିଏ ଖଟିବାକୁ ଯାଇଥିଲା ଦାଦନ ।
ନିଜ ରାଜ୍ୟରେ ଆଜି ସେ ପ୍ରବାସୀ, କହେ ପ୍ରଶାସନ । ୪

ଆଶ୍ଚର୍ଯ୍ୟ, ଗାଁ ଛାଡି ସହରକୁ ଭୋକପାଇଁ ଯାଇଥିଲେ ।
ଯନ୍ତ୍ରଣାଦାୟକ ହେଲେ ବି ଭୋକ ପାଇଁ ହିଁ ଫେରିଲେ । ୫

ନୁହେଁ ସେ ପ୍ରବାସୀ କି ଅତିଥି ସେମାନେ ତ ଘରପୁଅ ।
ଭରିଗଲା ଗରିବ ମଧ୍ୟବିତ୍ତ ଜୀବନେ ଦୁଃଖଯାତନାର ସୁଅ । ୬

ପ୍ରକୃତି ସହ ଖେଳିଥିଲା ଖେଳ ମାନବ ବଡ ଦୁଷ୍ଟ ।
ଆଜି ଦାଉ ସାଧୁଛି ଭଲା ପ୍ରକୃତି ହେଲା ରୁଷ୍ଟ । ୭

ଗବେଷଣା ପାଇଁ ଦରକାର ହୁଏ ଇତର ଜୀବ ।
ଆଜି ଭଗବାନଙ୍କ ଗବେଷଣାଗାରରେ ସ୍ୱୟଂ ମାନବ । ୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନରେ ପ୍ରଥମଥର ହେଲା ଦୁର୍ବିପାକର ଦର୍ଶନ ।
ଲାଗେ କରୋନା ନୁହେଁ କ୍ଷୁଧା ନେବ ଅଧିକ ଜୀବନ । ୯
ଘୋର ବିପଦରେ ଆଜି ଲୋକଙ୍କ ଜୀବିକାଅର୍ଜନ ।
ଜୈବ ଯୁଦ୍ଧର ଦୋଛକିରେ ଜୀବିକା ଓ ଜୀବନ । ୧୦
ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ।
ଆଜି ଏହା ଆଶୀର୍ବାଦ ନା ଅଭିଶାପ ଜାଣେ ଦଇବ (ଘୋଷା)

ଡାକ୍ତର ନର୍ସ ହେଲେ ସମାଜପାଇଁ ଚିର ନମସ୍ୟ ।
ଦେଶପାଇଁ ପୋଲିସ ଭୁଲିଲେ ନିଜର ସର୍ବସ୍ୱ । ୧୧
ସଫେଇ କର୍ମଚାରୀ ହେଲେ କରୋନାଯୋଦ୍ଧା ।
କର୍ମକରି ନିଜ ଦେଶପାଇଁ ଦେଖାଇଲେ ଶ୍ରଦ୍ଧା । ୧୨
ଦୁଃଖ ସହ ଉପଲବ୍ଧି ବି ଦେଲା କରୋନା ।
ଛାମୁଆ ଯୋଦ୍ଧା କୃଷକଙ୍କୁ କେହି ଭୁଲନା । ୧୩
ବିଶ୍ୱ ଦେଖିଲା ଲୋକଙ୍କ ତୁଣ୍ଡିବନ୍ଧା ରୀତି ।
ବିଦେଶରେ ଆପଣେଇଲେ ଭାରତୀୟ ସଂସ୍କୃତି । ୧୪
କରୋନାକୁ ମନ୍ଥର କଲା ଅମୋଘ ଅସ୍ତ୍ର ଲକଡାଉନ ।
ମୋଦିଜୀ ଦେଲେ ୨୦ଲକ୍ଷ କୋଟିର ଅର୍ଥନୀତିକୁ ଭିଟାମିନ । ୧୫
ଏହା ଯେ ମାନବ ସମାଜପାଇଁ ସତର୍କ ଘଣ୍ଟି ।
ଆମେରିକା ହେଉ କି ଭାରତ ସବୁଠି ଶ୍ୱାସରୁଦ୍ଧ ଅର୍ଥନୀତି । ୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଦୃଶ୍ୟ ଶତ୍ରୁ କରୋନା କଣ ଯେ ନକଲା ।
ନୀରବ ବିସ୍ଫୋରଣରେ ବିଶ୍ୱ ଆଜି ଘାଇଲା ।୧୭
ଏ ମହାଯୁଦ୍ଧରେ ବିଭୀଷିକାର ବଣିକ ହେଲା ଚୀନ ।
ସାରା ବିଶ୍ୱରେ ଚିନ୍ତାର ବଜେଇଲା ବିନ୍ ।୧୮
ଆଉ ନାହିଁ ଉଜ୍ଜ୍ୱଳ ଇଟାଲୀ ଆମେରିକା ।
ଭୂତାଣୁ ଆଗରେ ବିଶ୍ୱ ଅର୍ଥନୀତି ଫିକା ।୧୯

ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ।
ଆଜି ଏହା ଆଶୀର୍ବାଦ ନା ଅଭିଶାପ ଜାଣେ ଦଇବ । (ଘୋଷା)

ମହାମାରୀ ଦେଖେନାହିଁ ଜାତି କି ଧର୍ମ ।
ଏଇତ ଆରମ୍ଭ ମାତ୍ର, ଚାଲିବ ମହାସଂଗ୍ରାମ ।୨୦
ଶିଖିବା ସ୍ୱଦେଶୀ ଗ୍ରହଣ ବିଦେଶୀଦ୍ରବ୍ୟ ବର୍ଜନ ।
ସମୟ ଅଛି, ବିପତ୍ତିରୁ କରିବା ସୁଯୋଗର ସନ୍ଧାନ ।୨୧
ସରିନାହିଁ କରୋନାର ଅସହ୍ୟ ଜ୍ୱଳନ ।
ଅମ୍ଫନ ଆସି ଉପକୂଳରେ କଲା କମ୍ପନ ।୨୨
ପିଲାଙ୍କ ଶିକ୍ଷାକୁ କୋଭିଡ-୧୯ ଲଗେଇଲା ଗ୍ରହଣ ।
ଏ ନୁହେଁ ସ୍ଥାୟୀ ବିକଳ୍ପ ଅନଲାଇନ ଶିକ୍ଷାଦାନ ।୨୩
କରୋନା ଯୋଗୁଁ ଗାଁଦାଣ୍ଡ ଦଣ୍ଡକୁ ଝୁରିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଠାକୁରାଣୀ ଯାତ୍ରା ସ୍ନାନପୂର୍ଣ୍ଣିମା ରଜ ଫିକା ହେଲା । ୨୪

ଲକଡାଉନୁରେ ସରକାର ଦେଲେ ଟିକିଏ କୋହଳ ।

କରୋନା ଭୂଲି ମାର୍କେଟରେ ଲୋକେ କଲେ କୋଳାହଳ । ୨୫

ସତେ ଯେମିତି ମହାକାଳ ଟହଟହ ହସୁଅଛି ।

ମଣିଷକୁ ପ୍ରକୃତି ଉଚିତ ଶିକ୍ଷା ଦେଇଛି । ୨୬

ଅଣସରରେ ରହୁଥିଲେ ଭଗବାନ ଆଜି ଅଛି ଜନତା ।

ଆତଙ୍କିତ କରି ବିଶ୍ୱକୁ ଭୂତାଣୁ ଦେଲା ବାର୍ତ୍ତା । ୨୭

କୋଟି କୋଟି ଲୋକ ହରାଇଲେ ନିଜର ସର୍ବସ୍ୱ ।

ଆଜି ବିଷାଦ ବ୍ୟାଧିର ବଳୟରେ ପୁରା ବିଶ୍ୱ । ୨୮

ଦିନକୁ ଦିନ କରୋନା ହେଉଅଛି ଉଗ୍ର ।

ସୁପର୍ ପାୱାର ହେବାକୁ ଚୀନ୍ ଏବେ ବ୍ୟଗ୍ର । ୨୯

ସତର୍କତା ରୋକିବ କରୋନା ସଂକ୍ରମଣ ।

ଏହା କି ବିଶ୍ୱଯୁଦ୍ଧର ନୂଆ ସଂସ୍କରଣ । ୩୦

ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ଆୟୁଷ୍ମାନ ଭବ ।

ଆଜି ଏହା ଆଶୀର୍ବାଦ ନା ଅଭିଶାପ ଜାଣେ ଦଇବ । (ଘୋଷା)

ଽ . ଶ୍ରୀମନ୍ନାରାୟଣପାତ୍ର

ବଡଗଡ଼, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ମାଟି କହେ

ଜୟନ୍ତ କୁମାର ସାହୁ

ମୋ ମାଟି କହେ
ମୁଁ ଦେଖିଛି ଓଡ଼ିଆପୁଅ
ମୁଁ ଦେଖିଛି ହଳଲଙ୍ଗଳ
ଆଉ ତା ଆଖିର ଲୁହ ।

ମୋ ମାଟି କହେ
ମୁଁ ଦେଖିଛି ଓଡ଼ିଶାବୀର ପୁଅ
ମୁଁ ଦେଖିଛି କଳିଙ୍ଗଯୁଦ୍ଧ
ଆଉ ତା ଭୟାବହ ।

ମୋ ମାଟି କହେ
ମୁଁ ଦେଖିଛି ନଅଙ୍କ ଦୁର୍ଭିକ୍ଷ
ମୁଁ ଦେଖିଛି ତାର ପରିଣାମ
ଆଉ ହଜିବାର ଶସ୍ୟ ବୃକ୍ଷ ।

ମୋ ମାଟି କହେ
ମୁଁ ଦେଖିଛି ଇଂରେଜ ଶାସନ
ମୁଁ ଦେଖିଛି ପାଇକ ବିଦ୍ରୋହ
ଆଉ ଦେଖିଛି ବାଜିରାଉତ ଦେବାର ଜୀବନ ।

ମୋ ମାଟି କହେ
ମୁଁ ଦେଖିଚି ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ ପରି ପାଇକ ପୁଅ
ମୁଁ ଦେଖିଚି ବଳିଦାନ ଗୋପବନ୍ଧୁ ପରି ସଂଗ୍ରାମୀ
ଆଉ କଟକ ପରି ସହର ଆଉ ମହାନଦୀର ସୁଅ ।

ମୋ ମାଟି କହେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ ଦେଖିଛି ସ୍ୱତନ୍ତ୍ର ପ୍ରଦେଶର ଲଢେଇ

ମୁଁ ଦେଖିଚି ଫକୀରମୋହନ ମଧୁସୂଦନ

ଆଉ ମୁକ୍ତିର ସ୍ୱପ୍ନ କେମିତି ପୁରା ହେଲା ରକ୍ତ

ଦେଇ ।

ମୋ ମାଟି କହେ

ମୁଁ ଦେଖିଛି ମୋ ଜଗନ୍ନାଥ

ମୁଁ ଛୁଇଁଛି ତା ପାଦ

ଆଉ ନୁଆଇଁ ଦେଇ ମୋ ମସ୍ତକ ।

ମୋ ମାଟି କହେ

ମୁଁ ଦେଖିଛି ଉତ୍କ୍ର

ଦେଖିଛି ଉତ୍କଳ

ଆଉ ଏବେର ଓଡ଼ିଶା ।

ମୋ ମାଟି କହେ

ମୁଁ ଦେଖିଛି ଅତୀତ ଗାଥା

ମୁଁ ଦେଖୁଛି ବର୍ତ୍ତମାନ

ଆଉ ମନେପଡେ ସେ ଅଭୁଲା କଥା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫେରିବ ଦିନେ ନା ଦିନେ

ସୂର୍ଯ୍ୟପ୍ରକାଶ ନାୟକ

କେତେ ଆଶା ଆଉ ଆକାଂକ୍ଷା ସହିତ
ଚାହିଁ ରହିଥିଲି ଯେବେ
ଦିନ ମାସ ଯାଇ ବର୍ଷ ବିତିଗଲା
ନ ଫେରିଲ ତୁମେ ସେବେ । ୧

ଛାଡ଼ିଗଲା ମନ ମଉଳିଲା ଆଶା
ସ୍ଥିର କରିନେଲି ମନେ
ଉଡିଗଲା ପକ୍ଷୀ ନ ଫେରିଲା ଭଳି
ଫେରିବନି ଆଉ ଦିନେ । ୨

ପ୍ରେମର ବନ୍ଧନ ଥିଲେ ଯେ ନିବିଡ
ଆସିଯାଏ ଉଡ଼ା ପକ୍ଷୀ
ସେଇ ଭରଷାରେ ପୁଣି ଆଉଥରେ
ବସା ମୁଁ ଯେ ବାନ୍ଧିଅଛି । ୩

ନୂଆ ଋତୁତ ଆସି ହୃଦୟରେ ମୋର
ସଞ୍ଚାରିଲା ନୂଆ ଆଶା
ଫଗୁଣ ମଳୟ ବହିବା ଆଗରୁ
ସରିଲା ତିଆରି ବସା । ୪

ବସନ୍ତ ସରିକି ଗ୍ରୀଷ୍ମ ସରିଗଲା
ନ ମିଳିଲା ତୁମ ଦେଖା
ପ୍ରତିଥର ଭଳି ଏଥର ବି ତୁମେ
ଦେଇ ଚାଲିଗଲ ଧୋକା । ୫

ନ ହୋଇ ନିରାଶ ରଖିଛି ବିଶ୍ୱାସ
ଦିନେ ନା ଦିନେ ଫେରିବ
ଆଗମନେ ତୁମ ଅନ୍ତର ଆକାଶେ
ଖୁସି ବଉଦ ଘୋଟିବ । ୬

ଜାଣିନି ସେ ଦିନ କେବେ ଯେ ଆସିବ
ପାଖେ ପାଖେ ଥିବ ତୁମେ
ଆଉ ପୁଣି କେବେ ଛାଡ଼ି ଯିବ ନାହିଁ
ରହିଯିବ ସବୁ ଦିନେ । ୭

ରୋଲଣ୍ଡ ଫାର୍ମାସୀ କଲେଜ
ବ୍ରହ୍ମପୁର ,ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହିଁ ଏତେ ଅନାଦର

ଆଶିଷ କୁମାର ବାରିକ

ଦଶ ମାସ ଦଶ ଦିନର ବେଦନା
କିମ୍ପାଇ ସହିଲୁ ତୁହି
ଜନମରୁ ମୋର ମୁହିଁ ନ ଚାହିଁଲୁ
ସହିକି ପାରିବି ମୁହିଁ

ଭୁଲ କରିଛି କି ସଞ୍ଚାରୀ ଗର୍ଭରେ
ଭାବିଲେ ଲଗାଇ ଦୁଃଖ
କୁଆଁ କୁଆଁ କାନ୍ଦ ଶୁଭୁନି କି ତତେ
ମିଳୁନି କି ତତେ ସୁଖ

ଜନମ ନେଇଛି ତୋ କୋଳରେ ମାଆ
ଆଉ କି ପାରିବି ଫେରି
ତୁହି ମୋ ଦୁନିଆ ବଞ୍ଚିବାର ରାହା
କେମିତି ପାରିବି ମରି

ସଂସାର ର ସବୁ ସୁଖର ପସରା
ଦେବି ତୋ ପାଦରେ ଢାଳି
ପାଠପଢି ମୁହିଁ ରଖିବି ତୋ ଯଶ
ସ୍ୱାଭିମାନେ ଥିବୁ ଚାଲି

ଏତିକି ଗୁହାରି ଶୁଣ ବାରେ ହରି
ହୁଅ ନା ଏତେ ନିଷ୍ଠୁର
କନ୍ୟା ଜନମକୁ ମିଳୁ ଯେ ସମ୍ମାନ
କାହିଁ ଏତେ ଅନାଦର

ସିହିନୀ, ବେଲପଡା, ବଲାଙ୍ଗିର, ଓଡିଶା
୯୯୩୮୩୩୦୮୭୪ / ୯୪୩୮୦୫୧୭୮୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କହିହୁଏ ନାହିଁ

ବିଦ୍ୟାଧର ପଣ୍ଡା

ଏମିତି କେତେ କାହାଣୀ ତ ଅଛି
ଯାହା କାହାକୁ ବି କହି ହୁଏ ନାହିଁ !
ଦିନକର ନୁହେଁ କି ବର୍ଷକର କଥା,
କହୁଥିଲେ ସରେନି ପଡୁଥାଏ ଲଥା !
ସେଇ କଥାଗୁଡ଼ାକ ପୁଣି ଜମା ନୁହେଁ
ଉଡ଼ନ୍ତା ମନର ସୌଖୀନ ସୁନା-ସ୍ୱପ୍ନ,
ଅମାପରେ ପୀଡ଼ା ଓ ପୁଲକକୁ ଯୋଡ଼ି
ବିଧାତା ଗଢିଥାଏ କରି କେତେ ଯତ୍ନ ।
ଜୀବନ କଥାର ସୁଅ ବେଦନାରେ ଭରା
ନୁହଁ କେଉଁ ଉପତ୍ୟକା-ପ୍ରବାହିତ ଧାରା ।

ଛାତିତଳେ ଚାଲୁଥାଏ ଦ୍ୱନ୍ଦ୍ୱର ଲଢେଇ,
ଆଖିଲୁହ ଶୁଖିଯାଏ ସରୁଧାର ହୋଇ ।
ବିନାସ୍ରୋତେ ବହୁଥାଏ ହୃଦୟର ତରୀ,
ଛାତିତଳେ ଖେଳୁଥାଏ ନିର୍ଲିପ୍ତ ଭଉଁରୀ ।
କହିବାକୁ କଲେ ଯିଏ ଯେତେ ବି ପ୍ରୟାସ
ଫିଟେନାଇଁ ପାଟି, ଓଠୁ ଲିଭିଯାଏ ହସ ।
ନାକତଳୁ ଫେରିଯାଏ ଦରକୁହା ବାଣୀ,
କିଏ ଅବା ପଛରୁ ଜୋର୍ କରି ଧରେ ଟାଣି !

ଅଢେଇଗୁଣ୍ଠି, କାନପୁର, କଟକ-୭୫୪୦୩୭, ମୋ-
୯୩୪୮୦୪୨୦୬୬, bidyapctc@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୃତ୍ୟୁ

ଲିପ୍‌ସା ଆଚାର୍ଯ୍ୟ

ଚିରନ୍ତନ ସତ୍ୟ

ଶାଶ୍ୱତ ପ୍ରେମ

ଇପ୍ସିତ ପ୍ରେମିକ

ନା

କିଛି ହାତେଇବାର ଆଗ୍ରହ

କିଛି ହରେଇବାର ଗ୍ଲାନି

କେବଳ ସର୍ତ୍ତହୀନ ସ୍ୱର୍ଗୀୟ ସୁଖ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅମର ଜ୍ୟୋତି, କାବ୍ୟ ସ୍ୱୟମ୍ବର

ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "୧")

ଅମ୍ବର ଅମ୍ବର ଅମରକିକର
ରବି ଢଳି ବୁଣିଥାଏ,
ଅମ୍ଳାନ ପଶ୍ଚିମ ଦିଗରେ ଦୁର୍ଦ୍ଦମ
ଅବତାରେ ଶୋଭାପାଏ ।
ଅଦ୍ରି ମଧ୍ୟେ ରହି ବଳି ଶୋଭାବହି
ସୁନିଳ ରକ୍ତ ବରଣ,
ଅଯୁତ ପକ୍ଷୀଙ୍କ କୂଜନେ ସଭିଙ୍କ
ଗୃହକୁ ପ୍ରତ୍ୟାଗମନ ।
ଅମ୍ବୁଦ ଅଦ୍ଭୁତ ରୂପରେ ଉଦ୍ଧତ
ରବି ରହିଛି ଅଙ୍ଗରେ,
ଅଦିତିକୁ ଘେରି ରହିଛି ଯେପରି
ରଞ୍ଜିତ ରକ୍ତ ରଙ୍ଗରେ ।
ଅପୂର୍ବ ରୂପରେ ଚକ୍ରାକାର କରେ
ଅମ୍ବୁଦରେ ବିଚ୍ଛୁରିତ,
ଅପ୍ରମତ୍ତ ମତ୍ତେ ବିରହି ରହିତେ
ମାନସରେ ଏ ପୂରିତ ।
ଅଦୃଶ୍ୟ ହେବାକୁ ଅଦୂରେ ତାହାଙ୍କୁ
ଚାହିଁ ରହିଛି ଯେପରି,
ଅବନୀ କୁମର ଅତ୍ୟନ୍ତ ନିଜର
ଶୋଭିତ ସ୍ୱର୍ଣ୍ଣେ ସେପରି ।
ଅଯୁତ ଘୋଟକ ସତେ ପକ୍ଷୀଯାକ
ରଥରେ ରହିଛି ରବି,
ଅମ୍ବୁଦ କିରଥ ସତେ ଅଧିରଥ
ଅନିଳ ଅନୀଲତପି ।

Magazine Downloaded from www.aahwaan.com

ଅଚଳ ନିଶ୍ଚଳ ଅନିଳରବଳ
ଅମ୍ବୁଦ ଲଭିଛି ବୋଲି,
ଅତିବେଗ ଲଭି ଯାଉଅଛି ଛପି
ଧିରଧିର କର ଖୋଲି ।
ଅନଙ୍ଗ ଅନଳ ସମ ତ ପ୍ରବଳ
ପ୍ରଜ୍ୱଳିତ ହୁଏ ଖାଲି,
ଅନର୍ଘ କିରଣ ବିଚ୍ଛୁରିତ କୋଣ
ଅମ୍ବୁଦରେ ଦିଏଢାଲି ।
ଅନାତପ ଧରା ନିଶିର ପସରା
ମେଳିଛି ବୋଲି ସେପରି,
ଅନାଥ ଅମ୍ବର ନାହିଁ ଶଶଧର
ବୋଳି ତାରକା ଯେପରି ।
ଅମ୍ବୁଦ ଅମ୍ବରେ ଲୁଚିରହି ପରେ
ତାରକା କରେ ଉଜ୍ଜ୍ୱଳ,
ଅମାବାସ୍ୟା ନିଶି ବୋଲି ତାରାରାଶି
ନିର୍ମଳ କୋଟି ବହଳ ।
ଅସଂଖ୍ୟ ତାରକା ମିଞ୍ଜିମିଞ୍ଜି କରି
ଅଂଶୁକାୟ ସାଜି ଆଜି,
ଅଂଶୁମାନ ପାଇଁ ଦିବସେ ଲୁଚଇ
ନିଶିରେ ଶିରେ ଏ ତେଜି ।

ଅକଳନା କ୍ଷୁଦ୍ର କ୍ଷୁଦ୍ର ହେଲେ ଭଦ୍ର
ସନ୍ତାନ ସନ୍ତତି ସେହି,
ଅନନ୍ତ ଗଗନେ ରହି କୋଟି ଗୁଣେ
ବୃହଦାକାର ସେ ଦେହୀ ।
ଅଙ୍ଗନେ ଅଙ୍ଗନା ଦିଶିଲେ କି ଅନା
କରେ କମଳେ ଦିପକ,
ଅମୃତ ମୁହୂର୍ତ୍ତେ ସୁଲକ୍ଷଣା ଚିତ୍ତେ
ସନ୍ତକ ଦୀପ ପାବକ ।
ଅଗଣାରେ କେହି ସଂଜଦୀପ ଦେଇ
ତୁଳସୀ ଚଉରା ମୂଳେ,
ଅନୁଗାମିନୀ ସେ ଶିରେ ଓଢଣୀରେ
ନତମସ୍ତକ ସେ ଆକୁଳେ ।
ଅନୂନୟ ଯାର ସେ କୋଟି ମାତାର
ମାତର ସୁଖ କାମନା,
ଅବନୀରୁ ବଳି ସହନଶୀଳା ସେ
ସୁନ୍ଦରୀ ମାତୃଲଳନା ।
ଅବନୀରେ ଜାଣି ପୁଣି ତ ରଜନୀ
ଆସୁଛି ଟାଣି ଅନ୍ଧାର,
ଅପଳକ ଆଖି ପାରୁଅଛି ଦେଖି
ଅନିନ୍ଦ୍ୟ ରୂପ ସୁନ୍ଦର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନେକ ଶହସ୍ର ବରଷ ପୂର୍ବରୁ
ଅବନୀରେ ଯଦି କେହି,
ଅରାଜ୍ୟକୁ ରାଜ୍ୟ ମର୍ଯ୍ୟାଦା ଦେଇଛି
ଭାଷାରାଜ୍ୟ ନାମ୍ନୀ ସେହି ।
ଅସରନ୍ତି ଭୂମି ଯାଏଁ ଲମ୍ବି ଲମ୍ବି
ତିଷ୍ଠିଅଛି ଏହି ରାଜ୍ୟ,
ଅରଣ୍ୟ ଯେ ଘେରି ରହିଛି ଯେପରି
ଅସିମ ଅମୂଲ୍ୟ ଧାର୍ଯ୍ୟ ।
ଅଦେଖା ଅରଣ୍ୟ ଆଜିଯାଏଁ ଜାଣ
ରହିଛି ବୃଦ୍ଧି ଯେପରି,
ଅଦ୍ରି ପୁଣି କୋଟି ଦଣ୍ଡବତ ଏଠି
ସର୍ବତ୍ର ପୂର୍ଣ୍ଣ ସେପରି ।
ଅରଣ୍ୟ କେବଳ ସାହିତ୍ୟ ଜଙ୍ଗଲ
ନାମରେ ତିଷ୍ଠିଛି ଆଜି,
ଅରଣ୍ୟ ମଧ୍ୟରେ ଅବସ୍ଥିତ ଏହି
ଭାଷାରାଜ୍ୟ କର ତେଜି ।
ଅନେକ ରାଜ୍ୟରୁ ବଳି ଏହି ରାଜ୍ୟ
ଅଧିପତି ଭାଷା ରାଜ,
ଆନୁଗତ୍ୟ ତାର ଲଭି କେତେ ବର
କ୍ଷୁଦ୍ର ରାଜ୍ୟ ସୃଷ୍ଟି ଆଜ ।

ଆତିଘଞ୍ଚ ବନ ଘେରି ଯେ ସମସ୍ତ
ରାଜ୍ୟ ରହିଅଛି ବୋଲି,
ଅନେକ ରାଜ୍ୟର ରହେ ଅଧିକାର
ସାହିତ୍ୟ ଜଙ୍ଗଲ ଖାଲି ।
ଅଧିପତିଗଣ ଭାଷାରାଜ୍ୟ ବଳେ
ବଳିୟାନ ସବୁ କ୍ଷଣେ,
ଅନୁଦାନ ବଳେ ସମସ୍ତ ଚଞ୍ଚଳେ
ଶତବୃଦ୍ଧି ହେଲେ ଜାଣ ।
ଅତଃ ସବୁରାଜ୍ୟ ଜାଣି ଭାଷାରାଜ୍ୟ
ସହିତ ମଇତ୍ର ହେଲେ,
ଅପିଚ ପ୍ରବନ୍ଧ, ଉପନ୍ୟାସ, ଗଳ୍ପ,
ସମାଲୋଚନା ମିଶିଲେ ।
ଅତି ଘନିଷ୍ଠେୟ ବ୍ୟାକରଣ ସହ
ନାଟକା ସାଥେ ବି ତିଳେ,
ଅକ୍ରୋଧେ ସଭିଙ୍କ ମଇତ୍ର ଅନେକ
ଜୁଗରୁ ଜାଣ ଶୁଣିଲେ । (କ୍ରମଶଃ....)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଗାମୀ ପୃଥିବୀପାଇଁ

ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା : ସୁନୀଲ ଗଙ୍ଗୋପାଧ୍ୟାୟ

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଆମେ ଜାଣିନୁ

ଏକ ଶତାବ୍ଦୀ ପରେ ଏ - ପୃଥିବୀ ବଞ୍ଚି ରହିବ କି ନା

ଆମେ ଜାଣିନୁ

ମହା ପ୍ଲାବନରେ ଭାସିଯିବ କି ନା ଶେଷତମ ଜୀବନ

ଆମେ ଜାଣିନୁ

ସମସ୍ତ ସୀମାରେ ଦିନେ ହେବ କି ନା ହିରୋସିମା

ଆମେ ଜାଣିନୁ

ହିମାଳୟ ପୁଣି ବୁଡ଼ ଦେବକି ନା ଟେଥିସ୍ ସାଗରେ

ଆମେ ଜାଣିନୁ

ଆମ ସମସ୍ତଙ୍କ ନଖ ହୋଇଯିବ କି ନା ଧାରୁଆ ଛୁଇ

ଆମେ ଜାଣିନୁ

ଭଲ ପାଇବା କଥା ଶୁଣିଲେ ହିଁ ସମସ୍ତେ ବଧିର ଓ ଅନ୍ଧ ହୋଇଯିବେ କି ନା

ଆମେ ଜାଣିନୁ

ମୁକ୍ତି ଶବ୍ଦଟି ଖାଲି ଲେଖାଥିବ କି ନା ଇତିହାସ ପୃଷ୍ଠାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେ ଜାଣିନୁ

ଇତିହାସ ରଚନା ପାଇଁ ରହିବେ କି ନାହିଁ କେହି ଐତିହାସିକ

ଆମେ ଜାଣିନୁ

ଦିନେ ଶେଷ ହୋଇଯିବ କି ନା ସବୁ ପ୍ରଶ୍ନ

ତେବେ ଆମେ ଏକ ସୁନ୍ଦର ପୃଥିବୀର ସ୍ୱପ୍ନ ଦେଖିଯିବା

ଆମେ ଆଗାମୀ ପୃଥିବୀର ପାଇଁ ଦେଇଯିବା ଆମର ସ୍ୱେଦ ଓ ଅଶ୍ରୁ

ଆମେ ପରବର୍ତ୍ତୀଙ୍କ ପାଇଁ ରଖିଯିବା ଅନ୍ତତଃ ଗୋଟିଏ ସ୍ୱପ୍ନର ଉପହାର ।

ଗ୍ରା/ପୋ: ବେରୁଆଁବାରୀ, ନୟାଗଡ଼ ଜିଲ୍ଲା, ଓଡ଼ିଶା, ୭୫୨୦୧୨

ଭ୍ରାମ୍ୟଭାଷ : ୯୩୩୯୬୧୦୧୬୮

ଇମେଲ୍ :sanmahakud@gmail.com

ୱେବ୍‌ସାଇଟ୍ : www.sanatanamahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂବଲପୁରୀ

ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ଧାର୍

ପ୍ରସନ୍ନ ପ୍ରୟାସ ଭୁଏ

ଜୁଲଜୁଲିଆ ପୋକ୍
ହାପସି ହେସି
ସୁରୁଜ୍ ହେବାର୍ କେ..

ଅନ୍ଧାରକେ ଜିତି କରି
ନୁଆଁ ଇତିହାସ୍
ଜୀବନେ ଗଢ଼ବାର୍ କେ..

ଭାବନାଟା ବଢ଼େ
ଛୁଆ ନାଇଁ ଭାବ୍
ସୁନା ଅଖରେ ଲେଖି ହେବା ନାଁ..

ରାଞ୍ଚି, ଝାରଖଣ୍ଡ
୮୬୫୮୨୧୮୭୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପତର

ମନୋରଞ୍ଜନ ସୁରୁଜାଳ

ଗଛ ବିନେ ମୋର କାଏଁ ପହଚାନ
ମାଆଁ ବୁଆ ମୋର ସେ ଜନମଠାନ
ପାଆଁଲେଁ ଗଛର ଟିପି
କୁଲେ ଖାକେଁ ଧରି ଉଲେ ଦୁଲେ
ମୁଇଁ ରଖେଁ ତାକେ ଢାଁପି । ୧
ମୋର ଲାଗି ସିନେ ସାଗୁଆ ବଜାର
ଧୁକିଧୁକି ଚାଲେ ଜିଇଁଛେ ସଁସାର
କିଏ ଚିହ୍ନିଛେ ଗା ମତେ
ବାପ ଅଜା କେତେ ତେପନ ପୁରସା
ଯୁଗ ଯୁଗ ଗଲା କେତେ । ୨
ବରସେ ଜିଇଁସିଁ ହେସିଁଗା ବୁଢ଼ା
ଲାଲିଆ ମୁହୁଁ ହେସି ହଲଦିଗୁଁଡା
ରୁତୁ ଆଏଲେ ମରନ
ମୋର ବିନେ ପହଟେ ନାଇଁ ଚୁଇଲ
ସହୁଛେ ପୁର୍ଥୀ ଗରମ । ୩

ଝଡସିଁ ସତେଁ ଦିନେ ଗଛର ଡାଲୁ
ଲାଁଡୁ ମୁଡା ଦିସସି ଗଛର ତାଲୁ
ପହଟେନ ଫେର ଖତ
ଦୁନିଆଁ ଭାବସି ଇ ଛୁଛା ପତରଟେ
ମୁଇଁତ ଜିବନ ଗିତ । ୪
ଜୁହ୍ନା ହେସି ନୁଆଁ ଲାଗିଛେ ଦୁନିଆଁ
ଯିମା ଆଏମା ଆମ ହେଁ ତ କୁନୁଆଁ
ଦେଏ ପତର ଜନମ
ଖିଲଖିଲଉ ଇ ସୁଖର ସଁସାର
ସାଫୁଲ ହେଉ ଜନମ । ୫

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହରର୍ ଝି

ସତ୍ୟନାରାୟଣ ମିଶ୍ର

ଗାଁ କେ ଆସଲା ସହର ର୍ ଝି, ବହ ହି କରି
ଚମକି ଗଲା ଶାଶ୍ ଘରେ ଚଲନ୍ ଦେଖି କରି
ସଖାଲ ପାଏଲେ ଖରିସି ଗୁଲି ଗୁଲି
ବାଟ ଦୁଆରେ ଛେରା ଛି ଟ୍ କା ,ବା ଢୁ ନ୍ ଖୁଟି ଧରି ।୧
ଟିକେ ଟିକେ ଘର୍ ବଖରୀ ଝର୍କା ନାଇଁ ତହିଁ
ଉକୁବୁକୁ ଲାଗି ଗଲା ନି ହଉଛେ ରହି
ଲାଇନ୍ ହଉଛେ ସେ ସେ ଘଡି ପଲେଇ
ଧୁକନା ଧରି ଧୁକି ଧୁକି ହାତ୍ ଯାଏସି ଦୁଃଖେଇ ।୨
କାହାକେ କାକି କାହାକେ ବଡି କାହାକେ ନନା ମେନ୍
ସେନେ ଡାକୁଥିଲା ଆଣ୍ଟି ବୋଲି ,ତାହାକେ ସେଟା ଅଏ ନ୍
ମୁଡ଼ିଆ ଲାଗୁଛେ ଇନେ ଅଡୁଆ
ଜୁହାର୍ କଲେ ତାହାକେ ସେନେ ଲାଗୁଥିଲା ବନିହା ।୩
ଇନେ ନାଇଁ ନ ବିଉଟି ପାର୍ଲର ନାଇଁ ଗୁପ ଚୁପ୍ ଠେଲା
ମନ କଲେ ଯେ ଫେନ୍ସି ଷ୍ଟୋର୍ ,ଏନେ ତେନେ ବୁଲା
ସେସବୁକେ ପାଶରୀ ପାରୁଛେ ନାଇଁ
ସହର ଜାଗାର୍ ଝି , ସେ ସହର ଜାଗାର୍ ଝି ।୪

ସିନ୍ଧେକେଲା, ଓଡ଼ିଶା, ଭ୍ରାମ୍ୟଭାଷ: ୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଇଁ ମଲେ କେନ୍ତା କରବୁ ?

ଦେବେନ୍ଦ୍ର ଭୁଏ

ଥିଲି ମୁଇଁ ବି ଦିନେ ତାଜା ଆଉ ସତେଜ୍ ବି
ମୋରନୁ ମୋର୍ ଛୁଆ ଥିଲେ ଖୁସ୍
ମୋର୍ ଛୁଆକୁଁ ଯେତକି ଦରକାର୍
ତାର୍ ନୁ ବେଶୀ ....ଢାଲୁଥିଲି ପରକୁସ୍ ।

ହେଲେ କାଣା ହେଲା ଭଗବାନ୍ ଜାନେ
ସମିଆ ବଦଲିଲା ଅଛେଛନେ
ଦେବାର୍ ଟା ମୋର୍ କମିଗଲା
ଜୀବନ୍ ଟା ମୋର୍ ଥମିଗଲା ।

ତଥାବିର୍ ମୋର୍ ପୋ ....
ମୁଇଁ ଚାହୁଛେଁ ତୁଇଁ ବଢ୍
ଇ ସଂସାରେଁ ନୂଆଁ ରାଏଜ୍ ଗଢ୍
ତୋର୍ ନାଁର୍ ବାନା ଉଡୁ
ତୋର୍ କିରିତିର୍ କଥା ପଡୁ ।

ହେଲେଁ ମନ୍ ଭିତରେଁ ମୋର୍ ବଢ଼େ ଚିନ୍ତାଟେ
ତୋର୍ ସାରେଁ ମରିଗଲେ ମୋର୍ କେଥେ
ଛୁଆପୁତା
ତୁଇଁ ନାଇଁ ବୁଝଲୁ କରିବସଲୁ ସେଇ ଗୁଟେ
ବୁତା
ମୋର୍ ଛାତି ପୁଡୁଥିଲା ସତ୍
ତଥାବିର୍ ଦେଉଥିଲି ବଫୁ ଥିବାର୍ ତକ୍ ।

ତୋର୍ ଉଷୋ ମାରିଦେଲା ମୋର୍ କେଥେ
ସନ୍ତାନ୍
ତୁଇଁ ସାଜଲୁ ସମକିରର୍ ଲାଗି ବଢେ
ସଏତାନ୍
ମୋର୍ ଜୀବନ୍ ଟା କାନ୍ଦୁଥିଲା ସତ୍
ତଥାବିର୍ ତତେ ବଢଉଥିଲି ମୋର୍ ତାକତ୍
ଥିବାର୍ ତକ୍ ।

ମୋର୍ ବଫୁ ମୋର୍ ତାକତ୍ ଟିକ୍ କ ତ
ସାରିଦେଲୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋର୍ ଭିତରର୍ ଭାବନାକେ ତୁଇଁ
ମାରିଦେଲୁ,
ତୁଇଁ ମାଁ କହିକରି ଦେଇଥିଲୁ କେଥେ ବଫୁ
ତୋର୍ ହର୍ ଗଲତିରେ ମାରିଥିଲି କେଥେ
ରଫୁ
ତୋର୍ ସ୍ନେହର୍ ପାଏନ୍ ରେ ମତେ କେଥେ
ମିଳିଥିଲା ବଲ୍
ତଥାବିର୍ ଇ ମାଁର୍ ସାଙ୍ଗେ କାଏଁ ଯେ କଲୁ
ଛଲ୍

ହେଲେଁ ମୋର୍ ପୋ.....
ମୁଇଁ ଅଛେଁ ବଲିଁ ତ ତୋର୍ ଭାଉ
ମୋର୍ ଲାଗି ତ ଦାନା ମୁଠେ ପାଉ
ମୁଇଁ ଅଛେଁ ବଲିଁ ତୁଇଁ ଅଛୁ
ମୋର୍ ନାଁରେ ସିନେ ତୋର୍ ବଫୁ
ମୁଇଁ ଥିଲେଁ ଯାକି ତୁଇଁ ଥିବୁ
ହେଲେ .....
ମୁଇଁ ମରିଗଲେଁ କେନ୍ତା କରବୁ ?
ଆଧାର୍ ବନେଇ କରି କାହାକେ ଧରବୁ ?

ଦୁଲମପୁର, ବ୍ଲକ୍ ଅତାବିରା (ବରଗଡ)
୯୦୯୦୬୪୦୦୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହାର୍ ଲାଗିଁ ମରୁଛ ?

ଦେବେନ୍ଦ୍ର ଭୁଏ

ଗୁଟେ ଡଙ୍ଗାତି ବସିଛୁଁ ସଭେ
ଭାରତ୍ ତାର୍ ନାଁ
ବୁଡବାର୍ ଆଗରୁ ବଁଚେଇ ନଉଁ
ସେ ତ ଆମର୍ ମାଁ ।

ବଏରୀ ଇନ ଯାହାକେ ଯେତେ
ବାହାରେଁ ଯେତକି ଭିତରେଁ ସେତେ
ବାହାରର୍ ସାଙ୍ଗେ ତ ଲଢ଼ି ପାରମା
ଭିତରର୍ ଟାକେ କାଣା ତଡ଼ି ପାରମା ?

ମାଁ କାନ୍ଦୁଛେ ତୁମର୍ ଲାଗିଁ
ସରମ୍ ନାଇନ ତୁମର୍ ଆଖିଁ
ବଏରୀ ଦରବକେ ବେଭାର୍ କରୁଛ
ତାର୍ ଥୁକ୍ କେ ଚାଟି ମରୁଛ !

ମରୁଛ ଯଦି ମର୍ ତ ସଥେଁ
ମାଁର୍ ରକ୍ଷା ଲାଗିଁ
ମାଁ ମାଏଟ୍ ବି ଗରବ୍ କରତା
କିରତି ଗାଏତା ଭୂଇଁ ।

ଦୁଲମପୁର, ବ୍ଲକ୍ ଅତାବିରା (ବରଗଡ)
୯୦୯୦୬୪୦୦୯୩

Magazine Downloaded from www.aahwaan.com

ସମିଆ

ରମଣୀକାନ୍ତ ସାହୁ

କମିହାର୍ ସବୁବେଳେ ସମିଆର୍ ଅଭାବ୍
ନିଷତ୍ ର ସମିଆ ନାଇ ସରେ କେଭେ
ନାଇଁନ କିଛି ଦୁନିଆଁ ଥି ଅସାଏଧ୍
କରି ପାର୍ ବ ସବୁ, ସମିଆର୍ ମୂଲ୍ ଟା ବୁଝ୍ ବ ଯେଭେ । ୧
ଠିକ୍ ସମିଆ ଥି ଠିକ୍ କାମ୍ କଲେ
ସଫଲ୍ ତା ମିଲ୍ ବା ସବୁଠାନେ, ସବୁକାମେ
ନାଇଁକଲେ ଠିକ୍ ସେ ସମିଆର୍ ବେଭାର୍
ଅଲ୍ ସୁଆ ହେଇ ବୁଡ୍ ବା ବୁଧି, ସବୁକୁତି ଦିଶ୍ ବା ଅନ୍ଧାର୍ । ୨
ସମିଆର୍ ମୂଲ୍ ଟା ଯେ ଯାଇଁନ୍ ଛେ
ବର୍ବାଦ୍ ନାଇ କରେ ମିନ୍ ଟେ ସମିଆ କେଭେ
ଚାଁଟି ଧାର୍ ବାଗିର୍ ଲାଗିଥିସି ନିଜର୍ କାମେ
ଅଲ୍ ସୁଆ ନୁ ରହେସି ଦୂର୍, ନାଇପାଏ ଦୁଖ୍ କେଭେ । ୩
କାମ୍ କରିଚାଲ ନାଇ ଆସ୍ ରଖି ଫଲ୍
ସମିଆ ଆଏଲେ ପାଏବ ନିଶ୍ଚେ ଫଲ୍
କରମ୍ ହିଁ ଜୀବନ୍ ହଉ ସମ୍ କର୍ ଧରମ୍
ଭୁକେ ନାଇଁ ମରନ୍ କେହି,ସଭେଁ ଜିଇଁବେ ଜୀବନ୍ । ୪

କତରବଗା, ସମ୍ବଲପୁର
ଭ୍ରାମ୍ୟଭାଷ : ୯୪୩୭୭୩୬୬୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସହଯୋଗ୍

ଯୁବରାଜ କୁଦେଇ

ମୁନୁଷ୍ ଜିବ୍ ନେ ଅଭାବ୍ ଅସୁବିଧା
ଲାଗିଥିସି ଅହରହ
ସହଯୋଗର୍ ହାତ୍ ବଢାଲେ ଝନେକେ
ହଉଥିସି ଗହଗହ ॥
ସେ ଲୋକ୍ ସାଙ୍ଗେ ଭାବ୍ ଜୁଡି ହେଇ
ବାସୁଥିସି ମହମହ
ସାହେଜ୍ ସହଯୋଗର୍ ଗୁନ୍ ସେଠାନେ
ଦିଶୁଥିସି ଦହଦହ ॥
ଅଭାବ୍ ବେଳାକେ କାହାକେ ଯଦି
ସହଯୋଗ୍ ଥିବୁ କରି
ସାରା ଜିବନ୍ ତତେ ମନେ ରଖିଥିବା
ଗଲେ ବି ତୁଇ ତ ମରି ॥
କରିଛେଁ ନ ବଲି ସହଯୋଗ୍ ଯଦି
ରଖ୍ ବୁ ପାଏବାର୍ ଆଶ୍
କମେଇ ଥିବୁ ଯେନ୍ ଭାବ୍ ଟିକ୍ କ
ଘାଏକେ ହେସି ସେଟା ନାଶ୍ ॥
ଦେଲା ଦରବ୍ କେ ପାଏମି ନ ବଲି
ତୁର୍ ତି ଦଉଥିଲେ ମାଗି
ନେଲା ଲୋକ୍ ସତେ ବିର୍ ଝି କରି
ତୋର୍ ଠାନୁ ଯଉଥିବା ଭାଗି ॥
ଜୁଡା ହାତେ ଶିଖ୍ ସହଯୋଗ୍ କର୍ ବାର୍
କିଛି ନାଇଁ ରହେ କମି
ଅଭାବ୍ ବେଳାକେ ଦଶ୍ ଟା ହାତ୍
ତୋର୍ ଆଡେ ଅଉଥିବା ଲମି ॥
ଭାବର୍ ବନ୍ଧନ୍ ବର୍ କସ୍ ହେଇ
ଭାବ୍ ଯଉଥିସି ଚହଟି
ତୋର୍ ଆରୁ ତାର୍ ଭାବ୍ ମିଶି କରି
ଯଉଥିବା ସତେ ମହକି ॥
ସହଯୋଗ୍ କଲା ଲୋକ୍ କେ ବାବୁ
ସଭେ କରୁଥିସନ୍ ସଉକି
ଭାବ୍ ରସିଆ ଲୋକ୍ ଟେ ଆଏ ସେ
ଭାବ୍ ଭରା ତାର୍ ଗହକି ॥

ଗ୍ରା/ପୋ-ଇଛାପୁର, ଥା- ଡୁଙ୍ଗୁରିପାଲି
ଜି- ସୁବର୍ଣ୍ଣପୁର,
ମୋ- ୯୯୩୮୮୧୩୭୦୬- ୭୯୭୮୭୧୯୫୬୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମା ମୋର୍ ପନତ କାନି

ଆଶିଷ ଜ୍ୟୋତିଷ

ସାରା ସଂସାରେ ତୁଇ ଆଉ ବଡ ଜ୍ଞାନୀ

ବିପଦେ ଆପଦେ ପନତ କେ ଦେସୁ ଟାନି

ମୋର ଦୁକ ସୁଖ ସବୁ ଥିସୁ ଜାନି

ହାତ ଧରି କରି ଚାଲବାର ଶିଖିଇଛୁ

ଛୋଟ ନୁ ବଡ କରିଛୁ

"ମା ମୋର ପନତ କାନି"

ଭୁକେ ଉପାସେ ରହେସୁ

ନିଜର ଛୁଆ ଲାଗି ଲାଗ ରଖସୁ

ଏଡେ ବଡ ଟେ ହେଇଛେ ତୋର କୁଲେ

ଖାଏଲେ କି ନି ଖାଏଲେ ନଜର ରଖୁସି ସବୁବେଳେ

"ମା ମୋର ପନତ କାନା "

ଏନ୍ତା ଲୋକ ଅଛନ ଯେ ମା କେ ଜାଏସନ ଭୁଲି

ବଡ ଲୋକ ହେଇଗଲେ ବଲି

ସହରେ କେ ଯାଏସନ ଚାଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମା ଦେସନ କେତିନି ଟେ ଗାଲି

"ମା ମୋର ପନତ କାନି "

ଆଦର ତାର କେତିନି କେତେ ଅମୃତ ଧାର

ଆସିର ବାଦ ଥଉ ମୋର ଉପରେ ସବୁବେଳେ ତାର

ସବୁ କଥାକେ ଆଘୋନୁ ଥିସିଜାନି

ନିଜର ଛୁଆ ଲାଗି ହେସି ଘାଟି ସାନି

"ମା ମୋର ପନତ କାନି"

ଯୁବାଖୋଲ ,କଟାବାହାଲ

ଗାଇସିଲେଟ୍ ,ବରଗଡ

ପିନ-୭୬୮୦୩୬

ମୋ-୭୬୮୩୮୭୦୬୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗରିବର୍ ମାଏପୋ ଶାଲି ହୁରିଆ

ସହଦେବ ଧରୁଆ

ଧନ୍ ଥିଲେ ଧନି ଠାଟେ ମହାମାନି
ମା'ନ୍ ଦେଇ ଡକାହକା,
ବୁଆକକା ଧନ ବାବୁ ସନମାନ
ଶୁନି ମନ୍ ଅକାବକା । ୧
ତିରିକେ ମାଏନ୍ ଢ଼ିଲି ରାମାଏନ୍
ମାଆଁ ନାନି କେତେ ଚାଖି,
ଉଷତେଁ ଉଛଲି ପଡବୁ ଗୁପଲି
ନାଇଁ ମାରିପାରୁ ପାଖି । ୨
ସୁଖ୍ୱାସି ହେଲେ ମଲୁ ଅରକଲେ
ବଲବେ ଗୁତି ମୁଲିଆ,
ଛିତକା କୁରିଆ ଥୁରରେ ଧୁରିଆ
ମାଏପୋ ଶାଲି ହୁରିଆ । ୩
ବିନ୍ ଚାଲି ହୁରି ବାଟ୍ ଫିଟି ଘୁରି
ଦେଖିନେଲେ ଟାଟି ଦିଆ,
ଦିଆକେ ଗା ଥୁଆ ଅଦିଆ ଅଛୁଆଁ
ନି' ଠଟନ୍ ମାହାଲିଆ । ୪

ଗରିବର ଖୁନ୍ ବିଟ୍ କଲା ଚୁନ୍
ସଥେଁ କାଏଁ ପାଏନଚିଆ,
ସାହୁ ସାହାକାର୍ ଯେଏ ମାଥେବର୍
ତାର୍ ଗାଗରେଁ ଲାଲିଆ ! ୫
ଗରିବର୍ ତିରି ତାମସା ଚାଁଘ୍ରି
ନାଇଁ ଡାକ ନାନି ଖୁଡି,
ଶଶୁରର୍ ଝିଇ ଶାଲି ଭାବି ଖିଇ
ହଁସ୍ସ ଝିତରି ମୁଁଡି । ୬
ହାଏରେ ଦୁନିଆଁ କରସୁ ଖୁକିଆ
ଭାବି ପୁହୁରିଆ କଁଟା,
ମାଥେବର୍ ତିରି ଦୁଲାରି ଲାଡରି
ଗରିବର୍ ତିରି ହଟା । ୭

ଆଂଚଲିକ ଶିକ୍ଷାପ୍ରତିଷ୍ଠାନ, ଭବନେଶ୍ୱର
ମୋ.ନଂ. ୭୬୮୨୮୬୬୬୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହରଚଣ୍ଡୀ ମନ୍ଦିର ଆଶ୍ରମ୍

ବିଶ୍ୱନାଥ ଭୁଏ

ଚଣ୍ଡୀ ମନ୍ଦିର୍ ଆମର୍ ଆଶ୍ରମ୍
ଇନୁ ଶିଖିଛେଁ ମୁଇଁ ପରିଶ୍ରମ୍,
କହେବାର୍ ଲାଗି ଅଛେ ଦମ୍
ସରଗ୍'ନୁ ଭି ନୁହେସେ କମ୍ ।
ଆସୁଥିଲେ ଯେନ୍ କେଥ୍'ନି ଦାତା
ଆନୁଥିଲେ ଦରବ୍ ମାଏନ୍ ମନ୍'ସା
ଖାଏବାର୍ ଜିନିଷ୍,ଡଟ୍,ଖାତା,
ସାଟ୍'ପେଁଟ୍, କମଲ୍,ଚପଲ୍,ଛତା ।
ଶୋର୍ ଲାଗୁଛେ ସେ ଛତି ଖୁଜା
ଆନିକରି ଯେନ୍ତା ଭାଜୁଁ ଭଜା,
ଆମ୍,ଲେମ୍'ହଉ,କେନ୍ଦୁ,ମାଜା
ଖଉଥିଲୁଁ ଯେନ୍ତା କରି ମଜା ।
ଆମର୍ ଆଙ୍କା ଶ୍ରୀ ଯାଦବ ଦୁଆନ୍
ମାଁ-ବୁଆ ସଥେ ଆନ୍ ଭଗବାନ୍,
ଆଶ୍ରମ୍ ର ସେ ସବୁ ଆନ୍
ଭୁଲି ନେ ପାରେଁ ତା'କର୍ ଦାନ୍ ।

ଜୟ ମାଁ ଚଣ୍ଡୀ ଶୁନ୍ ଗୋ ଗୁହାରୀ
ନାଇଁ ଯିବୁ ମାଁ ଆମ୍'କୁ ପାସ୍'ରି,
ତୋର୍ ନାଁ ଥି ଆଶ୍ରମ୍ ହେଲା
ଆମ୍'କୁ ମାନ୍'କୁ ମୁନୁଷ୍ କଲା ।
ଆଶ୍ରମ୍ ର ଆଏଜ୍ କାଣା ହେଲା
ପଡ଼ିଯେଇଛେ ବଡ୍'ଖା ତାଲା
ରହେବାର୍ ଲାଗି ଯିଏ ଆଏଲା
ଫିରି କରି ପଲେଇଗଲା ।
ବିପଦ୍ ସମିଆଁ ମାଡ଼ି ବସ୍'ଲା
ତୁଇ ଗୋ ମାଁ ସାହାରା ଏକ୍'ଲା,
ଖୁଲିଦେ ଇ ଆଶ୍ରମ୍ ତାଲା
ଖୁଲିଦେ ଇ ଆଶ୍ରମ୍ ତାଲା..... ।

କେଶାଇପାଲି, ଭଟଲି, ଜିଲ୍ଲା - ବରଗଡ଼,
ମୋ-୯୬୬୮୮୭୮୫୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଷାଢ଼ ମାସର୍ କହଁର୍

ଅରୁଣ କୁମାର ଭୋଇ

ଖରା ଉତାରୁ ବରଷା ଆଏଲା
ଘିଡ଼-ଘିଡ଼ ଚଡ଼-ଚଡ଼ ଆବାଜ୍ କଲା
ଗହକି ଚାଷିର୍ ମନ୍.....

ଖୁଲଖୁଲ୍ ଡୁବଡୁବ ବୁଢ଼ା ଗଅଁତିଆ
ଅହରା ବହରା ରାଏତ୍ ସରତା
ଧରିଛେ ଭଁଡ଼ାର୍ କନ୍.....(୧)

ଦଅଁରା - ଜୁତା ନଙ୍ଗଲ-ଯୁଏଡ଼
ହଲ ବଲଦ ସାଙ୍ଗେ ଠୁଟି କୁଏଡ଼
ରଖିଛେ ସବୁ ଯତନେ.....

ବୁନା-କଟା ରୁଆ-ବିହିଡ଼ା
କେନ୍ତା କରବା ମଡ଼ା-ଦଲା
ବଏନା ଦେଖିଛେ ସପନେ.....(୨)

ଗରଜି-ଘୁମରି ଇନ୍ଦର୍ ରଜା
ବେଙ୍ଗ ସାଜିଛେ ବଜାଗଜା
ଜଲଦି ଜଲଦି ଆ.....

ପର`ହୁ ହେଲା ଟାକିଛୁଁ ତତେ
ଚେରେ-ଚିରଗୁନ୍ ସବେଯେତେ
କରୁଛୁଁ ତତେ ଝାଏଁ.....(୩)

ଖରା ଦିନର୍ ଅଢ଼ୋ ପାନି
ଖରସି ଗଦାର୍ ଖତ୍
ବସୁଛେ ମଗମଗ୍.....

ଛଁଚିଛେ ଚାଷି ବିହନ୍ ପାଚର୍
ନୁରୁଛେ ମାଟିର୍ ସଜ୍-ବତର୍
ଦେଖୁଛେ ଡଗଡଗ୍.....(୪)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚୁଡ଼ା କେ ଟାକିଛେ କଉଁଟ୍ ବିଚରା
ପାଏତା ବଏଲେ ୨, ୪ ଅଛରା
ଧରତିଁ ହେଲେ ମାଛ୍.....
୨,୪ କେ.ଜି ଧରତିଁ ବଏଲେ
ମିଲତା ହେଲେ ମାନେ ପସେ
କୁଟୁମ କରିଛନ୍ ଆଶ୍.....(୫)

ଲାଲ ଶାଢୀଥି ସାତ ବହନି
ଟହଲ ମାରୁଛେ ସୁନ୍ଦରୀ ନନୀ
ମାଟି ମା ର୍ ଉପରେ.....
ଦେଖୁଛେ ନନୀ ରଙ୍ଗୀନ ଦୁନିଆଁ
ଭାବୁଛେ ଫେର୍ ଘାଏକର୍ କୁନୁଆଁ
କୁହୁରି ମରୁଛେ ଭିତରେ.....(୬)

ରୋଡ଼ ରାସ୍ତା ଖେତେ ବାହାଲେ
ମୟୁର ନାଚୁଛେ ଡଙ୍ଗର୍ ତଲେ
ସବୁ ଦିଶୁଛେ ଶାଗୁଆ.....
କେଚେର୍ ମେଚେର୍ ଚେଁ-ଚାବର୍
ହଲିଆ ଗୀତର୍ ସୁରେ
ଲାଗୁଛେ କେତେ ବଢ଼ିଆ.....(୭)

ସ୍ୱାଗତ୍ ଗୋ ବରଷା ରାନୀ
ଧରତି ମାତାର୍ ମନ୍ କେ ଜାନି
ଭୁଲିକରି ରୁଷା-ଫୁଲା.....
ଆମେ ଜୀବ ଛପନ୍ କୋଟି
କରୁଛୁଁ ତତେ ଜୁହାର୍ ବିନତି
ନାଇ କର୍ ଅମାଝୁଲା.....(୮)

ଶିକ୍ଷକ, ଧଉଁରାଦାଦର, ରାମପୁର, ବଲାଙ୍ଗିର
ମୋ- ୯୯୩୮୧୩୨୩୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦାଦନର୍ ଦୁଃଖ୍

ସାଇପ୍ରସାଦ ସାହୁ

ପେଟର୍ ଲାଗି ଏକା ମୁନୁଷ୍ କେ କାଁଣା ନି କାଁଣା କରବାର୍ କେ ପଡ୍ ସି । ଆଏଜ୍ ଫୁଲମତୀ ତାର୍ ଜୀବନ୍ ଥି କେତେ ନି କେତେ ଦୁଃଖ୍ ଜଂଞ୍ଜାଲ୍ । ସବୁକେ ସହି ସହି ଛାତିକେ ପଥର୍ କରିନେଇଛେ । ତାର୍ ଚାର୍ ଟା ଝି ଆର୍ ଗୁଟେ ପିଲା । ସେତାର୍ ସଙ୍ଗେ ତାର୍ ମନର୍ ଗୁସିଆଁକେ ନେଇ କରି ଛଅ ଜନ୍ ଯାକ ଦୁଃଖ୍ କଷ୍ଟ ନେ ଚଲି ଆସୁଛନ୍ । ଏତେ ବଡ୍ ଖା ପରିବାର୍ ପୁଷ୍ ବାର୍ କାଯେ ଦୁଇ ବଛର୍ ହେଲା ହାଇଦ୍ରାବାଦ୍ ଇଟା ଗଢି ଯାଇଛନ୍ ତାର୍ ମନର୍ ଗୁସିଆଁ ଲଛ । ଆଏଜ୍ ଫୁଲମତୀ ମନର୍ ଗସିଆଁର୍ ମୁହୁଁ ନାଇ ଦେଖି ପାର୍ ବାର୍ ଯେ ତାର୍ ମନ୍ ତର୍ ସି ଯଉଛେ । ଖାଲି ଫୁଲମତୀ ଫୁନ୍ ଥି ଲଛର୍ ଶବଦ୍ ଶୁନି କରି ମନ୍ କେ ଶାନ୍ତି କରିନଉଛେ । ଫୁଲମତୀ ଛୋଟ୍ ବେଲୁ କେତ୍ ନି କେତେ ସପନ ଦେଖିଥିଲା; ରାଜ୍ କୁମାର୍ ଗୁଟେକେ ବିହା ହେଇ କରି ସୁନାର୍ ସଂସାର୍ ଗଢ୍ ବା । ହେଲେ ଆଏଜ୍ ତାର୍ ସପନ ସବୁ ଭାଙ୍ଗିଯାଇଛେ । ଜାନି ପାରୁଛେ ଝି ଜନମ୍ କେତେ କଷ୍ଟଦାୟକ ଆଏ । ମାଆ ଘରେ ବାପର୍ କଥାନେ ଚଲ୍ ବାର୍ କେ ପଡୁଥିଲା ଆର୍ ଶାଶ୍ ଘର୍ କେ ଆଏଲା କେ ମୁନୁଷର୍ ହାତ୍ ଧରି ଚାଲବାର୍ କେ ପଡୁଛେ । ମୁନୁଷ୍ ପିଲା ନାଇ ସେ ଯେ ଠାଟେ ଚଲ୍ ବା; ମାତର୍ ଝି ଜନମ୍ ନେ ଜନମ୍ ଥୁ ମରନ୍ ତକ୍ ଜନ୍ କର୍ ଆଶ୍ରାନେ ଚଲ୍ ବାର୍ କେ ପଡ୍ ସି । ଏତେ ବଡ୍ ଖା କୁଟୁମ୍ ପୁଷ୍ ବାର୍ କାଯେ ଲଛ ମର୍ ଡି ଅଂଚଲ୍ ନୁ ପଲେଇ ଆଇଛେ ହାଦ୍ରାବାଦ୍ କେ ଇଟା ଗଢି । ତାର୍ ଗାଁ ଆର୍ ଗାଁ ପାଖେନେ ଥିବାର୍ ସହର୍ ନେ ଦୁଃଖ୍ ଭୁତି କିଛି ନାଇ ନ ବଲିତ ସେ ପଲେଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଇଛେ ଦାଦନ୍ ଖଟି । ଯେନ୍ ଦୁଇ ପଏସା ପାଏସି ସେଟା ଘର୍ କେ ପଠେଇ ଦେସି । ବଛରେକ୍ ଇଟ୍ ବନେଇ କରି ଯେନ୍ ଷାଠେ ହଜାର୍ କମାଲା ତାର୍ ଗାଁକେ ଆସି କରି ତାର୍ ମନର୍ ରାନୀ ଫୁଲମତୀର୍ ହାତେ ନେ ଦେଇଛେ । ଘର୍ କେ ଦିନେ କି ଦୁଇ ଦିନ୍ ରାହେଲା କି ନାଇଁ ଫେର୍ ଯାଇଛେ ଦାଦନ୍ ଖଟି । କର୍ ଯା କରି ଇଟ୍ ମାଲିକ୍ ନୁ ଗୁଟେ ଲାଖ୍ ଟଂଗା ଧରି ଆଇଛେ । ଫୁନ୍ କଲାକେ ମାଲିକ୍ ପାଖ୍ କେ ଫେର୍ ଯାଇଛେ । ଇଟ୍ ମାଲିକ୍ ଲଛ କେ କହିଛେ; ବାବୁ ଲଛ ଯେନ୍ ପଏସା ନେଇଛୁ ଆର୍ ଦୁଇ ବଛର୍ ତକ୍ ଇଟ୍ ବନାବାର୍ କେ ପଡ୍ ବା । ଏଛେନ୍ କା କାମ୍ କର୍ ବାର୍ ପୁଲ୍ ଟା କିଛି ଉପାୟେ ନାଇ ନା । ଗୁଟେ ଆଡେ ଲଛ ପରିବାରର୍ କାହାରିର୍ ମୁହୁଁ ନାଇଁ ଦେଖି ପାରୁଛେ ଆର୍ ଇଆଡେ ମାଲିକର୍ ଧମ୍ କି ନେ କେନ୍ତା କରି ଇଟ୍ ବନେଇ ଦିନ୍ ଯାଉଛେ ଜାନି ନାଇ ପାରୁଛେ । ଦିନ୍ କେ ଦିନ୍ ଦୁଃଖ୍ କଷ୍ଟ ନେ କାମ୍ କରିଚାଲିଛେ । ହେତ୍ କି ବେଲେ ଚୀନ୍ ଦେଶର୍ ଉହାନ୍ ସହର୍ ନୁ ଯେନ୍ କରୋନା ବେମାର୍ ବାହାରିଛେ, ସେଟା ସାରା ପୁର୍ ଥିକେ ଚହଲ୍ ପକେଇ ଦେଇଛେ । ଆଏଜ୍ ଭାରତ୍ ଦେଶ୍ କେ ଫୁନି ଇ କରୋନା ବେମାର୍ ପହଞ୍ଚିଯାଇଛେ । କରୋନାର୍ ପ୍ରଭାବ୍ ଦିନୁ ଦିନ୍ କେ ବଢ୍ ବାର୍ କେ ଲାଗିଛେ । ଆର୍ ସେଥିର୍ ଲାଗି ଦିନୁ ଦିନ୍ କେ ଲକ୍ ଡାଉନ୍ ର ସମିଆଁ ବଢୁଛେ । କାମ୍ ଧାମ୍ ସବୁ ବନ୍ଦ । ଲଛ ଇଆଡ଼େ ଫୁଲମତୀ କେ ଫୁନ୍ କରି ସବୁ କଥା କହିଛେ । ଗାଡି ମଟର୍ ଫୁନି ବନ୍ଦ ଆର୍ ରେଲ୍ ଗାଡ଼ି ବି ବନ୍ଦ । ଇ ବାଟ୍ ଇଟ୍ ମାଲିକ୍ ଫୁନି ବସି ବସି କରି କେତେକ୍ ଖାଏବାର୍ କାଯେ ଦେବା । ଦେଢ୍ ମାସ୍ ଗଲା ଉତାରୁ ରାଏଜ୍ ସରକାର୍ ଘୋଷ୍ ନା କଲେ ଯେ ରେଲ୍ ଗାଡିନେ ବାହାରର୍ ରାଏଜ୍ କେ ଦାଦନ୍ ଖଟି ଯାଇଥିବାର୍ ଲୋକ୍ ମାନଙ୍କୁ ନିଜର୍ ଘର୍ ମାନ୍ କେ ଆନ୍ ବା । ଏନ୍ତା କଥା ଶୁନି କରି ଖୁସିନେ ଗଦ୍ ଗଦେଇ ଯାଇଛେ । ଆର୍ ଲଛ ଆଏବାର୍ ଦିନ୍ କେ ଟାକି ବସିଛେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନେ ଦୁଇ ପହର୍ ରେ ଫୁଲମତୀର୍ ଘର୍ ସାମ୍ ନା ନେ ଅଚାନକ୍ ଧୋବ୍ ଏମ୍ବୁଲେନ୍ସ ଗୁଟେ ଆସି କରି ଠିଆ ହେଲା । ଫୁଲମତୀ ଅକାଭୂତ୍ ହେଇ କରି ଗାଡିକେ ଠଁକେଇଛେ । ଗାଁର୍ ଲୋକ୍ ସବୁ ଆସି କରି ଗାଡି ପାଖେ ଠୁଲ୍ ହେଇ ଯାଇଛନ୍ । ଲଛର୍ କନିଆଁ ଫୁଲମତୀ ଗାଡି ପାସ୍ କେ ଯାଇ କରି ଦେଖ୍ ସି, ଗାଡିନୁ ଗୁଟେ ଅଫିସର୍ ବାହାରି କରି କହେସି ଯେ; ତମର୍ ମୁନୁଷ୍ ଲଛ ଚାଲି ଚାଲି କରି ହାଦ୍ରାବାଦ୍ ନୁ ପଲେଇ ଆସୁଥିଲା । ହେତ୍ କି ବେଲେ ଗୁଟେ ଗାଡି ଏକ୍ସିଡେଣ୍ଟ ହେଇ କରି ତାକର୍ ଜୀବନ୍ ଯାଇଛେ । ଇଟା ତାକର୍ ଲାସ୍ ଆଏ । ଇ କଥା ଶୁନି କରି ଫୁଲମତୀର୍ ଚାରିଆଡ୍ ଅନ୍ଧାର୍ ଦିଶି ଯାଏସି । ତାର୍ ଛୁଆ ପିଲା ଆସି ଇ ସବୁ ଦେଖି କାନ୍ଦି ବୁବେଇଛନ୍; ଯେନ୍ ଟା ସାରା ପରିବେଶ୍ ଫାଟି ପଡୁଛେ ଆର୍ ଗାଁନେ ଶୋକର୍ ପରିବେଶ୍ ଦେଖା ଦେଇଛେ । ସରକାର୍ ଭିନ୍ ଭିନ୍ ଯୋଜନା ପରେ ଯୋଜନା କଲେ ବି ତାର୍ ପ୍ରକୃତ୍ ଫାଇଦା ଲଛ ମେଖାନ୍ ଗରିବ୍ ଲୁକ୍ ପାସ୍ କେ ପହଞ୍ଚି ନାଇଁ ପାର୍ ବାର୍ । ଯେନ୍ ଥିର୍ ଲାଗି ଆମର୍ ମର୍ ଡ଼ି ଅଞ୍ଚଲ୍ ନୁ ଲୋକ୍ ମାନେ ବାହାର୍ ରାଏଜ୍ କେ ଦାଦନ୍ ଖଟି ଯାଇ ଇ ଭଲିଆ ଅସୁବିଧାର୍ ସମ୍ ନା କର୍ ବାର୍ କେ ପଡୁଛେ ।

(ସ୍ନାତକୋତ୍ତର ବାଣିଜ୍ୟ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମୋ.ନଂ – ୯୯୩୭୦୩୪୭୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଲେ ବଲଦ୍

ପ୍ରସନ୍ନ ପ୍ରୟାସ ଭୁଏ

ମନଟା ଟିକେ ଉସାସ୍ ଲାଗୁଥିଲେ ଭିଲ୍ ଜୀବନେ ବଢ଼େ ବୋଝ୍ ଟେ ମାଡ଼ି ବସିଛେ । ଚଉଦ ଦିନ୍ ଗାଁ ମୁଁଡ଼ସାର ଇସ୍କୁଲେ ସଂଘରୋଧଥି ରହେଲା ପରେ ଆଏଜ୍ ଘର୍ ମୁହାଁ ହଇଛେ । ଘରେ ଛୁଆ ଦୁଇଟା, ସାତ୍ ଜନମର୍ କିରିଆ ଖାଇଥିବାର୍ ପରାନୀ ଆଉ ସରବ୍ ସହନି ମାଁଟା ଯେ ଆଏଜ୍ ଅପାରୁ ଅବସ୍ଥା ଥି । ମନେ ମନେ ନିଜକେ ଗାଲି ଦଉଥାଏ ଜଦୁ କାହିଁ ଯାଉଥିଲି ଦାଦନ୍ ଖଟି ବଲି । ହୁର୍ଗୁନି ହୁର୍ଗୁନି ପାହେ ପାହେ ଚାଲି ଆସୁଥାଏ ଘରକେ, ଛାତି ଭରନେ ଦରଦ୍ ଆଁଖି ଲୁହର୍ ସମୁଦର୍ ନେଇ ।

ବଡ଼ା ଦୁଖ୍ ଲାଗୁଥାଏ ଦୁଇ ମାସର୍ ଟଁକା ଠିକାଦାର ହାତେ ରହିଗଲା । ଦଶ ଫୁଟିଆ ଟିନ୍ ଚାଦରା ଘରେ କେନ୍ତା ରହି ରକତ୍ କେ ପାଏନ୍ କରି କାମ୍ କରିଥିଲା । ଶୁଇନ୍ ଆକାଶେ ରଶିଥି ଉଲେଇ ହଇ ରଂଗ୍ ମାରବାର ସହଜ୍ କାମ୍ ନୁହେ ସେ । ମୁଁଡ଼ ଉପରେ ଖରାର ତେଜ୍ ଆରୁ ତଳକେ ଡୁଂଗଲେ ଜୀବନ୍ ସର୍ କରବା । ଫେରବି ଭୁକା ପେଟର୍ ଲାଗି କରୁଥିଲି ଜୀବନକେ ବାଜି ଲଗେଇ ।

ଆଏଜ୍ ଜାନିଗଲି ଠିକାଦାରର୍ ଔକାତ୍ । କୋରୋନା ବେମାର୍ ଲାଗି କାମ୍ ବୁତା ଠପ୍ ହଇ ଲକ୍ ଡାଉନ୍ ହେଲା କି ଠିକାଦାରର ଦେଖା ଦର୍ଶନ ନାଇଁ । ଫୋନ୍ କରି ପଏସା ମାଗଲେ ଗାଲି ବରସୁଥିଲା । ରହେମି ଖାଏମି କାଣା ? ଯାହାର ଭରସାରେ ଯାଇଥିଲି ସେ ହିଁ ଠକି ଦେଲା । ବୁଚକା ପେଡ଼ା ଉଠାବାର୍ ଛଡ଼ା ଆର୍ କାଏଁ ଉପେ ନାଇଁ ଥିଲା । ପେଟେ ଭୋକ୍, ମୁନା ଖାଲି ଘରକେ ଧରସାଲି ଚାଲି ଚାଲି । ସେ ଦୁଖ୍ କହେଲେ ନି ସରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୋରୋନା ଥି ମରେ କି ନି ମରେ ଭୁକେ ମରବାର୍ ନିଶ୍ଚିତ୍ ହଇଥିଲା ନ । ଝାଲ୍ ବୁହେଇ କମାଲା ଲୋକ୍ ମାଗି ଖାଏଲେ ବଡ଼ା ଲାଏଜ୍ ଲାଗସି । ହେଲେ ସମିଆ ଆରୁ ଭୁକର୍ ଆଗେ ହାର୍ ମାନିଥିଲି ।

ହୁର୍ଗୁନି ହୁର୍ଗୁନି ଜଦୁ କେତେବେଲେ ଘରକେ ପୁହୁଁଚି ଗଲା ଜାନି ନି ପାରଲା । ବଡ଼ଖା ଝି କେ ଡାକଦେଲା ନୁନି ମିଲି... ଏ... ମିଲି ଟାଏଟ୍ ଖୁଲ୍ ତ ମାଁ । ଉସନାକେ ମିଲି ଝିଲି ନରଦି ଆସଲେ ବା ଆସଲା ବଲି । ଦିହେଁ ଉଲେଇ ହଇଗଲେ ସଁସେ । ଘରକେ ଢୁକଲା ଜଦୁ ପାଏନ୍ ଖୁରେ ପି ଘଡ଼େ ହାଏ ମାଏ ହଇ ବସି ଛୁଆକର୍ ସାଂଗେ ଗେଲ ହେଲା ।

ଘରର ଅବସ୍ଥା ଦେଖଲା ନି ଛାଏଁଲେ ବର୍ଷା ମାସଟା କଟେଇ ନି ହଏ । ବରଷାଥି ଘର୍ କାଦୋ ହଇଯିବା । ଗୁହାଲକେ ଦେଖଲା ବଲଦ୍ ନାଇଁ ନ ଯେ ଉଜୁରି ହଇ ପଡିଛେ । କୁନେ ହେନ୍ତା ଗେଁଡୁଆ ଭାର ରଫା ଗଏଁତି ବି ପଡ଼ିଛେ । ଅବେଶ ରଫା ଗଏଁତିର କାମ୍ ନି ହଉଥାଇ ବଲି ମୁର୍ଚା ଚରିଦେଲା ନ । ଭାରଟା ଅଏନ୍ ଅଛେ ହେଲେ ଗେଁଡୁଆ ସାର୍'କ ବାଉଁଶ୍ ପାତି କି ସାଇକିଲ ଟାଏର୍ ଗେଟିସ୍ ଦେଲେ ଚଲବା । ଜଦୁ ରଫା ଗଏଁତିକେ ହାତେ ସୁଆଁରି ଦେଖଲା । ଭାବିନେଲା ଇଟା ହିଁ ଜୀଇଁବାର୍ ସାଧନ୍ ବଲି । ତାର୍ ବା'ର କଥା ସବୁ ଆଁଖି ଜଲ୍ ଜଲ୍ ହଇ ଦିଶଲା ।

ବୁଆର୍ ଗୁଟେ ବଲି ପୁଓ ଜଦୁ । ବୁଆଟା ଥିଲା ବେଲେ ଗୋଚର୍ ଜମି ଟିକେ ଆବରି, ମାଏଟ୍ କାଏଟ୍ ବୁହି, ଆଏର୍ ଟିକେ ଦେଇ ଖଣେ ଧାନର୍ ଡୁଲିଟେ ବନାଇ ଥିଲା । ନିଜର ଏକରେ ଜମିନକେ ମିଶାଇ ଚାଷ କଲେ ବରସ ମୁଡ଼ସା ପାହି ଯାଉଥିଲା । ବୁଆଟା ଅଏନ୍ କମିହାଁ ଥିଲା ବଲି ତ ଦୁଇଟା ଝି କେ ପୁସି ପାଲି ହାତୁ ଦୁଇ ହାତ୍ କରି ପାରିଥିଲା । ଆରୁ ପିଲାକେ ଭି ବିହା କରି, ନିଜର କରତବ୍ କରି ଚାଲିଗଲା ଆର ପାରକେ । ଜଦୁଟା ଏକଲା ହଇଗଲା । ବୁଆଟା ଥିଲା ଯେ ଘରର ହାନି ଲାଭର ଅଧା ବାହି ନେଇ ଯାଉଥିଲା । ଏଛେନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରବା କିଏ ? ଜଦୁର ମୁଡ଼େ ବାଦଲ୍ ଏଡକି ବୋଝ ଘାରି ବସଲା । ଲୋଭ୍ ମୁନୁସକେ ପାଗଲ୍ କରିଦେସି । ଜଦୁ ବି ସେ ଭୁଲେ ପଡ଼ିଗଲା । ତତଲା ଭାତକେ ଖୁରେଇ ବାସିର ପଛେ ଧାଏଁଲା । ଏଛେନ୍ ତାର୍ ମନେ ପଡ଼ିଗଲା ।

ସିଆନି ହାତର୍ ରନ୍ଧା ଛଅ ମାସ ପରେ ଖାଉଛେ ଜଦୁ । ଛୁଆ ପୁତା ମାଏଝି କୁଟୁମ୍ ଦେଖି ମନ୍ ଭରି ଯାଇଥିଲା ପେଟେ ଆଉ କାହିଁର୍ ଭୋକ୍ । ଚଟେ ଭାତେ ପେଟ୍ ଭରି ମନ୍ ବୋଧ ହଇଗଲା ।

ସିଆନି କେ କହେଲା ଜଦୁ 'ବଲଦ୍ ହଲେ ଘିନମା ?' ଫେର୍ ଆମର୍ ଖେତେ ଚାଷ୍ କରମା । ଆଉ ଦାଦନ୍ ଖଟି ନି ଯାଏ । ବା ଯେନ୍ତା ଚାଷ୍ କରି ଆମକେ ପୁସିଥିଲା ହେନତା ତମକେ ଭି ପୁସମି । ଭୁଖେ ଦୁଖେ ମୁଠେ ଖାଇ ଚଲମା ନ । ମାଲତି କହେଲା ହଁ ଯେ' ଖେତକେ ତ ଗହନା ପକାଇଛ । ଉପର୍ ଡୁଲିକେ ବିରହନ୍ ଖାଏଲା ନ । ଆରୁ ବଲଦ୍ ବିକି ତ ଉସୋକସା କଲାଁ । ହଲ୍ ବଲଦ୍ କେନୁ ଠୁଲାମା । ଖେତ୍ କେନ୍ତା ମୁକଲାମା । କାନଫୁଲ୍ ସାର୍'କ ବିକି ହେଲେ ବଲଦ୍ ଘିନମା, ଆରୁ ବିରହନ୍ ଡୁଲିକେ ସାଫ କରି ଚାସ୍ କରମା । ଆର୍ ବରସ୍ ଗହନା ଜମିକେ ମୁକଲାମା ନ । ମାଲତି କହେଲା ଠିକ୍ ଅଛେ ଇ ବରସଟା ପଲ୍ହା ରୁଇ, ନିନ୍ଦି ଜାଇକରି ପେଟ୍ ପୁସମା ନ । ଆରୁ ଲେଟ୍ ନି କର ବଲଦ୍ ହଲେ ସୁରାକ୍ କରି ଘିନି ଆନ ।

ଜଦୁ ବଲଦ୍ ହଲେ ଘିନି ଆନି ଗୁହାଲକେ ଅଏନ୍ ବନାଲା ନ । ସକାଲୁ ଭୋର୍ ନୁ ଉଠି ଗଏତିଁ ରଫା ଗେଁଡୁଆ ଭାର ଧରି ଖେତକେ ସିଧା ଧରସାଉଥାଏ ହରବରେ ହରବରେ ଗାଁ ଅଏନ୍ ଲୁକେ ଦେଖଲେ ନ । ଆରୁ କୁହା ବୁଲା ବି ହଉଥାନ୍ ଜଦୁ ଇ ବରସ୍ ଅଏନ୍ ଚାଷ୍ କରବା ତାର୍ ବୁଆର୍ ପାଏନ୍ ପାଇଛେ ହେତାକେ ଚାଷେ ଝୁକେଇ ନି ପାର ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାବିତ୍ରୀ କିଏ

ସତ୍ୟନାରାୟଣ ମିଶ୍ର

ନାଇଁ ନାଇଁ ବୋଲି ଯେତେ ମନା କଲେ ଭିଲ୍ ପନତ୍ ପାତି କରି ବରଦାନ ମାଗୁଥିଲା ତାର ମୁନୁଷ ଭେବାର୍ ସାମନେ କିଆଫୁଲ ।

"ବଉଁଶ ରକ୍ଷା ହେବା ଗୋ ! ତମେ ଆରୁଗୁଟେ ବିହା ହ" ବୋଲି ମିନ୍ତି କରୁଥେ ବାର୍ ବାର୍ । ତାର କଥା ଶେଷ କେ ରହେଲା ।

ଭେବା ଇଟାଗଢେଇ କାମେ ବାହାରି କରି ସେନ ମେନ ନାଁ ଥି ମାହେଜି ଗୁଟେ କେ ଫସେଇ ରସେଇ ଦେଲା । ତାକେ ଉଡେଇ ଆଁନଲା ତେଲେଙ୍ଗାନା ଆଡୁ । ବିହା ହେଇ କରି ଜାତିଭାଇକେ ଭୁଜି ଗୁଟେ ଭିଲ୍ ଦେଇଦେଲା । ମେନ ର୍ ସଂଗେ ଭେବାର୍ ଦିନ କେତେ ତ ବଡା ସୁକେ କଟିଗଲା । ମାତର, ବାହାରି ପଡଲା ତାର ମଜା । ମେନ ର୍ ଦିନୁ ଦିନ କେ ଯେତେ ଯେତେ ଫର୍ମାସ ଯେ କାଁ କହେବ । ଇଟା ଅନିଦିଅ ସେଟା ଅନିଦିଅ ଲାଗିଛେ ନ ହରମେସା । ମଖନ ଘସନ୍ ଶାଢ଼ୀ ସାୟା ଉନହିଁ ଡେରେଶ ସେ ସେ ଥି ଦୁହୁରୀ ଦୁହୁରୀ ବିଚରା ଭେବାର୍ ଝଲା ଝାରି ହେଇ ଗଲାନ ।

ଫେର୍ ଥରେ ସେ ବାହାରିଲା ଦାଦନ । ମାସ କେ ମାସ କବାର୍ କରି କରି ଯାହା ଟଙ୍କା ଘରକେ ପଠେ ସବୁକେ ମେନ ସୁନ୍ଦୁରି ମେନକା ସାଜିକରି ତାର ଷ୍ଟାଇଲ ମରା ଥି ଖର୍ଚୀ ଦଉଥିଲା ନ । କିଆଫୁଲ ସବୁକେ ଦେଖି ଦେଖି ତୁମ୍ ପଡୁଥେ । ମେନ ର୍ କଲ କଲ କେ ଡରି ମରସି ବିଚରି ।

କରୋନା ଦେଶ କେ ଲାଗି ଆସୁଛେ ବୋଲି ସୋର୍ ପାଏଲା ଯେନ୍ତା ଆଗତରିଆ ଘରକେ ପଲେଇ ଆସଲା ଭେବା । ଆସଲା ସିନା, ହେଲେ ଇନ ତ କବାର୍ କାମ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଇଁ । ଲକଡାଉନ କେଁ ଯେ ସବୁ ବନ୍ଦ । ଚଲବା ର୍ ଚିନ୍ତା ଟା ଘାରି ଦେଲା ତାକେ । ସରକାର ନୁ ଯାହା ସାହେଜ ମିଳୁଛେ ହେତେ ନ । ହେତି ଏଖା ଦିନ କାଲ ଗୁଜୁରୁଛେ ତାର୍ ।

ତ, ଉଆଁସ କେ ଆସଲା ସାବିତ୍ରୀ ବରତ୍ । ମେନ ଭେବା ର୍ ସାମନେ ଜିଦ୍ କରୁଛେ ଇଥର ମୁଇ ପହେଲା ବରତ କର୍ମି । ମୋର୍ ଲାଗି ତିନ ହଜାର ଟଙ୍କିଆ ଶାଢ଼ୀ ଅନିଦିଅ । ରୁପା ପାନ୍‌ଜ୍ଜଲ୍ ସାରେ ଘିନିଦେବ, ନହେଲେ ମୁଇ ଇନ ରହେ ନାଇଁ । ମୋର୍ ମା ଘର କେ ଭାଗମି ନ ବୋଲି । ଭେବା ତାକେ ବୁଝାଉଛେ 'ଇ ବର୍ଷ ତ ଦେଖୁଛୁ କେନ୍ତା ଅସୁବିଧା । କମାନି ନାଇଁ କି କାମ ନାଇଁ । ତୋର ନାନୀର ବାଗିର୍ ଯଥା ତଥା ପୂଜା ଟେ କରି କରି ଚଲେଇ ନେ, ହାଁ ! ବୁଝେଇ ବୁଝେଇ ହାରିଗଲା ଲୋକ ଟା । ଶେଷ କେ ଭାଗବୁ ତ ଭାଗ୍ ବୋଲି ରିସୀମି ଛୁଟି ଗଲା ।

ଇମାନକର୍ ଖରୋକାଣ କଲର୍ କଲର୍ ପାଖର କୁଠି ନୁ ସୁନି କରି ପାସକେ ଆସଲା କିଆଫୁଲ । ଭେବାକେ କହେଲା 'ନାଇଁ ଗୋ, ମୋର୍ ବହେନ୍ନ ବରତ କରବା । ତମେ ତାର ଲାଗି ଶାଢ଼ୀ ଚୁରି ଅଳତା ସିନ୍ଦୁର୍ ପାଞ୍ଜିଲ୍ ଟିକିଲି ସବୁ ଆନି ଦେବ । ହେଦେ ମୋର୍ ନୁ ଟଙ୍କା ଚାର ହଜାର ନିଅ ଯ ।'

ଭେବା କାବା ହେଇ ତାର ମୁହୁଁ କେ ଦେଖିକରି କହେଲା, 'ହ ରେ ! ତୁଇ ଏତେ ଟଙ୍କା କାହୁଁ ପାଏଲୁ ? କିଛି ଇଆଡୁ ସେଆଡୁ.....' କିଆ କହେଲା, 'ନାଇଁ ନାଇଁ ତମେ ମତେ ହେ ଅବିଶ୍ୱାସ ନି କର । ମୁଇ ହେ ଡାକ୍ତର ଆଙ୍କା ଘରେ ନରିହେଁନ୍ କାମ କରି କରି ଏତେ ଟଙ୍କା ସଂଚି ଥିଲି । ନିଅ ଇ ସବୁ । ବଜାର କେ ଯ ଜଲଦି ।

ଭେବା ମନେ ମନେ ଭାବୁ ଥେ ପ୍ରକୃତ ସାବିତ୍ରୀ କିଏ ? ? ?

ସିନ୍ଧେକେଲା ଭ୍ରାମ୍ୟଭାଷ: ୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜଗନ୍ନାଥ ସଂସ୍କୃତି ଓ ଉତ୍କଳ

ସନ୍ତୋଷ ପଟ୍ଟନାୟକ

୧. ରଥ ଉପରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ସୁନା ବେଶ ଅନ୍ୟତମ, ଯାହାକି ଅତ୍ୟନ୍ତ ଉପଭୋଗ୍ୟ ଓ ଆକର୍ଷଣୀୟ । ମହାପ୍ରଭୁଙ୍କ ସକଳ ବେଶରେ ମାଧୁର୍ଯ୍ୟ ଲାବଣ୍ୟ ପ୍ରକଟିତ ହେଉଥିବା ସ୍ଥଳେ, କେବଳ ସୁନା ବେଶରେ ଐଶ୍ୱର୍ଯ୍ୟ ପ୍ରାବଲ୍ୟ ପରିସ୍ଫୁଟ ହୋଇଥାଏ । ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହମାନେ ବିଭିନ୍ନ ତିଥିରେ ଯଥା : କାର୍ତ୍ତିକ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଦଶହରା ପ୍ରଭୃତି ଦିବସମାନଙ୍କରେ ରାଜବେଶ, ରାଜା ରାଜେଶ୍ୱର ଇତ୍ୟାଦି ସୁନାବେଶରେ ସଜ୍ଜିତ ହେଉଥିଲେ ହେଁ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଦଣ୍ଡାୟମାନ ଥିବା ତ୍ରିରଥ ଉପରେ ଆକର୍ଷଣୀୟ ସୁନାବେଶ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥାନ୍ତି ।ଏହି ସୁନାବେଶ ପ୍ରଚଳନର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଓଡ଼ିଆ ଜାତିର ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ସ୍ୱୀକାର କରି ଏ ରାଜ୍ୟର ରାଜା ମହାରାଜାମାନେ ସ୍ୱୟଂ ରାଉତ ବା ଆଦେଶ ବାହକ ରୂପେ ମହାପ୍ରଭୁଙ୍କ ସେବା ନିର୍ବାହ କରିଥିବା ପ୍ରମାଣ ଶିଳାଲେଖରୁ ମିଳୁଅଛି । ତୃତୀୟ ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଜଗନ୍ନାଥଙ୍କୁ ଉତ୍କଳର ପ୍ରକୃତ ରାଜା ଓ ନିଜକୁ ତାଙ୍କର ଜନୈକ ଅକିଞ୍ଚନ ସେବକ ଭାବେ ସର୍ବପ୍ରଥମେ ଘୋଷଣା କରିଥିଲେ । ପରେ ତାଙ୍କ ପୁତ୍ର ଭାବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮- ୧୨୬୬) ମଧ୍ୟ

Magazine Downloaded from www.aahwaan.com

ନିଜକୁ ପୁରୁଷୋତ୍ତମ ପୁତ୍ର ଭାବେ ଅଭିହିତ କରିଥିଲେ । ଭାନୁଦେବ ତୃତୀୟ (୧୩୦୮-୧୩୨୮) ଜଗନ୍ନାଥଙ୍କୁ ରାଜାଧିରାଜ ରୂପେ ସ୍ୱୀକାର କରି ମହାପ୍ରଭୁଙ୍କ ନାମରେ ଅଙ୍କ ଗଣନା ଆରମ୍ଭ କରିଥିଲେ । ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ (୧୪୩୫-୧୪୬୬) ଜଗନ୍ନାଥଙ୍କୁ ଜାତୀୟ ଦେବତା ରୂପେ ପ୍ରଚାରିତ କରି ନିଜକୁ ତାଙ୍କର ସେବକ ଭାବେ ସ୍ୱୀକାର କରିଥିଲେ । ଏପରିକି ଅନଙ୍ଗଭୀନ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ମାନ୍ୟତା ପ୍ରଦାନ ପୂର୍ବକ ଉଭୟ ଦୁଇବର୍ଷ ଧରି ଅଭିଷେକ ହୋଇନଥିଲେ । କେତେକ ଗବେଷକଙ୍କ ମତରେ ରଥ ଉପରେ ଠାକୁରମାନଙ୍କ ଏହି ବେଶର ନାମ ବଡ଼ ବଢ଼ାଉ ବେଶ । ବଡ଼ତଢାଉ ବେଶ ମତରେ କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ । ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି । ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଢାଉଙ୍କ ପରାମର୍ଶ ନେଇଥିଲେ । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଢାଉ ରାଜାଙ୍କୁ ବିନତି କରିଥିଲେ । ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ ।

ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନା ବେଶ ଅନୁଷ୍ଠିତ ହୋଇଥାଏ । ଏହି ସୁନା ବେଶ ସାମଗ୍ରୀ ଭଣ୍ଡାର ଘରୁ ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ, ମନ୍ଦିର ଅଧିକାରୀ ତଥା ଗାରଦ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ମଚାରୀମାନଙ୍କ ସହାୟତାରେ ତିନି ରଥ ଉପରକୁ ଆସିଥାଏ । ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରଭୃତି ସେବକମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥାନ୍ତି ।

୨. ଶୟନ ଏକାଦଶୀ (ହରିଶୟନ)

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ନୀତି ଅନ୍ୟ ଏକଦଶୀ ନୀତି ପରି ଅନୁଷ୍ଠିତ ହୋଇଥାଏ । ଉକ୍ତଦିନ ବିଳମ୍ବିତ ରାତ୍ରରେ ସୁନାବେଶ ଓଲାଗି ହେବାପରେ ମଇଲମ, ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ, ପୂଜା ଠା' ହେଲା ପରେ ଭଣ୍ଡାର ଘରୁ ସ୍ୱର୍ଣ୍ଣର ଶୟନ ଠାକୁର ତିନି ମୂର୍ତ୍ତିଙ୍କୁ ବିଜେ କରାଇଥାନ୍ତି । ତିନିଜଣ ପୂଜାପଣ୍ଡା ଏହି ଶୟନ ଠାକୁରଙ୍କୁ ତିନି ରଥ ଉପରକୁ ବିଜେ କରି ଯଥା ବଳଭଦ୍ର ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଏବଂ ଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ବଢାଇଥାନ୍ତି । ଏହାପରେ ସର୍ବାଙ୍ଗ ଲାଗି, ନୂଆ ପତନି ଲୁଗା ଲାଗି ଓ ମାଳଫୁଲ ଲାଗି ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ବଡ଼ସିଂହାର ସରିବା ପରେ ଅଧିକା ଭୋଗ ହେଲେ ଏହାକୁ ବଲ୍ଲଭ ବଡ଼ସିଂହାର ଭୋଗ କହନ୍ତି । ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଏହି ପୂଜା କରିଥାନ୍ତି । ଏହାପରେ କର୍ପୂର ଆଳତି ବଢି ତିନିଜଣ ପୂଜାପଣ୍ଡା ତିନି ରଥକୁ ବିଜେ ହୋଇଥିବା ଶୟନ ଠାକୁରଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ଠାରୁ ନେଇଥାନ୍ତି । ସେଠାରେ ପରମ୍ପରା ଅନୁଯାୟୀ ଶୟନ ନୀତି ଅନୁଷ୍ଠିତ ହୋଇଥାଏ । ଏହି ବିଶେଷ ନୀତିରେ ଭଣ୍ଡାର ମେକାପ, ପାଳିଅ ପଢିଆରି, ଚଳୁଛ ମହାପାତ୍ର, ପ୍ରଧାନୀ, ଘଣ୍ଟୁଆ, ଛତାର, ପୂଜପଣ୍ଡା, କାହାଳିଆ, କୋଠ ସୁଆଁସିଆ, ତାଟ ଦରଜି, ମୁଦିରସ୍ତ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତଢ଼ାଉ କରଣ ପ୍ରମୁଖ ସେବକ ଅଂଶ ଗ୍ରହଣ କରିଥାନ୍ତି ।

୩. ରଥଉପରେ ଅଧର ପଣା

ବାହୁଡ଼ା ଯାତ୍ରା ପରେ ସିଂହଦ୍ୱାରଠାରେ ତିନି ରଥ ଉପରେ ସୁନାବେଶ ଏବଂ ପରଦିନ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧର ପଣା ଭୋଗ ହୋଇଥାଏ, ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ । ସ୍ୱତ୍ତ୍ୱଲିପି ଅନୁଯାୟୀ ବାହୁଡ଼ା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅଧରପଣା ଭୋଗ ହେବାକଥା । କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ । ପ୍ରକୃତ ପକ୍ଷେ ଏହା ଏକାଦଶୀ ଦିନ ମଧ୍ୟ ହୋଇ ନ ପାରି ଦ୍ୱାଦଶୀ ତିଥିରେ ଏହି ଅଧରପଣା ଭୋଗ କରାଯାଉଛି । ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ, କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା । ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି । ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ମନ୍ଦିର ପ୍ରଶାସନ, ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ , ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖିଥାନ୍ତି । ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁମାନଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ । କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନଥାଏ । ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବେ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରେ ଆସୁଥିଲା । ପରବର୍ତ୍ତୀ ସମୟରେ ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି । ଜଳବୁହା ବେଳେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରିକି କେହି ଜଳକୁ ସ୍ପର୍ଶ କରିପାରିବେ ନାହିଁ । ଅଧରପଣା ଭୋଗ ପୂରରୁ ମହାସୁଆରମାନେ ଥାଇ ଭିତରଛୁ, ତଳୁଛୁ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି । ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିକା (ଜାଲିକନା) ପକାଯାଏ । ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି । ମହାସୁଆରମାନେ ପ୍ରତି ରଥରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି । ଏହାପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜା ଠା' କରନ୍ତି । ତତ୍ ପରେ ପାଳିଆ ପୂଜା ପଣ୍ଡା ପଞ୍ଚୋପଚାରରେ ପୂଜା କରିଥାନ୍ତି ।

୪. ରଥଯାତ୍ରାର ଶେଷପର୍ବ ନୀଳାଦ୍ରି ବିଜେ

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି । ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରିବିଜେ ହୋଇଥାଏ । ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି । ନୀଳାଦ୍ରି ବିଜେ ପହଣ୍ଡି ବିଜେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦଇତାପତି ନିଯୋଗ ସହ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପହଣ୍ଡି ହୋଇଥାଏ । ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ । ଏହାପରେ ଦର୍ଶନ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରୁ ଛଡା ଯାଇଥାଏ । ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି । ତପୂରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ , ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ । ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ । ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ । ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ । ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ ।

୫. ଲକ୍ଷ୍ମୀ ନାରାୟଣ କଳି

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭେଟ ମଣ୍ଡପକୁ ଆସିଥାନ୍ତି । ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି । ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଛୁ ବନ୍ଦାପନା ନୀତି ବଢାଇଥାନ୍ତି । ଏହି ସମୟରେ ପରମ୍ପର ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ । ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ । ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ପରେ ଜୟ ବିଜୟ ଦ୍ୱାର ଫିଟିଥାଏ । ମହାପ୍ରଭୁ ପହଣ୍ଡି ବିଜେ ବିଜେରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘରଠାରେ ପହଞ୍ଚିବା ପରେ ଗଇଁଠାଳ (ରୁକ୍ମିଣୀ ବିବାହ କାଳର) ଫିଟେ ଓ ବନ୍ଦାପନା , ରସ ଗୋଲା ଭୋଗ ଇତ୍ୟାଦି ଭିତରଛୁ ମହାପାତ୍ରଙ୍କ ଦ୍ୱାରା ସମାହିତ ହୋଇଥାଏ । ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ । ଭିତରଛୁ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ । କଥିତ ଅଛି ଯେ, ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମନୋରଞ୍ଜନ କରିଥିଲେ ।

ବେଗୁନିଆପଡା ବ୍ଲକ୍, ତିରିଡ଼ା, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଜ୍ଞାନର ଉନ୍ମାଦନା

ପଙ୍କଜ ପାଣିଗ୍ରାହୀ

ବିଜ୍ଞାନର ଉନ୍ମାଦନା, ସାହିତ୍ୟ ଆଜି କାରାଗାରେ, ଦର୍ଶନ ଅନ୍ତର୍ଦ୍ଧାନ !

ପାଶ୍ଚାତ୍ୟର କୁହେଳିକାରେ ବିଭୋର ନିର୍ବୋଧ ମଣିଷ, ଜନ୍ମଦିନଠାରୁ ଅଧରେ ସ୍ତନ୍ୟପାନ କରାଇ କର୍ଣ୍ଣରେ ଫୁଙ୍କିଥିବା ମାତୃଭାଷାର ମମତା ଓ ମାନବ ଜୀବନର ମାର୍ଗଦର୍ଶନକାରୀ ପ୍ରେରଣାର ମହକକୁ ପ୍ରତ୍ୟାଖ୍ୟାନ କରି ପ୍ରଗତିର କେଉଁ ଲକ୍ଷ ଭେଦ କରିବାରେ ନିମଗ୍ନ, ନିଜ ସୃଜନିକା ବହିର୍ଭୁତ ! ତଥାପି ଅପେକ୍ଷାରତ କେଉଁଠି ପଥର ଅନ୍ତ..... ? ! !

ମାନବିକ ଅବଚେତନ ଜ୍ଞାନ, ସାମାଜିକ ସଚେତନତା ଓ ପ୍ରତିବାଦ, ସାଧୁଜନଙ୍କ ସକ୍ରିୟତା ଏବଂ ଶାସନ କଳର କଟକଣାର ବ୍ୟାପକ ଅଭାବ ଜନିତ ଆମ ଦେଶରେ ଯିଏ ଯାହା ଇଚ୍ଛା, କରିବାରେ ସମର୍ଥ ହୁଅନ୍ତେ ଅଜ୍ଞାନ, ଅଧମ ମଣିଷ ସାମାଜିକ ସ୍ଥିତି ସହିତ କେବଳ ନିଜକୁ ତାଳଦେଇ ଚାଲିବା ଛଡା ଅଧିକା କିଛି ଶିକ୍ଷା ପାଇପାରୁନାହାନ୍ତି ! ଏକ ଦୁର୍ବଳମାନସିକପ୍ରବଣ ଚତୁର ଗୋଷ୍ଠୀ ସମଗ୍ର ସମାଜକୁ କବଳିତ କରି ଅହରହ ଲୁଣ୍ଠନ କରିଚାଲିଥିବା ବେଳେ ସେମାନଙ୍କ ମିଥ୍ୟା ପ୍ରଚାର, ପ୍ରସାରରେ ନିମଗ୍ନ ଏକପ୍ରକାର ଭାବବିହ୍ୱୋଳ ହୋଇ ଅଲୌକିକ ସ୍ୱପ୍ନ ଦେଖିବାକୁ ପଛାଉନାହାନ୍ତି ସାଧାରଣ ମଣିଷ, ଯାହା ସେମାନଙ୍କୁ ପରୋକ୍ଷରେ ପ୍ରତାରଣା କରିଚାଲିଛି ! ଏହି ପରିପ୍ରେକ୍ଷୀରେ କେମିତି ସର୍ବସାଧାରଣ କୁହେଳିକାର ଧୂଆଁବାଣରେ ମିଥ୍ୟା ତଥ୍ୟ, ତତ୍ତ୍ୱ ଗୁଡିକୁ ପ୍ରଗତିର କିରଣ ତଥା ଜ୍ଞାନର ଭଣ୍ଡାର ଭାବେ ଗ୍ରହଣ କରିନେଇ, ପୁଣି ସେସବୁର ପ୍ରଚାର, ପ୍ରସାର ଦିଗରେ ନିଜକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିୟୋଜିତ କରି ନିଜେ ଲୁଣ୍ଠିତ, ପ୍ରତାରିତ ହେବାସହ ସମାଜକୁ ନିମ୍ନଗାମୀ କରିବାରେ ସହାୟକ ହେଉଛନ୍ତି ବିଚାରକରି ଦେଖିବା..... !

ଭାଷା, ସାହିତ୍ୟର ଉତ୍ପତ୍ତି ଦ୍ୱାରା ସାମାଜିକ ଚେତନାର ଅୟମାରମ୍ଭ ହୋଇ ମନରେ ଦାର୍ଶନିକ ତତ୍ତ୍ୱ ଏବଂ ବିଭିନ୍ନ ପ୍ରାୟୋଗିକ ବିଚାର ସୃଷ୍ଟିହେବା ଫଳରେ ଆଜି ବୈଜ୍ଞାନିକ ପ୍ରଗତିର ଚରମ ସୀମାରେ ପହଞ୍ଚି ପାରିଛି ମଣିଷ । ଏକବିଂଶ ଶତାବ୍ଦୀର ପ୍ରାଚୁର୍ଯ୍ୟ ମଧ୍ୟରେ ନିଜର ହିତାହିତ ଜ୍ଞାନର ସନ୍ତୁଳନ ରକ୍ଷା ନକରିପାରି ପ୍ରାରମ୍ଭିକ ଉପାଦାନ ଗୁଡିକୁ ଭୁଲିଯାଇଥିବା ହେତୁ ଦାର୍ଶନିକ ଅବଚେତନା ତଥା ସୃଜନଶୀଳତା ଆଉ ଦେଖିବାକୁ ମିଳୁନାହିଁ କାହା ପାଖରେ ! ଦାର୍ଶନିକ ତତ୍ତ୍ୱର ରୂପାନ୍ତରିତ ତଥ୍ୟ ପାର୍ଥିବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ମଣିଷକୁ ଚତୁର୍ଦିଗରୁ ଅଶେଷ ସୁଖ, ସମ୍ପଦ ଦେଇଥିବା ହେତୁ ଏକ ଉନ୍ନତ ପାରିପାର୍ଶ୍ୱିକ ପରିବେଶ ସୃଷ୍ଟି ହୋଇଛି ବିଶ୍ୱବ୍ୟାପୀ । ଇତିମଧ୍ୟରେ ଏହି ଉନ୍ନତିର ଭିତ୍ତିଭୂମି ଭାଷା, ସାହିତ୍ୟ ଏବଂ ତାହାର ପ୍ରତିଫଳନ ଦର୍ଶନ ଜ୍ଞାନକୁ ହେୟଜ୍ଞାନ କରି କେବଳ ପାର୍ଥିବ ସୁଖରେ ବିମୋହିତ ହୋଇ ମାନବିକ ତତ୍ତ୍ୱ ହରାଇ ବସିଥିବା ମଣିଷର ଭବିଷ୍ୟତ ପିଢ଼ି ଗୋଟିଏ ଗୋଟିଏ ଯନ୍ତ୍ର ମାନବରେ ପରିଣତ ହେବା ଖୁବ ଅନୁମେୟ ! ସୃଜନଶୀଳତା, ମାନବ ଧର୍ମ କ'ଣ ସ୍ୱତଃ ଅନୁଭବ ହେବାତ ଦୂରର କଥା କହିଲେ ମଧ୍ୟ ଆଉ ବୁଝୁନାହିଁ କାହାକୁ, ପୁଣି ପରିହାସର ପରିସରଭୁକ୍ତ ହେବାକୁ ପଡୁଛି !! କାହା ପ୍ରଭାବରେ ଏତେବଡ଼ ପରିବର୍ତ୍ତନ ସମ୍ଭବ ହେଲା ଏବଂ ତାହାର ସୁପ୍ରଭାଙ୍ଗ, କୁପ୍ରଭାବ ଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଯେ.....

"ବିଜ୍ଞାନ" ଆକ୍ଷରିକ ଶବ୍ଦର ଓଡ଼ିଆ ଭାଷା ସାହିତ୍ୟରେ ଦୁଇ ପ୍ରକାର ଅର୍ଥ କରାଯାଏ ଯାହା ସମ୍ପୂର୍ଣ୍ଣଭାବେ ବିପରୀତ ଧର୍ମୀ ! ଯଥା, ବିଶେଷ ଜ୍ଞାନ = ବିଜ୍ଞାନ ଏବଂ ବିଗତ ଜ୍ଞାନ=

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଜ୍ଞାନ !! ସ୍ଥଳବିଶେଷକୁ ନେଇ ବୁଝିବାକୁ ହୋଇଥାଏ ତାହାର ଅର୍ଥ କେଉଁଠାରେ କ'ଣ ପ୍ରୟୋଜନ ! ବାସ୍ତବିକ ସାଧାରଣରେ ବିଶେଷ ଜ୍ଞାନକୁ ହିଁ ବିଜ୍ଞାନ ବୋଲି ବୁଝାଯାଇଥାଏ । ବର୍ତ୍ତମାନ କିନ୍ତୁ ସେହି ବାସ୍ତବଧର୍ମୀ ବିଶେଷ ଜ୍ଞାନ ବିଜ୍ଞାନକୁ ତାହାର ବିପରୀତଧର୍ମୀ ବିଗତ ହୋଇଥିବା ଜ୍ଞାନଭଳି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି ଯାହା କୁତ୍ସିତ ମଣିଷର କେଳେଙ୍କାରୀ ଚିନ୍ତନରୁ ଉଦ୍ଭୂତ ! ଯେଉଁ ବିଶିଷ୍ଟ ବୈଜ୍ଞାନିକମାନେ ପୂର୍ବରୁ ବିଜ୍ଞାନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ ସେମାନଙ୍କ ମାନବୀୟତାକୁ କ୍ଷିଣକରି ଆଜିର ମଣିଷ ଯାହାସବୁ କରୁଛି ସେସବୁ ସେମାନଙ୍କ ପ୍ରତି ଗୋଟିଏ ଶକ୍ତ ଅପମାନଜନକ ଧକ୍କା କହିଲେ ଅତ୍ୟୁକ୍ତି ହେବନାହିଁ ! ପାଶ୍ଚାତ୍ୟ ଦେଶ ଗୁଡିକରେ ଯଥେଷ୍ଟ କ୍ରିୟାଶୀଳ ବୈଜ୍ଞାନିକ ଅଗ୍ରଗତି ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର ପୂର୍ବକ ମଣିଷକୁ ଯେତିକି ସୁଖ ଦେଉଛି ତାହାଠାରୁ ଯଥେଷ୍ଟ ଅଧିକ ଅମାନୁଷିକ କରିଦେବାରେ କାହାର ଧ୍ୟାନ ନାହିଁ କିମ୍ବା କେହି ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଉପାଦାନ ଗୁଡିକ ମଣିଷ ସମାଜକୁ ସୁଖ, ଶାନ୍ତି, ଆନନ୍ଦରେ ବଞ୍ଚିବାକୁ ଦେବା ସାଙ୍ଗକୁ ସାମାଜିକ ଉନ୍ନତିର ପଥପ୍ରଦର୍ଶକ ହେବବୋଲି ଲକ୍ଷରଖି ଯାହାସବୁ ମୂଳ ଗବେଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ସେଗୁଡିକୁ ବୈଜ୍ଞାନିକ ମନୋନିବେଶରେ କମ ବ୍ୟବସାୟରେ ଅଧିକ ବ୍ୟବହାର କରି ସମାଜକୁ ଲୁଣ୍ଠନ କରିବାରେ ଲାଗିପଡିଛନ୍ତି ଆଜିର ବୈଜ୍ଞାନିକ, ବ୍ୟବସାୟୀ ଦଳ ! ସାଧାରଣ ମଣିଷ ଅଜ୍ଞାନତା ବଶତଃ ସେମାନଙ୍କ ଚକ୍ରବ୍ୟୂହ ଭେଦକରିବାରେ ଅସାମର୍ଥ୍ୟ ହେତୁ ଏକରକମ ପ୍ରେମରେ ବାନ୍ଧିହୋଇ ସେସବୁ ନହେଲେ ଜୀବନ ନିସ୍ତାର ନାହିଁ ବୋଲି ଭାବୁଛନ୍ତି ! ବିଜ୍ଞାନର ବିଭିନ୍ନ କ୍ଷେତ୍ର ଗୁଡିକୁ ତର୍ଜମାକାରୀ ଦେଖିଲେ ପୂର୍ବାପେକ୍ଷା ବର୍ତ୍ତମାନ ସତ୍ୟତା କମ ଏବଂ ମିଥ୍ୟାଭରା ପ୍ରଚାର ଅଧିକରୁ ଅଧିକ ହେଉଥିବା ଦେଖିବାକୁ ମିଳିବ ଯାହା ଜନସାଧାରଣଙ୍କର ବୁଝିବା କ୍ଷମତା ପରିସରଭୁକ୍ତ ନୁହେଁ ! ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗମନାଗମନ, ଯୋଗାଯୋଗ, ମନୋରଞ୍ଜନ,ପ୍ରଯୁକ୍ତିବିଦ୍ୟ ତଥା ବ୍ୟବସାୟିକ କ୍ଷେତ୍ର ଆଦିରେ ଆଜି ବିଜ୍ଞାନ ଯେଉଁ ଉଚ୍ଛୁଳା ଉନ୍ମାଦନା ସୃଷ୍ଟି କରିଛି ସେଇଥିରେ ମଣିଷ ଉପକୃତ ଯେତିକି ହେଉଛି ତାହାଠାରୁ ଯଥେଷ୍ଟ ଅଧିକ ଠକିହେଉଥିବା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୁତ ! କିନ୍ତୁ ସେହିସବୁ ବୈଜ୍ଞାନିକ ଉନ୍ନତିର ପାକ୍ଷିକ ସୁଖରେ ମଣିଷ ମନର ଉନ୍ମାଦନା ତାହାର ମାନିବିକ ମୂଲ୍ୟବୋଧ ତଥା ପୂର୍ବ ସ୍ମୃତିକୁ ହଜାଇଦେଇ ଅହଙ୍କାର ଏବଂ ଅମାନୁଷିକ ଚିନ୍ତାଧାରାରେ କବଳିତ ହେଉଥିବା ବୁଝିପାରୁନାହାନ୍ତି ସାଧାରଣ ମଣିଷ ! ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଜନିତ ନିଶ୍ଚିନ୍ତତା ମଣିଷ ମନରେ ଯେଉଁ ଅହଂଭାବ ସୃଷ୍ଟି କରୁଛି ତାହାଦ୍ୱାରା ସେ ନିଜର ସ୍ମରଣିକା ହଜାଇଦେଇ ବାସ୍ତବତାକୁ ପ୍ରତ୍ୟାଖ୍ୟାନ କରି ଅବାସ୍ତବ, ଅଲୌକିକ ଦିଗକୁ ପ୍ରଖର ମୁଖରିତ ! ତେଣୁ ସେହି ବୈଜ୍ଞାନିକ କ୍ଷେତ୍ରଦ୍ୱାରା ନିଜେ ଯଥେଷ୍ଟ ଠକିହେଉଥିବା ବେଳେ ବାସ୍ତବ, ମାନବିକ ଅବଚେତନରୁ ବହିର୍ଭୁତ ହେଉଥିବା ହେତୁ ନିଜର ସୃଜନଶୀଳତା ସୃଷ୍ଟି କରିବାରେ ଅସାମର୍ଥ୍ୟ ହୋଇ ଜୀବନ ଜଞ୍ଜାଳ ମଧ୍ୟରେ ଗତିକରୁଥିବା ଦେଖିବାକୁ ମିଳୁଛି ଯାହା ନିର୍ବୋଧତା ହେତୁ ସବୁଲୋକ ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ ଗୁଡିକୁ ବିପଥଗାମୀ କରାଯାଇ ବ୍ୟବସାୟିକ ମାଧ୍ୟମରେ ବିଭିନ୍ନ କ୍ଷେତ୍ରେରେ ସମାଜକୁ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ସମାଜ । ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ବିଯୁକ୍ତାତ୍ମକ ଅପ୍ରାକୃତିକ ପ୍ରୟୋଗକରି ଚରାଚର ପ୍ରାଣୀଜଗତ, ମଣିଷ ସମାଜ ସହିତ ପ୍ରକୃତିକୁ ଅସନ୍ତୁଳିତ କରି କେବଳ ଧନ ଅର୍ଜନ କରି କ୍ଷମତା, ପ୍ରାଧାନ୍ୟତା ବିସ୍ତାର କରିବାରେ ବ୍ୟସ୍ତ କେଳେଙ୍କାରୀ ମଣିଷ ସମୂହ, ବିଜ୍ଞାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିସାରିଲେଣି । ଅନ୍ୟ ପକ୍ଷରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି/ଗୋଷ୍ଠୀ ବିଭିନ୍ନ ଅଲୌକିକ, ଅବାସ୍ତବ ତଥ୍ୟ ସହିତ ବସ୍ତୁବାଦୀ ବିଜ୍ଞାନକୁ ପ୍ରାୟୋଜିତ ଭାବେ ଯୋଡ଼ିଦେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜକୁ ଲୁଣ୍ଠିତ, ପ୍ରତାରିତ କରୁଥିବାବେଳେ ନିର୍ବୋଧ ଶିକ୍ଷିତଙ୍କଠାରୁ ଆରମ୍ଭ କରି ଅଶିକ୍ଷିତ ଅଜ୍ଞାନ ପର୍ଯ୍ୟନ୍ତ ସମସ୍ତେ ସେଇଥିରେ ଭାବପ୍ରବଣ ହୋଇ ବାସ୍ତବତାର ରହସ୍ୟ ଉନ୍ମୋଚନ କରିବାରେ ଅସମର୍ଥ ହୋଇପଡୁଛନ୍ତି ! ଅର୍ଥାତ ସେହିମାନେ ନିଜେ ଏବଂ ନିଜ ପରିବାର ସହିତ ଏକ ବିଶେଷ ସାମାଜିକ କୁପ୍ରଭାବ ବିସ୍ତାର କରିବାରେ ସମଗ୍ର ମଣିଷ ସମାଜ ସମ୍ପୂର୍ଣ୍ଣଭାବେ ପ୍ରଭାବିତ, ବିପରୀତମୁଖୀ ହୋଇ ଚାଲିଥିବା ଅତ୍ୟନ୍ତ ପରିତାପର ବିଷୟ ! ହାତଗଣତି କିଛି ବୈଜ୍ଞାନିକ ଏବଂ ବ୍ୟବସାୟୀ ମାନଙ୍କ କବଳିତ ହୋଇ ଅଲୌକିକ ସ୍ୱପ୍ନ ରାଇଜରେ ନିଜକୁ ଭସାଇଦେଇ ଅତ୍ୟାଧୁନିକତାର ନରାଦେଇ ଚାଲିଥିବା ନିର୍ବୋଧ ଅନ୍ଧ ମଣିଷସମାଜ ବିଜ୍ଞାନର ସେହି ଉଚ୍ଛୁଳା ଉନ୍ମାଦନାରେ କେମିତି ପ୍ରତାରିତ ହୋଇ ନିଜ ଜୀବନଚର୍ଯ୍ୟାକୁ କଳୁଷିତ କରିବାରେ ସମର୍ଥ ହେବାସହିତ ସମଗ୍ର ସମାଜକୁ ଧରାଶାୟୀ କରିବାରେ ଲାଗିପଡିଛନ୍ତି, ସେହି ସବୁ ବିଷୟ ଗୁଡିକ ପର୍ଯ୍ୟାୟକ୍ରମେ ଆସନ୍ତା ସମୟରେ ଉପସ୍ଥାପନ କରିବା । ସମଗ୍ର ମଣିଷ ସମାଜରେ ବ୍ୟବହୃତ ବିଭିନ୍ନ ଖାଦ୍ୟ ପଦାର୍ଥ, ବ୍ୟବହାର୍ଯ୍ୟ ବସ୍ତୁ, ଉପକରଣ, କୃଷିଜାତ ଦ୍ରବ୍ୟ, ସ୍ୱାସ୍ଥ୍ୟ, ମନୋରଞ୍ଜନ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କିଭଳି ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଅପମିଶ୍ରଣ ଦ୍ୱାରା ସମାଜକୁ ଲୁଟିଚାଲିଛନ୍ତି କେଳେଙ୍କାରୀ ଦଳ ଭବିଷ୍ୟତରେ ତାହାରି ଉପରେ ପର୍ଯ୍ୟାୟକ୍ରମେ ଅନେକ ତଥ୍ୟମୂଳକ ଆଲେଖ୍ୟ ପ୍ରତିପାଦନ କରାଯିବ !ସେଗୁଡିକ ପଢିଲେ ସାଧାରଣ ମଣିଷ ଜୀବନରେ କେବେ ଭାବିନଥିବା କଥା ଗୁଡିଏ ଜାଣିପାରିବେ ଯାହା ସେମାନଙ୍କ ଦ୍ୱାରା କେତେଦୂର ଗ୍ରହଣୀୟ / କାର୍ଯ୍ୟକାରୀ ହେବ ନିର୍ଭର ସେମାନଙ୍କ ନିଜ ନିଜ ବିଚାରଧାରା ଏବଂ ଭାବଜ୍ଞାନ ଉପରେ ।

ଭାଷା, ସାହିତ୍ୟ ମଣିଷ ସମାଜ ଗଠନର ଭିତ୍ତିଭୂମି ! ଭାଷା ବିନା ମଣିଷର ମଣିଷତ୍ୱ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସମ୍ଭବ ! ସାହିତ୍ୟ ଭାଷାର ମର୍ମକୁ ପ୍ରଜ୍ୱଳିତ କରେ ଯାହା ସମାଜକୁ ଚଳଚଞ୍ଚଳ କରିବା ସହିତ ପ୍ରେମର ବାତାବରଣ ସୃଷ୍ଟିକରି ଏକ ସୁନ୍ଦର ମଣିଷ ସମାଜ ଗଠନ କରିବାରେ ସାହାଯ୍ୟ କରିଥାଏ ! ଭାଷା ଆଜି ବିକୃତ ! ସାହିତ୍ୟ ଆଜି ଜଡ଼ମାନସର କାରାଗାରରେ କବଳିତ ! ଭାଷାର ମହତ୍ୱ ନାହିଁ, କି ସାହିତ୍ୟର ଉନ୍ମୁକ୍ତତା ନାହିଁ ! ଅର୍ଥାତ ଆଜିର ମଣିଷ ଭାଷା ଉପରେ ପ୍ରାଧାନ୍ୟତା ନଦେଇ କେବଳ ଯାହାକିଛି କହିଦେଲେ/ଲେଖିଦେଲେ ଅନ୍ୟାପକ୍ଷ ବୁଝିଗଲେ ଯଥେଷ୍ଟ ବୋଲି ବିଚାର କରନ୍ତେ ସାହିତ୍ୟର ନିବିଡ଼ତା ମଳିନ ପଡିଯାଉଅଛି । ଶିକ୍ଷାକ୍ଷେତ୍ର ଠାରୁ ଆରମ୍ଭ କରି ସାମ୍ବିଧାନିକ କ୍ଷେତ୍ର ହେଉ କିମ୍ବା ବିଭିନ୍ନ ଲିପିମାଧ୍ୟମରେ ଲେଖା ଦ୍ୱାରା ସଞ୍ଚାରିତ ବିଷୟ ଗୁଡିକ ଉପରେ ଲେଖକଙ୍କ ମହତ୍ୱ ନାହିଁ କି ପାଠକଙ୍କ ଗୁରୁତ୍ୱ ନଥିବା ଦେଖିବାକୁ ମିଳୁଛି । ସତ୍ୟ/ବାସ୍ତବତାକୁ ପରଖି ଦେଖିବା ପାଇଁ କାହାର ଉପଯୁକ୍ତତା ନାହିଁ କିମ୍ବା ସମୟ ନାହିଁ । ଉପଯୁକ୍ତତା ଥିବା ମଣିଷର ସମାଜରେ ପରିଚୟ ନାହିଁ । ବରଂ ସଂଖ୍ୟାଲଘୁ ଉପଯୁକ୍ତ ମଣିଷ ସମୂହ ଅଜ୍ଞାନ, ଅହଙ୍କାରୀ ପର୍ଯ୍ୟାପ୍ତଙ୍କ ଦ୍ୱାରା ପରିହାସ, ହେୟଜ୍ଞାନ ଏବଂ ସମାଲୋଚିତ ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି । ଭାଷା, ସାହିତ୍ୟ ଉପରେ ପ୍ରଗାଢ଼ ଜ୍ଞାନ ନଥିବା ଅଧିକାଂଶ ମଣିଷ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଥାଇ ଅଧିକାଂଶ କ୍ଷେତ୍ରରେ ଜଟିଳ ସାହିତ୍ୟ ଗୁଡିକୁ ବୁଝିନପାରି ସେଗୁଡିକୁ ହେୟଜ୍ଞାନ କରୁଥିବା ଦେଖିବାକୁ ମିଳୁଛି । ଅଧିକନ୍ତୁ କହିବାକୁ ଗଲେ ପୁରୁଣା ସମୟର ସେହିସବୁ କବି, ଲେଖକଙ୍କ ଭାଷା, ସାହିତ୍ୟକୁ ଆଜିକା ଦିନରେ କେହି ସମକକ୍ଷ ହେବାତ ଦୂରର କଥା ସେଗୁଡିକୁ ଭଲଭାବେ ବୁଝିପାରିବେ ନାହିଁ କି ବ୍ୟାଖ୍ୟା କରିପାରିବେ ନାହିଁ । ତଥାପି ନିଜର ଆତ୍ମସମ୍ମାନ୍ନ ଦାବୀକରି ଆଜିକାଲି ଆଧୁନିକ କବିତା ଠାରୁ ଆରମ୍ଭ କରି ପ୍ରବନ୍ଧ ହେଉ କିମ୍ବା ଅନ୍ୟକୌଣସି ଆଲେଖ୍ୟ ଗୁଡିଏ ପ୍ରତିପାଦନ କରି ନିଜର ମିଥ୍ୟା ପ୍ରତିଭା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରଦର୍ଶନ ପୂର୍ବକ ସମାଜର ଶୀର୍ଷରେ ସମ୍ମାନିତ ହେବାପାଇଁ କ୍ଷୁଧାତୁର ମଣିଷଙ୍କ ସଂଖ୍ୟା ସବୁଠାରୁ ଉର୍ଦ୍ଧରେ ! ବର୍ତ୍ତମାନ ପୁସ୍ତକ/ପତ୍ରିକା ମାନଙ୍କରେ ପ୍ରକାଶିତ ବିଭିନ୍ନ ଆଲେଖ୍ୟ ଗୁଡିକ କେବଳ ପୂର୍ବରୁ ଘଟିଥିବା କିମ୍ବା ଚଳିତ ଘଟଣା ଗୁଡିକ ଉପରେ ଅଥବା କୌଣସି ସନ୍ଥ/ ଦାର୍ଶନିକଙ୍କ ମତବାଦ ଉପରେ ଆଧାରିତ ଥିବା ବ୍ୟତୀତ ନିଜ ଅନୁଧ୍ୟାନରୁ ଉଦ୍ଧୃତ ବାସ୍ତବ ପ୍ରମାଣଗତ କୌଣସି ତଥ୍ୟ ଦେଖିବାକୁ ମିଳୁନାହିଁ କାହାର ଲେଖା ଗୁଡିକରେ । ଆଜିକାଲିର ଯାନ୍ତ୍ରିକ ମାଧ୍ୟମ ଗୁଡିକର ପ୍ରଖରତା ହେତୁ ଏହିସବୁ ଖବର ଉପରେ ଆଧାରିତ ସମସ୍ତ ତଥ୍ୟ ମୁଦ୍ରଣ ମାଧ୍ୟମ ପୂର୍ବରୁ ସମସ୍ତଙ୍କ ପାଖରେ ପହଞ୍ଚିଯାଉଥିବା ହେତୁ ମୁଦ୍ରଣ ମାଧ୍ୟମ ଗୁଡିକ ଉପରେ ପାଠକଙ୍କ ଆଗ୍ରହ ରହୁନଥିବା ଦେଖିବାକୁ ମିଳୁଛି । ନାନାମୁନିଙ୍କ ନାନା ମତ ଭଳି ଅନେକ ଭିତ୍ତିହୀନ ଅବାସ୍ତବ ତଥ୍ୟ ଗୁଡିଏ ନିଜକୁ ଯାହା ଭଲ ଲାଗେ, ତାହାରି ଉପରେ ଆଧାର କରି ଅନେକ ତଥ୍ୟ ପ୍ରକାଶ ପାଇବାଦ୍ୱାରା ପାଠକଙ୍କ ମୁଦ୍ରିତ ଲେଖା ଗୁଡିକ ଉପରେ ପ୍ରାୟତଃ ଭରସା/ଆଗ୍ରହ ହଜିଯାଇଥିବା ଅଗ୍ରାହ୍ୟ କରାଯାଇ ପାରିବନାହିଁ !କୌଣସି ଲେଖାଟିରେ ନୂତନତ୍ୱ ନଥାଇ କିମ୍ବା ତଥ୍ୟଭିତ୍ତିକ ତଥା ସାର୍ବଜନୀନ କ୍ଷେତ୍ରରେ ଉପଯୋଗୀତା ନଥାଇ ଗୋଷ୍ଠୀ କୈନ୍ଦ୍ରିକ ଏବଂ ସ୍ୱାର୍ଥକୈନ୍ଦ୍ରିକ ମତବାଦ ଉପରେ ଆଧାରିତ ଅନେକ ପୁସ୍ତକ/ ପତ୍ରିକା ପ୍ରକାଶ ପାଉଥିବା ହେତୁ ପାଠକ ମାନଙ୍କ ମୁଦ୍ରଣ ମାଧ୍ୟମ ପ୍ରତି ଏକପ୍ରକାର ନୈରାଶ୍ୟ ଭାବ ଦେଖିବାକୁ ମିଳୁଛି ! କିଛି ନୂତନତା ସହିତ ମାନସ ମନ୍ଥନ କଲାଭଳି ଆଲେଖ୍ୟ ତଥା ସର୍ବଜନ ହିତରେ ଉଦ୍ଦେଶ୍ୟ ରଖି ଲେଖା ଗୁଡିକ ଉପସ୍ଥାପନ କରାଗଲେ ପାଠକଙ୍କ ଆଗ୍ରହ ରହିଥା'ନ୍ତା ଯାହା ଆଜି ଆଉ ସେହିଭଳି ଲେଖା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ! ଅଧିକାଂଶ କ୍ଷେତ୍ରରେ ବାସ୍ତବିକ ସାହିତ୍ୟିକ ମାନଙ୍କ ଲେଖା ଦେଖିବାକୁ ମିଳୁନଥିବାବେଳେ କେବଳ ସାମାଜିକ ସ୍ଥାନପ୍ରଭୁତ୍ୱ ମଣିଷଙ୍କ ଲେଖାଗୁଡିକୁ ପ୍ରାଧାନ୍ୟତା ଦିଆଯାଉଥିବା ହେତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମ୍ପୃକ୍ତ ଲେଖାଗୁଡ଼ିକରେ କୌଣସି ସାମାଜିକ ସଚେତନତା ତଥା ନୂତନତ୍ୱ ନଥାଇ କେବଳ ପ୍ରଚାର ଲକ୍ଷ ଅଧିକ ଥିବା ଦେଖିବାକୁ ମିଳୁଛି ! ଦେଖିବାକୁ ଗଲେ ସାହିତ୍ୟିକ ଲେଖା ଆଉ ନାହିଁ କହିଲେ ଚଳେ ! ଆସନ୍ତା ଭବିଷ୍ୟତରେ ଏହିଭଳି ଦିନକୁ ଦିନ ଭାଷା, ସାହିତ୍ୟର ଅବକ୍ଷୟ ହୋଇ ଚାଲିଲେ ଧିରେ ଧିରେ ଆମ ସମାଜ ଗୋଟିଏ ଜୀବନ ବିହୀନ ମଣିଷସମାଜରେ ପରିଣତ ହେବା ନିଶ୍ଚିତ । କାରଣ ଭାଷା, ସାହିତ୍ୟ ମଣିଷର ସାମାଜିକ ଜୀବନର ପ୍ରଥମ ଆଧାର । ତେଣୁ ମାତୃଭାଷା, ସାହିତ୍ୟର ସଂରକ୍ଷଣ, ସୁଦ୍ଧାର ଉପରେ ଗୁରୁତ୍ୱ ଦିଆନଗଲେ ଆସନ୍ତାପିଢିଙ୍କ ସାମାଜିକ ବ୍ୟବସ୍ଥା ଉପରେ ପ୍ରକାଣ୍ଡ କୁପ୍ରଭାବର ପ୍ରକୋପକୁ କେହି ରକ୍ଷା କରିପାରିବେ ନାହିଁ ବୋଲି ଆମର ବିଚାରରେ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେବେବୋଲି ଆଶା !

ସ୍ମରଣିକା ସହିତ ଭବିଷ୍ୟ ଅନୁମାନ ମିଶ୍ରଣ ହୋଇ ଭାବଧାରାକୁ ବିଶ୍ଳେଷଣ, ମନ୍ଥନ କଲେ ଅନ୍ତରୀକ୍ଷ ବହିର୍ଭୁତ କ୍ଷେତ୍ର ପ୍ରସ୍ତୁତ ହୋଇ ମନ ମାନସରେ ଆଶାତୀତ ଲୌକିକ, ଅଲୌକିକ ବିଷୟ ଗୁଡିଏ ଜାତ ହୋଇଥାଏ । ସେହି ଭାବଧାରାରୁ ବହିର୍ଭୁତ ତଥ୍ୟକୁ ଦାର୍ଶନିକ ତତ୍ତ୍ୱ ବୋଲି କୁହାଯାଇଥାଏ ଯାହା ବିରଳ ସଂଖ୍ୟକ ମଣିଷ ମାନଙ୍କ ପକ୍ଷରେ ସମ୍ଭବ ହୋଇଥାଏ, ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଚରିତ୍ରକୁ ନେଇ !ସେହି ଭାବଧାରରୁ ଉଦ୍ଧୃତ ବିଷୟଗୁଡିକୁ ଭାଷା, ସାହିତ୍ୟ ମାଧ୍ୟମରେ ପ୍ରକାଶ କରି ବିଭିନ୍ନ ରୂପରେଖ ଦିଆଯାଇଥାଏ ! ସମ୍ପୃକ୍ତ ଭାବଧାରା ଗୁଡିକରେ ତାତ୍ତ୍ୱିକ, ଅତାତ୍ତ୍ୱିକ ମତାମତ ଗୁଡିଏ ରହିଥାଏ ଯାହା ମଣିଷର ଉତ୍ତୋରତ୍ତର ଉନ୍ନତି ଦିଗରେ ଯଥେଷ୍ଟ ସହାୟକ ତଥା କେତେବେଳେ ସମାଜକୁ ନୁମ୍ନଗାମୀ କରିବାରେ ସମର୍ଥ ହୋଇଥାଏ । ବାସ୍ତବିକ କିଛି ମଣିଷଙ୍କ ଦାର୍ଶନିକ ତତ୍ତ୍ୱଜ୍ଞାନ ଉପରେ କ୍ଷମତା ଥିବାବେଳେ ମାନସିକତାରେ ବିଯୁକ୍ତାତ୍ମକ ଚିନ୍ତାଧାରା ରହିଥିବା ହେତୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେମାନେ ଅଲୌକିକ, ଛଳନାତ୍ମକ ତଥା ଭ୍ରାନ୍ତିକର ତଥ୍ୟ ଗୁଡିଏ ଉପସ୍ଥାପନ କରି ସାଧାରଣ ମଣିଷ ସମାଜକୁ ଜ୍ଞାତ/ଅଜ୍ଞାତରେ ନିମ୍ନଗାମୀ କରିବାରେ ସମର୍ଥ ହୋଇଥିବାବେଳେ ଯୁକ୍ତାତ୍ମକ ତଥା ତଥ୍ୟଭିତ୍ତିକ ଚିନ୍ତନର ଦାର୍ଶନିକ ତଥ୍ୟ ପ୍ରଦାନକାରୀ ମଣିଷ ମାନେ ସମାଜକୁ ବଳିଷ୍ଠ ଉପାଦାନ ପ୍ରଦାନ କରି ସାମାଜିକ ବ୍ୟବସ୍ଥାକୁ ସୁଧାରି ଏକ ପ୍ରେମମୟ ବାସ୍ତବବାଦୀ ମଣିଷ ସମାଜ ଗଠନ ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ଦୁଇ ପ୍ରକାର ଦାର୍ଶନିକଙ୍କ ମତଭେଦ ଗୁଡିକୁ ବୁଝିନପାରି ଯିଏ ବିପାରତମୁଖୀ ଚିନ୍ତନ ଗୁଡିକୁ ଆଲୋଡନ କରୁଥାଏ ସେହି ମଣିଷଗୁଡ଼ିକର ସାମାଜିକ ସ୍ଥିତିରେ ଉନ୍ନତି ହେଉନଥିବାବେଳେ ବାସ୍ତବବାଦୀ ଦାର୍ଶନିକ ତତ୍ତ୍ୱ ଉପରେ ପ୍ରାଧାନ୍ୟତା ଦେଇ ନିଜ ଜୀବନ କ୍ଷେତ୍ରରେ ଉପଯୋଗ କରୁଥିବା ମଣିଷ ମାନେ ସମାଜର ଉର୍ଦ୍ଧ୍ୱସ୍ଥାନ ଅଧିଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତି । ହେଲେ ବାସ୍ତବିକ ପୂର୍ବ କାଳରୁ ଯେଉଁସବୁ ଦାର୍ଶନିକ ବିଭିନ୍ନ ସମୟରେ ସମାଜକୁ ଆଶାତୀତ ତଥ୍ୟ ଗୁଡିଏ ପ୍ରଦାନ କରିଯାଇଛନ୍ତି ଆଜି ଆଉ ସେହି ଦାର୍ଶନିକ ତଥ୍ୟ ଗୁଡିକ ଉପରେ କାହାର ଆଗ୍ରହ ନଥିବା ଦେଖିବାକୁ ମିଳୁଛି । ତଥା ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ଜ୍ଞାନ ନଥାଇ ସେଗୁଡିକୁ ବୁଝିବା, ବ୍ୟବହାର କରିବା କାଠିକର ପାଠରେ ପରିଣତ ହୋଇଥିବାବେଳେ ଦର୍ଶନତତ୍ତ୍ୱ ଉପସ୍ଥାପନ କରିବା ଭଳି ମଣିଷ ବିରଳରୁ ବିରଳତର ସଂଖ୍ୟକ ଦେଖାଯାଉଥିବା ବେଳେ ସେମାନଙ୍କ ସାମାଜିକ ଗ୍ରହଣୀୟତା ଆଜିସମୟରେ ଅସମ୍ଭବ ହୋଇପଡିଥିବା ହେତୁ ସମାଜରୁ ଦର୍ଶନ ଅନ୍ତର୍ଦ୍ଧାନ ହୋଇଯାଇଥବା ଭଳି ମନେହେଉଛି ! କୌଣସି ସୁଯୋଗରୁ ସମାଜର ବିଭିନ୍ନ ସ୍ଥାନ ଅଧିଗ୍ରହଣ କରିବାରେ ସମର୍ଥ କିଛି ମଣିଷ ସବୁ ସାଂସାରିକ କର୍ତ୍ତବ୍ୟ ସମ୍ପାଦନ କଲାପରେ ଯଶ ଖ୍ୟାତି ଅର୍ଜନ କରିବା ଲକ୍ଷ ରଖି ଅନେକ ପୁସ୍ତକ, ପତ୍ରିକା, ପ୍ରଚାରପତ୍ର ଇତ୍ୟାଦି ମୁଦ୍ରଣ କରି ସମାଜରେ ବିତରଣ କରି ଲୋକଙ୍କ ମନକୁ ଜିତିବାପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଦ୍ୟମରତ ଥିବା ଦେଖିବାକୁ ମିଳୁଛି ! ସରକାରୀ ଉଦାସୀନତା ହେତୁ କୌଣସି ବାସ୍ତବତା, ସାମାଜିକ ଗ୍ରହଣୀୟତା କିମ୍ବା ଉପଯୁକ୍ତତା ନଥାଇ ସମାଜର ମାଙ୍ଗଳିକ ହେଉ କିମ୍ବା ଅମଙ୍ଗଳ, ଯିଏ ଯାହା ଇଚ୍ଛା ମୁଦ୍ରଣ କରି ପ୍ରଚାର, ପ୍ରସାର କରିବାରେ ସମର୍ଥ ଆମ ଦେଶର ସାମାଜିକ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହେଉଥିବା କାହାର ଧ୍ୟାନ ନାହିଁ କି ସଚେତନତା କିମ୍ବା ବନ୍ଧନ, ଏହିଭଳି ସମାଜର ଗତି ଯେଉଁଆଡେ ଆମେ ସମସ୍ତେ ଦେଖୁଛେ ! ପ୍ରକାଶଥାଉକି, ପୂର୍ବରୁ ଘଟିଯାଇଥିବା କିମ୍ବା ଚଳିତ ସମୟର କୌଣସି ଘଟଣା ହେଉ କିମ୍ବା କୌଣସି ଦାର୍ଶନିକ, ମହାପୁରୁଷ, ଦେଶପ୍ରେମୀ ଅଥବା ସଂସ୍କାରକଙ୍କ ବାଣୀ ଗୁଡିକୁ ପୁନରାବୃତ୍ତି କରି ନିଜକୁ ସୁହାଇଲାଭଳି ରୁପାନ୍ତରିତ କରି ପ୍ରକାଶ କରାଯିବା ବିଷୟକୁ ଖବର ବୋଲି କୁହାଯାଇପାରେ ! ସେଗୁଡିକ ପୂର୍ବରୁ ପ୍ରକାଶ ପ୍ରସାର ହୋଇସାରିଥିବା ହେତୁ କୌଣସି ନୂତନତ୍ୱ ନଥାଇ ଆଖିଦୃଷ୍ଟିଆ ସାମାଜିକ ପ୍ରଭାବ ପକାଉନଥିବା ବେଳେ ତାହାର ଜନାଦୃତତା ଦେଖିବାକୁ ବିରଳ ହୋଇଥାଏ ! ଉଦାହରଣ ସ୍ୱରୂପ ରାମାୟଣ, ମହାଭାରତ ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ, ଐତିହାସିକ, ଭୌଗଳିକ ତଥା ବୈଜ୍ଞାନିକ ତଥ୍ୟ ଯାହାସବୁ ବହୁତ ପୂର୍ବରୁ ପ୍ରକାଶ ପ୍ରଚାର ହୋଇସାରିଛି, ସେଗୁଡିକୁ ହିଁ କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଥାକୁ ପଢିବା ପାଇଁ ଜନାଦୃତତା ନଥାଏ ଯାହା ସମସ୍ତେ ଜାଣନ୍ତି ! ନିଜସ୍ୱ ଅନୁଜ୍ଞାନରୁ କୌଣସି ସଂସ୍କାରମୂଳକ ଆଲେଖ୍ୟ ଲେଖିବା ସାମର୍ଥ୍ୟ ଥିବା ଲେଖିକ କିମ୍ବା ଆଲେଖ୍ୟ ଆଉ ନାହିଁ ! ଆଉ ଯଦି ଥାଏ ସେଗୁଡିକୁ କେହି ବୁଝିପାରିବା ଭଳି ସାମର୍ଥ୍ୟବିହୀନ ସମାଜରେ ସେମାନଙ୍କ କୌଣସି ସ୍ଥାନ ନଥିବା ହେତୁ ଦାର୍ଶନିକ ତତ୍ତ୍ୱଜ୍ଞାନ ଏବଂ ଲେଖକଙ୍କ ଉପସ୍ଥିତି ମଳିନ ପଡିଯାଉଥବା ଅସ୍ୱୀକାର କରିହେବ ନାହିଁ ! ସ୍ୱାର୍ଥକୈନ୍ଦ୍ରିକ ବିଚାରଧାରା ହେତୁ ପ୍ରକୃତ ପ୍ରତିଭାର ସ୍ଥାନ ସମାଜରେ ମଳିନ ପଡିଯାଉଥିବା ବେଳେ ମିଥ୍ୟା ପ୍ରତିଭାଧାରୀଙ୍କ କୋଳାହଳ ସରଗରମ କରିଦେଉଛି ସମାଜକୁ ଯାହାକୁ ସମସ୍ତେ ଅନିଚ୍ଛା ସତ୍ତ୍ୱେ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି ! ଦାର୍ଶନିକ ବିଚାରଧାରା, ଆଲୋଡ଼ନର ତତ୍ତ୍ୱଜ୍ଞାନ ନାହିଁ କି ତାହାର ସମ୍ମାନ ନାହିଁ ଆଜିକା ସମାଜରେ ଯାହା ମଣିଷକୁ ବିପଥରେ ନେଇଯିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ସବୁ ମଣିଷଙ୍କ ଏକ ପ୍ରକାର ଅଜ୍ଞାନ ନିର୍ବୋଧତା ସମାଜକୁ ତଳିତଳାନ୍ତ କରୁଥିବା ଦେଖିବାକୁ ମିଳୁଛି ! ଅଧିକନ୍ତୁ ଆଜିଦିନରେ ଦାର୍ଶନିକ ଚିନ୍ତାଧାରା, ତତ୍ତ୍ୱଜ୍ଞାନ ସମାଜରୁ ସମ୍ପୂର୍ଣ୍ଣଭାବେ ଅନ୍ତର୍ଦ୍ଧାନ ହୋଇଯାଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ !!

ଆଲୋଡିତ ଅନୁଶୀଳନୀଟି ଉପରେ ଆଧାରକରି ବିଶ୍ଳେଷିତ ତଥ୍ୟ ପ୍ରଦାନ ପୂର୍ବକ କୁହାଯାଇପାରେ ଯେ ମାତୃଭାଷାର ଯଥାର୍ଥ ଉପଯୋଗ କରି ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ଗଭୀର ମନୋନିବେଶ କରାଗଲେହିଁ ମନରେ ବୈଜ୍ଞାନିକ ଚିନ୍ତନ ସୃଷ୍ଟି ହେବାସହିତ ବୈଜ୍ଞାନିକ ଉପଯୋଗୀତା ଗୁଡିକ ଜାଣିବାକୁ ମିଳିବ ଯାହା ଗୋଟିଏ ସୁନ୍ଦର ଜୀବନ ଶୈଳୀ ପ୍ରଦାନ କରିବାରେ ସାହାଯ୍ୟ କରିପାରିବ । ଆଜି କିନ୍ତୁ ତାହାର ସମ୍ପୂର୍ଣ୍ଣ ବିପରୀତମୁଖି ବିଚାରଧାରା ମଣିଷକୁ ମାନବିକଧର୍ମୀ ବଦଳରେ ରାକ୍ଷସ କରିଦେବାରେ କାହାର ଅନୁଧ୍ୟାନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାହିଁ କିମ୍ବା ସେସବୁକୁ ସୁଧାରିବାରେ କାହାରେ ଆଗ୍ରହ ନଥିବା ହେତୁ ଏକ ବିଦ୍ୱେଷ ଭାବାପନ୍ନ ସମାଜ ବିଶ୍ୱବ୍ୟାପୀ ଦେଖିବାକୁ ମିଳୁଛି ! ତେଣୁ ଶିକ୍ଷାକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଲେଖା ମାଧ୍ୟମ ଗୁଡିକ ଲେଖକର ସାମାଜିକ ସ୍ଥିତିକୁ ପ୍ରାଧାନ୍ୟତା ପୂର୍ବକ ମୂଲ୍ୟହୀନ ଲେଖା ଗୁଡିଏ ଉପରେ ଗୁରୁତ୍ୱ ନଦେଇ ସାମାଜିକ ସୁଧାର, ସଂସ୍କାର ଉପରେ ଆଲୋଡିତ ସାହିତ୍ୟିକ ଏବଂ ଦାର୍ଶନିକ ତଥ୍ୟ, ତତ୍ତ୍ୱ ଉପରେ ପ୍ରାଧାନ୍ୟତା ରଖୁଥିବା ଲେଖା ଗୁଡିକ ସାମାଜିକ କ୍ଷେତ୍ରରେ ପ୍ରଚାର, ପ୍ରସାର ପାଇଁ ଉଦ୍ୟମ କଲେ ସାଧାରଣ ମଣିଷ ମନରେ ସାମାଜିକ ତଥା ଦାର୍ଶନିକ ତତ୍ତ୍ୱ ବୁଝିବା କ୍ଷମତା ଜାଗ୍ରତ ପୂର୍ବକ ପରିବର୍ତ୍ତିତ ମାନବିକତାର ସଙ୍ଗଠିତ ଚରିତ୍ର ଏକ ପ୍ରେମମୟ ସମାଜ ଗଠନ କରିବାରେ ସହାୟକ ହୋଇପାରିବ ବୋଲି ଆମ ଚିନ୍ତାଧାରାରେ ଆପଣଙ୍କ ବିଚାରଶୀଳ ମନ୍ତବ୍ୟ ଅପେକ୍ଷାରେ..... ? ! !

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ.

ଇମେଲ୍: socialforum.org.in@gmail.com

ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱଜନତୋଷଣ (ନେପୋଟିଜ୍‌ମ)

ନିଗମ କୁମାର ବେହେରା

ଜୁନ୍ ୧୪ ବଲିଉଡ୍ ତଥା ଦେଶବାସୀଙ୍କ ପାଇଁ ଆଣିଦେଇଥିଲା ଏକ ଦୁଃସମ୍ବାଦ; ସଭିଁଙ୍କ ପ୍ରିୟ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା କରିଛନ୍ତି । ଏହି ଖବରଟି ଦେଶର କୋଣ ଅନୁକୋଣରେ ଥିବା ତାଙ୍କ ପ୍ରଶଂସକ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ଓ ନିଜର ପ୍ରିୟ କଳାକାରକୁ ହରାଇ ସଭିଁଏ ମର୍ମାହତ ଏବଂ ସ୍ତବ୍ଧ ହୋଇଥିଲେ । ଠିକ୍ ଏହି ସମୟରେ କିଛି ବ୍ୟକ୍ତିବିଶେଷ ସୁଶାନ୍ତଙ୍କୁ କିଛି ସିନେମା ନିର୍ମାଣ କମ୍ପାନୀ ତଥା ପ୍ରଯୋଜନା ସଂସ୍ଥା ବ୍ୟାନ କରିଥିବା ସହ ସେ ନେପୋଟିଜମର ଶିକାର ହୋଇଥିବା ନିଜ ଅଭିବ୍ୟକ୍ତିରେ କହିଥିଲେ । ଏହାପରେ ସାରା ଦେଶରେ ବଲିଉଡର ପ୍ରଶଂସକଙ୍କ ମହଲରେ ନେପୋଟିଜମ୍ ବିରୋଧରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା ।

ଏହି ବିଷୟକୁ ନେଇ ତର୍ଜମା କରିବା ପୂର୍ବରୁ ଆସନ୍ତୁ ଜାଣିନେବା 'ନେପୋଟିଜମ୍'ର ମାନେ କଣ ? ନେପୋଟିଜମ୍ ଅର୍ଥ ହେଉଛି ସ୍ୱଜନତୋଷଣ; ଅର୍ଥାତ ଗୋଟିଏ ପିତା ନିଜ ସନ୍ତାନକୁ ନିଜ ପରିଚିତ କ୍ଷେତ୍ରରେ ଲୋକପ୍ରିୟତା ହାସଲ କରିବା ପାଇଁ ସହଯୋଗ କରିବା । ଭାରତରେ ନେପୋଟିଜମର ଇତିହାସ ଅତ୍ୟନ୍ତ ପୁରୁଣା; ରାମାୟଣ ଓ ମହାଭାରତ କାଳରୁ ଜାରି ରହିଛି ଏହି ପ୍ରଥା । ତ୍ରେତୟା ଯୁଗରେ ମହାରାଜ ଦଶରଥ ନିଜ ପ୍ରିୟ ତଥା ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କୁ ଅଯୋଧ୍ୟାର ରାଜା ରୂପେ ଅଭିଷିକ୍ତ କରିବାକୁ ଚାହୁଁଥିଲେ; ଯାହା ପ୍ରମାଣ କରୁଛି ସେହି ସମୟରେ ମଧ୍ୟ ନେପୋଟିଜମ୍ ଥିଲା । ଠିକ୍ ସେହିଭଳି ଦ୍ୱାପର ଯୁଗରେ ଧୃତରାଷ୍ଟ୍ରଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୁତ୍ରମୋହ ତଥା ସିଂହାସନମୋହ ମହାଭାରତ ଯୁଦ୍ଧର କାରକ ଓ କାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହିଠାରେ ଏହାର ପରିସମାପ୍ତି ଘଟିନାହିଁ ବରଂ ଭାରତୀୟ ରାଜନୈତିକ ଇତିହାସରେ ଯେତେ ରାଜା ଓ ମହାରାଜ ରହିଛନ୍ତି ସଭିଁଏ ନିଜ ଶାସନକାଳ ଶେଷରେ ନିଜ ପୁତ୍ରଙ୍କୁ ଶାସନଗାଦିରେ ଅଭିଷିକ୍ତ କରିଛନ୍ତି । ଏହାର ଉଦାହରଣ ବାବର ଠାରୁ ଆରମ୍ଭ କରି ଔରଙ୍ଗଜେବ ପର୍ଯ୍ୟନ୍ତ ଦେଖିବାକୁ ମିଳେ । କେବଳ ଏତିକି ନୁହେଁ ଇଲତୁତମିସଙ୍କ ମୃତ୍ୟୁ ପରେ ତାଙ୍କରି ଝିଅ "ରାଜିଆ ସୁଲତାନା" ଦିଲ୍ଲୀର ଶାସନ ଭାର ଗ୍ରହଣ କରିଥିଲେ ଏବଂ ଭାରତର ପ୍ରଥମ ମହିଳା ଶାସକ ରୂପେ ପରିଗଣିତ ହୋଇଥିଲେ ।

ଆଜିର ଏକବିଂଶ ଶତାବ୍ଦୀରେ ମଧ୍ୟ ଗୋଟିଏ ପିତା ନିଜ ସନ୍ତାନକୁ ନିଜଠାରୁ ଆଗରେ ଦେଖିବାକୁ ଚାହେଁ । ଯଥା ଯଦି ଗୋଟିଏ ବ୍ୟକ୍ତି ପୋଲିସ୍ ବିଭାଗରେ କନେଷ୍ଟେବଳ ଭାବେ କାର୍ଯ୍ୟରତ ତେବେ ସର୍ବଦା ସେ ନିଜ ସନ୍ତାନକୁ ନିଜଠାରୁ ଉପରିସ୍ଥ ଅଧିକାରୀ ଭାବେ ପ୍ରତିଷ୍ଠିତ କରିବାର ସ୍ୱପ୍ନ ଦେଖିଥାଏ । ଏହି ସ୍ୱପ୍ନକୁ ପୂରଣ କରିବାକୁ ଯାଏ ସେ ନିଜ ଉପରିସ୍ଥ ଅଧିକାରୀଙ୍କୁ ସୁପାରିଶ କରି ନିଜ ସନ୍ତାନକୁ ଉକ୍ତ ସ୍ଥାନରେ ପହଞ୍ଚାଇଥାଏ କିନ୍ତୁ ନିଜର ଆଶା-ଅଭିଳାଷା ପୂରଣ କରିବାକୁ ଯାଇ ସେ ଅନେକ ଯୋଗ୍ୟ ବ୍ୟକ୍ତିର ଆଶାକୁ ଧୂଳିସାତ କରିଥାଏ; ତାହା ସେ କେବେ ହୃଦୟଙ୍ଗମ କରିପାରେନା ।

ଯଦି ଆମେ ବଲିଉଡରେ ନେପୋଟିଜମ୍ କଥା କହିବା ତେବେ ଏହା ମଧ୍ୟ ବେଶ ପୁରୁଣା । ବଲିଉଡ୍ ସିନେଜଗତର ଭୀଷ୍ମ ପିତାମହ କୁହାଯାଉଥିବା "ରାଜ କପୁର" ନିଜ ସନ୍ତାନମାନଙ୍କୁ ସିନେମାରେ ପ୍ରତିଷ୍ଠିତ କରିବା ପାଇଁ ଆରମ୍ଭ କରିଥିବା ପରମ୍ପରା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଏହା ବ୍ୟତୀତ କୁହାଯାଏ ଯଦି ଆପଣଙ୍କ ବଲିଉଡରେ ନେଟୱର୍କ ଶକ୍ତ ଅଛି ଏବଂ ଆପଣଙ୍କ ଉପରେ କୌଣସି ଗଡ୍ ଫାଦରଙ୍କ ଆଶୀର୍ବାଦ ରହିଛି ତେବେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆପଣଙ୍କ ବଲିଉଡରେ ତିଷ୍ଠିବା ସହଜ ଓ ଭବିଷ୍ୟତ ଆଲୋକିତ ନଚେତ ଅସମ୍ଭବ । ବଲିଉଡର ରୋମାଞ୍ଚିକର ଦୁନିଆରେ ପାଦଦେବା ଠାରୁ ଆରମ୍ଭ କରି ଏଠାରେ ତିଷ୍ଠିବା ଷ୍ଟାରକିଡ଼ଙ୍କ ପାଇଁ ସହଜ; କିନ୍ତୁ ନୱାଜୁଦ୍ଦିନ ସିଦ୍ଧିକୀଙ୍କ ଭଳି ଉଚ୍ଚକୋଟୀର କଳାକାର ନିଜର ପ୍ରଥମ ସିନେମାରେ ସ୍ୱଳ୍ପ ସେକେଣ୍ଡର ଭୂମିକାରେ ଦେଖାଯାଆନ୍ତି ଏବଂ ନିଜ କଳା ଓ ପ୍ରତିଭାକୁ ପ୍ରତିପାଦିତ କରିବା ପାଇଁ ୧୨ ବର୍ଷର କଷ୍ଟକର ଯାତ୍ରା କରିବାକୁ ପଡ଼ୁଛି । କଥାରେ ଅଛି; ଯଦି ଆପଣଙ୍କୁ କୌଣସି ବସ୍ତୁ ସହଜରେ ମିଳିଯାଏ ତେବେ ଆପଣଙ୍କୁ ତାହାର ଉଚିତ ମୂଲ୍ୟ ଜଣାନଥାଏ । ଠିକ୍ ସେହିପରି ଷ୍ଟାରକିଡମାନେ ବାରମ୍ବାର ସିନେମାରେ ବିଫଳ ହେବା ସତ୍ତ୍ୱେ ସେମାନଙ୍କୁ ସିନେମା ମିଳିଥାଏ କିନ୍ତୁ ଏହା ଅଣ-ଷ୍ଟାରକିଡମାନଙ୍କ ପକ୍ଷରେ ଅସମ୍ଭବ । ଯଦି ଗୋଟିଏ ଅଣଷ୍ଟାରକିଡର ପ୍ରଥମ ସିନେମା ବିଫଳ ହୁଏ ତେବେ ତାକୁ ଚା'ରୁ ମାଛିକୁ କାଢି ବାହାରକୁ ଫୋପାଡ଼ିବା ଭଳି ବଲିଉଡରୁ ବାହାର ରାସ୍ତା ଦେଖାଯାଏ । ଆଗକୁ ତାକୁ ସିନେମା ମିଳିବା ତ ଦୂରର କଥା ସ୍ୱଳ୍ପ ସମୟ ମଧ୍ୟରେ ତାକୁ ବଲିଉଡ୍ ଭୁଲିଯାଏ; ଏହା ହିଁ ଆମ ସିନେଜଗତର ଅପ୍ରିୟ ସତ୍ୟ ।

ଯଦି ଆମେ ସୁଶାନ୍ତ ସିଂ ରାଜପୁତଙ୍କ କଥାକୁ ନେବା ତେବେ ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ । ଭୀରୁ ଓ କାପୁରୁଷ ସଦୃଶ୍ୟ ଆତ୍ମହତ୍ୟା କରିବା ପୂର୍ବରୁ ସେ ନିଜ ପରିବାର ଏବଂ ନିଜ ବାପାଙ୍କ କଥାକୁ ଭାବିବାର ଥିଲା, ଯେଉଁମାନେ ତାଙ୍କୁ ସଫଳତା ପାହାଚ ଚଢିବାର ଦେଖିବାକୁ ଚାହୁଁଥିଲେ । ଦେଖିବାକୁ ଗଲେ ତାଙ୍କ ଏହି ଆତ୍ମହତ୍ୟା ପଛରେ ବଲିଉଡର ପ୍ରମୁଖ ଭୂମିକା ରହିଛି; ଏଣୁ ଆଜି ଲୋକମାନେ କରନ୍ ଜୋହର୍, ଆଲିଆ ଭଟ୍ଟ, ସୋନମ୍ କପୁର୍, ସଲମାନ୍ ଖାନ୍, ଟି-ସିରିଜ୍ ଓ ଏକତା କପୁର ଭଳି ପ୍ରତିଷ୍ଠିତ ତାରକାଙ୍କୁ ଘୃଣା କରୁଛନ୍ତି । ଲୋକମାନେ ଏହି କଥା ମନେ ରଖିବାକୁ ଉଚିତ ଏହି ବ୍ୟକ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାନଙ୍କୁ ସେମାନେ ହିଁ ଆଜି ଏହି ସ୍ଥାନରେ ପ୍ରତିଷ୍ଠିତ କରିଛନ୍ତି । ଆଜି ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପାଇଁ ବଲିଉଡ୍ ଯେଉଁ ରୂପେ ଦାୟୀ ଆମେ ସାଧାରଣ ଜନତା ମଧ୍ୟ ଦାୟୀ । ଯଦି ଆମେ କେଉଁ ସିନେତାରକାର ପୁଅ କେତେ ବଡ଼ ହେଲାଣି, ସେ କଣ ଖାଏ ଆଦି ବିଷୟ ଉପରେ ଧ୍ୟାନ ନଦେବା ତେବେ ଏମାନଙ୍କ ଷ୍ଟାରଡ଼ମ୍ ଶେଷ ହେବ ଏବଂ ଆମେ ଭଲ କାହାଣୀ, କଳାକାର ଓ ଚରିତ୍ରର ସିନେମା ପାଇପାରିବା । ଆମ ଦେଶରେ ଉଚ୍ଚକୋଟୀର କାହାଣୀ ଉପରେ ପର୍ଯ୍ୟବେଷିତ ସିନେମା ତୁଳନାରେ ମସଲା ସିନେମାର ବେଶ ଆଦୃତ । ଉଦାହରଣ ସ୍ୱରୂପ ସ୍ୱର୍ଗତଃ ସୁଶାନ୍ତ ସିଂ ରାଜପୁତଙ୍କ 'ସୋନଚିଡ଼ିଆ' ଚଳଚ୍ଚିତ୍ରର ଆୟୁ ଟାଇଗର ଶ୍ରଫ୍ ଓ ଅନନ୍ୟା ପାଣ୍ଡେ ଆଦି ଷ୍ଟାରକିଡ୍ ଥିବା ଚଳଚିତ୍ର 'ଷ୍ଟୁଡ଼େଣ୍ଟ ଅଫ୍ ଦ ଇୟର୍-୨' ତୁଳନାରେ ବହୁତ କମ୍ ଥିଲା । ଠିକ୍ ସେହିପରି ଯଦି ଆମେ 'କେଦାରନାଥ' ଚଳଚିତ୍ର କଥା ହେବା ତେବେ ଲୋକମାନେ ସୁଶାନ୍ତ ସିଂଙ୍କ ବଦଳରେ ସାରା ଅଲ୍ଲୀ ଖାନଙ୍କ ଅଭିନୟ ଦେଖିବା ପାଇଁ ପ୍ରେକ୍ଷାଳୟକୁ ଯାଇଥିଲେ କାରଣ ସେ ପଟୌଦି ବଂଶର ତନୟା ଓ ଛୋଟେ ନବାବ ତଥା ସୈଫ୍ ଅଲ୍ଲୀ ଖାନଙ୍କ ଝିଅ । ଏହା ପ୍ରମାଣିତ କରୁଛି ଗୋଟିଏ ସିନେମାର ସଫଳତା ପଛରେ ନେପୋଟିଜମ୍ ଓ ଷ୍ଟାରଡ଼ମର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ଆଜି ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟାକୁ ବ୍ରେକିଙ୍ଗ୍ ନ୍ୟୁଜ କରି ଦେଖାଉଥିବା ଗଣମାଧ୍ୟମକୁ ମଧ୍ୟ ପ୍ରଶ୍ନ ଯେଉଁ ଅଭିନେତାମାନେ ସଂଘର୍ଷ କରି ସ୍ୱପ୍ନର ସହର ମୁମ୍ବାଇରେ ସଫଳତା ପାଉଛନ୍ତି ସେମାନଙ୍କ ପ୍ରଶଂସା ଗଣମାଧ୍ୟମ କାହିଁକି କେବେ କରେନାହିଁ ?

କିନ୍ତୁ ସମସ୍ତ ଷ୍ଟାରକିଡଙ୍କ କ୍ଷେତ୍ରରେ ନେପୋଟିଜମ୍ ସଫଳ ତାହା ଭୁଲ୍ କାରଣ ନେପୋଟିଜମ ସହାୟତାରେ ବହୁତ ଷ୍ଟାରକିଡ୍ ସିନେଜଗତକୁ ଆସିଥିଲେ କିନ୍ତୁ ଆଜି ସେମାନେ ବିଫଳ କାରଣ ସେମାନଙ୍କ ନିକଟରେ କଳାର ଅଭାବ ଥିବା ହେତୁ ଜନତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜନାର୍ଦ୍ଦନ ସେମାନଙ୍କୁ ବହିଷ୍କାର କରିଛନ୍ତି । ଉଦାହରଣ ସ୍ୱରୂପ ଇମ୍ରାନ ଖାନ୍, ଜିଆଦ ଖାନ୍, ଈଶା ଦେଓଲ୍, ସୋନମ୍ କପୁର, ତୁଷାର କପୁର୍, ପୂଜା ଭଟ୍ଟ, ସୋହେଲ୍ ଖାନ୍, ଅରବାଜ ଖାନ୍, ସୋହା ଅଲ୍ଲୀ ଖାନ୍, ଉଦୟ ଚୋପ୍ରା ଏବଂ ବଲିଉଡର ମହାନାୟକ ଅମିତାଭ ବଚ୍ଚନଙ୍କ ପୁଅ ଅଭିଷେକ ବଚ୍ଚନ ମଧ୍ୟ ଏଥିରୁ ବାଦ ପଡ଼ିନାହାନ୍ତି । ଏଥିରୁ ସ୍ପଷ୍ଟ ଏହି ଷ୍ଟାରକିଡ୍ ମାନଙ୍କୁ ସେମାନଙ୍କ ପ୍ରଥମ ସିନେମା ମିଳିବା ସହଜ କିନ୍ତୁ ଯଦି ସେମାନଙ୍କ ନିକଟରେ ଅଭିନୟର ନିଖୁଣତା ନାହିଁ ତେବେ ସେମାନଙ୍କ ବଲିଉଡରେ ତିଷ୍ଠିବା କଷ୍ଟକର । କିନ୍ତୁ ନେପୋଟିଜମର ଦମରେ ବଲିଉଡକୁ ଆସିଥିବା କେତେକ କଳାକାର ନିଜ ବଳିଷ୍ଠ ଅଭିନୟ ମାଧ୍ୟମରେ ଜନତା ମନ ଜିଣିବାରେ ସକ୍ଷମ ହୋଇଛନ୍ତି । ଯଥା ଆମିର ଖାନ୍, ହ୍ରିତିକ୍ ରୋଶନ୍, ରଣବୀର କପୁର, ରଣବୀର ସିଂ, ଭିକି କୌଶାଲ୍ ଆଦି ଅନ୍ୟତମ । ନେପୋଟିଜମର ପ୍ରକୃତ ରଙ୍ଗ ଆମକୁ ଆର୍ଚ୍ଚାର୍ଡ଼ ଶୋ'ରେ ଦେଖିବାକୁ ମିଳେ ଯେଉଁଠି ଅଭିନେତାମାନେ ନିଜ ପ୍ରତିପତ୍ତି ଓ ପ୍ରତିଷ୍ଠାତାକୁ ବ୍ୟବହାର କରି ନିଜପିଲାଙ୍କୁ ପୁରସ୍କାର ହାସଲ କରିବାରେ ସାହାଯ୍ୟ କରନ୍ତି । ଯେଉଁଠାରେ "ଛିଚ୍ଛୋରେ" ଓ "କେଶରୀ" ଆଦି ସତ୍ୟ ଘଟଣାରେ ଆଧାରିତ ଉଚ୍ଚକୋଟୀର ଚଳଚିତ୍ର ବଦଳରେ "ଗଲିବୟ"କୁ ପୁରସ୍କୃତ କରାଯାଏ । କୁହାଯାଏ ଜଣେ କଳାକାରକୁ ଆଗକୁ ବଢିବା ପାଇଁ ପୁରସ୍କାର ତାକୁ ପ୍ରେରଣା ଦେଇଥାଏ । କିନ୍ତୁ ଯଦି ଉଚ୍ଚକୋଟୀର ଓ ନିଖୁଣ ଅଭିନୟ ସତ୍ତ୍ୱେ ଅନ୍ୟ କଳାକାରକୁ ପୁରସ୍କାର ଦିଆଯାଏ ତେବେ ଭଲ କଳାକାରଟିଏ ଭାଙ୍ଗିପଡ଼ିଥାଏ ।

ଆଜିକାଲି କଳା ଓ କଳାକାରକୁ ସମ୍ମାନ ଦେବା ସହ ଉପଯୁକ୍ତ କାହାଣୀ ଆମକୁ "ଓଟିଟି" ପ୍ଲାଟଫର୍ମରେ ଦେଖିବାକୁ ମିଳୁଛି । ଏହାକୁ ନେଇ ପୂର୍ବରୁ ସୁଶାନ୍ତ ସିଂ ରାଜପୁତ ନିଜର ଏକ ସାକ୍ଷାତକାରରେ କହିଥିଲେ ଯଦି ତାଙ୍କ ଅଭିନୀତ ସିନେମାଗୁଡ଼ିକ ରିଲିଜ ନହୁଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତେବେ ସେ ଆଗାମୀ ଦିନରେ ଡ଼ିଜିଟାଲ୍ ପ୍ଲାଟଫର୍ମରେ ନିଜର ଅଭିନୟର ଯାଦୁ ଦେଖାଇବେ । କେବଳ ଓଟିଟି ନୁହଁ ବରଂ ୟୁଟ୍ୟୁବ୍ ମାଧ୍ୟମରେ ମଧ୍ୟ ଅଭିନେତାମାନେ ନିଜ ଅଭିନୟର ନିଖୁଣତା ଦର୍ଶାଇବାର ସୁଯୋଗ ପାଉଛନ୍ତି ।

ନେପୋଟିଜମ୍ କେବଳ ବଲିଉଡରେ ହିଁ ନୁହେଁ ବରଂ ଅନ୍ୟ ସମସ୍ତ ସିନେ ଇଣ୍ଡଷ୍ଟ୍ରୀରେ ମଧ୍ୟ ଦେଖିବାକୁ ମିଳେ । କଳାକ୍ଷେତ୍ର ବ୍ୟତୀତ ନେପୋଟିଜମର ଭୂମିକା ରାଜନୀତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପିତା-ମାତା ଶାସନ ଲାଳସାରେ ନିଜ ସନ୍ତାନମାନଙ୍କୁ ରାଜନୈତିକ ରଣାଙ୍ଗନରେ ଓହ୍ଲାଇ ଜିତୁଛନ୍ତି । କିନ୍ତୁ ଯଥାର୍ଥରେ କହିବାକୁ ଗଲେ ଏମାନେ ବିଜୟ ଲାଭ କରି ମଧ୍ୟ ନିଜ ନିର୍ବାଚନମଣ୍ଡଳୀ କିମ୍ବା ଜନତାର ବିକାଶ କରିବାରେ ଅସମର୍ଥ । ଏଣୁ ଭାରତରେ ସବୁ ପ୍ରକାର ସମ୍ବଳ ଥାଇ ମଧ୍ୟ ଆଜି ଆମେ ପଛୁଆ । ରାଜା-ମହାରାଜା କାଳରୁ ପ୍ରଚଳିତ ଏହି ବଂଶବାଦ ପରମ୍ପରା କେବଳ ବଲିଉଡରେ ହିଁ ନୁହେଁ ଅନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ବନ୍ଦ ହେବା ଉଚିତ୍ ।

ପରିଶେଷରେ ଗୋଟିଏ କଥା ଜନତା ହେଉଛନ୍ତି ଗୋଟିଏ କଳାକାରର ପ୍ରକୃତ ଭଗବାନ କାରଣ ଜନତା ଚାହିଁଲେ କଳାକାରକୁ ଶୀର୍ଷରେ ପହଞ୍ଚାଇବେ ନଚେତ ନିମ୍ନରେ ପହଞ୍ଚାଇବେ । ଠିକ ଓ ଭୁଲର ନିର୍ଣ୍ଣୟ ମଧ୍ୟ ଆମରି ହାତରେ ଏଣୁ ସଠିକ ପନ୍ଥା ଅବଲମ୍ବନ କରିବା ଏବଂ ଭୁଲକୁ ତ୍ୟାଗ କରିବା । ଯଦି ଆମେ କୌଣସି କଳାକାରର ସନ୍ତାନକୁ ସମ୍ମାନ ଦେବା ବଦଳରେ କଳାକୁ ସମ୍ମାନ ଦେବା, ଫଳରେ ଆଗକୁ ସୁଶାନ୍ତ ସିଂ ରାଜପୁତ ଭଳି ଅନ୍ୟ କୌଣସି କଳାକାର ଆତ୍ମହତ୍ୟା କରି ନିଜ ଜୀବନ ହାରିବାକୁ ବାଧ୍ୟ ହେବେନାହିଁ ।

ରାମନାଗୁଡ଼ା, ରାୟଗଡ଼ା

ଦୂରଭାଷ - ୭୯୭୮୮୪୩୧୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ୍ୟଯୁଗର ପ୍ରାରମ୍ଭ ?

ପ୍ରହ୍ଲାଦ ସାହୁ

ବୋଧହୁଏ ଏହା ହିଁ ସତ୍ୟଯୁଗର ପ୍ରାରମ୍ଭ.....

ଏବେ ପ୍ରକୃତି ନିଜର ସୁରକ୍ଷା ନିଜେ କରୁଛି .....ଯେମିତିକି..... !

୧. ଗଙ୍ଗା ପରି ଚିର ପ୍ରଦୂଷିତ ନଦୀ ପୁଣି ପବିତ୍ର ଓ ସ୍ୱଚ୍ଛ ହୋଇଛି ।

୨. ପୃଥିବୀର ସବୁ ସହର ପ୍ରଦୂଷଣ ମୁକ୍ତ ହୋଇପାରିଛି ।

୩. ପୃଥିବୀର ଦୁର୍ଘଟଣା ହାର କମି ଯାଇଛି ।

୪. ମଦୁଆ ଓ ସେମାନଙ୍କ ଅପରାଧ କମିଛି ।

୫. ପେଟ୍ରୋଲ ଓ ଡିଜେଲ୍ ର ବ୍ୟବହାର ୮୦% କମିଛି ।

୬. ପୋଲିସ ନିଜର ପ୍ରକୃତ ରୂପ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ବୋଲି ବୁଝିଛି ।

୭. ଏବେ ସମସ୍ତେ ନିଜର ମାତୃଭାଷାକୁ ଶିକ୍ଷା ବ୍ୟବସ୍ଥାରେ ଗୁରୁତ୍ୱ ଦେଇଛନ୍ତି ।

୮. ଗୋଟେ ମେସିନ ପାଲଟି ଯାଇଥିବା ମଣିଷ ଏବେ ଶାନ୍ତ ହେଇଯାଇଛି ।

୯. ଆମେରିକା, ରଷ, ଚିନ୍, ଇଟାଲୀ, ଜର୍ମାନୀ, ଜାପାନ, ବ୍ରାଜିଲ, ସ୍ପେନ ପରି ଆଧୁନିକ ଦେଶ ମୁଣ୍ଡ ନୁଆଁଇଛନ୍ତି ।

୧୦. ଏବେ ମଣିଷ ନିଜର ଔକାତ ବୁଝିପାରିଛି ।

ସତେ ଯେମିତି ଆମେ ମୋକ୍ଷ ପ୍ରାପ୍ତି ଦ୍ୱାରରେ ପହଂଚି ଯାଇଛେ ..... ! !

- ନା ଧନ ସଂଚିବାର ଲୋଭ ! !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନା ସୁନା ରୁପାର ମୋହ !!

ନା ପଇସା କମେଇବାର ମୋହ !!

ନା ପଇସା ଖର୍ଚ୍ଚ କରିବାର ଆନନ୍ଦ !!

ନା ହୋଟେଲ୍ ରେ ଖାଇବାର ଇଚ୍ଛା !!

ନା ବୁଲାବୁଲି କରିବାର ଖୁସି !!

ନା ନୂଆ ଡ୍ରେସ ପିନ୍ଧିବାର ଫ୍ୟାଶନ !!

ନା ଭଲ ସଜେଇ ହେବାର ଚିନ୍ତା !!

ନା ରବିବାର ବିତିବାର ଚିନ୍ତା !!

ନା ସୋମବାର ଆସିବାର ଡର !!

ଲାଗୁଛି ଯେମିତି କଳିଯୁଗ ସମାପ୍ତ ହୋଇ ସତ୍ୟଯୁଗ ଆସି ଯାଇଛି..... !!!

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋକେ ଏକ ସୁସ୍ଥ ଓ ସ୍ୱୟଂସମ୍ପୂର୍ଣ୍ଣ ସମାଜ ଗଢିବା ଶିଖିଲେଣି !!

ଲୋକେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ଗୀତା ପାଠ କଲେଣି !!

ଲୋକେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥଙ୍କ ଜୟଘୋଷ କରିବାକୁ ଲାଗିଲେଣି !!

ଏହା ସତ୍ୟଯୁଗ ନୁହେଁ ତ ଆଉ କଣ ..... ???

ହେଡ୍ - ଏଡିଟିଂ ବିଭାଗ

ଆକାଶ ଇନ୍‌ଷ୍ଟିଚ୍ୟୁଟ୍

ନ୍ୟୁ-ଦିଲ୍ଲୀ

ମୋବାଇଲ୍ – ୮୧୭୮୬୪୪୨୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭକ୍ତକବି ଜୟଦେବ

ପ୍ରଜ୍ଞା ପାରମିତା ମହାନ୍ତି

ଭଜେ ବ୍ରଜୈକ ମଣ୍ଡନଂ, ସମସ୍ତ ପାପ ଖଣ୍ଡନଂ

ସ୍ୱଭକ୍ତ ଚିତ୍ତ ରଞ୍ଜନଂ, ସଦୈବ ନନ୍ଦ ନନ୍ଦନଂ ।

ପ୍ରାଚୀ ନଦୀତଟରେ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଲାଭ କରିଥିଲେ କୃଷ୍ଣ ପ୍ରେମୀ ଜୟଦେବ । ଜୟଦେବଙ୍କ ଜନ୍ମସ୍ଥାନ ସମ୍ପର୍କରେ ନାନାପ୍ରକାର ସନ୍ଦେହାତ୍ମକ ତର୍କର ସୃଷ୍ଟି ହୁଏ । କେତେକ ବଙ୍ଗଳାଭାଷୀ ପ୍ରାବନ୍ଧିକ, ସମାଲୋଚକ କବି ବଙ୍ଗଳାରେ ଜନ୍ମ ହୋଇଥିବାର ଯୁକ୍ତି ଦର୍ଶାନ୍ତି । କିନ୍ତୁ ମହାକବି ଜୟଦେବ ନିଜର ଜନ୍ମସ୍ଥାନ କେନ୍ଦୁବିଲ୍ୱ ବୋଲି ଗୀତଗୋବିନ୍ଦରେ ଉଲ୍ଲେଖ କରିଅଛନ୍ତି । ସୁନାମଧନ୍ୟ ଓଡିଆ ପ୍ରକାଶକ ଶ୍ରୀଧର ମହାପାତ୍ର, ଉତ୍କଳର ବରେଣ୍ୟ ବରପୁତ୍ର ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ସାହୁ, ସ୍ୱର୍ଗତଃ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ତତ୍କାଳୀନ ଅର୍ଥବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ଅଜିତ ତ୍ରିପାଠୀ ତଥା ସାମ୍ୟବାଦୀ କବି ରବି ସିଂ ଜୟଦେବଙ୍କ ଜନ୍ମସ୍ଥାନ ପ୍ରାଚୀତଟ କେନ୍ଦୁବିଲ୍ୱ ଶାସନ ବୋଲି ଅଭିହିତ କରି ଦୃଢ ତଥା ଅକାଟ୍ୟ ଯୁକ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପସ୍ଥାପନ କରିଛନ୍ତି । ଏତଦଭିନ୍ନ ବଙ୍ଗସମ୍ରାଟ ନରସିଂହ ଦେବଙ୍କ ସଭା କବି ନାରାୟଣ ଦାସ, ମେବାରର ରାଣା କୁମ୍ଭକର୍ଣ୍ଣ, ରାଜସ୍ଥାନର ବିଖ୍ୟାତ କବି ନାଭାଜୀ, ସନ୍ଥ ପ୍ରିୟ ଦାସ, ମହାରାଷ୍ଟ୍ର କବି ମହୀପତି ଆଦି ଶ୍ରୀଜୟଦେବଙ୍କୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଶ୍ରେଷ୍ଠ ଭକ୍ତ ବୋଲି ପ୍ରଚାର କରିଛନ୍ତି । ତେବେ ସେ ଯାହା ହେଉ ନା କାହିଁକି ଜୟଦେବ ଯେ ଓଡ଼ିଶାର, ଏହା ନିଃସନ୍ଦେହ ଓ ଯୁକ୍ତିସଙ୍ଗତ ।

"ବିଦଗ୍ଧ ଚିନ୍ତାମଣି" କାବ୍ୟ ଲେଖିବା ପୂର୍ବରୁ ସ୍ଥିର ନିଶ୍ଚଳ ହୋଇଗଲେ ଅଭିମନ୍ୟୁ ସାମନ୍ତ ସିଂହାର । ସ୍ୱଚକ୍ଷୁରେ ରାଧାକୃଷ୍ଣଙ୍କ ଲୀଳା ନ ଦେଖିଲେ ସେ "ବିଦଗ୍ଧ ଚିନ୍ତାମଣି" କାବ୍ୟ ଲେଖିପାରିବେ ନାହିଁ ବୋଲି ଚିନ୍ତା କଲେ । ତେଣୁ ସେ ଲେଖିଛନ୍ତି-

"ଅପ୍ରାକୃତ ପ୍ରେମମୟ ଜୟ ରାଧା ହରି,

ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ।"

ଅର୍ଥାତ ହେ ରାଧାମାଧବ, ତମର ଅବ୍ୟକ୍ତ ଲୀଳାକୁ ତୁମେ ପୁନଃ ଅବତାର ଗ୍ରହଣ କରି ବ୍ୟକ୍ତ କର । ନେତ୍ର ପବିତ୍ର ହେଉ ଏ ଲୀଳା ଦେଖି । ସେହିପରି ବୈଷ୍ଣବୀୟ ଚିନ୍ତାରେ ଉଦବୁଦ୍ଧ ହେଇଥିଲେ ଜୟଦେବ । ରାଧାକୃଷ୍ଣଙ୍କ ଅମରପ୍ରେମକୁ ଛନ୍ଦେ ଛନ୍ଦେ ଦେବନାଗରୀ ଭାଷାରେ ବର୍ଣ୍ଣନା କରିଛନ୍ତି ସେ । ଜଗନ୍ନାଥଙ୍କ ଉପରେ କୃଷ୍ଣତ୍ୱ ଆରୋପ କରିଛନ୍ତି ଜୟଦେବ । ବଡଶୃଙ୍ଗାର ବେଶରେ ମାହାରୀ ଗୀତଗୋବିନ୍ଦ ଗାନ ନକଲେ ବଡ ଠାକୁରଙ୍କୁ ନିଦ ହୁଏ ନାହିଁ । ଶ୍ରୀଗୀତଗୋବିନ୍ଦ ସର୍ବମୋଟ ଦ୍ୱାଦଶ ସର୍ଗରେ ସୀମିତ । ପ୍ରତ୍ୟେକ ସର୍ଗରେ କବି ପ୍ରାକୃତିକ ମନୋରମା ପରିବେଶ ଯଥା ବଣ, ଗିରି, ଲତା, ନଦୀ, ଋତୁର ବର୍ଣ୍ଣନା ସହ ରାଧାକୃଷ୍ଣଙ୍କ ଅମରପ୍ରେମକୁ କାନ୍ତ, କମନୀୟ ଓ ଜୀବନ୍ତ କରି ରୂପ ଦେଇଛନ୍ତି ସେ । ଆଦିରସରେ ରସାଣିତ ଏହି ପ୍ରାଚୀନ ସଂସ୍କୃତ ସାହିତ୍ୟକୁ କେତେକ ସମାଲୋଚକ ଅଶ୍ଳୀଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବର୍ଣ୍ଣନା ସମ୍ବଳିତ ବୋଲି ଯୁକ୍ତି କରନ୍ତି । କିନ୍ତୁ ତତ୍କାଳୀନ ରୀତିଯୁଗର ସମସ୍ତ କବିତାର ଗତି ଆଦି ରସାତ୍ମକ ହୋଇଥିବାରୁ ଏଭଳି ଯୁକ୍ତି ଗ୍ରହଣୀୟ ନୁହେଁ । ଅନେକ ସ୍ଥାନରେ ରାଧା ବିରହରେ କୃଷ୍ଣ ମର୍ମାହତ, କୃଷ୍ଣଙ୍କ ଅନୁପସ୍ଥିତିରେ ରାଧା କରିଛନ୍ତି ମାନ । ମାନଭଞ୍ଜନରେ ଦୁତୀଙ୍କ ଭୂମିକା ପ୍ରେମୋକ୍ତି, ପ୍ରତ୍ୟୁକ୍ତିରେ ରସାଣିତ ହୋଇ ଉଠିଛି ସମଗ୍ର ଶ୍ରୀଗୀତଗୋବିନ୍ଦର ପଦାବଳୀ ।

କିମ୍ବଦନ୍ତୀ କହେ ପତ୍ନୀ ପଦ୍ମାବତୀଙ୍କୁ ନେଇ ଜୟଦେବଙ୍କ ସଂସାର । ତାଳପତ୍ରରେ ପୋଥି ପରେ ପୋଥି ଲେଖି ଚାଲିଥାନ୍ତି ସେ । ପ୍ରେମ ବିରହିନୀ ଶ୍ରୀରାଧାଙ୍କ ମାନଭଞ୍ଜନ ନିମନ୍ତେ କଣ ଲେଖି ପାଦପୂରଣ କରିବେ, ଏହି ଚିନ୍ତାରେ ବ୍ୟସ୍ତବିବ୍ରତ ଜୟଦେବ ପୋଥିଖେଦାକୁ ବନ୍ଦ କରି ଗାଧୋଇବାକୁ ଚାଲିଗଲେ । ଜନଶ୍ରୁତି ଅନୁଯାୟୀ ସ୍ୱୟଂ ଜଗନ୍ନାଥ ହଠାତ ଜୟଦେବଙ୍କ ରୂପରେ ଆବିର୍ଭୂତ ହୋଇ ପଦ୍ମାବତୀଙ୍କ ଠାରୁ ହାତରନ୍ଧା ଖାଦ୍ୟ ଖାଇଥିଲେ ଓ ତାଳପତ୍ର ମାଗିନେଇ ପାଦପୂରଣ କରି ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଗାଧୋଇ ଆସି ଜୟଦେବ ଦେଖନ୍ତି ପଦ୍ମାବତୀ ଖାଇ ବସିଛନ୍ତି । ଆଶ୍ଚର୍ଯ୍ୟ ହେଲେ ଜୟଦେବ ।

ସେ ନା ଖାଉଣୁ ପତିପ୍ରାଣା ପଦ୍ମାବତୀ ଖାଇଲେ କିପରି ? ପଦ୍ମାବତୀ ମଧ୍ୟ ତତୁଲ୍ୟ ଆଶ୍ଚର୍ଯ୍ୟ ହେଲେ । "କଣ ହେଲା ? ସଙ୍ଗେ ସଙ୍ଗେ ଖାଇ କରିଗଲ । ମୋଠାରୁ ତାଳପତ୍ର ନେଇ ଲେଖିଲ । ଏଇନେ କହୁଛ ମୁଁ ଖାଇବି ।" ପରମ ବିସ୍ମୟ ଓ ଆଗ୍ରହରେ ତାଳପତ୍ର ଦେଖିଲେ ଜୟଦେବ । ସେ ଯାହା ଚିନ୍ତା କରୁଥିଲେ ଏବଂ ରୂପଦେବାକୁ ଭୟ କରୁଥିଲେ ପ୍ରଭୁ ତାହା ସ୍ୱହସ୍ତରେ ଲେଖିଦେଇ ଯାଇଛନ୍ତି । ଶ୍ରୀକୃଷ୍ଣଙ୍କ ମାନମୟୀ ରାଧାଙ୍କୁ କହୁଛନ୍ତି, ମୋ ମୁଣ୍ଡ ଉପରେ ଗୋଦା ଥୋଇଦିଅ । ଶଙ୍କିତା ରାଧା ପଛଘୁଞ୍ଚା ଦେଉଛନ୍ତି । ଅପୂର୍ବ ବର୍ଣ୍ଣନା !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏହାର ପଟାନ୍ତର ନାହିଁ ।

ସ୍ମର ଗରଳ ଖଣ୍ଡନଂ, ମମ ଶିରସି ମଣ୍ଡନଂ,

ଦେହି ପଦ ପଲ୍ଲବ ମୁଦାରମ୍ ।

ଅର୍ଥାତ ଗରଳ ଖଣ୍ଡନକାରୀ ଶଙ୍କରଙ୍କୁ ସ୍ମରଣ କରି ତୁମ କୋମଳ ପାଦ ସ୍ପର୍ଶରେ ମୋ ଶିର ମଣ୍ଡନ କର । ଧନ୍ୟ କବି ଜୟଦେବ ! ଧନ୍ୟ ତୁମର ଅମର ଲେଖନୀ ! ହରିକୃପାରେ ତୁମର ଅମର ଲେଖନୀ ରସାଣିତ ।

କିମ୍ବଦନ୍ତୀ କହେ ଗୀତା ପଣ୍ଡା ନାମ୍ନୀ ଜନୈକ ବ୍ରାହ୍ମଣୀ ବାଇଗଣ କିଆରୀରେ ବାଇଗଣ ତୋଳୁଥିଲେ ଶ୍ରୀଗୀତଗୋବିନ୍ଦ ଗାନ କରି । ଗୀତଗୋବିନ୍ଦ ଶୁଣିବାର ଆଗ୍ରହ ହେତୁ ପ୍ରଭୁ ଜଗନ୍ନାଥ ଗୁଣୁଗୁଣୁ ହୋଇ ଗୀତଗୋବିନ୍ଦ ଗାଇ ଗାଇ ଗୀତା ପଣ୍ଡାର ଅନୁଗମନ କରୁଥାନ୍ତି । ପ୍ରଭୁଙ୍କର ଜିଭ ଚିରି ହୋଇଗଲା ବାଇଗଣ କଣ୍ଟା ଲାଗି । 'ସେ ତ ଭକତ ଭାବରେ ବନ୍ଧାରେ ଭକତ ଭାବରେ ବନ୍ଧା' । ବାସ୍ତବିକ ଜୟଦେବଙ୍କର ଶ୍ରୀଗୀତଗୋବିନ୍ଦ ଓଡିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ।

ମାର୍ଫତ- ଶରତ ଚନ୍ଦ୍ର ମହାନ୍ତି

ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋପବନ୍ଧୁ ଦାସ

ସୁଚିସ୍ମିତା ପାତ୍ର

ଯୁଗେଯୁଗେ ମହାପୁରୁଷଙ୍କ ଆବିର୍ଭାବ ହୋଇଛି । ସାମାଜିକ ଜୀବନ ଯେତେବେଳେ କଳୁଷିତ ହୁଏ, ସେତେବେଳେ ମନୁଷ୍ୟ ପଥଭ୍ରଷ୍ଟ ହୁଏ । ଯେତେବେଳେ ମନୁଷ୍ୟ ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ, ସେତେବେଳେ ମହାପୁରୁଷ ମାନଙ୍କ ଆବିର୍ଭାବ ହୁଏ । ସେମାନଙ୍କର ଆଦର୍ଶ ଜୀବନ, ଗୁଣାବଳୀ, ଅସୀମ ଶକ୍ତି ମନୁଷ୍ୟକୁ ନୂତନ ଦିଗଦର୍ଶନ ଦେଇଥାଏ ।

"ଘୂରି ଘୂରି ଯିଏ ରଣ ପ୍ରାଙ୍ଗଣେ
ଶତ୍ରୁର ହୁଏ ସମ୍ମୁଖୀନ,
ହସି ହସି ଯିଏ ହଳାହଳ ପିଏ
ସେହି ଏକା ଭାଗ୍ୟବାନ ।

ସେହି ସୁଯୋଗ୍ୟ ଭାଗ୍ୟମାନ ଭାରତମାତାର ସନ୍ତାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ । ସେ ଥିଲେ ଜଣେ ବୀର, ସମାଜସେବୀ, ଦେଶପ୍ରେମୀ, କବି; ଯାହାଙ୍କର ଉଗ୍ର ରୂପ ଦେଖି ପ୍ରଳୟର ହୃତକମ୍ପ ଜାତ ହେଉଥିଲା ଓ ଭ୍ରୂଭଙ୍ଗୀରେ ଶତ୍ରୁର ଜୀବନ–ନାଟିକା ସ୍ପନ୍ଦିତ ହେଉଥିଲା ।

ଜନ୍ମ ଓ ବାଲ୍ୟଜୀବନ:

ପୁରୀଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ "ସୁଆଣ୍ଡୋ" ନାମକ ଏକ କ୍ଷୁଦ୍ର ଶାସନରେ ଗୋପବନ୍ଧୁ ୧୮୮୭ ମସିହା ଅକ୍ଟୋବର ମାସ ୯ ତାରିଖରେ ଏକ ସାଧାରଣ ମଧ୍ୟବିତ୍ତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦୈତାରି ଦାସ ଓ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ ଔରସରୁ ସୁଯୋଗ୍ୟ ବୀରପୁତ୍ର ଗୋପବନ୍ଧୁ ଦାସ ଜନ୍ମଗ୍ରହଣ କରିଥିଲେ । ବାଲ୍ୟ କାଳରେ ମାତା ସ୍ୱର୍ଣ୍ଣମୟୀ ଦେବୀଙ୍କ ମୃତ୍ୟୁ ହେଇଥିଲା । ଉତ୍କଳମଣିଙ୍କ ସମସ୍ତ ଦାୟିତ୍ୱ ତାଙ୍କ ବିଧବା ପିଉସୀ କମଳା ଦେବୀଙ୍କ ଉପରେ ନ୍ୟସ୍ତ ଥିଲା । କମଳା ଦେବୀଙ୍କ ଆଦର୍ଶ, ପ୍ରେରଣା ଓ ସେବାରେ ଗୋପବନ୍ଧୁ ନିଜ ଜୀବନକୁ ଗଢି ପାରିଥିଲେ । ତେଣୁ ସେ ତାଙ୍କ କବିତାର ତୂଳୀରେ ମତୃତୁଲ୍ୟ ପିୟୁସୀଙ୍କ ସ୍ମୃତିକୁ ଜୀବନ୍ତ କରି ଆଙ୍କି ଦେଇଛନ୍ତି ।

ଶିକ୍ଷା:

ପ୍ରଥମେ ଘରେ ଜଣେ ଅବଧାନଙ୍କ ଶିକ୍ଷକତାରେ ସେ ନିଜର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ତାପରେ ସେ ତାଙ୍କ ପିତାଙ୍କ ପ୍ରଚେଷ୍ଟାରେ ସ୍ଥାପିତ ପ୍ରାଇମେରୀ ସ୍କୁଲରେ ପଢିଥିଲେ । ସେହି ପ୍ରାଇମେରୀ ସ୍କୁଲରେ ପଢୁଥିବା ସମୟରେ ସେ ୧୨ବର୍ଷ ବୟସରେ ମୋତି ଦେବୀଙ୍କୁ ବିବାହ କରିଥିଲେ । ୧୯୦୧ରେ ଏଫ୍.ଏ. ଓ ୧୯୦୪ରେ ବି.ଏ. ପାସ୍ କରି ସେ ଓକିଲାତି ପଢା ଆରମ୍ଭ କଲେ ।

ଜୀବନ କାହାଣୀ :

ସତ୍ୟବାଦୀ ବନ ବିଦ୍ୟାଳୟରେ ରହୁଥିବା ବେଳେ ଦିନକର କଥା । ରାତିସାରା ଝିମଝିମ୍ ହୋଇ ବରଷୁ ଥାଏ ପାଣି । ଏହି ସମୟରେ ବକୁଳ ବନ ବିଦ୍ୟାଳୟର ଛାତ୍ରମାନେ କାହାର କାନ୍ଦ ଶୁଣିବାକୁ ପାଇଲେ । ବହୁତ୍ ଅନ୍ୱେଷଣ ପରେ ଦେଖିବାକୁ ପାଇଲେ ଯେ ସେ କାନ୍ଦ ଆଉ କାହାର ନୁହେଁ ସେ ହେଉଛି ଦରଦୀ ବନ୍ଧୁ ଗୋପବନ୍ଧୁଙ୍କର । ଛାତ୍ରମାନେ କ୍ରନ୍ଦନର କାରଣ ପଚାରିବାରୁ ସେ କହିଲେ ରାତିସାରା ଝିପ ଝିପ୍ ବର୍ଷା । ତଳ ସାହିରେ ଥିବା ନଦୀରେ ବନ୍ୟା ଆସିଥିବ । ଗାଁର ଲୋକେ ନାନା ଅସୁବିଧାର ସମ୍ମୁଖୀନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଉଥିବେ । ଏହା ଭାବି ସେ କାନ୍ଦୁଥିଲେ । ଏଥିରୁ ଜଣାପଡୁଛି ଯେ ଗରିବମାନଙ୍କ ପ୍ରତି ତାଙ୍କ ମନରେ କେତେ ଦୟାଥିଲା । ସେ ଥିଲେ ଦରିଦ୍ରମାନଙ୍କ ଦରଦୀ ବନ୍ଧୁ ।

ସମାଜ ପତ୍ରିକାର ଉନ୍ମୋଚନ :

ପ୍ରଭୁ ଜଗନ୍ନାଥଙ୍କୁ ଭାରତର କୋଣେ ଅନୁକୋଣେ ଉପଲବ୍ଧି କରି ସେ ଲେଖିଥିଲେ :

"ଭାରତର ପ୍ରତି ବୃକ୍ଷ କଲ୍ପ ବଟ,

ପ୍ରଭୁ ନୀଳାଚଳ ସର୍ବତ୍ର ପ୍ରକଟ ।"

୧୯୧୯ ମସିହା ଅକ୍ଟୋବର ୪ ତାରିଖ ପବିତ୍ର ବିଜୟାଦଶମୀ ତିଥିରେ ଗୋପବନ୍ଧୁ ଦେଶବାସୀଙ୍କୁ ସତ୍ୟ ସମ୍ବାଦ ପରିବେଷଣ ନିମନ୍ତେ 'ସମାଜ' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । କ୍ରମେ ଏହା ଏକ ଦୈନିକ ଖବରକାଗଜ ରୂପେ ଓଡ଼ିଶାର ଏକ ବିଶିଷ୍ଟ ସମ୍ବାଦପତ୍ରର ସ୍ଥାନ ଗ୍ରହଣ କରିଛି । ମରିବା ପୂର୍ବରୁ ସେ ନିଜର ଉଇଲ୍ ଡାକିଦେଇ ଥିଲେ । ରାଧାନାଥ ରଥ ହାତରେ ସେ ଉଇଲ ଲେଖୁଥାନ୍ତି । ସେ ତାଙ୍କ ଜ୍ୱାଇଁ ରତ୍ନାକର ପତିଙ୍କୁ କାନ୍ଦି କାନ୍ଦି କହିଥିଲେ, "I will dictating my last will and testament." ଶେଷରେ ସେ ଦସ୍ତଖତ କରି ଉଇଲଟାକୁ ଫିଙ୍ଗିଦେଲେ । ଭାରତ ସେବକ ସମାଜକୁ ସେ ପ୍ରେସ୍‌ଟା ଦାନକରି ଦେଇଥିଲେ ।

ଦେଶ ହିତକର କାର୍ଯ୍ୟ ଓ ସାହିତ୍ୟ ସେବା:

ବନ୍ୟା ସମୟରେ ସେ ଗାଁ ଗାଁ ବୁଲି ଚୁଡ଼ା, ଗୁଡ଼ ରିଲିଫ୍ ଆକାରରେ ବଣ୍ଟନ କରୁଥିଲେ । ୧୯୦୯ ମସିହାରେ ସେ ଏକ ମଣିଷ ତିଆରି କାରଖାନା 'ସତ୍ୟବାଦୀ'ରେ ସ୍ଥାପନ କରିଥିଲେ । ତାହାର ନାମ ଥିଲା ବନ ବିଦ୍ୟାଳୟ । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ୧୯୨୨ ମସିହାରେ ଦୁଇ ବର୍ଷ କାରାବରଣ କରିଥିଲେ । ବନ୍ଦୀ ଜୀବନର ଅକୁହା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହାଣୀକୁ ସେ କବିତାର ରୂପ ଦେଇଥିଲେ । 'କାରାକବିତା', 'ନଚିକେତା ଉପାଖ୍ୟାନ', 'ଧର୍ମପଦ', 'ଗୋମାହାତ୍ମ୍ୟ', 'ଅବକାଶଚିନ୍ତା', 'ବନ୍ଦୀର ଆତ୍ମକଥା' ଆଦି ତାଙ୍କର ଅମର କୃତିତ୍ୱ ।

ପରଲୋକ ଗମନ :

୧୯୨୮ ମସିହା ଜୁନ ୧୭ ତାରିଖରେ ଗୋପବନ୍ଧୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଗୋପବନ୍ଧୁଙ୍କ ମର ଶରୀର ଆଜି ନାହିଁ, କିନ୍ତୁ ତାଙ୍କର ଦେଶପ୍ରେମ, ଗରିବ ଲୋକଙ୍କ ସେବା, ସାହିତ୍ୟ ପ୍ରତିଭା ତାଙ୍କୁ ସବୁଦିନ ପାଇଁ ଓଡ଼ିଆ ଜାତିର ମନସପଟରେ ସ୍ଥାନ ଦେଇଛି । ତାଙ୍କର ଅମର କୀର୍ତ୍ତି ଉତ୍କଳରେ ଆଜି ବି ମଣି ପରି ଝଲସି ଉଠୁଛି ।

ସୁଚିସ୍ମିତା ପାତ୍ର
ଶିକ୍ଷୟିତ୍ରୀ, ଭଞ୍ଜନଗର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନନ୍ଦିନୀ ଶତପଥୀ

ଦେବେନ୍ଦ୍ର ସାମଲ

ନନ୍ଦିନୀ ଶତପଥୀ ୯ ଜୁନ୍ ୧୯୩୧ ରେ ଜନ୍ମଗ୍ରହଣ କରିଥିଲେ ଏବଂ ଭାରତର କଟକ ପିଥାପୁରରେ ବଢିଥିଲେ । ସେ କାଳନ୍ଦୀ ଚରଣ ପାଣିଗ୍ରାହିଙ୍କ ବଡ ଝିଅ ଥିଲେ;ଭାଗବତ ଚରଣ ପାଣିଗ୍ରାହିଙ୍କ ଝିଆରୀ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ଶାଖା ପ୍ରତିଷ୍ଠା କରିଥିଲେ ।

୧୯୩୯ ମସିହାରେ ଆଠ (୮) ବର୍ଷ ବୟସରେ ତାଙ୍କୁ ୟୁନିଅନ ଜ୍ୟାକକୁ ଟାଣିବା ସହ କଟକ କାନ୍ଥରେ ବ୍ରିଟିଶ ରାଜ ବିରୋଧୀ ପୋଷ୍ଟର ଲଗାଇବା ପାଇଁ ବ୍ରିଟିଶ ପୋଲିସ ତାଙ୍କୁ ନିର୍ଦ୍ଦୟ ଭାବରେ ମାଡ ମାରିଥିଲା । ସେହି ସମୟରେ ବହୁ ଚର୍ଚ୍ଚିତ ହୋଇଥିଲା ଏବଂ ବ୍ରିଟିଶ ରାଜରୁ ଫ୍ରିଡମ୍ ଅଫ୍ ଇଣ୍ଡିଆର ସଂଗ୍ରାମ ପାଇଁ ନିଆଁରେ ଇନ୍ଧନ ଭଳି କାମ କରିଥିଲା ।

Magazine Downloaded from www.aahwaan.com

ରେଭେନ୍‌ସା କଲେଜରେ ଓଡିଆରେ ମାଷ୍ଟର ଅଫ୍ ଆର୍ଟ ଅନୁସରଣ କରୁଥିବାବେଳେ ସେ କମ୍ୟୁନିଷ୍ଟ ପାର୍ଟିର ଛାତ୍ର ୱିଙ୍ଗ ଷ୍ଟୁଡେଣ୍ଟ ଫେଡେରେସନ୍ ସହିତ ଜଡିତ ହୋଇଥିଲେ । ୧୯୫୧ ମସିହାରେ, କଲେଜ ଶିକ୍ଷା ପାଇଁ ପାଉଣା ବଢିବା ବିରୋଧରେ ଓଡିଶାରେ ଏକ ଛାତ୍ର ବିରୋଧ ଆନ୍ଦୋଳନ ଆରମ୍ଭ ହୋଇଥିଲା, ଏହା ପରେ ଏହା ଏକ ଜାତୀୟ ଯୁବ ଆନ୍ଦୋଳନରେ ପରିଣତ ହୋଇଥିଲା । ଶତପଥୀ ଏହି ଆନ୍ଦୋଳନର ଜଣେ ନେତ୍ରୀ ଥିଲେ, ପୋଲିସ୍ ବିକ୍ଷୋଭକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ନନ୍ଦିନୀ ଶତପଥୀ ମଧ୍ୟ ଏଥିରେ ଗୁରୁତର ଆହତ ହୋଇଥିଲେ । ସେ ଅନ୍ୟମାନଙ୍କ ସହିତ ଜେଲରେ ଥିଲେ । ଜେଲରେ ସେ ଅନ୍ୟ ଜଣେ ଛାତ୍ର ଫେଡେରେସନ୍ ସଦସ୍ୟ ତଥା ପରେ ବିବାହ କରିଥିବା ବ୍ୟକ୍ତିଙ୍କୁ ଦେବେନ୍ଦ୍ର ଶତପଥୀଙ୍କୁ ଭେଟିଥିଲେ । (ପରେ ସେ ଦୁଇ ଥର ପାଇଁ ଢେଙ୍କାନାଳରୁ ନିମ୍ନ ଗୃହକୁ ନିର୍ବାଚିତ ହୋଇଥିଲେ) ।

୧୯୬୨ ମସିହାରେ, କଂଗ୍ରେସ ଦଳ ଓଡ଼ିଶାରେ ପ୍ରାଧାନ୍ୟ ବିସ୍ତାର କରିଥିଲା; ୧୪୦ ସଦସ୍ୟ ବିଶିଷ୍ଟ ଓଡ଼ିଶା ରାଜ୍ୟ ବିଧାନସଭା କଂଗ୍ରେସ ଦଳରୁ ୮୦ରୁ ଅଧିକ ଥିଲେ । ଜାତୀୟ ସ୍ତରରେ ଭାରତୀୟ ସଂସଦରେ ଅଧିକ ମହିଳା ପ୍ରତିନିଧୀ ରହିବା ପାଇଁ ଏକ ଆନ୍ଦୋଳନ ହୋଇଥିଲା । ବିଧାନସଭା ଭାରତ ସଂସଦର ଉପର ଗୃହରେ ଶତପଥୀ (ତତ୍କାଳୀନ ମହିଳା ବିଚାରପିଠର ସଭାପତି) କୁ ମନୋନୀତ ହୋଇଥିଲେ , ଯେଉଁଠାରେ ସେ ଦୁଇ ବର୍ଷ କାର୍ଯ୍ୟ କରିଥିଲେ ।୧୯୬୬ ମସିହାରେ ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଶତପଥୀ ପ୍ରଧାନମନ୍ତ୍ରୀଙ୍କ ସହ ସଲଗ୍ନ ହୋଇଥିବା ମନ୍ତ୍ରୀ ହୋଇଥିଲେ, ଏବଂ ଏହାର ନିର୍ଦ୍ଦିଷ୍ଟ ଦପ୍ତର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାୟିତରେ ଥିଲା ।

ବିଜୁ ପଟ୍ଟନାୟକ ଏବଂ ଅନ୍ୟମାନେ କଂଗ୍ରେସ ଦଳରୁ ବିଦାୟ ନେଇଥିବା ପଦବୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୋଗୁଁ ୧୯୭୨ମସିହାରେ ଶତପଥୀ ଓଡ଼ିଶାକୁ ଫେରିଥିଲେ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୫ଜୁନ୍ ୧୯୭୫- ୨୧ ମାର୍ଚ୍ଚ ୧୯୭୭ ର ଜରୁରୀକାଳୀନ ସମୟରେ, ସେ ନବ କୃଷ୍ଣ ଚଉଧୁରୀ ଏବଂ ରମା ଦେବୀଙ୍କ ସମେତ ଅନେକ ଉଲ୍ଲେଖନୀୟ ବ୍ୟକ୍ତିଙ୍କୁ କାରାଗାରରେ ରଖିଥିଲେ; ତେବେ ଜରୁରୀକାଳୀନ ପରିସ୍ଥିତିରେ ଓଡିଶାରେ କମ୍ ସଂଖ୍ୟକ ବିଶିଷ୍ଟ ବ୍ୟକ୍ତି ଜେଲରେ ଥିଲେ ଏବଂ ଶତପଥୀ ଜରୁରୀକାଳୀନ ପରିସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ପ୍ରତିରୋଧ କରିବାକୁ ଚେଷ୍ଟା କରିଥିଲେ । ଡିସେମ୍ବର ୧୯୭୬ ରେ ଶତପଥୀ ଅଫିସ ଛାଡିଥିଲେ । ୧୯୭୭ ମସିହାରେ ହୋଇଥିବା ସାଧାରଣ ନିର୍ବାଚନ ସମୟରେ, ସେ ଜଗଜୀବନ ରାମଙ୍କ ନେତୃତ୍ୱରେ ଏକ ବିକ୍ଷୋଭକାରୀ ଦଳର ଅଂଶ ହୋଇଥିଲେ ଯାହା ଗଣତନ୍ତ୍ର ପାଇଁ କଂଗ୍ରେସ ପାଲଟିଥିଲା ।

୧୯୮୯ରେ ରାଜୀବ ଗାନ୍ଧୀଙ୍କ ଅନୁରୋଧ କ୍ରମେ ଶତପଥୀ କଂଗ୍ରେସ ଦଳକୁ ଫେରିଥିଲେ । ଏହାର ଦୁଇ ନିୟମ (ମୁଖ୍ୟତ ଜାନକୀ ବଲାଭ ପଟ୍ଟନାୟକଙ୍କ ଅଧୀନରେ ମୁଖ୍ୟମନ୍ତ୍ରୀ ଭାବରେ) ହେତୁ କଂଗ୍ରେସ ଦଳ ସମୁଦାୟ ଓଡିଶାରେ ଲୋକପ୍ରିୟ ନଥିଲା । ସେ ଗୋଣ୍ଡିଆ, ଢେଙ୍କାନାଳରୁ ରାଜ୍ୟ ବିଧାନସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ୨୦୦୦ ପର୍ଯ୍ୟନ୍ତ ସେ ବିଧାନସଭାରେ ରହିଥିଲେ, ଯେତେବେଳେ ସେ ରାଜନୀତିରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ; ସେ ୨୦୦୦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ । ସେ ଏଥିରେ ପ୍ରଭାବଶାଳୀ ନଥିଲେ ଏବଂ କଂଗ୍ରେସ ଦଳର ଓଡିଶା ଶାଖାକୁ ସମାଲୋଚନା କରିଥିଲେ ।

୧୯୭୭ ମସିହାରେ ଶତପଥୀଙ୍କ ନାମରେ ଦୁର୍ନୀତି ଅଭିଯୋଗ କରାଯାଇଥିଲା ଏବଂ ସେହି ସମୟରେ କାର୍ଯ୍ୟକାରୀ ହେଉଥିବା ଦୁର୍ନୀତି ନିବାରଣ ଆଇନର ସମ୍ଭାବ୍ୟ ଉଲ୍ଲଂଘନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଷୟରେ ପୋଲିସର ତଦନ୍ତ ଆରମ୍ଭ ହୋଇଥିଲା । ଅନୁସନ୍ଧାନ ବେଳେ ତାଙ୍କୁ ଲିଖିତ ଆକାରରେ ଅନେକ ପ୍ରଶ୍ନ ପଚରାଯାଇଥିଲା । ସେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଲେ; ତାଙ୍କ ଓକିଲ ଯୁକ୍ତି କରିଛନ୍ତି ଯେ ଭାରତୀୟ ସମ୍ବିଧାନର ଧାରା ୨୦ (୩) ତାଙ୍କୁ ବାଧ୍ୟତାମୂଳକ ଆତ୍ମ-ଦୋଷରୁ ରକ୍ଷା କରିଛି । ଓକିଲଙ୍କ ଅଧିକାର ତଥା ଆତ୍ମ-ଦୋଷ ବିରୁଦ୍ଧରେ ଅଧିକାରକୁ ସ୍ୱୀକୃତି ଦେଇ ଅଭିଯୁକ୍ତଙ୍କ ଅଧିକାରକୁ ଦୃଢ କରି କୋର୍ଟ ଏଥିରେ ସହମତ ହୋଇଥିଲେ; ଏହା ବ୍ୟତୀତ ଏହା ହେଉଛି ଯେ ପୁରୁଷଙ୍କ ସମ୍ପର୍କୀୟଙ୍କ ଉପସ୍ଥିତିରେ ମହିଳାଙ୍କ ଘରେ ପଚରାଉଚରା କରିବାର ଅଧିକାର ଅଛି, କେବଳ ଗିରଫ ପରେ ପୋଲିସ ଷ୍ଟେସନକୁ ଅଣାଯିବାର ଅଧିକାର ଅଛି ଏବଂ କେବଳ ଅନ୍ୟ ମହିଳାଙ୍କ ଦ୍ୱାରା ଖୋଜିବାର ଅଧିକାର ରହିଛି । ପରବର୍ତ୍ତୀ ୧୮ ବର୍ଷ ମଧ୍ୟରେ, ଶତପଥୀ ତାଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ମାମଲାରେ ଜିତିଥିଲେ ।

ସେ ୪ ଅଗଷ୍ଟ ୨୦୦୬ ରେ ଭୁବନେଶ୍ୱରରେ ଥିବା ତାଙ୍କ ଘରେ ମୃତ୍ୟୁ ବରଣ କରିଥିଲେ ।୨ ଜୁନ୍, ସ୍ୱର୍ଗତ ଶତପଥୀଙ୍କ ଜନ୍ମଦିନକୁ ଜାତୀୟ ଝିଅ ଦିବସ ଭାବେ ଘୋଷଣା କରାଯାଇଛି ।

୨୦୧୩ରେ ସପ୍ତମ ଜାତୀୟ କନ୍ୟାଦିବସ ପାଳନ କରାଯାଇଥିଲା ଏବଂ ରାଜସ୍ଥାନର ରାଜ୍ୟପାଳ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ।

ଦେବେନ୍ଦ୍ର ସାମଲ ୯୪୩୯୯୦୯୪୨୨
ନୂତନ ସରକାରୀ କଲୋନୀ ଭୁବନେଶ୍ୱର.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୀବନ ଓ ଯୋଗ

ନୂତନ କୁମାର ବେହେରା

ସାରା ବିଶ୍ୱରେ ଭାରତ ଏକ ମହାନ ଦେଶ ।

ଏ ଦେଶର ମହାନ ମୁନିଋଷିଙ୍କ ଦ୍ୱାରା ରଚିତ ପ୍ରାଚୀନ ବେଦ ଉପନିଷଦ ଠାରୁ ମହାଭାରତ, ରାମାୟଣ, ଅଷ୍ଟାଦଶ ପୁରାଣ ତଥା ଇତିହାସ ମହାନ ଗାଥା କଥାର ଅନନ୍ତ ଭଣ୍ଡାର । ଯାହା ଆମ ଆଦର୍ଶ ଭାବ ଭାଷାକୁ ଯେତିକି ଉନ୍ନତ ପ୍ରଗତିଶୀଳ, ବଳିଷ୍ଠ ଓ ସମୃଦ୍ଧଶାଳୀ କରିଛି ସେତିକି ଗୌରବ, ସୁଖ୍ୟାତି, ପ୍ରସିଦ୍ଧି ଓ ଜନପ୍ରିୟତା ଆଣିଦେଇଛି । ତାର ମୂଲ୍ୟାୟନ କରିବା ବ୍ୟକ୍ତି ବିଶେଷଙ୍କ ଜ୍ଞାନର ପରିଧି ବାହାରେ ।

ଏ ସବୁ ଅନନ୍ୟ ଜ୍ଞାନ ଭଣ୍ଡାର ଅନନ୍ତ ସାଗର ସଦୃଶ୍ୟ । ତନ୍ମଧ୍ୟରୁ ଯୋଗ ଦର୍ଶନ ବା ଯୋଗ ଶାସ୍ତ୍ର ଏକ ବିଶେଷ ସ୍ଥାନ ଅଧିକାର କରିଛି । ଯୋଗ ଦର୍ଶନର ପ୍ରଣେତା ରଚୟିତା ତଥା ପ୍ରତିଷ୍ଠାତା ପୂଜ୍ୟ ନମସ୍ୟ ପାତାଞ୍ଜଳୀ ମୁନି ।

ତାଙ୍କ ଏ ଯୋଗ ଦର୍ଶନରେ ଯୋଗ 'ଚିତ୍ତ ବୃତ୍ତି ନିରୋଧ' ବୋଲି ସଂଜ୍ଞା ଦେଇଛନ୍ତି । ଏ ଯୋଗକୁ ମଣିଷ ଜୀବନଧାରା ସହିତ ସଂଯୋଗ କଲେ ସେ ଆତ୍ମଜ୍ଞାନ ଲାଭ କରିବା ସଙ୍ଗେ ସଙ୍ଗେ ସୁସ୍ଥ ସବଳ ନୀରୋଗ ଓ ନିର୍ବିକାର ରହିବ । ଉଭୟ ଶାରୀରିକ ଓ ମାନସିକ ଶକ୍ତି ମଧ୍ୟରେ ଏକ ସମନ୍ୱୟ ରକ୍ଷା କରିବ, ଜୀବ ପରମଙ୍କ ଭିତରେ ଲୀନ ହୋଇ ଏ ମହାନ ସୃଷ୍ଟିର ରହସ୍ୟକୁ ଅନୁଭବ କରି ପାରିବ । ଜୀବନ ସାର୍ଥକତା ଲାଭ କରିବ । ଯୋଗ ଦର୍ଶନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି -:

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

" ନ ତସ୍ୟ ବ୍ୟାଧିଃ ନ ଜରା ନ ମୃତ୍ୟୁଃ,

ପ୍ରାପ୍ତସ୍ୟ ଯୋଗାଗ୍ନିମୟଂ ଶରୀରମ୍ "

ସୁତରାଂ ଯୋଗ ଜୀବନକୁ ସରସ ସୁନ୍ଦର ମଧୁମୟ କରି,ଜୀବନରେ ପୂର୍ଣ୍ଣତା ଆଣିଦିଏ । ଏ ଯୋଗ ସମ୍ପର୍କରେ ମୋର ସୀମିତ ଜ୍ଞାନକୁ ଆଧାର କରି ସଂକ୍ଷିପ୍ତଭାବେ ଆଲୋକ ପାତ କରୁଛି ।

ମହର୍ଷି ଶ୍ରୀ ଅରବିନ୍ଦଙ୍କ ସିଦ୍ଧାନ୍ତ ଅନୁଯାୟୀ, ସେ ଉଲ୍ଲେଖ କରିଛନ୍ତି -: ମାନବର ସମଗ୍ର ଜୀବନ ହିଁ ଯୋଗ । ଯୋଗ ମାଧ୍ୟମରେ ମାନବ ଅତି ମାନସ ଶକ୍ତି ଲାଭ କରି ଅତି ମାନବ ହୋଇ ପାରିବ ।

ଯୋଗର ସଂଜ୍ଞା ଓ ସିଦ୍ଧାନ୍ତକୁ ଆଲୋଚନା କଲେ ଜଣାଯାଏ, ଏହା ସଂପୂର୍ଣ୍ଣ ମାନସିକାତା ଉପରେ ଆଧାରିତ । ମଣିଷ ଏକ ମନୋମୟ ପ୍ରାଣୀ । ମନର କିୟା ପ୍ରତିକିୟାରେ ହିଁ ଏ ଶରୀର ପରିଚାଳିତ । ମନ ସମସ୍ତ ଇନ୍ଦ୍ରିୟର ମୁଖ୍ୟ ପୁରୋଧା । ଏହି ମନ ଦ୍ୱାରା ସବୁ ଭାବ ଭାବନା ଓ କର୍ମକୁ ନିୟନ୍ତ୍ରଣ କରାଯାଇ ପାରିବ, ଯାହାକୁ ଆମେ ସଂଯମତା ବୋଲି କହିଥାଉ ।

ଯୋଗ ଦର୍ଶନର ଅଷ୍ଟ ସୋପାନ -: (୧) ଯମ୍ (୨)ନିୟମ (୩) ଆସନ (୪) ପ୍ରାଣାୟାମ (୫)ପ୍ରତ୍ୟାହାର (୬) ଧାରଣା (୭) ଧ୍ୟାନ ଓ (୮) ସମାଧି । ଉକ୍ତ ଅଷ୍ଟ ସୋପାନ ମଧ୍ୟରୁ ଯମ୍ ଓ ନିୟମକୁ ପାଞ୍ଚ ପାଞ୍ଚ ଉପଭାଗରେ ବିଭକ୍ତ କରାଯାଇଛି ଯଥା -: ୟମ୍ = (କ) ସତ୍ୟ(ଖ) ଅହିଂସା (ଗ) ଅସ୍ତ୍ୟୟ (ଘ) ବ୍ରହ୍ମଚର୍ଯ୍ୟ (ଙ) ଅପରିଗ୍ରହ । ସେମିତି ନିୟମ -: (କ) ଶୌଚ (ଖ) ସନ୍ତୋଷ (ଗ) ତପ (ଘ)ସ୍ୱଧ୍ୟାୟ (ଙ) ଈଶ୍ୱରପ୍ରଣିଧାନ ।

ଉପରୋକ୍ତ ସମସ୍ତ ସୋପାନ ଓ ଉପସୋପାନକୁ ପାଳନ କରିବା କେବଳ ମାନସିକତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପରେ ନିର୍ଭର କରେ । ମନ ଚଳ ଚଞ୍ଚଳ,କେବେ କଦାପି ସ୍ଥିର ନୁହେଁ । ଏ ମନର ଗତି ବେଗ ଅମାପ ଅପରିମେୟ । ଶୁଭ ଚିନ୍ତନରେ ଯେତିକି ନିମଗ୍ନ ନ ହୁଏ ଅଶୁଭ ଚିନ୍ତନରେ , ଆଶା ଆଶଙ୍କା, ସନ୍ଦେହ ଅବିଶ୍ୱାସ ଅଜ୍ଞାନତାରେ ଅଧିକରୁ ଅଧିକ ସମୟ ନିମଜ୍ଜିତ ରହେ । ଯାହାର ପ୍ରଭାବ ଶରୀର ଉପରେ ସୂକ୍ଷ୍ମ ଭାବରେ ପଡେ । ଏହା ବାରମ୍ବାର ହେବା ଦ୍ୱାରା ଶରୀରରେ ସ୍ଥୂଳ ରୂପେ ପ୍ରକାଶିତ ହୁଏ । ନିର୍ବିକାରର ଶୁଭ ଚିନ୍ତନରେ ଶୁଭ ଫଳ ଓ ବିକାରଗ୍ରସ୍ତ ଅଶୁଭ ଚିନ୍ତନରେ ଅଶୁଭ ଫଳ ହୋଇଥାଏ । ସୁତରାଂ ଏ ମନକୁ ସଂଯମତାର ଫାସରେ ନିୟନ୍ତ୍ରଣ କରିବାକୁ ହୁଏ । ଶରୀର ଭିତରେ ମନ ଆସ୍ଥାନ ଜମାଇ ଥିବାରୁ ଏ ଶରୀର ମାଧ୍ୟମରେ ହିଁ ମନକୁ ଆୟତ୍ତ କରିବା ସମ୍ଭବ ହୁଏ । ସେଥିପାଇଁ ଯୋଗ ବ୍ୟାୟାମର ଗୁରୁତ୍ୱ ଓ ଆବଶ୍ୟକତା ଯଥେଷ୍ଟ ଅଛି । ଯୋଗ ବ୍ୟାୟାମ ଓ ଯୋଗ ଦୁଇଟି ଭିନ୍ନ ଭିନ୍ନ ପ୍ରକ୍ରିୟା, ଯୋଗ ବ୍ୟାୟାମ ଶାରୀରିକ ଓ ଯୋଗ ମାନସିକ ପ୍ରକ୍ରିୟାର ପର୍ଯ୍ୟାୟଭୁକ୍ତ । ଶାରୀରିକ ବ୍ୟାୟାମ ଦ୍ୱାରା ମନକୁ ଏକାଗ୍ର କରି ବଶ କରିବାକୁ ହୁଏ ଏବଂ ମନ ଶାନ୍ତ ହେଲେ ପ୍ରାଣାୟାମ ଦ୍ୱାରା କ୍ରମାନ୍ୱୟରେ ଭିନ୍ନ ଭିନ୍ନ ଚକ୍ର ଯଥା ଆଜ୍ଞା, ବିଶୁଦ୍ଧ, ଅନାହତ, ମଣିପୁର, ସାଧିଷ୍ଠାନ ଓ ଗୁଦା ଚକ୍ରରେ ସ୍ଥିର ରଖାଯାଇ ପାରେ । ଏହା ଅଧିକରୁ ଅଧିକ ଅଭ୍ୟାସ ଦ୍ୱାରା ସମ୍ଭବ ହୋଇଥାଏ । ଏ ଯୋଗ ସାମୟିକ ନୁହେଁ, ଜୀବନ ବ୍ୟାପୀ ଏ ପ୍ରକିୟା । ଏହା ଜାରି ରଖିଥିଲେ, ଦର୍ଶନର ଉଚ୍ଚ ଶିଖରରୁ ଉଚ୍ଚତମ ଶିଖରକୁ ପହଞ୍ଚି ହୁଏ ।

ଯୋଗ ଚିତ୍ତ ବୃତ୍ତି ନିରୋଧ ହୋଇଥିବାରୁ ସଂପୂର୍ଣ୍ଣ ରୂପେ ମନକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିର କରାଯାଇ ପାରିବ ନାହିଁ । ଚିତ୍ତ ବା ମନକୁ କେବଳ ନିଜ ଅଧିନକୁ ଆଣି କର୍ମ କରିବାକୁ ହୁଏ । ମଣିଷ ଯାହା ବି କରୁଛି କେବଳ ମନ ହିଁ ତା ପାଇଁ ଦାୟୀ । ସେଥିପାଇଁ କୁହାଯାଇଛି -

"ମନ ଏବ ମନୁଷ୍ୟାଣାଂ କାରଣଂ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବନ୍ଧନଂ ମୋକ୍ଷୟନ୍ତି"

ଶ୍ରୀମଦଭାଗବତରେ ମଧ୍ୟ କୁହାଯାଇଛି -: "ମନର ମୂଳେ ଏ ଜଗତ"

ସାଧାରଣତଃ ଆମେ ଆମ ପିଲାମାନଙ୍କୁ ଅବା ଅନ୍ୟମାନଙ୍କକୁ ପରାମର୍ଶ ଦେଇ କହୁ, ମନ ଦେଇ ଶୁଣ, ମନ ଦେଇ କର, ମନଯୋଗ କର । ଏ ସବୁ ମନର ବୃତ୍ତି ଉପରେ ଆଧାରିତ,ଅର୍ଥାତ୍ ମନ ନିବେଶ ନ କଲା ପର୍ଯ୍ୟନ୍ତ କିଛିର ପରିପୂର୍ଣ୍ଣତା ବା ସଫଳତା ଆସେ ନାହିଁ । ମନ ହିଁ ଶରୀରକୁ ନିୟନ୍ତ୍ରଣ କରିଥାଏ । ମନ ଓ ଶରୀର ମଧ୍ୟରେ ଏକାଗ୍ରତାର ଭାରସାମ୍ୟ ବା ସମନ୍ୱୟ କେବଳ ଯୋଗ ହିଁ ଆଣିପାରେ । ଏହା ଆମେ ପ୍ରତି ମୁହୂର୍ତ୍ତରେ କରି ଚାଲିଛୁ, ଏହାର କିଛି ନିର୍ଦ୍ଦିଷ୍ଟତା ନାହିଁ । ଯେତେବେଳେ ଏହା ଆମେ ନିର୍ଦ୍ଦିଷ୍ଟ ସମୟ ନୀତି ନିୟମ ଓ ଶୃଙ୍ଖଳାକୁ ନେଇ କରୁ ସେତେବେଳେ ତାହା ଯୋଗ ବୋଲି କହୁ । ଏ ଯୋଗ ଆଜିର ସମାଜରେ ବହୁତ ପ୍ରଚାର ପ୍ରସାରଲାଭ କରିଛି । ମାତ୍ର ତାର ଫଳାଫଳ ଯେତିକି ଲୋକ ଦେଖାଣିଆଁ ହେଉଛି ବାସ୍ତବରେ ତାର କାର୍ଯ୍ୟକାରିତା ସେତିକି ହେଉ ନାହିଁ । ମଣିଷ ଅତି ସୁବିଧା ଓ ସହଜରେ ସବୁ ପାଇବା ପାଇଁ ଚାହୁଁଛି ।

ଏ ଜ୍ଞାନର ମାର୍ଗ । ଏହାକୁ ନିଜର ଆୟତ୍ତ କରିବା ପାଇଁ କାହାର କ୍ଷମତା ବଳ, ଅର୍ଥ ବଳ କି ବାହୁବଳ ସହାୟକ ହୋଇ ପାରେ ନାହିଁ । ଏହା ସଂପୂର୍ଣ୍ଣ ସ୍ୱତନ୍ତ୍ର । ନିଜର ମନୋବଳ, ଆତ୍ମବଳ ଓ ଇଚ୍ଛାଶକ୍ତି ଉପରେ ନିର୍ଭରଶୀଳ ।

ଯୋଗ ଏକ ଆଧ୍ୟାତ୍ମିକ ଜ୍ଞାନ ଉପରେ ପର୍ଯ୍ୟବେସିତ । ଏହାର ଗୁରୁତ୍ୱ ଉପଲବ୍ଧିରେ ଜଣେ ଅଭିଜ୍ଞ ଦକ୍ଷ ସତ୍ ଗୁରୁଙ୍କଠାରୁ ପ୍ରଶିକ୍ଷଣ ନେଇ ଅଭ୍ୟାସ କରିବାର ଯଥେଷ୍ଟ ଆବଶ୍ୟକତା ଅଛି ।

ଭାଗବତରେ ମଧ୍ୟ ବର୍ଣ୍ଣିତ ଅଛି -:

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

" ଗୁରୁ ନ ଧରିଲେ ଉର୍ଦ୍ଧ୍ୱ,

କାହୁଁ ପାଇବୁ ତତ୍ତ୍ୱଭାବ" ।

ଜୀବନ ଜଞ୍ଜାଳମୟ । ଶଯ୍ୟା ତ୍ୟାଗରୁ ଶଯ୍ୟା ଗ୍ରହଣ ପର୍ଯ୍ୟନ୍ତ ଦିନର ଦୀର୍ଘ ସମୟ ମଣିଷ ଚଳ ଚଞ୍ଚଳ ଓ ବ୍ୟସ୍ତ ରହୁଛି କେବଳ ଏ ଜୀବନକୁ ଶାନ୍ତିରେ ନିର୍ବାହ କରିବାକୁ, ମାତ୍ର ପାଉଛି କ'ଣ ?

ପୁଳାଏ ଟଙ୍କା, କିଛି କ୍ଷମତା, କିଛି ଖ୍ୟାତି, କିଛି ପ୍ରଶଂସା.... ଏ ସବୁ କ'ଣ ଜୀବନର ଲକ୍ଷ୍ୟ ଆଉ ଉଦ୍ଦେଶ୍ୟ... ଏମିତି ଅନେକ ପ୍ରଶ୍ନର ବାଣରେ ମଣିଷ କ୍ଷତବିକ୍ଷତ ହୁଏ ଦୈନଦିନ । ମାନସିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ନିମନ୍ତ୍ରଣ କରି ଆଣେ ନାନା ଦୁଃସାଧ୍ୟ ରୋଗ ବ୍ୟାଧି, ତାର ଜୀବନ ହୋଇପଡେ ଅସହ୍ୟ କଷ୍ଟଦାୟକ ।

ତଥାଗତ ବୁଦ୍ଧଦେବଙ୍କ ଜୀବନୀରୁ ଶିକ୍ଷା ମିଳେ -: ସେ ତପସ୍ୟା ବା ଯୋଗ ଜୀବନ ବିତାଇବାକୁ ସିଂହାସନର ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ଅନାୟାସରେ ତ୍ୟାଗ କରିଥିଲେ ଓ ତପ ଦ୍ୱାରା ତାଙ୍କର ବୌଦ୍ଧତ୍ୱ ପ୍ରାପ୍ତି ହୋଇଥିଲା । ମାତ୍ର ଆଜିର ମୁଖ୍ୟ ସ୍ରୋତ ସିଂହାସନ ପ୍ରାପ୍ତି ଆଡକୁ ହିଁ ଅଗ୍ରସର... ।

ଭାଗବତର ଏହା ମଧ୍ୟ ଉଲ୍ଲେଖ କରାଯାଇଛି -:

"ମନୁଷ୍ୟ ହୃଦେ ଦିବ୍ୟଜ୍ଞାନ,

ଦେଖି ସନ୍ତୋଷ ଭଗବାନ" ।

ପ୍ରତ୍ୟେକ ମଣିଷ ଏକ ଅନନ୍ୟ ପ୍ରତିଭା ଓ ଅନନ୍ତ ଜ୍ଞାନର ଅଧିକାରୀ । ଯାହା ଦିବ୍ୟଜ୍ଞାନ ସ୍ୱରୂପ । ମଣିଷ ତାର ବୁଦ୍ଧି ବିବେକ ଜ୍ଞାନବଳରେ ତାର ଉପଯୋଗ କରି ଶ୍ରେଷ୍ଠ ହୁଏ, ସାର୍ଥକ ଜୀବନ ଯିଏଁ । ଦୂରୁପଯୋଗରେ ନିକୃଷ୍ଟ ବୋଲାଏ ଓ ହାହୁତାଶମୟ କଷ୍ଟକର ଜୀବନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିତାଏ ।

ପରିଶେଷରେ ଏତିକି ମାତ୍ର କୁହାଯାଇ ପାରେ, ମଣିଷ ନିଜେ ନିଜ ମନ ଉପରେ ରାଜା । ତାର ନିଜର ଦକ୍ଷତା ଅଭିଜ୍ଞତା ଓ ଅନୁଭବ ବଳରେ ମାର୍ଗ ନିର୍ଣ୍ଣୟ କରେ । ଯୋଗର ମାର୍ଗ ଏକ ସରଳ ସହଜ ହୋଇଥିଲେ ବି ଏହା ଜୀବନ ବ୍ୟାପୀ ପ୍ରକିୟାର ଏକ ଧାରା, ଯେଉଁଠି ସର୍ବଦା ସ୍ୱଚ୍ଛ, ନିର୍ମଳ,ପବିତ୍ର ଓ ସତ୍ୟାଶ୍ରୟୀ ମନର ଜଳସ୍ରୋତ ପ୍ରବାହିତ ହେଉଥାଏ । ସତ୍ୟ ଓ ଅହିଂସାକୁ ଛାଡି ଯୋଗ ସାଧନ କରିବା ନିରର୍ଥକ, ଏକ ପ୍ରବଞ୍ଚନା ମାତ୍ର । ଜଣେ ଯୋଗ ମାଧ୍ୟମରେ ନିଜକୁ ସର୍ବଦା ନିୟନ୍ତ୍ରଣ କରି ଚାଲିଲେ ଏ ସବୁ ଷଡରିପୁ, କୁପ୍ରବୃତ୍ତି ଧିରେ ଧିରେ ଲୋପ ପାଇବ । ଦସ୍ୟୁ ରତ୍ନାକର ଭଳି ପାପୀ ମଧ୍ୟ ମହର୍ଷି ବାଲ୍ମିକୀ ହୋଇ ପାରିବେ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁହାନ୍ ବେଶି ଦୂର ନଥିଲା



ବିନୟ ମହାପାତ୍ର

୨୦୨୦ ମସିହା ଫେବୃଆରୀ ମାସ ଆରମ୍ଭ ହେଉ ହେଉ ଟିଭି, ଖବର କାଗଜର ହେଡଲାଇନ୍ ରେ ସେଇ ଗୋଟିଏ ଖବର ଖୁବ୍ ଗାଢା ଅକ୍ଷରରେ ଦେଖିବାକୁ ମିଳିବା ଆରମ୍ଭ ହୋଇଯାଇଥିଲା । ସେଇଟା ହେଲା, 'ଚାଇନା'ର ୟୁହାନ ସହରରେ ଏକ ଭୟାନକ ଭୂତାଣୁ 'କରୋନା' ସଂକ୍ରମଣ ହୋଇଯାଇଛି । ଏହି ନୂତନ ଭୂତାଣୁ ଖୁବ୍ କମ ସମୟ ଭିତରେ ଗୋଟି ଗୋଟି କରି ଅନେକ ନିରୀହ ମଣିଷ ଜୀବନକୁ ଗ୍ରାସ କରିଯାଉଛି ।

ଏହା ଏକ ନୂତନ ରହସ୍ୟମୟ ଭୂତାଣୁ, ଯାହା କେବଳ ସ୍ପର୍ଶ ମାତ୍ରକେ ଗୋଟିଏ ମଣିଷଠାରୁ ଅନ୍ୟକୁ ସଂକ୍ରମିତ ହୋଇଯାଉଛି । କରୋନା ଭୂତାଣୁର ଅଧିକ ସଂକ୍ରମଣ ହେବା ଆଶଂକାରେ ସମଗ୍ର ୟୁହାନ ସହରକୁ ସିଲ୍ କରି ଦିଆଯାଇଛି । ଲୋକମାନେ ସମସ୍ତେ ନିଜ ନିଜ ଘରେ ବନ୍ଦ । ନା କେହି ଘରୁ ବାହାରକୁ ଯାଇପାରିବ, ନା କେହି ବାହାରୁ ଘରକୁ ଆସିପାରିବ । ଦୋକାନ, ବଜାର, ଅଫିସ, କଳ କାରଖାନା ସବୁ ବନ୍ଦ । ଯିଏ ଯେଉଁଠି ଥିଲା, ସେଇଠାରେ ଅଟକି ଗଲା । ବସ ଟ୍ରେନ, ଟାକ୍ସି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା । ସତେ ଯେପରି ଆକାଶରେ ଶତ୍ରୁପକ୍ଷର ବୋମାବର୍ଷି ବିମାନ ପଇଁତରା ମାରି ଉଡିବୁଲୁଛି । ସମସ୍ତେ କାକୁସ୍ଥ, ଘର ବାହାରେ ଏକ ଭୟାନକ ଦାନବ ତାର ମୁହଁ ଖୋଲି ମଣିଷଙ୍କୁ ଖୋଜି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁଲୁଛି, ଯାହାକୁ ଦେଖିବ ସିଧା ଗିଳିଯିବ ।

ପ୍ରତିଦିନ କେବଳ ମୃତ୍ୟୁର ଖବର ଆସୁଥାଏ । ଆଜି ଚାଇନାରେ ଶହେ ଲୋକ ମୃତ୍ୟୁବରଣ କଲେ, ଆଜି ତିନିଶହ ମୃତ୍ୟୁ ହେଲା, ଆଜି ପଞ୍ଚଶହ ଲୋକଙ୍କର ମୃତ୍ୟୁ ହେଲା । ପ୍ରତ୍ୟେକ ଦିନ ସକାଳେ ଟିଭି ଖୋଲ ଅବା ଖବର କାଗଜ ଓଲଟାଅ, ପ୍ରଥମ ପୃଷ୍ଠାର ପ୍ରଥମ ଖବର ଥିଲା ସେହି ଭୟାନକ ଭୂତାଣୁ 'କରୋନା'ର ଭୟାବହ ଖବର । ପ୍ରତିଟି ନୂତନ ଦିନ ସହିତ ଏହି ମୃତ୍ୟୁ ସଂଖ୍ୟା ବଢି ବଢି ଯାଉଥାଏ । ପରବର୍ତ୍ତୀ ଶୀକାର କିଏ ହେବ ତାହା କେହି ଜାଣନ୍ତି ନାହିଁ । ଏ ଖବର କେବଳ ମୁଁ ଏକା ଦେଖୁ ନଥିଲି ଅବା ଶୁଣୁ ନଥିଲି । ସମଗ୍ର ବିଶ୍ୱର କୋଟି କୋଟି ଲୋକ ଏ ଖବର ଦେଖୁଥିଲେ, ଶୁଣୁଥିଲେ । କିନ୍ତୁ ଏ ଖବରକୁ କେହି ଗମ୍ଭୀରତାର ସହିତ ନେଉ ନଥିଲେ । କାରଣ ଏସବୁ ମୃତ୍ୟୁ କେବଳ ଚାଇନାର ୟୁହାନ ସହରରେ ଘଟୁଥିଲା । କରୋନା ଭୂତାଣୁ କେବଳ ଚାଇନାର ୟୁହାନ ସହରକୁ ନିଜ କବ୍ଜାରେ ନେଇଯାଇଥିଲା । ଆମ ସହରଠାରୁ ହଜାର ହଜାର କିଲୋମିଟର ଦୂରରେ ଥିଲା ଚାଇନାର 'କରୋନା' । ଆଉ ଆମେ ଏତେ ଦୂରରେ ବସି ଖବର ଦେଖୁଥିଲୁ, ଶୁଣୁଥିଲୁ ଏବଂ ଭାବୁଥିଲୁ ଏ ସମ୍ବାଦ ଦେଖି ଆମେ କାହିଁକି ବିଚଳିତ ହେବୁ ? ଏଥିପାଇଁ ଆମର ଭୟ କରିବାର କଣ ଅଛି ? ଆମେ ଯେ ୟୁହାନ ସହର ଠାରୁ ବହୁତ ଦୂରରେ ରହୁଛୁ ।

ବିଶ୍ୱର ଅଗଣିତ ସହର ପରି ମୋ ସହର ମଧ୍ୟ ଅବିଚଳିତ ଥିଲା । ଘର ବାହାରେ ଏକ ହସ ଖୁସିରେ ଭରା ପୁରା ଦୁନିଆ ଥିଲା । ସ୍କୁଲକଲେଜ ବାର ରେଷ୍ଟୁରାଣ୍ଟ, ସପିଙ୍ଗମଲ, ଅଫିସ, କଳ

Magazine Downloaded from www.aahwaan.com

କାରଖାନା ସବୁ ନିତିଦିନିଆ ରୁଟିନ ଅନୁସାରେ ଚାଲୁଥିଲା । ବସ୍, ଟ୍ରେନ୍, ଅଟୋରେ ସବୁଦିନ ପରି ଭିଡ଼ ଜମୁଥିଲା । ଅଫିସରେ ପୁରା ଷ୍ଟାଫ ଉପସ୍ଥିତି ରହୁଥିଲେ, ଲୋକମାନଙ୍କର ଯିବା ଆସିବାରେ କିଛି ଅସୁବିଧା ନଥିଲା । ସବୁଦିନ ପରି ଏକାଠି ବସିବା, ଗପସପ କରିବା, ହସିବା, ଲଞ୍ଚ କରିବା, ଏକାଠି କାମ କରିବା, କେଉଁ ଥିରେ କିଛି ଅସୁବିଧା ନଥିଲା । ସିନେମା ହଲ, ହୋଟେଲ, ପବ୍ ବାର ସବୁ ନିୟମିତ ଖୋଲୁଥିଲେ, ଲୋକମାନଙ୍କର ଭିଡ ମଧ୍ୟ ହେଉଥିଲା । ସପିଙ୍ଗ ମଲ, ବଜାର ହାଟ ସବୁ ସାଧାରଣ ଦିନମାନଙ୍କ ପରି ଖୋଲୁଥିଲା । ଲୋକେ ଆସୁଥିଲେ, ଯାଉଥିଲେ, କିଣାବିକା ସବୁ ଚାଲିଥିଲା । ରାସ୍ତାରେ ସବୁଦିନିଆ ଟ୍ରାଫିକ ଜାମ ହେଉଥିଲା । ସଂଧ୍ୟାରେ ଅଫିସରୁ ଘରକୁ ଫେରିବା ବାଟରେ ରାସ୍ତାକଡର ଭେଣ୍ଡିଙ୍ଗ ଜୋନରେ ନିତିଦିନିଆ ସଂଧ୍ୟାକାଳିନ ଭିଡ ଦେଖିବାକୁ ମିଳୁଥିଲା । ବିଗବଜାର ସାମ୍ନରେ ରୋଲ, ମୋମୋସ, ବରା ପିଆଜି, ଚାଟ୍ ଗୁପଚୁପ୍ ଠେଲା ସମ୍ନାରେ ଲୋକଙ୍କ ଭିଡ ସବୁଦିନ ପରି ଜମୁଥିଲା । କେଉଁଠି କୌଣସି ପ୍ରକାରର ବ୍ୟତିକ୍ରମ ଦେଖା ଯାଉନଥିଲା, ସାଧାରଣ ଜନତା ନିଶ୍ଚିନ୍ତ ଥିଲେ, କାହା ମନରେ କୌଣସି ପ୍ରକାରର ବ୍ୟସ୍ତତା ଅନୁଭବ ହେଉନଥିଲା ।

ଚାଇନା ଭୂତାଣୁ 'କରୋନା'ର ଭୟ କାହା ମୁହଁରେ ଦେଖିବାକୁ ମିଳୁ ନଥିଲା । ସମସ୍ତେ ବେପରୱା ନିଶ୍ଚିତ ଦେଖା ଯାଉଥିଲେ । ସମସ୍ତେ ଭାବୁଥିଲେ ଯାହାବି ଅଘଟଣ ଘଟୁଛି, ସେ ସବୁ ଆମଠାରୁ ହଜାର ହଜାର ମାଇଲ ଦୂରରେ ଘଟୁଛି । ସେ ସବୁ ବିଷୟରେ ଚିନ୍ତାକରି ଆମର ଡରିବାର କଣ କିଛି ? ଆଜି ସେଦିନର କଥା ସବୁ ଭାବିଲେ ବଡ ଆଶ୍ଚର୍ଯ୍ୟ ଲାଗେ, ସତରେ ଆମେ କେତେ ନିର୍ବୋଧ ଥିଲୁ । ଆମେ କେମିତି ଭୁଲି ଯାଇଥିଲୁ, ଆଜିର ପୃଥିବୀ ଆଗପରି ଆଉ ସେତେ ବିଶାଳ ନାହିଁ, ଯେମିତି ଶହେ ବର୍ଷ କି ପଚାଶ ବର୍ଷ ଆଗରୁ ଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜି ମଣିଷ ଯେତେବେଳେ ଚନ୍ଦ୍ରରେ ଘର ତିଆରି କରିବାର ଯୋଜନା କରୁଛି, ମଙ୍ଗଳ ଗ୍ରହକୁ ମଣିଷ ପଠାଇବା କଥା ଚିନ୍ତା କରୁଛି, ସେତେ ବେଳେ ଏଇ ମାତ୍ର କେତେ ହଜାର କିଲୋମିଟର ଦୂରତା କଣ ବେଶି ଦୂର ଥିଲା ? ତଥାପି ଆମେ ନିଶ୍ଚିନ୍ତ ଥିଲୁ, ଭାବୁଥିଲୁ 'କରୋନା' ଭୂତାଣୁ ଆମ ପର୍ଯ୍ୟନ୍ତ ପହଞ୍ଚି ପାରିବନି ।

ଆମେ ଜାଣିଥିଲୁ ଦୁନିଆରେ ଏକ ଭୟାନକ ଭୂତାଣୁ କରୋନା ଭାଇରସ୍ ତାର କାୟା ବିସ୍ତାର କରି ବ୍ୟାପି ଚାଲିଛି । ଯାହା ମଣିଷଠାରୁ ମଣିଷକୁ କେବଳ ଛୁଇଁ ଦେଲେ ସଂକ୍ରମିତ ହୋଇ ଯାଉଥିଲା । ତଥାପି ଆମେ ନିଶ୍ଚିତ ଥିଲୁ, ସତ କହିବାକୁ ଗଲେ, ଏହା ବ୍ୟାପୁଥିବା ଦୁନିଆ, ଆମର ଦୁନିଆ ନଥିଲା । ସେସବୁ ଘଟଣା ଆମ ପାଇଁ କୌଣସି ଏକ ଦୂର ଦେଶର କାହାଣୀ ପରି ଥିଲା । ଏ ପ୍ରକାର କରୋନା ସଂକ୍ରମଣ ଏବଂ ଅଗଣିତ ମଣିଷଙ୍କର ମୃତ୍ୟୁ ଖବର ଯେତେ ସତ କଥା ହେଉନା କାହିଁକି, କିନ୍ତୁ ଯେଉଁ ଲୋକମାନେ ଆକ୍ରାନ୍ତ ହେଉଥିଲେ ଅବା ମରି ଯାଉଥିଲେ, ସେମାନଙ୍କ ଭିତରୁ କେହି ଜଣେବି ଆମ ନିଜର ନଥିଲା । ସେମାନଙ୍କ ଠାରୁ ଆମର ଦୂରତା ବହୁତ ଅଧିକ ଥିଲା । ଚାଇନାର ୟୁହାନ୍ ସହର ଆମଠାରୁ ସତରେ ବହୁତ ଦୂରରେ ଥିଲା ।

ଚାଇନାର ୟୁହାନ ସହରରେ ଏହି ଭୂତାଣୁ ସଂକ୍ରମଣ ସତ୍ତ୍ୱେ, ଅର୍ନ୍ତରାଷ୍ଟ୍ରୀୟ ବିମାନ ଓ ଜାହଜ ଚଳାଚଳ ବନ୍ଦ ନଥିଲା । ଲୋକେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଅବାଧରେ ଯିବା ଆସିବା କରୁଥିଲେ । ଚାଇନାରୁ ମଣିଷ ଏବଂ ଅନ୍ୟ ଜିନିଷ ବିନା କିଛି ବାଧାରେ ଆମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଶକୁ ଏବଂ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଯାଆସ କରୁଥିଲା । ଉହାନରେ ଯେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇଗଲା, ସେତେବେଳେ ସେଠାରେ ଫସି ରହିଥିବା ବିଭିନ୍ନ ଦେଶର ଅନେକ ନାଗରିକମାନଙ୍କୁ ସେମାନଙ୍କ ଦେଶର ସରକାର ଫେରାଇ ନେଲେ, ଆମ ସରକାର ମଧ୍ୟ ସେଠାରେ ଫସିରହିଥିବା ଅନେକ ଭାରତୀୟ ନାଗରୀକ ତଥା ଛାତ୍ରଙ୍କୁ ଦେଶକୁ ଫେରାଇ ଆଣିଲେ ।

ସମୟ ଗଡି ଚାଲିଲା, କିଛିଦିନ ଭିତରେ ପରିସ୍ଥିତି ଏପରି ଅଣାୟତ ହୋଇପଡିଲା ଯେ ଏହି ଭୟଙ୍କର ଭୂତାଣୁ ଆମ ଦେଶରେ ମଧ୍ୟ ପହଞ୍ଚିଗଲା । କେରଳରେ କିଛି ଦୂବାଇ ଫେରନ୍ତାଙ୍କ ଶରୀରରେ ଏହାର ସଂକ୍ରମଣ ଦେଖିବାକୁ ମିଳିଲା । କେରଳ ମୋ ନିଜ ଦେଶରେ ଥିଲା, ତଥାପି ଏହା ମୋ ସହର ଠାରୁ କିଛି ହଜାର ମାଇଲ ଦୂରରେ ଥିଲା । ଦୂରତା କେବଳ କହିବା ପାଇଁ ଅଧିକ ଥିଲା, କିନ୍ତୁ ବାସ୍ତବରେ ଏଇ ଦୂରତା କିଛିବି ନଥିଲା । ଏହା ସତେ ଯେପରି ମୋ ପଡିଶାଘରର କାହାଣୀପରି ଥିଲା । ତଥାପି କିଛି ନ ହୋଇଥିଲା ପରି ଆମେ ସମସ୍ତେ ନିଶ୍ଚିନ୍ତ ଥିଲୁ । ଜନ ଜୀବନ ସାମାନ୍ୟ ଥିଲା । ସାଧାରଣ ଦିନମାନଙ୍କ ପରି ଜୀବନଚର୍ଯ୍ୟା ଜାରି ରହିଥିଲା ।

କିଛି ଦିନ ଏମିତି ବିତିଗଲା, ଖବର ଏବେ ବିଦେଶର ନଥିଲା । କାହାଣୀର ସବୁ ଘଟଣା ମୋ ଦେଶରେ ହିଁ ଘଟୁଥିଲା, ମୋ ଦେଶର ବଡ ବଡ ନଗରୀମାନଙ୍କରେ ଘଟୁଥିଲା । କରୋନା ମହାମାରୀ ମୋ ଦେଶର ରାଜଧାନୀ ଦିଲ୍ଲୀ, ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଲିକତା ପରି ମହାନଗରୀ ମାନଙ୍କରେ ପହଞ୍ଚି ଯାଇଥିଲା । ବିଦେଶରେ 'କରୋନା' ମହାମାରୀର ରୂପ ନେଇ ସାରିଥିଲା, ବିଶ୍ୱର ଅତି ବିକଶିତ ଦେଶମାନଙ୍କରେ କରୋନାର ତାଣ୍ଡବ ଲୀଳା ଆରମ୍ଭ ହୋଇ ଯାଇଥିଲା । କରୋନା ମୋ ଦେଶରେ ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ତାର କାୟା ବିସ୍ତାର କରିବା ଆରମ୍ଭ କରି ଦେଇଥିଲା । ତଥାପି ସବୁଦିନ ସକାଳ ପରି ଆମେ ଘରୁ ଅଫିସ ବାହାରି ଯାଉଥିଲୁ ସଂଧ୍ୟାରେ ଘରକୁ ଫେରୁଥିଲୁ । ନିତିଦିନିଆ ରୁଟିନ ଜାରି ରହିଥିଲା । ସେଦିନ ପୁଅ ମୋତେ ମୋ ଅଫିସରେ ଡ୍ରପ କରିଦେଇ ତା ଅଫିସକୁ ଚାଲିଗଲା । ସାଧାରଣ ଦିନଟିଏ, ସେଇ ନିତିଦିନିଆ ରୁଟିନ୍ କାମ । ଲଞ୍ଚ ପରେ ପରେ ମୁଁ ମୋ ଅଫିସରେ ଚା କପରେ ଚୁସକି ନେଉ ନେଉ ଏଇ କରୋନା ଖବର ବିଷୟରେ ଗପସପ କରୁଥିଲି । ଯେପରି ଆମେ କୌଣସି ହରର ଫିଲ୍ମର କାହାଣୀ ବିଷୟରେ ଡିସକସନ କରୁଥିଲୁ । ସୋସିଆଲ ମିଡିଆରେ ଖବର ଆସିଗଲା ଓଡିଶା ସରକାର ୪୮ ଘଣ୍ଟା ପାଇଁ

ଲକଡାଉନ ଘୋଷଣା କରିଛନ୍ତି । ରାତି ବାରଟାରୁ ଆସନ୍ତା ୪୮ ଘଣ୍ଟା ପାଇଁ ସବୁ ବନ୍ଦ ।

ଏ ସମୟରେ ପୁଅର ଫୋନ ଆସିଗଲା । ସେ ଯାହା କହିଲା ସେସବୁ ଶୁଣି ମୁଁ ଘଟଣାର ଗମ୍ଭୀରତା ବିଷୟରେ ବୁଝିଗଲି । ମୋତେ ଲାଗିଲା ଏସବୁ କେବଳ ୪୮ ଘଣ୍ଟା ପାଇଁ ନୁହେଁ, ବରଂ ତାଠାରୁ କିଛି ଅଧିକ ଲମ୍ବା ସମୟ ପାଇଁ ଚାଲିପାରେ । ପୁଅ କହିଲା ଆଜି ରାତି ଆଠଟାରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ କିଛି ଘୋଷଣା କରିବେ । ସେ କହିସାରିବା ପରେ ମୁଁ ତାକୁ କହିଲି, ଘରକୁ ଫୋନକରି ଆସନ୍ତା ଏକମାସ ପାଇଁ ଘରର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାସନ, ମେଡିସିନ ଆଦି ଆବଶ୍ୟକୀୟ ଜିନିଷର ଲିଷ୍ଟ ନେଇଯିବ । ସଂଧ୍ୟାରେ ଟିକେ ଜଲ୍‌ଦି ବାହାରି ଆସିବ ଅଫିସରୁ । କରୋନାର ସଂକ୍ରମଣ ଚେନ୍ କୁ ଭାଙ୍ଗିବାକୁ ହେଲେ ସଂଗରୋଧ ଜରୁରୀ । ଏ ସଙ୍ଗରୋଧ ୪୮ ଘଣ୍ଟା ପାଇଁ ନୁହେଁ ବରଂ ତାଠାରୁ କିଛି ଅଧିକ ସମୟ ପାଇଁ ଚାଲିପାରେ । ସେଦିନ ସଂଧ୍ୟରେ ଆମେ ଘରର ଆବଶ୍ୟକୀୟ ଜିନିଷ ସଂଗ୍ରହ କରି ଘରକୁ ଫେରିଲୁ ।

ମୋର ଅନୁମାନ ସତ୍ୟ ଥିଲା, ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ପନ୍ଦରଦିନ ପାଇଁ ଲକଡାଉନ ଘୋଷଣା କରିଦେଲେ । ହଠାତ୍ ଏପରି ଲକଡାଉନ୍ ବହୁତ ଲୋକଙ୍କ ଜୀବନରେ ବହୁତ କିଛି ଓଲଟ ପାଲଟ କରିଦେଲା । ଗାଡି ମଟର, ବସ, ରେଳ ବିମାନ ସେବା ସବୁ ହଠାତ୍ ବନ୍ଦ କରିଦିଆଗଲା । ଯିଏ ଯେଉଁଠି ଥିଲା, ସେଇଠି ଅଟକିଗଲା । କିଏ କଲେଜର ହଷ୍ଟେଲରେ, କିଏ ଏକୁଟିଆ ନିଜ ଫ୍ଲାଟରେ, କିଏ ତୀର୍ଥ ଦର୍ଶନରେ ଯାଇ କେଉଁ ଏକ ଅଜଣା ସହରରେ ଅସହାୟ ଭାବେ ଅଟକି ଯିବାକୁ ବାଧ୍ୟଥିଲା । ଦୋକାନ ବଜାର କଳ କାରଖାନା ସବୁ ବନ୍ଦ କରିଦିଆଗଲା । ଯେଉଁମାନେ ସରକାରୀ ଅବା ସଂଗଠିତ କ୍ଷେତ୍ରରେ କାମ କରୁଥିଲେ ସେମାନଙ୍କ କଥା ଭିନ୍ନ ଥିଲା । କିନ୍ତୁ ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ, ଶ୍ରମିକ ଏବଂ ଦିନ ମଜୁରୀ କରି ଗୁଜୁରାଣ ମେଣ୍ଟେଉଥିବା ଜନତା ଜୀବନ ଜୀବିକା ଶୂନ୍ୟ ହୋଇଗଲେ । ଗ୍ରାମୀଣ ଗରୀବ ଜନତାଙ୍କୁ ତିନିମାସର ରାସନ ଯୋଗାଇ ଦିଆଗଲା । କିନ୍ତୁ ସହରାଞ୍ଚଳର ଗରୀବମାନଙ୍କ ପାଇଁ ସେପରି କିଛି ବ୍ୟବସ୍ଥା ହୋଇନଥିଲା ।

ଅନେକଙ୍କ ପାଇଁ ନିୟମିତ ରୁଟିନ୍ ଜୀବନରୁ

Magazine Downloaded from www.aahwaan.com

ଅକସ୍ମାତ୍ ଏକ ଲମ୍ବା ଛୁଟି ମିଳିଗଲା । ୱାର୍କ ଫ୍ରମ ହୋମ ଏକ ବଢିଆ ଅପସନ୍ ଥିଲା । କିଛି ନହେଲେ, ନିଜ ପରିବାର ସହିତ ଘରେ ରହି ଅଫିସ୍ କାମ କରିହେବ । ଏ ଛୁଟିରେ ବାହାରେ

କେଉଁଠି ଛୁଟିକାଟିବାକୁ ବୁଲିଯାଇ ହେବନି ସିନା, କିନ୍ତୁ ପରିବାର ସହିତ ଛୁଟି କାଟିହେବ । କିନ୍ତୁ ଦିନ ମଜୁରୀ କରୁଥିବା ଶ୍ରମିକ, ରାସ୍ତାକଡରେ ଠେଲା ଲଗାଇ ପରିବା, ଫଳ ବିକୁଥିବା ବୁଲା ବେପାରୀ ଅବା ଫାଷ୍ଟଫୁଡ ଠେଲା ଲଗାଇ ଜୀବିକା ଚଳାଇ ନିଜ ପରିବାରର ପେଟ ପୋଷୁଥିବା ଲୋକଟିର କଥା କିଏ ଭାବୁଛି ।

ଜୀବନ ସମସ୍ତଙ୍କ ପାଇଁ ସମାନ ନଥିଲା । କେହି ଏ ଛୁଟିର ମଜା ନେଉଥିଲା, ଆଉ କେହି ପିଲାଛୁଆଙ୍କର ଭୋକିଲା ପେଟ କଥା ଭାବୁଥିଲା । ମାର୍ଚ୍ଚ ଏପ୍ରିଲ୍ ମାସର ଅଗ୍ନିବର୍ଷି ସୂର୍ଯ୍ୟ ତଳେ, ଶୁନସାନ୍ ରାସ୍ତାରେ ପୋଲିସ୍ ପହରା ଦେଉ ଥାଆନ୍ତି, ଆଉ କିଛି ଉଦଣ୍ଡ ଯୁବକ ସହରର ଦୃଶ୍ୟ ଦେଖିବାକୁ ବୁଲି ବାହାରୁଛନ୍ତି । ପୋଲିସ୍ ମେମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି, କେହି ଅମାନିଆ ହେଲେ ଆବଶ୍ୟକ ସ୍ଥଳେ ସେମାନଙ୍କ ଠେଙ୍ଗାର ସଦୁପଯୋଗ କରୁଥାଆନ୍ତି । ଟି.ଭି, ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର ଖବର, କିଏ ଟିକଟକ୍ କରି ପୋଷ୍ଟ କରୁଛି ତ କିଏ ଗୁଜବ ପ୍ରଚାର କରୁଛି । ଟିଭି ଖବରରେ ଆକ୍ରାନ୍ତ ଏବଂ ମୃତ୍ୟୁର ଖବର । ସତେ ଯେପରି ଆମେ

Magazine Downloaded from www.aahwaan.com

କୌଣସି ମହାଯୁଦ୍ଧର ଧାରାବିବରଣୀ ଦେଖୁଛୁ । ଦେଶରେ କେତେ, ବିଦେଶରେ କେତେ ? କାଲି ଆକ୍ରାନ୍ତ ସଂଖ୍ୟା କେତେ ଥିଲା ମୃତ୍ୟୁ ସଂଖ୍ୟା କେତେ ଥିଲା, ଆଜି କେତେ ବଢିଲାର ଉଦବେଗ । କରୋନା ଆମ ସହରରୁ, ଆମ ହାଉସିଙ୍ଗ କମ୍ପ୍ଲେସରୁ ଆମ ଫ୍ଲାଟରୁ କେତେ ଦୂରରେ ଅଛି ଏଇ ଚିନ୍ତା ସମସ୍ତଙ୍କର ମନକୁ ଦୁର୍ବଳ କରି ଦେଉଥିଲା । ଆମ ସହରରେ ଏବେ କରୋନା ନାହିଁ, ବଡ ଆସ୍ୱସ୍ଥ ଅନୁଭବ ହେଉଥିଲା । ଆମର ମନେ ହେଉଥିଲା ବୋଧହୁଏ କରୋନା ଆମ ପର୍ଯ୍ୟନ୍ତ ପହଞ୍ଚି ପାରିବନି । କିନ୍ତୁ ଏ ଆସ୍ୱସ୍ଥି ଲମ୍ବା ସମୟ ପାଇଁ ରହିଲାନି । ପରଦିନ ସକାଳ ଖବରରେ ଆସିଗଲା, ଭୂବନେଶ୍ୱରରେ ପ୍ରଥମ କରୋନା ପେସେଣ୍ଟଙ୍କ ଖବର । ବିଦେଶରୁ ଫେରିଥିବା ଯୁବକ, କିଛିଦିନ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ଥିଲେ, ଚିକିତ୍ସା ପରେ ଠିକ୍ ନହେବାରୁ ସରକାରୀ ଡାକ୍ତରଖାନାକୁ ଆସିଥିଲେ, ସେଠାରେ ବିଭିନ୍ନ ପରୀକ୍ଷଣ ପରେ ଜଣାପଡିଲା ସେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ।

ମନରେ ଡର ପଶିଗଲା । ତଥାପି ହୃଦୟରେ ସାହସ ଥିଲା, ସେ ସ୍ଥାନ ମୋ ରହୁଥିବା ଅଞ୍ଚଳ ପଟିଆ ଠାରୁ ତଥାପି କିଛି ଦୂରରେ ଥିଲା । ମନରେ ଟିକେ ଦମ୍ଭ ଆସିଲା । ଆମେ ଏବେବି କରୋନା ଠାରୁ ଦୂରରେ ଥିଲାପରି ଅନୁଭବ କରୁଥିଲୁ । ଜୀବନ ସାମାନ୍ୟ ଥିଲା, ସାଧାରଣ ଦିନମାନଙ୍କ ପରି ଜୀବନଚର୍ଯ୍ୟା ଚାଲୁ ରହିଥିଲା । ଘରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଉଥିଲା । ବୋହୂ କେବେ ୟୁଟୁବ୍ ରୁ ଦେଖି ପିଜା ପ୍ରସ୍ତୁତ କରୁଥିଲା ତ ପତ୍ନୀ କେବେ ଚାଟ୍, ପକୋଡି, ଗୁପଚୁପ୍ ପରସି ଦେଉଥିଲେ ଟେବୁଲ ଉପରେ । କେବେ ବୋହୂର କେକ୍ ଏକ୍ସପେରିମେଣ୍ଟ, ଆଉ କେବେ ଆଉ କିଛି ନୁଆ ବ୍ୟଞ୍ଜନ । ଟିଭି ଖବର ଦେଖିଲେ ଚିନ୍ତା କିଛି ବଢିଯାଉଥିଲା, ଶ୍ମଶାନବୈରାଗ୍ୟ ଭାବନା ମନରେ ଆସୁଥିଲା, ମନେ ହେଉଥିଲା କରୋନା ସତେ ଆମ ଘରର କଲିଂବେଲ ବଜାଉଛି । ଏ ପରିସ୍ଥିତି କେବଳ ମୋ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘର, ମୋ ପରିବାରର ନଥିଲା, ବରଂ ପ୍ରାୟ ସବୁ ପରିବାରର ଅବସ୍ଥା ଏକାପରି ଥିଲା ।

ଡାଲି ଚାଉଳ ପରି ରାସନ ସାମଗ୍ରୀ ସିନା ଜମାକରି ରଖିହେବ କିନ୍ତୁ ପନିପରିବା, ଫଳ, ଖିର ? ଏସବୁ ପାଇଁ ବାହାରକୁ ବାହାରିବା ଜରୁରୀ ଥିଲା । ମାସ୍କ ପିନ୍ଧିବାକୁ ଅଡୁଆ ଲାଗୁଥିଲେ ବି ବାଧ୍ୟ ହୋଇ ପିନ୍ଧିବାକୁ ପଡୁଥିଲା । ବାହାରୁ ଘରକୁ ଆସିଲେ ସବୁ ପୋଷାକକୁ ଧୋଇବା ପାଇଁ ଅଲଗା ରଖିବା ସହିତ ହାତକୁ ସାନିଟାଇଜର କିମ୍ବା ହାଣ୍ଡୱାସରେ ବାରମ୍ବାର ଧୋଇବାକୁ ପଡୁଥିଲା । ଥରେ ବାହାରକୁ ଗଲେ ସପ୍ତାହକ ପାଇଁ ପନିପରିବା, ଖିର ଆଦି ଆଣି ଫ୍ରିଜରେ ସାଇତି ରହିବାକୁ ହେଉଥିଲା ।

ପ୍ରଥମେ ପ୍ରଥମେ କିଛିଦିନ ବଡ ଆନନ୍ଦରେ କଟିଗଲା, କିନ୍ତୁ ସଟଡାଉନ, ଲକଡାଉନ ୱାନ୍, ଟୁ, ଥ୍ରୀ ପୁଣି ଫୋର୍, ସମୟ ସହିତ ଜୀବନ ସତେ ଦୂରୁହ ହୋଇ ପଡୁଥିଲା । ବୟସ୍କ ମାନଙ୍କ କଥା ଭିନ୍ନ ଥିଲା, କିନ୍ତୁ ଛୋଟ ପିଲାମାନଙ୍କୁ ସମାଳିବା କଷ୍ଟ ହୋଇ ପଡୁଥିଲା । କେତେ ଦିନ ସେମାନଙ୍କୁ ଘରଭିତରେ ବନ୍ଦକରି ରଖିହେବ ? ସାଙ୍ଗ ସାଥି ଖେଳକୁଦ୍ ଏ ସବୁ ବନ୍ଦ । ପରିବାର ଭିତରେ ମହିଳାମାନଙ୍କ ଉପରେ କାମର ଚାପ ବଢି ବଢି ଚାଲିଥିଲା । ବେଳ ଅବେଳରେ ଚା ତିଆରି କରିବା, ସକାଳ ଜଳଖିଆ, ଦିପହର ଲଞ୍ଚ, ସଧ୍ୟାରେ ପୁଣି ଟିଫିନ୍, ରାତିର ଡିନର, ସକାଳୁ ରାତି ଶୋଇବା ପର୍ଯ୍ୟନ୍ତ ଘରର ମହିଳାମାନଙ୍କୁ ବିଶ୍ରାମ ମିଳୁ ନଥିଲା । ପୁରୁଷମାନେ ମଧ୍ୟ ଘରେ ବସି ବସି ବୋର ହେବାକୁ ଲାଗିଲେଣି ।

ଇଟାଲି, ଫ୍ରାନ୍ସ, ଜର୍ମାନ ଏବଂ ଆମେରିକା ପରି ଅତି ବିକଶିତ ମହାଶକ୍ତିମାନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନା ଆଗରେ ହାରମାନି ହାତଟେକି ସାରିଲେଣି । ଲକ୍ଷାଧିକ ମଣିଷ ବଳିପଡି ସାରିଲେଣି କରୋନା ମହାମାରୀରେ । ଭାରତ ପରି ଜନବହୁଳ ବିକାଶଶୀଳ ଦେଶ ଏହି ଲକଡାଉନ, ସାମାଜିକ ଦୂରତା ରଖି କରୋନା ସଂକ୍ରମଣ ଉପରେ କିଛିଟା ଅଂକୁଶ ଲଗାଇବାରେ ସଫଳ ହୋଇଛି । କିନ୍ତୁ ପରବର୍ତ୍ତୀ ସମୟରେ ଲକଡାଉନ ତୃତୀୟରେ କିଛି କୋହଳ କରାଯାଇ ଫସି ରହିଥିବା ଲୋକଙ୍କୁ ନିଜସ୍ଥାନକୁ ଫେରିବାର ଅନୁମତି ମିଳିଗଲା । ତା ପରେ ଆରମ୍ଭ ହୋଇଗଲା 1947 ଅଗଷ୍ଟ 14 ତାରିଖ ଦୃଶ୍ୟର ପୁନରାବୃତ୍ତି । ଶହ ଶହ ପ୍ରବାସୀ ଶ୍ରମିକ ନିଜ ପ୍ରଦେଶକୁ ଫେରିବାର ପ୍ରଚେଷ୍ଟା । ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପସଂସ୍ଥା ସବୁ ବନ୍ଦ, ଶ୍ରମିକମାନଙ୍କ ପାଇଁ କାମନାହିଁ, ବିନା କାମରେ ପାରିଶ୍ରମିକ ନାହିଁ । ବିଦେଶରେ ପେଟପୋଷିବାର ସାଧନ ନାହିଁ । ସମସ୍ତେ ଘରମୁହାଁ, ଯାହା ପାଖରେ ଯାହାକିଛି ବଞ୍ଚିଥିଲା ସବୁ ଖର୍ଚ୍ଚକରି ଘରେ ପହଞ୍ଚିବାର ଯୋଜନା ।

କିଛିଲୋକ ନିଜ ପଇସାରେ ବସଭଡା କରି ଫେରିବା ଆରମ୍ଭ କରି ଦେଲେ, କିନ୍ତୁ ଅତ୍ୟଧିକ ବସଭଡା ଦେଇ ଘରକୁ ଫେରିବା ସମସ୍ତଙ୍କ ଦ୍ୱାରା ସମ୍ଭବ ନଥିଲା । ଅନେକ ଲୋକେ ପାଦରେ ଚାଲିବା ଆରମ୍ଭ କରି ଦେଲେ । ଶହଶହ ଲୋକ ହଜାର ହଜାର ମାଇଲ ରାସ୍ତା ପାଦରେ ଚାଲି ଚାଲି ଯିବାପାଇଁ ରାଜରାସ୍ତାକୁ ଓହ୍ଲେଇ ପଡିଲେ । ଛୋଟ ଛୋଟ ପିଲାମାନଙ୍କୁ ଧରି ବାପା ମାଆ, ନିଜର ଗର୍ଭବତୀ ପତ୍ନୀକୁ ସାଙ୍ଗରେ ଧରି ଅସହାୟ ଶ୍ରମିକ, ଏପ୍ରିଲ ମାସର ଦେହଜଳା ସୂର୍ଯ୍ୟକୁ ଭୃକ୍ଷେପ ନକରି ଚାଲିଥାନ୍ତି । ମୁଣ୍ଡ ଉପରେ ଜ୍ୱଳନ୍ତ ସୂର୍ଯ୍ୟ, ପାଦତଳେ ଝାମୁଜାତ୍ରାର ଜ୍ୱଳନ୍ତ ରଡନିଆଁ ପରି ତରଳା ପିଚୁ, ଭୋକରେ ଜଳୁଥିବା ପେଟ, ତୃଷାରେ ଶୁଖିଯାଉଥିବା କଣ୍ଠ ଆଉ ଶହଶହ ପ୍ରବାସୀ ଶ୍ରମିକ । କିଏ ଭାବୁଛି ସେମାନଙ୍କ କଥା ? ସରକାର ?, ବିରୋଧୀ ଦଳ ? ? ନା କେହି ନୁହେଁ, ଦରିଦ୍ର ଭାଗରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାଲି ଭାଷଣ ଶୁଣିବା, ଆଶ୍ୱାସନା ପାଇବା ଲେଖାଥାଏ ।

ଲକଡାଉନ ବନ୍ଦ ଯୋଗୁ ଶିଳ୍ପ, ବାଣିଜ୍ୟିକ ପ୍ରତିଷ୍ଠାନ ମାନଙ୍କର ଅନେକ କ୍ଷତି ହୋଇଛି । ସେମାନଙ୍କର କ୍ଷତିପୁରଣ କରି ପୁଣି କାମ ଆରମ୍ଭ କରି କର୍ମ ସଂସ୍ଥାନ ସୃଷ୍ଟି କରିବାକୁ ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କାର ପୁଞ୍ଜି, ପ୍ୟାକେଜ୍ ହିସାବରେ ବଡ ବଡ ଶିଳ୍ପପତି, ବ୍ୟବସାୟିକ ସଂସ୍ଥା ମାନଙ୍କ ପାଇଁ ବନ୍ଦୋବସ୍ତ କରି ଦିଆଗଲା । ଗରୀବ ଶ୍ରମିକ ଭାଗରେ କିଛି ପଇସା କେବେ କେମିତି ପହଞ୍ଚିବ ତାର କିଛି ହିସାବ କିନ୍ତୁ କାହି ପାଖରେ ନଥିଲା । ସରକାର ତଥା ଆମର ବୁଦ୍ଧିଜୀବି ମାନଙ୍କର ହିସାବରେ ଦେଶର ଅର୍ଥନୀତିର ଡୋରୀ ଏଇ ବଡ ବଡ ବ୍ୟବସାୟୀଙ୍କ ହାତରେ । ତାଲାବନ୍ଦ ଯୋଗୁ ଶିଳ୍ପପତି, ପୁଞ୍ଜିପତି ମାଲିକ ମାନଙ୍କର ବ୍ୟାପକ କ୍ଷତି ହେଲା, ତାହାର ଭରଣା ପାଇଁ ସରକାର ପ୍ୟାକେଜ ଘୋଷଣା କରିଦେଲେ । ବିଚରା ଗରୀବ ଶ୍ରମିକର କଣ କିଛି କ୍ଷତି ହୋଇଛି ?? କିନ୍ତୁ ତାର ହିସାବ କଣ ସରକାରଙ୍କ ପାଖରେ ଅଛି ? ନା' ତାର ହିସାବ କାହା ପାଖରେ ନାହିଁ ।

ଗରୀବ ଶ୍ରମିକ କେବଳ ନିଜର ରକ୍ତ ଜଳାଇ ଜାଣେ, ଜଳନ୍ତା ଭାଟି ସାମ୍ନାରେ ନିଜ ଦେହର ଝାଳବୁହାଇ ଜାଣେ, ଦେଶର ଅର୍ଥନୀତିକୁ ତାର ଅବା ଅବଦାନ କଣ ଅଛି ????

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲକଡାଉନ ଫୋରରେ ସର୍ତ୍ତ ମୂଳକ କୋହଳ କରାଯିବା ପରେ ଏବେ ଶିଳ୍ପସଂସ୍ଥା ଗୁଡିକ ଧୀରେ ଧୀରେ ଖୋଲିବା ଆରମ୍ଭ ହୋଇଗଲା । କିନ୍ତୁ ଶିଳ୍ପସଂସ୍ଥା ଗୁଡ଼ିକ ଚାଲିବ କିପରି ? ମହାନରଗରୀ ମାନଙ୍କରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଶିଳ୍ପସଂସ୍ଥା ଗୁଡିକରେ କାମ କରୁଥିବା ପ୍ରବାସୀ ଶ୍ରମିକମାନଙ୍କର ପଳାୟନ ହୋଇ ସାରିଛି । କାମ କରିବାକୁ ଶ୍ରମିକ ନାହାନ୍ତି । ଯେଉଁ ସଂସ୍ଥା ଗୁଡିକ ଏହି ଶ୍ରମିକମାନଙ୍କର ବିନିଯୋଗ କରି କୋଟି କୋଟି ଟଙ୍କା ଲାଭ କରିଥିଲେ, ସେମାନେ ଏଇ ଦୁର୍ଦ୍ଦିନରେ ଶ୍ରମିକ ମାନଙ୍କର ହାତ ଛାଡିଦେଲେ । ଦୁଇମାସ ପାଇଁ, ଦେଶର ବୋଝ ଉଠାଉଥିବା ଏ ଶ୍ରମିକମାନେ ଅନାଥ ହୋଇଗଲେ, ଭୋକ ଓପାସରେ ଧୁ ଧୁ ଖରା ତାତିରେ ହଜାର ହଜାର ମାଇଲ ରାସ୍ତା ପାଦରେ ଚାଲିଲେ, ସେମାନଙ୍କର କଥା ନା ସରକାର ଶୁଣିଲେ, ନା ଶିଳ୍ପପତି ମାନେ ।

ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡା ବିଭିନ୍ନ ପ୍ରଦେଶର ଚିନ୍ତା ବଢାଇ ଦେଇଛି । ନିୟନ୍ତ୍ରଣରେ ଥିବା କରୋନା ସଂକ୍ରମଣ ହଠାତ୍ ବେକାବୁ ହେବାକୁ ଆରମ୍ଭ କରିଛି, ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଛି ତା ସହିତ ଆକ୍ରାନ୍ତଙ୍କ ମୃତ୍ୟୁ ହାର ବି । ଗୋଟିଏ ଦିଗରେ ଦେଶର ଅର୍ଥନୀତି ଅନ୍ୟ ଦିଗରେ କୋଟି କୋଟି ଜନତାଙ୍କର ଜୀବନ । ଏହି ଦୁଇଟି ଅତି ସମ୍ବେଦନଶୀଳ ବିଷୟ ମଧ୍ୟରେ ତାଳମେଳ ରଖିବାକୁ ସରକାର ପୁରା ଚେଷ୍ଟା କରୁଛନ୍ତି । ଏହା ସହିତ ଜନ ସାଧାରଣ ସଚେତନ ରହି ନିଜ ସ୍ୱାସ୍ଥ୍ୟ ପ୍ରତି ଜତ୍ନବାନ ହେବାକୁ ହେବାକୁ ପଡିବ । କରୋନା ପାଇଁ ପ୍ରସ୍ତୁତ ହୋଇଥିବା ସମସ୍ତ ଆଇନ କାନୁନ୍ କୁ ଅକ୍ଷରେ ଅକ୍ଷରେ ପାଳନ କରି ସରକାରଙ୍କ ସହଯୋଗ କରିବାକୁ ହେବ । ଅନାବଶ୍ୟକ ବାହାରକୁ ନବାହାରିବା, ବାହାରକୁ ଗଲାବେଳେ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତାକୁ ମାନିବା, ବାହାରୁ ଘରକୁ ଫେରିଲେ ନିଜର ପୋଷାକ ଧୋଇବା, ହାତକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାନିଟାଇଜର କିମ୍ବା ହାଣ୍ଡୱାସରେ ବାରମ୍ବାର ଧୋଇବା ଆଦି ନିଶ୍ଚୟ ପାଳନ କରିବାକୁ ହେବ ।

ଏହି ବିଶ୍ୱ ମହାମାରୀକୁ ପରାସ୍ତ କରିବା ପାଇଁ ଆମ ଦେଶର ଶହ ଶହ ଡାକ୍ତର, ହଜାର ହଜାର ନର୍ସ, ସ୍ୱାସ୍ଥ୍ୟ ସହାୟକ କର୍ମଚାରୀ, ଲକ୍ଷ ଲକ୍ଷ ପୋଲିସ, ସାମ୍ବାଦିକ ଆଦି କରୋନା ଯୋଦ୍ଧା ଦିନରାତି ନିଜର ସ୍ୱାସ୍ଥ୍ୟ ପ୍ରତି ଖାତିର ନକରି ନିଜ ପରିବାରକୁ ପଛରେ ପକାଇ ଆମର ସୁରକ୍ଷା ପାଇଁ ପଣ ନେଇଛନ୍ତି । ଧନ୍ୟ ସେମାନଙ୍କର ସେବା ଭାବନା । ଆମକୁ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ହେବ । ସେମନାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଆମେ ଆଜି ସୁରକ୍ଷିତ ଅଛେ । ଦେଶର ଏହି ବୀରପୁତ୍ର, କନ୍ୟାମାନଙ୍କୁ ମୋର ପ୍ରଣାମ ।

ବୈଜ୍ଞାନିକମାନଙ୍କ କହିବା ଅନୁସାରେ କରୋନା ଭୂତାଣୁ ଏତେ ଶିଘ୍ର ପୃଥିବୀ ଛାଡି ସମ୍ପୂର୍ଣ୍ଣ ରୂପେ ଚାଲିଯିବ ନାହିଁ । ଅନ୍ୟାନ୍ୟ ଭୂତାଣୁ ମାନଙ୍କ ପରି କରୋନା ଭୂତାଣୁ ମଧ୍ୟ ଆମ ସହିତ ରହିବ । ଆମକୁ କରୋନା ସହିତ ବଞ୍ଚିବା ଶିଖିବାକୁ ପଡିବ । ଶିଶୁ ଏବଂ ବୃଦ୍ଧମାନଙ୍କ ବ୍ୟତୀତ ଅନ୍ୟ ମାନଙ୍କୁ ବାହାରକୁ ବାହାରିବାକୁ ପଡିବ, ସାମାନ୍ୟ ଦିନମାନଙ୍କ ପରି ନିଜ ନିଜର କାର୍ଯ୍ୟ ସମ୍ପାଦନ କରିବାକୁ ହେବ, କିନ୍ତୁ ସର୍ତ୍ତମୂଳକ ଭାବେ । ବାହାରକୁ ବାହାରିଲେ ମାସ୍କ ପିନ୍ଧିବାକୁ ହେବ, ସାମାଜିକ ଦୂରତା ମାନିବାକୁ ହେବ ।

ବର୍ତ୍ତମାନ ଅଧିକାଂଶ କରୋନା ପିଡିତଙ୍କ ମଧ୍ୟରେ ଏ-ସିମଟମିକ୍ ରୋଗୀ ଅନେକ । ଯେଉଁମାନଙ୍କ ଦେହରେ କରୋନା ଭୂତାଣୁ ରହିଛି ଅଥଚ କରୋନାର କୌଣସି ସ୍ପଷ୍ଟ ଲକ୍ଷଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦେଖାଯାଉ ନାହିଁ । ଆମମାନଙ୍କ ଭିତରେ କିଏ ସୁସ୍ଥ ଏବଂ କିଏ ଏ-ସିମଟମିକ୍ ଏହା କହିବା ଅତ୍ୟନ୍ତ କଷ୍ଟକର । ତେଣୁ ଆମକୁ ମାନି ନେବାକୁ ହେବ ଯେ, ଆମେ ସମସ୍ତେ ଏ-ସିମଟମିକ୍ କରୋନା ରୋଗୀ । ଏହି ଧାରଣାକୁ ମନରେ ରଖି ଆମକୁ ସାବଧାନ ରହି ବାହାରକୁ ବାହାରିବାକୁ ହେବ । ସମ୍ଭବତଃ ଏହାଦ୍ୱାରା ହୁଏତ ଆମ ଶରୀରରେ ସୀମିତ ମାତ୍ରାରେ କରୋନା ଭୂତାଣୁ ପ୍ରବେଶ କରିପାରେ, ଏବଂ ଆମେ କରୋନା ଦ୍ୱାରା ସଂକ୍ରମିତ ହୋଇପାରୁ । ଠିକ୍ ଯେପରି ବିସିଜି ଟିକା ଦ୍ୱାରା ଆମ ଦେହରେ ସୀମିତ ମାତ୍ରାରେ ଭୂତାଣୁ ଛାଡି ଦିଆଯାଏ ଏବଂ ଆମ ଶରୀର ଏହି ସୀମିତ ଭୂତାଣୁ ବିରୁଦ୍ଧରେ ଲଢି ଆଣ୍ଟିବଡି ସୃଷ୍ଟି କରେ ଏବଂ ଆମର ରୋଗ ପ୍ରତିଷେଧକ ଶକ୍ତିକୁ ଏହି ରୋଗ ବିରୁଧରେ ଶକ୍ତିଶାଳୀ କରାଏ । ଏହି ପରି ବାହାରକୁ ବାହାରିବା ଦ୍ୱାରା ଆମେ ସୀମିତ ମାତ୍ରାରେ କରୋନା ଭୂତାଣୁ ଗ୍ରହଣ କରିପାରୁ । ଏହି ସୀମିତ ଭୂତାଣୁ ଆମ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ଆଣ୍ଟିବଡି ସୃଷ୍ଟି କରି ପାରିବ, ଯାହାକୁ ଇଂଗ୍ରାଜୀରେ Herd immunity କୁହାଯାଏ । ଆମକୁ ଖୁବ୍ ଶିଘ୍ର ଏହି Herd immunity ପ୍ରାପ୍ତ କରିବାକୁ ହେବ । ଯେ ପର୍ଯ୍ୟନ୍ତ କରୋନା ବିରୁଦ୍ଧରେ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ବିକଶିତ ନହୋଇଛି କିମ୍ବା ଟିକା ଆବିଷ୍କାର ନ ହୋଇଛି ସେ ପର୍ଯ୍ୟନ୍ତ ଏହାହିଁ କରୋନାର ଶେଷ ସମାଧାନ ।

ଗଳ୍ପ ଲେଖା ସରିଲା ସମୟରେ ଆମଦେଶ ଭାରତରେ କରୋନାର ଚିତ୍ର ।ଏପ୍ରିଲ ୨୫-୨୦୨୦ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ୨୬୨୮୩ ଥିଲା ଏବଂ ଠିକ ଏକମାସ ପରେ ମେ ୨୫-୨୦୨୦ଦିନ ଏହି ସଂଖ୍ୟା ୫.୫ ଗୁଣା ବୃଦ୍ଧିପାଇ ୧,୪୪,୮୬୮ରେ ପହଞ୍ଚିଛି । ଆମର ସ୍ଥାନ ବିଶ୍ୱରେ ସର୍ବାଧିକ ଆକ୍ରାନ୍ତ ଦେଶ ମାନଙ୍କ ମଧ୍ୟରେ ଦଶମ ସ୍ଥାନ ।

ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବନସ୍ତେ ଡାକୁଛି ଗଜ

ଇଂ ବିଦ୍ୟାଧର ପଣ୍ଡା

ବନସ୍ତେ ଡାକୁଛି ଗଜ, ଏବର୍ଷ କରୋନା ରଜ । କରୋନା ଭୂତାଣୁ ଭୟ । ବିଶ୍ୱରେ ଛଅସ୍ତରି ଲକ୍ଷ ଆକ୍ରାନ୍ତକୁ ଚାରିଲକ୍ଷ ଚବିଶହଜାର ଲୋକଙ୍କର ସ୍ୱର୍ଗବାସ ଖବର ଶୁଣି ଗଜର ପିଲ୍ହେଇ ପାଣି, ଡାକିବାକୁ ସାହସ ନାହିଁ । ରଜମଉଜ ପୁରା ଫିକା । ସରକାରଙ୍କର ଅସଂଖ୍ୟ ପରାମର୍ଶ କର୍ଫ୍ୟୁ ନିର୍ଦ୍ଦେଶରେ ଆଉ କି ରଜ ପାଳନ ! ରଜ ହର୍ଷ ଉଲ୍ଲାସ ଓ ମିଳନର ଏକ ନିଆରା ପର୍ବ । ଗ୍ରୀଷ୍ମ ଓ ବର୍ଷାଋତୁର ସନ୍ଧିକ୍ଷଣରେ ପ୍ରତିବର୍ଷ ଆସେ ଏଇ ନିଆରା ରଜପର୍ବ । ରଜ ପରେପରେ ଗ୍ରୀଷ୍ମଋତୁ ବିଦାୟ ନିଏ । ବର୍ଷା ଆଗମନରେ ଧରଣୀମାଆ ଉଲ୍ଲସିତ ହୋଇ ଉପଜ କ୍ଷମତାସମ୍ପର୍ଣ୍ଣ ହୁଏ । ଚାଷୀପୁଅ ଅନ୍ତର ମନରେ ଅନେକ ସମ୍ଭାବନାର ସ୍ୱପ୍ନ ବୁଣେ । ଏହି ରଜପର୍ବ ହିଁ ଭୂମିପୂଜାର ଅପୂର୍ବ ପର୍ବ । ମାଟିମାଆକୁ ପୂଜାକରି ଚଷା ଚାଷକାମ ଆରମ୍ଭ କରେ । ଆମଦେଶ ଭାରତର ଏବଂ ରାଜ୍ୟ ଉତ୍କଳର ସଂସ୍କୃତି ଓ ଧାର୍ମିକ ପରମ୍ପରା ମହାନ୍ । ଅବଧାରିତ ଅଧ୍ୟାତ୍ମିକ ଚେତନା ତଥା ଦିଗ୍ଦର୍ଶନରେ ଭାରତ ହିଁ ବିଶ୍ୱରେ ପୁରାତନ ଏବଂ ଶୀର୍ଷସ୍ଥାନ ଅଧିକାର କରିଛି । ଆମ ସଂସ୍କୃତିରେ ଗିରି ଗୋବର୍ଦ୍ଧନି, ମନ୍ଦର, ଅସଂଖ୍ୟ ନଦନଦୀ, ବୃକ୍ଷଲତା ସହ ମାଟିମାଆର ଯେଉଁ ପୂଜାବିଧି ସବୁ ରହିଛି ତଦ୍ଦ୍ୱାରା ପରିବେଶ ରକ୍ଷା ଦିଗରେ ମଣିଷ ଅନେକ ସୁଫଳ ପାଉଛି । ହିନ୍ଦୁସମାଜର ପୌରାଣିକ ମତାନୁସାରେ ଧରଣୀ ମାଆ ରଜପର୍ବରେ ରଜସ୍ୱଳା ବା ଋତୁମତି ହୁଅନ୍ତି । ତେଣୁ ସମସ୍ତ ମାତୃଶକ୍ତି ସମ୍ପର୍ଣ୍ଣ ମା'ଭଉଣୀମାନେ ରଜ ତିନିଦିନ ବହୁତ ହର୍ଷଉଲ୍ଲାସର ସହିତ ନାନାଦି ପ୍ରକାର ଉତ୍ସବ ପାଳନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରନ୍ତି । ଖାଲିପାଦରେ ଲିବା ମନା, ହଳ ନିଷେଧ ଆଦି ଅନେକ ପରଂପରା ଅଛି । କଦଳୀ ବାସୁଙ୍ଗା କିମ୍ବା ଗୁଆଖୋଳପାରେ ଜୋତା ତିଆରି କରି ପାଦରେ ପିନ୍ଧି ଧିରେଧିରେ ଚଲାବୁଲା କରନ୍ତି ।

ଉତ୍ସବର ପ୍ରଥମଦିନକୁ ପହିଲିରଜ କୁହାଯାଏ । ଏ ଦିନକୁ ଗାଁ ଗହଳିରେ ସଜବାଜ ଦିନ ମଧ୍ୟ କହିଥାନ୍ତି । ଝିଅ ବୋହୂମାନେ ନୂଆନୂଆ ପୋଷାକ ଓ ଶାଢୀପିନ୍ଧି ଶରୀରକୁ ଭଲଭାବରେ ସଜେଇ ସାହିରୁ ସାହି ବୁଲିବୁଲି ଦୋଳି ଖେଳନ୍ତି । ସଜବାଜ ପରଦିନ ଆସେ ମଝିରଜ ଓ ତା ପରେ ଶେଷରଜ । ଏଇ ରଜ ତିନିଦିନ ମାଟିମାଆର ଯତ୍ନ ନିଆଯାଏ, କୌଣସି ପ୍ରକାରେ ବାଧା ଦିଆଯାଏ ନାହିଁ । ଭୂଇଁ ହଣାଯାଏ ନାହିଁ କି ଗଛ ଡାଳପତ୍ର ଆଦି କଟାଯାଏ ନାହିଁ । ସମସ୍ତଙ୍କ ଘରେ ବହୁ ପ୍ରକାର ପିଠାପଣାର ଆୟୋଜନ କରାଯାଏ । ରଜପର୍ବରେ ଅନେକ ପ୍ରକାର ପିଠା ହେଉଥିଲେ ମଧ୍ୟ ପୋଡପିଠାର ମହତ୍ତ୍ୱ ଅଲଗା । ଏବେ ସହରର ନାମିଦାମୀ ହୋଟେଲ୍ ମାନଙ୍କରେ ବି ରଜ ପୋଡପିଠା ତିଆରିକରି ବିକ୍ରି କଲେଣି । ଗୋଟେ ଗୋଟେ ଜାଗାରେ କାଜୁ କିସିମିସ୍ ପୋଡପିଠାରେ ଏତେ ଭର୍ତ୍ତି କରି ଦେଉଛନ୍ତି ଯେ ପୋଡପିଠା ବର୍ଫିମିଠା ପରି ଲାଗୁଛି । କିଲୋ ହଜାରେ ଟଙ୍କାରେ ରଜ ତିନିଦିନ ବିକ୍ରି କରୁଛନ୍ତି । ଅନେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟ ଏବେ ରଜପର୍ବକୁ ଏହି ପୋଡପିଠା ବିକ୍ରି କରିବାକୁ ହିଁ ବସୁଛନ୍ତି ।

କୁଆଁରୀ କନ୍ୟାମାନଙ୍କ ପାଇଁ ଏ ପର୍ବଟି ନିଆରା । ତିନିଦିନରେ ତିନିହଳ ନୂଆ ପୋଷାକ ଦରକାର । ଘରେ ଭାବନ୍ତି ଆଉ କେତେଦିନ ଇଏ ଝିଅ ଏଇ ଘରେ ଆମପାଖରେ ରହିବ ଯେ ! ଦୁଇ ତିନିବର୍ଷରେ ବାହା ହୋଇଗଲେ ଶାଶୁଘର ଚାଲିଯିବ । ଏଠି ଏବେ ପିନ୍ଧୁ, ଟିକେ ସଉକ କରୁ । ପୋଷାକପତ୍ର ଅଳତା ନଖପାଲିସ୍ ଯାହା ମାଗୁଛି କିଣି ଦିଆଯାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସକାଳୁ ସଞ୍ଜଯାଏଁ ଝିଅଛୁଆଙ୍କର ଦୋଳିଝୁଲା ଏବଂ ପୁଚିଖେଳ ଆଦି ଚାଲୁ ରହେ । ଦୋଳି ବି ଅନେକ ପ୍ରକାର । ଆଜି ସହରାଂଚଳରେ ପ୍ରାୟ କଲ୍ୟାଣମଣ୍ଡପ ଭିନ୍ନଭିନ୍ନ ପ୍ରକାର ଦୋଳି ଲଗେଇ ଗରାଖମାନଙ୍କୁ ଆମନ୍ତ୍ରଣ କରୁଛନ୍ତି । ସେଇ ପରିସର ଭିତରେ ମଧ୍ୟ ପୋଡପିଠା ବିକ୍ରି କରାଯାଉଛି । ଆଗେ ଠିଆଦୋଳି କି ବାଉଁଶ ଦୋଳି ବଡବଡ ଆମ୍ବଗଛର ଡାଳରେ ଟାୟାର ଯୋଗେ କଷିକି ବନ୍ଧାଯାଏ । ଭଲ ମଜଭୁତ୍ ପୋଲା ବାଉଁଶକୁ ମଝିରୁ ଦୁଇଫାଳ କରି ତଳମୁଣ୍ଡରେ ପଟା ଲଗାଯାଏ ଏବଂ ଉପରମୁଣ୍ଡକୁ ଗୋଟାଳିଆ ରଖି କୋଡିଏ ପଚିଶଫୁଟ ଉପରେ ମୋଟାଡାଳରେ ଦଉଡି କିମ୍ବା ଲୁହାଚେନ୍‌ରେ ବାନ୍ଧି ଦୋଳି ପ୍ରସ୍ତୁତହୁଏ । ଝିଅମାନେ ଗୋଟେଗୋଟେ ଦୋଳିରେ ଏକାଥରକେ ତିନିଚାରିଜଣ ବି ଛିଡାହୋଇ ଖେଳିପାରନ୍ତି । ଖେଳିଲାବେଳେ ଏକାସାଙ୍ଗରେ ସେଇ ପ୍ରସିଦ୍ଧ ରଜଗୀତଟିକୁ ଉଚ୍ଚସ୍ୱରରେ ବୋଲନ୍ତି,

ରଜଦୋଳି ରଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟଲୋ, ଦିଶୁଥାଏ ଝଟଝଟ.. ।

ତିନିଦିନଯାକ ପିଠାପଣାରେ ଖାଦ୍ୟକାମ ଚଳୁଥିବାରୁ ବୋହୂମାନଙ୍କ ହାତରେ ବି ଘରୋଇ କାମ ବେଶି ନଥାଏ । କେଉଁଠି ଦଳେ ଲୁଡୁ ଖେଳିଲେଣି ତ ଆଉ କେଉଁଠି ଦଳେ ତାସପାଲି ପକାଇ ବସିଯାନ୍ତି । କିଛି ସ୍ତ୍ରୀଲୋକଙ୍କୁ କାଞ୍ଜିପଟା କଇଁଆମଞ୍ଜି ଦାନକରି ଖେଳିବାକୁ ଭଲ ଲାଗେ ତ କିଛି ମାଟି ବାରଣ୍ଡାରେ ଘରକାଟି ବାଘବଜାରୀ ଓ କଉଡି ଖେଳଖେଳି ରଜପର୍ବରେ ଘଂଟାଘଂଟା ସମୟ କାଟିଥାନ୍ତି । ଗାଁ ଯୁବକମାନେ ପୂର୍ବରୁ କବାଡି ଖେଳୁଥିଲେ । କିନ୍ତୁ ଏବେ ସବୁଆଡେ କ୍ରିକେଟ କି ଫୁଟବଲ୍ ମ୍ୟାଚ୍ ଦେଖିବାକୁ ମିଳୁଛି । ବୟସ୍କ ବ୍ୟକ୍ତିମାନେ ତାସ ଓ ପାଲି ଖେଳନ୍ତି । ଆମ ବଉଳପଦା ପାଖଗାଁ ବାଉଁଶଦଣ୍ଡାରେ ରଜଦିନ ସତ୍ୟନାରାୟଣ ଠିଆପାଲାର ଆୟୋଜନ ହୁଏ । ସର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦଶଖଣ୍ଡ ମୌଜାରୁ ସଂକୀର୍ତ୍ତନ ମଣ୍ଡଳୀ ଆସି କୀର୍ତ୍ତନ ପରିବେଷଣ କରନ୍ତି । ଅନ୍ୟକିଛି ଗାଁରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଖଣ୍ଡ ହରିନାମ ପାଠ କରାଯାଏ । ଉତ୍କଳର କୋଣ ଅନୁକୋଣରେ ଅନେକ ଜାଗାରେ ରଜପର୍ବ ତିନିଦିନ ବିଭିନ୍ନ ସାସ୍କୃତିକ କାର୍ଯ୍ୟମାନ ଚାଲୁଥାଏ । ଧୁଡୁକି ନାଚ, ଦାସକାଠିଆ, ଘୋଡାନାଚ, ରାମଲୀଳା, ପାଲା, ନାଟକ ଆଦି ପରିବେଷଣ କରାଯାଇଥାଏ ।

ବିଶେଷକରି ରଜଉତ୍ସବ କୃଷିକର୍ମ ସହ ଓତପ୍ରୋତ ଭାବରେ ଜଡିତ । ରଜର ଶେଷଦିନ ହେଲା ଭୂମି ଦହନ । ତାପର ଦିନକୁ ଠାକୁରାଣୀ ବୁଡ କୁହାଯାଏ । ଏହିଦିନ ମାଆ ବସୁଧା ସ୍ନାନ କରନ୍ତି । କୃଷକ ସିନ୍ଦୁର ଲିପି ଫାଳପୂଜା କରେ । ତାପରେ ଲଙ୍ଗଳନେଇ ବିଲକୁ ଯାଏ । ଭୂଇଁ ଚଷି ବିହନ ବୁଣେ । ଧାନ ଗଜାହୋଇ ଭୂଇଁ ଉପରକୁ ଦେଖାଗଲେ ଚାଷୀଭାଇମାନଙ୍କ ମନ କୁଣ୍ଢେମୋଟ ହୋଇଯାଏ, ପୁଣିଥରେ ହୃଦୟରେ ନୂତନ ଜୀବନ୍ତ ସ୍ୱପ୍ନର ଅଙ୍କୁରୋଦ୍ଗମ ହୁଏ । ଏମିତି କଟେ ଆମ ଉତ୍କଳର ନିଆରା ରଜପର୍ବ । ସତରେ ଆମେ ଭାରତ ଦେଶର ଉତ୍କଳ ପ୍ରଦେଶରେ ଜନ୍ମ ନେଇଥିବାରୁ ବାରମାସରେ ତେରପର୍ବର ଝଲକ ଦେଖି ନିଜେ ନିଜକୁ ଗୌରାବାନ୍ୱିତ ମନେକରିବା ସହ ଗର୍ବ ମଧ୍ୟ ଅନୁଭୁତ ହୁଏ । ସେଥିପାଇଁ ଯଥାର୍ଥରେ ଗୋଟିଏ ସଂସ୍କୃତ ଶ୍ଳୋକରେ କୁହାଯାଇଛି,

"ବର୍ଷାଣାଂ ଭାରତ ଶ୍ରେଷ୍ଠ , ଦେଶାନାଂ ଉତ୍କଳ ଶ୍ରୁତଃ । । ଉତ୍କଳସ୍ୟ ସମୋଦେଶଃ ,
ଦେଶୋନାସ୍ତି ମହୀତଳେ ।"

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍.ଏଲ୍.ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Magazine Downloaded from www.aahwaan.com

ଭାବନାମୂଳେ ଏ ଜଗତ

ପ୍ରଜ୍ଞାଭାରତୀ ପାଣି

ଏ ସୁନ୍ଦର ସୃଷ୍ଟିର ରଚୟିତା ହେଉଛନ୍ତି ଆଦିସ୍ରଷ୍ଟା ପରମେଶ୍ୱର । ତାଙ୍କର ଏହି ସୃଷ୍ଟି ବଡ଼ ବିଚିତ୍ରମୟ । ଯେ କେହି ସାଧାରଣ ମନୁଷ୍ୟ ପକ୍ଷରେ ଏସବୁ ବୁଝିବା ବଡ଼ କଷ୍ଟକର ବ୍ୟାପାର । ସ୍ରଷ୍ଟା ଯଦି ବିଚିତ୍ରମୟ ହେଲେ, ତାଙ୍କର ସୃଷ୍ଟି ବିଚିତ୍ରମୟ ନ ହେବ ବା କିପରି ? ବିଶାଳ ସୂର୍ଯ୍ୟରେ ତାଙ୍କର ଶକ୍ତି ନିହିତ ହେଇଥିବା ବେଳେ କେବେ ସେ ନିରୀହ ପିମ୍ପୁଡ଼ି ପରି ଶକ୍ତିହୀନ । ଏହି ସୃଷ୍ଟିର ପ୍ରତେକ ପ୍ରାଣୀ, କୀଟପତଙ୍ଗ ମଧ୍ୟରେ ସେ ନିହିତ ଥିବା ବେଳେ ତାଙ୍କରି ଭିତରେ ମଧ୍ୟ ଏସବୁ ନିହିତ ଅଟନ୍ତି । ସତରେ ସେ କେତେ ବିଚିତ୍ର, କେତେ ବିଚିତ୍ର ତାଙ୍କର ସୃଷ୍ଟି । ଏକା ଗୋଡ଼, ହାତ, ଆଖି, ଫୁସଫୁସ, ହୃତପିଣ୍ଡ ଥାଇ ମଧ୍ୟ ପ୍ରତ୍ୟେକ ମନୁଷ୍ୟର ଭାବନା କେତେ ଭିନ୍ନ । ଯାହାର ଭାବନା ଯେପରି ତାକୁ ଏହି ସୃଷ୍ଟି ସେହିପରି ଜଣାପଡେ ଏବଂ ସେ ସୃଷ୍ଟିରେ ସେହିପରି ଭାବରେ ରହିବ । ରାବଣର ଭାବନା ଲୋଭ, ମୋହଯୁକ୍ତ ହେଇଥିବାରୁ ତାକୁ ଏ ସୃଷ୍ଟି କେବଳ ସ୍ୱର୍ଣ୍ଣ, ହୀରାର ଭଣ୍ଡାର ପରି ପରିଦୃଷ୍ଟ ହେଲା । ଏଥିପାଇଁ ସେ ଚତୁର୍ବେଦି ବ୍ରାହ୍ମଣ ହେଇଥିଲେ ମଧ୍ୟ ଅନେକ ନରସଂହାର, ପର ରାଜ୍ୟଲୁଣ୍ଠନରେ ବ୍ୟସ୍ତ ରହିଲା । ପୁଣି ସେହି ସ୍ଥଳରେ ରାମଙ୍କର ଭାବନା ଉଚ୍ଚକୋଟୀର ହେଇଥିବାରୁ ତାଙ୍କୁ ଏହି ଜଗତ କର୍ମଭୂମି ପରି ପରିଦୃଷ୍ଟ ହେଲା । ସେହିପରି ଦୁର୍ଯୋଧନର ଭାବନା ଆବିଳତା, ଛନ୍ଦ, କପଟୀ ହେଇଥିବାରୁ ତା ପାଇଁ ଏ ଜଗତ ଏକ ରଙ୍ଗମହଲ ସଦୃଶ ହେଇଥିବାରୁ ସେ ପରନାରୀ ପ୍ରତି ଆକୃଷ୍ଟ, ପରଧନ ଉପରେ ଲୋଭ ରଖିଥିଲେ, ପୁଣି ସେହି ସ୍ଥଳରେ ଯୁଧିଷ୍ଠିରଙ୍କର ଭାବନା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଚାରବନ୍ତ, ଆଧ୍ୟାତ୍ମିକ ହେଉଥିବାରୁ ତାଙ୍କୁ ଏହି ସୃଷ୍ଟି ଧର୍ମ ଓ ନ୍ୟାୟର ବିଚାରାଳୟ ସଦୃଶ ମନେ ହେଉଥିଲେ । ଏଥିପାଇଁ ସେ ଧର୍ମ ଓ ନ୍ୟାୟର ପ୍ରତିଷ୍ଠା ପାଇଁ ସଦା ସର୍ବଦା ଚେଷ୍ଟିତ ହେଉଥିଲେ, ବର୍ତ୍ତମାନ ସମୟରେ ମଧ୍ୟ ସେହିପରି ଦୃଶ୍ୟ ପରିଦୃଷ୍ଟ ହେଉଛି । କେହି କେହି ନିଜର କୁଟିଳ ଭାବନା ଯୋଗୁଁ ସୃଷ୍ଟିକୁ ନଷ୍ଟ କରିବାପାଇଁ ଲାଗି ପଡ଼ିଥିବା ବେଳେ କେହି କେହି ସୃଷ୍ଟିର ଉନ୍ନତି ପାଇଁ ଅନେକ ଚିନ୍ତିତ ହେଉଛନ୍ତି । ଯିଏ ଯେପରି ଭାବୁଛି ଏହି ସୃଷ୍ଟିକୁ ସେ ସେପରି ଭାବରେ ନଚାଇ ଚାଲିଛି । ଏହାଦ୍ୱାରା କ'ଣ ପରୋକ୍ଷରେ ଈଶ୍ୱରଙ୍କ ସୃଷ୍ଟି ତଥା ଈଶ୍ୱରଙ୍କୁ ଅପମାନ ନୁହେଁ କି ? ଈଶ୍ୱର ଯେତେବେଳେ ଏହି ସୁନ୍ଦର ଜଗତର ରଚନା କରୁଥିଲେ ସେ କ'ଣ କଳ୍ପନା କରିଥିଲେ ଯେ ଏହି ଜଗତକୁ ଦିନେ ଏପରି ଅବସ୍ଥା ଦେଖିବାକୁ ପଡିବ । ପୁଣି ଏହି ପରିସ୍ଥିତିରେ ଆମେ ଚିନ୍ତାକରୁ ଏ ସମ୍ପୂର୍ଣ୍ଣ ଜଗତର ପରମପିତା ହେଉଛିନ୍ତି ପରମେଶ୍ୱର । ସ୍ରଷ୍ଟା ଯେପରି ଚାହେଁ, ତା'ର ସୃଷ୍ଟିକୁ ସେ ସେହିପରି ଭାବରେ ରଚନା କରିଥାଏ । ତେବେ ସେ ସମସ୍ତଙ୍କର ଭାବନାକୁ ଅଲଗା ଅଲଗା କରିଲେ କ'ଣ ପାଇଁ ? କ'ଣ ନିଜ ଆଗରେ ନିଜ ସୃଷ୍ଟିକୁ ବିଲୀନ ହୋଇଯିବାର ଦେଖିବା ପାଇଁ ନା ଏହା ଭିତରେ ଆହୁରି କିଛି ରହସ୍ୟ ରହିଛି । ବୋଧହୁଏ ସେହି ରହସ୍ୟଟି ଏହା ଯେ ଈଶ୍ୱର ଜଗତର ପ୍ରାଣୀମାନଙ୍କୁ ସୃଷ୍ଟି କରିବାରେ ନିଜେ ସ୍ୱତନ୍ତ୍ର ହୋଇଥିବା ସ୍ଥଳେ କର୍ମ କରିବାରେ ପ୍ରାଣୀମାନଙ୍କୁ ସ୍ୱତନ୍ତ୍ର କରିଛନ୍ତି । ପୁଣି ଏହି କର୍ମର ସୃଷ୍ଟି କେଉଁଠୁ ଭାବନାରୁ ଏଥିପାଇଁ ନା ପରମେଶ୍ୱର ସ୍ୱତନ୍ତ୍ର ନା ଇତର ପ୍ରାଣୀ, ଏଥିପାଇଁ ଦାୟୀ ପୁଣି ଅନ୍ୟ ଏକ କର୍ମ । ଭାବନା ଏବଂ କର୍ମ ଏ ଦୁହେଁ ଚକ୍ରାକାର ଗତିରେ ପ୍ରାଣୀ ସହିତ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ଚାଲିରହିଥାଏ । ସେଥିପାଇଁ ତ ମନୁଷ୍ୟର ଏ ଜନ୍ମର ଭାବନା ପୂର୍ବଜନ୍ମର କର୍ମ ଆଧାରରେ ହୋଇଥାଏ । ଯିଏ ଯେଉଁଭଳି ଭାବେ ଭାବିଥାଏ ତାକୁ ଜଗତର ସେହିପରି ଭାବରେ ପ୍ରତୀୟମାନ ହୁଏ ଏବଂ ସେ ସେପରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ମ କରିଥାଏ । ସମସ୍ତଙ୍କର ଭିନ୍ନ ଭାବନା ଯୋଗୁଁ ସମସ୍ତେ ଜଗତକୁ ଭିନ୍ନ ରୂପରେ ଦେଖନ୍ତି । କିଏ ଜଗତକୁ ମିଥ୍ୟା ବୋଲି କହି ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୁଏ ତ ପୁଣି କିଏ ସଂସାରକୁ ହିଁ ନିଜର ସାଧନା ତଥା କର୍ମକ୍ଷେତ୍ର ବୋଲି ମନେ କରିଥାଏ । ଏମିତି ହେଲେ ବୋଧହୁଏ ସେମିତି କିଛି ସମସ୍ୟା ସୃଷ୍ଟି ହୁଏନାହିଁ । ସମସ୍ୟା ସେତେବେଳେ ହୁଏ ଯେତେବେଳେ ଜଣେ ନିଜର ଭାବନାକୁ ଅନ୍ୟ ଉପରେ ଲଦିଦିଏ ଅଥବା ନିଜର ଭାବନାକୁ ନେଇ ଗର୍ବ । ଇଂରେଜମାନେ ଯେତେବେଳେ ଆମ ସହ ବାଣିଜ୍ୟ କାରବାର କରିଥିଲେ, ସେତେବେଳେ କୌଣସି ସମସ୍ୟା ନଥିଲା କିନ୍ତୁ ଯେତେବେଳେ ସେମାନେ ନିଜର ଶାସନ ବ୍ୟବସ୍ଥାକୁ ଆମ ଉପରେ ଜୋର ଜବରଦସ୍ତ କରିଦେଲେ ସେତେବେଳେ ଦେଶରେ ଅନେକ ରକ୍ତପାତ ଘଟିଥିଲା । ତେବେ ମନରେ ପ୍ରଶ୍ନ ଆସେ, ସମସ୍ତେ ଯଦି ସମସ୍ତଙ୍କ ଭାବନାରେ ସ୍ୱତନ୍ତ୍ର ରହନ୍ତୁ ବୋଲି ଭାବି ସମସ୍ତେ ଚୁପ୍ ହୋଇ ବସିଯିବା ତେବେ କୁବିଚାର ସମ୍ପନ୍ନ ଲୋକଙ୍କର ଅତ୍ୟାଚାର ତ ବଢିଯିବ ଜଗତରେ ଶାନ୍ତିର ବିଲୋପ ଘଟିବ । ସମସ୍ୟାତ ବଢିଯିବ, ସମାଧାନ ହେବ କିପରି ? ଏଣୁ ମାଇଲେ ଗୋହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା । କିନ୍ତୁ ଈଶ୍ୱରଙ୍କର ସୃଷ୍ଟିତ ବିଚିତ୍ରମୟ । ଈଶ୍ୱର ଗୋଲାପର ଅସୀମ ସୌନ୍ଦର୍ଯ୍ୟ ଦେଇଥିବା ସ୍ଥଳେ ତା'ର ସୁରକ୍ଷା ପାଇଁ କଣ୍ଟାର ବ୍ୟବସ୍ଥା ମଧ୍ୟ କରିଛନ୍ତି । କୁବିଚାରସମ୍ପନ୍ନ ବ୍ୟକ୍ତିଙ୍କର ଅତ୍ୟାଚାର ବଢିଲେ ମଧ୍ୟ ସୁବିଚାର ସମ୍ପନ୍ନ ବ୍ୟକ୍ତିଙ୍କର ସଦାଚାର ବଢିବ ଏବଂ ସୃଷ୍ଟି ଏକ ପୁନର୍ଜନ୍ମ ନେବ । ପ୍ରତି ଯୁଗରେ ଏହା ଘଟି ଆସିଛି । ଏହା ହିଁ ତ ସୃଷ୍ଟିର ନିୟମ । ଇତର ମନୁଷ୍ୟ ଯଦି ତା'ପାଇଁ ତା'ର ଭାବନା ଅନୁସାରେ ଜଗତର ପରିକଳ୍ପନା କରିପାରିଲା । ତେବେ ସର୍ବ ଶକ୍ତିମାନ ସ୍ରଷ୍ଟା କ'ଣ ତାଙ୍କର ଭାବନା ଅନୁଯାୟୀ ସୃଷ୍ଟିର ଉତ୍ପତି ସଂହାର କଥା ପରିକଳ୍ପନା କରିପାରିବେ ନାହିଁ ।

ରୂପା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୋନାର ତିନି ଭୟ

ମହେଶ୍ୱର ସାହୁ

ଆମ ଦେଶରେ କରୋନା ଭୁତାଣୁର ଭୟଙ୍କର ପ୍ରଭାବ ଗୁଞ୍ଜରିତ ହେଉଅଛି । ଯାହା ଦ୍ୱାରା ସରକାର ଗୋଷ୍ଠୀସଂକ୍ରମଣ ରୋକିବା ପାଇଁ ତାଲାବନ୍ଦ କରିଥିଲେ । ତାଲାବନ୍ଦ କରିବାଦ୍ୱାରା ଦେଶର ଅର୍ଥନୀତି ଉପରେ ବେଶ ପ୍ରଭାବ ପକେଇଥିଲା । ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଲେ । ପ୍ରତ୍ୟେକ ରାଜ୍ୟର ଯୁବକ ଓ ଯୁବତୀ ବିଦେଶରେ ଯାଇ କାରଖାନା କାମ କରନ୍ତି । ସେମାନଙ୍କୁ କେତେକାଂଶରେ କାରଖାନା ମାଲିକ ସହାୟତାର ହାତ ବଢାଇଥିବା ବେଳେ କେତେକାଂଶରେ ଅବହେଳା କରିଥିଲେ ।

ଏହି ପ୍ରବାସୀ ଶ୍ରମିକମାନେ ନିଜ ରାଜ୍ୟକୁ ଫେରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ଦେଶରେ ସଂକ୍ରମଣ ବଢିବା ସାଙ୍ଗକୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ବଢ଼ିବାରେ ଲାଗିଲା । ପ୍ରବାସୀ ଶ୍ରମିକମାନେ ନିଜ ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ଯେ ଆମକୁ ନିଜ ଭିଟାମାଟିକୁ ଫେରାଇ ନିଆଯାଉ । ନହେଲେ ଆମକୁ ଏଠାରେ ଖାଦ୍ୟର ଅଭାବ । ଅର୍ଥର ଅଭାବ ଓ ରୋଗ ହେଲେ ସେବାର ଅଭାବ ।

ଆମ ରାଜ୍ୟ ସରକାର ମଧ୍ୟ ଆମ ରାଜ୍ୟର ପ୍ରବାସୀ ଶ୍ରମିକମାନଙ୍କୁ ଫେରେଇ ଆଣିବା ପାଇଁ ପଞ୍ଜୀକରଣ ଆରମ୍ଭ କଲେ । ସମସ୍ତ ଶ୍ରମିକମାନଙ୍କର ପଞ୍ଜୀକରଣ ହେଲା । ଦେଖାଗଲା ଲକ୍ଷ ଲକ୍ଷ ଓଡ଼ିଆ ପୁଅ ବିଦେଶରେ ଶ୍ରମିକ ଭାବରେ କାର୍ଯ୍ୟରତ ଥିଲେ । ପ୍ରଶ୍ନ ଉଠେ ଆମ ରାଜ୍ୟରେ କଣ ନାହିଁ । ଖଣି ଖଦାନ ଠାରୁ ଆରମ୍ଭ କରି ସମସ୍ତ କଞ୍ଚାମାଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭରପୁର ହୋଇ ରହିଛି ଆମ ରାଜ୍ୟରେ । ହେଲେ ଆମେ ଅପାରଗ ହୋଇ ନିଜ ଘର କାମ ନ କରି ପର କାମ ପାଇଁ ବ୍ୟସ୍ତ ହେଉଛନ୍ତି । ଆମେ ସବୁବେଳେ ସମାଜ ଦୃଷ୍ଟିରେ ପ୍ରଥମ ସ୍ଥାନର ଅଧିକାରୀ ହେଲେ ନିଜର ନିଜତ୍ୱର ଅଭାବ ।

ଆମ ରାଜ୍ୟ ପାଇଁ କରୋନା ମହାମାରୀ ଠାରୁ ଅଧିକ ବିପଦ ବାତ୍ୟାରେ ହୋଇଥାଏ । ପ୍ରତ୍ୟେକବର୍ଷ ଆମରାଜ୍ୟ ଅନେକ ବାତ୍ୟାର ସମ୍ମୁଖୀନ ହୋଇଥାଏ । ଆମ ସରକାର ବାତ୍ୟା ସମ୍ଭାବନା ଦେଖି ଲୋକଙ୍କୁ ସ୍ଥାନାନ୍ତରିତ କରନ୍ତି କାରଣ ସେମାନନଙ୍କର କଞ୍ଚା ଘର ଭାଙ୍ଗିଯିବାର ଅଧିକ ସମ୍ଭାବନା ରହିଛି । ଯାହାଦ୍ୱାରା ଧନ ହାନୀ ସହ ଜୀବନହାନୀ ଘଟିବ । ତେଣୁ ଆମେ ଓ ଆମ ସରକାର ସ୍ଥାନାନ୍ତରଣ ପ୍ରକ୍ରିୟାରେ ଦେଶରେ ପ୍ରଥମ ସ୍ଥାନ ନେଉଛି । ଏଠାରେ ମଧ୍ୟ ପ୍ରଶ୍ନ ଉଠେ ଯେ ଆମେ କଣ ନିଜ ରାଜ୍ୟରେ ଥିବା ସମୁଦ୍ରକୂଳିଆ ଲୋକଙ୍କୁ ଶହେ ପ୍ରତିଶତରେ ପକ୍କା ଘର ଦେଇପାରିବା ନାହିଁ? ତେବେ ଆମ ଯୋଜନା କେବଳ ମତଦାନ ସମୟରେ ଲୋକଙ୍କ ମତ କିଣିବା ପାଇଁ ପ୍ରଯୁଜ୍ୟ । ଆମେ କାହିଁକି ନିଜର ଅପାରଗତାକୁ ଲୁଚାଇ ନିଜ ରାଜ୍ୟବାସୀଙ୍କୁ ଅନ୍ଧାର ମଧ୍ୟରେ ରଖିବା ଛଡା ଆଉ କିଛି ନୁହେଁ ।

କରୋନା ଭୟରେ ଲୋକେ ନିଜକୁ ହନ୍ତସନ୍ତ କରି ବଞ୍ଚିବା ଶିଖିଗଲେଣି । ଯେଉଁ ସମୟରେ ସଂକ୍ରମଣ ନାହିଁ ସେଇ ସମୟରେ ସମ୍ପୂର୍ଣ୍ଣ ତାଲାବନ୍ଦ ରହିଲା । ଯେଉଁ ସମୟରେ ସଂକ୍ରମଣ ବଢ଼ିଲା ସେଇ ସମୟରେ ସବୁ ଖୋଲା । ଯଦି କୌଣସି ଜରୁରୀ କାମରେ ବାହାର ଯାଇଥିବା ଆମ ଉପରେ ପଡିବ ଜୋରିମାନା ନ ହେଲେ ଦିଆଯିବ ପ୍ରହାର ।

କରୋନା ଯୋଦ୍ଧା ବୋଲାଉଥିବା ପୋଲିସ, ଡାକ୍ତର ଓ ସରପଞ୍ଚଙ୍କର ବ୍ୟବହାର ସୀମା ବାହାରେ । କରୋନା ଭୟଠାରୁ ଏମାନଙ୍କ ଭୟ ଆହୁରି ଗ୍ରାସ କରିଗଲାଣି ମାନବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜକୁ । ମାନବ ବଞ୍ଚିବା ଶିଖିଗଲାଣି । ପୋଲିସର ନିର୍ମମ ପ୍ରହାର ଓ ଡାକ୍ତରମାନଙ୍କର କଟୁବାଣୀ ସହିତ ସରପଞ୍ଚମାନଙ୍କର ଦାଦାଗିରି ଲୋକମାନଙ୍କୁ ତ୍ରାହି ତ୍ରାହିର ସ୍ୱର ଗୁଞ୍ଜାଇତ କରାଉଛି । ମଣିଷର ଭୟ କହିବାକୁ ଗଲେ ଏଇ ତିନୋଟି । ଗୋଟିଏ ପୋଲିସ ଭୟ, ଡାକ୍ତର ଭୟ ଓ ସରପଞ୍ଚ ଭୟ ।

ଆମେ ସ୍ୱାଧୀନ ଭାରତର ନାଗରିକ ଆମକୁ ହାତରେ ମରାଯାଉ ନାହିଁ । ଭାତରେ ମରାଯାଉଛି ଏଇ ଦୁନିଆରେ । ଯେଉଁମାନେ ଦଳୀୟଲୋକ ସେମାନଙ୍କୁ ଚାରି ପାଞ୍ଚଥର କରି ପାଇଖାନା ଗୃହ ମିଳୁଛି । ଏମିତିକି ଗୋଟିଏ ପାଇଖାନାକୁ ପାଞ୍ଚଥର ଦେଖେଇ ଟଙ୍କା ଲୁଟ କରାଯାଉଛି । ଯାହାର କୋଠା ଅଛି ତାକୁ ଆହୁରି ଘର ଦିଆଯାଉଛି ହେଲେ ଯାହାର ଝାଟି ମାଟିର ନଡା ଛପର ଘର ତାକୁ ବାତ୍ୟା ସମୟରେ ସ୍ଥାନାନ୍ତର କରାଯାଉଛି । ମୋ ମତ ସରକାର ବିରୋଧୀ ନୁହେଁ ମୋ ମତ ଅପାରଗତା । ମୁଁ ଚାହେଁ ଶାସନ କିନ୍ତୁ ଶୋଷଣ ନୁହେଁ । ମୁଁ ଚାହେଁ ନ୍ୟାୟ କିନ୍ତୁ ଅଧର୍ମୀ ନୁହେଁ । ରୋଗୀକୁ ଘୃଣା ନକରି ରୋଗକୁ ଘୃଣା କରିବା ହେଉଛି ମାନବ ଧର୍ମ ।

ପ୍ରବାସୀ ଶ୍ରମିକଙ୍କୁ ଅନ୍ୟରାଜ୍ୟରୁ ଅଣାଗଲା । ହେଲେ ସେମାନେ ଯେଉଁ ସଙ୍ଗରୋଧ କେନ୍ଦ୍ର କରି ବିଦ୍ୟାଳୟମାନଙ୍କରେ ରଖାଗଲା ତାହାର ତଦନ୍ତରେ ଅବହେଳା ହେଉଅଛି । ପାତର ଅନ୍ତର କରାଯାଉଛି । ଦଳୀୟଲୋକଙ୍କ ପାଇଁ ଜେନେରେଟର ସହିତ ଇନଭର୍ଟର ସୁବିଧା କରାଯାଉଛି । ଦଳୀୟ ଲୋକଙ୍କୁ କୋଭିଡ ଟେଷ୍ଟ କରାଯାଉଛି ହେଲେ ନିର୍ଦ୍ଦଳୀୟଙ୍କୁ ସାତ ଦିନରେ ଘରକୁ ଛାଡି ଦିଆଯାଉଛି । ସେମାନଙ୍କୁ ଖାଇବା ପିଇବାରେ ମଧ୍ୟ ଅସନ୍ତୋଷ ମୂଳକ ବ୍ୟବସ୍ଥା କରାଯାଉଛି । ଯାହାଦ୍ୱାରା ସେମାନେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ ଭୟ କରୁଛନ୍ତି । ଯିଏ ସ୍ୱର ଉତ୍ତୋଳନ କଲେ ସେମାନେ ଦଣ୍ଡନୀୟ ହେଲେ । ଅପାରଗତାର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରଦାଫାସ କରିବାକୁ ଚାହୁଁଥିବା ଲୋକଟି ଦଣ୍ଡନୀୟ ହେଉଅଛି ତେବେ କଣ ଆମେ ସ୍ୱାଧୀନ । ଆମକୁ କଣ କରୋନା ଭୟ ଗ୍ରାସୀ ଯାଇଛି ନା ଆମେ ଏହି ତିନୋଟି ଭୟରେ ଭୟଭୀତ ହେଉଛନ୍ତି ।

ଏହି ସରକାରର ଅପାରଗତା ଆମକୁ ଦିନେ ବିପଦ ମୁଖକୁ ଟାଣିନେବ । ଆଗକୁ ଏମିତି ବିପଦ ଆସିବ ଯାହାର ସାମ୍ନା କରିବା ହିଁ ଅସମ୍ଭବ ହୋଇ ପଡିବ ।

ସରକାରରେ ରହିଥିବା ନେତାମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହୋଇଗଲେଣି । ଯେଉଁ ଦୁର୍ନୀତିଗୁଡିକୁ ଲୁଚେଇବାର ଅଭିନବ ପ୍ରୟାସ କରାଯାଉଛି । ବିରୋଧୀ ଦମନ କରାଯାଉଛି । ବିରୋଧୀ ନ ରହିଲେ ମନୋମୁଖୀ ସରକାର ବୋଲି ଘୋଷିତ କରାଯାଏ । ତେଣୁ ବିରୋଧୀଦମନ ଦ୍ୱାରା ମନୋମୁଖୀ ସରକାରର ଦମନଲୀଳା ଆମ ମନକୁ ଓ ହୃଦୟକୁ ଗ୍ରାସ କରୁଛି ।

କରୋନାର ଭୟାଭୟତା ଏବେ ବି ମାନବ ସମାଜ ଦେଖି ପାରିନାହିଁ ହେଲେ ଏହି ସରକାରର କୁବ୍ୟବସ୍ଥା ପାଇଁ ଆଗକୁ ଦେଖିବାକୁ ପଡିବ ଓ ଦେଖିବା ନିଶ୍ଚୟ । ଭୁତାଣୁ ଦିନେ ନା ଦିନେ ଗୋଷ୍ଠୀ ସଂକ୍ରମଣର ରୁପ ନେବ ଯଦି ଆମେ ସଜାଗ ନ ରହିବା ଓ ସୁରକ୍ଷିତ ନ ରହିବା । ତେଣୁ ମୋ ଲେଖା ମାଧ୍ୟମରେ ସମସ୍ତ ଜନସାଧାରଣଙ୍କୁ ଏତିକି ନିବେଦନ ଆପଣ ମାନେ ସୁରକ୍ଷିତ ରୁହନ୍ତୁ । ଦୂରତ୍ୱ ରକ୍ଷା କରନ୍ତୁ, ମାସ୍କ ବ୍ୟବହାର କରନ୍ତୁ, ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ, ହାତ ବାରମ୍ବାର ଧୁଆନ୍ତୁ, ଅଧିକ ଆମିଷ ଖାଆନ୍ତୁ ନାହିଁ, ସମାଜରେ ଶୃଙ୍ଖଳା ରକ୍ଷା କରନ୍ତୁ, ଗୁରୁଜନ ଗୁରୁ ଓ ପିତାମାତାଙ୍କ ପ୍ରତି ଭକ୍ତି ରଖନ୍ତୁ ନିଶ୍ଚୟ କରୋନା ହାରିବ ।

ସରକାର ଦେଉଥିବା ଯୋଜନାରୁ ଅଧିକାଂଶ ହଡପ କରାଯାଉଛି ନେତାମାନଙ୍କ ଦ୍ୱାରା । ତେଣୁ ଗରିବ ଲୋକ ହନ୍ତସନ୍ତ ହେଉଛନ୍ତି । କରୋନା ମହାମାରୀରେ ଦିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାଇଥିବା ଅର୍ଥ ଓ ଭୋଜନ ସାମଗ୍ରୀ ଯଦି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରର ସମସ୍ତଙ୍କୁ ସମାନ ଭାବରେ ଦିଆଯାଇଥାନ୍ତା ତେବେ ସେଥିପାଇଁ କଳାକାର ହେଉକି ଡାକ୍ତର କେହି କୌଣସିରେ ଅଭିଯୋଗ କରି ନଥାନ୍ତେ କାରଣ ସମସ୍ତେ ଘରେ ବସି ରହିଲେ । ଖାଇବେ କଣ ଓ ବଞ୍ଚିବେ କେମିତି । ସରକାରୀ ଚାକିରୀ କରିଥିବା ଲୋକ ବସି ବସି ଦରମା ପାଇଲେ । ନେତାମନ୍ତ୍ରୀ ସେମାନେ ନିଜ ଧନ ଭାବି ଘୋଷାରି ନେଲେ ହେଲେ ଏଇ ବେକାରୀ ଲୋକ ଗୁଡାକ ଯାହାର ରେସନ ନାହିଁ, ଯାହାର ଚାକିରୀ ନାହିଁ ସେ କଣ କରିବେ ? ନମ୍ବର ଜ୍ଞାନ ସରକାର ଏଥି ପ୍ରତି ଧ୍ୟାନଦେଇ ଆମକୁ କରୋନା ମହାମାରୀରେ ଏହି ତିନି ଭୟରୁ ଦୂରରେ ରଖିଲେ ଆମେ ସ୍ୱାଧୀନ ଜୀବନଯାପନର କାମନା କରିବୁ । ବନ୍ଦେ ଉତ୍କଳ ଜନନୀ ।

ଗୋପୀବିନ୍ଧା, ବ୍ରାହ୍ମଣଗାଁ
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୃତ୍ୟୁଭୋଜ ଦେବା ଅପରାଧ

ବାଲ୍ମୀକି ନାୟକ

ଗରୁଡ଼ ପୁରାଣ କଥିତ ହିନ୍ଦୁ ଧର୍ମର ଏକ ମାନ୍ୟତାପ୍ରାପ୍ତ ଧର୍ମଶାସ୍ତ୍ର । ଅଷ୍ଟାଦଶ ପୁରାଣ ମଧ୍ୟରୁ ଗରୁଡ଼ ପୁରାଣର ମହତ୍ତ୍ୱ ବେଶୀ ଏବଂ ଏହାରକୁପ୍ରଭାବ ସମାଜର ପ୍ରତ୍ୟେକ ପରିବାର ଉପରେ ପଡୁଛି । କାରଣ ଏଥିରେ ମଣିଷର ମୃତ୍ୟୁ ପରେ କଥିତ ଆତ୍ମାର ସ୍ଥିତି ଓ ମୋକ୍ଷ ଆଦିକୁ ନେଇ ଅନେକ ପ୍ରକାର ଭୟଙ୍କର ଚର୍ଚ୍ଚା ହୋଇଛି । ଏହି ପୁରାଣରେ ସ୍ୱର୍ଗର ସୁଖ ତଥା ଶାନ୍ତିପୂର୍ଣ୍ଣ ଜୀବନ ଅପେକ୍ଷା, ନର୍କର ଅତି ଭୟାନକ ଓ ଯନ୍ତ୍ରଣା ଯୁକ୍ତ ଜୀବନର ବର୍ଣ୍ଣନା ବେଶୀ ହୋଇଛି । ଯେଉଁଭଳି ଭାଷାରେ ନର୍କର ଯମଦୂତମାନଙ୍କ ଦ୍ୱାରା ଦଣ୍ଡ ବ୍ୟବସ୍ଥା ଉଲ୍ଲେଖ ଅଛି ସେଗୁଡିକୁ ଶୁଣି ସରଳ ବିଶ୍ୱାସୀ ଓ ଧର୍ମଭୀରୁ ଲୋକମାନେ ଭୟଭୀତ ହୋଇଯାଉଛନ୍ତି । ବ୍ରହ୍ମଣମାନେ ଆଉ ଟିକିଏ ଅତିରଞ୍ଜିତ କରି ଲୋକମାନଙ୍କର ମାନସିକ ଶୋଷଣ କରୁଛନ୍ତି ।

ଯମପୁରର ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ ଦ୍ୱାରା ଲୋକମାନେ ଏତେ ପ୍ରଭାବିତ ଯେ ପରିବାରର କେହି ବିଶେଷ କରି ଗୁରୁଜନଙ୍କ ମୃତ୍ୟୁ ପରେ ପରେ ପରିବାରଜନଙ୍କ ମାନସିକ ଦୁଃଖ ବେଳେ ହିଁ ଆର୍ଥିକ ଦୋହନ ଆରମ୍ଭ ହୋଇଯାଉଛି । ଦ୍ୱିତୀୟ ଦିନରୁ ବାର ଦିନ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ କର୍ମକାଣ୍ଡ କରିବାକୁ କୁହାଯାଉଛି । ଯଥା : ଶ୍ରାଦ୍ଧକର୍ମ ସହିତ, ପିଣ୍ଡଦାନ, ବ୍ରାହ୍ମଣ ଭୋଜନ, ବସ୍ତ୍ରଦାନ, ଭୁଦାନ, ଗୋଦାନ, ସ୍ୱର୍ଣ୍ଣ ଦାନ ଆଦି କରିବାକୁ ପଡିଥାଏ ।

ତା'ପରେ ମଧ୍ୟ ଯଜମାନକୁ ରକ୍ଷା ମିଳୁନାହିଁ । ମୃତକର ଅସ୍ଥି ବିସର୍ଜନ ପାଇଁ ଦୂର ଦୁରାନ୍ତରେଥିବା ପବିତ୍ର ପୁଷ୍କରିଣୀ ବା ନଦୀ ତଟକୁ ଯାଇ ଅସ୍ଥି ବିସର୍ଜନ କରି ଶ୍ରାଦ୍ଧ ଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଣ୍ଡଦାନ କରିବାକୁ ପଡିଥାଏ । ଏହାଦ୍ୱାରା ନଦୀ ଓ ପୁଷ୍କରିଣୀର ପବିତ୍ର ଜଳ ଦୂଷିତ ହୋଇଥାଏ । ଏହି କର୍ମକାଣ୍ଡ କରାଇବା ପାଇଁ ଦେଶରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି ।

ଗୋଟିଏ ବର୍ଷ ପର୍ଯ୍ୟନ୍ତ ପୂଜା କରି ପ୍ରତିଦିନ ବ୍ରାହ୍ମଣଙ୍କୁ ଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି -

"ବ୍ୟଞ୍ଜନ ଅଥବା ଛତ୍ର ଆଦି ଯେ ମିଳିବ, ବ୍ରାହ୍ମଣଙ୍କୁ ନିତିପ୍ରତି ଦାନ ଦେଉଥିବ । ନ ଛାଡିବ ଦିନେ ଦାନ ବର୍ଷ ଶେଷ ଯାଏଁ, ଦାନ କଲେ ଏହିପରି ପ୍ରେତ ମୋକ୍ଷ ପାଏ ।" (ଚତୁର୍ଦ୍ଦଶ ଅଧ୍ୟାୟ)

ଗରୁଡ଼ ପୁରାଣରେ କିନ୍ତୁ ଜ୍ଞାତି କୁଟୁମ୍ବ ଓ ସାହି ପଡିଶାଙ୍କୁ ଡାକି ମୃତ ଭୋଜ ଦେବା କଥା ଲେଖା ହୋଇନାହିଁ । ପୁରାଣ ଲେଖକ ବୋଧେ ଯଜମାନ ଉପରେ ଦୟାକରି ଏହି ଆର୍ଥିକ ବୋଝକୁ କମ କରିଦେଇଛନ୍ତି। ଲେଖକ ବି ଜାଣିଥିଲେ ଯେ ବ୍ରାହ୍ମଣମାନଙ୍କର ଯେତିକି ପାଇବା କଥା ସେତିକି ତ ନେଇ ଯାଉଛନ୍ତି ତେଣିକି କିଏ ଖାଉ କି ଭୋକରେ ରହୁ ତାଙ୍କର ଯାଏ ଆସେ କଅଣ ?

ତଥାପି ସେହି ଦୁଃଖଦ ଅବସରରେ କାହିଁକି ଓ କେବେ ଠାରୁ ଲୋକମାନଙ୍କୁମୃତ୍ୟୁ ଭୋଜ ଦେବା ପ୍ରଥା ଆରମ୍ଭ ହୋଇଛି ତାର ଇତିହାସ ମିଳିପାରୁନି ? ସମ୍ଭବତଃ ଦୂର ଦୂରାନ୍ତରୁ ଶୋକ ପ୍ରକଟ କରି ଶ୍ରଦ୍ଧାଞ୍ଜଳୀ ଜଣାଇବାପାଇଁ ଆସୁଥିବା ବନ୍ଧୁ ବାନ୍ଧବଙ୍କୁ ଭୋଜନ ଦେବା ଏକ ଔପଚାରିକ ଓ ଶିଷ୍ଟାଚାର ଥିଲା । ପରେ ପାଖ ପଡ଼ିଶାର ଲୋକମାନଙ୍କୁ ମଧ୍ୟ ସାମୁହିକ ଭାବେ ଭୋଜନ ଦେବା ଏକବାଧ୍ୟତା ମୂଳକ ପ୍ରଥାରେ ପରିଣତ ହୋଇଯାଇଛି । ଭାବିବାକୁ ଗଲେ ଏଥିରେ ସେମିତି କିଛି ଦୋଷ ଥିବା ଭଳି ଲାଗୁନି । ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବାକୁ ଏକତ୍ରିତ ହୋଇଥିବା ଜନତାଙ୍କୁ ଭୋଜନ ଖୁଆଇବାରେ ଦୋଷ କଅଣ ?

Magazine Downloaded from www.aahwaan.com

ଯାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥାଏ ତାଙ୍କପାଇଁ ତ ଆଦୌ କୌଣସି ସମସ୍ୟା ନାହିଁ ।

ଅସଲ ସମସ୍ୟା ସୃଷ୍ଟି ହେଉଛି ଗରିବ ଶ୍ରେଣୀର ଲୋକମାନଙ୍କର । ପ୍ରଥମେ ବ୍ରାହ୍ମଣମାନଙ୍କ କଥା ମାନି ଦାନ ଦକ୍ଷିଣା ଦେଇ ଦେଇ ସର୍ବସ୍ୱାନ୍ତ ହୋଇଯାଇଥିବା ଲୋକ ପୁଣି ସମାଜକୁ ବାଧ୍ୟତା ମୂଳକମୃତ୍ୟୁ ଭୋଜି ଖୁଆଇବ । ଏହି ଭଳି ଭୋଜିରେ ଆମିଷ ଓ ମିଠା,ପିଠା ଆଦି ମଧ୍ୟ ଖାଦ୍ୟଥାଳିରେ ପରସା ଯାଉଥିବା ଦେଖା ଯାଉଛି । ଏହା କ'ଣ ବିବାହ ବା ଜନ୍ମଦିନ ଭଳି କୌଣସି ଖୁସିର ମୁହୂର୍ତ୍ତ ? ନିଜର ଜମା ପୁଞ୍ଜି ନଥିଲେ ସାହୁକାରଙ୍କ ଠାରୁ ଋଣ କରି କିମ୍ବା ନିଜର ଭୂମି ବିକ୍ରିକରି ଏହି ଖର୍ଚ୍ଚ ତୁଲାଇବାକୁ ସେ ବାଧ୍ୟ ହୋଇଥାଏ । ଦେଶର ଅଧିକାଂଶ ଲୋକ ତ ଗରିବ ଶ୍ରେଣୀର ।

ସେଥିପାଇଁ ସେମାନଙ୍କର ଗୋଟିଏ ବଡ଼ ସମସ୍ୟାକୁ ସୁଧାରିବାପାଇଁ ଗତ ୧୯୬୦ ମସିହାରେ ରାଜସ୍ଥାନ ସରକାର 'ମୃତ୍ୟୁ ଭୋଜ ନିଷେଧ ଅଧିନିୟମ' ପାରିତ କଲେ । କିନ୍ତୁ ଗତ ୬୦ ବର୍ଷ ହେଲା ଲାଗୁ ହୋଇପାରି ନଥିଲା । ଏହି ବର୍ଷ ସେହି ନିୟମକୁ ଲାଗୁ କରିଛନ୍ତି । କଥାରେ ଅଛି - 'ଦେର ଆଏ ଦୁରୁସ୍ତ ଆଏ ।'

ଏହି ଅଧିନିୟମ ଅନୁସାରେ ରାଜସ୍ଥାନର କୌଣସି ଗ୍ରାମ ଓ ସହରରେ ପରିଜନଙ୍କ ମୃତ୍ୟୁ ପରେ କୌଣସି ପ୍ରକାର ଧାର୍ମିକ କର୍ମକାଣ୍ଡ ଏବଂ ମୃତ୍ୟୁ ଭୋଜ ଦେବା କାର୍ଯ୍ୟକ୍ରମକୁ ନିଷେଦ୍ଧ କରି ଦିଆଯାଇଛି । ମୃତ୍ୟୁ ଭୋଜ ଆୟୋଜନ କରିବା ଏବଂ ସେଥିରେ ଯୋଗଦେବା ଅପରାଧ ବୋଲି ଘୋଷଣା କରାଯାଇଛି । ଏହାକୁ ଆୟୋଜନ କରିଥିବା ବ୍ୟକ୍ତି, ଏହାକୁ ଉତ୍ସାହିତ ବା ସମର୍ଥନ କରିଥିବା ଓ ସେଥିରେ ଯୋଗ ଦେଇଥିବା ବ୍ୟକ୍ତିଙ୍କୁ ଏକ ବର୍ଷର ଜେଲ ଦଣ୍ଡ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ ।

ଯେ କୌଣସି ବ୍ୟକ୍ତି, ଗ୍ରାମ ସେବକ କିମ୍ବା ସରପଞ୍ଚ ରାଜ୍ୟର ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ ପାଖରେ ମୃତ୍ୟୁ ଭୋଜକୁ ସ୍ଥଗିତ କରିବାପାଇଁ ଆବେଦନ ପତ୍ର ଦାଖଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିପାରିବେ । ପୋଲିସ ମଧ୍ୟ କୋର୍ଟରୁ ସ୍ଥଗିତ ଅର୍ଡର ନେଇ ଅୟୋଜନକୁ ବନ୍ଦ କରି ସମସ୍ତ ସାମାନକୁ ଜବତ କରିପାରିବେ । ସ୍ଥଗିତ ଆଦେଶକୁ ନମାନି ଯଦି କେହି ଏହି କାର୍ଯ୍ୟକୁ ସମ୍ପାଦନ କରିବେ ତା'ହେଲେ ଆୟୋଜକଙ୍କୁ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଇ ପାରିବ ।

ଏହି ଆୟୋଜନ ପାଇଁ ଯଦି କୌଣସି ବ୍ୟକ୍ତି କାହାଠାରୁ ଉଧାର ବା ଋଣ ନେଇଥିବେ ତେବେ ସେହି ଟଙ୍କା ଫେରାଇବା ବାଧ୍ୟତା ମୂଳକ ନୁହେଁ । ଉଧାର ବା ଋଣ ଦେଇଥିବା ବ୍ୟକ୍ତି ଫେରସ୍ତ ପାଇବାପାଇଁ ଦାବି କରିପାରିବ ନାହିଁ । ଦାବି କଲେ ତାଙ୍କୁ ମଧ୍ୟ ଏକ ବର୍ଷ ଜେଲ କିମ୍ବା ଏକ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡ ମିଳିବ ।

ରାଜସ୍ଥାନ ସରକାରଙ୍କର ଏହି ସାଧୁ ଉଦ୍ୟମ ପାଇଁ ପ୍ରତ୍ୟେକ ବର୍ଗର ବୁଦ୍ଧିଜୀବୀ ଓ ସଚେତନ ବ୍ୟକ୍ତି ସ୍ୱାଗତ କରୁଛନ୍ତି । ପ୍ରେତ ସଂସ୍କାର ଓ ଅତୃପ୍ତ ଆତ୍ମାର ମୋକ୍ଷ ପ୍ରାପ୍ତି ନାମରେ, ମୃତ ବ୍ୟକ୍ତିଙ୍କୁ ପିଣ୍ଡଦାନ କରିବା, ବ୍ରାହ୍ମଣଙ୍କୁ ଦାନ ଦକ୍ଷିଣା ଦେବା, ବହୁତ ଲୋକମାନଙ୍କୁ ଭୋଜି ଖୁଆଇବା ହେଉଛି ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସ । ଏହା କରିବା ଦ୍ୱାରା ମୃତ ବ୍ୟକ୍ତିର କୌଣସି ଫାଇଦା ହେଉନାହିଁ ବରଂ ତାଙ୍କର ପରିବାର ଲୋକମାନେ ଆର୍ଥିକ ଓ ମାନସିକଭାବେ କ୍ଷତିଗ୍ରସ୍ତ ହୋଇଥାନ୍ତି ।

ଆମ ଦେଶର କେନ୍ଦ୍ର ସରକାର 'ମୃତ୍ୟୁ ଭୋଜ ନିଷେଧ କାନୁନ' ପ୍ରଣୟନ କରିବା ଦରକାର କିମ୍ବା ରାଜସ୍ଥାନ ଭଳି ପ୍ରତ୍ୟେକ ରାଜ୍ୟରେ 'ମୃତ୍ୟୁ ଭୋଜ ନିଷେଧ ଅଧିନିୟମ' ପାରିତ ହେବା ନିହାତି ଆବଶ୍ୟକ । ଏହା ଦ୍ୱାରା ଦେଶର ଅନେକ ଗରିବ ଶ୍ରେଣୀର ଲୋକମାନେ ଆର୍ଥିକ ଶୋଷଣରୁ ମୁକ୍ତ ହେବେ ଏବଂ ଆମର ନଦୀ ଓ ପୁଷ୍କରିଣୀଗୁଡିକ ପ୍ରଦୂଷଣ ମୁକ୍ତ ହୋଇପାରିବ ।

ବେଙ୍ଗାଲୁରୁ, କର୍ଣ୍ଣାଟକ, ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅଗଷ୍ଟ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଅଗଷ୍ଟ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : August 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୂନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।





ସ୍କାନ୍ ହୋଇଥିବା ଛବି ଏବଂ ପିଡ଼ିଏଫ୍ କେବଳ ଗୋଟିଏ ପୃଷ୍ଠାର ଆଲେଖ୍ୟ ପାଇଁ ଗ୍ରହଣ କରାଯିବ । ଅଧିକ ପୃଷ୍ଠାର ଆଲେଖ୍ୟକୁ ଟାଇପ୍ କରି ପଠାଇବା ଅନିବାର୍ଯ୍ୟ ।

ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଏକାଧିକ ଆଲେଖ୍ୟ ପଠାଉଥିବା ବନ୍ଧୁଙ୍କ ଆଲେଖ୍ୟକୁ ଗ୍ରହଣ କରାଯିବ ନାହିଁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପଠାନ୍ତୁ ଏବଂ ବାରମ୍ବାର ଇମେଲ୍ କରନ୍ତୁ ନାହିଁ । ଥରେ ପଠାଇବା ଯଥେଷ୍ଟ ।